# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ନଭେମ୍ବର ୮/୨୦୧୯ (୨୦ ପୃଷ୍ଠା) | Sambalpur, Friday, November 8 / 2019 | ★★

୧୫ଶ ଭାଗ ୩୨୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ଦାମୀ ହିରୋ ଅକ୍ଷୟ୍ କୁମାର

ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ଅକ୍ଷୟ କୁମାରଙ୍କ ୩ଟି ଫିଲ୍ମ ରିଲିଜ୍ ହୋଇସାରିଛି। ତାଙ୍କୁ ବଲିଉଡ୍‌ର ସବୁଠାରୁ ଦାମୀ ଅଭିନେତା ବୋଲି କୁହାଯାଉଛି।

୧୦ | ୧୮

## ରୋହିତଙ୍କ କୀର୍ତ୍ତିମାନ

ରୋହିତ ଶର୍ମା ଗୁରୁବାର ପ୍ରଥମ ଭାରତୀୟ ଏବଂ ବିଶ୍ୱର ଦ୍ୱିତୀୟ କ୍ରିକେଟର ଭାବେ ୧୦୦ ଟି୨୦ ମ୍ୟାଚ ଖେଳିବାର ଗୌରବ ଅର୍ଜନ କରିଛନ୍ତି।



# ବାଂଲାଦେଶ ମୁହାଁଇଲା 'ବୁଲ୍‌ବୁଲ'

ଭୁବନେଶ୍ୱର,୭।୧୧(ବ୍ୟୁରୋ)

ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ଓ ଉତ୍ତର ଆଣ୍ଡାମାନ ନିକଟରେ ସୃଷ୍ଟି ହୋଇଥିବା ଲଘୁଚାପ ଗୁରୁବାର ବାତ୍ୟା 'ବୁଲ୍‌ବୁଲ'ରେ ପରିଣତ ହୋଇଛି। ସନ୍ଧ୍ୟା ସୁଦ୍ଧା ଏହି ସାମୁଦ୍ରିକ ଝଡ ଭୟଙ୍କର ରୂପ ଧାରଣ କରି ପୂର୍ବ- କେନ୍ଦ୍ରୀୟ ବଙ୍ଗୋପ ସାଗରରୁ ଉତ୍ତର ପଶ୍ଚିମ ଦିଗ ଦେଇ ଘଣ୍ଟାକୁ ୨୧ କିଲୋମିଟର ବେଗରେ ଗତି କରୁଛି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ ବୁଲ୍‌ବୁଲ ପାରାଦୀପଠାରୁ ଦକ୍ଷିଣ-ଦକ୍ଷିଣ ପୂର୍ବ ଦିଗଠାରୁ ୫୬୦ କିଲୋମିଟର, ଆଣ୍ଡାମାନର ମାୟାବନ୍ଦରଠାରୁ ଦକ୍ଷିଣ-ଦକ୍ଷିଣ ପୂର୍ବ ଦିଗର ୬୮୦ କିଲୋମିଟର ଦୂରରେ କେନ୍ଦ୍ରୀଭୂତ ହୋଇଛି। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ଭୟଙ୍କର ସାମୁଦ୍ରିକ ଝଡ(ସିଭିୟର ସାଇକ୍ଲୋନିକ ଷ୍ଟର୍ମ)ରେ ପରିଣତ ହୋଇ ଉତ୍ତର-ଉତ୍ତରପଶ୍ଚିମ ଦିଗ ଦେଇ ଗତି କରିବ। ଆସନ୍ତା ୯ ତାରିଖ ସକାଳେ ବାତ୍ୟା ପଶ୍ଚିମବଙ୍ଗ ଉପକୂଳ ଓ ବାଂଲାଦେଶ ଦେଇ ସ୍ଥଳଭାଗ ଅତିକ୍ରମ କରିବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ସ୍ଥଳଭାଗକୁ ଛୁଇଁବା ବେଳକୁ ବୁଲ୍‌ବୁଲର ଘଣ୍ଟା ପ୍ରତି ବେଗ ୧୨୦ରୁ ୧୪୫ କିଲୋମିଟର ରହିବ ବୋଲି ଅନୁମାନ କରାଯାଇଛି। ୧୦ ତାରିଖ ବେଳକୁ ଏହାର ବେଗ କମି ଆସିବ ଏବଂ ୧୨ ତାରିଖରେ ସମ୍ପୂର୍ଣ୍ଣ ଦୁର୍ବଳ ହୋଇଯିବ। ଓଡ଼ିଶା ଉପରେ ବାତ୍ୟାର ପ୍ରଭାବ ନ ଥିଲେ ମଧ୍ୟ ଉପକୂଳବର୍ତ୍ତୀ ଜିଲାଗୁଡିକରେ ଝଡବର୍ଷା ହେବାର ଆଶଙ୍କା ରହିଛି। ୮ ତାରିଖରେ ଜଗତସିଂହପୁର, କେନ୍ଦ୍ରାପଡା, ବାଲେଶ୍ୱର ଏବଂ ଭଦ୍ରକ ଜିଲାରେ ଘଣ୍ଟାକୁ ୪୫ରୁ ୫୦ ଏବଂ ବେଳେ ବେଳେ ଏହା ୬୫ କିଲୋମିଟର ବେଗରେ ପବନ ବହିବ। ସେହିପରି ୯ ତାରିଖରେ ଉକ୍ତ ଜିଲାଗୁଡିକରେ ପବନର ବେଗ ୭୦ରୁ ୮୦ ଓ ବେଳେ ବେଳେ ୯୦ କିଲୋମିଟର ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ଏହି ସମୟରେ ପୁରୀ, ଗଞ୍ଜାମ ଏବଂ ଯାଜପୁର ଜିଲାରେ ମଧ ଘଣ୍ଟାକୁ ୪୦ରୁ ୫୦ କିଲୋମିଟର ବେଗରେ ଝଡବର୍ଷା ହେବାର ସମ୍ଭାବନା ରହିଛି। ବାତ୍ୟା ପ୍ରଭାବରେ ଉପକୂଳ ଅଶାନ୍ତ ରହିବ। ୮ରୁ ୧୦ ତାରିଖ ଯାଏ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି।

ବାତ୍ୟା ପ୍ରଭାବରେ ୮ ଓ ୯ ତାରିଖରେ ଉପକୂଳବର୍ତ୍ତୀ ଜିଲାଗୁଡିକରେ ପ୍ରବଳ ଓ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ୮ ତାରିଖରେ ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା ଓ ଭଦ୍ରକ ଜିଲାରେ ଝଡ ବର୍ଷା ହେବ। ସେହି ସବୁ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ସେହିପରି ୯ ତାରିଖରେ କଟକ, ଯାଜପୁର ଓ ମୟୂରଭଞ୍ଜ ଜିଲାରେ ପ୍ରବଳ ଏବଂ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଏବଂ ଜଗତସିଂହପୁର ଜିଲାରେ ☞ପୃଷ୍ଠା-୪

**୧୨ ଘଣ୍ଟାରେ ଉଗ୍ରରୂପ ନେବ**

- ଉପକୂଳ, ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା
- **୩** ଜିଲାରେ ୨ଦିନ ପାଇଁ ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ର ବନ୍ଦ
- ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ
- କେନ୍ଦ୍ର ସରକାରଙ୍କ ସହ ଏସ୍ଆରସିଙ୍କ ଆଲୋଚନା







## ୯ ରେ ୯ ଜିଲାର ଶିକ୍ଷାନୁଷ୍ଠାନ ବନ୍ଦ

**ଭୁବନେଶ୍ୱର,୭।୧୧(ବ୍ୟୁରୋ):** ସମ୍ଭାବ୍ୟ ବାତ୍ୟା 'ବୁଲବୁଲ'କୁ ଦୃଷ୍ଟିରେ ରଖି ୯ଟି ଜିଲାର ସ୍କୁଲ, କଲେଜ ଓ ଅଙ୍ଗନୱାଡି କେନ୍ଦ୍ରକୁ ୯ ତାରିଖରେ ଛୁଟି ଘୋଷଣା କରାଯାଇଛି। ସେହି ଜିଲାଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, କଟକ, କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ମୟୂରଭଞ୍ଜ ଓ ଯାଜପୁର। ଗୁରୁବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବାତ୍ୟା ପ୍ରସ୍ତୁତି ବୈଠକ ପରେ ସ୍ୱତନ୍ତ୍ର ରିଲିଫ କମିଶନର(ଏସଆରସି) ପ୍ରଦୀପ କୁମାର ଜେନା ଏହି ସୂଚନା ଦେଇଛନ୍ତି। ତେବେ ଶୁକ୍ରବାର ବର୍ଷା ଓ ପବନର ଗତିକୁ ଦେଖି ଜିଲାପ୍ରଶାସନ ଶିକ୍ଷାନୁଷ୍ଠାନ ବନ୍ଦ ନିଷ୍ପତ୍ତି ନେବାକୁ ଜିଲାପାଳଙ୍କୁ କୁହାଯାଇଛି। ପ୍ରଭାବିତ ହେବାକୁ ଥିବା ୯ ଜିଲାରେ ୨ଟି ଲେଖାଏ ଓଡ୍ରାଫ ଟିମ୍ ଏବଂ ଗୋଟିଏ ଲେଖାଏ ଏନଡିଆରଏଫ ଟିମକୁ ପଠାଯାଇଛି। ଏସବୁ ଜିଲାରେ ଅଗ୍ନିଶମ ବିଭାଗକୁ ସଜାଗ ରଖାଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଛି।

## ଆଜିଠୁ ପଞ୍ଚୁକ ବ୍ରତ

### ୫ ଦିନ ୫ ବେଶରେ ଦର୍ଶନ ଦେବେ ମହାପ୍ରଭୁ



**ପୁରୀ ଅଫିସ, ୭।୧୧:** ଶୁକ୍ରବାରଠାରୁ ଆରମ୍ଭ ହେବ ମହା କାର୍ତ୍ତିକର ପଞ୍ଚୁକ ବ୍ରତ। ଶ୍ରୀମନ୍ଦିରରେ କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ପଞ୍ଚୁକ ବେଶ ଅନୁଷ୍ଠିତ ହେବ। ଶୁକ୍ରବାର ଶ୍ରୀମନ୍ଦିରରେ ହରି ଉତ୍ଥାପନ ଏକାଦଶୀ ନୀତି ସମ୍ପନ୍ନ ହେବା ସହିତ ମହାପ୍ରଭୁଙ୍କ ଠିଆକିଆ ତଥା ଲକ୍ଷ୍ମୀନାରାୟଣ ବେଶ ଅନୁଷ୍ଠିତ ହେବ। ସେହିପରି ନଭେମ୍ବର ୯ରେ ବାଙ୍କଚୁଡ, ୧୦ରେ ତ୍ରିବିକ୍ରମ, ୧୧ରେ ଲକ୍ଷ୍ମୀନୃସିଂହ ଏବଂ ନଭେମ୍ବର ୧୨ତାରିଖ କାର୍ତ୍ତିକ ପୂର୍ଣ୍ଣିମାରେ ରାଜାଧିରାଜ ବେଶ ତଥା ସୁନାବେଶ ଅନୁଷ୍ଠିତ ହେବ। ପଞ୍ଚୁକ ବ୍ରତ ପାଇଁ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁ ଏବଂ ହବିଷିଆଳିଙ୍କ ଭିଡ଼ ଜମିଲାଣି। ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନ, ପୋଲିସ ଓ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଇଛି। ଏକାଦଶୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଗୋଟିଏ ଏବଂ କେବଳ କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଆଉ ଗୋଟିଏ ପୋଲିସ ବ୍ୟବସ୍ଥା ହୋଇଛି। ପଞ୍ଚୁକରେ ୩୦ ପ୍ଲାଟୁନ ଫୋର୍ସ ସହ ୧୦୦ରୁ ଉର୍ଦ୍ଧ୍ୱ ପୋଲିସ ଅଫିସର ନିୟୋଜିତ ହେବେ ବୋଲି ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି। ସେହିପରି ସେରକାରୀ ଲାଇଫ୍‌ଗାର୍ଡଙ୍କ ସମେତ ନୋଳିଆ ସମ୍ପ୍ରଦାୟର ଯୁବକଙ୍କୁ ବେଳାଭୂମିରେ ନିୟୋଜିତ କରାଯିବ। ଜଗନ୍ନାଥ ବଲ୍ଲଭ, ପୁରୁଣା ଜେଲ ପଡ଼ିଆ, ଶରଧାବାଲି, ଜିଲା ସ୍କୁଲ, ଯାତ୍ରିକା, ଲୋକନାଥ ଘାଟ, ତାଳବଣିଆରେ ଚାରିଚକିଆ ଯାନ ପାର୍କିଂ ବ୍ୟବସ୍ଥା କରାଯାଇଛି। ମୋଟିସାହି ଛକ ମହୋଦଧି ମାର୍କେଟ କମ୍ପ୍ଲେକ୍ସ ଏବଂ ମାର୍କେଟ ଛକସ୍ଥିତ ମାର୍କେଟ କମ୍ପ୍ଲେକ୍ସ ପରିସରରେ ବାଇକ୍ ପାର୍କିଂ କରାଯିବ। ଟାଉନ ଥାନାଠାରୁ ଆଗକୁ କାର୍, ଜିପ୍ ଆଦି ଚାରିଚକିଆ ଯାନ ମନ୍ଦିର ଆଡକୁ ଛଡ଼ାଯିବ ନାହିଁ।

## ବିଭୁ ରାଉତରାୟ ହାଇକୋର୍ଟ ବିଚାରପତି ନିଯୁକ୍ତ

### ଆଜି ଶପଥ ନେବେ

କଟକ ଅଫିସ, ୭।୧୧

ଓଡ଼ିଶା ହାଇକୋର୍ଟର ନୂଆ ବିଚାରପତି ଭାବେ ବ୍ରହ୍ମପୁର ଜିଲା ଦୌରାଜଜ୍ ଥିବା ବିଭୁ ପ୍ରସାଦ ରାଉତରାୟ ଶୁକ୍ରବାର ଶପଥ ଗ୍ରହଣ କରିବେ। କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ତାଙ୍କ ନିଯୁକ୍ତି ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଶୁକ୍ରବାର ଅପରାହ୍ନ ୨ଟାରେ ହାଇକୋର୍ଟ ପୁରୁଣା ବିଲ୍ଡିଂର ନୂତନ ସମ୍ମିଳନୀ କକ୍ଷରେ ଏହି ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲଙ୍କ ପକ୍ଷରୁ ସୂଚନା ମିଳିଛି। ଗତ ଅକ୍ଟୋବର ୩ରେ ସୁପ୍ରିମ୍‌କୋର୍ଟ କଲେଜିୟମ୍ ବିଭୁ ପ୍ରସାଦ ରାଉତରାୟ ଏବଂ ଆଇନଜୀବୀ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କ ନାମ ଓଡିଶା ହାଇକୋର୍ଟ ଜଜ୍ ଭାବେ ସୁପାରିସ କରିଥିଲେ। ଉଭୟଙ୍କ ନାମକୁ କଲେଜିୟମ୍ କେନ୍ଦ୍ର ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଯାଇଥିଲା। ମାତ୍ର କେନ୍ଦ୍ର ସରକାର ବିଭୁପ୍ରସାଦଙ୍କ ନାମକୁ ଅନୁମୋଦନ କରିଛନ୍ତି। ବିଭୁପ୍ରସାଦଙ୍କ ନିଯୁକ୍ତି ଫଳରେ ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୧୫ରେ ପହଞ୍ଚିବ। ତେବେ ଆସନ୍ତା ୧୨ରେ ବିଚାରପତି ଡ. ଅକ୍ଷୟ ରଥ ଅବସର ନେବେ। ସେତେବେଳେ ପୁନର୍ବାର ବିଚାରପତିଙ୍କ ସଂଖ୍ୟା ୧୪ ରହିବ।



# 'ନିବେଶ ଲାଗି ଭାରତ ସବୁଠୁ ଅନୁକୂଳ'

ଧର୍ମଶାଳା,୭।୧୧(ପି.ଟି.)

ପୁଞ୍ଜିନିବେଶ ଲାଗି ଭାରତ ଏବେ ସବୁଠୁ ଅନୁକୂଳ ଲକ୍ଷ୍ୟସ୍ଥଳ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ୨୦୧୪ରୁ ୨୦୧୯ ମଧ୍ୟରେ ବିଶ୍ୱ ଇଜ୍ ଅଫ୍ ଡୁଇଙ୍ଗ ବିଜ୍‌ନେସ (ବ୍ୟବସାୟ ଲାଗି ସହଜ ବ୍ୟବସ୍ଥା) ସୂଚକାଙ୍କରେ ଭାରତ ୭୯ ସ୍ଥାନ ଉପରକୁ ଉଠିପାରିଛି। ଶିଳ୍ପ ସଂସ୍ଥା ଲାଗି ତୃଣମୂଳ ସ୍ତରର ଆବଶ୍ୟକତାକୁ ହୃଦୟଙ୍ଗମ କରି ସରକାର ନିଷ୍ପତ୍ତି ନେଉଥିବାରୁ ପ୍ରତିବର୍ଷ ଏହି ର୍‌ୟାଙ୍କ୍‌ରେ ଉନ୍ନତି ଘଟୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଏଥିସହିତ ଭାରତରେ ବ୍ୟବସାୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିଛି। ଆମେ ଅର୍ଥନୀତିର ମୌଳିକତାକୁ ଦୁର୍ବଳ ହେବାକୁ ଦେଉ ନ ଥିବାରୁ ଭାରତ ଅର୍ଥନୀତିରେ ସୁଦୃଢ଼ ହୋଇପାରିଛି।

ପୁରୁଣା ଆଇନକୁ ରଦ୍ଦ କରିବା, ନିବେଶକମାନଙ୍କ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବା ଆଦି ଏକାଧିକ ଆର୍ଥିକ ସଂସ୍କାର ନୀତି ଗତ କିଛି ବର୍ଷ ମଧ୍ୟରେ ଗ୍ରହଣ କରାଯାଇଛି। ବ୍ୟବସାୟରେ ଇନ୍ସପେକ୍ଟର ରାଜକୁ ହଟାଇଦିଆଯାଇଛି। ଏବେ ରାଜ୍ୟ ଅନୁମତିକୁ ଗୁରୁତ୍ୱ ଦିଆଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

୨୦୨୫ ସୁଦ୍ଧା ଭାରତକୁ ୫ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥାରେ ପହଞ୍ଚାଇବାକୁ ହେଲେ ପ୍ରତ୍ୟେକ ରାଜ୍ୟ ଓ ଜିଲାର ସହଯୋଗ ଆବଶ୍ୟକ ବୋଲି ଗୁରୁବାର ପ୍ରଧାନମନ୍ତ୍ରୀ କହିଛନ୍ତି। ହିମାଚଳପ୍ରଦେଶକୁ ପୁଞ୍ଜି ଆକୃଷ୍ଟ କରିବା ଲାଗି ଦୁଇଦିନିଆ ବିଶ୍ୱ ନିବେଶକ ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ, ପ୍ରତି ରାଜ୍ୟ ଓ ଜିଲା ସେମାନଙ୍କ ସାମର୍ଥ୍ୟ ବଳରେ ଲକ୍ଷ୍ୟ ହାସଲ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇପାରିବେ। ପୂର୍ବ ଅବସ୍ଥା ଏବେ ନାହିଁ। ବର୍ତ୍ତମାନ ରାଜ୍ୟଗୁଡ଼ିକ ପୁଞ୍ଜି ଆକୃଷ୍ଟ କରିବା ଲାଗି ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ହିମାଚଳପ୍ରଦେଶରେ ପର୍ଯ୍ୟଟନ, ଔଷଧ ଓ ଅନ୍ୟ ସେକ୍ଟରରେ ପୁଞ୍ଜିନିବେଶ ଲାଗି ପର୍ଯ୍ୟାପ୍ତ ସୁଯୋଗ ରହିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ନିବେଶକଙ୍କୁ ଆକୃଷ୍ଟ କରିବା ଲାଗି ହିମାଚଳପ୍ରଦେଶ ସରକାର ଅନେକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଥିବାରୁ ପ୍ରଧାନମନ୍ତ୍ରୀ ଏହାର ଉଚ୍ଚ ପ୍ରଶଂସା କରିଥିଲେ। ଏହି ସମ୍ମିଳନୀରେ ୨୦୦ ଅନ୍ତର୍ଜାତୀୟ ପ୍ରତିନିଧିଙ୍କ ସମେତ ୧୭୦୦ରୁ ଅଧିକ ବ୍ୟବସାୟ ପ୍ରତିନିଧି ଯୋଗଦେଇଥିଲେ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

■ ମୁଖ୍ୟ ଶାସନ ସଚିବ, ୫-ଟି ସଚିବଙ୍କ ସୋନପୁର ଗସ୍ତ

# ୮୪ କୋଟି ବ୍ୟୟରେ ସୋନପୁରରେ ନୂଆ ଡାକ୍ତରଖାନା ହେବ

- ରୋଗୀ, ଡାକ୍ତରଙ୍କ ସହ ଆଲୋଚନା କଲେ
- ଆହାର କେନ୍ଦ୍ରରେ ଖାଇଲେ ମଧାହ୍ନ ଭୋଜନ

ସୋନପୁର,୭।୧୧(ନି.ପ୍ର.)

୮୪ କୋଟି ଟଙ୍କା ବ୍ୟୟରେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ହେବ। ଏଥିପାଇଁ ସରକାର ଅନୁମୋଦନ କରିଛନ୍ତି । ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ୫-ଟି ସଚିବ ଭି.କାର୍ତ୍ତିକେୟନ ପାଣ୍ଡିଆନ କହିଛନ୍ତି। ଏଥିପାଇଁ ଜମି ସମସ୍ୟା ରହିଛି । ଆସନ୍ତା ଦୁଇ ଦିନ ଭିତରେ ତା'ର ସମାଧାନ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଗୁରୁବାର ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ,୫-ଟି ସଚିବ ପାଣ୍ଡିଆନ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍) ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିବା ଅବସରରେ ଏହା ସ୍ପଷ୍ଟ କରିଛନ୍ତି। ସେମାନେ ଚିକିତ୍ସାଳୟର ବହିଃବିଭାଗ ଓ ଆନ୍ତଃବିଭାଗ ବୁଲି ଦେଖିବା ସହ ରୋଗୀ ଓ ତାଙ୍କ ସମ୍ପର୍କୀୟମାନଙ୍କ ସହ ଆଲୋଚନା କରିଥିଲେ ।

ଏହି ଟିମ୍ ମଧାହ୍ନ ୧୨ଟାରେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ପରେ ଭେଷଜ, ସ୍ତ୍ରୀ ଓ ପ୍ରସୂତି ବିଭାଗ, ଶିଶୁ ଏବଂ ସର୍ଜରୀ ୱାର୍ଡକୁ ଯାଇ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଆଲୋଚନା କରିଥିଲେ । ନିରାମୟ ଯୋଜନାରେ ମାଗଣା ଔଷଧ, ଖାଦ୍ୟ ଓ ଡାକ୍ତରମାନେ କିଭଳି ଚିକିତ୍ସା କରୁଛନ୍ତି ☞ପୃଷ୍ଠା-୪



ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ୫-ଟି ସଚିବ ଭି.କାର୍ତ୍ତିକେୟନ ପାଣ୍ଡିଆନ ଓ ଅନ୍ୟମାନେ।

**ସ୍ୱତନ୍ତ୍ର**

## ୩ ବର୍ଷ ପୂରିଲା ବିମୁଦ୍ରୀକରଣ

........୧୧........

**ଆଜିର ସମ୍ପାଦକୀୟ**

## ଅଲଗାବାଦ ଛାଡ଼

**ଆଜିର ମନ୍ତବ୍ୟ**

" ଭାରତକୁ ୫ ଟ୍ରିଲିୟନ୍ ଡଲାର ଅର୍ଥନୀତିରେ ପରିଣତ କରିବା ପାଇଁ ପ୍ରତ୍ୟେକ ରାଜ୍ୟ ଓ ଜିଲାର ଭୂମିକା ରହିଛି।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

୨୦୧୮-୧୯ରେ ଭାରତ ୫,୧୫୧ କୋଟି ଟଙ୍କା ମୂଲ୍ୟର ଜୈବିକ ଖାଦ୍ୟ ସାମଗ୍ରୀ ବିଦେଶକୁ ରପ୍ତାନି କରିଛି।

– ବାଣିଜ୍ୟ ମନ୍ତ୍ରଣାଳୟ


Taste the difference! Vencobb FRESH CHICKEN

07.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 64 | 111 | 121 |
| CTC | 64 | 111 | 121 |
| DKL | 65 | 113 | 123 |
| BDK | 67 | 115 | 125 |
| BLS | 67 | 115 | 125 |
| ANG | 65 | 113 | 123 |
| BHM | 60 | 106 | 116 |

*Conditions Apply

Issued in the Interest of Consumers


■ ରାଜ୍ୟରେ ବଢୁଛି ବନ୍ୟପ୍ରାଣୀ ଅପରାଧ

# ଭବାନୀପାଟଣାରୁ ହାତୀଦାନ୍ତ ଜବତ, ୩ ଗିରଫ

ଭବାନୀପାଟଣା (ଡି.ଏନ୍.ଏ.)
ଭୁବନେଶ୍ୱର, ୭।୧୧(ବ୍ୟୁରୋ)

ଦିନକୁ ଦିନ ଓଡ଼ିଶାରେ ବଢ଼ିଚାଲିଛି ବନ୍ୟପ୍ରାଣୀ ଅପରାଧ। ଏହି କ୍ରମରେ ଗୁରୁବାର କ୍ରାଇମବ୍ରାଞ୍ଚ୍ ଏସ୍‌ଟିଏଫ୍ ଭବାନୀପାଟଣାରୁ ଏକ ହାତୀଦାନ୍ତ ଓ ବାଘଛାଲ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି। ଗତ ଏକ ବର୍ଷ ମଧ୍ୟରେ କେବଳ କ୍ରାଇମବ୍ରାଞ୍ଚ୍ ଏସ୍‌ଟିଏଫ୍ ପକ୍ଷରୁ ସାରା ଓଡ଼ିଶାରେ ୬ଟି କଲରାପତରିଆ ବାଘର ଛାଲ ଜବତ କରାଯାଇଛି। ତନ୍ମଧ୍ୟରୁ କୁଚିଣ୍ଡା ଅଞ୍ଚଳରେ ୪ଟି, ଦେବଗଡ଼ରେ ଗୋଟିଏ ଏବଂ ଗୁରୁବାର ଭବାନୀପାଟଣାରେ ଗୋଟିଏ ଅନ୍ତର୍ଭୁକ୍ତ। ଏହାସହ ଉଦଳା ରେଞ୍ଜରୁ ଏକ ମା' ଏବଂ ଛୁଆ ବଜ୍ରକାପ୍ଟା ଉଦ୍ଧାର କରିଥିଲା କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍। ତେବେ ୨୦୧୭ରେ କ୍ରାଇମବ୍ରାଞ୍ଚ୍ ଏସ୍‌ଟିଏଫ ବରଗଡ଼ ଦେବ୍ରିଗଡ଼ରେ ଏକ ହାତୀ ଦାନ୍ତ ଜବତ କରିଥିଲା। କିନ୍ତୁ ଗୋଟିଏ ଚଢ଼ାଉରେ ବାଘ ଛାଲ ସହ ହାତୀ ଦାନ୍ତ ଜବତ ହେବା ସମ୍ଭବତଃ ରାଜ୍ୟରେ ପ୍ରଥମ ଘଟଣା।

କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍ କିଛିଦିନ ତଳେ ହାତୀଦାନ୍ତ ☞ପୃଷ୍ଠା-୪

- ଆନ୍ତଃରାଜ୍ୟ ର୍‌ୟାକେଟ୍‌ର ସମ୍ପୃକ୍ତି ସନ୍ଦେହ
- ବର୍ଷକରେ କ୍ରାଇମବ୍ରାଞ୍ଚ୍ ଜବତ କରିଛି ୬ ବାଘଛାଲ



**ଶିବସେନାକୁ ଶିକାର ଭୟ**

# ହୋଟେଲରେ ୫୬ ବିଧାୟକ

ମୁମ୍ବାଇ,୭।୧୧(ପି.ଟି./ଆଇଏଏନ୍‌ଏସ୍)

ମହାରାଷ୍ଟ୍ରରେ କ୍ଷମତା ଭାଗବଣ୍ଟା ଛିଣ୍ଡୁନାହିଁ। ଦୁଇ ସହଯୋଗୀ ଭାଜପା ଓ ଶିବସେନା ମଧ୍ୟରେ ହିସାବକିତାବ ସରୁନାହିଁ। ତେଣୁ ସରକାର ଗଠନରେ ବିଳମ୍ବ ହେବାରେ ଲାଗିଛି। ଶୁକ୍ରବାର ବିଧାନସଭା କାର୍ଯ୍ୟକାଳ ଶେଷ ହେବାକୁ ଯାଉଥିବାବେଳେ ଶେଷ ମୁହୂର୍ତ୍ତରେ କିଛି ବି ଘଟିପାରେ। ତେଣୁ ୫୦:୫୦ ସୂତ୍ରକୁ ନେଇ ଅଡ଼ି ବସିଥିବା ଶିବସେନା ପକ୍ଷରୁ ଗୁରୁବାର ଦଳର ସମସ୍ତ ୫୬ ବିଧାୟକଙ୍କୁ ବାନ୍ଦ୍ରାର ଏକ ଘରୋଇ ହୋଟେଲରେ ରଖାଯାଇଛି। ରାଜନୈତିକ ସଙ୍କଟ ଦୂର ନ ହେବା ଯାଏ ଉକ୍ତ ହୋଟେଲରେ ରଖାଯିବ ବୋଲି ଦଳ ସୂତ୍ରରୁ ପ୍ରକାଶ। ଅନ୍ୟପକ୍ଷରେ ଭାଜପା ପକ୍ଷରୁ ସମ୍ଭାବ୍ୟ ଶିକାର ଭୟକୁ ନେଇ ଶିବସେନା ଏପରି ପଦକ୍ଷେପ ନେଇଥିବା କଂଗ୍ରେସ ସମାଲୋଚନା କରିଛି।

୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଅକ୍ଟୋବର ୨୧ରେ ହୋଇଥିଲା, ଯାହାର ଫଳାଫଳ ୨୪ ତାରିଖରେ ପ୍ରକାଶ ପାଇଥିଲା। ଭାଜପାକୁ ୧୦୫ ଓ ଏହାର ସହଯୋଗୀ ଶିବସେନାକୁ ୫୬ ଆସନରେ ସଫଳତା ମିଳିଛି। ବିରୋଧୀ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ୫୪ ଆସନ ଦଖଲ କରିଥିବାବେଳେ କଂଗ୍ରେସ ପ୍ରାର୍ଥୀ ୪୪ ଆସନରେ ବିଜୟୀ ହୋଇଛନ୍ତି। ବିଧାନସଭା କାର୍ଯ୍ୟକାଳ ଶୁକ୍ରବାର ଶେଷ ହେବାକୁ ଥିବାବେଳେ ସରକାର ଗଠନ ପାଇଁ ଅଦ୍ୟାବଧି କୌଣସି ଦଳ



ଶିବସେନା ବିଧାୟକମାନଙ୍କୁ ରଖାଯାଇଥିବା ବାନ୍ଦ୍ରାର ରଙ୍ଗ ଶାରଦା ହୋଟେଲ ବାହାରେ ମୁତୟନ ପୋଲିସ।

### ଆଜି ସରିବ ମହାରାଷ୍ଟ୍ର ବିଧାନସଭା କାର୍ଯ୍ୟକାଳ

କିମ୍ବା ମେଣ୍ଟ ରାଜ୍ୟପାଳଙ୍କ ନିକଟରେ ଦାବି ଜଣାଇନାହିଁ। ପ୍ରଥମ ଅଢ଼େଇ ବର୍ଷ ମୁଖ୍ୟମନ୍ତ୍ରୀ ପଦ ନିଜ ପାଖରେ ରଖିବାକୁ ଶିବସେନା ଚାହୁଁଛି, ଯାହାକୁ ଭାଜପା ପ୍ରତ୍ୟାଖ୍ୟାନ କରିସାରିଛି। ବିଧାୟକ ଦଳ ନେତା ତଥା ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସଙ୍କ ନେତୃତ୍ୱରେ ପୁଣି ସରକାର ଗଠନ କରାଯିବ ବୋଲି ଭାଜପା ସ୍ପଷ୍ଟ କରିଛି। ଜୁହୁକ ସଂଖ୍ୟା ୧୪୫ ହୋଇଥିବାରୁ ଭାଜପାକୁ ସରକାର ଗଠନ ଲାଗି ଆଉ ୪୦ ସଦସ୍ୟଙ୍କ ସମର୍ଥନ ଜରୁରୀ। ତେଣୁ ଶିବସେନାରେ ବିଭାଜନ କରାଇ ଭାଜପା କ୍ଷମତା ଅକ୍ତିଆର କରିପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ଗୁରୁବାର ଶିବସେନାର ସମସ୍ତ ୫୬ ବିଧାୟକଙ୍କୁ ବାନ୍ଦ୍ରା ୱେଷ୍ଟର ☞ପୃଷ୍ଠା-୪

## ଦୁର୍ଘଟଣାରେ ୨ ଯବାନଙ୍କ ମୃତ୍ୟୁ

ଜମ୍ମୁ-କଶ୍ମୀରର କୁପୱାଡ଼ା ଜିଲାରେ ସଡ଼କ ଦୁର୍ଘଟଣାରେ ୨ ଜଣ ସେନା ଯବାନ ନିହତ ହୋଇଛନ୍ତି। ବୁଧବାର ରାତିରେ ପ୍ରବଳ ତୁଷାରପାତ ଯୋଗୁ ରାସ୍ତା ଦେଖାଯାଉ ନ ଥିବାରୁ ସେନା ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ରାଇଫଲମ୍ୟାନ୍ ଭୀମ ବାହାଦୁର ପୁନ୍ ଓ ଗନର୍ ଅଖିଳେଶ କୁମାରଙ୍କ ମୃତ୍ୟୁ ଘଟିଛି।

## ସଂକ୍ଷେପରେ

### ଖଣି କର୍ମଚାରୀଙ୍କ ଉପରେ ଆକ୍ରମଣ: ୩୭ ମୃତ

ଓ୍ବାଗାଡୁଗୁ,୭।୧୧(ଏଏଫ୍‌ପି): ପଶ୍ଚିମ ଆଫ୍ରିକୀୟ ଦେଶ ବୁର୍କିନା ଫାସୋରେ ଜେହାଦୀ ହିଂସାରେ ୩୭ ଜଣଙ୍କ ମୃତ୍ୟୁ ଘଟିବା ସହ ୬୦ ଜଣ ଆହତ ହୋଇଛନ୍ତି। ଗତ ୫ ବର୍ଷ ମଧ୍ୟରେ ଏହା ସବୁଠୁ ଭୟାବହ ଆକ୍ରମଣ ବୋଲି କୁହାଯାଉଛି। ସେଠାରେ ଥିବା କାନାଡା ଖଣି କମ୍ପାନୀ କର୍ମଚାରୀମାନେ ଯାଉଥିବା ବସ୍ ଉପରେ ଆକ୍ରମଣ ହୋଇଥିଲା। ସାମାଫୋ ଖଣି କମ୍ପାନୀର କର୍ମଚାରୀ, ଠିକାଦାର ଓ ଯୋଗାଣକାରୀ ୫ଟି ବସ୍‌ରେ ଯାଉଥିଲାବେଳେ ସଶସ୍ତ୍ର ଜେହାଦୀମାନେ ଆକ୍ରମଣ କରିଥିଲେ। ୨୦୧୫ରୁ ଏଠାରେ ଜେହାଦି ବିଦ୍ରୋହରେ ଶହ ଶହ ଲୋକ ପ୍ରାଣ ହରାଇଲେଣି।

### ଏନ୍‌କାଉଣ୍ଟର ବେଳେ ଯବାନ ଶହୀଦ

ବିଜାପୁର,୭।୧୧(ପି.ଟି.): ଛତିଶଗଡ଼ର ବିଜାପୁର ଜିଲାରେ ଗୁରୁବାର ମାଓବାଦୀଙ୍କ ସହ ଗୁଳି ବିନିମୟ ବେଳେ ଜଣେ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଛନ୍ତି। ଏହି ଏନ୍‌କାଉଣ୍ଟରବେଳେ କେତେଜଣ ମାଓବାଦୀ ନିହତ ହୋଇଥିବା ସନ୍ଦେହ କରାଯାଉଥିଲାବେଳେ ସୁରକ୍ଷା ବଳ ପକ୍ଷରୁ ଉକ୍ତ ଅଞ୍ଚଳରେ ତଲାସି ଅଭିଯାନ ଜାରି ରହିଥିବା ପୋଲିସ କହିଛି। ସିଆର୍‌ପିଏଫ୍, ଏହାର କୋବ୍ରା ୟୁନିଟ୍ ଏବଂ ରାଜ୍ୟ ପୋଲିସ ପକ୍ଷରୁ ଭୋର ୪ଟାରେ ପମେଡ୍ ଅଞ୍ଚଳରେ ମିଳିତ ତଲାସି ଅଭିଯାନ ଆରମ୍ଭ ହୋଇଥିଲା। ମାଓବାଦୀଙ୍କ ଗୁଳିମାଡ଼ରେ ସିଆର୍‌ପିଏଫ୍ କନ୍‌ଷ୍ଟେବଲ କାମତା ପ୍ରସାଦ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପଡୋଶୀ ତେଲଙ୍ଗାନାର ଚେର୍ଲା ହସ୍ପିଟାଲ ନିଆଯାଇଥିଲାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

## [ଇତିହାସର ଆଇନାରେ]

### ନଭେମ୍ବର ୮ର ପ୍ରମୁଖ ଘଟଣା

୨୦୧୬ ନଭେମ୍ବର ୮ରେ ଭାରତରେ ନରେନ୍ଦ୍ର ମୋଦି ସରକାର ବିମୁଦ୍ରୀକରଣ ଲାଗୁକରିଥିଲେ। ମାତ୍ର କିଛି ଘଣ୍ଟା ମଧ୍ୟରେ ପୁରୁଣା ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ଅଚଳହୋଇଯିବାରୁ ଲୋକମାନେ ନାନାଦି ସମସ୍ୟା ଭୋଗିଥିଲେ।

୧୯୨୭ ନଭେମ୍ବର ୮ରେ ସିନ୍ଧ୍ ପ୍ରଦେଶର କରାଚିରେ ଭାଜପାର ସର୍ବବରିଷ୍ଠ ନେତା ଲାଲ୍‌କୃଷ୍ଣ ଆଡଭାନୀଙ୍କ ଜନ୍ମ। ୧୯୯୮ରୁ ୨୦୦୪ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରରେ ସେ ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ଉପପ୍ରଧାନମନ୍ତ୍ରୀ ଥିଲେ। ଭାଜପାର ଶକ୍ତି ବୃଦ୍ଧିରେ ତାଙ୍କର ପ୍ରମୁଖ ଭୂମିକା ଥିଲା।

## ରାୟ ପୂର୍ବରୁ ଆକ୍ରମଣ ଆଶଙ୍କା

# ଅଯୋଧାରେ ସୁରକ୍ଷା ଛାଉଣି



- ସଜାଗ ରହିବାକୁ ରାଜ୍ୟଗୁଡ଼ିକୁ କେନ୍ଦ୍ରର ନିର୍ଦ୍ଦେଶ
- ପଥର ଖୋଦେଇ କାମ ବନ୍ଦ କଲା ଭିଏଚ୍‌ପି

ଅଯୋଧା/ନୂଆଦିଲ୍ଲୀ,୭।୧୧ (ପି.ଟି./ଆଇଏଏନ୍‌ଏସ୍)

ଅଯୋଧା ମାମଲାର ବହୁ ପ୍ରତୀକ୍ଷିତ ରାୟ ଆସନ୍ତା ସପ୍ତାହରେ ପ୍ରକାଶ ପାଇବାକୁ ଥିବାବେଳେ ରାମଙ୍କ ଜନ୍ମଭୂମିରେ ଆତଙ୍କବାଦୀ ଆକ୍ରମଣ ଆଶଙ୍କା ସୃଷ୍ଟି ହୋଇଛି। ଏନେଇ ଗୋଇନ୍ଦା ସୂଚନା ମିଳିବା ପରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ୩୦ ବୋମା ନିଷ୍କ୍ରିୟକାରୀ ସ୍କ୍ୱାଡ୍‌ଙ୍କୁ ନିୟୋଜିତ କରାଯାଇଛି।

ସିଜେଆଇ ରଞ୍ଜନ ଗୋଗୋଇ ଆସନ୍ତା ୧୭ରେ ଅବସର ନେବାକୁ ଥିବାବେଳେ ଏହାର ଦିନେ କିମ୍ବା ଦୁଇଦିନ ପୂର୍ବରୁ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ୍ ଜମି ବିବାଦ ମାମଲାର ରାୟ ଆସିପାରେ। ଏଭଳି ସମୟରେ ଆତଙ୍କବାଦୀମାନେ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି କରି ଦଙ୍ଗା ଭିଆଇ ପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଛି। ସୁରକ୍ଷା ସଂସ୍ଥାଗୁଡିକୁ ଆକ୍ରମଣ ନେଇ ସୂଚନା ମିଳିବା ପରେ ୧୨ ତାରିଖ ସୁଦ୍ଧା ସମସ୍ତ ଧର୍ମଶାଳାକୁ ଖାଲି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅଯୋଧା ବାହାର ଓ ଅଚିହ୍ନା ଲୋକଙ୍କୁ ମଙ୍ଗଳବାର ରାତି ସୁଦ୍ଧା ସହର ଛାଡି ଚାଲିଯିବାକୁ ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି। ରାୟକୁ ନେଇ ଅଦ୍ୟାବଧି କୌଣସି ଉତ୍ତେଜନା ଦେଖାଦେଇ ନ ଥିବାବେଳେ ସମସ୍ତଙ୍କ ମନରେ ଆଶଙ୍କା ରହିଛି। ରାୟ ପ୍ରକାଶ ପାଇବା ଦିନ ଯେତିକି ପାଖେଇ ଆସୁଛି ଅଯୋଧା ସହରରେ ପୋଲିସ ଓ ସୁରକ୍ଷା ଯବାନଙ୍କ ସଂଖ୍ୟା ସେତେ ବଢ଼ିଚାଲିଛି। ସୁପ୍ରିମକୋର୍ଟ ରାୟ ପ୍ରକାଶ ପାଇବା ପୂର୍ବରୁ ସଜାଗ ରହିବାକୁ କେନ୍ଦ୍ର ସରକାର ସମସ୍ତ ରାଜ୍ୟକୁ ପରାମର୍ଶ ଦେଇଛନ୍ତି। ଉତ୍ତରପ୍ରଦେଶ ବିଶେଷକରି ଅଯୋଧା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୪ ହଜାର ଅର୍ଦ୍ଧସାମରିକ ବାହିନୀ ଯବାନ ପଠାଇଛି। ପ୍ରତ୍ୟେକ ରାଜ୍ୟ ସମ୍ବେଦନଶୀଳ ଅଞ୍ଚଳରେ ପର୍ଯ୍ୟାପ୍ତ ପୋଲିସ ମୁତୟନ କରିବାକୁ କେନ୍ଦ୍ର ପକ୍ଷରୁ ଆଡଭାଇଜରି ପଠାଯାଇଛି।

ଅଯୋଧା ମାମଲାରେ ସର୍ବୋଚ୍ଚ ଅଦାଲତ ଯାହା ରାୟ ଦେବେ ତାକୁ ସମସ୍ତେ ମାନିନେବେ ବୋଲି ସଂଖ୍ୟାଗରିଷ୍ଠ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ନିଷ୍ପତ୍ତି ନେଇସାରିଥିଲାବେଳେ ଏଭଳି ସୁରକ୍ଷା ବ୍ୟବସ୍ଥା କ'ଣ ପାଇଁ ବୋଲି ଜଣେ ସ୍ଥାନୀୟ ଛାତ୍ର ପ୍ରଶ୍ନ କରିଛନ୍ତି। ନଭେମ୍ବର ୨୦ ପୂର୍ବରୁ ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟରେ ଏକାଧିକ ବିବାହ ଥିଲାବେଳେ ସେଗୁଡିକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି। ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ଅନେକ ଲୋକ ଅଯୋଧା ଭ୍ରମଣ କାର୍ଯ୍ୟକ୍ରମକୁ ବାତିଲ କରିଛନ୍ତି। ଆଗକୁ କଟକଣା ଜାରି ହେବା ଆଶଙ୍କା କରି ଅଯୋଧା ବାସିନ୍ଦା ଅତ୍ୟାବଶ୍ୟକ ସାମଗ୍ରୀ କିଣିନେଇ ଘରେ ମହଜୁଦ କରି ରଖୁଥିବା ଦେଖିବାକୁ ମିଳିଛି। ବିଶାଳ ରାମମନ୍ଦିର ନିର୍ମାଣ ପାଇଁ ବିଶ୍ୱ ହିନ୍ଦୁ ପରିଷଦ(ଭିଏଚ୍‌ପି) ୧୯୯୦ରୁ ଜାରି ରଖିଥିବା ପଥର ଖୋଦେଇ କାମକୁ ପ୍ରଥମ ଥର ପାଇଁ ବନ୍ଦ କରିଛି। ପୁଣି ପଥର ଖୋଦେଇ କାମ କେବେ ଆରମ୍ଭ ହେବ ସେ ସମ୍ପର୍କରେ ରାମ ଜନ୍ମଭୂମି ନ୍ୟାସ ନିଷ୍ପତ୍ତି ନେବ ବୋଲି ଭିଏଚ୍‌ପି ପକ୍ଷରୁ କୁହାଯାଇଛି।

୧୯୯୨ରେ ବାବ୍ରୀ ମସ୍‌ଜିଦ ଭଙ୍ଗାଯିବା ପରେ ଅଯୋଧାରେ କର୍ଫ୍ୟୁ ଜାରି ହୋଇଥିଲା। ଏହା ପରେ ମଧ ଏକାଧିକ ଥର କଟକଣା ଲାଗୁ ହୋଇଛି। ତେଣୁ ସତର୍କତା ସ୍ୱରୂପ ଲୋକେ ତେଜରାତି ସାମଗ୍ରୀ ସମେତ ଔଷଧ ମହଜୁଦ୍ ରଖୁଛନ୍ତି ବୋଲି ସ୍ଥାନୀୟ ବାସିନ୍ଦା ମୋହିନୀ ଶ୍ରୀବାସ୍ତବ କହିଛନ୍ତି। ଯଦିଓ ସମସ୍ତେ ଅଯୋଧା ରାୟକୁ ଗ୍ରହଣ କରିନେବା ଲାଗି ମାନସିକ ସ୍ତରରେ ନିଜକୁ ପ୍ରସ୍ତୁତ କରିନେଇଛନ୍ତି, ତଥାପି କେତେଜଣ ଅଶାନ୍ତି ସୃଷ୍ଟିକାରୀ ହିଂସାକାଣ୍ଡ ଘଟାଇପାରନ୍ତି ବୋଲି ଆଶଙ୍କା କରାଯାଉଥିବା ଶ୍ରୀବାସ୍ତବ କହିଛନ୍ତି। ମସ୍‌ଜିଦ ଭଙ୍ଗାଯିବା ପରେ ଅଯୋଧାରେ ଦଙ୍ଗା ସୃଷ୍ଟି ହୋଇଥିଲା। ବହୁ ଘର ଓ ଦୋକାନ ପୋଡିଦିଆଯାଇଥିଲା। ଏଥର ସବୁକିଛି ସ୍ୱାଭାବିକ୍ ରହିଥିଲେ ବି ଲୋକଙ୍କ ମନରେ ଭୟ ରହିଥିବା ମହମ୍ମଦ ଅହସାନ୍ କହିଛନ୍ତି। ଅଯୋଧା ରାୟ ଦିନ ଇଣ୍ଟରନେଟ ସେବା ବନ୍ଦ ରହିଲେ ଗୁଜବକୁ ରୋକାଯାଇପାରିବ ବୋଲି ସେ ମତ ଦେଇଛନ୍ତି।

ଅଯୋଧା ରାୟ ପାଇଁ ଜିଲା ପ୍ରଶାସନ ପୂର୍ଣ୍ଣ ପ୍ରସ୍ତୁତିରେ ରହିଛି। ଯବାନମାନଙ୍କ ରହଣି ପାଇଁ ସରକାରୀ ଓ ଘରୋଇ ସମସ୍ତ ସ୍କୁଲକୁ ନିଆଯାଇଥିଲାବେଳେ ହୋଟେଲ, ଲଜ୍ ଓ ଗେଷ୍ଟହାଉସ୍‌ଗୁଡ଼ିକୁ ବୁକ୍‌କରାଯାଇଛି। ଜିଲା ମାଜିଷ୍ଟ୍ରେଟ୍ ଅନୁଜ୍ ଝା ହିନ୍ଦୁ ଓ ମୁସଲମାନ ନେତାମାନଙ୍କ ସହ ଯୋଗାଯୋଗରେ ରହିବା ସହିତ ସେମାନଙ୍କୁ ସୁରକ୍ଷା ଯୋଗାଇଦେବାର ପ୍ରତିଶ୍ରୁତି ଦେଇଛନ୍ତି। ମୁସଲମାନ ବହୁଳ ଥେରି ବଜାର ଓ କଜ୍ରିଆନାରେ ସର୍ବାଧିକ ସୁରକ୍ଷା ବଳ ମୁତୟନ କରାଯାଇଛି।

## ହନିଟ୍ରାପ୍‌ରେ ନ ପଡ଼ିବାକୁ ଯବାନଙ୍କୁ ପରାମର୍ଶ

ନୂଆଦିଲ୍ଲୀ,୭।୧୧(ଆଇଏଏନ୍‌ଏସ୍)

ଯବାନମାନେ ପାକିସ୍ତାନୀ ମହିଳାଙ୍କ ପ୍ରେମ ଫାଶରେ ନ ପଡିବା ଲାଗି ସୈନ୍ୟବାହିନୀ ପରାମର୍ଶ ଦେଇଛି। ଏନେଇ ସେନା ପକ୍ଷରୁ ଆଡଭାଇଜରି ଜାରି କରାଯାଇ, ଯବାନମାନଙ୍କୁ ସତର୍କ ରହିବା ଓ ଅପରିଚିତଙ୍କ ସହ ସମ୍ପର୍କ ରଖିବାରୁ ଦୂରେଇ ରହିବାକୁ କୁହାଯାଇଛି। ଭାରତୀୟ ଯବାନମାନଙ୍କୁ ମହିଳାଙ୍କ ପ୍ରେମ ଜାଲରେ ଫସାଇବା ପାଇଁ ପାକିସ୍ତାନ ପ୍ରାୟ ୧୫୦ ପ୍ରୋଫାଇଲ ବ୍ୟବହାର କରୁଥିବା ଜଣାପଡିଛି। ସମ୍ବେଦନଶୀଳ ଅଞ୍ଚଳରେ ମୁତୟନ ଥିବା ଭାରତୀୟ ଯବାନଙ୍କୁ ପାକ୍ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଟାର୍ଗେଟ କରୁଥିବା ଉକ୍ତ ଆଡଭାଇଜରିରେ କୁହାଯାଇଛି। ହନି ଟ୍ରାପ୍ ଉଦ୍ୟମ ପ୍ରତି ସତର୍କ ରହିବା ଏବଂ ସୋସିଆଲ ମିଡିଆରେ ସମ୍ବେଦନଶୀଳ ତଥ୍ୟ ନ ଛାଡିବା ପାଇଁ ପରାମର୍ଶ ଦିଆଯାଇଛି। ଯବାନଙ୍କୁ ଫସାଇବା ପାଇଁ ମହିଳାଙ୍କ ବ୍ୟତୀତ ଛଦ୍ମବେଶୀ ବାବାଙ୍କୁ ମଧ୍ୟ ନିୟୋଜିତ କରାଯାଉଥିବା ଜଣାପଡିଛି।

## ବରଫପାତରେ ୪ ମୃତ

ଶ୍ରୀନଗର, ୭।୧୧(ପି.ଟି.)

କଶ୍ମୀରରେ ପ୍ରବଳ ବରଫପାତ ଯୋଗୁ ଗୁରୁବାର ୪ ଜଣଙ୍କ ମୃତ୍ୟୁହୋଇଛି। ମୃତକଙ୍କ ମଧ୍ୟରେ ସେନାରେ କୁଲିକାମ କରୁଥିବା ୨ ସ୍ଥାନୀୟ ଯୁବକ ଅଛନ୍ତି। ସେମାନେ ହେଲେ ମନ୍‌ଜୁର ଅହମ୍ମଦ ଓ ଇସ୍କ ଖାନ୍। କୁପ୍‌ୱାଡ଼ା ଜିଲା ଫରୱାର୍ଡ ପୋଷ୍ଟରେ ସେମାନେ କାମ କରୁଥିବାବେଳେ ବରଫ ଖଣ୍ଡ ସେମାନଙ୍କ ଉପରେ ପଡ଼ିବାରୁ ସେମାନଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷରେ ବିଦ୍ୟୁତ କାମ କରୁଥିବା ପିଡବ୍ଲ୍ୟୁଡି ଇନ୍ସପେକ୍ଟର ମନ୍‌ଜୁର ଅହମଦ ପ୍ରବଳ ବରଫପାତର ଶିକାର ହୋଇ ପ୍ରାଣ ହରାଇଛନ୍ତି। ଶ୍ରୀନଗର ଜିଲା ପ୍ରଶାସନ ପକ୍ଷରୁ ମନ୍‌ଜୁରଙ୍କ ନିକଟ ସମ୍ପର୍କୀୟଙ୍କୁ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ଘୋଷଣା ହୋଇଛି। ସେହିଭଳି ଜଣେ ପଥିକ ଯାଉଥିବାବେଳେ ବରଫରେ ଆଚ୍ଛାଦିତ ଏକ ଗଛର ଡ଼ାଳ ଭାଙ୍ଗିଯାଇ ତାଙ୍କ ଉପରେ ପଡ଼ିବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ପ୍ରବଳ ବରଫପାତ ଯୋଗୁ ଅନେକ ଗାଡ଼ି ଓ ଅଟୋରିକ୍ସା କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି।



## କବର ଉପରେ ଶିଳ୍ପ ବିକାଶ ହୋଇପାରିବନି: ଏନ୍‌ଜିଟି

ନୂଆଦିଲ୍ଲୀ,୭।୧୧(ପି.ଟି.)

ଲୋକଙ୍କ କବର ଉପରେ ଶିଳ୍ପ ବିକାଶ ହୋଇପାରିବ ନାହିଁ। ବାୟୁ କିମ୍ବା ଜଳର ମାନକୁ ଜଳାଞ୍ଜଳି ଦେଇ ଏହା କରାଯାଇ ନ ପାରେ ବୋଲି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) କହିଛନ୍ତି। ପ୍ରଦୂଷଣ ସୃଷ୍ଟି କରୁଥିବା ଶିଳ୍ପସଂସ୍ଥାଗୁଡିକୁ ତଦାରଖ କରିବା ସମୟସୀମା କମାଇବାକୁ ଏନ୍‌ଜିଟି ଅଧ୍ୟକ୍ଷ ଆଦର୍ଶ କୁମାର ଗୋୟଲଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଶିଳ୍ପ ପ୍ରଦୂଷଣ ବୃଦ୍ଧି ପାଉଥିବାରୁ ବାରମ୍ବାର ସେହିସବୁ ସଂସ୍ଥା ପରିଦର୍ଶନ କରିବାକୁ ହେବ। ଜୀବନ ଧାରଣ ଲାଗି ଜରୁରୀ ଜଳ ଓ ବାୟୁର ମାନ ପ୍ରଦୂଷଣ ଯୋଗୁ ଖରାପ ହେବାରେ ଲାଗିଛି। ଏହାକୁ ସୁରକ୍ଷିତ ରଖିବାକୁ ହେବ ବୋଲି ଏନ୍‌ଜିଟି କହିଛନ୍ତି।

## ହାଇଦ୍ରାବାଦର ମୁନ୍ନୀ ଭର୍ଜିନିଆ ସିନେଟର

ହାଇଦ୍ରାବାଦ,୭।୧୧

ପିଲାଦିନେ ହାଇଦ୍ରାବାଦରେ ମୁନ୍ନୀ ଭାବେ ପରିଚିତ ଥିଲେ ଗାଜଲା ହାଶମୀ। ତାଙ୍କ ପରିବାର ଆମେରିକା ଚାଲିଯାଇଥିଲେ। ୫୦ ବର୍ଷ ପରେ ଆମେରିକାର ଭର୍ଜିନିଆ ପ୍ରଦେଶରେ ମୁନ୍ନୀ ଇତିହାସ ରଚିଛନ୍ତି। ଡେମୋକ୍ରାଟ ପ୍ରାର୍ଥୀ ହାଶମୀ ରିପବ୍ଲିକାନ ପ୍ରାର୍ଥୀ ଗ୍ଲେନ୍ ଷ୍ଟୁର୍ଟେଭାଣ୍ଟଙ୍କୁ ପରାସ୍ତ କରି ସିନେଟକୁ ନିର୍ବାଚିତ ହୋଇଛନ୍ତି। ସିନେଟ ଯିବାରେ ସେ ପ୍ରଥମ ମୁସଲମାନ ଆମେରିକୀୟ



ମହିଳା ଓ ଭର୍ଜିନିଆରୁ ପ୍ରଥମ ଭାରତୀୟ-ଆମେରିକୀୟ। ଗାଜଲା ହାଶ୍‌ମୀ ଏକ ଆମେରିକୀୟ ନାଁ ହୋଇଥିବାରୁ ପ୍ରଚାର ବେଳେ ଏହା ବେଶ୍ ପ୍ରଭାବ ପକାଇଥିଲା। ପ୍ରଚାର ପାଇଁ ସେ ନିକଟରେ ଚାକିରି ଛାଡ଼ିଥିଲେ। ସେ ରେନୋଲ୍ଡସ୍ କମ୍ୟୁନିଟି କଲେଜର ଟିଚିଂ ଓ ଲର୍ନିଂ ବିଭାଗରେ ସେଣ୍ଟର ଫର୍ ଏକ୍ସଲେନ୍ସ ନିର୍ଦ୍ଦେଶକ ଥିଲେ।

## ପାକିସ୍ତାନର ନୂଆ ଘୋଷଣାରୁ ଦ୍ୱନ୍ଦ୍ୱ

ଇସ୍‌ଲାମାବାଦ, ୭।୧୧ (ଆଇଏଏନ୍‌ଏସ୍)

କର୍‌ତାରପୁର କରିଡରକୁ ନେଇ ପାକିସ୍ତାନ ସରକାରଙ୍କ ନୂଆ ଘୋଷଣା ଲୋକଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। କର୍‌ତାରପୁର ଗୁରୁଦ୍ୱାର ଆସିବା ଲାଗି ଭାରତୀୟ ତୀର୍ଥଯାତ୍ରୀଙ୍କର ପାସ୍‌ପୋର୍ଟ ଆଣିବା ଆବଶ୍ୟକ ନାହିଁ ବୋଲି ପାକ୍ ବହିର୍ବ୍ୟାପାର କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏଥିସହିତ ୧୦ ଦିନ ଆଗରୁ ତୀର୍ଥଯାତ୍ରୀମାନଙ୍କ ନାଁ ଘୋଷଣା କରିବା ଆବଶ୍ୟକ ନାହିଁ। କରିଡର ଉଦ୍‌ଘାଟନ ଅବସରରେ ୯ ଓ ୧୦ ତାରିଖରେ ତୀର୍ଥଯାତ୍ରୀଙ୍କ ୨୦ ଡଲାର ସେବା ଟିକସକୁ ଛାଡ଼ କରାଯାଇଥିବା ବହିର୍ବ୍ୟାପାର ବିଭାଗ ମୁଖପାତ୍ର ମହମ୍ମଦ ଫୈଜଲ କହିଛନ୍ତି। ଅନ୍ୟପକ୍ଷରେ



### କର୍‌ତାରପୁର କରିଡର

କର୍‌ତାରପୁର ସାହିବ୍ ଗୁରୁଦ୍ୱାର ଆସିବାକୁ ଚାହୁଁଥିବା ଭାରତୀୟ ତୀର୍ଥଯାତ୍ରୀଙ୍କୁ ପାସ୍‌ପୋର୍ଟ ଆଣି ଆସିବାକୁ ପଡିବ ବୋଲି ପାକ୍ ସେନା ପକ୍ଷରୁ କୁହାଯାଇଛି। ଇଣ୍ଟରସର୍ଭିସେସ୍ ପବ୍ଲିକ୍ ରିଲେଶନ୍ସର ମହାନିର୍ଦ୍ଦେଶକ ମେଜର ଜେନେରାଲ ଅସିଫ୍ ଗଫୁର ଟୁଇଟ୍ କରି ଏହା ଜଣାଇଛନ୍ତି। କର୍‌ତାରପୁର ଆସିବାକୁ ଚାହୁଁଥିବା ଭାରତୀୟ ଶିଖ୍‌ଙ୍କ ପାଇଁ ପାସ୍‌ପୋର୍ଟ ଆବଶ୍ୟକ ନାହିଁ ବୋଲି ପୂର୍ବରୁ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ କହିଥିଲେ। ରାଜନେତା ନବଜୋତ୍ ସିଂ ସିଦ୍ଧୁ କର୍‌ତାରପୁର ଯିବା ଲାଗି ପାକିସ୍ତାନ ଭିଜା ଜାରି କରିଥିବା ଏହାର ବହିର୍ବ୍ୟାପାର ବିଭାଗ ମୁଖପାତ୍ର କହିଛନ୍ତି।

ଶନିବାର କର୍‌ତାରପୁର କରିଡର ଉଦ୍‌ଘାଟନ ହେବାକୁ ଯାଉଥିଲାବେଳେ ପାକିସ୍ତାନର ଭିନ୍ନ ଭିନ୍ନ ଘୋଷଣାକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଥିବା ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର କହିଛନ୍ତି। ତେଣୁ କରିଡରକୁ ନେଇ ସ୍ୱାକ୍ଷରିତ ହୋଇଥିବା ଦ୍ୱିପାକ୍ଷିକ ବୁଝାମଣା ଅନୁଯାୟୀ ଭାରତ ସରକାର କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି।




# ସରକାର ଗଠନ ବିଳମ୍ବିତ

ମୁମ୍ବାଇ,୭।୧୧

ମହାରାଷ୍ଟ୍ରରେ ସରକାର ଗଠନ ବିଳମ୍ବିତ ହୋଇଛି। ତ୍ରୟୋଦଶ ବିଧାନସଭା ଅବଧି ଶେଷ ହେବା ପାଇଁ ୨୪ ଘଣ୍ଟାରୁ କମ୍ ସମୟ ବାକି ଥିବାବେଳେ କେଉଁ ଦଳ ବା ମେଣ୍ଟ କ୍ଷମତାର ଡୋରି ଧରିବ ତାକୁ ନେଇ କିଛି ସ୍ପଷ୍ଟ ହୋଇନାହିଁ। ଏଭଳି ସମୟରେ ଭାଜପା ଜାଣିଶୁଣି ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ପାଇଁ ସ୍ଥିତି ସୃଷ୍ଟି କରୁଛି ବୋଲି ଶିବସେନା ପକ୍ଷରୁ ଅଭିଯୋଗ କରାଯାଇଛି। ସେପଟେ ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କୁ ଭେଟି ସମ୍ଭାବ୍ୟ ସାମ୍ବିଧାନିକ ସଙ୍କଟ ପରିପ୍ରେକ୍ଷୀରେ ବିଳମ୍ବଜନିତ ଆଇନଗତ ଦିଗ ସମ୍ପର୍କରେ ଆଲୋଚନା କରିଛି।

ସରକାର ଗଠନ ନେଇ ଦୁଇ ସହଯୋଗୀ ଭାଜପା ଓ ଶିବସେନା ମଧ୍ୟରେ ଟଣାଓଟରା ଲାଗିରହିଛି। କେହି କାହାକୁ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ନାରାଜ। ଶୁକ୍ରବାର ବିଧାନସଭାର କାର୍ଯ୍ୟକାଳ ଶେଷ ହେଉଥିବାବେଳେ ଏହାର ଦିନକ ପୂର୍ବରୁ ଦୁଇ ଦଳ ପକ୍ଷରୁ କରାଯାଇଛି ଶେଷ କସରତ। ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ନିଜ ବାସଭବନରେ ଦଳୀୟ ବିଧାୟକମାନଙ୍କୁ ମନ୍ତ୍ରଣା ଦେବା ପରେ ସେମାନଙ୍କୁ ବାନ୍ଦ୍ରାର ଏକ ହୋଟେଲକୁ ନିଆଯାଇଛି। ସେପଟେ ରାଜ୍ୟ ଭାଜପା ମୁଖ୍ୟ ଚନ୍ଦ୍ରକାନ୍ତ ପାଟିଲ ଏବଂ ମନ୍ତ୍ରୀ ସୁଧୀର ମୁଙ୍ଗନ୍ତିୱାର ଓ ଗିରୀଶ ମହାଜନ ରାଜ୍ୟପାଳଙ୍କୁ ଭେଟିଛନ୍ତି।



ମହାରାଷ୍ଟ୍ର ରାଜଭବନରେ ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କୁ ଭେଟୁଛନ୍ତି ରାଜସ୍ୱମନ୍ତ୍ରୀ ଚନ୍ଦ୍ରକାନ୍ତ ପାଟିଲ, ଅର୍ଥମନ୍ତ୍ରୀ ସୁଧୀର ମୁଙ୍ଗନ୍ତିୱାର ଓ ବରିଷ୍ଠ ଭାଜପା ନେତାମାନେ।



ଶିବସେନା ବୈଠକ ପରେ ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ସଞ୍ଜୟ ରାଉତ୍ ।

ସରକାର ଗଠନରେ ବିଳମ୍ବ ହୋଇଥିବା ଚନ୍ଦ୍ରକାନ୍ତ ସ୍ୱୀକାର କରିବା ସହ ପରବର୍ତ୍ତୀ କାର୍ଯ୍ୟପନ୍ଥା ନେଇ ଦଳର ନେତାଙ୍କ ସହ ଆଲୋଚନା କରାଯିବ ବୋଲି କହିଛନ୍ତି।

ଏନେଇ ବରିଷ୍ଠ ଶିବସେନା ନେତା ସଞ୍ଜୟ ରାଉତ୍ କହିଛନ୍ତି, ରାଜ୍ୟପାଳଙ୍କୁ ଭେଟିଥିବା ଭାଜପା ନେତାମାନେ ସରକାର ଗଠନ ପାଇଁ ଦାବି କାହିଁକି ଜଣାଇଲେ ନାହିଁ। ସେମାନେ ଖାଲିହାତରେ କାହିଁକି ଫେରିଲେ। ଭାଜପା ସରକାର ଗଠନ ପ୍ରକ୍ରିୟାକୁ ବିଳମ୍ବିତ କରି ରାଷ୍ଟ୍ରପତି ଶାସନ ଜାରି ପାଇଁ ସ୍ଥିତି ସୃଷ୍ଟି କରୁଛି। ଭାଜପା ସରକାର ଗଠନ ପାଇଁ ନିଜ ଅକ୍ଷମତା ଘୋଷଣା କଲେ ଶିବସେନା ପରବର୍ତ୍ତୀ ପଦକ୍ଷେପ ନେବ। ଶିବସେନାର ଆଭିମୁଖ୍ୟରେ କିଛି ପରିବର୍ତ୍ତନ ଆସିନାହିଁ।

### ମହାରାଷ୍ଟ୍ରରେ ମହା ଡ୍ରାମା

- ଭାଜପା ରାଷ୍ଟ୍ରପତି ଶାସନ ସ୍ଥିତି ସୃଷ୍ଟି କରୁଛି: ଶିବସେନା
- ସରକାର ଗଠନ ସହ ଆର୍‌ଏସ୍‌ଏସ୍ ମୁଖ୍ୟଙ୍କୁ ଯୋଡ଼ନାହିଁ: ଗଡ଼କରୀ
- ବିଳମ୍ବର ଆଇନଗତ ଦିଗକୁ ନେଇ ରାଜ୍ୟପାଳଙ୍କୁ ଭେଟିଲା ଭାଜପା

ଆମ ଦଳରୁ ହିଁ ମୁଖ୍ୟମନ୍ତ୍ରୀ ହେବେ। ଆମ ପାଖରେ ସଂଖ୍ୟାବଳ ଅଛି, ଯାହାକି ବିଧାନସଭାରେ ଜଣାପଡ଼ିବ ବୋଲି ରାଉତ୍ କହିଛନ୍ତି। ଏହା ପୂର୍ବରୁ ସରକାର ଗଠନ ପାଇଁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ଓ ଉଦ୍ଧବ ଠାକ୍‌ରେଙ୍କ ମଧ୍ୟରେ ଆଲୋଚନା ଚାଲିଥିବା ନେଇ ଚର୍ଚ୍ଚା ଜୋର୍ ଧରିଥିବାବେଳେ ରାଉତ୍ ଏହାକୁ ଖଣ୍ଡନ କରିଥିଲେ। ଏହି ପ୍ରସଙ୍ଗରେ ନାଗପୁରରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି, ମହାରାଷ୍ଟ୍ରରେ ସରକାର ଗଠନ ପ୍ରକ୍ରିୟା ସହ ଆର୍‌ଏସ୍‌ଏସ୍ ମୁଖ୍ୟଙ୍କୁ ଯୋଡ଼ାଯିବା ଅନୁଚିତ। ସେ ମୁଖ୍ୟମନ୍ତ୍ରୀ ହେବା ନେଇ ଚର୍ଚ୍ଚାକୁ ଗଡ଼କରୀ ଖଣ୍ଡନ କରିବା ସହ ଖୁବ୍ ଶୀଘ୍ର ନିଷ୍ପତ୍ତି ନିଆଯିବ ଓ ଫଡ଼ନବିସ ହିଁ ମୁଖ୍ୟମନ୍ତ୍ରୀ ହେବେ ବୋଲି କହିଛନ୍ତି। ଇତିମଧ୍ୟରେ ରାଜ୍ୟର ଆଡ୍‌ଭୋକେଟ ଜେନେରାଲ ଆଶୁତୋଷ କୁମ୍ଭାକୋନି ରାଜଭବନରେ ରାଜ୍ୟପାଳଙ୍କୁ ଭେଟି ଆଇନଗତ ଓ ସାମ୍ବିଧାନିକ ପ୍ରସଙ୍ଗଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିବା ଜଣାପଡ଼ିଛି।



ଅଳ୍ପ ବୟସରେ ଯଦି ଜଣେ ଉଦୀୟମାନ ଯୁବକ ମରିଗଲା, ତେବେ ଜାଣିବ ଯେ ସେ ଈଶ୍ୱରଙ୍କର ଅତି ପ୍ରିୟ ଥିଲା ଓ ଈଶ୍ୱରଙ୍କ ଡାକରାରେ ଚାଲିଗଲା।

- ମେନାଣ୍ଡର



©Dharitri

# ‘ସୁସ୍ଥ ଓଡ଼ିଶା ଲକ୍ଷ୍ୟ ହାସଲରେ ସହାୟକ ହେବ’

## ଆରମ୍ଭ ହେଲା ଡିଷ୍ଟ୍ରିକ୍ଟ ପାଲିଆଟିଭ୍ କେୟାର ପ୍ରୋଗ୍ରାମ

ଭୁବନେଶ୍ୱର, ୭।୧୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗୁରୁବାର ଡିଷ୍ଟ୍ରିକ୍ଟ ପାଲିଆଟିଭ୍ କେୟାର ପ୍ରୋଗ୍ରାମ (ଡିପିସିପି) ଲୋକସେବା ଭବନରୁ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟର ଶୁଭାରମ୍ଭ ସମୟରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ସମସ୍ତ ଜିଲାର ଜିଲାପାଳ ଏବଂ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ)ଙ୍କ ସହ ଆଲୋଚନା କରାଯାଇଥିଲା। ଏହି ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମ ରାଜଧାନୀସ୍ଥିତ କ୍ୟାପିଟାଲ ହସ୍ପିଟାଲ ଏବଂ ସୁନ୍ଦରଗଡ ଜିଲା ରାଉରକେଲା ଆରଜିଏଚ୍‌ରେ ମଧ୍ୟ କାର୍ଯ୍ୟକାରୀ ହେବ। ପ୍ରତି ଜିଲା ମୁଖ୍ୟ ଚିକିତ୍ସାଳୟରେ ୬ ଶଯ୍ୟା ବିଶିଷ୍ଟ ଡିପିସିପି ସେବା କାର୍ଯ୍ୟକାରୀ କରାଯିବ। ଏହି କାର୍ଯ୍ୟକ୍ରମ ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ୧୦ ଜିଲା ପକ୍ଷରୁ ୧୦.୨୫ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା କରାଯାଇସାରିଛି। ୩୯ ଜଣ ମେଡିକାଲ ଅଫିସର ଏବଂ ୪୨ ଜଣ ନର୍ସିଂ ଷ୍ଟାଫ ଏଥିପାଇଁ ପ୍ରଶିକ୍ଷିତ ହୋଇସାରିଥିବା ଜଣାପଡିଛି।

ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା ଲକ୍ଷ୍ୟ ହାସଲରେ ଏହି ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମ ସହାୟକ ହେବ। ଆଗାମୀ ଦୁଇ ମାସ ମଧ୍ୟରେ ନବରଙ୍ଗପୁର ଜିଲାରୁ ଗୃହଭିତ୍ତିକ ସ୍ୱାସ୍ଥ୍ୟ ସେବା ଆରମ୍ଭ କରାଯିବ। ପରବର୍ତ୍ତୀ ସମୟରେ ଏହା ଜିଲାରେ ମଧ୍ୟ କାର୍ଯ୍ୟକାରୀ କରାଯିବ। ବିଶେଷ କରି କ୍ଲୋନିକ୍ କିଡ୍‌ନୀଜନିତ ସମସ୍ୟା, ଷ୍ଟ୍ରୋକ୍, କାର୍ଡିଓ ଭାସକୁଲାର ରୋଗ, ହେମିପ୍ଲେଗିଆ, ପାରାଲିସିସ୍, ଏଚ୍‌ଆଇଭି /ଏଡ୍ସ ପ୍ରଭୃତି ଚିକିତ୍ସା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଡିପିସିପି କାର୍ଯ୍ୟକ୍ରମ ଜରିଆରେ ଡାକ୍ତରଖାନାକୁ ଆସୁଥିବା ଏବଂ ଆସୁ ନ ଥିବା ରୋଗୀଙ୍କ ଚିକିତ୍ସା କରାଯିବ। ବିଶେଷ କରି ଇନ୍-ପେସେଣ୍ଟଙ୍କ (ଆନ୍ତଃବିଭାଗ ରୋଗୀ) ସ୍ୱାସ୍ଥ୍ୟଗତ ସଚେତନତା, ନିଜର ଯତ୍ନ ନେବାର ଉପାୟ, ମାଗଣା ଔଷଧ ବଣ୍ଟନ, ମାଗଣା ଫିଜିଓଥେରାପି ଏବଂ କାଉନସେଲିଂ, ଆଧ୍ୟାତ୍ମିକ ଆୟୁର୍ବେଦ ସେବା, ସୁଷମ ଖାଦ୍ୟ ସମ୍ପର୍କିତ ସଚେତନତା ସହ ଜରୁରିକାଳୀନ ସହାୟତା ପ୍ରଦାନ କରାଯିବ। ସେହିଭଳି ଆଉଟ୍-ପେସେଣ୍ଟ (ବହିଃ ବିଭାଗ) ସେବାରେ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସହ ରୋଗ ସମ୍ପର୍କିତ ନିୟମିତ ଆଲୋଚନା, ମାଗଣା ଔଷଧ, ରୋଗୀଙ୍କ ସମେତ ପରିବାରଙ୍କ କାଉନସେଲିଂ ଏବଂ ବିଭିନ୍ନ ସମ୍ବେଦନଶୀଳ ରୋଗରେ ଉନ୍ନତମାନର ରେଫେରାଲ ସେବା ଯୋଗାଇ ଦିଆଯିବ। ଉଲ୍ଲେଖଯୋଗ୍ୟ, ୨୦୧୭ରେ ଜିଲାସ୍ତରୀୟ କର୍କଟ ପ୍ରତିକାର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହା ଦ୍ୱାରା ୩୦,୦୦୦ କର୍କଟ ରୋଗୀଙ୍କ କାଉନସେଲିଂ କରାଯାଇଥିଲା। ୧୪,୦୦୦ ରୋଗୀ କେମୋଥେରାପି ଗ୍ରହଣ କରିଥିଲେ। ଏହାକୁ ବାଦ୍ ଦେଲେ ବିଏସ୍‌କେୱାଇ ଜରିଆରେ ଓଡ଼ିଶା ସରକାର ୮୪ ପ୍ରକାର କର୍କଟ ପ୍ରତିରୋଧକ ଔଷଧ ସେବା ଯୋଗାଇ ଦେଉଛନ୍ତି। ପ୍ରତ୍ୟେକ ଜିଲାରେ ଉନ୍ନତ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀ ହିଁ ଏହି କାର୍ଯ୍ୟକ୍ରମରେ ସେବା ଯୋଗାଇ ଦେବେ। ସେବା ମାନ ନେଇ ମଧ୍ୟ ନିୟମିତ ବ୍ୟବଧାନରେ କାଉନସେଲିଂ କରାଯିବ। ସର୍ବୋପରି ସବୁ ସମୟରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ଆଗାମୀ ଦିନରେ କର୍କଟ ରୋଗ ସେବା କ୍ଷେତ୍ରରେ ଓଡ଼ିଶା ବିଶ୍ୱ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ ବୋଲି ରାଜ୍ୟ ସରକାରଙ୍କ ପରାମର୍ଶଦାତା (କର୍କଟ ରୋଗ ସେବା) ଡକ୍ଟର ଦିଲୀପ ପେଣ୍ଡାରକର ମତ ରଖିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମ ସମ୍ପର୍କିତ ଲୋଗୋ ଉନ୍ମୋଚନ ସମୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ, ସିଏମ୍‌ଓ ମୁଖ୍ୟ ପରାମର୍ଶଦାତା ଆର୍. ବାଲକ୍ରିଷ୍ଣନ, ସ୍ୱାସ୍ଥ୍ୟ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦା ପ୍ରମୁଖ ଉପସ୍ଥିତ ରହିଥିଲେ।



ଡିଷ୍ଟ୍ରିକ୍ଟ ପାଲିଆଟିଭ୍ କେୟାର ପ୍ରୋଗ୍ରାମ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ପଦାଧିକାରୀମାନେ।

- ପ୍ରତି ଜିଲା ମୁଖ୍ୟାଳୟ ସହ କ୍ୟାପିଟାଲ, ଆରଜିଏଚ୍‌ରେ ହେବ କାର୍ଯ୍ୟକାରୀ
- ନବରଙ୍ଗପୁର ଜିଲାରୁ ଆରମ୍ଭ ହେବ ଗୃହଭିତ୍ତିକ ସ୍ୱାସ୍ଥ୍ୟସେବା

# ଝିଅକୁ ଧରି ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ

ରାୟଗଡ଼ା ଅଫିସ,୭।୧୧

ଦୁଇମାସର ଶିଶୁ କନ୍ୟାକୁ ଧରି ଜଣେ ମହିଳା ମାଓବାଦୀ ଗୁରୁବାର ରାୟଗଡ଼ା ଏସ୍‌ପିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ତାଙ୍କ ନାମ ହେଲା ପାର୍ବତୀ ଓରଫ୍ ରିଙ୍କି(୨୭)। ଛତିଶଗଡ଼ର ବିଜାପୁର ଜିଲା ମାର୍ଥୁ ଥାନା ଅଧୀନ ୱାଚମ ଗାଁରେ ତାଙ୍କ ଘର। ତାଙ୍କ ନାଁରେ ୧ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଥିଲା।

- ଘୁମୁସର ଦଲମ୍‌ର ସଦସ୍ୟ ଥିଲେ ପାର୍ବତୀ
- ମୁଣ୍ଡ ଉପରେ ଥିଲା ୧ଲକ୍ଷ ଟଙ୍କା ପୁରସ୍କାର

ସୂଚନା ଅନୁଯାୟୀ, ପାର୍ବତୀ ବାଂଶଧାର-ଘୁମୁସର-ନାଗାବଳୀ ଡିଭିଜନର ଘୁମୁସର ଦଲମ୍‌ରେ ଆଠ ବର୍ଷ ଧରି କାମ କରୁଥିଲେ। ତାଙ୍କ ସ୍ୱାମୀ ରାଜୁ ସିପିଆଇ ମାଓବାଦୀ ସଂଗଠନର କେନ୍ଦ୍ରୀୟ କମିଟି ସଦସ୍ୟ ଭାବେ କାମ କରୁଛନ୍ତି। ସଙ୍ଗଠନରେ ମହିଳାମାନଙ୍କୁ ହୀନଦୃଷ୍ଟିରେ ଦେଖାଯାଉଛି। ସେମାନଙ୍କୁ ଉପଯୁକ୍ତ ସମ୍ମାନ ମିଳୁନି। ଝିଅ ପୁଅଙ୍କ ଭିତରେ ଭେଦଭାବ କରାଯାଉଛି, ଝିଅଙ୍କୁ ନିଜ ମତ ରଖିବାକୁ ଦିଆଯାଉନାହିଁ, ଝିଅମାନଙ୍କ ପାଇଁ ସଙ୍ଗଠନ ପକ୍ଷରୁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ। ସେମାନଙ୍କୁ ସୁରକ୍ଷା ମଧ୍ୟ ଦିଆଯାଉନି। ସେ ଗର୍ଭବତୀ ଥିବାବେଳେ ସଙ୍ଗଠନ ତାଙ୍କୁ ଜଙ୍ଗଲରେ ଏକା ଛାଡି ଚାଲି ଯାଇଥିଲା। ମାଓବାଦୀଙ୍କ ଆଦର୍ଶ ମଧ୍ୟ ଆଗ ଭଳି ଆଉ ନାହିଁ। ଏ ସବୁରେ ଅତିଷ୍ଠ ହୋଇ ସଙ୍ଗଠନ ଛାଡିଛି ବୋଲି ପାର୍ବତୀ ପୋଲିସ ଆଗରେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ପାର୍ବତୀ ରାୟଗଡ଼ା ଜିଲା କଡ୍ରାକାବାନ୍ଦିଲି ବିସ୍ଫୋରଣ, ଧାମନପଙ୍ଗ ବିସ୍ଫୋରଣ, ଡଙ୍ଗାମତି ବିସ୍ଫୋରଣ, ଜରପାରେ ଏସ୍‌ଓଜି ଟିମ୍ ଉପରେ ଆକ୍ରମଣ, ଡିଭିଏଫ ଯବାନଙ୍କ ମୃତ୍ୟୁ ଘଟଣା, କଳାହାଣ୍ଡି ଜିଲା ପାହାପଦର ଗ୍ରାମର ରାଜେନ୍ଦ୍ର ସାହୁଙ୍କୁ ହତ୍ୟା, ବାବୁପଦର ଗାଁର ଭୀମ ଦୋରାଙ୍କୁ ହତ୍ୟା, ବଣ୍ଡାକଲି ଗାଁରେ ପୋଲିସ ଏବଂ ମାଓବାଦୀଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟ ଘଟଣାରେ ସମ୍ପୃକ୍ତ ଥିବା ଏସ୍‌ପି ସର୍ବଣା ବିବେକ ଏମ୍. ସୂଚନା ଦେଇଛନ୍ତି।

# କ୍ୟାପିଟାଲ ହସ୍‌ପିଟାଲରେ ହେବ ହାର୍ଟ ସର୍ଜରୀ

ଭୁବନେଶ୍ୱର, ୭।୧୧(ବ୍ୟୁରୋ)

କ୍ୟାପିଟାଲ ହସ୍‌ପିଟାଲରେ ହାର୍ଟ ସର୍ଜରୀ ବିଭାଗ ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୨୦୨୦ ଜାନୁୟାରୀ ୧୫ ସୁଦ୍ଧା ଏହାକୁ କାର୍ଯ୍ୟକ୍ଷମ କରିବାକୁ ଚେଷ୍ଟା କରାଯାଉଛି। ଏହି ମର୍ମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକରୁ ଜଣାପଡ଼ିଛି ଯେ ସାଧାରଣ ଲୋକଙ୍କୁ ଉନ୍ନତ ମାନର ହାର୍ଟ କେୟାର ସୁବିଧା ଯୋଗାଇଦେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ଡାକ୍ତର ଓ ପାରାମେଡିକାଲ୍ ଷ୍ଟାଫ୍ ନିଯୁକ୍ତ କରିବା ପାଇଁ ସରକାର ଉଦ୍ୟମ କରୁଛନ୍ତି। ସରକାରୀ ବିଧି ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଘଟିଛି। ଏହା ସହିତ ୧୫ ଜଣ ନର୍ସଙ୍କୁ ଆଇସିୟୁ ମ୍ୟାନେଜ୍‌ମେଣ୍ଟ ଟ୍ରେନିଂ ଦେବା ପାଇଁ ସରକାର ଚିନ୍ତା କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ୩୦ ଶଯ୍ୟା ବିଶିଷ୍ଟ କାର୍ଡିଆକ୍ କେୟାର ୟୁନିଟ୍ ଆରମ୍ଭ କରିବାକୁ ସରକାର ଯୋଜନା କରିଛନ୍ତି। ସେଥି ମଧ୍ୟରୁ ୧୫ଟି ପୁରୁଷ ରୋଗୀ ଓ ୧୫ଟି ମହିଳା ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ହେବ। ଏଥି ସହିତ ୧୦ ଜଣ ହାଉସ୍‌କିପିଙ୍ଗ୍ ଷ୍ଟାଫ୍‌ଙ୍କ ସହ କ୍ୟାଥ୍‌ଲ୍ୟାବ୍, ଇସିଜି, ଇକୋ, ଟିଏମ୍‌ଟି ଟେକ୍‌ନିସିଆନ୍ ନିଯୁକ୍ତି ଦେବା ପାଇଁ ସରକାର ସ୍ଥିର କରିଛନ୍ତି। ଏହା ସହିତ ସଂକ୍ରମଣ ରୋକିବା ପାଇଁ ଷ୍ଟେରିଲାଇଜେସନ୍ ଉପରେ ଧ୍ୟାନ ଦେଉଛନ୍ତି। ଏହି ଅବସରରେ ଡିଏମ୍‌ଇଟିଙ୍କୁ ସମସ୍ତ ଦିଗକୁ ଦୃଷ୍ଟିରେ ରଖି ଉଚ୍ଚ ମାନର ହାର୍ଟ କେୟାର ୟୁନିଟ୍ ପାଇଁ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରି ସରକାରଙ୍କୁ ଖୁବ୍ ଶୀଘ୍ର ପ୍ରସ୍ତାବ ଦେବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ସତ୍ୟସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାୟର ମେଡିକାଲ୍ ସାଇନ୍ସ, ବେଙ୍ଗାଲୁରୁ ଓ ପୁଟପର୍ତ୍ତି ହସ୍‌ପିଟାଲ୍‌ର କାର୍ଡିଆକ୍ ସାଇନ୍ସେସ୍ ବିଭାଗର ଅଧ୍ୟକ୍ଷ ଡା. ପ୍ରଭାତ କୁମାର ଦାସ ଏହି ଅବସରରେ ହାର୍ଟ କେୟାର ୟୁନିଟ୍‌କୁ ଆସନ୍ତା ଜାନୁଆରୀ ୧୫ ମଧ୍ୟରେ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।



+ FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: SAMBALPUR: Kishore TVS, Ph: 9778371171. BOLANGIR: Rajlaxmi TVS, Ph: 918260437538. BARGARH: Subhamm TVS, Ph: 8860625628. BHAWANIPATNA: Barun TVS, Ph: 8260430746; ROURKELA: Unique TVS, Ph: 8114372182, 8114372181, Gurugobind TVS, Ph: 9776280601, 9437203299; JHARSUGUDA: Gunnu TVS, Ph: 8586977624; SONEPUR: Minerva TVS, Ph: 6370700730, 6370700732. Authorised Dealers: Rengali, Ph: 9437052831; Deogarh, Ph: 9437392892; Charbahal, Ph: 9853406294; Junagarh, Ph: 9437092284, 9437939586; Nuapara, Ph: 9937653638; Raj Khariar, Ph: 9439144433; Muniguda, Ph: 9583860028; Dharmagarh, Ph: 9938883405; Kutra, Ph: 6370312667, 7796501441; Belpahar, Ph: 9238581791; Binka, Ph: 7894255589; Attabira, Ph: 9853157276; Barpali, Ph: 9777703149; Patnagarh, Ph: 9938621078; Dungripally, Ph: 9937926986; Sundergarh, Ph: 06622-274361, 9437139011; Rajgangpur, Ph: 9861265188; San Balichuan, Ph: 8658502167; Khariar Road, Ph: 9938098888; Sohela, Ph: 9938739550; Thuvapali, Ph: 9937452169; Bhatli, Ph: 9090140103; Titlagarh, Ph: 9438096285; Boudh, Ph: 9439238768; Kantabanji, Ph: 9437210599; Gaisilat, Ph: 9937408645; Jaipatna, Ph: 9178280401;Padampur, Ph: 9938110070; Sambalpur, Ph: 9337016000; Bamra, Ph: 9437535172; Kuchinda, Ph: 9437058129; Tarbha: Ph: 9439135679; Redhakhol: Ph: 7978349822; Saintala: Ph: 9853781372; Gaisilat, Ph: 7683848645, Kantapali, Ph: 8342939695; Paikmal, Ph: 9938119999, 9777822622; Laikera, Ph: 9938465363 Bheden, Ph: 7008024042, 7008822177; Godbhaga, Ph: 6372444931, 6372445813; Bangamunda, Ph: 9937526500; Tusura, Ph: 9437890955, 9439581200; Bandhabahal, Ph: 6371909005; Bagdehi, Ph: 7008977491; Udanbandh, Ph: 7326042333, 7326042335; Lathor, Ph: 7008086417; Kantamal, Ph: 7008225996.
dentsuindia/dha sam/44/19

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୮ ନଭେମ୍ବର, ୨୦୧୯



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।

- ସାମୁଏଲ୍ ଜନ୍‌ସନ




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



କାର୍ତ୍ତିକ୍
ପରିବାରବର୍ଗ



ପ୍ରିତମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### ଶିକ୍ଷୟିତ୍ରୀଙ୍କୁ ଯୌନ ନିର୍ଯାତନା ଘଟଣା

# ଅଭିଯୋଗ ଭିତ୍ତିହୀନ: ମନ୍ତ୍ରୀ

ବାଲିଆପାଳ, ୭।୧୧(ସ୍ୱ.ପ୍ର./ଡି.ଏନ.ଏ.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଜାଠିଆଠାରେ ଥିବା ଏକ ହାଇସ୍କୁଲର ଜନୈକା ଶିକ୍ଷୟିତ୍ରୀଙ୍କୁ ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଯୌନ ନିର୍ଯାତନା ଦେବା ଘଟଣା ପଦାକୁ ଆସିବା ପରେ ଗତ ତିନି ଦିନ ହେଲା ଗଣମାଧ୍ୟମରେ ଚର୍ଚ୍ଚା ଲାଗି ରହିଥିଲା। ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାସ ତୁରନ୍ତ ଏହାର ତଦନ୍ତ କରି ବୁଧବାର ସନ୍ଧ୍ୟା ସୁଦ୍ଧା ରିପୋର୍ଟ ଦେବାକୁ ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଶିକ୍ଷାଧିକାରୀଙ୍କ ତଦନ୍ତ ରିପୋର୍ଟ ପାଇବା ପରେ ଶିକ୍ଷୟିତ୍ରୀଙ୍କ ଅଭିଯୋଗର ସତ୍ୟାସତ୍ୟ ନ ଥିବା ଗଣଶିକ୍ଷାମନ୍ତ୍ରୀ ଗୁରୁବାର ପ୍ରକାଶ କରିଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଏବଂ ଅନ୍ୟଜଣେ ସହକାରୀ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଏହି ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସଂସ୍କୃତ ଶିକ୍ଷୟିତ୍ରୀଙ୍କୁ ଦୀର୍ଘଦିନ ହେଲା ଶାରୀରିକ, ମାନସିକ ଓ ଯୌନ ନିର୍ଯାତନା ଦେଇ ଆସୁଥିଲେ ବୋଲି ଶିକ୍ଷୟିତ୍ରୀ ଜଣକ ବାଲିଆପାଳ ଥାନା ଓ ଜିଲା ଶିକ୍ଷାଧିକାରୀଙ୍କଠାରେ ଅଭିଯୋଗ କରିଥିଲେ। ଏହି ଘଟଣା ବାହାରେ ପ୍ରକାଶ ନ କରିବାକୁ ତାଙ୍କୁ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଓ ଅନ୍ୟଜଣେ ସହକାରୀ ଶିକ୍ଷକ ଧମକଚମକ ଦେଇଥିବା ଶିକ୍ଷୟିତ୍ରୀଜଣକ ଅଭିଯୋଗରେ ଦର୍ଶାଇଥିଲେ। ଦୀର୍ଘ ଦିନ ଧରି ଏହାର କୌଣସି ତଦନ୍ତ ନ ହେବାରୁ ସେ ବାଧ୍ୟ ହୋଇ ବିଭିନ୍ନ ଗଣମାଧ୍ୟମରେ ସମସ୍ତ କଥା ପ୍ରକାଶ କରିଥିଲେ। ଗଣମାଧ୍ୟମରେ ଏହି ଖବର ବାରମ୍ବାର ପ୍ରଚାରିତ ହେବା ପରେ ଶିକ୍ଷା ବିଭାଗ ଏବଂ ପୋଲିସ ତତ୍ପର ହୋଇପଡିଥିଲା।

### ପରିସ୍ଥିତି ଶାନ୍ତ ପାଇଁ ଦୁଇ ଶିକ୍ଷକଙ୍କ ବଦଳି

ଗଣଶିକ୍ଷାମନ୍ତ୍ରୀଙ୍କ ନିର୍ଦ୍ଦେଶ ପାଇ ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶରେ ବାଲିଆପାଳ ବିଇଓ ନାରାଅଭିୟଣ ଦାସ ଏବଂ ପ୍ରଧାନଶିକ୍ଷୟିତ୍ରୀ ରେବତୀ ଜେନା ମିଳିତ ଭାବେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଆଣିଥିବା ଯୌନ ନିର୍ଯାତନା ଅଭିଯୋଗର ସତ୍ୟତା ନାହିଁ, ଏହା କପୋଳକଳ୍ପିତ ବୋଲି ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ କହିଛନ୍ତି, ଅଭିଯୋଗ ପାଇ ତଦନ୍ତ କରାଯାଇଥିଲା। ତଦନ୍ତରେ ଘଟଣା ସମ୍ପର୍କରେ କୌଣସି ସତ୍ୟାସତ୍ୟ ମିଳି ନ ଥିବାବେଳେ ଉଭୟ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ମଧ୍ୟରେ ମନୋମାଳିନ୍ୟ କାରଣରୁ ବିଭିନ୍ନ ସମସ୍ୟା ଉପୁଜିଥିଲା। ବିଦ୍ୟାଳୟର ହିତ ଦୃଷ୍ଟିରୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିଭୂତି ପାଢ଼ୀ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ନିମପଦାସ୍ଥିତ ନାୟକରାମଚନ୍ଦ୍ର ସ୍କୁଲ ଓ ସହକାରୀ ଶିକ୍ଷକଙ୍କୁ ଛଡ଼ାସ୍ଥିତ ଆର୍‌କେ ହାଇସ୍କୁଲକୁ ବଦଳି କରିଛନ୍ତି।

## ୮୪ କୋଟି ବ୍ୟୟରେ...

ସେ ସମ୍ପର୍କରେ ରୋଗୀମାନଙ୍କୁ ପଚାରି ବୁଝିଥିଲେ। ସଚିବ ଏଥିରେ ସନ୍ତୋଷ ପ୍ରକାଶ କରିବା ସହ ସ୍ୱଚ୍ଛତା ଦିଗରେ ଆଉ ଟିକିଏ ଧ୍ୟାନ ଦେବାକୁ କହିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରଶିକ୍ଷଣ କେନ୍ଦ୍ରରେ ପ୍ରଶାସନିକ ଅଧିକାରୀ ଓ ଡାକ୍ତରଙ୍କ ସହ ମୁଖ୍ୟ ଶାସନ ସଚିବ ଓ ୫-ଟି ସଚିବ ବୈଠକ କରିଥିଲେ। ଏଥିରେ ମେଡିକାଲର ସମସ୍ୟା ଓ ଏହାର କିପରି ସମାଧାନ ହୋଇପାରିବ ଆଲୋଚନା ହୋଇଥିଲା। ପରେ ଏହି ଟିମ୍ ଆହାର କେନ୍ଦ୍ରକୁ ଯାଇ ମଧ୍ୟାହ୍ନଭୋଜନ କରିଥିଲେ। ସେହି କେନ୍ଦ୍ରରେ ଭୋଜନ କରୁଥିବା ଶ୍ରମିକଙ୍କ ସହ ଆଲୋଚନା କରି ସବୁ ଦିନ ଏଭଳି ଖାଦ୍ୟ ଦିଆଯାଉଛି କି ନାହିଁ ୫-ଟି ସଚିବ ପଚାରି ବୁଝିଥିଲେ। ଏହି ଟିମ୍ ସହିତ ସମ୍ବଲପୁର ଡିଆଇଜି ହିମାଂଶୁ ଲାଲ, ସୁବର୍ଣ୍ଣପୁର ଏସ୍‌ପି ଦେବୀପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଉପଜିଲାପାଳ ବଳରାମ ମଲ୍ଲିକ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଦିଲୀପ କୁମାର ପଣ୍ଡା, ଡାକ୍ତର ପ୍ରଦୀପ କୁମାର ଗୁରୁ, ଡାକ୍ତର ଦୈତ୍ୟନାରାୟଣ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାରୁ...

## ବାଂଲାଦେଶ ମୁହାଁଇଲା...

ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସତର୍କ କରିଛି। ଏହି ଦୁଇଦିନ ପାଇଁ ବିଭାଗ ପକ୍ଷରୁ ୟେଲୋ ଏବଂ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଉପକୂଳ ଜିଲାଗୁଡିକରେ ଧାନ, ବିରି, ମୁଗ ଓ ପନିପରିବା କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ପାଚିଲା ଧାନ ଖଳାକୁ ନେଇ ଯିବାକୁ କୃଷି ବିଭାଗ ପକ୍ଷରୁ ପରାମର୍ଶ ଜାରି କରାଯାଇଛି। ବାତ୍ୟା ଯୋଗୁ ଉତ୍ତର ଓଡିଶା ଉପକୂଳବର୍ତ୍ତୀ ଜିଲାଗୁଡିକରେ କଚ୍ଚା ଘର, ଗଛ, ଲୁଣାବନ୍ଧ ଭାଙ୍ଗିବା ସହ ବିଦ୍ୟୁତ୍ ବ୍ୟବସ୍ଥା ଆଂଶିକ କ୍ଷତିଗ୍ରସ୍ତ ହେବ। ଏପରିକି କେତେକ ସ୍ଥାନରେ ବର୍ଷାଜଳରେ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହେବା ସହିତ ସମୁଦ୍ର ନିକଟବର୍ତ୍ତୀ ଜମିରେ ବ୍ୟାପକ ଫସଲ ହାନିର ସମ୍ଭାବନା ରହିଛି। ସମୁଦ୍ରକୂଳକୁ ପର୍ଯ୍ୟଟକମାନଙ୍କୁ ନ ଛାଡିବା ଲାଗି ପରାମର୍ଶ ଦିଆଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡା, ଜଗତ୍‌ସିଂହପୁର ଓ ପୁରୀ ଜିଲାର ସମସ୍ତ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରକୁ ଶୁକ୍ରବାର ଓ ଶନିବାର ଛୁଟି ଘୋଷଣା କରାଯାଇଛି। ଏଥିସହିତ ଉକ୍ତ ଜିଲାଗୁଡିକର ସମସ୍ତ ସରକାରୀ କର୍ମଚାରୀଙ୍କର ଛୁଟିକୁ ମଧ ବାତିଲ କରାଯାଇଛି। ସ୍ୱତନ୍ତ୍ର ରିଲିଫ କମିଶନର(ଏସଆରସି) ପ୍ରଦୀପ କୁମାର ଜେନା ପ୍ରଭାବିତ ହେବାକୁ ଥିବା ଜିଲାଗୁଡିକର ଜିଲାପାଳଙ୍କ ସହ ବରାବର ଯୋଗାଯୋଗରେ ରହିଛନ୍ତି। ସମସ୍ତ ପ୍ରକାର ପ୍ରତିକାରମୂଳକ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା ପ୍ରସ୍ତୁତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଏସ୍‌ଆରସି କହିଛନ୍ତି ଯେ ବାତ୍ୟା ବୁଲ୍‌ବୁଲ ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ଆଡକୁ ମୁହାଁଇଛି। ଏହାର ପ୍ରଭାବରେ ୪ଟି ଜିଲାରେ ଅଧିକ ବର୍ଷା ହେବ ବୋଲି ପାଣିପାଗ ବିଭାଗ ୟେଲୋ ୱାର୍ନିଂ ଜାରି କରିଛି। ଯଦିଓ ବାତ୍ୟା ଓଡିଶା ଉପକୂଳ ଦେଇ ଅତିକ୍ରମ କରିବ ନାହିଁ ତେବେ ବି ଏହାର ପ୍ରଭାବରେ ଉତ୍ତର ଓଡିଶାର ଉପକୂଳବର୍ତ୍ତୀ ଜିଲାଗୁଡିକରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଚାଷୀମାନେ ସେମାନଙ୍କ ଧାନକୁ ଘୋଡାଇ ରଖିବାକୁ ପରାମର୍ଶ ଦିଆଯାଇଛି। ବାତ୍ୟା ମୁକାବିଲା ନେଇ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରମୁଖ ସଚିବ ପ୍ରମୋଦ କୁମାର ମିଶ୍ରଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ ବାତ୍ୟା ଆଶଙ୍କା ଥିବା ରାଜ୍ୟଗୁଡିକ ସହିତ ଆଲୋଚନା ଜାରି ରଖିଛନ୍ତି।

## ହୋଟେଲରେ ୫୬...

ବସ୍‌ଷ୍ଟାଣ୍ଡ ନିକଟସ୍ଥ ହୋଟେଲ ରଙ୍ଗ ଶାରଦାକୁ ନିଆଯାଇଛି। ସମୁଦ୍ରକୂଳରେ ଶାନ୍ତ ପରିବେଶରେ ଥିବା ଏହି ମଧ୍ୟମ ଧରଣର ହୋଟେଲରେ ସେମାନଙ୍କୁ ଦୁଇରୁ ତିନିଦିନ ରଖାଯାଇପାରେ। ଏଠାରେ ରାତି ବିତାଇବା ପାଇଁ ରୁମ୍ ପିଛା ୩,୫୦୦ ଟଙ୍କା। ଅତି ବିଳାସପୂର୍ଣ୍ଣ ନ ହୋଇ ମଧ୍ୟମ ଧରଣର ସେବା ଉପଲବ୍ଧ ଏହି ହୋଟେଲରୁ ଅଭିନେତା ସଲମାନ୍ ଖାନ୍, ଶାହରୁଖ୍ ଖାନ୍, ରେଖା ଓ ଅନ୍ୟ କେତେଜଣ ସେଲିବ୍ରିଟିଙ୍କ ଘର ବେଶି ଦୂର ନୁହେଁ। ସାମ୍ପ୍ରତିକ ରାଜନୈତିକ ସଙ୍କଟ ଦୃଷ୍ଟିରୁ ଶିବସେନା ଏହି ହୋଟେଲକୁ ବାଛିଥିବା କୁହାଯାଉଛି। କାରଣ ବାନ୍ଦ୍ରା ଇଷ୍ଟରେ ଥିବା ଠାକ୍‌ରେ ବାସଭବନରୁ ମଧ ଏହାର ଦୂରତା ୨ କି.ମି. ଭିତରେ ହେବ। ଶିବସେନା ଭବନରୁ ୪ କି.ମି., ରାଜଭବନରୁ ୧୬ କି.ମି. ଓ ବିଧାନସଭାରୁ ୧୯ କି.ମି. ଦୂରରେ ରହିଛି ଏହି ହୋଟେଲ।

ବିଧାୟକମାନଙ୍କୁ ଅପରାହ୍ନରେ ମିନି ବସ୍‌ରେ ହୋଟେଲକୁ ନିଆଯିବା ପୂର୍ବରୁ ଶିବସେନାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ଦଳୀୟ ବିଧାୟକଙ୍କୁ ମନ୍ତ୍ରଣା ଦେବା ସମୟରୁ ସେମାନଙ୍କ ମୋବାଇଲ ଫୋନ୍ ସୁଇଚ୍ ଅଫ୍ ରହିଛି। ଏନେଇ ଦଳର ବରିଷ୍ଠ ନେତା ସଞ୍ଜୟ୍ ରାଉତ୍ କହିଛନ୍ତି, ରାଜ୍ୟର ଦୂରଦୂରାନ୍ତରୁ ବିଧାୟକମାନେ ମୁମ୍ବାଇ ଆସିଛନ୍ତି। ସାଉଥ୍ ମୁମ୍ବାଇରେ ରହିବା ପାଇଁ ସେମାନେ ହୋଟେଲ ପାଇନାହାନ୍ତି। ସେମାନଙ୍କ ଯତ୍ନ ନେବା ଆମର ଉତ୍ତରଦାୟିତ୍ୱ। ତେଣୁ ବିଧାୟକମାନଙ୍କ ଖାଇବା, ରହିବା, ସୁରକ୍ଷା ଏବଂ ଆବଶ୍ୟକ ସ୍ଥଳେ ଉପସ୍ଥିତି ଉପଲବ୍ଧ କରାଇବା ଲାଗି ଆମେ ସୁନିଶ୍ଚିତ କରୁଛୁ। ଆମର କୌଣସି ବିଧାୟକଙ୍କ ଉପରେ ଶିକାର ଭୟ ନାହିଁ ବୋଲି ରାଉତ୍ କହିଛନ୍ତି। ହୋଟେଲରେ ସନ୍ଧ୍ୟା ସୁଦ୍ଧା ବିଶେଷ ସୁରକ୍ଷା ବନ୍ଦୋବସ୍ତ କରାଯାଇ ନ ଥିଲେ ହେଁ ବିଧାୟକଙ୍କ ଗତିବିଧି ଉପରେ ଶିବ ସୈନିକ ଓ କଂଗ୍ରେସ-ଏନ୍‌ସିପି କର୍ମୀଙ୍କ କଡ଼ା ନଜର ରହିଥିବା କୁହାଯାଉଛି। ଭାଜପାକୁ ଯେପରି ଜଣେ ହେଲେ ଶିବସେନା ବିଧାୟକ ଖସି ନ ଯିବେ ସେଥିପାଇଁ ବ୍ୟବସ୍ଥା କରାଯାଇଛି। ଇତିମଧ୍ୟରେ ଶିବସେନା, କଂଗ୍ରେସ ଏବଂ ଏନ୍‌ସିପି ମଧ୍ୟରେ ସମ୍ଭାବ୍ୟ ଦଳବଦଳକାରୀଙ୍କ ବିରୋଧରେ ଅନୌପଚାରିକ ଭାବେ ଏକ ସହମତି ପ୍ରକାଶ ପାଇଛି। ଯଦି କୌଣସି ଦଳର କେହି ବିଧାୟକ ଭାଜପାରେ ମିଶନ୍ତି ତେବେ ପରବର୍ତ୍ତୀ ନିର୍ବାଚନରେ ତିନି ଦଳର ମିଳିତ ପ୍ରାର୍ଥୀ ଲଢ଼େଇ କରିବେ ଓ ତାଙ୍କୁ ମିଳିମିଶି ହରାଇବା ପାଇଁ ନିଷ୍ପତ୍ତି ହୋଇଛି।

## ଭବାନୀପାଟଣାରୁ ହାତୀଦାନ୍ତ...

ଓ ବାଘଛାଲର ଚୋରା ଚାଲାଣରେ ସକ୍ରିୟ ରହିଥିବା ଏକ ର୍‍ୟାକେଟ୍ ସମ୍ପର୍କରେ ଖବର ପାଇଥିଲା। ଏନେଇ ଗୁରୁବାର ର୍‍ୟାକେଟ୍‌କୁ ଧରିବା ଲାଗି କ୍ରାଇମବ୍ରାଞ୍ଚ୍ ଟିମ୍ ଗ୍ରାହକ ହୋଇ ସେଠାରେ ପହଞ୍ଚିଥିଲା। ଦୁଇଟି ବନ୍ୟପ୍ରାଣୀ ସାମଗ୍ରୀକୁ ମୋଟ ୮ଲକ୍ଷ ଟଙ୍କାରେ ମୂଲଚାଲ ହୋଇଥିଲା। ଏହି ସମୟରେ ସେମାନଙ୍କୁ ଧରାଯାଇଥିଲା। ଜବତ ହୋଇଥିବା ବାଘ ଚମଡ଼ା ୨୪୫ସେଣ୍ଟିମିଟର ହୋଇଥିବାବେଳେ ହାତୀଦାନ୍ତ ୫୦ସେଣ୍ଟିମିଟର ଲମ୍ବ ରହିଛି। ଗିରଫ ହୋଇଥିବା ତିନିଜଣ ହେଲେ ନର୍ଲାର ଡିଗି ଶବର ଓ ସୁକ୍ରୁ ମାଝି ଏବଂ ଛତିଶଗଡ଼ର ରବୀନ୍ଦ୍ର ସିଂହ। ଗିରଫ ତିନିଜଣଙ୍କୁ କଲରାପାଟ ବନାଞ୍ଚଳ କାର୍ଯ୍ୟାଳୟରେ ରଖାଯାଇ ଅଧିକ ପଚରାଉଚୁରା କରାଯାଉଛି। ଶୁକ୍ରବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ। ତେବେ ଛତିଶଗଡ଼ର ଜଣେ ବାସିନ୍ଦାଙ୍କୁ ଗିରଫ କରାଯାଇଥିବା ଯୋଗୁ ଏହା ଆନ୍ତଃରାଜ୍ୟ ର୍‍ୟାକେଟ୍ ଦିଗରେ ସନ୍ଦେହ କରାଯାଉଛି।

ଜବତ ହୋଇଥିବା ବାଘ ଚମଡ଼ାର ଆଖି ତଳକୁ ଏକ ବଡ଼ କଣା ହୋଇଛି। ମୁହଁରେ ଆକ୍ରମଣ ଦ୍ୱାରା ବାଘର ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ଫୋରେନ୍‌ସିକ୍ ରିପୋର୍ଟ ଆସିବା ପରେ ବାଘର ଶିକାର କିପରି ହୋଇଥିଲା ତାହା ଜଣାପଡ଼ିବ। ଚମଡ଼ା ଦେଖି ପ୍ରାୟ ୭ବର୍ଷ ଅଣ୍ଡିରା ବାଘ ବୋଲି ଅନୁମାନ କରାଯାଉଥିବା ଭବାନୀପାଟଣା ଏସିଏଫ୍ ମଳୟ ରଞ୍ଜନ କାଲୋ କହିଛନ୍ତି। ଏହି ଅପରେଶନରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ର ଡିଏସ୍‌ପି ବିଳାସିନୀ ନାୟକ, ସବ୍‌ଇନ୍‌ସପେକ୍ଟର ନଳିନୀକାନ୍ତ ଦାସ, ଜଗନ୍ନାଥ ସାହୁ, ଭବାନୀପାଟଣା ଏସିଏଫ୍ ମଳୟ ରଞ୍ଜନ କାଲୋ, ଖୋର୍ଦ୍ଧା ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ଥିଲେ। ଡବ୍ଲ୍ୟୁସିସିବି ପକ୍ଷରୁ ମଧ ଏକ ଟିମ୍ ଏଥିରେ ସାମିଲ ଥିଲେ।

ଘଟଣାରେ ତଦନ୍ତରେ ଭବାନୀପାଟଣା ବନଖଣ୍ଡ ତରଫରୁ କ୍ରାଇମବ୍ରାଞ୍ଚକୁ ସମ୍ପୂର୍ଣ୍ଣ ସହଯୋଗ କରାଯାଉଛି। ତେବେ ଶିକାର କିଏ କରୁଛି ଏବଂ ଶେଷରେ କାହା ପାଖକୁ ଛାଲ ବା ଦାନ୍ତ ଯାଉଛି, ଖୋଜି ବାହାର କରିବା ସହ ଏଭଳି ଘଟଣାଗୁଡ଼ିକରେ ସମ୍ପୃକ୍ତ ଥିବା ସବୁ ଅପରାଧୀ, ବ୍ୟବସାୟୀ, ଦଲାଲ ଆଦିଙ୍କୁ ଧରିବା ଏବଂ ଉପଯୁକ୍ତ ଦଣ୍ଡବିଧାନ କରିବା ଏକ ଚ୍ୟାଲେଞ୍ଜ ହୋଇପଡ଼ିଛି। ଗିରଫ ହୋଇଥିବା ତିନିଜଣଙ୍କୁ ଏସ୍‌ଟିଏଫ୍ ଆଗକୁ ରିମାଣ୍ଡରେ ନେଇ ପଚରାଉଚୁରା କରିବାର ଯୋଜନା ରହିଛି। ସେପଟେ ଏହି ଘଟଣାକୁ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ତୀବ୍ର ନିନ୍ଦା କରିବା ସହ ତୁରନ୍ତ ଏ ଦିଗରେ ଦୃଢ଼ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର କାମ ପାଇଁ ଅର୍ଥର ଅଭାବ ରହିବ ନାହିଁ ମାତ୍ର ବିଭିନ୍ନ ପ୍ରକାରର ସମସ୍ୟାରେ ମନ ଆନ୍ଦୋଳିତ ରହିପାରେ। ଅତୀତ ସ୍ମୃତି ରୋମନ୍ଥନ କରି କିମ୍ବା ମା'ଙ୍କ ସ୍ୱାସ୍ଥ୍ୟ ସମସ୍ୟା ହେତୁ ଭାବପ୍ରବଣ ହୋଇପାରନ୍ତି। ଖୋଜୁଥିବା ଜିନିଷ ସୁବିଧାରେ ପାଇଯିବେ। ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ପ୍ରତିଦ୍ୱନ୍ଦ୍ୱିତା ଓ ଯାତ୍ରାରୁ ସୁଫଳ ପାଇବେ।

**ବୃଷ** କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ମାଧ୍ୟମରେ ସାମୟିକ ବାଧା ସୃଷ୍ଟି କରିବ। ସାଧାରଣ କଥାରେ ମତାନ୍ତର ସହ କଥା କଟାକଟିଜନିତ ଅଶାନ୍ତ ବାତାବରଣ ସୃଷ୍ଟି ହୋଇପାରେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ର ମଧ୍ୟମ ପ୍ରକାରର ରହିବ।

**ମିଥୁନ** ପରିସ୍ଥିତି ପ୍ରତି ସଚେତନ ରହି କାମ କରିଚାଲିଲେ କୌଣସି ଅସୁବିଧା ହେବନାହିଁ। ପାରିବାରିକ ଜୀବନରେ ଉଚିତ ବୁଝାମଣା ରହିବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ଶିଳ୍ପ, ବାଣିଜ୍ୟ, କଳା ସାହିତ୍ୟ ଓ ରାଜନୈତିକ ସ୍ତରରେ ସମସ୍ୟା ସମାଧାନ ହୋଇଯିବ । ଅପରାହ୍ନରେ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ ।

**କର୍କଟ** ବର୍ତ୍ତମାନ ପାଇଁ କୌଣସି ପ୍ରକାରର ସମସ୍ୟା ନ ଥିଲେ ମଧ ଏଣୁ ତେଣୁ କଥାଗୁଡିଏ ଭାବି ମନକୁ ଭାରାକ୍ରାନ୍ତ କରିବେ। ପରିବେଶିକ କୁପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ବ୍ୟତିକ୍ରମ ମଧ୍ୟରେ ଚଳିବାକୁ ପଡ଼ିପାରେ। ବ୍ୟବସାୟ, ବନ୍ଧୁସମ୍ପର୍କ, ନୂତନ କାମରେ ଅନୁପ୍ରବେଶ ମନକୁ ସାନ୍ତ୍ୱନା ଦେବାରେ ସହାୟକ ହେବ।

**ସିଂହ** ଆକସ୍ମିକ ସମସ୍ୟାଜନିତ ଟେନ୍ସନ ସୃଷ୍ଟି ହୋଇପାରେ। କୌଣସି କାମ ମଧ ଅଟକି ନ ରହିଲେ ମଧ ମନ ବିଚଳିତ ହେତୁ ଶାନ୍ତି ଭଗ୍ନ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ନୂତନତ୍ୱ ଯୋଡ଼ି ପାରନ୍ତି। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ। ଯାତ୍ରା ସମୟରେ ପ୍ରତ୍ୟେକ କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି।

**କନ୍ୟା** କୌଣସି ସମସ୍ୟାର ଆଶଙ୍କା କରି ମନ ବିବ୍ରତ ରହିପାରେ। ବନ୍ଧୁ ମିଳନ ସଙ୍ଗକୁ ବାଣିଜ୍ୟ, ବ୍ୟବସାୟ ସକାଶେ ଅନୁକୂଳ ପରିବେଶ ସୃଷ୍ଟିର ସୂଚନା ହାତେ ହାତେ ପାଇଯିବେ। କିନ୍ତୁ କଥାବାର୍ତ୍ତାରେ ସଂଯମତା ଅବଲମ୍ବନ ନ କଲେ ଅଯଥା ପାରିବାରିକ ଶାନ୍ତି ନଷ୍ଟ ହୋଇପାରେ। ପରିବହନ, ବ୍ୟବସାୟରେ ନିଜକୁ ନିୟୋଜିତ କରିପାରନ୍ତି।

**ତୁଳା** ନୂଆଁ କାମ କରିବାର ନିଷ୍ପତ୍ତି ନେବେ। ଆର୍ଥିକ ଅଭିବୃଦ୍ଧି ସଙ୍ଗକୁ ବିଳାସବ୍ୟସନ ଓ ମନୋରଞ୍ଜନର ମଜା ଉଠାଇବେ। ଅପରାହ୍ନେ ଅପରର ମନଗଢ଼ା କଥା ଶୁଣି ମନକୁ ଭାରାକ୍ରାନ୍ତ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ହିଁ ପାଇବେ।

**ବିଛା** ସୁଯୋଗର ସଦ୍ ବ୍ୟବହାର କରି ଲକ୍ଷ୍ୟସ୍ଥଳରେ ପହଞ୍ଚିବେ। ପାରିବାରିକ, ଲୋକସମ୍ପର୍କ, ପରିବହନ କ୍ଷେତ୍ରରେ କିଛି ନା କିଛି ସମସ୍ୟା ଅବଶ୍ୟ ରହିବ। ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକି ରହିଥିବା କାମରେ ଅଗ୍ରଗତି ଘଟିବାର ଆଶା କରାଯାଇପାରେ । ଆର୍ଥିକ ସଂକଟ ଦୂରେଇଯିବ। ନିକଟ ସମ୍ପର୍କୀୟ ଶତ୍ରୁଭାବ ପୋଷଣ କରିବେ।

**ଧନୁ** ଦିନସାରା ମୁହଁରେ ହସ ଲାଖିରହିବ। ବନ୍ଧୁଙ୍କ ଆତିଥ୍ୟ ସଙ୍ଗକୁ ନୂତନ ବସ୍ତ୍ରଭୂଷଣ ଯୋଗ ମଧ ରହିଛି। ପରିବାରର କୌଣସି ବ୍ୟତିକ୍ରମଜନିତ ସମସ୍ୟାକୁ ସୁଧାରି ନେବା ପାଇଁ ପ୍ରୟତ୍ନ କରିପାରନ୍ତି। ଅଫିସ୍‌ରେ କୌଣସି ବନ୍ଧୁଙ୍କ କାର୍ଯ୍ୟଶୈଳୀକୁ ନାପସନ୍ଦ କରି ପରୋକ୍ଷ ସମାଲୋଚିତ ହେବାକୁ ପଡ଼ିପାରେ। ଶିଳ୍ପ, ବ୍ୟବସାୟ, ପ୍ରକାଶନ କ୍ଷେତ୍ରରେ ଶୁଭଫଳ ମିଳିବ।

**ମକର** ପାରିବାରିକ କ୍ଷେତ୍ରର ବ୍ୟତିକ୍ରମ ବନ୍ଧୁଙ୍କ ମଧ୍ୟସ୍ଥତାରେ ସମାଧାନ ହୋଇଯିବ। ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କର ଚେଷ୍ଟା ବିଫଳ ପ୍ରମାଣିତ ହେବ। କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର ପ୍ରଭୃତିରେ ଆଗ୍ରହ ପ୍ରକାଶ କରିବେ। ରାଜନୈତିକ କ୍ଷେତ୍ରରେ କିମ୍ବା ସରକାରୀ ସ୍ତରରେ ସମସ୍ୟା ସମାଧାନରେ ସଫଳ ହେବେ।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। ବନ୍ଧୁଙ୍କ ମାଧ୍ୟମରେ କାମ ହାସଲ କରିପାରିବେ। ପାରିବାରିକ କ୍ଷେତ୍ରରେ କିଛିନା କିଛି ପ୍ରତିବନ୍ଧକ ଲାଗି ରହିବା ହେତୁ ନିରୁତ୍ସାହିତ ରହିପାରନ୍ତି। କର୍ମକ୍ଷେତ୍ରରେ ପୂର୍ବପ୍ରସ୍ତୁତିରେ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବାର ସମ୍ଭାବନା ରହିଛି। ବ୍ୟବସାୟ ଦିଗଟି ମନ୍ଦ ହେବନି କିନ୍ତୁ ପରିବହନରେ ସମସ୍ୟା ଦେଖାଦେବ।

**ମୀନ** ବୌଦ୍ଧିକତା, ବନ୍ଧୁ ସମ୍ପର୍କ, ସ୍ୱାସ୍ଥ୍ୟରେ ଉନ୍ନତି, ପାରିବାରିକ ସୁସମ୍ପର୍କ ଅକ୍ଷୁଣ୍ଣ ରହିବ। ସତର୍କତା ଅଭାବରୁ ଟଙ୍କା ପଇସା,ଦରକାରୀ କାଗଜପତ୍ର ହଜିଯାଇପାରେ। ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରି ଉଚିତ ପଦକ୍ଷେପ ନେବା ଠିକ୍ ହେବ। ଅଫିସ୍‌ରେ ଫାଇଲ୍ ପତ୍ର କିମ୍ବା ସହକର୍ମୀଙ୍କ ସହ ବିବାଦ ବଢ଼ିପାରେ। ମାନସିକ ସ୍ଥିତି ପୂର୍ବପରି ରହିବ।

ଆଜି କାର୍ତ୍ତିକ ଶୁକ୍ଳପକ୍ଷ ଏକାଦଶୀ ଯୁକ୍ତ ଦ୍ୱାଦଶୀ ଶୁକ୍ରବାର, ନଭେମ୍ବର ୮ ତାରିଖ, ଶ୍ରୀମନ୍ଦିରରେ ଲକ୍ଷ୍ମୀନାରାୟଣ ବେଶ, ଭୀଷ୍ମ ପଞ୍ଚକ ବା ବକ ପଞ୍ଚକ ଆରମ୍ଭ, ବକପଞ୍ଚକ ସ୍ନାନ, ଶରତ୍ ରାସ ଆରମ୍ଭ, ରାଶି/ନକ୍ଷତ୍ର- ପୂର୍ବଭାଦ୍ର, ଦିବା ଘ୧୨।୧୨ମି. ଗତେ ଉତ୍ତରଭାଦ୍ର/ମୀନ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୨୫ମି. ଗତେ ଘ୯।୩୯ମି. ମଧ୍ୟେ, ଘ୧୧।୫୩ ମି. ଗତେ ଘ୨।୫୨ମି. ମଧ୍ୟେ, ଦିବା ଘ୩।୩୭ମି. ଗତେ ଘ୫।୦୬ମି. ମଧ୍ୟେ ଅମୃତ ବେଳା। ଦିବା ଘ୧୦।୦୭ମି. ଗତେ ଘ୧୧।୩୧ମି. ମଧ୍ୟେ ରାହୁ କାଳ।


# classifieds Everyday
0674-2580101, 2549302




**SALE**

Toyota Fortuner, WagonR-2015 (Dec), Lancer, Elentra for sale. 7381091234, 9861194627. D-68418




**SALE**

Plot for sale near infosys-2 Road side ଘରବାରି ପାଚେରି, ପାଣି ଓ Electricity ସୁବିଧା ସହିତ and କଟକ, ଭୁବନେଶ୍ୱର NH-5 ଠାରୁ ଏକ କିଲୋମିଟର ଭିତରେ ଘରବାରି plot ମିଳୁଅଛି। 9438101895, 8917527255. D-15070

**କଟକ-ଗୋପାଳପୁର ଧାକୁଲେଇପୀଠରୁ 3k.m sqft.250/-, ଭୁବନେଶ୍ୱର ବାଳକାଟି ବଜାରରୁ 2k.m 550/-, ନଖରା DPS ପାଖରେ sqft.700/- ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440.** D-68409

ଭୁବନେଶ୍ୱର ବାଲିଅନ୍ତାରେ **Ready to move Duplex, Tamando**ରେ **yellowzone plot** କିଣନ୍ତୁ। **9348767829.** D-68412

Plot for sale Nakhara & Sundarpada, Bhubaneswar. Gharabari demarcated 30' wide road. Immediate registration & possession. Contact: 7008683329, 9348243488. D-67719

**Gharabari plot for sale at Amanapada, near Anantapur, Phulnakhara. Contact: 9438826479, 9776581412.** D-68022

Ready to move 2BHK/ 4BHK flat near Hotel Mayfair, Jaydev Vihar, Price Rs.5800/- per sqft. & triplex and duplex at Rangabazar near BJEM English Medium School-II. Price start Rs.47 lakhs. Contact: 9040046767, 9040007267. D-68152

**NH-16 ପିତାପଲ୍ଲୀ ଛକରେ ସ୍ଥିତିବାନ ପ୍ଲଟ୍ ପୋଜେସନ୍ ଥାଇ 399/ରେ ମିଳୁଛି। 7873894075.** D-68415

36 decimal land with 2storied building at Plot No. 629/2492, Khata No.2676, Mouza-Nayapalli, Bhubaneswar for sale. Contact: 8763055738. D-68162

ଭୁବନେଶ୍ୱର **Airport** ଠାରୁ **5K.M** ଦୂରତାରେ ସୁନ୍ଦରପଦାରେ ବାସୋପଯୋଗୀ ପ୍ଲଟ୍ **Possession** ସହ ମିଳୁଛି। **9040008777.** D-68414

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-68416

**2400sqft GA plot immediately sale at Bharatpur (Sum Hospital) Bhubaneswar, only buyer directly contact Deepak- 9937329999.** D-68025

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68155

**ଭୁବନେଶ୍ୱର ନୁଆଗାଁରେ Yellowzone ଘରବାରି ପ୍ଲଟ୍ 1200sqft. @2300/- ବିକ୍ରିହେବ- 9861082584.** D-68417

**3800sqft GA plot immediately sale at Surya nagar, Bhubaneswar, only buyer directly contact Deepak- 9937329999.** D-68024

**ଭୁବନେଶ୍ୱର ପିତାପଲ୍ଲି Biswas +2 Science College backside**ରେ **Yellowzone ପ୍ଲଟ୍ ମିଳୁଅଛି। 8594954102.** D-68419




Furnished Office rooms-godown, 1700sqft. near Railway station Kharavelanagar, Bhubaneswar. 9178577306. D-68421

Ground floor room V.S.S.Nagar adequate parking for office, residence 7978059473. D-91086

**Tolet - Commercial space for Showroom, Restaurant, Office, Shop and Store etc. 1500sqft. Area with Toilet, Electric transformer, watersupply at 100ft. road, Jagamara, Khandagiri, Bhubaneswar. Call: 7894438145, 7440001511.** D-63960

Semi furnished 3BHK flat at Shreekhetra Residency, Patrapada, Bhubaneswar. Contact: 9825315882, 8007991651. D-15042




Rejuvenate and ayurvedic full body massage by smart therapist. 9114402304. D-68145

Ayurvedic full body massage ladies & gents smart therapist. 9040900385. D-66992

Ayurvedic herbal body massage trend therapist Mob: 8018246332. D-66993

Newly open full body massage by ladies, gents therapist. 8018656899 D-60847

Ayurvedic full body massage by ladies, gents therapist. 7008773793 D-60848

Full body herbal massage with refreshment expert therapist. 7381239385, 06742540855. D-68158

Experience full body massage with us (expert). Call: 7377048581, 06742597822. D-68159

Herbal full body massage by smart / expert therapist. Contact: 8338067247. D-68160

Summer special mesmerizing offer expert therapeutic refreshing massage appointment. 9668374480. D-68161

Refresh your mind and soul with best therapy at Orchid Salon/Spa. 9937287222. D-66998




CFL/LED ଅଗରବତୀ, ପେପରପ୍ଲେଟ୍, ଚପଲ ମେସିନ୍ ବସାଇବା ପାଇଁ ଯୋଗାଯୋଗ: 9937655255, 9777961337. D-68163

LED Bulb/ Light ଏବଂ Inverter Bulbର ହୋଲସେଲିଙ୍ଗ୍ ବ୍ୟବସାୟ କରି ଲାଭବାନ ହୁଅନ୍ତୁ। କମ୍ପାନୀ ସୁବିଧା ଦରରେ LED Bulb/ Light ଯୋଗାଇ ଦେବ। M/s Leqond India, M: 7978628533, 7381599164. D-15125

Part time business start କରନ୍ତୁ। Monthly:- 5,000/- 15,000/- କମାନ୍ତୁ। Mob: 9777434078. D-15040

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ନଭେମ୍ବର ୮/୨୦୧୯



" କ୍ରୋଧରୁ ମୋହ ଜନ୍ମେ, ମୋହରୁ ସ୍ମରଣ ଶକ୍ତି ନଷ୍ଟ ହୁଏ, ସ୍ମରଣ ଶକ୍ତି ନଷ୍ଟ ହେଲେ, ବିଚାର ଶକ୍ତି ନଷ୍ଟ ହୁଏ ଏବଂ ବିଚାର ଶକ୍ତି ନଷ୍ଟରୁ ମନୁଷ୍ୟ ମୃତ୍ୟୁ ମୁଖରେ ପତିତ ହୁଏ।
- ଭଗବତ୍ ଗୀତା



# ଆଜ୍‌ମେର-ପୁରୀ ଏକ୍ସପ୍ରେସ୍ ଇଞ୍ଜିନ୍‌ରେ ନିଆଁ

**ବଇଣ୍ଡା, ୭।୧୧(ଡି.ଏନ୍.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଷ୍ଟେଶନ ନିକଟରେ ଗୁରୁବାର ଅପରାହ୍ଣରେ ଆଜ୍‌ମେର-ପୁରୀ ଏକ୍ସପ୍ରେସ୍ ଇଞ୍ଜିନରେ ନିଆଁ ଲାଗି ଯାଇଥିଲା। ଫଳରେ ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ତେବେ ଟ୍ରେନ୍ ଅଟକାଯାଇ ନିଆଁ ଲିଭାଯିବା ଓ ଇଞ୍ଜିନ ବଦଳାଯିବା ପରେ ଏକ୍ସପ୍ରେସ୍ ପୁରୀ ଅଭିମୁଖେ ଯାତ୍ରା କରିଥିଲା। ପ୍ରକାଶ ଯେ, ଆଜ୍‌ମେର-ପୁରୀ ଏକ୍ସପ୍ରେସ୍ ସମ୍ବଲପୁର ଦେଇ ପୁରୀ ଅଭିମୁଖେ ଯାଉଥିବା ବେଳେ ସରିଗିପାଲି ଷ୍ଟେଶନ ପରଠାରୁ ଡିଜେଲ ଇଞ୍ଜିନ ନମ୍ବର ୧୮୪୨୨ରେ ନିଆଁ ଲାଗିଯାଇଥିଲା। ଟ୍ରେନ୍ ଦ୍ରୁତଗତିରେ ଥିବାରୁ ଚାଳକ ଜାଣି ପାରି ନ ଥିଲେ। ତେବେ ହଣ୍ଡପା ଷ୍ଟେଶନ ପାରହେବା ସମୟରେ କର୍ମଚାରୀମାନେ ନିଆଁ ଲାଗିଯାଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ହଣ୍ଡପା ଷ୍ଟେଶନ କର୍ମଚାରୀ ଓ ବଇଣ୍ଡା ଫାଣ୍ଡି ଅଧିକାରୀ ଏ.କେ. ଗଡ଼ନାୟକ ଟ୍ରେନ୍ ଚାଳକଙ୍କୁ ସୂଚନା ଦେଇଥିଲେ। ଚାଳକ ତୁରନ୍ତ ଟ୍ରେନ ଅଟକାଇବା ପରେ ଇଞ୍ଜିନ ଓ ଷ୍ଟେଶନରେ ଥିବା ଅଗ୍ନିନିର୍ବାପକ ଯନ୍ତ୍ର ସହାୟତାରେ ନିଆଁକୁ ଆୟତ କରାଯାଇଥିଲା। ଏଥିସହିତ ବାମୁର ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁ ଆୟତରେ ସହଯୋଗ କରିଥିଲେ। ଉକ୍ତ ଇଞ୍ଜିନ ପରିବର୍ତ୍ତେ ଏକ ଇଲେକ୍ଟ୍ରି ଇଞ୍ଜିନ ଲଗାଯିବା ପରେ ଟ୍ରେନ୍ ପୁରୀ ଅଭିମୁଖେ ଯାତ୍ରା କରିଥିଲା।



ଟ୍ରେନ୍ ଇଞ୍ଜିନରୁ ନିଆଁ ଲିଭାଇ ଦିଆଯାଇଛି।

# ପ୍ରତାପ ଜେନା ପାଇବେ ଶ୍ରେଷ୍ଠ ମନ୍ତ୍ରୀ ପୁରସ୍କାର

**ଭୁବନେଶ୍ୱର, ୭।୧୧(ବ୍ୟୁରୋ)**



ପଞ୍ଚାୟତିରାଜ ଓ ପାନୀୟଜଳ, ଗୃହ ଓ ନଗର ଉନ୍ନୟନ, ଆଇନ ମନ୍ତ୍ରୀ ପ୍ରତାପ ଜେନା ଚଳିତ ବର୍ଷର ଫେମ୍ ଇଣ୍ଡିଆ ପକ୍ଷରୁ ଶ୍ରେଷ୍ଠ ମନ୍ତ୍ରୀ ପୁରସ୍କାର ପାଇବେ। ନଭେମ୍ବର ୯ରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ସେ ଏହି ପୁରସ୍କାର ଗ୍ରହଣ କରିବେ । ଫେମ୍ ଇଣ୍ଡିଆ ପକ୍ଷରୁ ମନ୍ତ୍ରୀମାନଙ୍କ ବିଭିନ୍ନ କାର୍ଯ୍ୟର ଆକଳନ ସହ ସରକାରୀ ଯୋଜନାଗୁଡ଼ିକୁ ଠିକଣା ବାଟରେ ନେବା, ଦାୟିତ୍ୱସମ୍ପନ୍ନ ହୋଇ କାର୍ଯ୍ୟ କରିବା ଓ ସର୍ବୋପରି ଦୁର୍ନୀତିଠାରୁ ଦୂରେଇ ରହିବା ଆଦି ଦିଗକୁ ଆକଳନ କରାଯିବା ପରେ ଏହି ଜାତୀୟ ସ୍ତରର ପୁରସ୍କାର ପ୍ରଦାନ କରାଯାଇଥାଏ । ଫେମ୍ ଇଣ୍ଡିଆ ପତ୍ରିକା ପକ୍ଷରୁ କୁହାଯାଇଛି ଯେ ଗୋଟିଏ ରାଜ୍ୟର ବିକାଶ ଏହାର ମନ୍ତ୍ରୀଙ୍କ ଉପରେ ନିର୍ଭର କରେ । ସାଧାରଣ ଲୋକଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକୁ ମନ୍ତ୍ରୀ ଠିକ୍ ବାଟରେ ନେବା ଫଳରେ ସରକାରଙ୍କ ବିକାଶକୁ ବଡ ସଫଳତା ମିଳିଥାଏ । ଯଦି ମନ୍ତ୍ରୀ ଦୁର୍ନୀତିଗ୍ରସ୍ତ ଓ ଦାୟିତ୍ୱହୀନ ହେବେ ତେବେ ତାଙ୍କ ବିଭାଗ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡିବ। ସାମ୍ବାଦିକତା କ୍ଷେତ୍ରରେ ୮ ବର୍ଷର ଦୀର୍ଘ ଯାତ୍ରା କାଳରେ ସଫଳ ମନ୍ତ୍ରୀମାନଙ୍କୁ ଫେମ୍ ଇଣ୍ଡିଆ ଉତ୍ସାହିତ କରି ଆସିଛି । ଏହି କ୍ରମରେ ଚଳିତବର୍ଷ ରାଜ୍ୟ ମନ୍ତ୍ରୀମାନଙ୍କର ବିଭିନ୍ନ ପ୍ରଦର୍ଶନକୁ ନେଇ ଆକଳନ ହୋଇଛି । ସେଗୁଡ଼ିକ ହେଲା ପରିଚାଳନା କ୍ଷେତ୍ରରେ ଉପଯୁକ୍ତ ଦକ୍ଷତା, ସରକାରୀ କଳ ଓ ଲକ୍ଷ୍ୟକୁ ଠିକଣା ଭାବେ ବୁଝିବା ସହିତ ଅଫିସରମାନଙ୍କୁ ନିୟନ୍ତ୍ରଣ କରିବାର କଳା ହିଁ ଜଣେ ମନ୍ତ୍ରୀଙ୍କ ସଫଳତାକୁ ଦର୍ଶାଇଥାଏ। ଚୂଡାନ୍ତ ଆକଳନରେ ଓଡିଶା କ୍ୟାବିନେଟ ମନ୍ତ୍ରୀ ଜେନାଙ୍କୁ ଶ୍ରେଷ୍ଠ ମନ୍ତ୍ରୀ ପୁରସ୍କାର ପ୍ରଦାନ ଲାଗି ଚୟନ କରାଯାଇଛି।

■ଜିଲା ଯୋଗାଣ ବିଭାଗ ବିକିଲା ପିଆଜ

# କିଲୋ ପ୍ରତି ୪୯ ଟଙ୍କା, ଜଣଙ୍କୁ ୨ କିଲୋ

**କଟକ ଅଫିସ, ୭।୧୧**



ଖୋଲା ବଜାରରେ ପିଆଜ କିଲୋ ପିଛା ୬୦ରୁ ୭୦ ଟଙ୍କାରେ ବିକ୍ରି ହେଉଛି। ଏଭଳି ପରିସ୍ଥିତିକୁ ମୁକାବିଲା କରିବା ପାଇଁ କଟକ ଜିଲା ଯୋଗାଣ ବିଭାଗ ପକ୍ଷରୁ ଗୁରୁବାରଠାରୁ ପିଆଜ ବିକ୍ରି ଆରମ୍ଭ ହୋଇଛି। ବକ୍ସିବଜାର, କଲେଜ ଛକ ଓ ସିଡିଏଠାରେ ଥିବା ମୈତ୍ରୀ ସେଣ୍ଟରରେ କିଲୋ ପ୍ରତି ୪୯ ଟଙ୍କାରେ ପିଆଜ ବିକ୍ରି କରାଯାଉଛି। ଜଣେ ଖାଉଟିଙ୍କୁ ୨ କେଜି ପର୍ଯ୍ୟନ୍ତ ପିଆଜ ଦେବାକୁ ବ୍ୟବସ୍ଥା ହୋଇଛି। ତେବେ କଟକରେ ଦୈନିକ ୨ରୁ ୩ ଟ୍ରକ୍ ପିଆଜ ଆବଶ୍ୟକତା ଥିବାବେଳେ ଉପରୋକ୍ତ ପରିମାଣର ପିଆଜ ଉପଲବ୍ଧ ଥିବା ଜିଲା ସହକାରୀ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର କହିଛନ୍ତି। କଳାବଜାରକାରୀଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଥିବା ମିଶ୍ର ସୂଚନା ଦେଇଛନ୍ତି।

# #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ନୀହାରିକା ସାହୁ



ସୁଚିତ ପ୍ରଧାନ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର



## ଜିଲା ଚିଠି
## ବାଲେଶ୍ୱର

# ଆଦର୍ଶ ବିଦ୍ୟାଳୟ

**ବା**ଲେଶ୍ୱର ଜିଲାର ୧୨ ବ୍ଲକରେ ୧୨ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହେବ ବୋଲି ୨୦୧୬ ମସିହାରେ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଗତ ୩ବର୍ଷ ମଧ୍ୟରେ କେବଳ ଗୋଟିଏ ବ୍ଲକରେ ଏହି ବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି। ଆଉ ୨ ଆଦର୍ଶ ବିଦ୍ୟାଳୟ ପାଖ ସ୍କୁଲରେ ସାମୟିକ ଭାବେ ଚାଲିଛି। ଅବଶିଷ୍ଟ ୯ ଆଦର୍ଶ ବିଦ୍ୟାଳୟ କାମ ମୂଳରୁ ଆରମ୍ଭ ହୋଇନି। ପ୍ରସ୍ତାବିତ ଯୋଜନା ଅନୁଯାୟୀ ସମସ୍ତ ବ୍ଲକରେ କେବେ ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ଷମ ହେବ ଓ ଛାତ୍ରୀଛାତ୍ରମାନେ ଏହାର ସୁବିଧା ପାଇବେ ସେନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେନ୍ଦ୍ରୀୟ ବିଦ୍ୟାଳୟ ଢାଞ୍ଚାରେ ଓଡ଼ିଶାରେ ମଡେଲ ସ୍କୁଲ ବା ଆଦର୍ଶ ବିଦ୍ୟାଳୟ ଖୋଲିବାକୁ ସରକାର ଯୋଜନା କରିଥିଲେ। ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ସହ କମ୍ପ୍ୟୁଟର ଶିକ୍ଷାରେ ଦକ୍ଷ କରିବା ଏବଂ ଖେଳକୁଦରେ ଆଗୁଆ କରିବା ଭଳି ଉଚ୍ଚାଭିଳାଷ ନେଇ ଏହି ସ୍କୁଲ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ବି ଏହି ବିଦ୍ୟାଳୟକୁ ନେଇ ନୂଆ ଆଶା ସଞ୍ଚାର ହୋଇଥିଲା। ରାଜ୍ୟର ସମସ୍ତ ବ୍ଲକରେ ଆଦର୍ଶ ବିଦ୍ୟାଳୟ ଖୋଲାଯିବାକୁ ସ୍ଥିର ହୋଇଥିଲା। ସେଣ୍ଟ୍ରାଲ ବୋର୍ଡ ଅଫ୍ ଏଜୁକେଶନ୍ ଅଧୀନରେ ଷଷ୍ଠଶ୍ରେଣୀରୁ ଯୁକ୍ତ ୨ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣାରେ ୟୁନିଫର୍ମ, ବହିପତ୍ର, ସାଇକେଲ, ହଷ୍ଟେଲ ଯୋଗାଇ ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ଏଭଳି ଉନ୍ନତମାନର ଯୋଜନା ଏବେ ଅଧାପନ୍ତରିଆ ଅବସ୍ଥାରେ ରହିଛି ବୋଲି ଅଭିଭାବକଙ୍କ ମହଲରେ ଆଲୋଚନା ହେଉଛି। ବାଲେଶ୍ୱର ଜିଲାର ରେମୁଣା, ନୀଳଗିରି ଓ ଔପଦା ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ଆଦର୍ଶ ବିଦ୍ୟାଳୟ ଖୋଲିବ ବୋଲି କୁହାଯାଇଥିଲା। ଏଥିଲାଗି ପ୍ରତି ସ୍କୁଲ ପାଇଁ ପ୍ରାୟ ୫କୋଟି ଟଙ୍କା ମଞ୍ଜୁର ହୋଇଥିଲା। କେବଳ ରେମୁଣା ବ୍ଲକରେ ଜିଲାର ପ୍ରଥମ ଆଦର୍ଶ ବିଦ୍ୟାଳୟ ଖୋଲିଥିଲେ ମଧ୍ୟ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିନି। ୨ବର୍ଷ ହେବ ସେଠାରେ ପାଠପଢ଼ା ଆରମ୍ଭ ହୋଇଥିଲେ ବି ଭିତ୍ତିଭୂମିର ବିକାଶ ହୋଇନାହିଁ। ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଉକ୍ତ ସ୍କୁଲରେ ପାଠ ପଢୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଛାତ୍ରାବାସ କାମ ଆରମ୍ଭ ହୋଇନି। ଶିକ୍ଷକ ପଦବୀ ଖାଲି ପଡ଼ିଛି। ଅନ୍ୟପକ୍ଷେ ୨୦୧୯-୨୦ ସୁଦ୍ଧା ଔପଦା ଓ ନୀଳଗିରି ବ୍ଲକରେ ଆଦର୍ଶ ବିଦ୍ୟାଳୟ ଖୋଲିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ତରବରିଆ ଭାବେ ଜୁଲାଇ ମାସରୁ ଏହି ୨ ସ୍କୁଲରେ ପାଠପଢ଼ା ଆରମ୍ଭ ହୋଇଛି। ଉକ୍ତ ୨ ସ୍କୁଲରେ ମୋଟ ୧୬୦ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ହେଲେ ଏହାର ନିଜସ୍ୱ କୋଠା ନାହିଁ। ନୀଳଗିରି ସ୍କୁଲ ଜାମୁଡ଼ିହା ୟୁଜିଏମ୍ଇ ସ୍କୁଲ ଓ ଔପଦା ନୋଡାଲ ହାଇସ୍କୁଲରେ ଉକ୍ତ ବିଦ୍ୟାଳୟ ଚାଲିଛି। ଶିକ୍ଷକ ଅଭାବରୁ ଉପରୋକ୍ତ ସ୍କୁଲରେ ଅସ୍ଥାୟୀ ଭାବେ ସରକାରୀ ବିଦ୍ୟାଳୟର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଜିଲାରେ ସିମୁଳିଆ, ବସ୍ତା, ଖଇରା ଓ ଜଳେଶ୍ୱର ବ୍ଲକରେ ବିଦ୍ୟାଳୟ କାମ ନାମକୁ ମାତ୍ର ଆରମ୍ଭ ହୋଇଛି। ସୋର, ଭୋଗରାଇ, ବାହାନଗା, ସଦର ଓ ବାଲିଆପାଳ ବ୍ଲକରେ ଜମି ସମସ୍ୟା ନେଇ କାମ ଅଟକି ରହିଥିବା ଜିଲା ଶିକ୍ଷାଧିକାରୀଙ୍କ ଅଫିସ ସୂତ୍ରରୁ ସୂଚନା ମିଳିଛି।

**- ମାନସ ବିଶ୍ୱାଳ**

ଭଦ୍ରକ ଜିଲ୍ଲାର ହସ୍ତଶିଳ୍ପ କାରିଗରମାନଙ୍କର ଗଣନା

ଭଦ୍ରକ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ହସ୍ତଶିଳ୍ପ କାରିଗରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ରାଜ୍ୟ ସରକାରଙ୍କ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ତରଫରୁ ଆସନ୍ତା ତା-୧୧.୦୯.୨୦୧୯ ଠାରୁ ହସ୍ତଶିଳ୍ପ କାରିଗରମାନଙ୍କର ଗଣନା କାର୍ଯ୍ୟକ୍ରମ ଚାଲୁଅଛି । ଜିଲ୍ଲାରେ କାର୍ଯ୍ୟରତ କାରିଗରମାନେ ଉକ୍ତ ଗଣନା କାର୍ଯ୍ୟରେ ନିୟୋଜିତ କର୍ମଚାରୀ ମାନଙ୍କୁ ସେମାନଙ୍କର ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିଅଛନ୍ତି । ଏହା ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏତଦ୍ୱାରା ପୁନର୍ବାର ସୂଚନା ଦିଆଯାଉଛି କି ଯଦି ଏ ପର୍ଯ୍ୟନ୍ତ କୌଣସି କାରିଗର ଏହି ସର୍ଭେ ର ଅନ୍ତର୍ଭୁକ୍ତ ହୋଇନାହାନ୍ତି , ପରିସଂଖ୍ୟାନ କାର୍ଯ୍ୟାଳୟରେ ଜିଲ୍ଲା ସଂଯୋଜକ (ଫୋନ ନମ୍ବର ୦୬୭୮୪-୨୪୦୩୬୪, ମୋବାଇଲ ନମ୍ବର ୭୭୬୮୩୯୭୧୭୪) ଙ୍କ ସହିତ ତୁରନ୍ତ ୧୧.୧୧.୨୦୧୯ ସୁଦ୍ଧା ଯୋଗାଯୋଗ କରିପାରିବେ । ଏ ସମ୍ପର୍କିତ ଅଧିକ ବିବରଣୀ ପାଇଁ ଆମର ଦେୟମୁକ୍ତ ସହାୟତା ନମ୍ବର ୧୮୦୦-୩୪୫-୭୧୬୩ ସହ ଯୋଗାଯୋଗ କରିପାରିବେ।

ନିର୍ଦ୍ଦେଶକ
ରାଜ୍ୟ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ

43002/13/0014/1920
No. DSPL-147

ମୁଖ୍ୟତଃ ଆମର ଏଠାରେ ବଂଚିବାର ଗୋଟିଏ ମାତ୍ର କାରଣ ହେଲା– ଆମେ ନିଜକୁ ଜାଣିବା– ଆମେ କ'ଣ ? ତାହା ହିଁ ଆମକୁ ଜାଣିବାକୁ ହେବ। ଆମେ ମଧ୍ୟ ଜାଣିବା– କାହିଁକି ଆମେ ଏଠାକୁ ଆସିଛୁ ଓ ଆମର କ'ଣ କରିବାକୁ ଅଛି ? ଯଦି ଆମେ ଏହା ଜାଣି ନାହୁଁ– ତେବେ ଆମ ଜୀବନ ଆମ ପାଇଁ ଓ ଅନ୍ୟ ପାଇଁ ନିରର୍ଥକ। –ଶ୍ରୀମା

# ଅଲଗାବାଦ ଛାଡ଼

ଚଳିତ ସପ୍ତାହରେ ଭାରତ ଆଞ୍ଚଳିକ ବ୍ୟାପକ ଆର୍ଥିକ ଭାଗୀଦାରି (ଆର୍‌ସିଇପି) ଶିଖର ବୈଠକରୁ ଶେଷ ମୁହୂର୍ତ୍ତରେ ଓହରିଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆର୍‌ସିଇପି ବୈଠକରେ ଭାଗନେବା ପାଇଁ ବ୍ୟାଙ୍କକ୍ ଯାଇଥିଲେ। ତେଣୁ ଆମ୍ଭମାନଙ୍କ ମଧ୍ୟରୁ ଅଧିକାଂଶ ବିଶ୍ୱାସ କରି ନେଇଥିଲେ ଯେ ଭାରତ ବିଶ୍ୱର ବୃହତ୍ତମ ବାଣିଜ୍ୟ ଗୋଷ୍ଠୀ ସହ ଯୋଗଦେବ। ଆର୍‌ସିଇପିରେ ୧୬ଟି ରାଷ୍ଟ୍ର ସଦସ୍ୟ ଅଛନ୍ତି– ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ରସଂଘ (ଏସିଆନ୍)ର ୧୦ଟି ରାଷ୍ଟ୍ର ଏବଂ ଏହା ସହ ମୁକ୍ତ ବାଣିଜ୍ୟ ଚୁକ୍ତିନାମାରେ ଅଂଶୀଦାର ଥିବା ୬ଟି ରାଷ୍ଟ୍ର। ଏହିସବୁ ଦେଶର ମୋଟ ଜନସଂଖ୍ୟା ହେଉଛି ୩୦୦ କୋଟି, ଯାହା ବିଶ୍ୱ ଜନସଂଖ୍ୟାର ୪୫ ପ୍ରତିଶତ ଏବଂ ମିଳିତ ମୋଟ ଘରୋଇ ଉତ୍ପାଦ (ଜିଡିପି) ହେଉଛି ୨୧.୩ ଟ୍ରିଲିୟନ ଆମେରିକୀୟ ଡଲାର। ସାରା ବିଶ୍ୱର ବ୍ୟବସାୟ କ୍ଷେତ୍ରରେ ଏହିସବୁ ଦେଶର ୪୦ ପ୍ରତିଶତ ଶେୟାର ରହିଛି। ଭାରତ ଉକ୍ତ ସଂଗୋଷ୍ଠୀରେ ଯୋଗ ନ ଦେଇ ଓହରିଆସିବା ପରେ ଗୋଷ୍ଠୀର ଓଜନ କିଛି ପରିମାଣରେ କମିଯାଇଛି। ତେବେ ଭାରତ ସାଙ୍ଗରେ ରହୁ ବା ନ ରହୁ ଆର୍‌ସିଇପି ତଥାପି ବିଶ୍ୱର ବୃହତ୍ତମ ବାଣିଜ୍ୟିକ ଗୋଷ୍ଠୀ ହୋଇ ରହିବ।

ତଥାପି ପ୍ରଶ୍ନ ଉଠୁଛି ପ୍ରଧାନମନ୍ତ୍ରୀ ମୋଦି କାହିଁକି ଶେଷ ମୁହୂର୍ତ୍ତରେ ଗୋଷ୍ଠୀରେ ସାମିଲ ହେବାକୁ ମନା କରିଦେଲେ। ଭାରତ କ'ଣ ଏପରି ସର୍ତ୍ତ ରଖିଲା ଯାହା ଗ୍ରହଣ କରିବାକୁ ଗୋଷ୍ଠୀ ମନା କରିଦେଲା ? ଭାରତ ଚାହୁଁଥିଲା ଚାଇନାରୁ ଆମଦାନି କରାଯାଉଥିବା ଦ୍ରବ୍ୟଗୁଡ଼ିକର ଏକ ସୀମା ରହୁ। ପୁଣି ଭାରତ ସେବା କ୍ଷେତ୍ରରେ ଅଧିକ ବ୍ୟବସାୟ କରିବାକୁ ଚାହୁଁଥିଲା। ଭାରତୀୟ ଦ୍ରବ୍ୟ ଓ ସେବା ଯେପରି ଚାଇନା ବଜାରରେ ଅଧିକ ସୁଯୋଗ ପାଇବ ତାହା ଭାରତର ଇଚ୍ଛା ଥିଲା। କୃଷିଜାତ ଓ ଦୁଗ୍ଧଜାତ ଦ୍ରବ୍ୟ ଉପରେ ଶୁଳ୍କ ହ୍ରାସକୁ ନେଇ ଭାରତ ଉଦ୍‌ବେଗ ପ୍ରକାଶ କରିଥିଲା। ଏସବୁ ଦାବି କିଛି ନୂଆ ନୁହେଁ। ବିଭିନ୍ନ ମଞ୍ଚରୁ ଭାରତ ଏହିସବୁ ଦାବି ମାନିନେବାକୁ ଚାପ ପକାଇ ଆସୁଛି। ତେଣୁ ଆର୍‌ସିଇପିରେ ଚାଇନାର ପ୍ରଭାବ ଅଧିକ ଥିବାରୁ ଭାରତର ଦାବିଗୁଡ଼ିକୁ ଯେ ଗ୍ରହଣ କରାଗଲା ନାହିଁ, ତାହା ବୁଝିବାରେ କୌଣସି ଅସୁବିଧା ନାହିଁ।

ବର୍ତ୍ତମାନ ଆମେରିକା ଓ ଚାଇନା ଭିତରେ ବାଣିଜ୍ୟ କାରବାରକୁ ନେଇ ଅଚଳାବସ୍ଥା ଦେଖାଦେଇଥିବା ବେଳେ ଚାଇନା ଚାହୁଁଛି ଭାରତର ମନ ନେଇ ଆମେରିକାରେ ହେଉଥିବା କ୍ଷତିକୁ ଭରଣା କରିବ। ଭାରତ ପାଇଁ ଗୋଷ୍ଠୀରେ ଯୋଗଦେବା ଅର୍ଥ ଚାଇନା ପଛରେ ଠିଆହେବା। ଏହା ଆମେରିକାକୁ କେବେହେଲେ ଖୁସି କରିବ ନାହିଁ। ତେବେ ଯାହା ହେଉ ନା କାହିଁକି ଭାରତ ଏପରିଭାବେ ଆର୍‌ସିଇପିରୁ ଉଠି ଚାଲିଆସିବା ଉତ୍ତମ କୂଟନୀତିର ପରିଚାୟକ ନୁହେଁ। ଯଦି ଭାରତ ଉକ୍ତ ବହୁମୁଖୀ ବାଣିଜ୍ୟ ଗୋଷ୍ଠୀରେ ଯୋଗଦେବାର ନ ଥିଲା, ତେବେ ମୂଳରୁ ମୋଦି ସେଠାକୁ ଯିବା ହିଁ ଉଚିତ ନ ଥିଲା।

## ଆଜିର ଅର୍ଥନୀତି

ଭାରତର ଆର୍‌ସିଇପିରୁ ଏପରିଭାବେ ଓହରିଆସିବାକୁ ଦେଶରେ ବିଭିନ୍ନ ବର୍ଗରୁ ସ୍ୱାଗତ କରାଯାଉଛି। ଭାରତରେ ଛୋଟ ବଡ଼ ବ୍ୟବସାୟୀ ଓ କୃଷକମାନେ ସରକାରଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ପ୍ରଥମେ ଆର୍‌ସିଇପିକୁ ସ୍ୱାଗତ କରିଥିବା ସିଆଇଆଇର ମନୋଭାବରେ ପରିବର୍ତ୍ତନ ଘଟିଛି। ଚାଇନା ସହ ଭାରତର ବ୍ୟାପକ ଦ୍ୱିପାକ୍ଷିକ ବାଣିଜ୍ୟିକ ନିଅଣ୍ଟ ଦେଖାଦେଇଛି, ଯାହାର ପରିମାଣ ୫୩୦୦ କୋଟି ଡଲାର ହେବ। ଚାଇନାଠାରୁ ଅଧିକ ରପ୍ତାନି ଗ୍ରହଣ କଲେ ଏହି ନିଅଣ୍ଟ ଆହୁରି ବୃଦ୍ଧି ପାଇବ। ଆର୍‌ସିଇପି ସହ ଯୋଗ ଦେବାକୁ ରାଜି ହୋଇଥିଲେ ତାହା ଚାଇନା ସହ ଏକ ପକ୍ଷପାତମୂଳକ ବାଣିଜ୍ୟିକ ରାଜିନାମା ସହ ସମାନ ହୋଇଥାନ୍ତା। ଏହା ଭାରତୀୟ ଶିଳ୍ପଗୁଡ଼ିକ ପ୍ରତି କ୍ଷତିକାରକ ହୋଇଥାନ୍ତା।

ଯେଉଁ ଦେଶଗୁଡ଼ିକ ସହ ଆମେ ମୁକ୍ତ ବାଣିଜ୍ୟ ରାଜିନାମା କରିଛୁ, ତାହା ଆମ ପାଇଁ ଖୁସିର କାରଣ ହୋଇପାରି ନାହିଁ। ଦକ୍ଷିଣ କୋରିଆ, ଏସିଆନ୍ ଓ ଜାପାନ ପ୍ରଭୃତି ସହ ମୁକ୍ତ ବାଣିଜ୍ୟ ରାଜିନାମା ହେବା ପରେ ବ୍ୟବସାୟ ବୃଦ୍ଧି ପାଇଥିଲେ ମଧ୍ୟ ରପ୍ତାନି ତୁଳନାରେ ଆମଦାନି ପରିମାଣ ବୃଦ୍ଧି ପାଇଛି। ନୀତି ଆୟୋଗର ତଥ୍ୟ ଅନୁସାରେ ଆର୍‌ସିଇପିର ଅଧିକାଂଶ ସଦସ୍ୟ ରାଷ୍ଟ୍ରଙ୍କ ସହ ଭାରତର ଦ୍ୱିପାକ୍ଷିକ ବାଣିଜ୍ୟିକ ନିଅଣ୍ଟ ରହିଛି। ଆର୍‌ସିଇପି ଦେଶଗୁଡ଼ିକୁ ଆମର ରପ୍ତାନି ଭାରତର ମୋଟ ରପ୍ତାନିର ମାତ୍ର ୧୫ ପ୍ରତିଶତ ଥିବାବେଳେ ଏହି ଦେଶଗୁଡ଼ିକରୁ ଆମଦାନି ଆମ ମୋଟ ଆମଦାନିର ୩୫ ପ୍ରତିଶତ ରହିଛି।

ଆର୍‌ସିଇପିରେ ଯୋଗ ଦେଇଥିଲେ ଭାରତର ଲାଭ ଅପେକ୍ଷା କ୍ଷତି ଅଧିକ ହୋଇଥାନ୍ତା। ତେବେ ଏଥିରେ ଯୋଗ ନ ଦେବା ସମସ୍ୟାର ସ୍ଥାୟୀ ସମାଧାନ ନୁହେଁ। ଅର୍ଥନୀତିରେ ଅଲଗାବାଦ ସ୍ଥାଣୁତା ଆଡ଼କୁ ବାଟ କଢ଼ାଇବ। ଭାରତ ତା'ର ସଂସ୍କାର କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇବା ସହ ଆମ ଶିଳ୍ପଗୁଡ଼ିକୁ ଦକ୍ଷ କରିତୋଳିବା ଦରକାର, ଯାହାଦ୍ୱାରା ସେମାନେ ବିଶ୍ୱସ୍ତରରେ ପ୍ରତିଯୋଗିତାକ୍ଷମ ହୋଇପାରିବେ। ନିଜ ଶିଳ୍ପଗୁଡ଼ିକୁ ବଞ୍ଚାଇବା ପାଇଁ ଆମଦାନୀ ଶୁଳ୍କ ବୃଦ୍ଧି ଓ କୋଟା ଧାର୍ଯ୍ୟ ପ୍ରଭୃତି ଅନିଶ୍ଚିତ ସୁରକ୍ଷାବାଦ ଆମ କମ୍ପାନୀଗୁଡ଼ିକର ଦକ୍ଷତାକୁ ପଙ୍ଗୁ କରିଦେବ। ସେମାନେ ଆନ୍ତର୍ଜାତିକ ବଜାରରେ କେବେ ବି ପ୍ରତିଯୋଗିତାକ୍ଷମ ହୋଇପାରିବେ ନାହିଁ। ଆର୍‌ସିଇପିରେ ଯୋଗ ନ ଦେବାର ନିଷ୍ପତ୍ତି ବର୍ତ୍ତମାନ ସରକାରଙ୍କର ଉତ୍ତମ ଅର୍ଥନୈତିକ ପଦକ୍ଷେପ ବୋଲି ମନେହୋଇପାରେ, ମାତ୍ର ଦୀର୍ଘକାଳୀନ ଭିତ୍ତିରେ ଏହା କ୍ଷତିକାରକ ସାବ୍ୟସ୍ତ ହେବାର ସମ୍ଭାବନା ରହିଛି।

## ଚିରନ୍ତନୀ

ଖସିଗଲା କଳସୀ କାଖରୁ ତଳେ
ଅଯତନ ବେଶ ଗୋ ବାସ ଭୂଷଣ
ଚରଣ ଯୁଗଳ ଯେ ତିନ୍ତିଲା ଜଳେ,
କି ଶବଦ ବିହିଲା ଏତେ କଷଣ !
(ବଂଶୀ ଧ୍ୱନି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | E | | | | | 3 | | 2 | 7 | 9 | | A | 8 |
| 5 | 1 | | | 7 | | | | | | | 3 | | 6 | |
| | | D | | | | 2 | A | 9 | | | | | | 3 |
| B | | | 4 | | | | 7 | | | 6 | | | E | |
| C | | A | | 2 | 1 | | 5 | | | 8 | E | | | |
| | | C | | 4 | 5 | | 9 | | | E | 0 | | | |
| | A | | | 6 | | 1 | | | 4 | B | | | | 2 |
| 2 | | 6 | 0 | | D | 8 | | | | 3 | | C | | |
| | | 0 | C | | 7 | E | | | 1 | | | | | |
| | D | 5 | | 1 | 3 | | | | | 9 | 2 | | | |
| | | 1 | | | E | 9 | | 6 | | | | | | A |
| | | | | C | | | | | 7 | 0 | | | | |
| | | | B | | 9 | | 4 | 7 | | 1 | D | | | |
| | 4 | 8 | | D | | C | | | | | | | | |
| E | 9 | | | | 2 | D | | | | 5 | A | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 7 | 8 | 2 | 3 | 5 | 6 | 9 | B | 4 | C | A | 0 | 1 | E |
| 9 | 4 | 5 | A | E | 0 | 8 | C | 1 | D | 7 | 3 | 2 | B | 6 |
| 1 | B | 3 | D | 4 | C | A | 0 | 2 | 6 | 8 | E | 7 | 9 | 5 |
| E | 2 | A | 8 | 6 | B | 7 | 5 | 3 | 1 | 0 | 9 | C | D | 4 |
| C | 0 | 6 | 7 | 9 | 1 | 4 | D | E | 5 | B | 2 | 8 | 3 | A |
| A | 5 | 9 | 4 | 1 | 8 | C | 7 | D | 3 | 2 | 6 | B | E | 0 |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |

ଗତକାଲିର ଉତ୍ତର

# ଆସୁଛି ଫଇସଲା



ଅନିଲ ବିଶ୍ୱାଳ

ସବୁଆଡେ ଗୋଟିଏ ଚର୍ଚ୍ଚା। ସୁପ୍ରିମ୍‌କୋର୍ଟରେ ବହୁଚର୍ଚ୍ଚିତ ରାମମନ୍ଦିର ସମ୍ପର୍କରେ ଦୀର୍ଘ ୭୦ ବର୍ଷ ଧରି ଚାଲିଥିବା ବିଚାରର ଫଇସଲା ଆସୁଛି। ଏହା ହେଉଛି ସ୍ୱାଧୀନ ଭାରତର ସବୁଠାରୁ ଲମ୍ବା ମକଦ୍ଦମା। କେବଳ ସେତିକି ନୁହେଁ ଏ ବିବାଦରେ ଏକ ମକଦ୍ଦମା ସ୍ୱାଧୀନତା ପୂର୍ବରୁ ବ୍ରିଟିଶ କୋର୍ଟରେ ବି ଚାଲିଥିଲା। ସୁପ୍ରିମ୍‌କୋର୍ଟଙ୍କ ରାୟ ଯାହା ବି ଆସିବ ତାକୁ ସମସ୍ତ ପକ୍ଷ ମାନିବେ ଏ ପ୍ରକାର ଆଶା ଓ ବିଶ୍ୱାସ ସମସ୍ତଙ୍କର ରହିଛି, କାରଣ ଗତ ୭୦ ବର୍ଷରେ ଏହି ବିବାଦର ସମାଧାନ ହୋଇପାରିଲା ନାହିଁ। ୭୦ ବର୍ଷରେ ବିଶ୍ୱର ଇତିହାସ ବହୁତ ବଦଳିଛି। ୧୯୪୫ରେ ଜର୍ମାନୀର ବିଭାଜନ ହୋଇଥିଲା। ୭୦ ବର୍ଷରେ ଜର୍ମାନୀ ପୁଣି ଏକାଠି ହୋଇ ଭାରି ଯାନ୍ତ୍ରିକ ଶିଳ୍ପରେ ବିଶ୍ୱରେ ନିଜର ପ୍ରଭାବ ଜାହିର କରିପାରିଲା। ୧୯୬୩ ମସିହାରେ ସ୍ୱାଧୀନତା ପାଇଥିବା ସିଙ୍ଗାପୁର ମାତ୍ର ୩୦ବର୍ଷରେ କ'ଣ ହୋଇଗଲା ତାହା ସମସ୍ତେ ଜାଣନ୍ତି। ୭୦ ବର୍ଷ କିଛି କମ୍ ସମୟ ନୁହେଁ। ଗୋଟିଏ ବିବାଦୀୟ ଜମିକୁ ନେଇ ମାମଲା ୭୦ ବର୍ଷ ଚାଲିବା ବୋଧହୁଏ ବିଚାର ବ୍ୟବସ୍ଥାର ଗୋଟିଏ ଦରିଦ୍ର ଚେହେରାକୁ ଦେଖାଉଛି କହିଲେ ଭୁଲ ହେବ ନାହିଁ। ରାୟ ଯାହା ବି ଆସୁ, ତାହା କଦାପି ଦୁଇ ପକ୍ଷକୁ ଖୁସି କରି ନ ପାରେ। କିନ୍ତୁ ଏଠାରେ ସମସ୍ତଙ୍କୁ ବଡ଼ପଣ ଦେଖାଇବାକୁ ପଡ଼ିବ। ସୁନ୍ନି ୱାକଫ୍ ବୋର୍ଡ ଯିଏ ଏହି ମାମଲାକୁ ୭୦ ବର୍ଷ ଧରି ଲଢ଼ିଆସିଲେ, ମାମଲା ବିଚାରର ଶେଷ ଦିନରେ ବିବାଦୀୟ ଜମିକୁ ରାମ ମନ୍ଦିର ନିର୍ମାଣ ପାଇଁ ଦିଆଯାଉ ବୋଲି ଏକ ସତ୍ୟପାଠ ଦେଇ ଦାବି କରିବା ନିଶ୍ଚିତ ଭାବେ ଯେତିକି ଖୁସିର କଥା ସେତିକି ଆଶ୍ଚର୍ଯ୍ୟର କଥା ମଧ୍ୟ। ସେ ଯାହା ବି ହେଉ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ସମସ୍ତଙ୍କ ପାଇଁ ସର୍ବମାନ୍ୟ ହେଉ, ଏହା ହିଁ କାମନା।

ରାମ ମନ୍ଦିର ନିର୍ମାଣ ପ୍ରସଙ୍ଗକୁ ପ୍ରାୟ ସମସ୍ତେ ଏକ ରାଜନୈତିକ ବିଷୟ ଏବଂ ହିନ୍ଦୁ–ମୁସଲମାନ ପ୍ରସଙ୍ଗ ବୋଲି ଭାବନ୍ତି। ହେଲେ ବାସ୍ତବରେ ରାମ ମନ୍ଦିର ନିର୍ମାଣ ଏକ ରାଜନୈତିକ ବିଷୟ ନୁହେଁ, ବରଂ ଏହା ହେଉଛି ହିନ୍ଦୁମାନଙ୍କର ଆସ୍ଥା, ବିଶ୍ୱାସ ଓ ଭାବନାର କଥା। ରାମ ମନ୍ଦିର ଆନ୍ଦୋଳନ ରାଜନୈତିକ ଆନ୍ଦୋଳନ ନୁହେଁ, ଏହା ହେଉଛି ଦେଶର ସାଂସ୍କୃତିକ ସ୍ୱାଧୀନତାର ଆନ୍ଦୋଳନ। ଏ ଆନ୍ଦୋଳନ ୫୦୦ ବର୍ଷର ପୁରୁଣା ଆନ୍ଦୋଳନ, ଯେତେବେଳେ ଆଜିଭଳି କଂଗ୍ରେସ କିମ୍ବା ଭାଜପା ନ ଥିଲେ। କେବେ ଏହାକୁ ସାଧୁସନ୍ଥମାନେ ଚଲାଇଥିଲେ ତ କେବେ ରାଜନେତାମାନେ ଚଲାଇଛନ୍ତି। ଗାନ୍ଧିଜୀ ଯେଉଁ ସ୍ୱାଧୀନତା ଆନ୍ଦୋଳନ ଆରମ୍ଭ କରିଥିଲେ ସେତେବେଳେ ରାମ ହିଁ ଥିଲେ ତାଙ୍କ ଆଦର୍ଶ। ଏହାକୁ କିନ୍ତୁ ଏକ ରାଜନୈତିକ ପ୍ରସଙ୍ଗ ଭାବରେ ସବୁବେଳେ ଚିତ୍ରଣ କରାଯାଇଛି, ଯାହା ଏହି ପ୍ରସଙ୍ଗକୁ ଟିକିଏ କ୍ଷୁଣ୍ଣ କରିଛି। ବିଶେଷଭାବେ ୧୯୯୨ ମସିହାରେ ବାବ୍ରୀ ମସ୍‌ଜିଦ ଭାଙ୍ଗିବା ପରେ ଏପରି ଆରୋପ ପ୍ରତ୍ୟାରୋପ ବେଶି ହୋଇଛି।

ହେଲେ ଆମେ ଭୁଲିଯିବା ଉଚିତ ନୁହେଁ ୧୮୮୩ ମସିହାରେ ଯେତେବେଳେ ନା ଭାଜପା ଥିଲା ନା କଂଗ୍ରେସ ଥିଲା ସେତେବେଳେ ମହନ୍ତ ରଘୁବୀର ଦାସ ଅଯୋଧ୍ୟାରେ ବାବ୍ରୀ ମସ୍‌ଜିଦକୁ ଭାଙ୍ଗି ସେଠାରେ ରାମ ମନ୍ଦିର ନିର୍ମାଣ ହେଉ ବୋଲି ଦାବି କରିଥିଲେ। ରାମ ମନ୍ଦିର ନିର୍ମାଣ ଆନ୍ଦୋଳନ ଏକ ସାମାଜିକ ଓ ସାଂସ୍କୃତିକ ଆନ୍ଦୋଳନ ଭାବେ ଲୋକଙ୍କ ଭାବପ୍ରବଣତା ସହିତ ରହିଛି। ଆନ୍ଦୋଳନର ନେତୃତ୍ୱ କିଏ କେତେବେଳେ ନେଇଛନ୍ତି ତାହା ଭିନ୍ନ କଥା କିନ୍ତୁ ଏହା ଏକ ଜନ ଆନ୍ଦୋଳନ, ଏଥିରେ କୌଣସି ସନ୍ଦେହ ନାହିଁ। ଏହା ମଧ୍ୟ ହିନ୍ଦୁ–ମୁସଲମାନ କଥା ନୁହେଁ। ୨ ବର୍ଷ ତଳେ ଉତ୍ତରପ୍ରଦେଶ ଶିୟା ସେଣ୍ଟ୍ରାଲ ୱାକଫ୍ ବୋର୍ଡର ଚେୟାରମ୍ୟାନ ୱାସିମ ରିଜ୍‌ଭି ଗୋଟିଏ ଚିଠି ଅଲ୍ ଇଣ୍ଡିଆ ମୁସ୍‌ଲିମ ପର୍ସନାଲ ଲ' ବୋର୍ଡକୁ ଲେଖି କହିଥିଲେ ଯେ, ୧୫୨୮ରେ ବାବରଙ୍କ ନିର୍ଦ୍ଦେଶରେ ଅଯୋଧ୍ୟା ରାମମନ୍ଦିରକୁ ଭାଙ୍ଗି ମସ୍‌ଜିଦ ନିର୍ମାଣ ହୋଇଥିଲା। ବର୍ତ୍ତମାନ ସେହି ସ୍ଥାନରେ ପୁଣି ରାମଙ୍କ ମନ୍ଦିର ନିର୍ମାଣ ହେଉ। ଭାରତରେ ରହୁଥିବା ମୁସଲମାନଙ୍କ ଭିତରୁ ୯୯% ମୁସଲମାନଙ୍କ ପୂର୍ବପୁରୁଷ ତ କେବେ ହିନ୍ଦୁ ଥିଲେ। ସେମାନଙ୍କର ଡିଏନ୍‌ଏ ଓ ଭାରତରେ ରହୁଥିବା ୧୦୦ କୋଟି ହିନ୍ଦୁଙ୍କ ଡିଏନ୍‌ଏ ତ ପୂରା ସମାନ। ସେମାନେ ଯେତେବେଳେ ହିନ୍ଦୁ ଥିଲେ ରାମ ତାଙ୍କର ଆରାଧ୍ୟ ଥିଲେ। ଆଜି ବି ସେମାନଙ୍କ ମନରେ ପ୍ରଭୁ ଶ୍ରୀରାମଙ୍କ ପ୍ରତି ଶ୍ରଦ୍ଧା ଅଛି।

ରାମ କିଏ ? ଭାରତରେ ରହୁଥିବା ସାଧାରଣ ଲୋକଙ୍କର ପୂର୍ବପୁରୁଷ ହେଉଛନ୍ତି ରାମ। ରାମଙ୍କ ଜୀବନ ଆଦର୍ଶରେ ପରିପୂର୍ଣ୍ଣ। ପ୍ରଜାବତ୍ସଳ, ଧର୍ମପରାୟଣ, ତ୍ୟାଗପୂତ ଜୀବନ ପାଇଁ ସେ ପୂଜା ପାଆନ୍ତି। ଯୁଗ ଯୁଗ ପାଇଁ ଶ୍ରୀରାମଚନ୍ଦ୍ରଙ୍କ ଆଦର୍ଶ ଜୀବନ ପ୍ରେରଣା ହୋଇ ରହିଆସିଛି। ଇଣ୍ଡୋନେସିଆ, ବାଂଲାଦେଶ ଆଦି ମୁସଲମାନବହୁଳ ଦେଶରେ ଆଜି ବି ରାମାୟଣର ନାଟକ ପରିବେଷଣ ହୁଏ। ସେମାନଙ୍କ ଉପାସନା ପଦ୍ଧତି ବଦଳିଯାଇଛି ସତ, ପ୍ରଭୁ ରାମଙ୍କ ପ୍ରତି ଥିବା ଶ୍ରଦ୍ଧା କମିନି। ରାମଙ୍କ ଚରିତ୍ରରୁ ସମାଜକୁ ଦିଗ୍‌ଦର୍ଶନ ମିଳେ। ଆଉ ସେପଟେ ବାବର ଜଣେ ଅନୁପ୍ରବେଶକାରୀ ଲୁଟେରା ହୋଇ ଭାରତକୁ ଆସିଥିଲେ। ଉଜ୍‌ବେକିସ୍ତାନରେ ଜନ୍ମିତ ବାବର କାବୁଲରେ ବାରମ୍ବାର ଯୁଦ୍ଧ ହାରିଲା ପରେ ଭାରତ ଆସିଥିଲେ। ବାବରଙ୍କୁ ତାଙ୍କ ଜନ୍ମସ୍ଥାନ କାବୁଲରେ ଜଣେ ପରାଜିତ ସୈନିକ ଭାବେ ମାନନ୍ତି।

ଏ ମାମଲା କେବଳ ମନ୍ଦିର–ମସ୍‌ଜିଦର ମାମଲା ନୁହେଁ କି ଜମି ବିବାଦର ମାମଲା ନୁହେଁ। ଅଯୋଧ୍ୟାରେ ୨ଥର ଖୋଦେଇ ହୋଇଛି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା ଦ୍ୱାରା। ୧୯୭୭ରେ ଯେତେବେଳେ ବାବ୍ରୀ ମସ୍‌ଜିଦ ଥିଲା ଓ ୨୦୦୩ରେ ଯେତେବେଳେ ବାବ୍ରୀ ମସ୍‌ଜିଦ ଭାଙ୍ଗି ଯାଇଥିଲା, ଦୁଇ ଥର ଯାକ ଖୋଦେଇରେ ମନ୍ଦିର ଥିବାର ପ୍ରମାଣ ମିଳିଛି। ୧୯୭୭ରେ ହୋଇଥିବା ଖୋଦେଇରେ ଏଏସ୍‌ଆଇର ଅଧିକାରୀ ବି.ବି. ଲାଲ୍, କେ.କେ. ମହମ୍ମଦ ସାମିଲ ଥିଲେ। ମସ୍‌ଜିଦର ତଳେ ବିଭିନ୍ନ ଖମ୍ବ ମିଳିଲା, ଯେଉଁଠି ହିନ୍ଦୁ ଦେବତାଙ୍କର ମୂର୍ତ୍ତି ଥିଲା। ହିନ୍ଦୁମାନଙ୍କ ପୂଜା ପଦ୍ଧତିର ଚିତ୍ର ଥିଲା। ନିଜେ କେ.କେ. ମହମ୍ମଦ ନିଜର ବହି 'ମେ ହୁଁ ଭାରତୀୟ'ରେ ଏ କଥା ଉଲ୍ଲେଖ କରିଛନ୍ତି ଓ ଏ କଥା ମଧ୍ୟ ଲେଖିଛନ୍ତି, କିପରି ତାଙ୍କ ଉପରେ ମୁସଲମାନ ନେତାମାନେ ଚାପ ପକାଉଥିଲେ ସେଠାରେ ମନ୍ଦିର ନ ଥିଲା ବୋଲି ରିପୋର୍ଟ ଦେବା ପାଇଁ। ୨୦୦୩ରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଦ୍ୱିତୀୟ ଥର ପାଇଁ ଖୋଦେଇ ହୋଇଥିଲା। ସେତେବେଳେ ହୋଇଥିବା ଖୋଦେଇ ଠିକ୍ ମସ୍‌ଜିଦ ଯେଉଁଠି ଥିଲା ସେଇଠି ହୋଇଥିଲା, କାରଣ ବାବ୍ରୀ ଢାଞ୍ଚା ଭାଙ୍ଗିଯାଇଥିଲା। ସେଠାରେ ସେତେବେଳେ ୮୫ଟା ଖମ୍ବ ମିଳିଲା। ଖୋଦେଇ ବେଳେ ଦୁଇ ଜଣ ମାଜିଷ୍ଟ୍ରେଟ ଉପସ୍ଥିତ ରହୁଥିଲେ, ଖୋଦେଇରେ କାମ କରୁଥିବା ଶ୍ରମିକମାନେ ବି ଅଧା ମୁସଲମାନ ଓ ଅଧା ହିନ୍ଦୁ ଥିଲେ। ଏଏସ୍‌ଆଇର ବିଶେଷଜ୍ଞ କମିଟିରେ ବି ଅଧା ହିନ୍ଦୁ ଓ ଅଧା ମୁସଲମାନ ଥିଲେ। ଖୋଦେଇରେ ଗୋଟିଏ ଶିଳାଲେଖ ମିଳିଲା, ଯାହାକୁ ଏବେ 'ବିଷ୍ଣୁହରି ଶିଳାଲେଖ' ବୋଲି କୁହାଯାଉଛି। ୫ ଫୁଟ୍ ଲମ୍ବ, ୨ ଫୁଟ୍ ଚଉଡ଼ା, ୨୦ ଲାଇନ ଲେଖାଥିବା ଏହି ଶିଳାଲେଖରେ ଲେଖାହୋଇଛି କି ବିଦ୍ୱାନ୍‌ଶ୍ରେଷ୍ଠ ମହାରାଜା ଗୋବିନ୍ଦଚନ୍ଦ୍ର ଏଠାରେ ଭବ୍ୟ ରାମମନ୍ଦିର ନିର୍ମାଣ କରିଛନ୍ତି। ଆଉ ଏକ ଲେଖା ମିଳିଲା ମସ୍‌ଜିଦ ଉପରେ। କୁତ୍‌ବୁଦ୍ଦିନ ଆଇବାକ୍‌ଙ୍କ ଦ୍ୱାରା ଏହି ଲେଖାରେ ଲେଖାଯାଇଛି କି ହିନ୍ଦୁମାନଙ୍କ ଉପରେ ମୁସଲମାନଙ୍କର ବିଜୟ ହୋଇଛି। ୨୭ ମନ୍ଦିରକୁ ଭାଙ୍ଗି ଏହି ମସ୍‌ଜିଦ ନିର୍ମାଣ ହୋଇଛି। ଏବେ ଅପେକ୍ଷା ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟକୁ। କ'ଣ ରାୟ ଦେଉଛନ୍ତି ବିଚାରପତି। ଐତିହାସିକ ତଥ୍ୟ ପ୍ରମାଣର ଆଧାର ଏବଂ ଲୋକଙ୍କ ଭାବନାକୁ ଅଦାଲତ କେତେ ଗୁରୁତ୍ୱର ସହିତ ନେଉଛନ୍ତି ତାହା ଦେଖିବାକୁ ଲୋକେ ଚାହିଁ ରହିଛନ୍ତି।

ହରିରାଜପୁର, ପୁରୀ,
ମୋ– ୯୪୩୮୫୭୯୨୯୦

# ଖବରଦାତାଙ୍କ ଦୁଃଖ



ଅଲେଖ ଚନ୍ଦ୍ର ମିଶ୍ର

ଅଶୀ ଦଶକର କଥା। ସେତେବେଳର କଟକ ଜିଲା ଜଗତ୍‌ସିଂହପୁର ସବ୍‌ଡିଭିଜନ ଅନ୍ତର୍ଗତ ବିରିଡି ବ୍ଲକ୍ ଅଞ୍ଚଳରେ ଘଟିଥିଲା ଏକ ବୀଭତ୍ସ, ଲୋମହର୍ଷଣକାରୀ ଅଘଟଣ, ଯାହାକୁ ଲୋକମାନେ ଏ ପର୍ଯ୍ୟନ୍ତ ଭୁଲି ନ ଥିବେ। ସମ୍ପୃକ୍ତ ଅଞ୍ଚଳରେ ରହୁଥିଲେ ନବକିଶୋର ମହାପାତ୍ର ନାମକ ଜଣେ ସାଦାସିଧା ଲୋକ। ସ୍ତ୍ରୀ ଛବିରାଣୀ ଓ ଦୁଇଟି ଛୋଟ ପିଲାଙ୍କୁ ନେଇ ହସଖୁସିରେ କଟୁଥିଲା ତାଙ୍କର ଦିନ। ହଠାତ୍ ତାଙ୍କ ଜୀବନରେ ମାଡ଼ିଆସିଲା ଘୋର ଅନ୍ଧକାର। ନବକିଶୋର ଥିଲେ ଖବରକାଗଜ ପାଇଁ ଏକ ସାଧାରଣ ଖବରଦାତା। ସ୍ଥାନୀୟ ଅଞ୍ଚଳରେ ଘଟିଥିବା ଏକ ଦୁର୍ନୀତି ଓ ବେଆଇନ କାର୍ଯ୍ୟ ସମ୍ପର୍କରେ ଏକ ଖବରକାଗଜକୁ ଜଣେଇଦେବାରୁ ସେ ସେହି ଅଞ୍ଚଳର ଏକ କୁଖ୍ୟାତ ମାଫିଆ ଗୋଷ୍ଠୀର ପ୍ରତିଶୋଧର ଶିକାର ହୋଇପଡ଼ିଲେ। ସେମାନେ ତାଙ୍କୁ ଜୀବନରୁ ମାରିଦେବା ପାଇଁ ଚକ୍ରାନ୍ତ କରୁଥିବାର ସୁରାକ ପାଇ ବିଚରା ସେଇ ରାତିରେ ଲୁଚିଛପି ସପରିବାର ଗାଁ ଛାଡ଼ି ଅନ୍ୟତ୍ର ଚାଲିଯାଉଥିଲା ବେଳେ ନିକଟସ୍ଥ ବିଲୁଆଖାଇ ନଦୀର ବାଲୁକା ଶଯ୍ୟାରେ ସମ୍ପୃକ୍ତ ମାଫିଆ ଗୋଷ୍ଠୀ ନବଙ୍କ ସ୍ତ୍ରୀ ଛବିରାଣୀଙ୍କୁ ଗୋଡ଼େଇ ଗୋଡ଼େଇ ଧରିଲେ। ସେଇ ନଈବାଲିରେ ତାଙ୍କୁ ଗଣବଳାତ୍କାର କରି ଅତି ନୃଶଂସଭାବେ ହତ୍ୟା କଲେ। ନବ ତାଙ୍କର ଦୁଇଟି ପିଲାଙ୍କୁ ନେଇ ପଳେଇଯିବାକୁ ସକ୍ଷମ ହେଲେ। ସେତେବେଳେ ଏହି ଘଟଣାଟି ସାରା ଓଡ଼ିଶାରେ ଚହଳ ପକେଇଥିଲା।

କେବଳ ଓଡ଼ିଶାରେ ନୁହେଁ ସାରା ଭାରତରେ ସର୍ବତ୍ର ଘଟିଚାଲିଛି ଏହିପରି ମର୍ମନ୍ତୁଦ ଘଟଣା। ଦେଶର ବିଭିନ୍ନ ପ୍ରାନ୍ତରେ ଘଟୁଥିବା ବେଆଇନ କାର୍ଯ୍ୟକଳାପ, ଅନୁସନ୍ଧାନମୂଳକ ବିବରଣୀ, ଧାର୍ମିକ ଅସହିଷ୍ଣୁତା କିମ୍ବା ରାଜନେତାମାନଙ୍କର କାରନାମା ଭଳି ସମ୍ବେଦନଶୀଳ ତଥ୍ୟାବଳୀ ଖବରକାଗଜ ମାଧ୍ୟମରେ ଲୋକଲୋଚନକୁ ଆଣି ଖବରଦାତା ଏବଂ ପତ୍ରକାରମାନେ ମାଫିଆ ତଥା ଅସାମାଜିକମାନଙ୍କର କ୍ରୋଧାଗ୍ନିରେ ଭସ୍ମୀଭୂତ ହୋଇଯାଉଛନ୍ତି, ଯେମିତି ହୋଇଛନ୍ତି ନରେନ୍ଦ୍ର ଡାବୋଲକର, ଗୋବିନ୍ଦ ପାନସାରେ, ଏମ୍‌ଏମ୍ କାଲବର୍ଗୀ, ଗୌରୀ ଲଙ୍କେଶ ପ୍ରମୁଖ। ତଥ୍ୟ ଅନୁସାରେ ୨୦୧୫ରୁ ୨୦୧୭ ମଧ୍ୟରେ ଭାରତରେ ୧୫ଜଣ ଖବରଦାତାଙ୍କୁ ହତ୍ୟା କରାଯାଇଛି। ବିଶ୍ୱ ସମୁଦାୟ ବି ଏଭଳି ସମସ୍ୟାରୁ ମୁକ୍ତ ନୁହେଁ, ଯାହାର ଦୃଷ୍ଟାନ୍ତ ହେଉଛନ୍ତି ଅଷ୍ଟ୍ରେଲିଆର ଜୁଲିଆନ ଆସାଞ୍ଜ, ଇରାକର ଚେଲ୍‌ସି ମ୍ୟାନିଂ ଏବଂ ଏଡୱାର୍ଡ ସ୍ନୋଡେନ। ୨।୧୦।୨୦୧୮ରେ ୱାଶିଂଟନ ପୋଷ୍ଟର ପ୍ରତିନିଧି ସୌଦି ଆରବର ଜମାଲ ଖସୋଗୀ ଏକ ଅନୁସନ୍ଧାନମୂଳକ ତଥ୍ୟ ପ୍ରକାଶ କରିଥିବା ଯୋଗୁ ଇସ୍ତାନବୁଲସ୍ଥିତ ସୌଦି ଆରବ ଦୂତାବାସଠାରେ ତାଙ୍କୁ ନିଷ୍ଠୁର ଭାବରେ ହତ୍ୟା କରାଯିବା ଘଟଣା ଏଭଳି ଅପରାଧର ଇତିହାସରେ ଆଉ ଏକ ପୃଷ୍ଠା ଯୋଡ଼ିଦେଇଛି। ପ୍ରଖ୍ୟାତ ଅନ୍ତର୍ଜାତୀୟ ସଂସ୍ଥା 'ରିପୋର୍ଟ ୱିଦାଉଟ୍ ବର୍ଡର'ର ତଥ୍ୟ ଅନୁସାରେ କେବଳ ୨୦୧୮ରେ ସାରା ବିଶ୍ୱରେ ୮୦ ଜଣ ଖବରଦାତାଙ୍କୁ ସଂହାର କରାଯାଇଛି।

ଏଭଳି ନିର୍ଯାତନାର ପରିସର କେବଳ ଖବରଦାତାଙ୍କ କ୍ଷେତ୍ରରେ ସୀମିତ ନୁହେଁ। ୨୦୦୫ରୁ ପ୍ରଚଳିତ ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ମାଧ୍ୟମରେ ତଥ୍ୟ ସଂଗ୍ରହକାରୀମାନେ ବି ସମଦଶାପନ୍ନ। ୨୦୧୭ରେ ଭାରତରେ ୬୫ ଜଣ ଆର୍‌ଟିଆଇ ଆବେଦନକାରୀଙ୍କୁ ହତ୍ୟା କରାଯାଇଛି।

ଅନେକ ସମୟରେ ସରକାରୀ କର୍ମଚାରୀମାନେ ବି ଆକ୍ରୋଶର ଶରବ୍ୟ ହୁଅନ୍ତି। ଯେଉଁମାନେ ସତ୍ୟାନ୍ୱେଷୀ ଏବଂ ସରକାରୀ ଦପ୍ତରରେ ଚାଲିଥିବା ଦୁର୍ନୀତି, ପ୍ରିୟାପ୍ରୀତି ତୋଷଣ ଓ ସ୍ୱେଚ୍ଛାଚାର ବିପକ୍ଷରେ ସ୍ୱର ଉତ୍ତୋଳନ କରନ୍ତି ସେମାନଙ୍କୁ ଅଯଥାରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନରେ ଜଡ଼ିତ କରାଯାଏ। ଏହାର ଏକ ଦୁଃଖଦ ଉଦାହରଣଭାବେ ୨୦୦୩ରେ ଘଟିଥିବା ଏକ ଘଟଣାର ଅବତାରଣା କରାଯାଇପାରେ। ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥାର ଗୟା କାର୍ଯ୍ୟାଳୟରେ ମ୍ୟାନେଜର ଥିବା ସତ୍ୟେନ୍ଦ୍ର କୁମାର ଦୁବେ ବିଭାଗୀୟ ଅଧିକାରୀଙ୍କର ଦୁର୍ନୀତି ସମ୍ବନ୍ଧରେ ପ୍ରଧାନମନ୍ତ୍ରୀଙ୍କୁ ଏକ ଗୋପନୀୟ ପତ୍ର ଲେଖି ନିଜର ପରିଚୟ ଗୋପନ ରଖିବାକୁ ଅନୁରୋଧ କରିଥିଲେ। କିନ୍ତୁ ପତ୍ରଟି ପ୍ରକାଶ ପାଇଗଲା, ଯାହାଫଳରେ ଦୁବେଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣା ପରେ ସରକାରଙ୍କର ଚେତା ପଶିଲା ଏବଂ ପାର୍ଲାମେଣ୍ଟରେ ପାରିତ ହେଲା ହ୍ୱିସିଲ୍‌ବ୍ଲୋୟର୍ସ ପ୍ରୋଟେକ୍ସନ ଆକ୍ଟ–୨୦୧୪, ଯାହାର ମୁଖ୍ୟାଂଶ ହେଲା ଏହିପରି: ଦୁର୍ନୀତିର ଅଭିଯୋଗ, ଜାଣିଶୁଣି କ୍ଷମତାର ଅପବ୍ୟବହାର, ସରକାରୀ ଚାକିରିଆଙ୍କ ବିରୋଧରେ ଆପରାଧିକ ବା ଫୌଜଦାରି ମାମଲା ଇତ୍ୟାଦି ଘଟଣା କିମ୍ବା ଘଟିବାର ଆଶଙ୍କାକୁ ସମ୍ପୃକ୍ତ ଅଧିକାରୀଙ୍କ ଦୃଷ୍ଟିକୁ ଆଣୁଥିବା ବ୍ୟକ୍ତିବିଶେଷ କିମ୍ବା ଅନୁଷ୍ଠାନକୁ ସମ୍ପୂର୍ଣ୍ଣ ନିରାପତ୍ତା ଯୋଗାଇଦିଆଯିବ। ଯେଉଁମାନେ ନିଜ ପରିଚୟ ଗୋପନ ରଖିବାକୁ ଚାହୁଁଥିବେ ସେମାନଙ୍କର ପରିଚୟ ସମ୍ପୂର୍ଣ୍ଣ ଗୁପ୍ତ ରଖାଯିବ। ଯେଉଁମାନେ ପୋଲିସ ସୁରକ୍ଷା ଚାହୁଁଥିବେ ସେମାନଙ୍କୁ ତୁରନ୍ତ ପୋଲିସ ସହାୟତା ଯୋଗାଇଦିଆଯିବ।

ଏସବୁ ସତ୍ତ୍ୱେ ପରିସ୍ଥିତି ଯଥା ପୂର୍ବଂ ତଥା ପରମ୍ ରହିଛି। ସେମିତି ସଙ୍କୋଚ, ନିର୍ଭୀକ, ନିରପେକ୍ଷ ଓ ସ୍ୱାଧୀନଚେତା ନ ହେଲେ ଜଣେ ସଫଳ ଖବରଦାତା ହୋଇପାରିବନି। ଦିନ ଥିଲା ଯେତେବେଳେ ଖବରଦାତାମାନେ (ଯଥା ଦଫାଦାର, ଚୌକିଦାର) ସମାଜରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ। ଏବେ ତ ତାହା ନାହିଁ। କିନ୍ତୁ ଖବରଦାତାମାନେ ସେହିପରି କର୍ତ୍ତବ୍ୟପରାୟଣ ହୋଇ ରହିଛନ୍ତି। ସେଇମାନଙ୍କ ଯୋଗୁ ହିଁ ସ୍ଥାନୀୟ ସମସ୍ୟାର ସମାଧାନ, ଅସୁବିଧାରେ ପଡ଼ିଥିବା ଲୋକଙ୍କ ପାଇଁ ସାହାଯ୍ୟ ଭିକ୍ଷା, ସତ୍ୟର ପରିପ୍ରକାଶ, ଅନ୍ୟାୟର ପ୍ରତିରୋଧ, ଦେଶ ବିଦେଶର ଖବର ଗାଁଗଣ୍ଡାରେ ପହଞ୍ଚେଇବା ଇତ୍ୟାଦି ଜନହିତକର କାର୍ଯ୍ୟ ସମ୍ପାଦିତ ହୋଇଥାଏ। ଅତଏବ କିଏ ସାହାଯ୍ୟ କରୁ ବା ନ କରୁ ଯେଉଁ ଜନସାଧାରଣଙ୍କ ପାଇଁ ସେମାନଙ୍କର ଜୀବନ ଉତ୍ସର୍ଗୀକୃତ, ସେହିମାନେ ଯଦି ତାଙ୍କ ପଛରେ ଛିଡ଼ା ହୁଅନ୍ତି କୌଣସି ଶକ୍ତି ସେମାନଙ୍କର ଅନିଷ୍ଟ କରିପାରିବନି। ଚତୁର୍ଥ ସ୍ତମ୍ଭ ଅକ୍ଷତ ରହିବ।

ସାରଦାଶ୍ରୀ, ୯୦୪ ଶାସ୍ତ୍ରୀନଗର,
ଭୁବନେଶ୍ୱର, ମୋ–୯୪୩୮୬୭୩୮୯୮

## ଏଇ ଭାରତରେ

ପଟିଆଲାର ଝିଅ ସନ୍ଧ୍ୟା। ପଟିଆଲା ଟ୍ରକ୍ ସଂଘ ନିକଟସ୍ଥ ଏକ ବସ୍ତିରେ ଝୁମ୍ପୁଡି ଘରେ ପାଞ୍ଚ ଭଉଣୀ–ଭାଇ ଓ ମାଆବାପାଙ୍କ ସହ ରହନ୍ତି ସେ। ସକାଳ ହେଲେ ତାଙ୍କ ମା' ଜରି ପ୍ଲାଷ୍ଟିକ ଗୋଟାଇବାକୁ ବାହାରିଯାନ୍ତି। ବାପା ଜଣେ ବୁଲାବିକାଳି। ପାଞ୍ଚ ଭଉଣୀ ଓ ଭାଇଙ୍କ ମଧ୍ୟରେ ସନ୍ଧ୍ୟା ବଡ଼। ଏଣୁ ପରିବାରର ଅଭାବ ଅନଟନ ପୂରଣ କରିବା ପାଇଁ ତାଙ୍କୁ ଭିକ୍ଷା ମାଗିବାକୁ ପଡେ। କିନ୍ତୁ 'ପଢିବି ଆଗକୁ ବଢିବି' ଏହି ଇଚ୍ଛା ପୂରଣ କରିବା ଲାଗି ସେ ଭିକ ମାଗିବା ଛାଡି ପଢିଛନ୍ତି। ଦଶମ ପାସ୍ କରିଛନ୍ତି। ପଢିବା ଭିତରେ ଅର୍ଥାଭାବ ପୂରଣ କରିବା ପାଇଁ ଦୋକାନୀମାନଙ୍କ ଘରେ କାମ ବି ସେ କରିଛନ୍ତି। ବସ୍ତିରେ ଦିନେ ଶିକ୍ଷାର ନୂଆ ସକାଳ ଆସିବ ବୋଲି କେହି କେବେ ଭାବି ନ ଥିଲେ। କିନ୍ତୁ ଦାରିଦ୍ର୍ୟର ଶିକୁଳି ଛିଣ୍ଡାଇ ଶିକ୍ଷାର ଏହି ସକାଳ ନେଇ ଆସିଛନ୍ତି ସନ୍ଧ୍ୟା। ଦଶମ ପାସ୍ କରିବା ପରେ ବେଙ୍ଗାଲୁରୁସ୍ଥିତ ନୂଆ ଗୁରୁକୁଳ ସଂସ୍ଥା ଦ୍ୱାରା ପରିଚାଳିତ ଏକ ବର୍ଷର ସଫ୍ଟୱେର ଡେଭ୍‌ଲପ୍‌ମେଣ୍ଟ କୋର୍ସର ପ୍ରବେଶିକା ପରୀକ୍ଷାରେ ସନ୍ଧ୍ୟା ପାସ୍ କରିଛନ୍ତି। ସେଠାରେ ବର୍ଷେ ଶିକ୍ଷାଲାଭ କରିବା ପରେ ସଫ୍ଟୱେର ବିକାଶ କରିବା ଲାଗି ସକ୍ଷମ ହୋଇପାରିବେ ଓ ତାଙ୍କ ପରିବାରର ଦାରିଦ୍ର୍ୟ ଦୂର ହୋଇଯିବ ବୋଲି ଆଶା ରଖିଛନ୍ତି ସନ୍ଧ୍ୟା। ବସ୍ତିର ଝିଅ ସନ୍ଧ୍ୟା ଏବେ ସଭିଙ୍କ ପାଇଁ ଆଦର୍ଶ ପାଲଟିଯାଇଛନ୍ତି। ବସ୍ତିର ଅନ୍ୟ ପିଲାମାନେ ବି ସନ୍ଧ୍ୟାଙ୍କ ଭଳି ପଢିବା ଆରମ୍ଭ କରିଦେଇଛନ୍ତି। 'ଏଭ୍ରି ହ୍ୟାଣ୍ଡ୍ ପେନ୍' ନାମକ ସଂସ୍ଥା ସନ୍ଧ୍ୟାଙ୍କୁ ପଢିବାରେ ସାହାଯ୍ୟ କରିଛି । ଜୀବନରେ ଆଉ ଏମିତି ଅନ୍ଧାର କେବେ ନ ଆସୁ ବୋଲି ସେ କହିଛନ୍ତି। ନିଜେ ରୋଜଗାର କରିବା ପରେ ତାଙ୍କ ଭଳି ଅସହାୟମାନଙ୍କପାଇଁକାମକରିବେବୋଲିକହିଛନ୍ତିସନ୍ଧ୍ୟା।

## ୨୫ ବର୍ଷ ତଳର ଧରିତ୍ରୀ

୮ ନଭେମ୍ବର ୧୯୯୪

- ଆଣବିକ ଉନ୍ନୟନ ସହଯୋଗ ସଂକ୍ରାନ୍ତରେ ଚାଇନା ଏବଂ କାନାଡା ମଧ୍ୟରେ ଦୁଇଟି ରାଜିନାମା ସ୍ୱାକ୍ଷରିତ।
- ତାମିଲନାଡୁରେ ଚାଲିଥିବା ସପ୍ତାହବ୍ୟାପୀ ଝଡ଼ବର୍ଷାରେ ୫୪ ଜଣଙ୍କ ପ୍ରାଣହାନି।
- ନିଜ ଦେଶର ବ୍ୟବସାୟୀମାନେ ଉତ୍ତରକୋରିଆରେ ପୁଞ୍ଜି ବିନିଯୋଗ କରିବା ନେଇ ଦକ୍ଷିଣ କୋରିଆ ଦୀର୍ଘ ୫୦ ବର୍ଷ ହେଲା ଜାରି କରି ଆସିଥିବା ନିଷେଧାଜ୍ଞାକୁ ଉଠାଇ ଦେବା ଲାଗି ଘୋଷଣା କରିଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଡାକ୍ତରଙ୍କ ପ୍ରତି ହିଂସା

ମହାଶୟ,

ସେବାକୁ ବ୍ରତ ଭାବରେ ଗ୍ରହଣ କରିବା ନିମନ୍ତେ ମେଧାବୀ ଛାତ୍ରୀ–ଛାତ୍ରମାନେ ସାଧାରଣତଃ ଆଗ୍ରହ ପ୍ରକାଶ କରିଥାନ୍ତି। ଏଥିନିମନ୍ତେ ସେମାନଙ୍କୁ କଠୋର ପରୀକ୍ଷାରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା କରିବାକୁ ହୁଏ। ଡାକ୍ତରୀ ପାଠ ଏଗାରବର୍ଷ ଅଧ୍ୟୟନ କରିବାକୁ ହୁଏ। ସରକାର, ସମାଜ ଓ ତାଙ୍କ ପରିବାର ଏହି ସମୟରେ ତାହାଙ୍କୁ ମାନସିକ, ବୌଦ୍ଧିକ ଓ ଆର୍ଥିକ ସହଯୋଗ କରିଥାନ୍ତି। ଆମ ଦେଶରେ ୧୦,୯୨୬ ଜଣ ନାଗରିକଙ୍କ ପାଇଁ ଜଣେ ମାତ୍ର ଡାକ୍ତର ଥିବାର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦର୍ଶାଇଛନ୍ତି ; ମାତ୍ର ୧୦୦୦ଜଣରେ ଜଣେ ଡାକ୍ତର ରହିବା କଥା। ସୁତରାଂ, ଅଧୁନା ଜଣେ ଡାକ୍ତର ଦଶ ଗୁଣ ଅର୍ଥାତ୍ ଦଶଜଣ ଡାକ୍ତରଙ୍କ କାମ କରୁଛନ୍ତି। ଅନ୍ୟପକ୍ଷରେ ଡାକ୍ତରଖାନାଗୁଡ଼ିକରେ ପର୍ଯ୍ୟାପ୍ତ ଭିତ୍ତିଭୂମି ନାହିଁ। କିନ୍ତୁ, ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ସର୍ବୋତ୍ତମ ଚିକିତ୍ସାର ଆଶା ନେଇ ଆସୁଛନ୍ତି। ଏପରିସ୍ଥଳେ ଡାକ୍ତର ଯାହାବି କଲେ ରୋଗୀ ଓ ସମ୍ପର୍କୀୟମାନେ ଅସନ୍ତୁଷ୍ଟ ହେଉଛନ୍ତି। ରୋଗୀଙ୍କ ସମ୍ପର୍କୀୟମାନେ ହିଂସା ସୃଷ୍ଟି କରୁଛନ୍ତି ଓ ସେବା କରିବା ମନୋବୃତ୍ତି ଆଘାତ ପାଉଛି। ଏହି ପୃଷ୍ଠଭୂମିରେ ଭିମ୍‌ସାର ଡାକ୍ତର ପାଢୀଯୋଷୀଙ୍କ ଘଟଣା ମୋତେ ଗଭୀର ଆଘାତ ଦେଇଛି। ମୁଁ ତାଙ୍କଠାରୁ ସେବା ପାଇଛି। ଏପରି ଜଣେ ଡାକ୍ତର ଆଜି ସମାଜରେ ବିରଳ। ଡାକ୍ତର, ଡାକ୍ତରଖାନାର ଭିତ୍ତିଭୂମିକୁ ବିଚାର କରିବା ସହ ନିଜର ଆର୍ଥିକ ଅବସ୍ଥା ଭିତରେ ସନ୍ତୁଳନ ରକ୍ଷା ହେଲେ ଡାକ୍ତର–ରୋଗୀ–ଡାକ୍ତରଖାନା ଓ ସମ୍ପର୍କୀୟମାନେ ପରସ୍ପର ଶ୍ରଦ୍ଧାଶୀଳ ହେବେ। ବିଶ୍ୱାସ, ଧୈର୍ଯ୍ୟ, ଶ୍ରଦ୍ଧା ସମ୍ପର୍କକୁ ଦୃଢ କରିବ। ଡାକ୍ତର ଓ ରୋଗୀଙ୍କ ମଧ୍ୟରେ ମଧୁର ସମ୍ପର୍କ ଗଢି ଉଠୁ।

ବନଲତା ପଟ୍ଟନାୟକ, ଶିକ୍ଷୟିତ୍ରୀ, କୋଣାର୍କ ନଗର, ପଲ୍ଲା, ଖୋରଧା

### ଭାରତର ଜିଡିପି କେତେ

ଜୁଲାଇ ୨୮ରେ ରାଷ୍ଟ୍ରପତି ବିଦେଶ ଗସ୍ତରେ ଥିବାବେଳେ କହିଥିଲେ ଯେ, ଏବେ ଭାରତର ଜିଡିପି ୨.୬ ଟ୍ରିଲିୟନ ଡଲାର। ଅଗଷ୍ଟ ପ୍ରଥମ ସପ୍ତାହରେ ବିଶ୍ୱବ୍ୟାଙ୍କ ଭାରତର ଅର୍ଥନୀତି ୨.୭ ଟ୍ରିଲିୟନ ଡଲାର ଥିବା ଦର୍ଶାଯାଇଛି। ପ୍ରଧାନମନ୍ତ୍ରୀ ଗତ ସ୍ୱାଧୀନତା ଦିବସ ଭାଷଣରେ କହିଥିଲେ ଯେ, ଏବେ ଭାରତର ଜିଡିପି ୩ ଟ୍ରିଲିୟନ ଡଲାର। ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଉଛି ଯେ, ଏବେ ଭାରତର ଜିଡିପି ୨.୮ ଟ୍ରିଲିୟନ ଡଲାର। ଏଣୁ ଏବେ ପ୍ରକୃତରେ ଭାରତର ଜିଡିପି କେତେ ?

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ପରମ ପଦ ଅଟେ।
- ବ୍ୟାସଦେବ



# ଲାଞ୍ଚ ନେଇ ଜିଲା ଶ୍ରମ ଅଧିକାରୀ ଗିରଫ

## ଟଙ୍କା ନଷ୍ଟ କରି ନ ପାରି ଭିଜିଲାନ୍ସ ଅଧିକାରୀଙ୍କୁ କାମୁଡ଼ିଲେ

**ଫୁଲବାଣୀ ଅଫିସ, ୭।୧୧**

କନ୍ଧମାଳ ଜିଲା ଶ୍ରମ ଅଧିକାରୀ ଗୁରୁବାର ୧୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଗିରଫରୁ ବର୍ତ୍ତିବା ପାଇଁ ଜିଲା ଶ୍ରମ ଅଧିକାରୀ ରଞ୍ଜନ କିଶୋର ବେହେରା ଲାଞ୍ଚ ଟଙ୍କାକୁ ପାଟିରେ ପୂରାଇ ନଷ୍ଟ କରିବାକୁ ଚେଷ୍ଟା କରିବା ବେଳେ ଭିଜିଲାନ୍ସ ଇନ୍ସପେକ୍ଟରଙ୍କୁ କାମୁଡ଼ି ରକ୍ତାକ୍ତ କରିଥିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ମୃତ୍ୟୁକାଳୀନ ସହାୟତା ରାଶି ମିଳିବା ଫାଇଲକୁ ଜିଲାପାଳଙ୍କ ନିକଟକୁ ପଠାଇବା ନିମନ୍ତେ ଲାଞ୍ଚ ନେବାବେଳେ ସଂପୃକ୍ତ ଅଧିକାରୀ ଧରାପଡ଼ି ଗିରଫ ହୋଇଛନ୍ତି। ଏ ନେଇ ଭିଜିଲାନ୍ସରେ ନଂ.୩୦/୧୯ରେ ଏକ ମାମଲା ରୁଜୁ କରାଯାଇ ଶ୍ରମ ଅଧିକାରୀ ବେହେରାଙ୍କୁ କୋର୍ଟଚାଲାଣ କରାଯାଇଛି। ଫୁଲବାଣୀସ୍ଥିତ ତାଙ୍କ ଭଡ଼ା ଘର ଓ କଟକ ସିଡିଏ ୧୦ରେ ଥିବା ବାସଭବନ ଉପରେ ଚଢ଼ାଉ କରାଯାଇ ଯାଞ୍ଚ ଚାଲିଥିବା ଭିଜିଲାନ୍ସ ଡିଏସ୍‌ପି ରବିକାନ୍ତ ସୁନା ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ୪ ଶ୍ରମିକ ତଥା ନୀରୋଦା ପ୍ରଧାନ, ଇନ୍ଦିରା କହଁର, କୁନ୍ତିମାଳା ପ୍ରଧାନଙ୍କ ସ୍ୱାମୀ ଏବଂ ଗଜପତି ପ୍ରଧାନଙ୍କ ବାପାଙ୍କ ମୃତ୍ୟୁ ଘଟିଥିଲା। ମୃତକମାନଙ୍କ ନାମ ଶ୍ରମ କାର୍ଯ୍ୟାଳୟରେ ପଞ୍ଜୀକୃତ ରହିଛି। ତେଣୁ ସେମାନଙ୍କ ସମ୍ପର୍କୀୟମାନଙ୍କୁ ସରକାରୀ ନିୟମ ଅନୁସାରେ ଅକାଳ ମୃତ୍ୟୁ ଯୋଗୁ ୧ ଲକ୍ଷ ଟଙ୍କା ଲେଖାଏ ସହାୟତା ଦେବାପାଇଁ ଟିକାବାଲିର ଆଞ୍ଚଳିକ ବିଶ୍ୱକର୍ମା ଶ୍ରମିକ ସଂଘର ସଭାପତି ବାବୁଜା ପ୍ରଧାନ ଆବେଦନ କରିଥିଲେ। ଏ ସମ୍ପର୍କିତ ଫାଇଲ ଯାଞ୍ଚ କରି ଜିଲାପାଳଙ୍କ ନିକଟକୁ ପଠାଇବାକୁ ଶ୍ରମିକ ସଂଘ ସଭାପତି ପ୍ରଧାନଙ୍କୁ ଜିଲା ଶ୍ରମ ଅଧିକାରୀ ବେହେରା ୧୫ ହଜାର ଟଙ୍କା ମାଗିଥିଲେ। ଏ ନେଇ ପ୍ରଧାନ ବୁଧବାର ଫୁଲବାଣୀସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ଗୁରୁବାର ସେ ୧୫ ହଜାର ଟଙ୍କା ନେଇ ଶ୍ରମ ଅଧିକାରୀ ବେହେରାଙ୍କୁ ତାଙ୍କ ଅଫିସ ପ୍ରକୋଷ୍ଠରେ ଦେଇଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଅଧିକାରୀମାନେ ଚଢ଼ାଉ କରି ଉକ୍ତ ଟଙ୍କା ଜବତ କରିବା ବେଳେ ଶ୍ରମ ଅଧିକାରୀ ବେହେରା ତାହାକୁ ପାଟିରେ ପୂରାଇ ଦେଇଥିଲେ। ଇନ୍ସପେକ୍ଟର ପୁଲସ୍ତି ଛତ୍ରିଆ ତାଙ୍କ ପାଟିରୁ ଟଙ୍କା ବାହାର କରୁଥିବା ବେଳେ ବେହେରା ହାତକୁ କାମୁଡି ରକ୍ତାକ୍ତ କରି ଦେଇଥିଲେ। ପରେ ଉକ୍ତ ଟଙ୍କା ଜବତ କରାଯାଇ ବେହେରାଙ୍କୁ ଗିରଫ କରାଯାଇଥିଲା। ଚଢ଼ାଉରେ ଭିଜିଲାନ୍ସ ଇନ୍ସପେକ୍ଟର ଛତ୍ରିଆଙ୍କ ସମେତ ଇନ୍ସପେକ୍ଟର କ୍ରିଷ୍ଣା କୁମାରୀ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ବଟି ପାଇଁ କ୍ରଶର ମ୍ୟାନେଜରଙ୍କୁ ଗୁଳି

**କୋରାପୁଟ,୭।୧୧(ସ୍ୱ.ପ୍ର.)**

କୋରାପୁଟ ଜିଲା ମାଛକୁଣ୍ଡ ଥାନା ସିଲପଣ୍ଡି ଗ୍ରାମସ୍ଥିତ ଏସ୍‌ଇପିଏଲ କ୍ରଶର ୟୁନିଟରେ ଟଙ୍କା ଆଦାୟ କରିବାକୁ ଯାଇ ବୁଧବାର ରାତିରେ ସେଠାକାର ମ୍ୟାନେଜରଙ୍କୁ ଗୁଳି କରିଛନ୍ତି ନକଲି ମାଓବାଦୀ। ଏଥିରେ କ୍ରଶର ମ୍ୟାନେଜର ଗୁରୁତର ହୋଇଛନ୍ତି। ପୋଲିସର ପାଲଟା ଗୁଳିରେ ଜଣେ ନକଲି ମାଓବାଦୀ ମଧ ଆହତ ହୋଇଛନ୍ତି। ସେମାନଙ୍କଠାରୁ ମାଉଜର, ଦେଶୀ ବନ୍ଧୁକ, ଗୁଳି, ୨ଟି ମୋବାଇଲ ଜବତ ହୋଇଛି। ଗୁରୁବାର ସନ୍ଧ୍ୟାରେ ଖବରଦାତା ସମ୍ମିଳନୀରେ କୋରାପୁଟ ଏସ୍‌ପି ମୁକେଶ କୁମାର ଭାମୁ ଏହି ସୂଚନା ଦେଇଛନ୍ତି।

ପୋଲିସ ତଥ୍ୟ ଅନୁଯାୟୀ, ଦୁଇଦିନ ତଳେ ସିଲପଣ୍ଡି କ୍ରଶର ୟୁନିଟ୍ ମ୍ୟାନେଜର ଭି. ପ୍ରସାଦ ରାଓଙ୍କଠାରୁ ୧୦ ଲକ୍ଷ ଟଙ୍କା ଦାବି କରିଥିଲେ କେତେକ ନକଲି ମାଓବାଦୀ। ବୁଧବାର ରାତିରେ ଏହି ଅର୍ଥରାଶି ଦେବା ପାଇଁ ସେମାନେ ତାଙ୍କୁ ତାଗିଦ୍ ମଧ କରିଥିଲେ। କିନ୍ତୁ ମ୍ୟାନେଜର ଟଙ୍କା ଦେବା ପୂର୍ବରୁ ମାଛକୁଣ୍ଡ ପୋଲିସକୁ ସବୁକଥା ଜଣାଇଥିଲେ। ବୁଧବାର ବିଳମ୍ବିତ ରାତିରେ ନକଲି ମାଓବାଦୀଙ୍କ ୭ ଜଣିଆ ଦଳ ମାଉଜର, ଦେଶୀ ବନ୍ଧୁକ ଧରି କ୍ରଶରରେ ପହଞ୍ଚି ଟଙ୍କା ମାଗିଥିଲେ। କିନ୍ତୁ ମ୍ୟାନେଜର ମାତ୍ର ୫୦ ହଜାର ରଖିଛି ବୋଲି କହିଥିଲେ। ନକଲି ମାଓବାଦୀମାନେ ସେହି ଟଙ୍କା ଛଡ଼ାଇନେଇ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଏହି ସମୟରେ ପୋଲିସ ସେଠାରେ ପହଞ୍ଚିବାରୁ ସେମାନେ ପୋଲିସ ଉପରକୁ ମଧ ଗୁଳିମାଡ଼ କରିଥିଲେ। ପୋଲିସ ପାଲଟା ଜବାବ ଦେବାରୁ ଜଣେ ନକଲି ମାଓବାଦୀଙ୍କ ଗୋଡ଼ରେ ଗୁଳି ବାଜିଥିଲା। ସେ ପୋଲିସ ହାତରେ ଧରାପଡ଼ିଥିଲେ। ଗୁରୁତର ପ୍ରସାଦଙ୍କୁ ପ୍ରଥମେ ଲମତାପୁଟ ଓ ପରେ କୋରାପୁଟ ମେଡିକାଲ ନିଆଯାଇଥିଲା। କିନ୍ତୁ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଗୁରୁବାର ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ଆହତ ନକଲି ମାଓବାଦୀ ଲକ୍ଷ୍ମଣ ଶିଶା କୋରାପୁଟ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସିଲପଣ୍ଡି ଗାଁରେ ହିଁ ତାଙ୍କର ଘର। ଘଟଣାରେ ଜଡ଼ିତ ମେରିପେଟା ଗ୍ରାମର ଦୀପକ, ମହେନ୍ଦ୍ର ଶିଶା, କୈଳାସ ଶିଶା, ସନ୍ତୋଷ ଶିଶା ଓ ଅନ୍ୟ ୨ ଜଣ ଫେରାର ହୋଇଯାଇଛନ୍ତି। ଏନେଇ ମାଛକୁଣ୍ଡ ଥାନାରେ ଧାରା ୩୫୩, ୩୦୭, ୩୪ ଆଇପିସି, ୨୫ (୧ ବି), ୨୭ ଆର୍ମସ ଆକ୍ଟ ଅନୁଯାୟୀ କେସ୍ ନଂ ୬୭/୨୦୧୯ରେ ମାମଲା ରୁଜୁକରି ଲକ୍ଷ୍ମଣଙ୍କୁ ଗିରଫ କରାଯାଇଛି।

## ହିଆଁଲ ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ କାଟ ଖାଇଲା

**କଣ୍ଟାବାଞ୍ଜି, ୭।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁରେକେଲା ବ୍ଲକର ହିଆଁଲ ପଞ୍ଚାୟତର ସରପଞ୍ଚ ହରିସିଂ ପୋଢଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ କାଟ୍ ଖାଇଛି। ମୋଟ ୧୧ ୱାର୍ଡ ସଭ୍ୟାସଭ୍ୟଙ୍କ ମଧ୍ୟରୁ ନାଏବ ସରପଞ୍ଚ ଲିଲି ବନଛୋର ଓ ୱାର୍ଡସଭ୍ୟା କୁନ୍ତଳା ସମରଥ ଅନାସ୍ଥା ପ୍ରସ୍ତାବ ଦିନ ପଞ୍ଚାୟତ କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ। ଅନ୍ୟ ୯ ସଭ୍ୟାସଭ୍ୟ ଗୁରୁବାର ଅପରାହ୍ନ ୧ଟା ଯାଏ ଅନାସ୍ଥା ପ୍ରସ୍ତାବ ଭୋଟ ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ନ ଥିଲେ। ନିର୍ବାଚନୀ ଦାୟିତ୍ୱରେ ତହସିଲଦାର ଅଶୋକ କୁମାର ମାଝି ରହିଥିଲେ। ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ତଥା ତହସିଲଦାର ବଙ୍ଗୋମୁଣ୍ଡା ଗୁଣମଣି ସୁନାନିଙ୍କ ସହ କଣ୍ଟାବାଞ୍ଜି ପୋଲିସ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ପ୍ରକାଶଥାଉକି ସରପଞ୍ଚ ହରିସିଂ ପୋଢଙ୍କ ବିରେଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା।

## କାର୍ତ୍ତିକ ପୂଜା ପାଇଁ କଳସ ଯାତ୍ରା

**ଗୁଡଭେଲା,୭।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦୁଷରା ସହର ହାଟପଦାଠାରେ କାର୍ତ୍ତିକ ପୂଜା ପାଇଁ ଗୁରୁବାର ସ୍ଥାନୀୟ ପୋଖରୀରୁ ମହିଳାମାନେ ପୂର୍ଣ୍ଣ କଳସ ଜଳ ଏକ ଶୋଭାଯାତ୍ରାରେ ଆଣି ଅସ୍ଥାୟୀ ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଶୁକ୍ରବାରରୁ କାର୍ତ୍ତିକ ପୂରାଣ ପଠନ କରାଯିବ। ଡୁଲାମଣୀ ଯାନୀ କର୍ତ୍ତା ଦାୟିତ୍ୱ ତୁଲାଇଛନ୍ତି। ସଭାପତି ଦୀନବନ୍ଧୁ ବେହେରା, ମୁନା ମହାପାତ୍ର, ହରିହର ସାହୁ, ସରୋଜ ପୁଷ୍ଟି, ରବିନ୍ଦ୍ର ମହାପତ୍ର, ସଞ୍ଜିବ ସାହୁ, ସୁବାସ ସାହୁ, ଦେବାଶିଷ ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

### ସମନ୍ୱିତ ବିଏଡ୍, ଏମ୍ଏଡ୍ ଛାତ୍ରୀଛାତ୍ରଙ୍କ ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର

# ଚାକିରିରୁ ବଞ୍ଚିତ କରନାହିଁ

**ବଲାଙ୍ଗୀର ଅଫିସ, ୭।୧୧**

ବଲାଙ୍ଗୀର ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ତିନିବର୍ଷିଆ ସମନ୍ୱିତ ବିଏଡ ଓ ଏମ୍ଏଡ ପଢୁଥିବା ୧୫୦ଛାତ୍ରୀଛାତ୍ର ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୫ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି । ସରକାରଙ୍କ ଭୁଲ ନିଷ୍ପତ୍ତି ଯୋଗୁଁ ଯୋଗ୍ୟତା ହାସଲ ସତ୍ତ୍ୱେ ସମନ୍ୱିତ ବିଏଡ୍ ଓ ଏମଏଡ୍ ଡିଗ୍ରୀ ଧାରୀ ଛାତ୍ରୀଛାତ୍ରମାନେ କିଭଳି ଚାକିରିରୁ ବଞ୍ଚିତ ହେଉଛନ୍ତି ସେ ନେଇ କହିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ସମନ୍ୱିତ ବିଏଡ୍, ଏମଏଡ୍ ପାଠ୍ୟସଡା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଏଡ୍ ଓ ଏମଏଡ୍ ପାଠ୍ୟଖସଡା ସହ ସମାନ ଓ ଏହା ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଟିଇ ଓ ଏସ୍‌ସିଇଆରଟି ଦ୍ୱାରା ପରିକଳ୍ପିତ। ମାତ୍ର ସମନ୍ୱିତ ବିଏଡ, ଏମ୍ଏଡ୍ ଯୋଗ୍ୟତାଧାରୀଙ୍କୁ ଏମ୍ଏଡ୍ ଯୋଗ୍ୟତା ବିଶିଷ୍ଟ ସରକାରୀ ନିଯୁକ୍ତି ଦେବାକୁ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମତି ମିଳିଥିବାବେଳେ ବିଏଡ୍ ଯୋଗ୍ୟତା ବିଶିଷ୍ଟ ସରକାରୀ ନିଯୁକ୍ତ ସମ୍ବନ୍ଧୀୟ ଯୋଗ୍ୟତା ପରୀକ୍ଷା ଓଡିଇଟି, ଓଏସ୍ଏସ୍‌ଟିଇଟି ଏବଂ ସିଟିଇଟି ପରୀକ୍ଷା ତଥା ଟିଜିଟି ଓ ପିଜିଟି ପଦବୀରେ ନିଯୁକ୍ତିରୁ ବଞ୍ଚିତ କରାଯାଉଥିବା ଅଭିଯୋଗ କରିଛନ୍ତି । ଓଡିଶାର ୪ଟି ପ୍ରମୁଖ ଶିକ୍ଷା ଅନୁଷ୍ଠାନ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ, ଫକୀରମୋହନ୍ ବିଶ୍ୱବିଦ୍ୟାଳୟ, ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ସମନ୍ୱିତ ବିଏଡ୍ ଓ ଏମଏଡ୍ ପାଠ୍ୟକ୍ରମ ଚାଲୁଛି । ଅଦ୍ୟାବଧି ଓଡିଶାରେ ଏହି ପାଠ୍ୟକ୍ରମରେ ୧ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହୋଇସାରିଛନ୍ତି ଏବଂ ସମସ୍ତ ଶିକ୍ଷକ ଚୟନ ପରୀକ୍ଷାରୁ ଏହି ପାଠ୍ୟକ୍ରମର ଛାତ୍ରୀଛାତ୍ରମଙ୍କୁ ବଞ୍ଚିତ କରାଯାଇଥିବା ଅଭିଯୋଗ କରିଛନ୍ତି । ଏ ନେଇ ବିଭିନ୍ନ ସମୟରେ ଯୋଗ୍ୟତା ଧରି ଛାତ୍ରୀଛାତ୍ରମାନେ ଏ ଦିଗରେ ଗଣଶିକ୍ଷା ବିଭାଗ ଓ ଉଚ୍ଚଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ମଧ କିଛି ସୁଫଳ ମିଳିନାହିଁ । ଚଳିତବର୍ଷ ଓଡିଶାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ୬ ଶହ ଛାତ୍ରୀଛାତ୍ର ଏହି ପାଠ୍ୟକ୍ରମରେ ପାଠ ପଢୁଛନ୍ତି। ଯୋଗ୍ୟତା ହାସଲ କରିବା ପରେ ସେମାନଙ୍କୁ ଯଦି ଚାକିରୀ ସୁଯୋଗ ମିଳିବ ନାହିଁ ତେବେ ସେମାନେ ଏହି ପାଠ୍ୟକ୍ରମ ପଢ଼ି କ'ଣ ଲାଭ ପାଇଲେ ବୋଲି ପ୍ରଶ୍ନ କରିଛନ୍ତି । ଏ ସଂକ୍ରାନ୍ତରେ ଉଚ୍ଚଶିକ୍ଷାମନ୍ତ୍ରୀ ଅରୁଣ କୁମାର ସାହୁ, ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ତେବେ କୌଣସି ବିଭାଗୀୟ ମନ୍ତ୍ରୀଙ୍କଠାରୁ କୌଣସି ଉତ୍ତର ନପାଇବା ପରେ ରାଜେନ୍ଦ୍ର କଲେଜର ୧୫୦ ଛାତ୍ରୀଛାତ୍ର ଗୁରୁବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ୩ଦିନ ଭିତରେ ଦାବିପୂରଣ ନହେଲେ ବାଧହୋଇ ସେମାନେ ଅହିଂସା ପଦଯାତ୍ରାରେ ବଲାଙ୍ଗୀରରୁ ଭୁବନେଶ୍ୱର ଲୋକସେବା ଭବନକୁ ଯିବେ ବୋଲି ସୂଚନା ଦେଇଛନ୍ତି । ସମସ୍ତ ଜାତୀୟ ଓ ରାଜ୍ୟସ୍ତରୀୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା ଦେବ ପାଇଁ ଅନୁମତି ଦିଆଯିବା, ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକ ପଦବୀମାନଙ୍କୁ ନିଯୁକ୍ତି ପ୍ରଦାନ, ସମସ୍ତ ଶିକ୍ଷକ ପ୍ରଶିକ୍ଷକ ଅନୁଷ୍ଠାନରେ ଶିକ୍ଷକ ପ୍ରଶିକ୍ଷକ ପଦବୀ ନିମନ୍ତେ ଅନୁମତି ପ୍ରଦାନ, ସମସ୍ତ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନମାନଙ୍କରେ ଶିକ୍ଷକ ଅଧାପକ ଓ ପ୍ରାଧାପକ ପଦବୀ ନିଯୁକ୍ତି ନିମନ୍ତେ ଯୋଗ୍ୟତା ପ୍ରଦାନ କରାଯିବା ସହ ଏ ସଂକ୍ରାନ୍ତୀୟ ସମସ୍ତ ସକରାତ୍ମକ ନିଷ୍ପତ୍ତିକୁ ରାଜପତ୍ରରେ ସ୍ଥାନିତ କରିବାକୁ ଦାବି କରାଯାଇଛି।




ରାଜେନ୍ଦ୍ର କଲେଜର ସମନ୍ୱିତ ବିଏଡ୍ ଓ ଏମଏଡ୍ ଛାତ୍ରୀଛାତ୍ରମାନେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

- ରାଲିରେ ଆସିଲେ ୧୫୦ ଛାତ୍ରୀଛାତ୍ର
- ୩ ଦିନ ଭିତରେ ଦାବିପୂରଣ ନହେଲେ ଅହିଂସା ପଦଯାତ୍ରା ଚେତାବନୀ

# ବିଧାୟକଙ୍କୁ ଭେଟିଲେ ଆକ୍ସନ କମିଟି ପ୍ରତିନିଧି

## ଲୋୟର ସୁକ୍‌ତେଲ ପ୍ରକଳ୍ପ ଶୀଘ୍ର କାର୍ଯ୍ୟକାରୀ ଦାବି

**ବଲାଙ୍ଗୀର ଅଫିସ, ୭।୧୧**

ଦୀର୍ଘ ୧୫ ମାସରୁ ଉର୍ଦ୍ଧ୍ୱ ସମୟ ହେଲା ବଲାଙ୍ଗୀରର ଜୀବନରେଖା କୁହାଯାଉଥିବା ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ବନ୍ଦ ପଡିଛି । ଏହାକୁ ଶୀଘ୍ର କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ବିଧାୟକ ନରସିଂହ ମିଶ୍ରଙ୍କୁ ଆକ୍ସନ କମିଟି ପ୍ରତିନିଧିମାନେ ଗୁରୁବାର ଦାବିପତ୍ର ଦେଇ ଅନୁରୋଧ କରିଛନ୍ତି । ସୁକ୍‌ତେଲ ପ୍ରକଳ୍ପ ଶୀଘ୍ର କାର୍ଯ୍ୟକାରୀ କରିବା ଦିଗରେ ରାଜ୍ୟ ସରକାର ବିଧାୟକ ମିଶ୍ରଙ୍କୁ ଦାୟିତ୍ୱ ଦେଇଥିବା ଦର୍ଶାଇ ଏହାର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅନୁରୋଧ କରିଥିଲେ । ଆକ୍ସନ କମିଟି ସଭାପତି ଗୋପାଳଜୀ ପାଣିଗ୍ରାହୀ, ଇଂ ମଗନଲାଲ ଅଗ୍ରୱାଲ, ବିକ୍ରମାନନ୍ଦ ବହିଦାର, ନୀଳମଣି ମିଶ୍ରଳ ମନୋରଞ୍ଜନ ସାହୁ, ମୁନା ପଟ୍ଟନାୟକ, ଗିରିଶ ସିଂଦେଓ, ରିଲୁ ରଥ, ସନ୍ତୋଷ ସାହୁ, ବିନୋଦ କାଲସାଏ ଓ ରବି ଖମାରୀ ବିଧାୟକ ମିଶ୍ରଙ୍କୁ ଭେଟି ଆଲୋଚନା କରିଥିଲେ । ଏହି ପ୍ରକଳ୍ପ ଶୀଘ୍ର କାର୍ଯ୍ୟକାରୀ କରିବା ଦିଗରେ ରାଜ୍ୟ ସରକାରଙ୍କ ସହ ବିଭିନ୍ନ ସମୟରେ ହୋଇଥିବା ଆଲୋଚନା ସମ୍ପର୍କରେ ବିଧାୟକ ମିଶ୍ର ଅବଗତ କରାଇଥିଲେ । ଏହାକୁ କିଭଳି ଶୀଘ୍ର କାର୍ଯ୍ୟକାରୀ କରାଯିବ ସେଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଯଦି ଆସନ୍ତା ୧୫ ଦିନ ମଧରେ ପ୍ରକଳ୍ପ କାମ ଆରମ୍ଭ ନହୁଏ ତେବେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି କମିଟି ସଦସ୍ୟମାନେ କହିଥିଲେ ।



ବିଧାୟକ ନରସିଂହ ମିଶ୍ରଙ୍କୁ ଆକ୍ସନ କମିଟି ସଦସ୍ୟମାନେ ଦାବିପତ୍ର ଦେଉଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକା ହୋଇକରି ତପସ୍ୟା କରିବ
ଦୁଇଜଣ ମିଶି ପଢ଼ିବ ପାଠ
ତିନିଜଣ ମିଶି ସଙ୍ଗାତ ବସିବ
ଚାରିଜଣ ମିଶି ଚାଲିବ ବାଟ ।**

ଏକୁଟିଆ ନିରୋଳା ସ୍ଥାନରେ ତପସ୍ୟା କଲେ ତପସ୍ୟା ସଫଳ ହୋଇଥାଏ। ଦୁଇଜଣ ପରସ୍ପର ମଧରେ ଆଲୋଚନା କରି ପାଠ ପଢ଼ିଲେ ପାଠ ଅଧିକ ମନେ ରହିଥାଏ। ତିନିଜଣ ମିଶି ସଙ୍ଗାତ ବସିବା ଲାଭପ୍ରଦ ହେଉଥିବା ସ୍ଥଳେ ଚାରିଜଣ ମିଶି ବାଟ ଚାଲିଲେ ଚାଲିବାର ଶ୍ରମ ଜଣା ପଡୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଏକା ଲୋକ ବୋକା
ପିଲାଏ ମାରନ୍ତି ଟେକା ।**

ନିଃସଙ୍ଗ ଜୀବ ବଡ଼ କଷ୍ଟଦାୟକ। ଏକାହେଲେ ସବୁକାମ ନିଜେ କରିପାରିବନି, ଅନ୍ୟର ସାହାଯ୍ୟ ପାଇଲେ କାମଟି କରିବାକୁ ସାହସ ଆସେ, କାମଟି ସହଜରେ କରିହୁଏ। କାମଟି କେମିତି ହେବ ଜଣାଥିଲେ ମଧ ଏକୁଟିଆ ହୋଇ କରିବାକୁ ସାହସ ପାଇ ନ ଥାଏ। ଏକୁଟିଆ ଲୋକ ବେଶି ଦୁଃଖ ଦୁର୍ଦ୍ଦଶା ଭୋଗ କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

EDUCATION

LAST DATE OF ADMISSION ON 10/11/2019
B.Ed
Acharya Nagarjuna University
Equivalent to Govt. of Odisha
FREE Practical, Study Material, Formfillup fees & Weekend Class
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
7978204082, 9438286091

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍
ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦ ଲକ୍ଷ, ଭଡ଼ା ୬୦ ହଜାର + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7838639856
8826558929

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
MICRO FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8278449759
8901395759
B-34/7 A Block Vijay Enclave, Bururi, New Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

FINANCE

FINANCE
All India ଋଣ ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Janavi - 7566-888-563
Sagar - 7773-817-838
Manasi- 8827-505-029
Manisa- 7772-970-949
Sradha - 7583-808-884
Visakha- 8269-150-310
Vasundhara Mall, West Boring Canal Rd, Rajapur, Patna, Bihar 800001

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE ଯୋଗାଇ ଦେଉଛି । ସୁଧ=1%
M = 7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

LOAN DHAMAKA
1) Mudra Loan
2) Term Loan
3) Cash Credit
4) Vehicle Loan
5) Housing Loan
6) Agriculture Loan
7) Used Car Loan
8) Mortgaged Loan
PD ASSOCIATE
91, Kharvela Nagar, BBSR
8895436156

ASTROLOGY

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL
ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

ଶୁଭଜନଲକ୍ଷ୍ମୀ ଫାଇନାନ୍ସ
ଗୃହ ଋଣ, ମାର୍କଶିଟ୍ ଋଣ, କୃଷି ଋଣ, ପର୍ସନାଲ ଋଣ, ଗ୍ରୁପ୍ ଋଣ, ମାତ୍ର 5 ବାର୍ଷିକ ସୁଧ ହାରରେ ।
ଯୋଗାଯୋଗ କରନ୍ତୁ
9899289162
9858323204
Dehradun, UK

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ନୃତ୍ୟଗୀତରେ କମ୍ପିଲା ପ୍ରେକ୍ଷାଳୟ



ଶିଶୁ ଦିବସ ମହୋତ୍ସବରେ ଅତିଥିଙ୍କ ସହ ପୁରସ୍କୃତ ଛାତ୍ରୀଛାତ୍ର ।

**ସମ୍ବଲପୁର, ୭।୧୧ (ବ୍ୟୁରୋ)**

ତପସ୍ୱିନୀ ପ୍ରେକ୍ଷାଳୟରେ ଗୁରୁବାର ଜିଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଜିଲାସ୍ତରୀୟ ଶିଶୁ ଦିବସ ମହୋତ୍ସବ 'ମହକ-୨୦୧୯'ଅନୁଷ୍ଠିତ ହୋଇଯାଇଛି। ଶିଶୁମାନଙ୍କର ନୃତ୍ୟ, ଗୀତରେ ପ୍ରେକ୍ଷାଳୟ କମ୍ପି ଉଠିଥିଲା । ଏଥିରେ ଧନକଉଡା ଶିଶୁ ଆଶ୍ରମ, ଡା. ଆଇଜାକ ସାନ୍ତ୍ରା ବାଳନିକେତନ ଓ ରୁକ୍ମିଣୀଲାଠ ବାଳନିକେତନର ଅନ୍ତେବାସୀ ସାମିଲ ହୋଇଥିଲେ। ଗୀତ, ଦଳଗତ ନୃତ୍ୟ ଆଦି କାର୍ଯ୍ୟକ୍ରମରେ ସମସ୍ତେ ଭାଗ ନେଇଥିଲେ । ଗୁରୁ ତ୍ରିଲୋଚନ ତ୍ରିପାଠୀ, ନୃତ୍ୟଗୁରୁ ଶଶାଙ୍କ ଶେଖର ଦୁବେ, ନାଟ୍ୟକାର ରାମାଶିଷ ତ୍ରିପାଠୀ, ଗାୟକ ସନ୍ତୋଷ ମିଶ୍ର, ମାଷ୍ଟର ପ୍ରେମ ବିଚାରକ ଥିଲେ । ସ୍ମିତା ପଟ୍ଟନାୟକଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ତ୍ରିପାଠୀ ମୁଖ୍ୟଅତିଥି, ଡିଏସ୍‌ଡବ୍ଲୁଓ ଗୀତାଞ୍ଜଳି ମହାପାତ୍ର, ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ବ୍ରଜେନ୍ଦ୍ର ପଣ୍ଡା ସମ୍ମାନୀତ ଅତିଥି ଥିଲେ । ଶିଶୁ ସୁରକ୍ଷା ବିଭାଗ ଅଧିକାରୀ ଶୁଚିସ୍ମିତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ୟାଙ୍କ ଅଫ୍ ବରୋଦାର ପଦଯାତ୍ରା




ବ୍ୟାଙ୍କ ଅଫ୍ ବୋରଦା କ୍ଷେତ୍ରୀୟ ଅଫିସ ଦ୍ୱାରା ଆୟୋଜିତ ପଦଯାତ୍ରା ପଦଯାତ୍ରାରେ ସାମିଲ ହୋଇଥିବା କର୍ମଚାରୀମାନେ ।

ସମ୍ବଲପୁର, ୭।୧୧ (ବ୍ୟୁରୋ)

ବ୍ୟାଙ୍କ ଅଫ୍ ବରୋଦା ସମ୍ବଲପୁର କ୍ଷେତ୍ରୀୟ ଅଫିସ ପକ୍ଷରୁ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। କ୍ଷେତ୍ରୀୟ ଅଫିସ କର୍ମଚାରୀଙ୍କ ସମେତ ସମ୍ବଲପୁରସ୍ଥିତ ବ୍ୟାଙ୍କ ଶାଖାର କର୍ମଚାରୀମାନେ ଭାଗ ନେଇଥିଲେ । ସେମାନେ ସତର୍କତା ସଚେତନତା ଶପଥ ପାଠ ମଧ୍ୟ କରିଥିଲେ । ସମ୍ବଲପୁର ବ୍ୟାଙ୍କ ମୁଖ୍ୟ ଶାଖା, କ୍ଷେତରାଜପୁର ଶାଖା ମିଳିତ ଆନୁକୂଲ୍ୟରେ ଆଶାପାଲି ପ୍ରାଥମିକ ସ୍କୁଲଠାରେ ଦୁର୍ନୀତି ନିବାରଣ ଶୀର୍ଷକ ବକ୍ତୃତା ମଧ୍ୟ ଆୟୋଜନ କରାଯାଇଥିଲା । କ୍ଷେତ୍ରୀୟ ମୁଖ୍ୟ ବିବେକ ଗୁପ୍ତା, ସମ୍ବଲପୁର ମୁଖ୍ୟ ଶାଖା ପ୍ରବନ୍ଧକ ଅମୀୟ କିଶୋର ପ୍ରଧାନ, କ୍ଷେତ୍ରୀୟ ସତର୍କତା ବିଭାଗ ବରିଷ୍ଠ ପ୍ରବନ୍ଧକ ଶୁକରାମ ଦୀପ ଓ କ୍ଷେତରାଜପୁର ଶାଖା ବରିଷ୍ଠ ପ୍ରବନ୍ଧକ କମଳେଶ ତ୍ରିପାଠୀ ସାମିଲ ଥିଲେ ।

## ସଂକ୍ଷେପରେ

### ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭା

ସମ୍ବଲପୁର, ୭।୧୧ (ବ୍ୟୁରୋ)- ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ସାଧାରଣ ସଭା ଜ୍ୟୋତିବିହାରସ୍ଥିତ ଶିବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପେନସନ ପ୍ରଦାନରେ ଅସଙ୍ଗତି ଯୋଗୁ ଆଜି ପର୍ଯ୍ୟନ୍ତ ସପ୍ତମ ବେତନ କମିଶନ ଆଧାରରେ ପେନସନ ସଂଶୋଧନ ହୋଇପାରୁ ନାହିଁ । ଏହାଦ୍ୱାରା ୨୦୧୮ ମସିହାଠାରୁ ପେନସନ ଭୋଗିମାନଙ୍କୁ ବହୁତ କମ୍ ହିସାବରେ ଅବସରକାଳୀନ ପ୍ରାପ୍ୟ ପେନ୍‌ସନ୍ ଦିଆଯାଉଛି ବୋଲି ସୂଚୀତ କରାଯାଇଛି।

### ହୃଦ୍‌ଘାତରେ ବରିଷ୍ଠ ଆଇନଜୀବୀ ବେଦବ୍ୟାସ ସାଥୁଆଙ୍କ ପରଲୋକ



ସମ୍ବଲପୁର, ୭।୧୧ (ବ୍ୟୁରୋ) ବରିଷ୍ଠ ଆଇନଜୀବୀ ବେଦବ୍ୟାସ ସାଥୁଆଙ୍କ ହୃଦ୍‌ଘାତରେ ଗୁରୁବାର ଭୁବନେଶ୍ୱରସ୍ଥିତ ଘରୋଇ ଏକ ନର୍ସିଂହୋମ୍‌ରେ ପରଲୋକ ହୋଇଯାଇଛି । ଏହି ଖବର ସହରରେ ପ୍ରସାରିତ ହେବାପରେ ଶୋକର ଛାୟା ଖେଳି ଯାଇଛି । ବେଦବ୍ୟାସ ଜିଲା ଓକିଲ ସଂଘର ପୂର୍ବତନ ଉପସଭାପତି ଭାବେ କାର୍ଯ୍ୟ କରିଥିଲେ। ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବା ଲାଗି ଚାଲିଥିବା ଆନ୍ଦୋଳନରେ ମଧ୍ୟ ବେଦବ୍ୟାସ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଜିଲା ଓକିଲ ସଂଘ ସଭାପତି ବିଜିତେନ୍ଦ୍ର ପ୍ରଧାନ ତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ।

### ବ୍ୟାଙ୍କ ଆକାଉଣ୍ଟରେ ପଡିବ ଭତ୍ତା ଟଙ୍କା

ରାଉରକେଲା ଅଫିସ, ୭।୧୧ ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଚଳିତମାସରୁ ମଧୁବାବୁ ଓ ଜାତୀୟ ସାମାଜିକ ସୁରକ୍ଷାର ସମସ୍ତ ଭତ୍ତାଧାରୀଙ୍କୁ ନଗଦ ଆକାରରେ ପ୍ରଦାନ କରାଯାଉଥିବା ଭତ୍ତା ପରିବର୍ତ୍ତେ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯିବ। ନଭେମ୍ବର ମାସର ଭତ୍ତା ଟଙ୍କା ୩୦ ତାରିଖ ପରେ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ପୈଠ ହେବ। ତଦନୁଯାୟୀ ସମସ୍ତ ଭତ୍ତାଧାରୀ ସ୍ୱ ପ୍ରମାଣିତ ନିଜସ୍ୱ ବ୍ୟାଙ୍କ ଆକାଉଣ୍ଟ ଓ ଆଧାରକାର୍ଡର ଅବିକଳ ନକଲ ପୂର୍ବ ନିର୍ଦ୍ଧାରିତ ଭତ୍ତା ବିତରଣ କେନ୍ଦ୍ରରେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପ୍ରଦାନ କରିବା ପାଇଁ ଆର୍‌ଏମ୍‌ସିର ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଅନୁରୋଧ କରାଯାଇଛି।

## ସୈରେନ୍ଦ୍ରୀ ନାୟକ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ

# ଟାଉନ ସ୍କୁଲ, ଆଇପିଏସ୍ ବିଜୟୀ



ସୈରେନ୍ଦ୍ରୀ ନାୟକ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ମ୍ୟାଚରେ ଅତିଥି ଓ ଆୟୋଜକଙ୍କ ସହ ଖେଳାଳିମାନେ ।

**ସମ୍ବଲପୁର, ୭।୧୧ (ବ୍ୟୁରୋ)**

ଜିଲା ବର୍ଷିୟାନ କ୍ରୀଡା ସଂଘ ପକ୍ଷରୁ ଆୟୋଜିତ ସୈରେନ୍ଦ୍ରୀ ନାୟକ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ମ୍ୟାଚରେ ନୃସିଂହଗୁରୁ ଟାଉନ ହାଇସ୍କୁଲ ଓ ଇଣ୍ଡିଆନ ପବ୍ଲିକ ସ୍କୁଲ (ଆଇପିଏସ) ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ହାୱା ମଇଦାନଠାରେ ପ୍ରଥମ ମ୍ୟାଚ ଟାଉନ ହାଇସ୍କୁଲ ବନାମ କମିଶନରର୍ସ କଲୋନୀ ଦଳ ମଧ୍ୟରେ ହୋଇଥିଲା । ଏଥିରେ ଟାଉନ ହାଇସ୍କୁଲ ୪-୦ ଗୋଲରେ ଏକତରଫା ବିଜୟୀ ହୋଇଥିଲା । ସେହିପରି ଦ୍ୱିତୀୟ ମ୍ୟାଚ ଆଇପିଏସ ବନାମ କେନ୍ଦ୍ରୀୟ ବିଦ୍ୟାଳୟ ମଧ୍ୟରେ ହୋଇଥିଲା । ଏଥିରେ ଆଇପିଏସ ଦଳ ୨-୦ ଗୋଲରେ ବିଜୟୀ ହୋଇଥିଲା । ମଥୁରା ଓରାମ, ମନୋଜ ଭୋଇ, ସୁବାଷ ରାଉତ, ସାଏବ ଖମାରୀ, ବଳରାମ ମଟାରୀ ମ୍ୟାଚ ପରିଚାଳନା କରିଥିଲେ । ବିରଜା ହୋତା, ଅତନୁ ଘୋଷ, ସାବିର ହୁସେନ, ସୁରେନ୍ଦ୍ର ପୁରୋହିତ, ମନୋରଞ୍ଜନ ପାଢ଼ୀ ଅତିଥି ଭାବେ ଯୋଗ ଦେଇଥିଲେ । ଆଦିତ୍ୟ ଓରାମ ଓ ଭବାନୀ ବେହେରାଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା । ଡ. ବିଜୟ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଟ୍ରେନ୍ ଲାଇନରୁ ଯୁବକଙ୍କ ମୃତଦେହ ଜବତ

**ରାଉରକେଲା ଅଫିସ, ୭।୧୧**

ବନ୍ଧମୁଣ୍ଡା କୁକୁଡାଗେଟ୍ ଡାଉନ୍ ଲାଇନ୍‌ରୁ ବୁଧବାର ରାତିରେ ଜଣେ ଯୁବକଙ୍କ ମୃତଦେହ ମିଳିଛି ।ହେଲେ ତାଙ୍କ ପରିଚୟ ମିଳିନି। ବୟସ ପାଖାପାଖି ୨୫ରୁ ୨୭ ବର୍ଷ ଭିତରେ ହେବ ବୋଲି ଜିଆରପି ପୋଲିସ ସୂଚନା ଦେଇଛି। ଜିଆରପି ପୋଲିସ ସୂଚନା ଅନୁସାରେ ବିଶ୍ରା ରେଳ ଷ୍ଟେଶନରେ କୁକୁଡାଗେଟ ନିକଟରେ ଏକ ମୃତଦେହ ପଡିଥିବା ନେଇ ଷ୍ଟେଶନ ମାଷ୍ଟରଙ୍କୁ ଜଣେ ଟ୍ରେନ ଡ୍ରାଇଭର ସୂଚନା ଦେଇଥିଲେ। ଏଣୁ ଗୁରୁବାର ସକାଳୁ ଜିଆରପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରିଛି।

## ଜାତୀୟ କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ

**ସମ୍ବଲପୁର,୭।୧୧(ବ୍ୟୁରୋ)**

ଜିଲା ମୁଖ୍ୟଚିକିତ୍ସାଳୟସ୍ଥିତ ଆରଟିଆରସି ପ୍ରଶିକ୍ଷଣ କେନ୍ଦ୍ରଠାରେ ଗୁରୁବାର ଜାତୀୟ କର୍କଟ ରୋଗ ଦିବସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କର୍କଟ ରୋଗ ଚିହ୍ନଟ କରାଯିବା ସହ ସଚେତନତା ଶିବିର ହୋଇଥିଲା । ଜିଲା ଏନ୍‌ସିପି ପରାମର୍ଶଦାତା ବନ୍ଦନାମୟୀ ନାଗ, ଏନ୍‌ସିଡି ପରାମର୍ଶଦାତା ସନ୍ଦୀପ କୁମାର ବାରିକ ଯୋଗଦେଇ କର୍କଟ ରୋଗର ଭୟାବହତା ଓ ତାହାଠୁ କିପରି ଦୂରେଇ ରହିବେ ସେନେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶଶିଭୂଷଣ ପଟେଲଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ଡା. ପଞ୍ଚାନନ ନାୟକ, ଡା. ଚିନ୍ତାମଣୀ ମେହେର, ଡା. ଲଳିତ ପ୍ରଧାନ, ଡିପିଏସ ଡା. ମୌସୁମୀ ମିଶ୍ର, ଡା. ରାଜେନ୍ଦ୍ର ପଣ୍ଡା, ବ୍ରଜବନ୍ଧୁ ସାହୁ ବକ୍ତବ୍ୟ ଦେଇ କର୍କଟ ରୋଗର କାରଣ ଓ ନିରାକରଣ ଉପରେ ବୁଝାଇଥିଲେ । ଆଶାକର୍ମୀ, ଏଏନଏମ ଟ୍ରେନିଂ ସେଣ୍ଟରର ଛାତ୍ରୀମାନେ ଭାଗ ନେଇଥିଲେ । ଗାୟତ୍ରୀ ପାଣିଗ୍ରାହୀ, ସ୍ୱାଗତିକା ବେହେରା ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ଜିଲା କର୍କଟ ଉପଶମ କେନ୍ଦ୍ର ଉଦ୍‌ଘାଟିତ ହୋଇଥିଲା ।



ଗୁରୁବାର ସମ୍ବଲପୁର ଜିଲା ସଦର ଡାକ୍ତରଖାନା ପରିସରରେ ଅତିଥିମାନେ କର୍କଟ ରୋଗ ଉପଶମ କେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି ।

## ଗାଧୋଇବାକୁ ଯାଇ ନଦୀରେ ଭାସିଗଲେ ନାବାଳକ

**ରାଉରକେଲା ଅଫିସ,୭।୧୧**

ଦେଓଗାଁ ନିକଟ ବ୍ରାହ୍ମଣୀ ନଦୀ ତର୍କରା ଡ୍ୟାମ୍‌କୁ ଗାଧୋଇବାକୁ ଯାଇ ଗୁରୁବାର ମଧ୍ୟାହ୍ନରେ ଜଣେ ନାବଳକ ନିଖୋଜ ହୋଇ ଯାଇଛନ୍ତି। ତାଙ୍କ ନାଁ ଆଶିଷ ବଡାଇକ (୧୩)। ସେ ଉଦିତନଗର ହାଇସ୍କୁଲର ୮ମ ଶ୍ରେଣୀ ଛାତ୍ର। ଆଶିଷ ଓ ତାଙ୍କର ଅନ୍ୟ ୩ଜଣ ସାଙ୍ଗ ସ୍କୁଲରେ ଚିତ୍ରାଙ୍କନ ପ୍ରତିଯୋଗିତା ଅଛି କହି ଘରୁ ବାହାରି ଥିଲେ। ଏମାନେ ଅପରାହ୍ନ ସାଢେ ୧୨ଟାରେ ତର୍କରା ଡ୍ୟାମ୍‌କୁ ଗାଧୋଇବାକୁ ଯାଇଥିଲେ। ୪ ସାଙ୍ଗ ପାଣିରେ ଗାଧୋଇଥିବା ବେଳେ ଏମାନଙ୍କ ମଧ୍ୟରୁ ୨ଜଣ ନଦୀରେ ଭାସି ଯାଇଥିଲେ। ସ୍ଥାନୀୟ ଗ୍ରାମବାସୀ ଜଣଙ୍କୁ ଉଦ୍ଧାର କରିଥିବା ବେଳେ ଅଶିଷ ଭାସି ଯାଇଥିଲେ। ଖବର ପାଇ ପାନପୋଷ ଓ ରାଉରକେଲା ଅଗ୍ନିଶମ ବିଭାଗର ବଡ ଟିମ୍ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସହକାରୀ ଅଗ୍ନିଶମ ଅଧିକାରୀ କମଲ ଗୌଡଙ୍କ ନେତୃତ୍ୱରେ ସନ୍ଧ୍ୟା ପର୍ଯ୍ୟନ୍ତ ଚେଷ୍ଟା ଅବ୍ୟାହତ ରଖିଥିଲେ ବି ଆଶିଷଙ୍କୁ ଉଦ୍ଧାର କରାଯାଇ ପାରିନି।

## ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି

# ନାଚଗୀତରେ ସମସ୍ତେ ମଜ୍ଜିଲେ

**ସମ୍ବଲପୁର, ୭।୧୧ (ବ୍ୟୁରୋ)**

ବୁଢ଼ାରଜା ସରକାରୀ ହାଇସ୍କୁଲ ସମ୍ମିଳନୀ କକ୍ଷରେ ଗୁରୁବାର ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଓ ମଧ୍ୟାହ୍ନ ଭୋଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୯ଟି ବ୍ଲକର ୧୬୬ଟି ସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଥିଲେ । ଛାତ୍ରୀଛାତ୍ର ନୃତ୍ୟ, ଗୀତ, କୁଇଜ, ରଚନା ଲିଖନ, ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇ ପାରଦର୍ଶିତା ଦେଖାଇଛନ୍ତି । ଶିକ୍ଷା, ସ୍ୱଚ୍ଛତା ପ୍ରଭୃତି କାର୍ଯ୍ୟକ୍ରମକୁ ନୃତ୍ୟ ମାଧ୍ୟମରେ ପରିବେଷଣ କରି ଉପସ୍ଥିତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ସଚେତନତାର ବାର୍ତ୍ତା ଦେଇଛନ୍ତି । ସମ୍ବଲପୁର ଜିଲା ପରିଷଦ ସଭାପତି ରାଧେଶ୍ୟାମ ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବୁଢ଼ାରଜା ହାଇସ୍କୁଲ ପ୍ରଧାନ ଶିକ୍ଷକ ଯଶୋବନ୍ତ ସାହୁ, ଏଚ୍‌ଡିଏଫସି ବ୍ୟାଙ୍କ ପରିଚାଳକ ସୁଶାନ୍ତ ବିଶ୍ୱାଳ, ଜିଲା ସମଗ୍ର ଶିକ୍ଷା ପ୍ରକଳ୍ପ ସଂଯୋଜିକା କଳ୍ପନା ପଣ୍ଡା ସମ୍ମାନୀତ ଅତିଥି ଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ର ଶିକ୍ଷକ ହରିନାରାୟଣ ପଣ୍ଡାଙ୍କ ରଚନାରେ ରଚିତ ସଂଗୀତ ଗାନ କରିଥିଲେ। ଅପରାହ୍ନରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀ ସୁବୋଧ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ । ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା ମୁଖ୍ୟଅତିଥି, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ କୁମାର ତ୍ରିପାଠୀ, ସାଶ୍ୱତ କୁମାର ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଦୀପାଳି ଚୌଧୁରୀ, ଅଭିନାଷ ସାହୁ ଓ ଅସିମ ପ୍ରଧାନ ମଞ୍ଚ ସଂଯୋଜନା କରିଥିଲେ ।





ସମ୍ବଲପୁର ସହରର ବୁଢ଼ାରଜା ସରକାରୀ ହାଇସ୍କୁଲ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅବସରରେ ଛାତ୍ରୀମାନେ ନୃତ୍ୟ ଗୀତ ପରିବେଷଣ କରୁଛନ୍ତି ।







ଅବିନାଶ ସାହୁ ଓ ଅସୀମ ପ୍ରଧାନ ସଂଯୋଜନା କରୁଛନ୍ତି (ବାମ)। କାର୍ଯ୍ୟକ୍ରମରେ ସାମିଲ ନୃତ୍ୟ ଶିଳ୍ପୀମାନେ (ମଝି)। କୁଇଜ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।



“ବାପା ଆଦିତ୍ୟ ପାଞ୍ଚୋଲିଙ୍କଠାରୁ ମା ଜରିନା ମାନସିକ ଭାବେ ଅଧିକ ସୁସ୍ଥ। ଅଭିନେତ୍ରୀ କଙ୍ଗନା ରଣାଓ୍ବତ୍‌ଙ୍କ ସହ ବାପାଙ୍କ ସମ୍ପର୍କକୁ ନେଇ ଉଠିଥିବା ଝଡ଼ର ସମାଧାନ ଘରେ ହୋଇସାରିଛି। ମୁଁ ସେ ସମ୍ପର୍କରେ କହିବା ଠିକ୍ ହେବନି।

-ସୁରଜ ପାଞ୍ଚୋଲି, ବଲିଉଡ୍ ଅଭିନେତା



# ବଲିଉଡ୍‌ର ଦାମୀ ହିରୋ ଅକ୍ଷୟ



**ମୁମ୍ବାଇ:** ସଲ୍‌ମାନ ଖାନ୍ ହୁଅନ୍ତୁ ବା ଶାହରୁଖ୍ ଖାନ୍, ଆମୀର ଖାନ୍ ହୁଅନ୍ତୁ ବା ହ୍ରିତିକ୍ ରୋଶନ, ଏହି ହିରୋମାନେ ଦଶନ୍ଧି ଧରି ବଲିଉଡ୍‌ରେ ନିଜର ଦବ୍‌ଦବା ବଜାୟ ରଖିଛନ୍ତି। ହେଲେ ବଲିଉଡ୍ ସୁପରଷ୍ଟାର ଅକ୍ଷୟ କୁମାରଙ୍କ କଥା ଟିକେ ଅଲଗା। ଅକ୍ଷୟଙ୍କର ରହିଛି ଏକ ସ୍ୱତନ୍ତ୍ର ଫ୍ୟାନ୍ ଫଲୋଇଂସ୍। ସେ ଜଣେ ଏଭଳି ଅଭିନେତା, ଯିଏ ଯେକୌଣସି ଚରିତ୍ରକୁ ନିଜର ଏକ ସ୍ୱତନ୍ତ୍ର ଅଭିନୟ ଶୈଳୀରେ ପରଦାରେ ଫୁଟାଇପାରନ୍ତି। ଖାସ୍ ଏଥିପାଇଁ ବର୍ଷରେ ସର୍ବାଧିକ ଫିଲ୍ମରେ ନଜର ଆସିଥାନ୍ତି ଅକ୍ଷୟ। ଗୋଟିଏ ବର୍ଷରେ ତାଙ୍କର ପ୍ରାୟ ୪-୫ ଟି ଫିଲ୍ମ ରିଲିଜ୍ ହୋଇଥାଏ। ଆକ୍ସନ, କମେଡ଼ି, ଇନ୍‌ଟେନ୍ସ ଲଭ୍, ରୋମାଣ୍ଟିକ୍, ଦେଶଭକ୍ତି ଉପରେ ଆଧାରିତ ହେଉ ବା କୌଣସି ସାମାଜିକ ସମସ୍ୟାକୁ ନେଇ ପ୍ରସ୍ତୁତ ଫିଲ୍ମ ହେଉ ସବୁଥିରେ ଅକ୍ଷୟ ଦର୍ଶକଙ୍କ ହୃଦୟ ଜିତିପାରିଛନ୍ତି। ଏଥିପାଇଁ ସେ ଫିଲ୍ମ ପାଇ ଚାଲିଛନ୍ତି ଆଉ ତାଙ୍କ ବଜେଟ୍ ମଧ ବଢ଼ି ଚାଲିଛି। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ଅକ୍ଷୟଙ୍କ ୩ଟି ଫିଲ୍ମ ରିଲିଜ୍ ହୋଇସାରିଛି। କେସରୀ, ମିଶନ୍ ମଙ୍ଗଲ୍ ଓ ହାଉସ୍‌ଫୁଲ୍-୪ ରିଲିଜ୍ ହୋଇସାରିଥିବାବେଳେ ଡିସେମ୍ବର ୨୭ରେ ଗୁଡ୍ ନ୍ୟୁଜ୍ ଫିଲ୍ମ ରିଲିଜ୍ ହେବ ବୋଲି ସୂଚନା ମିଳିଛି। ସେହିପରି ଆସନ୍ତା ବର୍ଷ ଅର୍ଥାତ ୨୦୨୦ରେ ସୂର୍ଯ୍ୟବଂଶୀ, ବଚ୍ଚନ ପାଣ୍ଡେ, ପୃଥ୍ୱୀରାଜ୍ ଏବଂ ଲକ୍ଷ୍ମୀ ବମ୍ବ ଫିଲ୍ମ ରିଲିଜ୍ ହେବ। ତେବେ ଏହାରି ଭିତରେ ଅକ୍ଷୟ ପୁଣି ଏକ ଫିଲ୍ମ ସାଇନ୍ କରିଥିବା ଜଣାପଡ଼ିଛି। ଏୟାର ଲିଫ୍‌ଟ ଫିଲ୍ମର ନିର୍ଦ୍ଦେଶକ ନିଖିଲ୍ ଆଡ୍‌ଭାନୀ ଓ ବାସୁ ଭାଗନାନୀଙ୍କ ସହ ଅକ୍ଷୟ ଏହି ଆକ୍ସନ ଫିଲ୍ମରେ କାମ କରିବେ। ଏହା ଏକ ହାଇ-ବଜେଟ୍ ଫିଲ୍ମ ହେବ, ଯାହାର ଅଧିକାଂଶ ଶୁଟିଂ ଲୋକେଶନ୍ ଲଣ୍ଡନ ରହିଛି। ଫିଲ୍ମରେ ଭରପୂର ମନୋରଞ୍ଜନ ସହ ଆକ୍ସନ ଡ୍ରାମା ଦେଖିବାକୁ ମିଳିବ, ଯାହା ବାସ୍ତବିକ କାହାଣୀ ସହ ଜଡ଼ିତ। ତେବେ ଅକ୍ଷୟ ତ ଫିଲ୍ମ ପାଇଁ ରାଜି ଅଛନ୍ତି। ହେଲେ ଫିଲ୍ମ ପାଇଁ ସେ ୧୦୦ କୋଟି ପାଉଣା ନେଇଥିବା ଜଣାପଡ଼ିଛି। ଏବେ ଅକ୍ଷୟ କୁମାର ବଲିଉଡ୍‌ର ସବୁଠାରୁ ଦାମୀ ଅଭିନେତା ବୋଲି କୁହାଯାଉଛି।

# ପ୍ରେମୀଯୁଗଳଙ୍କ ଆଶା 'ଜୁଲିଏଟ୍ କ୍ଲବ'



ବି ଝୁରି
ଏ ହି

**ଭେରୋନା:** ପ୍ରେମ ପ୍ରଣୟର କବି ୱିଲିୟମ ସେକ୍ସପିୟର, ଯାହାଙ୍କ କାଳଜୟୀ କବିତା, ଗଳ୍ପ, ଉପନ୍ୟାସ, ନାଟକକୁ ଆଜି ହେଉଛନ୍ତି ବିଶ୍ୱବାସୀ। 'ଦି ବାର୍ଡ ଅଫ୍ ଏଭନ' ନାମରେ ପରିଚିତ ପ୍ରସିଦ୍ଧ ଲେଖକଙ୍କ ବିଷୟରେ ଯେତେ ପ୍ରଶଂସା କଲେ ବି କମ୍ ହେବ। ହୁଏତ ଅନେକେ ଜାଣି ନ ଥିବେ ସେକ୍ସପିୟରଙ୍କ ପ୍ରେମିକା 'ଜୁଲିଏଟ୍'ଙ୍କ ନାମରେ ଏବେ ବି ଆସୁଛି ହଜାର ହଜାର ଚିଠି। ଆଉ ସବୁଠାରୁ ରୋଚକ କଥା ହେଉଛି, ସବୁ ଚିଠିର ଉତ୍ତର ମଧ ଦିଆଯାଉଛି। ଏଥିପାଇଁ ଗଠିତ ହୋଇଛି 'ଜୁଲିଏଟ୍ କ୍ଲବ'। ଇଟାଲୀର ଅନ୍ୟତମ ସୁନ୍ଦର ସହର 'ଭେରୋନା'। ଏକଥା ପ୍ରାୟ ସମସ୍ତେ ଜାଣନ୍ତି। ହେଲେ ସୁନ୍ଦରତା ପାଇଁ ନୁହେଁ, ବରଂ ସେକ୍ସପିୟରଙ୍କ ପ୍ରେମିକା 'ଜୁଲିଏଟ'ଙ୍କ ସହର ପାଇଁ ଏହା ବେଶି ପରିଚିତ। ଜୁଲିଏଟଙ୍କ ସ୍ମୃତିରକ୍ଷା ପାଇଁ ଏଠାରେ ରହିଛି 'ଜୁଲିଏଟ କ୍ଲବ'। ଏଠାକୁ ସାରା ଦୁନିଆଁରୁ ବିଭିନ୍ନ ଭାଷାରେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଚିଠି ଆସୁଛି। ସେଥିମଧ୍ୟରୁ ଅଧିକାଂଶ ଚିଠି ପ୍ରେମରେ ବିଫଳ ହୋଇଥିବା ପ୍ରେମିକାପ୍ରେମିକଙ୍କର। ଏହା ପଛରେ ରହିଥିବା ବିଶ୍ୱାସ ବି ବଡ଼ ଆଶ୍ଚର୍ଯ୍ୟଜନକ। ଜୁଲିଏଟ୍‌ଙ୍କ ନାମରେ ଚିଠି ଲେଖିଲେ ପ୍ରେମର ପଥ କୁସୁମିତ ହେବ। ଖାସ୍ ଏଇ ବିଶ୍ୱାସ ପାଇଁ ସେକ୍ସପିୟରଙ୍କ ମୃତ୍ୟୁର ଦୀର୍ଘ ୪ଶହ ବର୍ଷ ପରେ ଏବେ ବି 'ଲଭ୍ ସିମ୍ବଲ' ଭାବେ ପରିଗଣିତ ହେଉଛନ୍ତି 'ଜୁଲିଏଟ'। ମଜାରକଥା ହେଉଛି ସିଂହଭାଗ ଚିଠି ଜୁଲିୟଟ୍‌ଙ୍କ ନାମରେ ଆସୁଛି। ହାତଗଣତି ପତ୍ର ସେକ୍ସପିୟରଙ୍କ ଉଦ୍ଦେଶ୍ୟରେ ଲେଖାଯାଉଥିବା ଦେଖିବାକୁ ମିଳିଛି। ପତ୍ରର ଉତ୍ତର ରଖିବାକୁ ଏକ ଗୋଷ୍ଠୀ କାର୍ଯ୍ୟ କରୁଛନ୍ତି। ଏହି ଟିମ୍‌ରେ ଅନେକ ଭାଷା ଅନୁବାଦକ, ମନୋବିଜ୍ଞାନୀ, ଡାକ୍ତର, ଉଚ୍ଚକୋଟୀର ଲେଖକ, ଶିକ୍ଷାବିତ୍, ବୁଦ୍ଧିଜୀବୀଙ୍କ ସମେତ ମାର୍ଗଦର୍ଶକ ଅଛନ୍ତି। ଜୁଲିଏଟ୍‌ଙ୍କ ପ୍ରତିନିଧି ଭାବେ ସେମାନେ ମାତ୍ର କିଛି ମିନିଟ୍ ମଧ୍ୟରେ ଚିଠିଗୁଡ଼ିକର ଉତ୍ତର ପତ୍ରପ୍ରେରକଙ୍କ ଉଦ୍ଦେଶ୍ୟରେ ପଠାଇଥାନ୍ତି। କ୍ଲବର ୪୧ବର୍ଷୀୟ ସଦସ୍ୟ ମାର୍ଟିନ ହୋପ୍‌ଲେ କୁହନ୍ତି, କ୍ଲବର ଲୋକପ୍ରିୟତା ଏତେ ଯେ, କେବଳ 'ଜୁଲିଏଟ...ଭେରୋନା...ଇଟାଲୀ' ଠିକଣା ଲେଖିଦେଲେ ଚିଠିଟି ବିନା କୌଣସି ପ୍ରତିବନ୍ଧକରେ ଆସିଯାଇଥାଏ। ଅନୁଭବ ଆଧାରରେ କ୍ଲବର ସଦସ୍ୟମାନେ ପ୍ରେମିକାପ୍ରେମିକଙ୍କ ମନକୁ ବୁଝି ସେମାନଙ୍କୁ ସନ୍ତୁଷ୍ଟ କରିବା ଭଳି ଚଠି ଲେଖିଥାନ୍ତି। ପ୍ରେମର ଦ୍ୱନ୍ଦ୍ୱ ଭିତରେ ଥିବା ଲଭବାର୍ଡଙ୍କୁ ମୂଲ୍ୟବାନ ପରାମର୍ଶ ଦିଆଯାଇଥାଏ। ଏଥିଲାଗି ସେମାନେ ପ୍ରତିଶ୍ରୁତିବଦ୍ଧ। ହୋପ୍‌ଲେ ଆହୁରି ମଧ କହିଛନ୍ତି, ଡାକବାଲା ପ୍ରତିଦିନ ଚିଠି ଦେଇଯାଏ। ଏହାପରେ ସେଗୁଡ଼ିକୁ ପଢ଼ି ଉତ୍ତର ଦିଆଯାଏ। ଏହା ସତ୍ୟ ଯେ, ଉତ୍ତର ଦେଇଦେଲେ ପ୍ରେମୀଯୁଗଳଙ୍କ ସମସ୍ୟା ସମାଧାନ ହୋଇଯିବ ତାହା ନୁହେଁ, ଆମର ମୌଳିକ ଉଦ୍ଦେଶ୍ୟ ପ୍ରେମର ପ୍ରତୀକ 'ଜୁଲିଏଟ'ଙ୍କୁ ଲୋକଙ୍କ ମନରେ ଜୀବିତ ରଖିବା।

# ସାଇନାଙ୍କ ବାୟୋପିକ୍ ପାଇଁ କଠିନ ପରିଶ୍ରମ କରୁଛନ୍ତି ପରୀ



**ମୁମ୍ବାଇ:** ଯେତେବେଳେ ବାୟୋପିକ୍ କଥା ଆସେ, ସେତେବେଳେ ଅଭିନେତ୍ରୀ/ଅଭିନେତାଙ୍କୁ ବିଶେଷ ପ୍ରସ୍ତୁତି କରିବାକୁ ପଡ଼ିଥାଏ। କାରଣ କୌଣସି କାଳ୍ପନିକ ଚରିତ୍ରକୁ ପରଦା ଉପରେ ଜୀବନ୍ତ କରି ଉତାରିବାଠାରୁ କାହିଁ କେତେ ଗୁଣ କଷ୍ଟକର ଜଣେ ଲୋକପ୍ରିୟ ବ୍ୟକ୍ତିତ୍ୱଙ୍କ ଚରିତ୍ରରେ ଅଭିନୟ କରିବା। କାରଣ ବାୟୋପିକ୍‌ରେ ଉକ୍ତ ଚରିତ୍ର ସହ ଦର୍ଶକେ ଆଗରୁ ଅଳ୍ପବହୁତେ ଜଡ଼ିତ ଥାଆନ୍ତି। ଏଣୁ ଅଭିନୟ ଜୀବନ୍ତ ଓ ବାସ୍ତବିକ ଅନୁଭବ ନ ହେଲେ, ଦର୍ଶକ ତୁଳନାତ୍ମକ ଦୃଷ୍ଟିକୋଣରୁ ଅସନ୍ତୁଷ୍ଟ ହୋଇପାରନ୍ତି। ଏଣୁ ଅନେକ ସମୟରେ ବାୟୋପିକ୍‌ରେ ଅଭିନୟ କରୁଥିବା ଅଭିନେତ୍ରୀ/ଅଭିନେତାଙ୍କୁ ସମ୍ପୃକ୍ତ ଚରିତ୍ରରେ ବାସ୍ତବିକତା ଆଣିବାକୁ ଅଧିକରୁ ଅଧିକ ପରିଶ୍ରମ ଓ ପ୍ରୟାସ କରିବାକୁ ପଡ଼ିଥାଏ। ଏହି କ୍ରମରେ ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଆଜିକାଲି କରୁଛନ୍ତି କଠିନ ପରିଶ୍ରମ। କାରଣ ଭାରତର ଗର୍ବ ଓ ଗୌରବ ବ୍ୟାଡ୍‌ମିଣ୍ଟନ୍ ଖେଳାଳୀ ସାଇନା ନେହ୍ୱାଲ୍‌ଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ଫିଲ୍ମରେ ପରିଣୀତି ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ଏବେ ଏଭଳି ଜଣେ ତାରକାଙ୍କ ଜୀବନୀକୁ ପରଦାରେ ଫୁଟାଇବାକୁ ହେଲେ ପରୀଙ୍କୁ କଷ୍ଟ ତ କରିବାକୁ ପଡ଼ିବ। ଏଥିପାଇଁ ତାଙ୍କୁ ସାଇନାଙ୍କ ଚାଲିଚଳନ, କଥାବାର୍ତ୍ତା, ବେଶଭୂଷା ଓ ବିଶେଷକରି ବ୍ୟାଡ୍‌ମିଣ୍ଟନ ଖେଳିବା ଷ୍ଟାଇଲ୍ ଶିଖିବାକୁ ପଡୁଛି। ବାକି ସବୁ ଠିକ୍ ଅଛି, କିନ୍ତୁ ବ୍ୟାଡ୍‌ମିଣ୍ଟନ୍ ଅଭ୍ୟାସ କରିବାରେ ପରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିଦିନ ବ୍ୟାଡ୍‌ମିଣ୍ଟନ୍ ଅଭ୍ୟାସ ପାଇଁ ପରୀଙ୍କୁ ମୁମ୍ବାଇସ୍ଥିତ ରାମଶେଠ୍ ଠାକୁର ଇଣ୍ଟର୍‌ନ୍ୟାଶନାଲ୍ ସ୍ପୋର୍ଟସ୍ କମ୍ପ୍ଲେକ୍ସ ଯିବାକୁ ପଡୁଛି, ଯେଉଁଥିରେ ତାଙ୍କର ୫-୬ ଘଣ୍ଟା ସମୟ ନଷ୍ଟ ହୋଇଯାଉଛି। ଫଳରେ ସେ ଆବଶ୍ୟକତା ଅନୁଯାୟୀ ଶୋଇପାରୁ ନାହାନ୍ତି ଓ ଅନ୍ୟ କାମ ମଧ ଠିକ୍ ସମୟରେ କରିପାରୁନାହାନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଏଣିକି ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ହିଁ ଅଭ୍ୟାସ ସରିବା ପର୍ଯ୍ୟନ୍ତ ରହିବାକୁ ସେ ସ୍ଥିର କରିଛନ୍ତି। ଘରଠାରୁ ଦୂର ସେଠାରେ ରହି ଏବେ ସାଇନାଙ୍କ ଭଳି ଖେଳିବାର ଅଭ୍ୟାସଚଳାଇଛନ୍ତି ପରିଣୀତି। ଅନ୍ୟପକ୍ଷରେ ସାଇନା ନେହ୍ୱାଲ୍‌ଙ୍କ ବାୟୋପିକ୍‌ରେ ପ୍ରଥମେ ଶ୍ରଦ୍ଧା କପୁରଙ୍କୁ ଫାଇନାଲ୍ କରାଯାଇଥିଲା। ତେବେ ଶ୍ରଦ୍ଧାଙ୍କ ହାତରେ ଅନେକ ଫିଲ୍ମ ଥିବାରୁ ସେ ଏହି ଫିଲ୍ମକୁ ରିଜେକ୍ଟ କରିଦେଇଥିଲେ। ପରେ ପରିଣୀତିଙ୍କୁ ଏହି ଫିଲ୍ମ ପାଇଁ ଚୟନ କରାଗଲା ଓ ସେ ରାଜି ମଧ ହୋଇଗଲେ। ଫିଲ୍ମକୁ ସୁପରହିଟ୍ କରିବା ଲାଗି ଏବେ ପରୀ ସମ୍ପୂର୍ଣ୍ଣଭାବେ ଲାଗିପଡିଛନ୍ତି। ସେ କଠିନ ପରିଶ୍ରମ ଜାରି ରଖିଛନ୍ତି। ଆଗାମୀ ଦିନରେ ଫିଲ୍ମଟି କେତେ ସଫଳ ହେଉଛି ଓ ଦର୍ଶକଙ୍କ ମନକୁ ଛୁଉଁଛି ତାହା ସମୟ ହିଁ କହିବ।

# ୮୦ ଭାଗ ଲୋକ ଖାଆନ୍ତି କୀଟପତଙ୍ଗ

**ଆଲମୋରା:** ଆଗାମୀ ଦିନରେ ପୃଥିବୀରେ ଖାଦ୍ୟ ସଙ୍କଟ ଦେଖାଯିବ। ଏପରିସ୍ଥଳେ କୀଟପତଙ୍ଗଙ୍କୁ ଖାଦ୍ୟ ଭାବେ ବ୍ୟବହାର କରାଗଲେ ଏହି ସମସ୍ୟାର ସହଜରେ ସମାଧାନ ହୋଇପାରିବ। ସମ୍ପ୍ରତି ପୃଥିବୀର ୮୦ ପ୍ରତିଶତ ଲୋକ କୀଟପତଙ୍ଗଙ୍କୁ ଖାଦ୍ୟ ଭାବେ ଗ୍ରହଣ କରୁଛନ୍ତି। ତେବେ ଅବଶିଷ୍ଟ ୨୦ ପ୍ରତିଶତ ଲୋକ ଏଭଳି କରୁ ନ ଥିବା ଉତ୍ତରାଖଣ୍ଡର ଆଲମୋରା ସ୍ଥିତ ଜି.ବି. ପନ୍ଥ ଜାତୀୟ ହିମାଳୟ ପରିବେଶ ସଂରକ୍ଷଣ ଏବଂ ବିକାଶ ସଂସ୍ଥା ପକ୍ଷରୁ ପ୍ରକାଶିତ ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି। ଭାରତର ଉତ୍ତର ପୂର୍ବ ରାଜ୍ୟ ମଧ୍ୟରେ ମଣିପୁର, ଅରୁଣାଚଳ ପ୍ରଦେଶ ଏବଂ ନାଗାଲାଣ୍ଡରେ ବଜାରରେ କୀଟପତଙ୍ଗ ବିକ୍ରି ହୋଇଥାଏ। ଏସବୁରେ ଉଚ୍ଚକୋଟୀର ପୋଷକ ତତ୍ତ୍ୱ ରହିଥାଏ। ସେହିପରି କେରଳ, ତାମିଲନାଡୁ, ଝାଡ଼ଖଣ୍ଡ ଏବଂ ଓଡ଼ିଶାରେ ମଧ କେତେକ କୀଟପତଙ୍ଗଙ୍କୁ ଖାଦ୍ୟ ଭାବେ ବ୍ୟବହାର କରାଯାଇଥାଏ। ଭାରତରେ ଶହେରୁ ଅଧିକ ପ୍ରଜାତିର କୀଟପତଙ୍ଗଙ୍କୁ ଲୋକେ ଖାଇଥାନ୍ତି। ଚାଇନା, ଜାପାନ, ଥାଇଲାଣ୍ଡ, ମ୍ୟାନ୍‌ମାର୍ ଏବଂ ଆମେରିକା ସହିତ ୟୁରୋପ, ଆଫ୍ରିକାରେ ମଧ କୀଟପତଙ୍ଗଙ୍କୁ ଖାଦ୍ୟ ରୂପେ ବ୍ୟବହୃତ କରାଯାଇଥାଏ। ତେଣୁ କୀଟପତଙ୍ଗ ପ୍ରଜାତି ସଂରକ୍ଷଣ କରିବା ଆବଶ୍ୟକ ବୋଲି ଏହି ରିପୋର୍ଟରେ ପ୍ରକାଶ ପାଇଛି। ଇତିମଧ୍ୟରେ ପୃଥିବୀରୁ ଖାଦ୍ୟ ଯୋଗ୍ୟ ୪୩୯ ପ୍ରଜାତିର କୀଟପତଙ୍ଗ ଲୋପ ପାଇଯାଇଛନ୍ତି। ସାରା ପୃଥିବୀରେ ୧୫ ଶହରୁ ଅଧିକ ପ୍ରଜାତିର କୀଟପତଙ୍ଗଙ୍କୁ ଲୋକେ ପାରମ୍ପରିକ ଖାଦ୍ୟ ଭାବେ ଗ୍ରହଣ କରୁଥିବା ରିପୋର୍ଟରେ ଦର୍ଶାଯାଇଛି।



# ମନ୍ଦିର ସଜ୍ଜାରେ ଲାଗୁଛି ମୁସଲମାନଙ୍କ ହାତଗୁନ୍ଥା ଫୁଲ



**ଅଯୋଧ୍ୟା:** ଫୁଲ କାମ ମାଳୀ ସମ୍ପ୍ରଦାୟର ଲୋକମାନେ କରୁଥିବାବେଳେ ଅଯୋଧ୍ୟାରେ ୯୦ ପ୍ରତିଶତ ମୁସଲମାନ ପରିବାର ଏହି କାମରେ ଲାଗିଥାନ୍ତି । ଫୈଜାବାଦ (ଯାହାର ନାମ ପରିବର୍ତ୍ତନ କରାଯାଇ ଏବେ ଅଯୋଧ୍ୟା ରଖାଯାଇଛି)ରେ ମୁସଲମାନମାନେ ମନ୍ଦିରଗୁଡିକ ପାଖରେ ଥିବା ଦୋକାନରେ ଫୁଲ କାମରେ ଲାଗିଥାନ୍ତି । ଫୁଲ କ୍ଷେତରୁ ନିତିଦିନ ଅଯୋଧ୍ୟାରେ ଫୁଲ ପହଞ୍ଚାଇଥାନ୍ତି ଏମାନେ। ଫୁଲ ମାଳା, ତୋଡା ତିଆରି କରିବା ସମେତ ବିଭିନ୍ନ ସାଜସଜ୍ଜା କାର୍ଯ୍ୟରେ ସେମାନେ ଲାଗିପଡନ୍ତି। ଅଜମଲ ହେଉକି ଅମୀନ ଭଣ୍ଡାର ନାମରେ ପୁରୁଣା ଫୈଜାବାଦର ସବୁ ଗଳିକନ୍ଦିରେ ଦେଖିବାକୁ ମିଳେ ଫୁଲର ଭଣ୍ଡାର । ସେମାନଙ୍କ ଫୁଲ ମନ୍ଦିର ସଜ୍ଜାରେ ବ୍ୟବହାର କରାଯାଉଛି। ସୁପ୍ରିମକୋର୍ଟରେ ଶ୍ରୀରାମମନ୍ଦିର ଓ ବାବ୍ରୀ ସମଜିଦ ବିବାଦର ଶୁଣାଣୀ ଶେଷ ହୋଇଛି। ଏହାର ଚୂଡାନ୍ତ ରାୟକୁ ଏବେ ଅପେକ୍ଷା। କିନ୍ତୁ ସେଠାରେ ଯେ ମୁସଲମାନଙ୍କ ମେହନତି ସୂତାରେ ହିନ୍ଦୁମାନଙ୍କ ଆସ୍ଥାର ଫୁଲ ଗୁନ୍ଥାଯାଇ ଭଗବାନଙ୍କୁ ଅର୍ପଣ କରାଯିବା ଶାନ୍ତି ଓ ସଦ୍‌ଭାବନାର ବାର୍ତ୍ତା ଦେଉଛି। ଶ୍ରଦ୍ଧାଳୁମାନେ ମନ୍ଦିରରେ ଫୁଲ ଚଢାଇଲେ ବି ପରୋକ୍ଷରେ ସେମାନଙ୍କ ପ୍ରାର୍ଥନା ପ୍ରଭୁଙ୍କ ପାଖରେ ପହଞ୍ଚିଯାଉଛି। ଅଯୋଧ୍ୟାରେ ଶାନ୍ତି ରହିବ ଓ ଏହାଯୋଗୁ ସେମାନେ ଫୁଲ ବ୍ୟବସାୟରୁ ଜୀବିକା ଲାଭ କରିପାରିବେ ବୋଲି ଏମାନେ ଆଶାବାନ୍ଧିଛନ୍ତି।

# ଡାଇବେଟିସ୍ ଦୂରକରେ ଧନିଆପତ୍ର ଚଟଣି

**ନୂଆଦିଲ୍ଲୀ:** ଧନିଆ ପତ୍ର ଚଟଣି ଶରୀର ପାଇଁ ବହୁ ଉପକାରୀ। ନିୟମିତ ଏହାକୁ ଖାଇଲେ ଶରୀରରେ ଇନ୍‌ସୁଲିନ କ୍ଷରଣ ସ୍ୱାଭାବିକ ହେବା ସହ ସୁଗାର ଲେବଲ୍ କମ ହୋଇଥାଏ। ଫଳରେ ଡାଇବେଟିସ୍ ସମସ୍ୟା ଦୂର ହୋଇଥାଏ। ଏହା ରକ୍ତସଞ୍ଚାଳନକୁ ନିୟନ୍ତ୍ରିତ କରିବା ସହ ହାର୍ଟ ଆଟାକ୍‌ରୁ ଦୂରେଇ ରଖେ। ଏହାକୁ ଖାଇଲେ ହଜମ ଶକ୍ତି ବୃଦ୍ଧି ପାଇଥାଏ ବୋଲି ଆୟୁର୍ବେଦରେ ଉଲ୍ଲେଖ କରାଯାଇଛି। ଏଥିରେ ଭିଟାମିନ୍-ସି ଓ ଭିଟାମିନ୍-କେ ଥାଏ। ଏହା କ୍ୟାନ୍‌ସର ଆଶଙ୍କା ମଧ ଦୂରକରିଥାଏ ବୋଲି ଦର୍ଶାଯାଇଛି।



# ୱାର୍ଡର ଭୋଟର ସଂଖ୍ୟା ୧୬

**ଜୟପୁର:** ନଗରପାଳିକା ନିର୍ବାଚନର ଏକ ରୋଚକ ଖବର ଏବେ ସାମ୍ନାକୁ ଆସିଛି , ଯେଉଁଠି ମାତ୍ର ୯ ଖଣ୍ଡ ଭୋଟ ପାଇଲେ ଜଣେ ୱାର୍ଡସଭ୍ୟ ନିର୍ବାଚିତ ହେବେ । ଏହି ଘଟଣା ହେଉଛି ଦେଶର ପ୍ରମୁଖ ସେନାଛାଉଣୀ ମଧ୍ୟରୁ ରାଜସ୍ଥାନର ଆଜ୍‌ମେର ଜିଲା ଅନ୍ତର୍ଗତ ନସିରାବାଦ ନଗର ନିଗମର। ନସିରାବାଦରେ କ୍ୟାଣ୍ଟନମେଣ୍ଟ ପରିଷଦ ଅଧୀନରେ ଥିବା ଏକ ହାଉସିଂ ବୋର୍ଡ କଲୋନୀକୁ ନୂଆ ନଗର ନିଗମ ଭାବେ ଘୋଷଣା କରାଯାଇଥିଲା ୨୦୧୮ରେ। ଦୀର୍ଘଦିନ ଧରି କଲୋନୀର ଲୋକମାନେ ଏଥିପାଇଁ ଦାବି କରିଆସୁଥିଲେ ଓ ତତ୍‌କାଳୀନ ସରକାର ଏହାକୁ ନଗରନିଗମର ମାନ୍ୟତା ପ୍ରଦାନ କରିଥିଲେ। ନିଗମ ଘୋଷଣା କରାଯାଇଥିଲେ ମଧ ଏହାର ବାସିନ୍ଦା କ୍ୟାଣ୍ଟେନମେଣ୍ଟ ପରିଷଦ ଅଧୀନରେ ହିଁ ରହିଛନ୍ତି। ନିଗମରେ ଥିବା ୨୦ଟି ୱାର୍ଡରେ ୧୦୦୦ଟି ଘର ଓ ୯୫୭ ଜଣ ଭୋଟର ରହିଛନ୍ତି। ଏହା ସବୁଠାରୁ ଛୋଟ ନଗରନିଗମ। ନଭେମ୍ବର ୧୬ରେ ପ୍ରଥମଥର ପାଇଁ ଏହାର ନିର୍ବାଚନ ହେବାକୁ ଯାଉଛି। ଏହି ନିର୍ବାଚନରେ ନିଗମର ୮ ନମ୍ବର ୱାର୍ଡରେ ରହିଛନ୍ତି ୧୬ ଜଣ ଭୋଟର। ଏଥିରୁ ଜଣେ ପ୍ରାର୍ଥୀଙ୍କୁ ଯଦି ୯ ଖଣ୍ଡ ଭୋଟ୍ ମିଳିଯାଏ ତେବେ ସେ ବିଜୟୀ ହୋଇପାରିବେ। ଏହାକୁ ଏମିତି ଗଠନ କରାଯାଇଛି ଯେ ଯଦି କୌଣସି ପରିବାର ସଦସ୍ୟ ସଂଖ୍ୟା ୧୦ ଥିବେ ତେବେ ସେହି ପରିବାରର କୌଣସି ସଦସ୍ୟ ସହଜରେ ନିଗମର ୱାର୍ଡ ସଭ୍ୟ ହୋଇପାରିବେ ।



ବିଗତ କିଛି ମାସ ହେବ ଭାରତୀୟ ଅର୍ଥନୀତିରେ ଯେଉଁ ମାନ୍ଦାବସ୍ଥା ଦେଖାଦେଇଛି, ତା'ର ମୂଳକୁ ଗଲେ ୮ ନଭେମ୍ବର ୨୦୧୬ କଥା ମନକୁ ଆସୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ବିମୁଦ୍ରୀକରଣ ଘୋଷଣା କରିବା ପରେ ଅଚାନକ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌କୁ ଅଚଳ କରିଦିଆଯାଇଥିଲା। କଳାଧନ ଠାବ, ଜାଲ୍ ନୋଟଧାରୀଙ୍କ ଉପରେ ସର୍ଜିକାଲ ଷ୍ଟ୍ରାଇକ୍ ଏବଂ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ବନ୍ଦ କରିବା ଉଦ୍ଦେଶ୍ୟରେ ଏଭଳି ପଦକ୍ଷେପ ନିଆଯାଇଥିଲା ବୋଲି ସେତେବେଳେ ହୁରି ପଡ଼ିଥିଲା। ଅନେକ ଭାରତୀୟ ଭାବିନେଲେ ଯେ, ବଡ଼ ନୋଟଧାରୀମାନେ ରଖିଥିବା କଳାଧନ ଠାବ ହୋଇଗଲେ ଦେଶର ଆର୍ଥିକ ପରିସ୍ଥିତିରେ ଉନ୍ନତି ଆସିବ। ବିମୁଦ୍ରୀକରଣ ଯୋଗୁ ପୁରୁଣା ନୋଟ ବଦଳାଇବାକୁ ପଡ଼ିଲା। ୧୦୦୦ ଟଙ୍କିଆ ନୋଟ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଥିଲା। ୨୦୦୦ ଟଙ୍କିଆ ନୋଟ୍ ନୂଆ ଆସିଥିବା ବେଳେ ୫୦୦ ଟଙ୍କିଆ ନୋଟର କଳେବର ବଦଳି ଯାଇଥିଲା। ବିମୁଦ୍ରୀକରଣକୁ ୮ ନଭେମ୍ବର ୨୦୧୯ରେ ୩ ବର୍ଷ ପୂରିଯିବା ପରେ ମଧ୍ୟ ଯେଉଁ ୩ଟି ବିନ୍ଦୁ ଆଧାରରେ ଏଭଳି ପଦକ୍ଷେପ ନିଆଯାଇଥିଲା, ତାହାର ଲକ୍ଷ୍ୟ ସାଧନ ଆଶାନୁରୂପ ହୋଇପାରି ନାହିଁ। କଳାଧନ ଠାବ ହୋଇପାରି ନ ଥିବା ବେଳେ ଜାଲ୍ ନୋଟ ପ୍ରସାରଣରେ ପୂର୍ଣ୍ଣଚ୍ଛେଦ ପଡ଼ିପାରି ନାହିଁ। ଅନୁରୂପ ଭାବେ ଆତଙ୍କବାଦୀଙ୍କଠାରୁ ନୂଆ କରି ବଜାରକୁ ଆସିଥିବା ୨୦୦୦ ଟଙ୍କିଆ ନୋଟ ମଧ୍ୟ ମିଳିଥିବାର ପ୍ରମାଣ ରହିଛି।

କୌଣସି ଏକ ନୂଆ ପଦକ୍ଷେପ ନିଆଗଲେ ତା'ର ପ୍ରଭାବ ସଙ୍ଗେ ସଙ୍ଗେ ଉପଲବ୍ଧ ହୋଇପାରି ନ ଥାଏ ବୋଲି କୁହାଯାଇପାରେ। କିନ୍ତୁ ଅର୍ଥନୀତି ଓ ବଜାର ବ୍ୟବସ୍ଥାରେ ୩ ବର୍ଷ ସ୍ୱଳ୍ପ ସମୟ ନୁହେଁ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। କାରଣ ଅର୍ଥନୀତିରେ ଗୋଟିଏ ଗୋଟିଏ ନିଷ୍ପତ୍ତି ବିରାଟ ପରିବର୍ତ୍ତନ ଆଣିପାରେ।

# ୩ ବର୍ଷ ପୂରିଲା ବିମୁଦ୍ରୀକରଣ

## ପଥ ବହୁଦୂର...




୨୦୧୬ ନଭେମ୍ବର ୮ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିମୁଦ୍ରୀକରଣ ଘୋଷଣା କରିବା ଦ୍ୱାରା ଦେଶରେ ପ୍ରଚଳିତ ୧୦୦୦ ଏବଂ ୫୦୦ ଟଙ୍କିଆ ନୋଟ୍ ଅଚଳ ହୋଇଗଲା। ବିମୁଦ୍ରୀକରଣ ଦ୍ୱାରା ଡିଜିଟାଲ କାରବାର ପ୍ରୋତ୍ସାହିତ ହେବ ବୋଲି ସରକାର ସେହି ସମୟରେ ଯୁକ୍ତି ବାଢିଥିଲେ। ସରକାରଙ୍କ ଏହି ପଦକ୍ଷେପକୁ ଦେଶର ଅନେକ ଅର୍ଥନୀତିଜ୍ଞ ନାପସନ୍ଦ କରିଥିଲେ। ଚଳିତ ବର୍ଷ ନୋବେଲ ପୁରସ୍କାର ଲାଭ କରିଥିବା ଅର୍ଥନୀତିଜ୍ଞ ଅଭିଜିତ ବାନାର୍ଜୀ ମଧ୍ୟ ଏହି ପଦକ୍ଷେପକୁ ବିରୋଧ କରିଥିଲେ। ଏହା ଅର୍ଥ ବ୍ୟବସ୍ଥା ଉପରେ ନକାରାତ୍ମକ ପ୍ରଭାବ ପକାଇବ ବୋଲି ଅଧିକାଂଶ ଅର୍ଥନୀତିଜ୍ଞ ଯୁକ୍ତି ବାଢିଥିବା ବେଳେ ଜିଡ଼ିପି ଗଭୀର ଭାବେ ଖସିଯିବ ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ସରକାରଙ୍କୁ କହିଥିଲେ। ଏହା ମଧ୍ୟରେ ବିମୁଦ୍ରୀକରଣକୁ ୩ ବର୍ଷ ବିତି ଯାଇଛି। ହେଲେ ଯେଉଁ ଉଦ୍ଦେଶ୍ୟ ନେଇ ଏହା ଘୋଷଣା କରାଯାଇଥିଲା, ତାହା ସମ୍ପୂର୍ଣ୍ଣ ପୂରଣ ହୋଇ ନ ଥିବାରୁ ପଥ ବହୁ ଦୂର ଭଳି ଲାଗୁଥିବା ସମାଲୋଚକମାନେ ମତ ବାଢୁଛନ୍ତି।

ଏହି ସମୟ ମଧ୍ୟରେ ଦେଶର ଜିଡ଼ିପି ଅଭିବୃଦ୍ଧି ହାର ତୁଳନାରେ ମୋଟ ନୋଟ ପ୍ରଚଳନ(ସିଆଇସି) ଯଥେଷ୍ଟ ବୃଦ୍ଧି ଘଟିଛି। ଜୁନ ଏବଂ ସେପ୍ଟେମ୍ବର ତ୍ରୈମାସରେ ସିଆଇସିର ଅଭିବୃଦ୍ଧି ହାର ୧୩% ରହିଛି। ଏହାକୁ ବିମୁଦ୍ରୀକରଣ କୁହାଯାଇ ପାରିବ ନାହିଁ। ବଜାରରେ ନୋଟ୍ ପ୍ରଚଳନ ବଢୁଥିବାରୁ ଏହି ଧାରାକୁ ବଜାର ବିଶେଷଜ୍ଞମାନେ ପୁନଃମୁଦ୍ରୀକରଣ ବୋଲି କହିଛନ୍ତି। ଏହାଦ୍ୱାରା ଅର୍ଥନୀତିର ନଗଦ ଉପରେ ନିର୍ଭରଶୀଳତା ୧୧%ରୁ ଊର୍ଦ୍ଧ୍ୱକୁ ବଢିଛି। ଏସବୁ ଧାରାକୁ ଦେଖିଲେ ବିମୁଦ୍ରୀକରଣ ଦ୍ୱାରା ଅର୍ଥ ବ୍ୟବସ୍ଥାରେ ନଗଦ ଉପରେ ନିର୍ଭରଶୀଳତା କମିଛି ବୋଲି କୁହାଯାଇ ପାରିବ ନାହିଁ ବୋଲି ବିଶେଷଜ୍ଞ ପ୍ରକାଶ କରିଛନ୍ତି।

ସରକାର ବିମୁଦ୍ରୀକରଣ ଦ୍ୱାରା ଅଚଳ କରିଦେଇଥିବା ବଡ ବଡ ନୋଟ ମଧ୍ୟରୁ ପ୍ରାୟ ୯୯.୩% ବ୍ୟାଙ୍କ ବ୍ୟବସ୍ଥାକୁ ଫେରି ଆସିଛି। ଅର୍ଥାତ ଅତି ନଗଣ୍ୟ ଅଂଶ ଫେରି ପାରିନାହିଁ। ନୋଟ ଛାପିବା ଏବଂ ଅନ୍ୟାନ୍ୟ କାର୍ଯ୍ୟ ଲାଗି ରିଜର୍ଭ ବ୍ୟାଙ୍କକୁ ପ୍ରାୟ ୨୧,୦୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିଛି। ବିମୁଦ୍ରୀକରଣ ଦ୍ୱାରା ଅର୍ଥ ବ୍ୟବସ୍ଥା କେତେ କ୍ଷତିଗ୍ରସ୍ତ ହେଲା ତା'ର ପ୍ରକୃତ ହିସାବ ସରକାରଙ୍କ ପାଖରେ ନାହିଁ। ନଗଦ ଉପରେ ଆଧାରିତ ଭାରତୀୟ ଅର୍ଥନୀତିରେ ଏଭଳି ଏକ ପଦକ୍ଷେପ ଅନେକ ହାରରେ ଚାକିରି ଛଟେଇ ସହ ଛୋଟଛୋଟ ଉଦ୍ୟୋଗଗୁଡ଼ିକର ଅଣ୍ଟା ଭାଙ୍ଗିଦେଇଥିବା ଅର୍ଥନୀତିଜ୍ଞମାନେ କୁହନ୍ତି। ଯଦି ଏଭଳି ଏକ ପଦକ୍ଷେପ ଦ୍ୱାରା ଲାଭ କିଞ୍ଚିତ ତେବେ ଏହାକୁ ସରକାର ଭାବି ଚିନ୍ତି କାହିଁକି ଲାଗୁ କଲେ ନାହିଁ। ଯାହାର ଦଶା ଏବେ ଅର୍ଥ ବ୍ୟବସ୍ଥା ଉପରେ ପଡିଛି।

ବିମୁଦ୍ରୀକରଣ ସମୟରେ ୧୫.୪୪ ଲକ୍ଷ କୋଟି ଅଚଳ ହୋଇଥିବା ନୋଟ ମଧ୍ୟରୁ ପ୍ରାୟ ୩୦% ନୋଟ ବ୍ୟାଙ୍କ ବ୍ୟବସ୍ଥାକୁ ଆସିବ ନାହିଁ ବୋଲି ଆକଳନ କରାଯାଇଥିଲା। ୨.୫ ଲକ୍ଷ କୋଟି ନୋଟ ବ୍ୟବସ୍ଥାକୁ ଫେରିବ ନାହିଁ ବୋଲି ଏସ୍‌ବିଆଇ (ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ) କହିଥିଲା। ବିମୁଦ୍ରୀକରଣ ହୋଇଥିବା ନୋଟ ମଧ୍ୟରେ ୧୫.୨୮ ଲକ୍ଷ କୋଟି ବ୍ୟାଙ୍କଗୁଡ଼ିକରେ ଜମା ହୋଇଛି। ଫେରି ନ ଥିବା ମାତ୍ର ୧୬ ହଜାର କୋଟିକୁ କଳାଟଙ୍କା କୁହାଯାଉଛି। ହେଲେ ଏହା ସତ ନୁହେଁ ବୋଲି ଅଧିକାଂଶ ବିଶେଷଜ୍ଞ ଯୁକ୍ତି କରିଛନ୍ତି। ସେମାନେ କହିଛନ୍ତି, ଏତେ ସ୍ୱଳ୍ପ ସଂଖ୍ୟକ କଳାଧନ ଲାଗି ସରକାର କାହିଁକି ଏତେ ବଡ ପଦକ୍ଷେପ ନେଲେ। ବିମୁଦ୍ରୀକରଣ ପରେ ପ୍ରାୟ ୩,୩୦୦ କୋଟି ଟଙ୍କା ନେପାଳ ଏବଂ ଭୁଟାନରେ ରହିଥିବା ଏକ ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହାକୁ ସରକାର ଏବେ ଯାଏ ସଂଗ୍ରହ କରି ନାହାନ୍ତି। ଏହାବାଦ ବିଦେଶରେ ରହୁଥିବା ଭାରତୀୟଙ୍କ ପାଖରେ କିଛି ଟଙ୍କା ରହିଯାଇଛି। କିଛି ଗରିବ ଲୋକ ବ୍ୟାଙ୍କରେ ନ ରଖି ଅନ୍ୟ ସ୍ଥାନରେ ରଖିଥିବା ବେଳେ ଏହାକୁ ଫେରାଇ ପାରି ନାହାନ୍ତି। ଏହାବାଦ ମନ୍ଦିର, ଟ୍ରଷ୍ଟଗୁଡିକରେ ମଧ୍ୟ କିଛି ଅଚଳ ନୋଟ ରହିଯାଇଛି। ଏଥିରୁ ବୁଝାଯାଉଛି ଯେ, ହୁଏତ ଦେଶରେ କଳାଧନ ନ ଥିଲା କିମ୍ବା କଳାଧନକୁ ଲୁଚାଇବା ଲାଗି ଲୋକମାନେ ନୂଆ ତରିକା ଆପଣେଇ ନେଇଛନ୍ତି। ଏକ ରିପୋର୍ଟ ମୁତାବକ ୨୦୧୭ ଜୁନ ଯାଏ ୧୧ କୋଟି ଟଙ୍କାର ନକଲି ନୋଟ ଧରା ପଡିଥିଲା। ୫୦୦ ଟଙ୍କିଆ ନକଲି ନୋଟ ୧୨୧% ବୃଦ୍ଧି ହୋଇଥିବା ଏକ ଅଧ୍ୟୟନରୁ ସାମ୍ନାକୁ ଆସିଛି। ଧରା ନ ପଡିଥିବା ନୋଟ ଏହା ମଧ୍ୟରୁ ବାଦ ପଡିଛି। ଏଥିରୁ ଜଣାପଡୁଛି ନକଲି ନୋଟ କାରବାର କିଭଳି ବଢିଛି।

ବିମୁଦ୍ରୀକରଣ ଯୋଗୁ ହୋଇଥିବା କ୍ଷତିକୁ ବିଚାର କଲେ ଜଣାଯିବ ଯେ, ଏହା ଘୋଷଣା ହେବାର ୫୦ ଦିନ ମଧ୍ୟରେ ଅର୍ଥନୀତିକୁ ୧.୨୮ ଲକ୍ଷ କୋଟି କ୍ଷତି ହୋଇଥିବା ଏକ ପ୍ରାରମ୍ଭିକ ଆକଳନ କରାଯାଇଥିଲା। ହେଲେ ପ୍ରକୃତ ପକ୍ଷେ ଅର୍ଥନୀତି କେତେ ପ୍ରଭାବିତ ତାର ହିସାବ କାହା ପାଖରେ ନାହିଁ। ବିମୁଦ୍ରୀକରଣର ୪ ମାସ ମଧ୍ୟରେ ୧୫ ଲକ୍ଷ ଲୋକଙ୍କ ଚାକିରି ଚାଲିଯାଇଥିବା ମଧ୍ୟ ଖବର ସାମ୍ନାକୁ ଆସିଥିଲା। ହେଲେ ଏହାଯୋଗୁ ବନ୍ଦ ହୋଇଥିବା କିମ୍ବା କ୍ଷତିଗ୍ରସ୍ତ ହୋଇଥିବା ଶିଳ୍ପରୁ କେତେ ଲୋକ ଛଟେଇ ହୋଇଛନ୍ତି ତାର ହିସାବ କାହା ପାଖେ ନ ଥିବା ବଜାର ବିଶେଷଜ୍ଞ ଯୁକ୍ତି ବାଢନ୍ତି। ଅନ୍ତର୍ଜାତୀୟ ଏଜେନ୍ସିଗୁଡିକ ପକ୍ଷରୁ ହୋଇଥିବା ଏକ ସର୍ଭେ ମୁତାବକ ପ୍ରାୟ ୫୦ ଲକ୍ଷରୁ ଦେଢ କୋଟି ଲୋକଙ୍କ ନିଯୁକ୍ତି ଏହାର ଦ୍ୱାରା କ୍ଷତିଗ୍ରସ୍ତ ହୋଇଛି। ଏବେ ଯାଏ ଦେଶର ଜିଡିପି ୨%ରୁ ଅଧିକ ଖସିଛି। ବିମୁଦ୍ରୀକରଣ ବେଳେ ୧୫୦ ଲୋକ ମରିଥିବା ମଧ୍ୟ କୁହାଯାଏ। କେତେଜଣ ନୋଟ ପାଇଁ ଲାଇନରେ ଛିଡା ହୋଇ, ଅଚଳ ନୋଟ ଗ୍ରହଣ ନ ହେବା ଯୋଗୁ କେତେକ ହସ୍ପିଟାଲ ସାମ୍ନାରେ ଛିଡା ହୋଇ ପ୍ରାଣ ହରାଇଥିଲେ।

## ଏବେ ବି ମିଳୁଛି ଅଚଳ ଟଙ୍କା




କଳାଧନ ରୋକିବା ଲାଗି ମୋଦି ସରକାର ମୁଖ୍ୟତଃ ବିମୁଦ୍ରୀକରଣକୁ ଗୁରୁତ୍ୱ ଦେଇଥିଲେ। ଆର୍‌ବିଆଇ ପକ୍ଷରୁ ନୂଆ ୫୦୦ ଓ ୨୦୦୦ ଟଙ୍କିଆ ନୋଟ୍ ଛପାଯାଇଥିଲା। ପ୍ରଚଳିତ ପୁରୁଣ ନୋଟ୍ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଯାଇଥିଲା। ହେଲେ ଏବେ ବି ଚଢାଉ ବେଳେ ପର୍ଯ୍ୟାପ୍ତ ପରିମାଣର ପୁରୁଣା ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ମିଳୁଛି। ୨୦୧୫-୧୬ରେ ୪ ଲକ୍ଷ ଜାଲ୍‌ନୋଟ୍ ଜବତ କରାଯାଇଥିଲା। ୨୦୧୮-୧୯ରେ ଏହା କମି ୪୫,୪୦୦ରେ ପହଞ୍ଚିଥିବା ଆର୍‌ବିଆଇ ରିପୋର୍ଟରୁ ଜଣାପଡ଼ିଛି। ଏବେ ବି ଅନେକ ଅଚଳ ଟଙ୍କା ହୋର୍ଡିଂକରି ରଖାଯାଇଥିବା କୁହାଯାଉଛି।





## ଆତଙ୍କବାଦ ଉପରେ ଲାଗିପାରିନି ଅଙ୍କୁଶ

ଆତଙ୍କବାଦକୁ ନେଇ ସରକାର ଯେଉଁ ତଥ୍ୟ ରଖିଥିଲେ, ତାହା ଏପର୍ଯ୍ୟନ୍ତ ପୂରଣ ହୋଇନାହିଁ। ଆତଙ୍କବାଦୀ କାର୍ଯ୍ୟକଳାପରେ ଅଙ୍କୁଶ ଲାଗିପାରି ନାହିଁ। ବରଂ ବିମୁଦ୍ରୀକରଣ ପରେ ୨୦୧୬, ୨୦୧୭, ୨୦୧୮ରେ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ସାଉଥ ଏସିଆ ଟେରରିଜମ୍ ପୋର୍ଟାଲ ଡାଟା ଅନୁଯାୟୀ ୨୦୧୫ରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ୭୨୮ ଜଣ ଭାରତୀୟ ପ୍ରାଣ ହରାଇଥିବାବେଳେ ୨୦୧୬ରେ ଏହା ବୃଦ୍ଧିପାଇ ୯୦୫ରେ ପହଞ୍ଚିଥିଲା। ସେହିପରି ୨୦୧୭ରେ ୮୧୨ ଓ ୨୦୧୯ରେ ୯୪୦ ଜୀବନ ଯାଇଥିଲା। ଆତଙ୍କବାଦୀମାନେ ବିମୁଦ୍ରୀକରଣକୁ ଭ୍ରୂକ୍ଷେପ ନ କରି ପାଣ୍ଠି ଯୋଗାଡ଼ କରିବାରେ ସମର୍ଥ ହୋଇଥିବା ଏଥିରୁ ସହଜେ ଅନୁମେୟ।

## ବଢ଼ିଛି ଡିଜିଟାଲ ପେମେଣ୍ଟ୍‌ସ



ଏଟିଏମ୍ ଆଗରେ ଲୋକେ ଲମ୍ବା ଧାଡ଼ି ଲଗାଇବା, ଘଣ୍ଟାଘଣ୍ଟା ଛିଡ଼ାହେବା ପରେ ବି ନିରାଶ ହୋଇ ଫେରିବା ଥିଲା ସବୁଠାରୁ ବିରକ୍ତିକର। ବିମୁଦ୍ରୀକରଣର ସୁଫଳ ନେଇ ଏବେ ବି ଲୋକେ ପ୍ରଶ୍ନ କରୁଛନ୍ତି। ଭାରତ ବିମୁଦ୍ରୀକରଣର ୩ ବର୍ଷ ପୂର୍ତ୍ତି ପାଳନ କରୁଥିବାବେଳେ ଦେଶରେ ଡିଜିଟାଲ ପେମେଣ୍ଟ୍‌ସ ବୃଦ୍ଧି ପାଇଛି। ଟଙ୍କା ବଦଳରେ ଡିଜିଟାଲ୍ ପେମେଣ୍ଟ ପ୍ରତି ଲୋକଙ୍କ ଆଗ୍ରହ ବଢ଼ିଛି। ଟଙ୍କାଚୋରିକୁ ରୋକିବା ଲାଗି ଡିଜିଟାଲ୍ ପେମେଣ୍ଟ ମଧ୍ୟ ବେଶ୍ ସହାୟକ ହୋଇଛି। ଏଥିପ୍ରତି ଲୋକମାନେ ସଚେତନ ହେବା ସହ ଅଧିକ ଆଗ୍ରହ ପ୍ରକାଶ କରିଥିବା ଜଣାପଡ଼ିଛି।

## ପ୍ରତିକ୍ରିୟା

### ଦେଶରେ ଦୁର୍ନୀତି ହ୍ରାସ ପାଇଛି



ବିମୁଦ୍ରୀକରଣ ଯୋଗୁ ଦେଶରେ ଦୁର୍ନୀତି ହ୍ରାସ ପାଇଛି। ଆତଙ୍କବାଦ ମଧ୍ୟ ବହୁ ମାତ୍ରାରେ କମିଛି। କେନ୍ଦ୍ର ମନ୍ତ୍ରୀମଣ୍ଡଳର ଏତେଦିନ ପରେ ମଧ୍ୟ କୌଣସି ଦୁର୍ନୀତି ଗନ୍ଧ ନାହିଁ। କୌଣସି ମନ୍ତ୍ରୀଙ୍କ ବିରୋଧରେ କିଛି ଅଭିଯୋଗ ଆସିନାହିଁ। କ୍ୟାଶ୍‌ଲେସ୍ ସିଷ୍ଟମ ବଢିଛି। ଦେଶର ଅର୍ଥନୀତିରେ ସୁଧାର ଆସିପାରିଛି। ବର୍ତ୍ତମାନ କେବଳ ବିଶ୍ୱ ବଜାର ସମସ୍ୟା ଯୋଗୁ ସାମାନ୍ୟ ଆର୍ଥିକ ମନ୍ଦାବସ୍ଥା ସୃଷ୍ଟି ହୋଇଛି। ଦେଶରେ ଆର୍ଥିକସଂସ୍କାର ଆଣିବା ପାଇଁ ବିମୁଦ୍ରୀକରଣ ଏକ ବଡ ପଦକ୍ଷେପ। ଆଗାମୀ ଦିନରେ ଏହାର ଲାଭ ଆହୁରି ମିଳିବ।

**-ମୋହନ ଚରଣ ମାଝୀ, ବିରୋଧୀ ଦଳ ମୁଖ୍ୟ ସଚେତକ**

### ଭବିଷ୍ୟତରେ ଆଉ କେବେ ନ ହେଉ



କଳାଧନ ହ୍ରାସ କରିବା ଦିଗରେ ରହିଥିବା ବିମୁଦ୍ରୀକରଣର ମୂଳ ଲକ୍ଷ୍ୟ ହାସଲ ବିଫଳ ହୋଇଛି। ଏଥିରେ ପ୍ରାୟତଃ ସର୍ବସମ୍ମତି ରହିଛି। ବିମୁଦ୍ରୀକରଣ ପ୍ରଭାବରେ ଅର୍ଥ ବ୍ୟବସ୍ଥାର ଅଭିବୃଦ୍ଧି ହାର ମଧ୍ୟ ହ୍ରାସ ହୋଇଛି। ଭବିଷ୍ୟତରେ ଆଉ କେବେ ବିମୁଦ୍ରୀକରଣ ନ କରିବା ଏଥିରୁ ଶିକ୍ଷା ନେବା ଉଚିତ।

**- ଅମରେନ୍ଦ୍ର ଦାସ, ଆସିଷ୍ଟାଣ୍ଟ ପ୍ରଫେସର, ନାଇଜର**

### ବିମୁଦ୍ରୀକରଣ ସମ୍ପୂର୍ଣ୍ଣ ବିଫଳ ହୋଇଛି



୨୦୧୬ ନଭେମ୍ବର ୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିମୁଦ୍ରୀକରଣ ପଦକ୍ଷେପ ନେଇଥିଲେ। ଏହି ପଦକ୍ଷେପ ଦ୍ୱାରା କଳାଧନ, ଆତଙ୍କବାଦ/ନକ୍ସଲବାଦ ହ୍ରାସ ପାଇବା ସହ ଡିଜିଟାଲ ଅର୍ଥନୀତିର ଆରମ୍ଭ ହେବ ବୋଲି କୁହାଯାଇଥିଲା। ଏହାର କିଛି ମାସ ପରେ ଜିଏସ୍‌ଟି ମଧ୍ୟ ଲାଗୁ କରାଯାଇଥିଲା। ଏହି ଦୁଇ ପଦକ୍ଷେପ ଅର୍ଥନୀତିକୁ ପ୍ରଗତି ପଥରେ ନେବ ବୋଲି ଆଶା କରାଯାଉଥିଲା। ହେଲେ ଇତି ମଧ୍ୟରେ ୩ ବର୍ଷ ବିତିଛି, ପୁଲୱାମାରେ ଆତଙ୍କବାଦ ଆକ୍ରମଣ ହୋଇଛି। ନକ୍ସଲ ପ୍ରଭାବିତ କହି ଝାଡଖଣ୍ଡରେ ୫ ପର୍ଯ୍ୟାୟରେ ନିର୍ବାଚନ କରାଯାଉଛି। କଳାଧନ ଆସିବା କଥା ଛାଡ, ନୀରବ ମୋଦି ଭଳି ଲୋକ ଏ ପର୍ଯ୍ୟନ୍ତ ଦଣ୍ଡିତ ହୋଇନାହାନ୍ତି। ଖୋଦ୍ କେନ୍ଦ୍ର ସରକାରଙ୍କ ବିଭିନ୍ନ ସଂସ୍ଥା ସାମାନ୍ୟ ଖୁଚୁରା ବ୍ୟବସାୟରେ ଏଟିଏମ୍ କାର୍ଡ ସ୍ୱାଇପ୍ ମେଶିନ୍ ବ୍ୟବହାର କରୁନାହାନ୍ତି। ଜିଡିପି ଗତ ତ୍ରୈମାସରେ ୫ ପ୍ରତିଶତକୁ ଖସି ଆସିଛି। କ୍ଷୁଦ୍ର ବେପାରୀ ବହୁଳ ଭାବେ ପ୍ରଭାବିତ ହୋଇଛନ୍ତି। ଏହାର କୌଣସି ସୁଫଳ ଅନୁଭବ ହେଉନାହିଁ, ଓଲଟି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ମୂଲ୍ୟ ବୃଦ୍ଧି ଘଟୁଛି। ତେଣୁ ବିମୁଦ୍ରୀକରଣ ସମ୍ପୂର୍ଣ୍ଣ ବିଫଳ ହୋଇଛି।

**-ଜନାର୍ଦ୍ଦନ ପତି, ସିପିଏମ୍ ନେତା**

## ମହିଳା ଶ୍ରମଶକ୍ତି ପ୍ରଭାବିତ: ବିଶ୍ୱବ୍ୟାଙ୍କ୍

୨୦୧୬ ନଭେମ୍ବର ୮ , ବିମୁଦ୍ରୀକରଣର ଦିନ। ସେହିଦିନଠାରୁ ପ୍ରାୟ ବର୍ଷେଯାଏ ଲୋକମାନେ ସାମାଜିକ କ୍ଷେତ୍ରର ଯେଉଁ ଅସୁବିଧାର ସମ୍ମୁଖୀନ ହୋଇଥିଲେ ତାହା ଏବେ ବି ମନରୁ ଯାଇନାହିଁ। ବିମୁଦ୍ରୀକରଣ ବି ଜୀବନ ନେଇଛି। ତେବେ ଏହାର ସମାଜିକ ପ୍ରଭାବକୁ ଭାରତୀୟମାନେ ଯାହା ଉପଲବ୍ଧି କରିଛନ୍ତି ତାହାଠାରୁ ବେଶି ସମୀକ୍ଷା କରିଛି ବିଶ୍ୱବ୍ୟାଙ୍କ। ନିକଟରେ ବିଶ୍ୱବ୍ୟାଙ୍କ ପକ୍ଷରୁ ପ୍ରକାଶ କରାଯାଇଛି ଯେ, ବିମୁଦ୍ରୀକରଣ ପରେ ଅସଂଗଠିତ ଅର୍ଥବ୍ୟବସ୍ଥାରେ ସାଂଘାତିକ ଭାବେ ବାଧା ଉପୁଜିବାର ଆଶଙ୍କା ରହିଛି। ସେଥିପାଇଁ ସମାଜିକ ସ୍ତରରେ କ୍ଷତି ପହଞ୍ଚିବ। ଅସଂଗଠିତ ଅର୍ଥବ୍ୟବସ୍ଥା ଭାରତର ଜିଡିପିର ପ୍ରାୟ ୪୦ ପ୍ରତିଶତ । ଏହା ଭିତରେ ଭାରତର ୯୦ ପ୍ରତିଶତ ଶ୍ରମିକ ରହନ୍ତି। ଏଣୁ ଏହା ନିଶ୍ଚିତ ଭାବେ ଶ୍ରମିକମାନଙ୍କୁ ଆର୍ଥିକ ସ୍ତରରେ ଦୁର୍ବଳ କରିଦେବ। ଅସଂଗଠିତ କ୍ଷେତ୍ରରେ ବେଶି ଗରିବ କାର୍ଯ୍ୟ କରୁଛନ୍ତି। ସାଧାରଣତଃ କୃଷି, ଖୁଚୁରା ତଥା ନିର୍ମାଣ କ୍ଷେତ୍ରରେ ଏମାନଙ୍କ ସଂଖ୍ୟା ବେଶି। ଅର୍ଥନୀତିରେ ଆସିଥିବା ମାନ୍ଦାବସ୍ଥା ପ୍ରଭାବ ଏବେ ଏହି ସ୍ତରକୁ ଏମତି ଦୁର୍ବଳ କରିଛି ଯେ ,ତାହା ଗ୍ରାମାଞ୍ଚଳରେ ଲୋକମାନଙ୍କ ବ୍ୟୟକରିବାର ସାମର୍ଥ୍ୟକୁ ପ୍ରଭାବିତ କରିଛି। ଦୁଇଚକିଆ ଯାନ ବିକ୍ରି କମିଯିବା ଏହାର ଏକ ଜ୍ୱଳନ୍ତ ଉଦାହରଣ।

ସାମଜିକ ସ୍ତରରେ ଭାରତୀୟଙ୍କ କ୍ରୟ ଶକ୍ତି କମିଛି। ଅନ୍ୟପକ୍ଷରେ ମହିଳା ଶ୍ରମିକମାନଙ୍କ ସଂଖ୍ୟା ଅସଂଗଠିତ କ୍ଷେତ୍ରରେ କମ୍ ରହିଛି । ଏମିତି କି ବିଶ୍ୱରେ ଏହି ହାର ସବୁଠାରୁ କମ୍। ୧୩୧ଟି ଦେଶମାନଙ୍କୁ ନେଇ କରାଯାଇଥିବା ଏକ ସର୍ଭେରୁ ଜଣାପଡିଛି ଯେ, ସେମାନଙ୍କ ମଧ୍ୟରେ ଭାରତର ସ୍ଥାନ ୧୨୦। ଭାରତରେ ଔଦ୍ୟୋଗିକ କ୍ଷେତ୍ରରେ ମହିଳାଙ୍କ ଶ୍ରମଶକ୍ତି ମାତ୍ର ୧୭ ପ୍ରତିଶତ। ଏହା ଇଣ୍ଡୋନେସିଆ ଓ ବାଂଲାଦେଶଠାରୁ ବି କମ୍। ବିଶ୍ୱ ବ୍ୟାଙ୍କର ଆକଳନରୁ ଜଣାପଡିଛି ଯେ, ଯଦି ମହିଳା ଶ୍ରମଶକ୍ତିର ବିକାଶ ନ ହୁଏ ତେବେ ଜିଡିପିରେ ଦ୍ରୁତ ବୃଦ୍ଧି ସମ୍ଭବ ହୋଇପାରିବନାହିଁ। ଏଣୁ ବିମୁଦ୍ରୀକରଣ ପରେ ଭାରତର ଶ୍ରମ ଶକ୍ତି ଉପରେ ଯାହା ପ୍ରଭାବ ପକାଇଛି ତାହାକୁ ସୁଧାରିବା ପାଇଁ ଅସଂଗଠିତ କ୍ଷେତ୍ରରେ ମହିଳାମାନଙ୍କ ପାଇଁ ଅଧିକ ନିଯୁକ୍ତି ସୃଷ୍ଟି କଲେ ସମସ୍ୟା କିଛିଟା ଦୂର ହୋଇପାରିବ ବୋଲି ବିଶ୍ୱବ୍ୟାଙ୍କ ପ୍ରକାଶ କରିଛି।



## ୩୩ ପ୍ରତିଶତ ଲୋକଙ୍କ ମତ

# ମାନ୍ଦାବସ୍ଥାର କାରଣ ବିମୁଦ୍ରୀକରଣ

**ନୂଆଦିଲ୍ଲୀ, ୭।୧୧**

୨୦୧୬ ନଭେମ୍ବର ୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିମୁଦ୍ରୀକରଣ ଘୋଷଣା କରିଥିଲେ। ଏଥିଯୋଗୁ ୮୬% ନୋଟ୍ ଅଚଳ ଓ ଅବୈଧ ହୋଇଯାଇଥିଲା। ଏବେ ଏହାର ଠିକ୍ ତିନିବର୍ଷ ପରେ ବିମୁଦ୍ରୀକରଣକୁ ନେଇ ଲୋକାଲ୍ ସର୍କଲ୍ସ ନାମକ ଏକ ସଂସ୍ଥା ପକ୍ଷରୁ ଅନ୍‌ଲାଇନ୍‌ରେ ସର୍ବେକ୍ଷଣ କରାଯାଇଛି। ଅର୍ଥନୀତି ଉପରେ ମୋଦି ସରକାରଙ୍କ ଏହି ଦୁଃସାହସିକ ପଦକ୍ଷେପର ନକାରାତ୍ମକ ପ୍ରଭାବ ପଡ଼ିଥିବା ୬୬% ଲୋକ କହିଛନ୍ତି। ସେହିପରି ୩୩% ଲୋକ ଆର୍ଥିକ ମାନ୍ଦାବସ୍ଥା ପାଇଁ ବିମୁଦ୍ରୀକରଣକୁ ଦାୟୀ କରିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦି ୩ ବର୍ଷ ତଳେ ରାତି ୮ଟାରେ ବିମୁଦ୍ରୀକରଣ ନେଇ ଟେଲିଭିଜନ୍‌ରେ ଦେଶ ଉଦ୍ଦେଶ୍ୟରେ ବାର୍ତ୍ତା ଦେଇଥିଲେ। ଏଥିସହ ଦୁଇଟି ବଡ଼ ୧,୦୦୦ ଓ ୫୦୦ ଟଙ୍କିଆ ନୋଟ ଅଚଳ ହୋଇଯାଇଥିଲା। କଳାଧନ ରୋକିବା, ଭ୍ରଷ୍ଟାଚାର ଉପରେ ଅଙ୍କୁଶ ଲଗାଇବା ଓ ଆତଙ୍କବାଦ ପାଇଁ ଅର୍ଥ ଯୋଗାଣକୁ ବନ୍ଦ କରିବା ନୋଟ୍‌ବନ୍ଦୀର ଉଦ୍ଦେଶ୍ୟ ବୋଲି ପ୍ରଧାନମନ୍ତ୍ରୀ ସେତେବେଳେ ଘୋଷଣା କରିଥିଲେ। ଏତେଦିନ ବିତିଯିବା ପରେ ବିମୁଦ୍ରୀକରଣର ପ୍ରଭାବକୁ ନେଇ ଏକ ଅନ୍‌ଲାଇନ୍ ସର୍ଭେ କରାଯାଇଛି। ଭାରତୀୟ ଅର୍ଥନୀତି ଓ ଶ୍ରମ ନିଯୋଜନ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିଛି ବୋଲି ସର୍ବେକ୍ଷଣରେ ଭାଗନେଇଥିବା ଲୋକଙ୍କ ମଧ୍ୟରୁ ୬୬% କହିଛନ୍ତି। ବିମୁଦ୍ରୀକରଣର କୌଣସି ପ୍ରକାର ନକାରାତ୍ମକ ପ୍ରଭାବ ନ ଥିବା କେବଳ ୨୮% ଉତ୍ତରଦାତା ମତ ଦେଇଛନ୍ତି। ୩୩% ମତଦାତାଙ୍କ କହିବା ହେଲା, ଅର୍ଥନୀତିରେ ମାନ୍ଦାବସ୍ଥାର କାରଣ ବିମୁଦ୍ରୀକରଣ। ସରକାର ଏହାର ସମାଧାନ କରିବାରେ ସକ୍ଷମ ହୋଇନାହାନ୍ତି। ବିମୁଦ୍ରୀକରଣ ଘୋଷଣା କରାଯିବା ସମୟରେ ଭାରତୀୟ ଅର୍ଥନୀତିର ଅବସ୍ଥା ବହୁତ ଭଲ ଥିଲା ବୋଲି ସେମାନେ କହିଛନ୍ତି। ସେମାନଙ୍କ ମତରେ ଏହି ଘୋଷଣାର କିଛି ମାସ ପରେ ଅର୍ଥନୀତି ନିମ୍ନଗାମୀ ହେବାରେ ଲାଗିଲା। ୨୦୧୭-୧୮ରେ ଏହା କିଛି ମାତ୍ରାରେ ଠିକ୍ ଅବସ୍ଥାକୁ ଆସୁଥିଲା। କିନ୍ତୁ ପରେ ପୁଣି ତଳକୁ ଖସିବାରେ ଲାଗିଲା। ବିଗତ ୫ଟି ଚତୁର୍ମାସରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ଲଗାତର ଖସିବାରେ ଲାଗିଛି। ତେବେ ଏହି ସ୍ଥିତି ପାଇଁ କେବଳ ବିମୁଦ୍ରୀକରଣକୁ ଦାୟୀ କରାଯାଇ ପାରିବ ନାହିଁ।

> **୬୬% କହିଲେ: ଅର୍ଥନୀତି ଉପରେ ନକାରାତ୍ମକ ପ୍ରଭାବ ପକାଇଛି ନୋଟ୍‌ବନ୍ଦୀ**

ଅର୍ଥନୀତି ଉପରେ ତୀକ୍ଷ୍ଣ ନଜର ରଖୁଥିବା ଲୋକେ କହିଛନ୍ତି ଯେ, ବିମୁଦ୍ରୀକରଣ ଯୋଗୁ ଅସଙ୍ଗଠିତ କ୍ଷେତ୍ର ସବୁଠୁ ବେଶୀ କ୍ଷତିଗ୍ରସ୍ତ ହୋଇଛି। ନିଯୁକ୍ତିରେ ଛଟେଇ ଓ ତଦ୍‌ଜନିତ ସର୍ପିଳ ପ୍ରଭାବ ଯୋଗୁ ଲୋକଙ୍କ ଆୟ କମିବା ସହ କ୍ରୟ ଦକ୍ଷତା ମଧ୍ୟ ହ୍ରାସ ପାଇଛି। ବିଶେଷକରି ଗ୍ରାମାଞ୍ଚଳରେ ଏପରି ଦେଖିବାକୁ ମିଳୁଛି। ସେହିପରି ବିମୁଦ୍ରୀକରଣ ଯୋଗୁ ଅନେକ ଅସଙ୍ଗଠିତ କ୍ଷେତ୍ରର ଶ୍ରମିକଙ୍କ ଆୟ କମିବାର ମୁଖ୍ୟ କାରଣ ବୋଲି ଏହି ସଦ୍ୟ ସର୍ଭେରେ ଭାଗ ନେଇଥିବା ୩୨% ଲୋକ ଏକମତ ହୋଇଛନ୍ତି। ଅନ୍ୟପକ୍ଷରେ ବିମୁଦ୍ରୀକରଣ ସପକ୍ଷରେ ଭୋଟ ଦେଇଥିବା ଲୋକଙ୍କ ମଧ୍ୟରୁ ୪୨ ପ୍ରତିଶତଙ୍କ ମତରେ ଏହି ପଦକ୍ଷେପ ଟିକସ ଠକେଇ କରୁଥିବା ବହୁସଂଖ୍ୟକ ଲୋକଙ୍କୁ ଏହାର ପରିସର ମଧ୍ୟରୁ ଟାଣିଆଣି ଏକ ବର୍ଦ୍ଧିତ ଟାକ୍ସ ନେଟ୍ ଆଣିପାରିଛି। ସର୍ଭେରେ ଆହୁରି ଜଣାପଡ଼ିଛି ଯେ, ବିମୁଦ୍ରୀକରଣ ଘୋଷଣାର ଠିକ୍ ପରେ ବ୍ୟବସାୟ ଓ ବ୍ୟକ୍ତିଗତ କାରବାରରେ ନଗଦ ଅର୍ଥର ବ୍ୟବହାର କମିଥିବାବେଳେ ବିଗତ ଦୁଇବର୍ଷରେ ବୃଦ୍ଧି ପାଇଛି।



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
- ସକ୍ରେଟିସ୍



## ସଂକ୍ଷେପରେ

### ଆତ୍ମହତ୍ୟା ଉଦ୍ୟମ କରିଥିବା ମହିଳାଙ୍କ ମୃତ୍ୟୁ

**ଧମା, ୭।୧୧ (ଡି.ଏନ.ଏ.):** ଧମା ଥାନା ଅନ୍ତର୍ଗତ ବଟେମୁରା ନିକଟସ୍ଥ ଜୟଘଣ୍ଟ ଗ୍ରାମରେ ଜଣେ ବିବାହିତା ମହିଳା ଗତ ୨୭ ତାରିଖ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ବୁର୍ଲା ଭିମ୍‌ସାରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଶେଷରେ ଚିକିତ୍ସାଧୀନ ଅବସ୍ଥାରେ ସମ୍ପୃକ୍ତ ମହିଳାଙ୍କ ମୃତ୍ୟୁ ଘଟିଛି । ଏହି ମହିଳା ଜଣକ ହେଲେ ଗ୍ରାମର ଗୋବିନ୍ଦ ଭୋଇଙ୍କ ସ୍ତ୍ରୀ ସୀତା ଭୋଇ। ପାରିବାରିକ କଳହକୁ କେନ୍ଦ୍ର କରି ସେ ଏହି ପଦକ୍ଷେପ ନେଇଥିବା ଶୁଣାଯାଉଛି । ଏ ବାବଦରେ ବୁର୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ସେ ୫ବର୍ଷ ତଳେ ବିବାହ କରିଥିବା ବେଳେ ତାଙ୍କର ୨ ବର୍ଷର ଗୋଟିଏ ଶିଶୁପୁତ୍ର ରହିଛି।

### ଅନଗୁଲିଆପଡ଼ାରେ ରାସ୍ତା ଅବରୋଧ

**ସମ୍ବଲପୁର, ୭।୧୧ (ବ୍ୟୁରୋ):** ଅଇଁଠାପାଲି ଥାନା ଅନ୍ତର୍ଗତ ଅନଗୁଲିଆପଡାରେ ଏକ ସ୍କୁଲ ଗେଟ୍ ତିଆରି ସହ କେତେ ଜଣ ଲୋକ ରାସ୍ତା ଅବରୋଧ କରିଛନ୍ତି । ତେଣୁ ଅନଗୁଲିଆ ପଡାବାସୀ ଯାତାୟତରେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସ, ପିସିଆର ଭ୍ୟାନ, ଅଗ୍ନିଶମ ବିଭାଗ ଗାଡି ମଧ ଆସି ପାରୁନାହାନ୍ତି। ଯଦ୍ବାରା ବହୁବିଧ ସମସ୍ୟା ଅଞ୍ଚଳବାସୀ ଭୋଗୁଛନ୍ତି । ଏ ନେଇ ବୁଧବାର ଅଞ୍ଚଳର ମହିଳାମାନେ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ସହକାରୀ ଜିଲାପାଳ ରଶ୍ମିତା ନାଥଙ୍କ ସହ ଆଲୋଚନା ମଧ କରିଥିଲେ । ଏହି ଘଟଣାକୁ ନେଇ ଗୁରୁବାର ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ କ୍ଷେତ୍ର ପରିଦର୍ଶନ କରିଥିଲେ। ଅଞ୍ଚଳବାସୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ଆନ୍ତଃ ବିଶ୍ୱବିଦ୍ୟାଳୟ ଫୁଟବଲ: ସମ୍ବଲପୁର ଅଗ୍ରଣୀ

**କଟକ ଅଫିସ,୭।୧୧:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ କଟକରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଫୁଟବଲ ଟୁର୍ନାମେଣ୍ଟରେ ଲିଗ ପର୍ଯ୍ୟାୟ ମ୍ୟାଚ୍ ଗୁରୁବାର ଖେଳାଯାଇଛି। ଦୁଇଟି ମ୍ୟାଚ୍‌ରେ ବିଜୟୀ ହୋଇ ସମ୍ବଲପୁର ଦଳ ଅଗ୍ରଣୀ ରହିବା ସହ ଚାମ୍ପିୟନ ଦୌଡ଼ରେ ରହିଛି। ୪ଟି ପୁଲରେ ଚାମ୍ପିୟନ ହୋଇ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳ, ପଶ୍ଚିମବଙ୍ଗର ଆଡାମସ ବିଶ୍ୱବିଦ୍ୟାଳୟ ଓ କଲିକତା ବିଶ୍ୱବିଦ୍ୟାଳୟ, ଝାଡ଼ଖଣ୍ଡର ରାଞ୍ଚି ବିଶ୍ୱବିଦ୍ୟାଳୟ ଲିଗ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି। ସମ୍ବଲପୁର ୪-୧ ଗୋଲରେ ଓ ୨-୦ ଗୋଲରେ ଯଥାକ୍ରମେ ରାଞ୍ଚି ବିଶ୍ୱବିଦ୍ୟାଳୟ, ଆଡାମସ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ଏହି ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହେବ।

# ବିକାଶରେ ବାଧା ଆନ୍ତରିକତା

## ଜନପ୍ରତିନିଧିଙ୍କ କଥା ଶୁଣୁନାହାନ୍ତି ଅଧିକାରୀ

**ସମ୍ବଲପୁର,୭।୧୧(ବ୍ୟୁରୋ)**

ସମ୍ବଲପୁର ଜିଲାରେ ପ୍ରାୟ ବର୍ଷେ ହେବ ବିକାଶମୂଳକ କାମ ଠପ୍ ହୋଇ ପଡିଥିବା କହିଲେ ଭୁଲ୍ ହେବ ନାହିଁ। ପୂର୍ବରୁ ନିର୍ମାଣାଧୀନ ଛୋଟ ବଡ କେତୋଟି ପ୍ରକଳ୍ପର କାମ କଚ୍ଛପ ଗତିରେ ଚାଲିଛି । ଆଉ ନୂଆ ପ୍ରକଳ୍ପ ଅନୁମୋଦନ ହୋଇ ନାହିଁ କିମ୍ବା କୌଣସି ବଡ ପ୍ରକଳ୍ପ ପାଇଁ ଟେଣ୍ଡର ହୋଇ ନାହିଁ। ପୂର୍ବରୁ ଅନୁମୋଦନ ପାଇଥିବା ପ୍ରକଳ୍ପ ଗୁଡିକର କାମ ଆରମ୍ଭ କରାଯାଉ ନାହିଁ । ତେଣୁ କୌଣସି ଆଖିଦୃଶିଆ ବିକାଶ ଜଣାପଡୁନାହିଁ । ଲୋକେ ନିଜର ମୌଳିକ ସୁବିଧା ପାଣି, ବିଜୁଳି, ସ୍ୱାସ୍ଥ୍ୟ, ଗମନାଗମନ ସୁବଧା ପାଇଁ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେବାକୁ ପଡଛି । ହେଲେ ସମାଧାନ ହୋଇ ପାରୁନାହିଁ। ଦୁର୍ବଳ ପ୍ରଶାସନିକ କାର୍ଯ୍ୟ ସମ୍ପାଦନା ଯୋଗୁ ଏଭଳି ହୋଇଥିବାର ଅଭିଯୋଗ ହେଉଛି। ଅନ୍ୟପଟେ ରାଜ୍ୟ ସରକାର ୫-ଟି ବ୍ୟବସ୍ଥା ଓ ମୋ ସରକାର ଯୋଜନା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ପ୍ରଶାସନିକ ଅଧିକାରୀମାନଙ୍କ ଆନ୍ତରିକତା ଓ କାର୍ଯ୍ୟ ସମ୍ପାଦନା କରିବାର ଦକ୍ଷତା ନ ଥିବ ତାହା ହେଲେ ଜିଲାରେ କିଭଳି ଭାବେ ଏହି ଯୋଜନାଗୁଡିକ କାର୍ଯ୍ୟକାରୀ ହେବ ସେ ନେଇ ସନ୍ଦେହ ସୃଷ୍ଟି ହେଉଛି। ତେଣୁ ଏହି ଯୋଜନା ଜିଲାରେ ପ୍ରହସନ ପାଲଟିବା ଆଶଙ୍କା ରହୁଛି। ଦେଖିବାକୁ ଗଲେ ସରକାରଙ୍କ ସମସ୍ତ କାର୍ଯ୍ୟ ସମ୍ପାଦନା କରିବା ଜିଲାପାଳଙ୍କ ଦାୟିତ୍ୱ ରହିଥାଏ। ତାଙ୍କ ନିର୍ଦ୍ଦେଶରେ ଯୋଜନା ଗୁଡିକ କାର୍ଯ୍ୟକାରୀ କରାଯାଏ। ଜିଲାର ବିକାଶରେ ଜିଲାପାଳଙ୍କ ମୁଖ୍ୟ ଅବଦାନ ରହିଥାଏ । ସାଧାରଣ ଜନତାଠାରୁ ଆରମ୍ଭ କରି ସରକାରୀ ଅଧିକାରୀମାନେ ମଧ ଜିଲାପାଳଙ୍କ ଉପରେ ଅନେକ ଆସ୍ଥା ପ୍ରକଟ କରିଥାନ୍ତି । ହେଲେ ଜିଲା ମୁଖିଆଙ୍କୁ ନେଇ ଏବେ ଅନେକ ମହଲରେ ଚର୍ଚ୍ଚା ଓ ସମାଲୋଚନା କରାଯାଉଛି। ବିଭାଗୀୟ ଅଧିକାରୀମାନେ ମଧ କାମକୁ ଗୁରୁତ୍ୱ ଦେଇ ଆଗେଇ ନେବାରେ ଇଚ୍ଛା ପ୍ରକାଶ କରୁନାହାନ୍ତି। ବିଭିନ୍ନ ଆଳ ଦେଖାଇ ବାହାନା କରି କାମ କରୁନାହାନ୍ତି । ତେଣୁ ମୋ ସରକାର ଓ ୫-ଟି କିଭଳି କାର୍ଯ୍ୟକାରୀ ହେବ ତାହା ସହଜରେ ଅନୁମେୟ। ଜିଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଅଭିଯୋଗ କରିବା ପାଇଁ ଟୋଲ୍ ଫ୍ରି ନମ୍ବର ଓ ହ୍ୱାଟ୍ସଆପ୍ ନମ୍ବର ସର୍ବସାଧାରଣ କରାଯାଇଛି। ଜିଲାପାଳ ଶୁଭମ୍ ସକ୍‌ସେନା ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମେ ଏହି ନମ୍ବରରେ ଅଭିଯୋଗ ସଂଖ୍ୟା ବଢିଥିଲା । ହେଲେ ଅଭିଯୋଗ ପରେ ମଧ କିଛି ଫଳ ନ ମିଳିବାରୁ ଅଭିଯୋଗ ସଂଖ୍ୟାରେ ହ୍ରାସ ପାଇଛି। ଅନ୍ୟପକ୍ଷେ ରାଜନେତାମାନଙ୍କ ଅଭିଯୋଗ ଓ କଥାକୁ ପ୍ରଶାସନିକ ଅଧିକାରୀମାନେ ଶୁଣୁ ନାହାନ୍ତି । କୌଣସି ପ୍ରକଳ୍ପ ପାଇଁ ଅନୁରୋଧ କଲେ ପ୍ରତିଶ୍ରୁତି ଦେଇ ଫେରାଇ ଦେଉଛନ୍ତି। ଦୁର୍ନୀତି ବିରୋଧରେ ଅଭିଯୋଗ କଲେ ମଧ ତଦନ୍ତ ଆଳରେ ଭୁଆଁ ବୁଲାଇ ଦେଇଛନ୍ତି ବୋଲି ଅଭିଯୋଗ ହେଉଛି। ଜିଲାରେ ବୀମା ଟଙ୍କା ପାଇଁ ଚାଷୀଙ୍କ ଆନ୍ଦୋଳନ, ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର ଯୋଜନା, ଫ୍ଲାଏଓଭର ନିର୍ମାଣ, ରାସ୍ତାଘାଟ ସମସ୍ୟା ଉପରେ ଅଧିକାରୀମାନେ ଗୁରୁତ୍ୱ ଦେଉ ନାହାନ୍ତି। ଅନୁଦାନ ଖର୍ଚ୍ଚ ହୋଇ ପାରୁନାହିଁ। ଜିଲାର ଅନେକ ସରକାରୀ ଯୋଜନା ସଫଳ ହୋଇ ପାରୁନାହିଁ ବୋଲି ଅଭିଯୋଗ ହେଉଛି । ତେବେ କାମଗୁଡିକ ଠିକ୍‌ଠାକ୍ ଚାଲିଛି । ନିର୍ଦ୍ଦିଷ୍ଟ କେଉଁ ବିଭାଗ ଉପରେ ଅଭିଯୋଗ ହେଲେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ଶୁଭମ୍ ସକ୍‌ସେନା କହିଛନ୍ତି।



ସୁରଭି ଗୋଶାଳାରେ ଗୋଷ୍ଠାଷ୍ଟମୀରେ ପୂଜାର୍ଚ୍ଚନା ଚାଲିଛି।

## ସୁରଭି ଗୋଶାଳାରେ ଗୋଷ୍ଠାଷ୍ଟମୀ

**ନାକଟିଦେଉଳ,୭।୧୧(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଜାମୁଯୋରୀ ପଞ୍ଚାୟତର ଚଢ଼ଚଢ଼ି ନିକଟସ୍ଥ ପୋଡ଼ାମହୁଲ ସୁରଭି ଗୋଶାଳାରେ ଗୋଷ୍ଠାଷ୍ଟମୀ ତଥା ଗୋପୂଜନ କାର୍ଯ୍ୟକ୍ରମ ମହାସମାରୋହରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ସକାଳୁ ଗୋପୂଜନ, ନାମସଂକୀର୍ତ୍ତନ ଏବଂ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ଗୋଶାଳାର ପ୍ରତିଷ୍ଠାତା ସାଧୁ ଅଲେଖ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରେଢାଖୋଲ ବିଧାୟକ ରୋହିତ ପୂଜାରୀ ମୁଖ୍ୟ ଅତିଥି, ଦେବଗଡ଼ ରାଣୀ ଅରୁନ୍ଧତୀ କୁମାରୀ ଦେବୀ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ସାହୁ, ଜାମୁଯୋରୀ ସରପଞ୍ଚ ଅଜିତ କୁମାର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅଙ୍ଗାବିରା,ବିନ୍ଧପୁର, କୁଡ଼ାନାଳୀ, ତଳନାଳୀ, ଲୁବୁରି, ଘୋଷରାମାଳ, ନୂଆଁଗା, ଡଙ୍ଗାପାଳ, ବାଗେଡ଼ିଆ ଆଦି ଗ୍ରାମର ନାମସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ଓଡ଼ିଶା ଗୋ ସେବା ସମିତିର ସଂଗଠକ ନିରଞ୍ଜନ ନନ୍ଦ ଏବଂ ସମିତିର ସଂପାଦକ ମନୋଜ କୁମାର ଅଗ୍ରୱାଲା ଯୋଗଦେଇ ଗୋସୁରକ୍ଷା ସଂପର୍କରେ ପ୍ରବଚନ ଦେଇଥିଲେ । ଏଥିରେ ସାଧୁ ଖଗେଶ୍ୱର ଦାଶ, ବଟକୃଷ୍ଣ ଦାଶ ଏବଂ ରାମଚନ୍ଦ୍ର ଦାଶ ଉପସ୍ଥିତ ଥିବା ବେଳେ କୁବେର ଦେହୁରୀ, ରମେଶ ସ୍ୱାଇଁ, ରଣଜିତ ସାହୁ ଏବଂ ବିଦ୍ୟାଧର ସାହୁ ପ୍ରମୁଖ ସହଯୋଗ କରିଥିଲେ।



ପ୍ରଶିକ୍ଷଣ ଶିବିରରେ ଦିବ୍ୟାଙ୍ଗ ପିଲାଙ୍କ ଅଭିଭାବକ।

## ଦିବ୍ୟାଙ୍ଗ ପିଲାଙ୍କ ଅଭିଭାବକଙ୍କୁ ତାଲିମ

**ନାକଟିଦେଉଳ,୭।୧୧(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ଜଗନ୍ନାଥପ୍ରସାଦସ୍ଥିତ ପବିତ୍ରମୋହନ ନୋଡ଼ାଲ ଉଚ୍ଚବିଦ୍ୟାଳୟ ପରିସରରେ ନାକଟିଦେଉଳ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଦିବ୍ୟାଙ୍ଗ ପିଲାଙ୍କ ଅଭିଭାବକଙ୍କ ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତ୍ରିନାଥ ଧଳ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ନାକଟିଦେଉଳ ବିଆର୍‌ପି ସନ୍ତୋଷ କୁମାର ପ୍ରଧାନ, ରେଢାଖୋଲ ବିଆରପି ଈଶ୍ୱର ପ୍ରଧାନ, ଆଇଇଭି ପଦ୍ମିନୀ ପ୍ରଧାନ, ଉମେଶ ଚନ୍ଦ୍ର ସାହୁ ଏବଂ ରଶ୍ମିରଞ୍ଜନ ବେହେରା ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ମା ବାପାଙ୍କ ଭିତରେ ଆତ୍ମବିଶ୍ୱାସ ବୃଦ୍ଧି ଏବଂ ଦିବ୍ୟାଙ୍ଗ ପିଲାଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯିବା ଉପରେ ପ୍ରଶିକ୍ଷକମାନେ ଗୁରୁତ୍ୱାରୋପ କରିଥିଲେ। ଦିବ୍ୟାଙ୍ଗମାନଙ୍କ ପାଇଁ ସରକାରୀ ସ୍ତରରେ ରହିଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରି ଏହାର ସୁଫଳ ନେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ନାକଟିଦେଉଳ ସିଆରସିସି ମହେଶ୍ୱର ପ୍ରଧାନ ପରିଚାଳନା କରିଥିଲେ । ଏଥିରେ ବ୍ଲକର ନାକଟିଦେଉଳ, ବଳମ, ସରାପାଲି ଏବଂ ସାହେବୀ ପଞ୍ଚାୟତର ପ୍ରାୟ ୫୦ରୁ ଅଧିକ ଅଭିଭାବକ ଯୋଗ ଦେଇଥିଲେ। ଏଥିରେ ସମସ୍ତ ଆଇଭିମାନେ ସହଯୋଗ କରିଥିଲେ। ସେହିପରି ବ୍ଲକର ଶିମିଳିପାଳଠାରେ ମଧ ଗୁରୁବାର ତାଲିମ ପ୍ରଦାନ କରାଯାଇଛି। ଏଥିରେ ୫୦ଜଣ ଅଭିଭାବକ ଯୋଗଦେଇଥିଲେ। ସିଆର୍‌ସିସି ଲକ୍ଷ୍ମଣ କଲତା ଏବଂ ତରୁଣ କୁମାର ମେହେରଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

### ଡକାୟତି ଉଦ୍ୟମ ପଣ୍ଡ, ୫ ଗିରଫ

**ସମ୍ବଲପୁର,୭।୧୧(ବ୍ୟୁରୋ)**

ସମ୍ବଲପୁର ଧନୁପାଲି ଥାନା ପୋଲିସ ଡକାୟତି ଉଦ୍ୟମ କରୁଥିବା ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ମହମ୍ମଦ ସୋନୁ, ମହମ୍ମଦ ସାହିଦ, ମହମ୍ମଦ ଦିଲଦାର, ମହମ୍ମଦ ସବିର, କାହ୍ନା ନାଏକ । ଅଭିଯୁକ୍ତମାନଙ୍କ ନିକଟରୁ ୨ଟି ବାଇକ୍, ଟର୍ଚ୍ଚ ଲାଇଟ, ଲୁହା ରଡ୍ ଓ ୨ ହଜାର ଟଙ୍କା ଜବତ ହୋଇଛି। ଏ ନେଇ ଥାନାରେ ମାମଲା ରୁଜୁ ହେଇଛି। ବୁଧବାର ରାତିରେ ଧନକଉଡା-ଚାରଭାଟି ରାସ୍ତା ମଝିରେ ଡକାୟତି କରିବାକୁ ଏମାନେ ଛପି ଥିଲେ। ହେଲେ ପାଟ୍ରୋଲିରେ ଥିବା ପୋଲିସ ଗାଡି ଦେଖି ଫେରାର ମାରୁଥିବାବେଳେ ପୋଲିସ କାବୁ କରି ନେଇଥିଲା।

### ଠେମରା ମକର ମହୋତ୍ସବ ପ୍ରସ୍ତୁତି ବୈଠକ

**ସମ୍ବଲପୁର, ୭।୧୧ (ବ୍ୟୁରୋ)**

ଠେମରା ମକର ମହୋତ୍ସବ ପ୍ରସ୍ତୁତି ବୈଠକ ଉପରପଡା ଜ୍ୟୋତି କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି। ଅଶ୍ୱିନୀ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଛି। ଶ୍ରୀବତ୍ସ ନାଥ, ଅନୀଲ କୁମାର ପଣ୍ଡା, ମନୋରଞ୍ଜନ ମାହାଣା,ରାଜେଶ ପଣ୍ଡା, ରଞ୍ଜନ ପ୍ରଧାନ, ବିନୟ କୁମାର ପଣ୍ଡା, ରମାକାନ୍ତ ନାଥ, ରାମପ୍ରସାଦ ଦୀପ, ରବିନାରାୟଣ ପାଣି, ରାମଚନ୍ଦ୍ର ମିଶ୍ର, ଉଦିତକାନ୍ତ ନାଥ, ଶୁଭ୍ରାଂଶୁ ମିଶ୍ର, ସଞ୍ଜୟ କୁମାର ସାହୁ ପ୍ରମୁଖ କମିଟିରେ ରହିଛନ୍ତି।

### କୃଷି ଉଦ୍ୟାନ ବିଭାଗରେ ଦୁର୍ନୀତି

## ଜିଏସ୍‌ଟି ନମ୍ବର ନାହିଁ, ଭେଣ୍ଡରଙ୍କୁ ୧୨ ପ୍ରତିଶତ ଟଙ୍କା ପୈଠ

**ଧମା, ୭।୧୧ (ଡି.ଏନ.ଏ.)**

ଜିଲା କୃଷି ଉଦ୍ୟାନ ବିଭାଗରେ ଦୁର୍ନୀତିର ଗନ୍ଧ ପୁଣି ବାରି ହୋଇ ସାମ୍‌ନାକୁ ଆସିଛି। ବିଗତ ଦିନରେ ମାନେଶ୍ୱର ବ୍ଲକରେ ଆମ୍ବ ଗଛ ଚାରା ରୋପଣରେ ବ୍ୟାପକ ଅନିୟମିତତା କରାଯାଇ ଟଙ୍କା ହଡପ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ସରି ନ ଥିବା ବେଳେ ଏବେ ପୁଣିଆଉ ଏକ ଠକେଇ ଅଭିଯୋଗ ପଦାକୁ ଆସିଛି। ଚାଷୀମାନେ ଯେଉଁ ଚାରା ରୋପଣ କରନ୍ତି ତାହାର ସବିଶେଷ ତଥ୍ୟ ଉକ୍ତ ଜମିରେ ଏକ ସୂଚନା ଫଳକ ମାଧମରେ ଦର୍ଶା ଯାଇଥାଏ । ଏଥିପାଇଁ ଜିଏସ୍‌ଟି ମିଶାଇ ସର୍ବମୋଟ ୪୫୧୪ ଟଙ୍କା ବ୍ୟୟ ଅଟକଳ ରହିଛି। ୪ ଫୁଟ ଦୈର୍ଘ୍ୟ ଓ ୪ ଫୁଟ ପ୍ରସ୍ଥ ବିଶିଷ୍ଟ ସୂଚନା ଫଳକ ନିର୍ମାଣ ପାଇଁ ମାଟି ଖୋଳା, ସିମେଣ୍ଟ, ବାଲି, ଇଟା ଇତ୍ୟାଦି ପାଇଁ ମୋଟ ୪୦୩୧ ଟଙ୍କା ଅନୁମୋଦନ ହୋଇଥାଏ। ସାରା ଜିଲାର ୯ଟି ବ୍ଲକରେ ଜଣେ ଲେଖାଏଁ ଭେଣ୍ଡର ନିଯୁକ୍ତ କରାଯାଇଛି। ସେମାନଙ୍କ ଆକାଉଣ୍ଟକୁ ଏହାର ୧୨ ପ୍ରତିଶତ ଜିଏସ୍‌ଟି ବାବଦକୁ ୪୮୩ ଟଙ୍କା ମିଶାଇ ୪୫୧୪ ଟଙ୍କା ଲେଖାଏଁ ଶତାଧିକ ଫଳକ ବାବଦକୁ ଟଙ୍କା ଭେଣ୍ଡରଙ୍କ ଆକାଉଣ୍ଟରେ ଜମା ହୋଇଛି। ମାତ୍ର ସୂଚନା ଅଧିକାର କର୍ମୀ ସଞ୍ଜୀବ ପୂଜାରୀଙ୍କ ଅଭିଯୋଗ ଅନୁଯାୟୀ ନିଯୁକ୍ତି ପାଇଥିବା କୌଣସି ଭେଣ୍ଡରଙ୍କ ଜିଏସଟି ନମ୍ବର ନାହିଁ । ଅର୍ଥାତ ଜିଏସ୍‌ଟି ବାବଦକୁ ନିଆଯାଇଥିବା ୪୮୩ ଟଙ୍କା ହିସାବରେ ଶତାଧିକ ସୂଚନା ଫଳକର ଟଙ୍କା ଦୁର୍ନୀତି ହୋଇଛି। ଏ ବାବଦରେ ଡିଡିଏଚ୍ ରଞ୍ଜନ ଦାସ ମହାପାତ୍ରଙ୍କୁ ପଚରାଯିବାରୁ କହିଛନ୍ତି ଯେ, ଭେଣ୍ଡରମାନଙ୍କ ଜିଏସଟି ନମ୍ବର ଚେକ୍ କରି ଟଙ୍କା ଫେରସ୍ତ ନିଆଯିବ।

## ଭୀମ ଭୋଇ କଲେଜର ସୁବର୍ଣ୍ଣ ଜୟନ୍ତୀ ଲୋଗୋ ଉନ୍ମୋଚିତ

### ଅଡିଟୋରିୟମ ନିର୍ମାଣ ଲାଗି ଘୋଷଣା କଲେ ବିଧାୟକ

**ରେଢାଖୋଲ,୭।୧୧(ଡି.ଏନ.ଏ.)**

ରେଢାଖୋଲ ଭୀମଭୋଇ କଲେଜର ସୁବର୍ଣ୍ଣ ଜୟନ୍ତୀ ଆସନ୍ତା ବର୍ଷ ପାଳିତ ହେବ। ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଗୁରୁବାର କଲେଜ ପରିସରରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ସୁବର୍ଣ୍ଣ ଜୟନ୍ତୀ ଲୋଗୋ ଉନ୍ମୋଚିତ ହୋଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ରେଢାଖୋଲ ବିଧାୟକ ରୋହିତ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୁବର୍ଣ୍ଣ ଜୟନ୍ତୀ ଲୋଗୋକୁ ଉନ୍ମୋଚନ କରିଥିଲେ। କଲେଜରେ ଏକ ଅଡିଟୋରିୟମ ନିର୍ମାଣ କରାଯିବ ବୋଲି ବିଧାୟକ ଘୋଷଣା କରିଥିଲେ। ଏଥିସହିତ ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ସଫଳତାର ସହ ପାଳନ କରିବାକୁ ସମସ୍ତ ସାହାଯ୍ୟ ସହଯୋଗ କରିବେ ବୋଲି ପ୍ରକାଶ କରିଥିଲେ। କଲେଜ ଅଧକ୍ଷ ଡ. ବାଳାଦିତ୍ୟ ବିକାଶ ଶ୍ରୀ ଚନ୍ଦନ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସୁବର୍ଣ୍ଣ ଜୟନ୍ତୀ କମିଟିର କାର୍ଯ୍ୟକାରୀ ସଭାପତି ତଥା ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ଏନଏସି ଉପାଧକ୍ଷ ସୁନିଲ କୁମାର ପ୍ରଧାନ, କଲେଜର ଅବସରପ୍ରାପ୍ତ ଅଧକ୍ଷ ପଲଉ ପ୍ରଧାନ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଧାପକ ଅଞ୍ଜନ କୁମାର ମିଶ୍ର ସଂଯୋଜନା କରିଥିଲେ। ପୁରାତନ ଛାତ୍ରୀ, ଛାତ୍ର, ଛାତ୍ର ସଂସଦର ପ୍ରାକ୍ତନ ସଭାପତି, ପରିଚାଳନା କମିଟି ସଦସ୍ୟ, କଲେଜ ଛାତ୍ରୀଛାତ୍ର, ଅଧାପିକା, ଅଧାପକ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ସୁବର୍ଣ୍ଣ ଜୟନ୍ତୀ କୋର କମିଟିର ସଭ୍ୟ ଅନାଦୀ ସାହୁ, ଆଇନଜୀବୀ ଗଣେଶ୍ୱର ପ୍ରଧାନ, ସଜଳ କାନ୍ତ ପାଲ, ଜେନାମଣି ଯୋଗଜନ୍ମା ଦାଶଶର୍ମା, ଦେବେନ୍ଦ୍ର ପ୍ରଧାନ, ରାଜେଶ ସାହୁ, ଚିନ୍ମୟ ପଣ୍ଡା, ଅଜୟ ଦେହୁରୀ, ବିକାଶ ଦାଶ, ରାଜାପାଲ ପ୍ରମୁଖ ଯୋଗ ଦେଇ ସହଯୋଗ କରିଥିଲେ।




ଭୀମଭୋଇ କଲେଜର ସୁବର୍ଣ୍ଣ ଜୟନ୍ତୀ ଲୋଗୋ ଉନ୍ମୋଚନ ଅବସରରେ ମଞ୍ଚାସୀନ ଅତିଥିଙ୍କ ସହ ପ୍ରାକ୍ତନ ଛାତ୍ର ସଂସଦ ସଭାପତିମାନେ।

### ଆୟୁର୍ବେଦିକ ଡାକ୍ତରଙ୍କ ବୈଠକ

**ସମ୍ବଲପୁର,୭।୧୧(ବ୍ୟୁରୋ):** ମ୍ବଲପୁରର ଏକ ହୋଟେଲରେ ଆୟୁର୍ବେଦିକ ଡାକ୍ତରମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଛି। ଡାକ୍ତର ଅକ୍ଷୟ କୁମାର ଖିଲାର ଆୟୁର୍ବେଦ ଔଷଧର ଗୁଣବତ୍ତା ଉପରେ ଆଲୋକପତା କରିଥିଲେ । ଡାକ୍ତର ରବୀନ୍ଦ୍ର ପରମାଣିକ, ଡାକ୍ତର ସତ୍ୟବ୍ରତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଭିନ୍ନ ସ୍ଥାନରୁ ମୋଟ ୨୫ ଜଣ ଡାକ୍ତର ଯୋଗ ଦେଇଥିଲେ।

## ଆଗ କାମ, ପଛେ ସୂଚନା ଫଳକ

**ଟିପିଲିମା, ୭।୧୧ (ଡି.ଏନ.ଏ.)**

ଧନକଉଡା ବ୍ଲକ୍ କଲାମାଟି ପଞ୍ଚାୟତର ଗୋଶାଳା ଟିପିଲିମା ପିଡବ୍ଲୁଡି ରାସ୍ତାରୁ କଲାମାଟି ଆର୍‌ଡି ରୋଡକୁ ସଂଯୋଗ ପାଇଁ କଂକ୍ରିଟ କାମ ଚାଲିଛି । ହେଲେ କାମ ସରିଗଲା ପରେ ସୂଚନା ଫଳକ ନିର୍ମାଣ ଚାଲିଛି, ଯାହାକି ପୂର୍ବରୁ ଦିଆଯିବା କଥା। ସବୁଠୁ ଆଶ୍ଚର୍ଯ୍ୟର କଥା ରାସ୍ତା କୌଣସି ଗୋଟିଏ ପଟରୁ ଆରମ୍ଭ ହେବା କଥା । ହେଲେ ପିଡବ୍ଲୁଡି ରୋଡରୁ ୩୦-୪୦ ଫୁଟ ଛାଡି କାମ ଆରମ୍ଭ ହୋଇଛି । ଲୋକଙ୍କୁ ଅନ୍ଧାରରେ ରଖିବା ଉଦ୍ଦେଶ୍ୟରେ ବିନା ସୂଚନା ଫଳକରେ କାମ କରାଯାଉଛି। ଏଣୁ ବ୍ଲକ ଜେଇ, ଅଧିକାରୀ ଓ ଠିକାଦାରଙ୍କ ମଧରେ ରହିଥିବା ମଧୁଚନ୍ଦ୍ରିକା ଏଥିରୁ ଜଳ ଜଳ ହୋଇ ବାରି ହୋଇ ପଡୁଛି । ଦାୟିତ୍ୱରେ ଥିବା ଜେଇ ମଧ କାମ ତଦାରଖ କରୁ ନ ଥିବା ଅଭିଯୋଗ ହେଉଛି । ଏ ନେଇ ଜେଇ ରଞ୍ଜିତ ମହାରଣାଙ୍କୁ ପଚରାଯିବାରୁ ଏହା ପଞ୍ଚାୟତ ଫଣ୍ଡରୁ ହୋଇଥିବା ବେଳେ ଛଡା ଯାଇଥିବା ଅଂଶଟି ପିଡବ୍ଲୁଡିର ଥିବାରୁ ଅନୁମତି ମିଳିଲେ କାମ କରାଯିବ ବୋଲି କହିଛନ୍ତି। ହେଲେ ଫଳକ ବାବଦରେ କିଛି ସ୍ପଷ୍ଟ କରି ପାରି ନାହାନ୍ତି।

## ଚଞ୍ଚକତା କରି ରାମମନ୍ଦିର ଜମି ହଡ଼ପ କରାଯାଇଛି

**ସମ୍ବଲପୁର,୭।୧୧(ବ୍ୟୁରୋ)**



ଚେରୁଆପଡା ରାମ ମନ୍ଦିର ଟ୍ରଷ୍ଟବୋର୍ଡ ଓ ବିଶ୍ୱ ବିଶ୍ୱ ହିନ୍ଦୁ ପରିଷଦ କର୍ମକର୍ତ୍ତା ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ସମ୍ବଲପୁର ଚେରୁଆପଡାରେ ଥିବା ରାମ ମନ୍ଦିରର ୩ ଏକର ୧୪ ଡିସିମିଲ ମୂଲ୍ୟବାନ ଜମି ଚଞ୍ଚକତା କରି ହଡପ କରାଯାଇଛି। ଠାକୁରଙ୍କ ନାମରେ ୧୯୨୩ ମସିହାରୁ ଏହି ଜମି ରହିଥିବା ବେଳେ ଅକ୍ଟୋବର ୨୦ ତାରିଖ ଜଣେ ପ୍ରଭାବଶାଳୀ ନେତାଙ୍କ ସହଯୋଗରେ ବ୍ରଜରାଜନଗରର ଜଣେ ବ୍ୟକ୍ତି ନିଜ ନାମରେ କରି ନେଇଛନ୍ତି । ଏହି ଜମି ବିବାଦୀୟ । ବର୍ଷ ବର୍ଷ ଧରି ଏହି ଜମି ଉପରେ କୋର୍ଟରେ ମାମଲା ବିଚାରାଧୀନ ରହିଛି । ହେଲେ ହାଇକୋର୍ଟଙ୍କୁ ତଥ୍ୟ ଲୁଚାଇ ଅନୁମତି ନେଇ ଜମି ରେଜିଷ୍ଟ୍ରି କରାଯାଇଛି । କିଛି ଦିନ ହେବ ପୋଲିସ ଲଗାଇ ବଳ ପୂର୍ବକ ଭାବେ ଦଖଲ କରିବାକୁ ଚେଷ୍ଟା କରାଯାଉଛି। ହେଲେ ଏହାକୁ ସଫଳ ହେବାକୁ ଦିଆଯିବ ନାହିଁ । ମନ୍ଦିର ଟ୍ରଷ୍ଟ ସହିତ ବିଶ୍ୱ ବିଶ୍ୱ ହିନ୍ଦୁ ପରିଷଦ 'ଜମି ବଞ୍ଚାଅ' ଆନ୍ଦୋଳନକୁ ସମର୍ଥନ କରିବ ବୋଲି ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟ ପ୍ରଦୀପ ବହିଦାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ସେ କହିଥିଲେ ଯେ, ଜମି ରେଜିଷ୍ଟ୍ରି ହୋଇଗଲେ ମାଲିକାନା ହୋଇଯିବ ନାହିଁ। ଦଖଲ କରିବାକୁ ପଡିବ । ସେଠାରେ ଅନେକ ଲୋକ ଏବେ ବସବାସ କରୁଛନ୍ତି । ସେମାନେ ରାମଙ୍କ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରୁଛନ୍ତି। ଉକ୍ତ ଜମି ସୁରକ୍ଷା ପାଇଁ ସହରବାସୀଙ୍କ ସହଯୋଗ ଆବଶ୍ୟକ ରହିଛି। ସରକାରୀ ଅଧିକାରୀ, ରେଜିଷ୍ଟ୍ରାରଙ୍କ ଅବହେଳା ଯୋଗୁ କୁଚକ୍ରୀ ଜମି ହାତେଇବାରେ ସଫଳ ହୋଇଛନ୍ତି । ଯଦି ହାଇକୋର୍ଟଙ୍କୁ ଏହି ବିବାଦୀୟ ଜମି ବିକ୍ରି କରାଯାଇ ପାରିବ ନାହିଁ ବୋଲି ଅବଗତ କରାଯାଇଥାନ୍ତା ତେବେ ଆଜି ଜମିର ରେଜିଷ୍ଟ୍ରି ହୋଇ ପାରି ନ ଥାନ୍ତା । ପୂର୍ବରୁ ଏହି ଜମି ବ୍ରଜରାଜନଗର ଓରିଏଣ୍ଟ ପେପର ମିଲକୁ ବାଉଁଶ ଡିପୋ କରିବାକୁ ଲିଜ୍‌ରେ ଦିଆଯାଇଥିଲା । ହେଲେ ଏବେ ଜମିକୁ ଚଞ୍ଚକତା କରି ଜଣଙ୍କ ନାମରେ ନିଆ ଯାଇଛି ବୋଲି ସେ କହିଥିଲେ । ଏହି ଅବସରରେ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଅଶ୍ୱିନୀ ସ୍ୱାଇଁ, ଦେବରାଜ ପଟେଲ, ସୁଧାଂଶୁ ଗୌରବ ପ୍ରମୁଖ ଉପସ୍ଥିତ ଥିଲେ।



ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ,
ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ ।
- ବିନୋଦ କାନୁନ୍‌ଗୋ

## ସଂକ୍ଷେପରେ

### ଜିଲା କୃଷକ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ଦେବଗଡ,୭।୧୧(ଡ଼ି.ଏନ୍.ଏ.)-ଦେବଗଡ଼ ଜିଲା କୃଷକ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ମୁତାବକ ଜିଲା କୃଷକ ସଙ୍ଗଠନ ପକ୍ଷରୁ ଧାନ କିଣାବିକା ନେଇ ଚାଷୀମାନେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖିନ ହୋଇଥାଆନ୍ତି। ଯେତିକି ଚାଷୀ ପଞ୍ଜିକୃତ କରିଥାଆନ୍ତି, ସେଥିରୁ ଅନେକ ଚାଷୀଙ୍କ ପାଖରୁ ଧାନ ସଂଗ୍ରହ କରି ନ ଥାନ୍ତି। ଧାନ ସଂଗ୍ରହ ମଝିରେ ମଝିରେ ବନ୍ଦ କରାଯାଇଥାଏ । ଫଳରେ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖିନ ହୋଇଥାନ୍ତି। ଏ ନେଇ ଆସନ୍ତା ୨୦୧୯-୨୦୨୦ ମସିହା ପାଇଁ ଖରିପ ଧାନ ସଂଗ୍ରହ ପାଇଁ ଯେତିକି ପଞ୍ଜିକରଣ ହେବ ସମସ୍ତ ଧାନ ସଂଗ୍ରହ ହେବ, ଟାର୍ଗେଟ ଆଳରେ ଧାନ ସଂଗ୍ରହ ବନ୍ଦ କରା ନ ଯାଉ,ଧାନ ସିଧାସଳଖ ମିଲକୁ ନ ଯାଉ,ଧାନ କିଣିବା ପୂର୍ବରୁ ମିଲର ମାନଙ୍କୁ ଅବଗତ କରାଯାଉ । ଚାଷ ହେଉ ବା ଚାଷ ସମ୍ବନ୍ଧୀୟ ବୈଠକକୁ ଅନ୍ୟୁନ ପ୍ରତି ବ୍ଲକରୁ ୫ଜଣ ଚାଷୀଙ୍କୁ ଡ଼କାଯାଉ ଓ ବୈଠକରେ ଜିଲା କୃଷକ ସଙ୍ଗଠନର ମତାମତ ନିଆଯାଉ । ଜିଲାର ୭୦ଟି ଗ୍ରାମପଞ୍ଚାୟତକୁ କୃଷିବିଭାଗ ପକ୍ଷରୁ ହାତୀ ଉପଦ୍ରବ ଅଞ୍ଚଳ ଓ ରୋଗପୋକ ସମସ୍ୟା ଉପରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରନ୍ତୁ ଆଦି ଦାବି ନେଇ ସଙ୍ଗଠନର ସଭାପତି ପ୍ରଶନ୍ନ କୁମାର ପଟେଲ ଓ ସାଧାରଣ ସମ୍ପାଦକ ପ୍ରମୋଦ କୁମାର ଝାଙ୍କରଙ୍କ ନେତୃତ୍ୱରେ ଜିଲାର ଅନେକ ଚାଷୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

### ମାଣ୍ଡିଆ ଜାତୀୟ ଚାଷ ସଚେତନତା କାର୍ଯ୍ୟକ୍ରମ

ପାଇକମାଲ,୭।୧୧(ଡି.ଏନ.ଏ) ପାଇକମାଲ ବ୍ଲକ ଭେଙ୍ଗରାଜପୁର ଗାଁରେ ମାଣ୍ଡିଆ ଜାତୀୟ ଚାଷ ପାଇଁ ଏକ ସଚେତନତା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭେଙ୍ଗରାଜପୁର ଆବାସିକ ବିଦ୍ୟାଳୟର ୨୪୫ ଛାତ୍ରୀଛାତ୍ର, ଏସଏଚଜି ମହିଳା ଯୋଗ ଦେଇଥିରେ। ଓଡିଶା ଜୀବିକା ମିଶନର ମୁରଲି ଗଡତିଆ, କୃଷି ବିଭାଗର ଯୋଗେଶ୍ୱର ପଟେଲ, ସୁରେନ୍ଦ୍ର ମଲ୍ଲିକ, ଶିବ ପ୍ରସାଦ ସାହୁ ଓ ଓଡିଶା ମିଲେଟ ମିଶନର ଲୋହିତ କୁମାର ମହନ୍ତ ଓ ଭେଙ୍ଗରାଜପୁର ଆଶ୍ରମ ସ୍କୁଲ ପ୍ରଧାନ ଶିକ୍ଷକ ମୋତିଲାଲ ବିଭାର ପ୍ରମୁଖ ଯୋଗ ଦେଇଥିଲେ। ମାଣ୍ଡିଆ ଗୁରଜି, କୁଦୋ ଭଳି ମିଲେଟ ଶସ୍ୟରେ ଥିବା ପୃଷ୍ଟିକର ଖାଦ୍ୟ ଗୁଣ ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା।

### ବରପାଲି ରୋଗୀ କଲ୍ୟାଣ ସମିତି ବୈଠକ

ବରପାଲି, ୭।୧୧ (ଡି.ଏନ.ଏ) ବରପାଲି ମୁଖ୍ୟ ଡାକ୍ତରଖାନା ପରିସରରେ ଥିବା ସ୍ଥାନୀୟ ରୋଗୀ କଲ୍ୟାଣ ସମିତି ସଭା କକ୍ଷରେ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧକ୍ଷ କିଶୋର ଦଫାଦାରଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ବିଜେପୁର ବିଧାୟିକା ରୀତା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଥମେ ନବ ନିର୍ବାଚିତ ବିଧାୟିକାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଡାକ୍ତରଖାନା ମୁଖ୍ୟଚିକିତ୍ସା ଅଧିକାରୀ ଡା. ନିମାଇଁ ଚରଣ ସାହୁ କାର୍ଯ୍ୟକ୍ରମ ଉପରେ ସୂଚନା ପ୍ରଦାନ କରିଥିଲେ । ସ୍ଥାନୀୟ ବ୍ଲକ ଅଧିକାରୀ ସତ୍ୟନାରାୟଣ ମେହେର ଓ ବରପାଲି ବିଇଓ ରାଜେନ୍ଦ୍ର କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡାକ୍ତରଖାନାରେ ରୋଗୀଙ୍କ ଚିକିତ୍ସାସେବା, ଔଷଧ ବିତରଣ, ଖାଦ୍ୟ ବିତରଣ, ବେଡ ସଂଖ୍ୟା ବୃଦ୍ଧି ସହ ସ୍ୱାସ୍ଥ୍ୟକେନ୍ଦ୍ରର ପରିମଳ ଓ ଅଭାବ ଅସୁବିଧା ଉପରେ ଆଲୋଚନା ହୋଇଥିଲା । ପରେ ଅତିଥିମାନେ ୱାର୍ଡ ପରିକ୍ରମା କରି ତଦାରଖ କରିଥିଲେ ।

### ମହାଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ

ବରପାଲି, ୭।୧୧ (ଡି.ଏନ.ଏ) ବରପାଲି ବ୍ଲକ ଅନ୍ତର୍ଗତ କାଇଁଣିର ଗ୍ରାମର ମହାଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବିବେକାନନ୍ଦ ପଟେଲଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଚଳିତ ବର୍ଷ ପୂଜାକୁ ଅଧିକ ଆକର୍ଷଣୀୟ ଓ ଶାନ୍ତିଶୃଙ୍ଖଳା ସହ କରାଯିବାକୁ ଆଲୋଚନା ହୋଇଥିଲା । ଏଥିପାଇଁ ଏକ ନୂତନ କମିଟି ଗଠନ କରାଯାଇ ସଭାପତି ଭାବେ ମଙ୍ଗ ଗହୀର, ଉପସଭାପତି ସୁବ୍ରତ ଦେହେରୀ, ସମ୍ପାଦକ ଦେବେନ୍ଦ୍ର ପଟେଲ, ଆଶିକ ଦେହେରୀ ଓ କୋଷାଧକ୍ଷ ଭାବେ ସୁମନ୍ତ ଭୋଇଙ୍କୁ ମନୋନିତ କରିବା ସହ ୧୫ ଜଣିଆ କମିଟି ଗଠନ କରାଯାଇଥିବା ଜଣାପଡିଛି ।

## ଦେବଗଡ଼ ଜିଲାସ୍ତରୀୟ ଶିଶୁ ଉତ୍ସବ ମହକ ଆୟୋଜିତ

# ଶିଶୁଙ୍କ ସହ ନାଚିଲେ ଶିଶୁ ସୁରକ୍ଷା ଅଧିକାରୀ

**ଦେବଗଡ଼, ୭।୧୧(ଡ଼ି.ଏନ୍.ଏ.)**

ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଶିଶୁ ଆଶ୍ରୟ ଗୃହର ଶିଶୁମାନଙ୍କ ପାଇଁ 'ଶିଶୁ ଉତ୍ସବ ମହକ-୨୦୧୯ ଶିଶୁ ଆଶ୍ରୟ ଗୃହ ସପୋର୍ଟରେ ଆୟୋଜିତ ହୋଇଯାଇଛି । ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡ଼େପୁଟି କଲେକ୍ଟର ସିପ୍ରା ସେଠୀ ଯୋଗ ଦେଇ ଅନ୍ତେବାସୀମାନଙ୍କ ଉନ୍ନତି କାମନା କରିଥିଲେ । ସେହିପରି ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଅତୁଲ୍ୟ ପୂଜରୀ, ଡ଼େପୁଟି କଲେକ୍ଟର ବିକ୍ରାଣୀ କିସ୍‌ପଟ୍ଟା,ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ସିଂ,ଜିଲା ସାମାଜିକ ସୁରକ୍ଷା



ଶିଶୁ ଗୃହର ଶିଶୁ କଳାକାରଙ୍କ ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ।

ଅଧିକାରୀ ସୁଧିର ନାଇ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର, ଜିଲା ସଂସ୍କୃତି ପରିଷଦର ସଂଯୋଜକ ଦିଲୀପ କୁମାର ଗୁରୁ ଓ ପ୍ରସାର ଭାରତୀ ତଥା ଦୂରଦର୍ଶନର ଜିଲା ପ୍ରତିନିଧି ସୁଜାତା ସାହୁ ଅନ୍ୟତମ ଅତିଥିଭାବେ ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରି ମିଷ୍ଟାନ୍ନ ବଣ୍ଟନ କରିଥିଲେ । ଶିଶୁ ଗୃହର ଶିଶୁ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ କଳାପ୍ରତିଭାକୁ ପ୍ରଦର୍ଶନ କରିଥିଲେ । ଦୁଇଗୋଟି ଦଳଗତ ନୃତ୍ୟକୁ ଆସନ୍ତା ନଭେମ୍ବର ଆଠ ତାରିଖରେ ସମ୍ବଲପୁରଠାରେ ଆୟୋଜିତ ହେବାକୁ ଥିବା ଆର୍.ଡ଼ି.ସି. ସ୍ତରୀୟ ଉତ୍ସବରେ ପ୍ରଦର୍ଶନ କରିବା ପାଇଁ ବିବେଚିତ ହୋଇଛନ୍ତି। କାର୍ଯ୍ୟକ୍ରମକୁ ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁ,ସୁଭଦ୍ର ସାହୁ,ଲିପନ ପ୍ରଧାନ,ମୀନକେତନ ବେହେରା,ଚନ୍ଦନ ସାହୁ, ସୁପ୍ରିୟା ମହାପାତ୍ର ଓ ସପୋର୍ଟ ଶିଶୁ ଗୃହର ନିର୍ଦ୍ଦେଶକ ଚନ୍ଦ୍ର ଶେଖର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଅତାବିରା, ୭।୧୧ (ଡି.ଏନ.ଏ)**

ଭେଡେନ ବ୍ଲକ ଖୁଣ୍ଟୁଲିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୩ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୨୭୨ଜଣ ଅଂଶଗ୍ରହଣ କରିଥିଲେ । ବାଳବର୍ଗରେ ଅଞ୍ଜନ ଦନ୍ତା, ଜନନୀ କଠାର, ଶିଶୁ ବର୍ଗରେ ସୌରଭ ବର୍ଗେ ଓ ତନୁପମା ରାଉତ ଚାମ୍ପିୟନ ହୋଇଥିଲେ । ସେହିପରି ଅଭିଜିତ ଖମାରୀ, ଅର୍ପିତା ତ୍ରିପାଠୀ, ଆଦ୍ୟାଶା ଅନୁପମା ଦନ୍ତା ପ୍ରମୁଖ କୃତକାର୍ଯ୍ୟ ହୋଇ ଟ୍ରଫି ସହ ସମ୍ମାନିତ କରିଥିଲେ। ଉଦଯାପନୀ ଦିବସରେ ସତ୍ୟନାରାୟଣ ବିଶ୍ୱାଳ ମୁଖ୍ୟଅତିଥି, ଶିଳ୍ପପତି ମନୀଶ ଶର୍ମା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ପ୍ରଧାନଆଚାର୍ଯ୍ୟ ଶଙ୍କର୍ଷଣ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉପସଭାପତି ଶମ୍ଭୁରାମ ତ୍ରିପାଠୀ, ସମ୍ପାଦକ ସୂର୍ଯ୍ୟନାରାୟଣ ପଣ୍ଡା, ସଭାପତି ସଞ୍ଜୀବ ଦାଶ, ଆଚାର୍ଯ୍ୟ ସ୍ୱାନ୍ତନା ପୁରୋହିତ, ସୁଜିତ ଆଚାର୍ଯ୍ୟ, ଶିଶୁବାଟିକା ପ୍ରମୁଖ ପଦ୍ମିନୀ ଭୋଇ, ଯୋଗେଶ ପାଢ଼ୀ, ମୁନୁ ବଡ଼େଇ, ସୁବ୍ରତ ଶତପଥି, ସୁପ୍ରଭା ସା, ସତ୍ୟଶ୍ରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ ।



ଦେବଗଡ ସହରରେ କାର୍ତ୍ତିକ ମାସ ଏବଂ ପଞ୍ଚୁକ ପାଇଁ ସକାଳୁ ମଠସାହି ସଂକୀର୍ତ୍ତନ ଦଳ ନଗର ପରିକ୍ରମା କରୁଛନ୍ତି।

## ଖରିଫ ଧାନ ସଂଗ୍ରହ ପାଇଁ ତାଲିମ

**ପଦ୍ମପୁର, ୭।୧୧ (ଡି.ଏନ.ଏ)**

ଚଳିତ ବର୍ଷ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ଏକ ତାଲିମ ଶିବିର ଗୁରୁବାର ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି ପରିସରରେ ଅନୁଷ୍ଠିତ ହୋଇଛି। ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆ, ଉପନିବନ୍ଧକ (ସମବାୟ ସମିତି ସମୂହ) ଧର୍ମେନ୍ଦ୍ର ଭୋଇଙ୍କ ସଂଯୋଜନାରେ ହୋଇଥିବା ତାଲିମ ଶିବିରରେ ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ, ସମବାୟ ସମିତି ଓ ଖାଦ୍ୟ ଯୋଗାଣ ବିଭାଗ କର୍ମଚାରୀ ଯୋଗଦାନ କରିଥିଲେ। ସରକାରୀ ସହାୟକ ମୂଲ୍ୟ ଓ ଏଫଏକ୍ୟୁ ମାନର ଧାନ ସଂଗ୍ରହ ସମ୍ପର୍କରେ ତାଲିମ ଦିଆଯାଇଥିଲା। ସମବାୟ ନିରୀକ୍ଷକ ଉମେଶ ନାଏକ, ସହକାରୀ ଉପ ନିବନ୍ଧକ ବିଭୂତି ପୁରୋହିତ, ଉପଖଣ୍ଡ ଯୋଗାଣ ଅଧିକାରୀ ଶମ୍ଭୁ ପ୍ରସାଦ ହରିପାଲ, ଯୋଗାଣ ନିରୀକ୍ଷକ କବିରାଜ ଧରୁଆ ପ୍ରଶିକ୍ଷକ ଭାବେ ଯୋଗଦାନ କରିଥିଲେ। ଆକାଉଣ୍ଟାଣ୍ଟ ପ୍ରକାଶ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ୪୯ନଂ ଜାତୀୟ ରାଜପଥ ମରାମତି ପ୍ରତିଶ୍ରୁତି

### ଜିଲା କଂଗ୍ରେସ ପକ୍ଷରୁ ଚାଲିଥିବା ଅନଶନ ପ୍ରତ୍ୟାହୃତ



ପ୍ରଶାସନିକ ଅଧିକାରୀମାନେ ଅନଶନକାରୀଙ୍କୁ ଫଳରସ ଦେଉଛନ୍ତି ।

**ଦେବଗଡ, ୭।୧୧(ଡି.ଏନ.ଏ.)**

ମରଣଯନ୍ତା ସାଜିଥିବା ୪୯ ନମ୍ବର ଜାତୀୟ ରାଜପଥ ମରାମତି ଦାବିରେ ଜିଲା କଂଗ୍ରେସ କମିଟିପକ୍ଷରୁ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାରଠାରୁ ଆରମ୍ଭ ହୋଇଥିବା ଅନଶନ ଗୁରୁବାର ଅପରାହ୍ଣରେ ପ୍ରତ୍ୟାହୃତ ହୋଇଛି । ଉପଜିଲାପାଳ ବ୍ରଜବନ୍ଧୁ ଭୋଇ ନିର୍ମାଣକାରୀ ସଂସ୍ଥା ଓରିଏଣ୍ଟାଲ ସୁପର ଷ୍ଟ୍ରକଚରାଲ କନଷ୍ଟ୍ରକ୍ସନ କମ୍ପାନୀ ଅଧିକାରୀ ଓ ପଦସ୍ଥ ପୋଲିସ ଅଧିକାରୀଙ୍କ ସହ ଅନଶନସ୍ଥଳକୁ ଆସି ଅନଶନରତ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ, ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାଏକ, ସାଧାରଣ ସମ୍ପାଦିକା ସବିତା ନାୟକ, ଯଶୋବନ୍ତ ସାହୁ, ରଞ୍ଜନ କୁମାର ଦେହୁରୀ ଓ ସଞ୍ଜୟ କୁମାର ଦେଓଙ୍କ ସହ ଆଲୋଚନା କରଥଇଲେ। ଆଗାମୀ ଏକ ସପ୍ତାହ ମଧ୍ୟରେ ନିର୍ମଣାଧୀନ ୪୯ନମ୍ବର ଜାତୀୟ ରାଜପଥର ସୃଷ୍ଟି ହୋଇଥିବା ଖାଲଖମାକୁ ମରାମତି କରିବାକୁ ଲିଖିତ ପ୍ରତିଶୃତି ଦେଲାପରେ ଆମରଣ ଅନଶନ ପ୍ରତ୍ୟାହାର ପାଇଁ ରାଜି ହୋଇଥିଲେ । ଏହାପରେ ଉପଜିଲାପାଳ ଭୋଇ ଅନଶନକାରୀଙ୍କୁ ଫଳରସ ପିଆଇ ଅନଶନ ଭଙ୍ଗ କରାଇଥିଲେ । ତେବେ ଆଗାମୀ ୭ ଦିନ ମଧ୍ୟରେ ଯଦି ପ୍ରତିଶୃତି ପାଳନ କରା ନ ଯାଏ ତେବେ କଂଗ୍ରେସ ଆନ୍ଦୋଳନ ପାଇଁ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି ।

## ରାସ୍ତାରେ ଗର୍ତ୍ତ, ବିପଦ ଆଶଙ୍କା

**ଗଣ୍ଡତୁରୁମ, ୭।୧୧ (ଡି.ଏନ.ଏ)**

ଗୋଡଭଗା-ସୋନପୁର ୫୪ ନମ୍ବର ରାଜ୍ୟ ରାଜପଥ ମହୁଲପାଲି ଛକଠାରୁ ବରଗଡ ଜିଲା ସଦର ମହକୁମାକୁ ସଂଯୋଗ କରୁଥିବା ରାସ୍ତାର ଖଇରଝିଟିଙ୍ଗି ଛକ ନିକଟରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି । ଏହି ରାସ୍ତା ଦେଇ ପ୍ରତ୍ୟେହ ଶହ ଶହ ଯାନବାହନ ଯାତାୟାତ କରୁଥିବା ବେଳେ କୋମଳମତି ଛାତ୍ରୀଛାତ୍ର ସ୍କୁଲକୁ ଯିବା ଆସିବା କରୁଛନ୍ତି । କୌଣସି ସମୟରେ ବି ଆକସ୍ମିକ ଦୁର୍ଘଟଣାକୁ ଏଡାଇ ଦିଆଯାଇ ନ ପାରେ । ଏଣୁ ପୂର୍ତ୍ତ ବିଭାଗ ତୁରନ୍ତ ଏହି ଗର୍ତ୍ତର ମରାମତି ପାଇଁ ଦାବି ହେଉଛି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଟି. ମାଝୀଙ୍କୁ ଯୋଗାଯୋଗ କରିବାରୁ ଏହି ଗର୍ତ୍ତ କୁଡାପାଲି ମାଇନର କେନାଲ ଉପରେ ହୋଇଛି । ଯୁଦ୍ଧକାଳୀନ ଭିତ୍ତିରେ ଏହାର ମରାମତି କରାଯିବ ବୋଲି କହିଥିଲେ ।



ମହୁଲପାଲି-ବରଗଡ ରାସ୍ତାର ଖଇରଝିଟିଙ୍ଗି ଛକରେ ହୋଇଥିବା ୫ ଫୁଟ୍‌ର ଗର୍ତ୍ତ।

# ଶିଶୁଙ୍କ ପ୍ରତିଭା ବିକାଶ ପାଇଁ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବିଜେପୁର, ୭।୧୧ (ଡି.ଏନ.ଏ)**

ବିଜେପୁର ସଙ୍କର୍ଷଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ତହସିଲଦାର ପଦ୍ମନାଭ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ବ୍ଲକ ଅଧକ୍ଷା ମାନିନୀ ଭୋଇ, ଏନଏସିଇଓ ରୁକ୍ମଣ ମେହେର, ଅବସରପ୍ରାପ୍ତ ବିଇଓ ଘନଶ୍ୟାମ ସାହୁ, ସଙ୍କର୍ଷଣ ଉଚ୍ଚ ପ୍ରାଥମିକ ସ୍କୁଲର ପ୍ରଧାନଶିକ୍ଷକ ସ୍ୱାଧୀନ କୁମାର ସାହୁ, ଏବିଇଓ ସୁଶାନ୍ତ କୁମାର ପାଣ୍ଡେ, ଅମୂଲ୍ୟ ପଧାନ ଓ ଦିବାକର ବରିହା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ବିଇଓ ପୂର୍ଣ୍ଣଚନ୍ଦ୍ର ମିଶ୍ର ଅଧକ୍ଷତା କରିଥିଲେ। ସ୍ଥାନୀୟ ହାଇସ୍କୁଲର ଛାତ୍ରୀବୃନ୍ଦ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ରବିଶଙ୍କର ଗୁରୁ ସଭା ସଂଯୋଜନା କରିଥିଲେ। ନବ କିଶୋର ସାହୁ, ଦଶରଥ ପଣ୍ଡା, ମୋହିନୀ ମେହେର, ରାଜକିଶୋର ବିଶ୍ୱାଳ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ବିଇଓ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଉଦଯାପନୀ ସମାରୋହରେ ବିଧାୟିକା ରୀତା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏବିଇଓ ଅମୂଲ୍ୟ ପ୍ରଧାନ ଓ ସୁଶାନ୍ତ କୁମାର ପାଣ୍ଡେ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଶିଶୁମାନଙ୍କ ପ୍ରତିଭା ଅନ୍ୱେଷଣରେ ସୁରଭି ସହାୟକ ହେଉଛି। ତେଣୁ ସେମାନଙ୍କ ପ୍ରତିଭାକୁ ଚିହ୍ନି ତାର ବିକାଶ ଦିଗରେ ଧ୍ୟାନ ଦେଲେ ଭବିଷ୍ୟତରେ ଶିକ୍ଷାର୍ଥୀ ସ୍ୱାବଲମ୍ବୀ ହୋଇପାରିବେ। ସୁତରାଂ ଶିଶୁଙ୍କ ପ୍ରତିଭାକୁ ବିକଶିତ କରିବା ପାଇଁ ଶିକ୍ଷକ, ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ ପାଇଥିଲା ।

**ପଦ୍ମପୁର, (ଡି.ଏନ.ଏ)**

ରାଜବୋଡାସମ୍ବର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ-ସୁରଭି ରାଜବୋଡାସମ୍ବର ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଇଓ ତ୍ରିବିକ୍ରମ ପାଣିଗ୍ରାହୀ ଅଧକ୍ଷତା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ କୁମାର ଭୁଏ ଅତିଥି ଭାବେ ଯୋଗ ଦେଇଥିଲେ । ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୨୫୦ଜଣ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ଓ ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଜିଲାସ୍ତରୀୟ ପ୍ରତିଯୋଗୀତାରେ ଭାଗ ନେବାପାଇଁ ମନୋନୀତ କରାଯାଇଥିଲା। ବିଇଓ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ବ୍ଲକ ଅଧକ୍ଷ କୁମରମଣି ନାଏକ ମୁଖ୍ୟଅତିଥି, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇ, ପ୍ରଧାନଶିକ୍ଷକ ସରୋଜ କୁମାର ଭୁଏ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ବରିକେଲ ସିଆରସିସି ରାଜେନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା ଓ ଜଲି ଦାଶ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ମହୁଲପାଲି ସିଆରସିସି ସରୋଜ ପ୍ରସାଦ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

**ଭେଡ଼େନ, (ଡ଼ି.ଏନ.ଏ)**

ଭେଡ଼େନ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଗୁରୁବାର ଜାଣ୍ଡୋଲ ସ୍ଥିତ ଗୋଷ୍ଠୀ ସାଧନ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଛି। ବିଇଓ ମଛିନ୍ଦ୍ର ମଲିକଙ୍କ ସଭାପତିତ୍ୱରେ ହୋଇଥିବା ଉଦଘାଟନୀ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଡ଼ୋଲାମଣି କ୍ଷେତି ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧୀନ ୧୪ଟି କ୍ଲଷ୍ଟରର କୃତୀ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସନ୍ଧ୍ୟାରେ ବିଇଓ ମଛିନ୍ଦ୍ର ମଲିକଙ୍କ ସଭାପତିତ୍ୱରେ ହୋଇଥିବା ଉଦଯାପନୀ କାର୍ଯ୍ୟକ୍ରମରେ ବିଡ଼ିଓ ମୁରଲୀଧର ନାୟକ ମୁଖ୍ୟଅତିଥି, ଏବିଇଓ ହେମବତୀ ମେହେର, ଅଭିମନ୍ୟୁ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନିତ ହୋଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ ।

**ଭଟଲି, ୭।୧୧(ଡି.ଏନ.ଏ)**

ଭଟଲି ବ୍ଲକ ମୂଳବାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୧୯ ଅନୁଷ୍ଠିତ ହୋଇଛି। ବିଇଓ ଛତ୍ରପତି ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଭଟଲି ତହସିଲଦାର ରାମକୃଷ୍ଣ ମିଶ୍ର ମୁଖ୍ୟଅତିଥି, ସରପଞ୍ଚ ମିଥିଳା ବାଗ, ଏବିଇଓ ଅରୁଣ କୁମାର ବେହେରା ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଭୁଏ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମନସୀ ପାତ୍ର ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ଏକ ଶିକ୍ଷଣ ଉପକରଣ ପ୍ରଦର୍ଶନୀ ହୋଇଥିଲା। ଏହାପରେ ବ୍ଲକର ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଶୁକ୍ରବାର ଜିଲାସ୍ତରୀୟ ମହୋତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି। ପରେ ବିଇଓ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି, ସମଗ୍ର ଶିକ୍ଷା ବରଗଡ଼ର ଜିଲା ପ୍ରକଳ୍ପ ସଂଯୋଜକ ସୁଶାନ୍ତ କୁମାର ଚୋପଦାର ମୁଖ୍ୟବକ୍ତା, ଭଟଲି ବିଡିଓ ଧିରେନ୍ଦ୍ର କୁମାର ସେଠୀ ଏବଂ ଗଣେଶ ରାମ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ବୈରାଗୀ ସାହୁ ଏବଂ ପ୍ରକାଶ ଚନ୍ଦ୍ର ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ବ୍ଲକର ୧୧ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଡା. ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଟ୍ରଫି ପ୍ରଦାନ କରି ଆଦର୍ଶ ଶିକ୍ଷକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା ।



ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।



ଭେଡେନ ବ୍ଲକ ସୁରଭି କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ।

## ସ୍କୁଲରେ ପରିସ୍ରା କରିବାରୁ ଛାତ୍ରୀଛାତ୍ରଙ୍କୁ ମାଡ

**ବୌଦ୍ଧ,୭।୧୧(ସ୍ୱ.ପ୍ର)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅଧୀନ କାଲେଶ୍ୱରଗାଁରେ ଥିବା ଏକ ବିଦ୍ୟାଳୟରେ ପରିଶ୍ରା କରିବାରୁ ପ୍ରଧାନ ଶିକ୍ଷକଙ୍କ ନାବାଳକ ପୁଅ ପ୍ରାୟ ୨୧ ଜଣ ଛାତ୍ରଛାତ୍ରୀଙ୍କୁ ନିସ୍ତୁକ ମାଡ ମାରିଥିବା ଜଣାପଡିଛି ।

ସୂଚନା ଅନୁସାରେ, ଖୋର୍ଦ୍ଧାର ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ଦ୍ୱାରା କାଲେଶ୍ୱରଠାରେ ଉକ୍ତ ବିଦ୍ୟାଳୟ ପରିଚାଳିତ ହେଉଛି । ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ସପରିବାର ରହୁଛନ୍ତି । ପ୍ରଧାନଶିକ୍ଷକ ବିଦ୍ୟାଳୟ କାର୍ଯ୍ୟରେ ବାହାରକୁ ଯାଇଥିବାବେଳେ ଗୁରୁବାର ସକାଳୁ ତାଙ୍କ ନାବାଳକ ପୁଅ ଅନ୍ୟ ଏକ ବିଦ୍ୟାଳୟକୁ ପଢିଯିବାକୁ ସାଇକେଲ ବାହାର କରୁଥିଲେ । ଏହି ସମୟରେ ସେହି ବିଦ୍ୟାଳୟର ଛାତ୍ରୀଛାତ୍ର ସେଠାରେ ପରିଶ୍ରା କରିଥିବା ସେ ଦେଖିବାକୁ ପାଇଥିଲେ। ଏଥିରେ ଉତ୍ୟକ୍ତ ହୋଇ ପ୍ରଧାନ ଶିକ୍ଷକଙ୍କ ନାବାଳକ ପୁଅ ୨୧ଜଣ ଛାତ୍ରୀଛାତ୍ରଙ୍କୁ ଧାଡିରେ ଠିଆ କରାଇ ଏକ ବାଡିରେ ନିସ୍ତୁକ ପିଟିଥିଲେ। ଛାତ୍ରୀଛାତ୍ରମାନଙ୍କ କାନ୍ଦ ବୋବାଳି ଶୁଣି ଗ୍ରାମବାସୀ ଘଟଣା ସମ୍ପର୍କରେ ଜାଣି ଥାନାକୁ ସୂଚନା ଦେଇଥିଲେ। ଖବର ପାଇ ଥାନା ଅଧିକାରୀ ତପସ୍ୱିନୀ କହଁର, ଶିଶୁ ସୁରକ୍ଷା ଅଧିକାରୀ ରାହୁଲ କୁମାର ପ୍ରଧାନ ଓ ଜିଲା ମଙ୍ଗଳ ଅଧିକାରୀ ବିନୋଦ ନାଏକ ଉକ୍ତ ବିଦ୍ୟାଳୟରେ ପହଞ୍ଚି ଘଟଣାର ତଦନ୍ତ କରିବା ସହିତ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ବୁଝାଶୁଝା କରିଥିଲେ। ଏହି ଘଟଣା ଜଣାପଡିବା ପରେ ଅଭିଭାବକ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଜିଲା ମଙ୍ଗଳ ଅଧିକାରୀ ମାମଲାର ତଦନ୍ତ କରିବେ ବୋଲି ଜଣାପଡିଛି। ତେବେ ଏ ନେଇ ଉକ୍ତ ସ୍କୁଲର ପ୍ରଧାନଶିକ୍ଷକ କିମ୍ବା ବିଭାଗୀୟ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ ।

# ପୋଖରୀରେ ବୁଡ଼ି ଏସ୍‌ପିଓ ମୃତ

ଦଶମନ୍ତପୁର,୭।୧୧(ଡି.ଏନ୍.ଏ.)

ଅସୁସ୍ଥ ଥିବା ଭଉଣୀଙ୍କୁ ଭେଟିବା ପାଇଁ ତାଙ୍କ ଗାଁକୁ ଯାଇଥିବା ବେଳେ ପୋଖରୀରେ ବୁଡ଼ି ଜଣେ ଏସ୍‌ପିଓଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ବୁର୍ଜା ପଞ୍ଚାୟତ ବନ୍ଦିଗାର ଗ୍ରାମର ଗିରିଜା ମିଣିଆକା (୩୦)।

ସୂଚନା ଅନୁଯାୟୀ, କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ମୁର୍କାର ପଞ୍ଚାୟତ ବିରିଗୁଡ଼ା ଆଦିବାସୀ ସାହିରେ ରୁହନ୍ତି ଗିରିଜାଙ୍କ ଭଉଣୀ ବୁଦ୍ରି ମାଣ୍ଡିଙ୍ଗା। ବୁଦ୍ରିଙ୍କ ଦେହ ଅସୁସ୍ଥ ଥିବାରୁ ବୁଧବାର ତାଙ୍କୁ ଦେଖିବା ପାଇଁ ଆସିଥିଲେ ଗିରିଜା। ଗୁରୁବାର ପୂର୍ବାହ୍ନ ୧୧ଟା ୩୦ରେ ୨ ଭଣଜାଙ୍କ ସହ ଗାଁ ପୋଖରୀକୁ ଯାଇଥିଲେ। ପୋଖରୀ କୂଳରେ ସେମାନଙ୍କୁ ବସାଇ ଗିରିଜା ଗାଧୋଉଥିଲେ। ତେବେ ବହୁ ସମୟ ଧରି କୂଳକୁ ନ ଆସିବାରୁ ଭଣଜାମାନେ ଚିତ୍କାର କରିବା ପରେ ସେଠାକୁ ଗାଧୋଇବାକୁ ଆସିଥିବା ଗାଁର ହରି ମାଣ୍ଡିଙ୍ଗା ଓ ଲଇଚନ୍ ମାଣ୍ଡିଙ୍ଗା ପୋଖରୀକୁ ଡେଇଁଥିଲେ। କିନ୍ତୁ ଗିରିଜାଙ୍କୁ ଉଦ୍ଧାର କରାଯିବା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଏନେଇ ପରିବାର ଲୋକେ ଦଶମନ୍ତପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ କରାଇବା ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗିରିଜା ଏକମାତ୍ର ରୋଜଗାରିଆ ସଦସ୍ୟ ହୋଇଥିବାରୁ ତାଙ୍କ ମୃତ୍ୟୁ ପରେ ପରିବାର ଲୋକେ ଭାଙ୍ଗିପଡ଼ିଛନ୍ତି।


## REGIONAL PLANT RESOURCE CENTRE

Ekamra Kanan, Nayapalli, Bhubaneswar-751015, Odisha
FOREST & ENVIRONMENT DEPARTMENT, GOVERNMENT OF ODISHA
Tel No.:0674-2557925, 2552002, Email : rprcbbsr@gmail.com, Website:www.rprcbbsr.in

T-30/2015 No.2817/RPRC Date : 7.11.19

**SHORT TENDER CALL NOTICE**

Sealed Tenders are invited from interested firms/individuals having PAN/GST no for supply of good quality earthen pots. The quoted rate should be inclusive of cost of transportation to RPRC premises. The sealed Tenders superscribed "**Tenders for Supply of Earthen pots**" should reach the undersigned by **5 PM on 23.11.2019**. The Tenders should be accompanied with an EMD of Rs.2500/- in shape of B.D drawn in favour of the Chief Executive RPRC, Bhubaneswar. Further details can be obtained from RPRC website (www.rprcbbsr.in) and Notice Board.

Sd/-
Administrative Officer

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, JANPATH, BHUBANESWAR - 751022, ODISHA**

RFP Call Notice No. IDCO/ H.O./ P&C/ EST/ E – 729/ 03/ 2018/ P-III/ 18978 Date : 04.11.2019

No. CAD-546

**NOTICE INVITING REQUEST FOR PROPOSAL UNDER NATIONAL COMPETITIVE BDDING THROUGH e-procurement**

1. Name of the Work :- Fixation of rate for pre-cast R.C.C. Drain & Cover.
2. Other details :-

| Procurement Officer | Bid Identification No. | Availability of Tender online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar-751022 | RFP Reference No.- PC/EST/E- 39/ 2019-20 | 16:00 Hours of dt.15.11.2019 | 17:00 Hours of dt.27.11.2019. |

Further details can be seen from the e-Procurement Portal. www.tendersodisha.gov.in. Corrigendum or addendum if any will not be published in news papers and can only be seen in the e-procurement portal www.tenderodisha.gov.in as well as IDCO website www.idco.in.

Sd/-
Chief General Manager (P&C), I/C
IDCO, Bhubaneswar

14003/11/0006/1920

## GOVERNMENT OF ODISHA
## OFFICE OF THE EXECUTIVE ENGINEER, PARALAKHEMUNDI(R&B) DIVISION, PARALAKHEMUNDI.

E-mail I.D: eerbparala@yahoo.com

**TENDER CALL NOTICE** No.B-281

**Bid Identification No. E.E., PKD. R&B DIVN. - 07 /2019-20**

1. The Executive Engineer, Paralakhemundi (R&B) Division on behalf of Governor of Odisha invites Percentage rate bid in single cover system to be received in on ONLINE MODE only for the construction of works as mentioned below:
2. Nature of the work : BUILDING works
3. No. of works : (2) Two numbers only
4. Tender Paper Cost (online) : 6,000/-
5. Class of Contractor. : "C" & "B"
6. Availability of Bid documents : From Dt: 16.11.2019 (10.00 AM) to 23.11.2019 (05.00 PM).
7. Date of Opening of Bid : 25.11.2019 at 12.00 Noon
8. The Bidders have to participate in ONLINE bidding only. Further details can be seen from the website http://tendersorissa.gov.in. Any Addendum /Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.

Sd./- Executive Engineer
34065/11/0003/1920 Paralakhemundi(R&B) Division

## ତହସିଲ କାର୍ଯ୍ୟାଳୟ, ଦାରିଙ୍ଗବାଡ଼ି

ଜ୍ଞାପକ ସଂ. ୨୮୨୪ / ତା୭।୧୧।୨୦୧୯

**ସଂଶୋଧନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବିଜ୍ଞାପନ ସଂଖ୍ୟା ୨୭୮୯/ ତା୪।୧୧।୨୦୧୯ରିଖରେ ପ୍ରକାଶିତ ହୋଇଥିବା ଲଘୁ ଖଣିଜ ଖାଦାନ ପାଇଁ ହୋଇଥିବା ଲିଜ୍ ଇସ୍ତାହାରଟିରେ ଥିବା ତ୍ରୁଟି ଗୁଡ଼ିକୁ ନିମ୍ନମତେ ପାଠ କରିବାକୁ ଅନୁରୋଧ।

| | ତ୍ରୁଟି | ସଂଶୋଧିତ |
|---|---|---|
| ସର୍ତ୍ତାବଳୀ କ୍ର.ନଂ. ୧ | ଆବେଦନକାରୀ OMMC Rules, 2004 ଓ OMMC (Amendment) Rules, 2014 ଏବଂ OMMC (Amendment) Rules, 2016ର ପରିସରଭୁକ୍ତ ରହିବେ। | ଆବେଦନକାରୀ "The Odisha Minor Mineral Concession Rules, 2016"ର ପରିସରଭୁକ୍ତ ରହିବେ। |
| ସର୍ବନିମ୍ନ ରୟାଲଟି | ଟ.୧୦୧/– | ଟ.୧୩୦/– ପ୍ରତି କ୍ୟୁବିକ ମିଟର |

ସ୍ୱା./– ତହସିଲଦାର, ଦାରିଙ୍ଗବାଡ଼ି

## OFFICE OF THE NOTIFIED AREA COUNCIL, KHARIAR

Tender Reference No. KHR-NAC-01/2019-20
Bid Reference No.- ORULB 01 KHR

**Tender Call Notice No. 3776/KHR_NAC/2019-20 Dt.06.11.2019**

Bid documents consisting of specification, the scheduled of quantities and the set of terms and conditions of contract and other necessary documents can be seen in the Office Notice Board.

| | | | |
|---|---|---|---|
| 1. | Nature of Work | : | Civil Construction Works as mentioned in website |
| 2. | Estimated Cost | : | Rs.14.05 Lakhs & 56.21 Lakhs |
| 3. | Period of Completion | : | As per DTCN |
| 4. | Date and time of availability of the documents in the portal | : | 10.00 A.M. of Dt.07.11.2019 to 05.00 P.M. 16.11.2019 |
| 5. | Last date/time for receipt of Bids document in the Office | : | Dtd. 19.11.2019 upto 4.00 P.M. |
| 6. | Date of Opening | : | Dtd.20.11.2019 at 11.00 A.M. |
| 7. | Name and address of the Officer Inviting Bid | : | Executive Officer, Khariar NAC, Dist.- Nuapada |

Further, the details can be seen from the "e" procurement portal: **www.tendersorissa.gov.in**.

Sd./- Executive Officer
Notified Area Council, Khariar

**ODISHA TOURISM DEVELOPMENT CORPORATION LIMITED**
**(A GOVT. OF ODISHA UNDERTAKING**
**PANTHANIVAS (OLD BLOCK): LEWIS ROAD: BHUBANESWAR-14**
**INVITATIONS FOR BIDS (IFB)**

Letter No.- 6665 Date:06.11.2019

**NOTICE INVITATION FOR BIDS (NIFB)**

**E-Procurement Notice No. BP –I/16/2019-20 dt. 06.11.2019**

No. CAD-549

1. Nature of Work : Musical fountain, Organic waste converters, Signages, Lift, façade, Civil Construction work, Repair work etc.
2. Total No.of Works : 8 Nos.
3. Value of Works : Rs. 8.83 lakhs to 200.00 lakhs
4. Bid Security : As per NIT
5. Class of Contractor: As Per NIT
6. Period of Completion: 3 (Three) months to 11 (Eleven) months
7. Other details as follows :

| Procurement Officer | Bid Identification No. | Availability of Bid online | | Date, Time & Place of opening of Tender |
|---|---|---|---|---|
| Superintending Engineer, OTDC Ltd. | BP-I/16/2019-20 dt. 06.11.2019 | From 14.11.2019 | To 23.11.2019 | 11.30 Hours of dt.25.11.2019 in the office of the Superintending Engineer, OTDC Ltd, Bhubaneswar |

*Further details can be seen from the Govt. Website* ***www.etenderodisha.gov.in***

***Sd/- Superintending Engineer***
***O.T.D.C. L.td., BBSR***

37002/11/0015/1920

## ଓଡ଼ିଶା ଉଠାଜଳସେଚନ ନିଗମ କାର୍ଯ୍ୟାଳୟ

(ଓଡ଼ିଶା ସରକାରଙ୍କ ଏକ ସଂସ୍ଥା)
ଏନ୍.–୧୭/୨, ନୂଆପଲ୍ଲୀ, ଭୁବନେଶ୍ୱର
Website: www.odishalift.co.in

**ଅଗଭୀର ନଳକୂପ ସେଚ କାର୍ଯ୍ୟକ୍ରମ: ୨୦୧୯–୨୦**

No.: CAD-547: ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ, ଉଠାଜଳସେଚନ ନିଗମ ଜରିଆରେ ଜଳନିଧି–୨ ଯୋଜନା ମାଧ୍ୟମରେ ରାଜ୍ୟର ୧୩ ଗୋଟି ଜିଲ୍ଲା **(ରାୟଗଡ଼ା, ଗଞ୍ଜାମ, ଗଜପତି, ଖୋର୍ଦ୍ଧା, ନୟାଗଡ଼, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କେଉଁଝର)**ମାନଙ୍କରେ ଅଗଭୀର ନଳକୂପ ସେଚ ପ୍ରକଳ୍ପ (Cluster-Shallow Tubewell Project) ପାଇଁ ଚାଷୀମାନଙ୍କଠାରୁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ Onlineରେ ପଞ୍ଜୀକରଣ ଓ ହିତାଧିକାରୀ ଅଂଶଧନ ପଇଠ କରିବା ପାଇଁ ତା୩୧।୧୦।୨୦୧୯ରିଖ ଶେଷଦିନ ରୂପେ ଧାର୍ଯ୍ୟ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା Online ତଥ୍ୟ ଭିତ୍ତିରେ ଏହା ଜଣାପଡୁଛି ଯେ ଯାଜପୁର, ମୟୂରଭଞ୍ଜ ଓ ଭଦ୍ରକ ଜିଲ୍ଲାର ଚାଷୀମାନେ ସେମାନଙ୍କର ହିତାଧିକାରୀ ଅଂଶଧନ Union Bank of Indiaରେ ଜମା କରିସାରିଛନ୍ତି ଓ ଅନ୍ୟ ଜିଲ୍ଲାମାନଙ୍କରେ ଏହି ସଂଖ୍ୟା କମ୍ ରହିଅଛି।

ଏହି ପରିପ୍ରେକ୍ଷୀରେ ଅଗଭୀର ନଳକୂପ ସେଚ ପ୍ରକଳ୍ପ ପାଇଁ ଚାଷୀମାନଙ୍କ Online ଦରଖାସ୍ତ ପଞ୍ଜୀକରଣ ଓ Union Bank of Indiaର ନିର୍ଦ୍ଧାରିତ ଶାଖା କାର୍ଯ୍ୟାଳୟରେ ହିତାଧିକାରୀ ଅଂଶଧନ ପଇଠ କରିବା ପାଇଁ ତା୩୧।୧୨।୨୦୧୯ରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଗଲା।

ଏ ସମ୍ପର୍କିତ ଅନ୍ୟାନ୍ୟ ତଥ୍ୟ ଓ ନିୟମାବଳୀ ବିଷୟରେ ନିକଟସ୍ଥ ଉଠାଜଳସେଚନ ବିଭାଗ କାର୍ଯ୍ୟାଳୟରେ ଯୋଗାଯୋଗ କରିବାକୁ ଚାଷୀ ଭାଇମାନଙ୍କୁ ଅନୁରୋଧ କରାଯାଉଅଛି।

32135/11/0007/1920 ପରିଚାଳନା ନିର୍ଦ୍ଦେଶିକା

## କୃଷକମାନଙ୍କ ପାଇଁ ବିଶେଷ ସୂଚନା

L-75:- ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଆସନ୍ତା ୮ ରୁ ୧୦ ତାରିଖ ମଧ୍ୟରେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ ଓ ଉତ୍ତର ଓଡ଼ିଶାରେ ଲଘୁଚାପ ଜନିତ ବର୍ଷା ସ୍ୱଳ୍ପରୁ ମଧ୍ୟମ ଓ ସ୍ଥାନେ ସ୍ଥାନେ ପ୍ରବଳ ହେବାର ସମ୍ଭାବନା ରହିଛି। ଏହି ଅଞ୍ଚଳର ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ, ବର୍ଷା ହେବା ପୂର୍ବରୁ ଧାନ ଫସଲ ଶତକଡ଼ା ୮୫ ଭାଗ ପାକଳ ହୋଇଯାଇଥିଲେ ତୁରନ୍ତ ଅମଳ କରି ସୁରକ୍ଷିତ ସ୍ଥାନକୁ ନେଇଯାଆନ୍ତୁ।

01034/11/0028/1920

କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା

## ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ
## ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର – ୧

**ବିଜ୍ଞାପନ**

ପ୍ରାପ୍ତେଷୁ – **ଶ୍ରୀ ଗନ୍ଧର୍ବ ଚରଣ ମାଝୀ,** ସାହାଯ୍ୟକାରୀ
ଗ୍ରାମ – ଘାଟିକିଆ
ପୋ – ଚନ୍ଦକା
ଜିଲ୍ଲା – ଖୋର୍ଦ୍ଧା

No.: n-44: ଏତଦ୍ୱାରା ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର ଶ୍ରୀ ଗନ୍ଧର୍ବ ଚରଣ ମାଝୀ, ସାହାଯ୍ୟକାରୀ, ଗ୍ରାମ–ଘାଟିକିଆ, ପୋ– ଚନ୍ଦକା, ଜିଲ୍ଲା– ଖୋର୍ଦ୍ଧା ଏହି ବିଜ୍ଞାପନ ଜରିଆରେ ଜଣାଇ ଦିଆଯାଉଅଛି କି, ଆପଣ ଦରଖାସ୍ତ ନ ଦେଇ ବିନା ଅନୁମତିରେ ତା୧୧।୦୫।୧୯୯୯ରିଖଠାରୁ ଆଜି ପର୍ଯ୍ୟନ୍ତ ନିଜ କାର୍ଯ୍ୟ କ୍ଷେତ୍ରରେ ଅନୁପସ୍ଥିତ ରହିଛନ୍ତି। ଆପଣଙ୍କ ଘର ଠିକଣାରେ ବାରମ୍ବାର ପତ୍ର ପଠାଯାଇଥିଲେ ମଧ୍ୟ ତାହା ଫେରିଆସୁଅଛି। ତେଣୁ ଆପଣଙ୍କୁ ଏହି ବିଜ୍ଞାପନ ପ୍ରକାଶ ପାଇବାର ୭ଦିନ ମଧ୍ୟରେ କାର୍ଯ୍ୟାଳୟରେ ହାଜର ହୋଇ ପତ୍ର ଗ୍ରହଣ କରନ୍ତୁ। ଯଦି ଏହି ସମୟ ମଧ୍ୟରେ କାର୍ଯ୍ୟାଳୟରେ ହାଜର ନ ହୁଅନ୍ତି ତେବେ ନିୟମ ଅନୁଯାୟୀ ଆପଣଙ୍କୁ ସରକାରୀ ଚାକିରିରୁ ବହିଷ୍କାର କରିବାକୁ କର୍ତ୍ତୃପକ୍ଷ ବାଧ୍ୟ ହେବେ।

ସ୍ୱା./– ନିର୍ଦ୍ଦେଶକ
ସରକାରୀ ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ
ଭୁବନେଶ୍ୱର – ୧

02005/11/0007/1920

**NOTICE INVITING BID/TENDER** No. CAD-550

**Odisha State Medical Corporation Limited (OSMCL)**
**Convent Square, Unit – III,**
**Bhubaneswar -751 007**

Tel.: (0674) 2380950, Website: www.osmcl.nic.in, E-mail: logistics.osmcl.od@nic.in

**Bid Reference No. : OSMCL/2019-20/D & S/LOGISTICS/01** **Date: 07.11.19**

Bids are invited from eligible transporters to transport **Long Lasting Insecticide-Treated Nets (LLINs)** from Central Medical Services Society, Dhabalgiri, Jajpur Road, Jajpur to the Community Health Centers (CHCs)/ Blocks of different Districts of Odisha as per the details in **Annexure I** and as per the particulars mentioned below:

| Sl. No. | Particulars | Date and Time | |
|---|---|---|---|
| 1. | Date of release of bid | 08.11.19 | |
| 2. | Date & time of Pre-bid meeting | 14.11.19, 11.30 AM | Venue: Tender Hall, OSMCL |
| 3. | Date of Publication of Pre-bid corrigendum | 18.11.19 | OSMCL Website |
| 4. | Last date & time for submission of bid | 27.11.19, 11.00 AM | OSMCL Office |
| 5. | Date & time of Technical bid opening | 27.11.19, 11.30 AM | Venue: Tender Hall, OSMCL |
| 6. | Date of opening of Price Bid | To be informed to the technically qualified bidders | |

The bid document with all information relating to the bidding process including cost of bid document, EMD, Eligibility criteria and terms & conditions are available in the website: www.osmcl.nic.in. The Authority reserves the right to accept/ reject any part thereof or all the bids without assigning any reason thereof.

-Sd- **Managing Director**
**OSMCL**

10112/11/0013/1920

## ଓଡ଼ିଶା ସରକାର
## ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗ

**ଘୋଷଣା**

No.RDM–LAA–JAJ–0019–2018/ 18757 R&DM, Dated: 3 JUL. 2019

No.XXIV–46 :– ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା–ମହମ୍ମଦ ହୋସେନପୁର, ଥାନା–କୋରେଇ, ନଂ.–୬୨, ତହସିଲ–ବ୍ୟାସନଗର, ଜିଲ୍ଲା–ଯାଜପୁରରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ରେଙ୍ଗାଲୀ ବାମ ପାର୍ଶ୍ୱ କେନାଲର କୋରେଇ ଶାଖା କେନାଲ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା.୨୯୩୨୫ ତା.୦୮।୦୮।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା–ମହମ୍ମଦ ହୋସେନପୁର, ଥାନା–କୋରେଇ, ଜିଲ୍ଲା–ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.dkl.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ–ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**

**ଜିଲ୍ଲା-ଯାଜପୁର** **(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)** **ତହସିଲ-ବ୍ୟାସନଗର**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର କରବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମହମ୍ମଦ ହୋସେନପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୧.୮୫ | ଏଥି ସହିତ ସଂଲଗ୍ନ |

**• ଉକ୍ତ ଅଧିସୂଚୀତ ଜମିର ରକବା ମଧ୍ୟରୁ ଏକର ୨.୫୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।**

**ତଫସିଲ-ଖ**

**ଜିଲ୍ଲା-ଯାଜପୁର** **(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)** **ତହସିଲ-ବ୍ୟାସନଗର**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର କରବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ/ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନାର ବୈଧ ତାରିଖ-୧୫।୧୦।୧୮**

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଅଭୟ କୁମାର ନାୟକ**
**ଅତିରିକ୍ତ ଶାସନ ସଚିବ**

**ଜମି ଅନୁସୂଚୀ**

**ଗ୍ରାମର ନାମ: ମହମ୍ମଦ ହୋସେନପୁର**
**ଥାନାର ନାମ: କୋରେଇ ନଂ.୬୨** **ତହସିଲ-ବ୍ୟାସନଗର**
**ଜିଲ୍ଲା-ଯାଜପୁର**
**ଜମି ଅଧିଗହଣ କେସ୍ ନଂ.: /**

| କ୍ର. ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟ୍‌ର ମୋଟ ରକବା (ଏକରରେ) | ଅଧିସୂଚିତ ଜମିର ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୪ | ୬ | ୦.୪୮ | ୦.୨୦ | ସୁଶାନ୍ତ ଶେଖର ଜେନା, ପିତା–ବିରଞ୍ଚି ନାରାୟଣ ଜେନା, ଜା–ଖଣ୍ଡାୟତ, ବା:ତାହାରପୁର | |
| ୨ | ୧୪ | ୧ | ୦.୨୪ | ୦.୦୪ | ଆରତ ଜେନା ଓଗେର, ପିତା–ଦୈତାରୀ ଜେନା, ଜା–ସଅର, ବା–ଆଖନପୁର | |
| ୩ | | ୩ | ୦.୧୩ | ୦.୧୩ | ଆରତ ଜେନା ଓଗେର, ପିତା–ଦୈତାରୀ ଜେନା, ଜା–ସଅର, ବା–ଆଖନପୁର | |
| ୪ | ୨୧ | ୮୯୫ | ୦.୩୯ | ୦.୩୦ | କହ୍ନେଇ ମଳିକ, ପିତା–ଅନାମ ମଳିକ, ଜା–ପାଣ, ବା–ରହେମନପୁର | |
| ୫ | | ୮୯୯ | ୦.୩୦ | ୦.୦୨ | କହ୍ନେଇ ମଳିକ, ପିତା–ଅନାମ ମଳିକ, ଜା–ପାଣ, ବା–ରହେମନପୁର | |
| ୬ | ୩୭ | ୮୯୩ | ୦.୯୧ | ୦.୪୮ | କୂଳମଣି ମଳିକ ଓଗେର ପିତା–ପର୍ଶୁରାମ ମଳିକ, ଜା–ପାଣ, ବା–ରହେମନପୁର | |
| ୭ | ୩୭ | ୯୦୩ | ୦.୩୨ | ୦.୧୩ | କୂଳମଣି ମଳିକ ଓଗେର ପିତା–ପର୍ଶୁରାମ ମଳିକ, ଜା–ପାଣ, ବା–ରହେମନପୁର | |
| ୮ | ୩୮ | ୯୦୨ | ୧.୨୩ | ୧.୧୮ | କୂଳମଣି ମଳିକ ଓଗେର ପିତା–ପର୍ଶୁରାମ ମଳିକ, ଜା–ପାଣ, ବା–ରହେମନପୁର | |
| ୯ | | ୯୦୪ | ୦.୮୧ | ୦.୩୮ | କୂଳମଣି ମଳିକ ଓଗେର ପିତା–ପର୍ଶୁରାମ ମଳିକ, ଜା–ପାଣ, ବା–ରହେମନପୁର | |
| ୧୦ | ୪୫ | ୮୯୪ | ୧.୧୧ | ୦.୯୦ | କୋଇଲି ମଳିକ, ସ୍ୱାମୀ–ଗୁରି ମଳିକ | |
| ୧୧ | ୬୫ | ୨୮୦ | ୦.୦୫ | ୦.୦୫ | ଚିନ୍ତାମଣି ଜେନା ଓଗେର, ପିତା–ନବଘନ ଜେନା, ଜା–ଖଣ୍ଡାୟତ, ବା–ଅଖନପୁର | |
| ୧୨ | | ୨୮୧ | ୦.୭୮ | ୦.୦୭୦ | ଚିନ୍ତାମଣି ଜେନା ଓଗେର, ପିତା–ନବଘନ ଜେନା, ଜା–ଖଣ୍ଡାୟତ, ବା–ଅଖନପୁର | |
| ୧୩ | ୭୪ | ୮୭୬ | ୦.୪୪ | ୦.୩୮ | ଜଳଧର ଜେନା ଓଗେର, ପିତା–କିର୍ତ୍ତନ ଜେନା, ଜା–ପାଣ, ବା:ରହେମନପୁର | |
| ୧୪ | ୮୫ | ୯୦୧ | ୧.୦୧ | ୦.୦୫ | ଶ୍ରୀ ରାଧାବଲ୍ଲଭ ଜୀଉ ବିଜେ ନିଜଗାଁ ମାର୍ଫତ–ଦାମୋଦର ମହାନ୍ତି, ପିତା–ବଦ୍ୟନାଥ ମହାନ୍ତି | |
| ୧୫ | ୯୬ | ୮୭୧ | ୦.୨୧ | ୦.୦୪ | ନୀଳମଣି ମହାନ୍ତି, ପିତା–ଦାମୋଦର ମହାନ୍ତି, ଜା–କରଣ, ବା–ତୁଳତୀ | |
| ୧୬ | ୯୬ | ୮୭୨ | ୦.୧୪ | ୦.୦୬ | ନୀଳମଣି ମହାନ୍ତି, ପିତା–ଦାମୋଦର ମହାନ୍ତି, ଜା–କରଣ, ବା–ତୁଳତୀ | |
| ୧୭ | | ୮୭୩ | ୦.୪୯ | ୦.୪୯ | ନୀଳମଣି ମହାନ୍ତି, ପିତା–ଦାମୋଦର ମହାନ୍ତି, ଜା–କରଣ, ବା–ତୁଳତୀ | |
| ୧୮ | | ୮୭୭ | ୦.୪୫ | ୦.୪୫ | ନୀଳମଣି ମହାନ୍ତି, ପିତା–ଦାମୋଦର ମହାନ୍ତି, ଜା–କରଣ, ବା–ତୁଳତୀ | |
| ୧୯ | | ୮୭୮ | ୦.୦୪ | ୦.୦୪ | ନୀଳମଣି ମହାନ୍ତି, ପିତା–ଦାମୋଦର ମହାନ୍ତି, ଜା–କରଣ, ବା–ତୁଳତୀ | |
| ୨୦ | | ୮୯୬ | ୦.୧୮ | ୦.୦୧ | ନୀଳମଣି ମହାନ୍ତି, ପିତା–ଦାମୋଦର ମହାନ୍ତି, ଜା–କରଣ, ବା–ତୁଳତୀ | |
| ୨୧ | ୧୦୧ | ୮୬୮ | ୦.୨୦ | ୦.୦୪ | ପଦନ ମଳିକ ଓଗେର, ପିତା–ଭଜୁ ମଳିକ, ଜା–ପାଣ, ବା:ତୁଳତୀ | |
| ୨୨ | | ୮୬୯ | ୦.୪୪ | ୦.୩୮ | ପଦନ ମଳିକ ଓଗେର, ପିତା–ଭଜୁ ମଳିକ, ଜା–ପାଣ, ବା:ତୁଳତୀ | |
| ୨୩ | ୧୦୨ | ୮୭୪ | ୦.୧୦ | ୦.୧୦ | ପଦନ ମଳିକ ଓଗେର, ପିତା–ଭଜୁ ମଳିକ, ଜା–ପାଣ, ବା–ରହେମନପୁର | |
| ୨୪ | | ୮୭୫ | ୦.୧୯ | ୦.୧୯ | ପଦନ ମଳିକ ଓଗେର, ପିତା–ଭଜୁ ମଳିକ, ଜା–ପାଣ, ବା–ରହେମନପୁର | |
| ୨୫ | ୧୨୭ | ୯୦୯ | ୦.୦୬ | ୦.୦୨ | ବାବାଜୀ ଆଚାର୍ଯ୍ୟ, ପିତା–ଚକ୍ରଧର ଆଚାର୍ଯ୍ୟ, ଜା–ବ୍ରାହ୍ମଣ, ବା–ନିଜଗାଁ | |
| ୨୬ | ୧୩୮ | ୩୦୮ | ୦.୩୦ | ୦.୩୦ | ବୈଷ୍ଣବ ଚରଣ ସାହୁ, ପିତା–ଜଇରାମ ସାହୁ, ଜା–ତେଲି, ବା–ତୁଳତୀ | |
| ୨୭ | | ୩୧୦ | ୦.୦୯ | ୦.୦୨ | ବୈଷ୍ଣବ ଚରଣ ସାହୁ, ପିତା–ଜଇରାମ ସାହୁ, ଜା–ତେଲି, ବା–ତୁଳତୀ | |
| ୨୮ | ୧୪୦ | ୩୦୬ | ୨.୩୫ | ୦.୭୪ | ବୈଷ୍ଣବ ଚରଣ ସାହୁ ଓଗେର, ପିତା–ଜଇରାମ ସାହୁ, ଜା: ବା–ତୁଳତୀ | |
| ୨୯ | ୧୫୫ | ୮୭୦ | ୧.୩୨ | ୦.୯୦ | ମନମୋହନ ସାହୁ, ପିତା–ଅନନ୍ତ ସାହୁ, ଜା–ତେଲି, ବା–ରହେମନପୁର | |
| ୩୦ | ୨୦୦ | ୮୭୯ | ୦.୨୩ | ୦.୧୦ | ପ୍ରଦୀପ କୁମାର ଜେନା ଓଗେର, ପିତା–ଲକ୍ଷ୍ମୀଧର ଜେନା, ଜା–ପାଣ, ବା–ରହେମନପୁର | |
| ୩୧ | | ୮୮୦ | ୦.୬୧ | ୦.୨୮ | ପ୍ରଦୀପ କୁମାର ଜେନା ଓଗେର, ପିତା–ଲକ୍ଷ୍ମୀଧର ଜେନା, ଜା–ପାଣ, ବା–ରହେମନପୁର | |
| ୩୨ | ୨୦୫ | ୯୦୮ | ୦.୯୭ | ୦.୩୫ | ହାଡିବନ୍ଧୁ ମଳିକ ଓଗେର, ପିତା–ଗୁରି ମଳିକ, ଜା–ପାଣ, ବା–ରହେମନପୁର | |
| ୩୩ | ୬୪ | ୨୪ | ୨.୭୮ | ୨.୩୦ | ଚିନ୍ତା ଜେନା, ପିତା–ସତୁରୀ ଜେନା, ଜା–ସଅର, ବା–ଆଖନପୁର | ଗୋଚର ବଦଳି |
| ୩୪ | ୧୯୪ | ୨୩ | ୦.୩୬ | ୦.୨୦ | ଶ୍ରୀଧର ରାଜ, ପିତା–ପରମାନନ୍ଦ ରାଜ, ଜା–ଖଣ୍ଡାୟତ, ବା–କୋଗାଁ | ଗୋଚର ବଦଳି |
| | | | ମୋଟ | ୧୧.୮୫ | | |

ଗ୍ରାମର ମୋଟ ପ୍ଲଟ ସଂଖ୍ୟା.୩୪ (ଚଉତିରିଶି), ମୋଟ ଅଧିଗୃହିତ ଜମି: ୧୧.୮୫ ଏକର

24001/14/0278/1920

# ଫର୍ମୁଲା ୱାନ୍ ସୁପରଷ୍ଟାର

**ଲୁଇସ୍ ହାମିଲଟନ ଷଷ୍ଠଥର ପାଇଁ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ହାସଲ କରି ମାଇକେଲ ସୁମାକରଙ୍କଠାରୁ ଗୋଟିଏ ପାଦ ଦୂରରେ ରହିଛନ୍ତି। ୩୪ ବର୍ଷରେ ପଦାର୍ପଣ କରିଥିବାରୁ ଆଗକୁ ସେ ଆହୁରି କେତୋଟି ବିଶ୍ୱ ଟାଇଟଲ ଜିତି ନିଜକୁ ବିଶ୍ୱର ସର୍ବଶ୍ରେଷ୍ଠ ଫର୍ମୁଲା– ୧ ଡ୍ରାଇଭର ଭାବେ ପ୍ରତିଷ୍ଠା କରାଇବେ ବୋଲି ଆଶା କରାଯାଉଛି...**

ବ୍ରିଟେନର ଲୁଇସ୍ ହାମିଲଟନ ଏବେ ଫର୍ମୁଲା ୱାନର ଗ୍ଲୋବାଲ ସୁପରଷ୍ଟାର ବନିଯାଇଛନ୍ତି। ଜଣେ ସାଧାରଣ ଯୁବ ରେସରରୁ ସେ ଫର୍ମୁଲା–୧ ତାରକା ବନିଯାଇଛନ୍ତି। ମାତ୍ର ୧୨ ବର୍ଷ ମଧ୍ୟରେ ସଫଳତାର ଶୀର୍ଷକୁ ଛୁଇଁଛନ୍ତି ଓ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଫର୍ମୁଲା–୧ ଡ୍ରାଇଭର ମାନ୍ୟତା ପାଇଛନ୍ତି।

ରବିବାର ଅନୁଷ୍ଠିତ ୟୁଏସ୍ ଓପନ ଗ୍ରାଁ ପ୍ରିରେ ଦ୍ୱିତୀୟ ସ୍ଥାନରେ ରହି ରନର୍ସଅପ ହେବା ସହ ମର୍ସିଡିଜ ଡ୍ରାଇଭର ହାମିଲଟନ ଆଉଏକ ବିଶ୍ୱ ଟାଇଟଲ ଜିତିଛନ୍ତି। ସେ ଇତିହାସର ଦ୍ୱିତୀୟ ଡ୍ରାଇଭର ଭାବେ ୬ଟି ବିଶ୍ୱ ଟାଇଟଲ ଅର୍ଜନ କରିଛନ୍ତି। ଏହି କ୍ରମରେ ସେ ୫୦ ଦଶକର ଲିଜେଣ୍ଡ ଡ୍ରାଇଭର ଆର୍ଜେଣ୍ଟିନାର ଜୁଆନ ମାନୁଏଲ ଫାଙ୍ଗିଓଙ୍କୁ ପଛରେ ପକାଇଛନ୍ତି। ସେ ଏବେ ବିଶ୍ୱର ସର୍ବଶ୍ରେଷ୍ଠ ଫର୍ମୁଲା–୧ ଡ୍ରାଇଭର ମାଇକେଲ ସୁମାକରଙ୍କଠାରୁ ଆଉ ଗୋଟିଏ ପାଦ ଦୂରରେ ରହିଛନ୍ତି। ସୁମାକର ୭ଥର ବିଶ୍ୱ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଆଉ ଗୋଟିଏ ଟାଇଟଲ ଜିତିଲେ ସୁମାକରଙ୍କ ସମକକ୍ଷ ହେବେ ହାମିଲଟନ। ୨୦୦୮ରେ ସେ ମ୍ୟାକଲରେନ୍ ସହ କ୍ୟାରିୟରର ପ୍ରଥମ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ଜିତିଥିଲେ। ଏହାପରେ ସେ ମର୍ସିଡିଜ ସହ ଜଡିତ ରହି ଗୋଟିଏ ପରେ ଗୋଟିଏ ଟାଇଟଲ ଜିତିବାକୁ ସକ୍ଷମ ହୋଇଥିଲେ। ତାଙ୍କର ଏହି ବିଜୟଧାରା ୨୦୧୪ରୁ ଆରମ୍ଭ ହୋଇ ଏପର୍ଯ୍ୟନ୍ତ ଚାଲୁ ରହିଛି। ୨୦୧୭, ୨୦୧୮ ଓ ୨୦୧୯ରେ କ୍ରମାଗତ ଭାବେ ବିଜୟୀ ହୋଇ ହ୍ୟାଟ୍ରିକ ଟାଇଟଲ ଅର୍ଜନ କରିଥିଲେ। କ୍ୟାରିୟରରେ ମୋଟ ଉପରେ ୮୩ଟି ଟାଇଟଲ ହାସଲ କରି ସେ ସର୍ବ କାଳୀନ ଦ୍ୱିତୀୟ ଶ୍ରେଷ୍ଠ ଡ୍ରାଇଭର ବିବେଚିତ ହୋଇଛନ୍ତି। ବର୍ତ୍ତମାନ ସେ ୩ଟି ବିଶ୍ୱ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ସର୍ବକାଳୀନ କ୍ୟାରିୟର ପଏଣ୍ଟ (୩୩୯୯), ସର୍ବକାଳୀନ ସର୍ବାଧିକ ପୋଲ ପୋଜିଶନ (୮୭) ଓ ଗୋଟିଏ ସେସନରେ ସର୍ବାଧିକ ଗ୍ରାଣ୍ଡସ୍ଲାମ ଜିତିବାର ରେକର୍ଡ ଅର୍ଜନ କରିଛନ୍ତି। ଏବେକାର କୌଣସି ଡ୍ରାଇଭର ତାଙ୍କ ପାଖରେ ନାହାନ୍ତି।

ବ୍ରିଟେନର ହର୍ଟଫୋର୍ଡସାୟାରରେ ଜନ୍ମିତ ହାମିଲଟନ ପିଲାଟିବେଳୁ ରେସିଂକୁ ନେଇ ବେଶ୍ ଉତ୍ସାହିତ ରହିଥିଲେ। ମାତ୍ର ୬ ବର୍ଷ ବୟସରେ ତାଙ୍କ ବାପା ଏକ ରେଡିଓ ନିୟନ୍ତ୍ରିତ କାର ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ୧୯୯୮ରେ ସେ ମ୍ୟାକଲରେନ ୟଙ୍ଗ ଡ୍ରାଇଭର ସପୋର୍ଟ ପ୍ରୋଗ୍ରାମ୍ ସହିତ ଜଡିତ ରହିଥିଲେ ଓ ଏହା ସହ ସ୍ୱାକ୍ଷର କରିଥିଲେ। ଏହାପରଠାରୁ ସେ ପଛକୁ ଫେରି ଚାହିଁନାହାନ୍ତି। ବ୍ରିଟିଶ ଫର୍ମୁଲା ରିନଲ୍ଟ, ଫର୍ମୁଲା ୩ ୟୁରୋ ସିରିଜ ଓ ଜିପି–୨ ଚାମ୍ପିୟନଶିପ୍ ଜିତି ଯୁବ ଡ୍ରାଇଭର ହିସାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଶେଷରେ ଦୀର୍ଘଦିନର ସଂଘର୍ଷ ପରେ ସେ ୨୦୦୭ରେ ଫର୍ମୁଲା– ୧ ରେସ୍‌ରେ ପଦାର୍ପଣ କରି ମ୍ୟାକଲରେନ ପାଇଁ ରେସ୍‌ରେ ଅବତୀର୍ଣ୍ଣ ହୋଇଥିଲେ।

ଏକ ମିଶ୍ରିତ ପୃଷ୍ଠଭୂମିରୁ ଆସିଥିବା ହାମିଲଟନଙ୍କ ପିତା ଜଣେ କୃଷ୍ଣକାୟ ହୋଇଥିବା ବେଳେ ମା' ଜଣେ ଗୋରା ମହିଳା। ଫର୍ମୁଲା–୧ ରେସ୍‌ରେ ସେ ପ୍ରଥମ ଓ ଏକମାତ୍ର କୃଷ୍ଣକାୟ ଡ୍ରାଇଭର ଭାବେ ଯାତ୍ରା ଜାରି ରଖିଛନ୍ତି। ଫର୍ମୁଲା–୧ରେ ନିଜର ପ୍ରଥମ ସେସନରେ ସେ ଏକାଧିକ ରେକର୍ଡ ସ୍ଥାପନ କରିଥିଲେ। ୨୦୦୭ ସେସନରେ ମାତ୍ର ଗୋଟିଏ ପଏଣ୍ଟ ପାଇଁ କିମି ରାଇକୋନେନଙ୍କ ପଛରେ ରହି ରନର୍ସ ହୋଇଥିଲେ। ପଦାର୍ପଣ ସେସନରେ ସେ ସର୍ବାଧିକ ୯ ଥର ପୋଡିୟମ ଫିନିଶ୍ କରିଥିଲେ। ପଦାର୍ପଣ ସେସନରେ ସେ ଯୁଗ୍ମଭାବେ ସର୍ବାଧିକ ୪ଟି ଟାଇଟଲ ହାସଲ କରିଥିଲେ ଓ ସର୍ବାଧିକ ୧୦୯ ପଏଣ୍ଟ ହାସଲ କରିଥିଲେ। ସେ ମଧ୍ୟ ସେତେବେଳେ ଇତିହାସର ସର୍ବକନିଷ୍ଠ ଡ୍ରାଇଭର ଭାବେ ବିଶ୍ୱ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ। ମ୍ୟାକଲରେନଙ୍କ ସହ ୪ ବର୍ଷ ଜଡିତ ରହିବା ପରେ ସେ ୨୦୧୩ରେ ମର୍ସିଡିଜ ସହ ଚୁକ୍ତି କରିଥିଲେ। ଏହାପରେ ସେ ଗୋଟିଏ ପରେ ଗୋଟିଏ ସଫଳତା ଅର୍ଜନ କରି ଅନ୍ୟ ବିଶ୍ୱସ୍ତରୀୟ ଡ୍ରାଇଭରଙ୍କୁ ପଛରେ ପକାଇଥିଲେ। ଜଣେ କୃଷ୍ଣକାୟ ଡ୍ରାଇଭର ହୋଇଥିବାରୁ ସେ ତାଙ୍କ କ୍ୟାରିୟର ସାରା ବର୍ଣ୍ଣବୈଷମ୍ୟବାଦର ଶିକାର ହୋଇ ଆସିଛନ୍ତି। ଏହା ଦ୍ୱାରା ସେ ଆହତ ହୋଇଥିଲେ ମଧ୍ୟ କେବେ ପଛକୁ ହଟିନାହାନ୍ତି। ବରଂ ଏଥିରେ ସେ ଆହୁରି ଦୃଢ଼ ଭାବେ ନିଜକୁ ଗଢ଼ି ତୋଳିବାରେ ସକ୍ଷମ ହୋଇଛନ୍ତି। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଡ୍ରାଇଭର ନିକୋ ରସବର୍ଗ ଓ ଫର୍ନାଣ୍ଡୋ ଆଲୋନ୍ସୋଙ୍କ ସହ ତାଙ୍କର ପ୍ରତିଦ୍ୱନ୍ଦ୍ୱିତା ବେଶ୍ ଆଲୋଚନା ତଥା ଚର୍ଚ୍ଚା ସୃଷ୍ଟି କରିଥିଲା। ବ୍ୟକ୍ତିଗତ ଜୀବନରେ ସେ ବେଶ୍ ରୋମାଣ୍ଟିକ ରହିଆସିଛନ୍ତି। ଏକାଧିକ ହାଇପ୍ରୋଫାଇଲ ମହିଳାଙ୍କ ସହ ସେ ବନ୍ଧୁତ୍ୱ ସ୍ଥାପନ କରି ବେଶ୍ ଚର୍ଚ୍ଚିତ ରହି ଆସିଛନ୍ତି। ୨୦୦୭ରେ ସେ ଆମେରିକୀୟ ମହିଳା ଗାୟିକା ନିକୋଲ ସେର୍ଜିଙ୍ଗରଙ୍କ ସହ ଡେଟିଂ କରୁଥିଲେ। ୨୦୧୫ରେ ସେ ବ୍ରିଟେନର ସବୁଠାରୁ ଧନୀ କ୍ରୀଡ଼ାବିତ୍ ବିବେଚିତ ହୋଇଥିଲେ। ଆଗକୁ ସେ ଆହୁରି କେତୋଟି ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିବେ ଓ ସୁମାକରଙ୍କୁ ପଛରେ ପକାଇ ବିଶ୍ୱର ସର୍ବଶ୍ରେଷ୍ଠ ଫର୍ମୁଲା– ୧ ଡ୍ରାଇଭର ଭାବେ ନିଜକୁ ପ୍ରତିଷ୍ଠା କରାଇବେ।

### ସଂକ୍ଷେପରେ...

**ପୂରା ନାମ:** ଲୁଇସ୍ କାର୍ଲ ଡେଭିଡସନ ହାମିଲଟନ
**ଜନ୍ମ:** ୧୯୮୫ ଜାନୁୟାରୀ ୭
**ବୟସ:** ୩୪
**ଦେଶ:** ୟୁନାଇଟେଡ କିଙ୍ଗଡମ୍
**୨୦୧୯ ଟିମ:** ମର୍ସିଡିଜ୍
**ବିଶ୍ୱ ଚାମ୍ପିୟନ:** ୬ (୨୦୦୮, ୨୦୧୪, ୨୦୧୫, ୨୦୧୭, ୨୦୧୮, ୨୦୧୯)
**ବିଜୟ:** ୮୩
**ପୋଡିୟମ:** ୧୫୦
**କ୍ୟାରିୟର ପଏଣ୍ଟ:** ୩୩୯୯
**ପୋଲ ପୋଜିଶନ:** ୮୭
**ପ୍ରଥମ ଏଣ୍ଟ୍ରି:** ୨୦୦୭ ଅଷ୍ଟ୍ରେଲିଆ ଗ୍ରାଁ ପ୍ରି
**ପ୍ରଥମ ବିଜୟ:** ୨୦୦୭ କାନାଡିଆନ ଗ୍ରାଁ ପ୍ରି
**ଶେଷ ବିଜୟ:** ୨୦୧୯ ମେକ୍ସିକାନ ଗ୍ରାଁ ପ୍ରି
**ଶେଷ ଏଣ୍ଟ୍ରି:** ୨୦୧୯ ୟୁଏସ୍ ଗ୍ରାଁ ପ୍ରି





**ମା' ହେବା ପରେ ଟେନିସ ଖେଳାଳିମାନେ ସଫଳ ପ୍ରତ୍ୟାବର୍ତ୍ତନ କରିବାର ଉଦାହରଣ କମ୍ ରହିଛି। ତେବେ ସେରେନା ୱିଲିୟମ, ମାର୍ଗାରେଟ୍ କୋର୍ଟ, ଇଭୋନ ଗୁଲାଗଙ୍ଗ ଓ କିମ୍ କ୍ଲିଷ୍ଟର୍ସ ଏଥିରେ ବ୍ୟତିକ୍ରମ ଆଣିଛନ୍ତି। ସାନିଆଙ୍କ ପାଇଁ ଏହି ଖେଳାଳିମାନେ ଏବେ ପ୍ରେରଣା ସୃଷ୍ଟି କରିଛନ୍ତି...**

# ଫେରିବେ ସାନିଆ

ଭାରତର ସଫଳତମ ଟେନିସ ତାରକା ସାନିଆ ମିର୍ଜା ଦୀର୍ଘଦିନ ପରେ ପୁଣି ଥରେ ଟେନିସକୁ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି। ୬ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ସାନିଆ ଏଥିପାଇଁ କଠିନ ପରିଶ୍ରମ ଆରମ୍ଭ କରିଦେଇଛନ୍ତି। ମା' ହେବା ପରେ ସେ ୨୦୨୦ ଜାନୁୟାରୀରେ କମ୍ପିଟିଟିଭ ଟେନିସକୁ ଫେରିବା ଲକ୍ଷ୍ୟରେ ରହିଛନ୍ତି। ଏଥିପାଇଁ ସେ ଅତ୍ୟନ୍ତ ବ୍ୟଗ୍ର ନୁହନ୍ତି। ମା' ହେବାର ଦୁଇ ବର୍ଷ ପରେ ସେ ଜବରଦସ୍ତ ଟ୍ରେନିଂ କରୁଛନ୍ତି। ସେ ଦିନକୁ ୪ ଘଣ୍ଟା ଅଭ୍ୟାସ କରିଛନ୍ତି। ଏହି ପ୍ରକ୍ରିୟାରେ ସେ ୨୬ କେ.ଜି. ଓଜନ କମାଇଛନ୍ତି। ସେ ହାସଲ କରିଥିବା ୬ଟି ଗ୍ରାଣ୍ଡସ୍ଲାମ ଟାଇଟଲରେ ୬ଟି ମିକ୍ସଡ ଟାଇଟଲ ସାମିଲ ରହିଛି। ସେ ମଧ୍ୟ ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ୧ ନମ୍ବର ସ୍ଥାନ ହାସଲ କରିଛନ୍ତି। ସୁଇଜରଲାଣ୍ଡର କିମ୍ବଦନ୍ତୀ ମହିଳା ଖେଳାଳି ମାର୍ଟିନା ହିଙ୍ଗିସ୍‌ଙ୍କ ସହ ସେ ସାଥିହୋଇ ସଫଳତାର ଶୀର୍ଷକୁ ଛୁଇଁଥିଲେ। ଆସନ୍ତା ଅଗଷ୍ଟରେ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି ବୋଲି ସାନିଆ କହିଛନ୍ତି। ଆଗକୁ ଯଦି କିଛି ସଫଳତା ମିଳେ ତା'ହେଲେ ଏହା ମୋ ପାଇଁ ବୋନସ ହେବ। ପୁଅ ଇଝାନ ମୋ ପାଇଁ ସବୁଠାରୁ ବଡ଼ ଆଶୀର୍ବାଦ ସଦୃଶ ହୋଇଛି। ଯଦି ମୋର ପ୍ରତ୍ୟାବର୍ତ୍ତନ ସଫଳ ହୁଏ ତା'ହେଲେ ଏହା ନିଶ୍ଚିତ ଭାବେ ଆନନ୍ଦଦାୟକ ହେବ। ଟେନିସ ପ୍ରତି ମୋର ଥିବା ଦୁର୍ବଳତା ଓ ଭଲପାଇବା କାରଣରୁ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି।

ମା' ହେବା ପରେ ମହିଳା ଖେଳାଳିମାନେ ସଫଳ ପ୍ରତ୍ୟାବର୍ତ୍ତନ କରିବାର ଉଦାହରଣ କମ୍ ରହିଛି। ମା' ହେବା ପରେ ମାର୍ଗାରେଟ୍ କୋର୍ଟ, ଇଭୋନ ଗୁଲାଗଙ୍ଗ ଓ କିମ୍ କ୍ଲିଷ୍ଟର୍ସ ପ୍ରତ୍ୟାବର୍ତ୍ତନ କରି ସିଙ୍ଗଲ୍ସ ମେଜର ଟାଇଟଲ ହାସଲ କରିଛନ୍ତି। ସେରେନା ୱିଲିୟମ୍ସ ହେଉଛନ୍ତି ସଦ୍ୟତମ ଉଦାହରଣ। ସେରେନା ଏବେ ବିଶ୍ୱ ର୍ୟାଙ୍କିଙ୍ଗ୍‌ର ନବମ ସ୍ଥାନରେ ରହିଛନ୍ତି। ଭିକ୍ଟୋରିଆ ଆଜାରେଙ୍କା ମା' ହେବା ପରେ ପ୍ରତ୍ୟାବର୍ତ୍ତନ କରି ଏବେ ସିଙ୍ଗଲ୍ ଓ ଡବଲ୍ସ ବିଭାଗର ଶ୍ରେଷ୍ଠ ୫୦ରେ ସ୍ଥାନ ପାଇଛନ୍ତି। ଆଣ୍ଠୁରେ ଥିବା ପୁରୁଣା ଇଞ୍ଜୁରି ତାଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ପ୍ରଶଂସକ ଓ ଶୁଭଚିନ୍ତକଙ୍କ ଆଶା ରହିଛି। ତେବେ ସବୁଠାରୁ ବଡ଼ କଥା ହେଉଛି ପ୍ରତ୍ୟାବର୍ତ୍ତନକୁ ସଫଳ କରିବା। ଗତ ୨ ବର୍ଷ ହେବ ଟେନିସ ଖେଳିନାହିଁ। ଯଦି ସଫଳ ହୁଏ ତା'ହାଲେ ଟୋକିଓ ଅଲିମ୍ପିକ୍ସ ଖେଳିବା ମୋର ମୁଖ୍ୟ ଲକ୍ଷ୍ୟ ହେବ ବୋଲି ସାନିଆ କହିଛନ୍ତି।

## କ୍ୱାଲିଫାଏ

ଭାରତୀୟ ପୁରୁଷ ହକି ଦଳ ସଙ୍ଗେ
ଲେଡି ହକି ଦଳ ରେଡି
କଳିଙ୍ଗରୁ ସିଧା ଟୋକିଓ ଟିକେଟ
କୋଡିଏରେ ଯିବେ ଉଡି
କ୍ୱାଲିଫାଏ କରି ଖୁଡ଼ୀ
ଜାତୀୟ ଖେଳରେ ଅଲିମ୍ପିକ ଜିତି
ଟିମ୍ ସହ ରାଣୀ ଲଢ଼ି।।୧

ଭରତ ବିପକ୍ଷ ପ୍ରଥମ ଟିଟେଣ୍ଟି
ଫର୍ମାଟ୍‌ରେ ବାଂଲାଦେଶ
ଜିତି ଦିଲ୍ଲୀଠାରେ ଇତିହାସ କଲା
ମୁସଫିକର ମୋଡେ ନିଶ
କୋହଲିର ବନବାସ
ବାର୍ଥଡେ'ରେ ଓଲ୍ଡ ଟିଠି ଶେୟାର କରେ
ହବ ପ୍ରଦୂଷଣ ଦୋଷ ? ।।୨



ପୁରୁଷ ଟେନ ମିଟର ଏୟାର ରାଇଫଲ
ଇଭେଣ୍ଟରେ ବ୍ରୋଞ୍ଜ୍ ଜିତି
ଦୀପକ କୁମାର କ୍ୱାଲିଫାଏ କଲା
ଅଲିମ୍ପିକ୍ସ ପାଇଁ ସାଥୀ
ଅଯୋଗ୍ୟ ହୋଇଲେ ନାତି
ରବିପରି ନିଶା ପାନ କରି ଶେଷେ
ରଚିନି ଜଣେ ବି କୀର୍ତ୍ତି।।୩

– ସୁବାସ ଚନ୍ଦ୍ର ପ୍ରଧାନ



# ରେକର୍ଡ ବିଜୟ

**ଗଲ୍ଫ ସୁପରଷ୍ଟାର ଟାଇଗର ଉଡ୍ସ ବିଭିନ୍ନ କାରଣରୁ ଫର୍ମ ଓ ଫିଟ୍‌ନେସ ପାଇଁ ସଂଘର୍ଷ କରିଆସୁଥିଲେ ମଧ୍ୟ ନିକଟରେ ଜୋଜୋ ଚାମ୍ପିୟନଶିପ୍‌ରେ ବିଜୟୀ ହୋଇଛନ୍ତି। ଏଥିସହିତ ସେ ୮୨ତମ ପିଜିଏ ଟୁର ଟାଇଟଲ ହାସଲ କରି ସର୍ବାଧିକ ଟୁର୍ନାମେଣ୍ଟ ଜିତିବାରେ ନିଜ ଦେଶର ସାମ ସ୍ନିଡଙ୍କ ସମକକ୍ଷ ହୋଇଛନ୍ତି...**

ଆମେରିକୀୟ ଗଲ୍ଫ ସୁପରଷ୍ଟାର ଟାଇଗର ଉଡ୍ସ ପୁଣିଥରେ ଚର୍ଚ୍ଚାକୁ ଆସିଛନ୍ତି। ସେ ରେକର୍ଡ ସଂଖ୍ୟକ ଟୁର୍ନାମେଣ୍ଟରେ ବିଜୟ ହାସଲ କରିଛନ୍ତି। ଜାପାନର ଗ୍ରେଟର ଟୋକିଓ ଏରିଆରେ କିଛିଦିନ ତଳେ ଖେଳାଯାଇଥିବା ପେସାଦାର ଗଲ୍ଫ ଟୁର୍ନାମେଣ୍ଟ ଜୋଜୋ ଚାମ୍ପିୟନଶିପ୍‌ରେ ଟାଇଟଲ ହାସଲ କରିଛନ୍ତି ଟାଇଗର। ଏହି କ୍ରମରେ ସେ କ୍ୟାରିୟରର ୮୨ତମ ପିଜିଏ ଟୁର ଟାଇଟଲ ହାସଲ କରିଛନ୍ତି ଓ ସର୍ବାଧିକ ଟୁର୍ନାମେଣ୍ଟ ଜିତିବାରେ ନିଜ ଦେଶର ସାମ ସ୍ନିଡଙ୍କ ସମକକ୍ଷ ହୋଇଛନ୍ତି। ୪୩ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ପୁଣି ବହୁ ବିବାଦ ଓ ଦୀର୍ଘ ବର୍ଷଧରି ଆଘାତ ସମସ୍ୟା ଦେଇ ଗତି କରୁଥିବା ସତ୍ତ୍ୱେ ଟାଇଗରଙ୍କ ଚମକ କମିନାହିଁ। ଗତ ୧୩ ବର୍ଷ ମଧ୍ୟରେ ସେ ଜାପାନର ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଏହା ଟାଇଗରଙ୍କ ପାଇଁ ସେତେଟା ବଡ଼ ଟୁର୍ନାମେଣ୍ଟ ହୋଇ ନ ଥିଲେ ମଧ୍ୟ କ୍ୟାରିୟର ଏ ଭଳି ମୋଡରେ ଏହି ବିଜୟ ତାଙ୍କ ପାଇଁ ବିଶେଷ ଭାବେ ମହତ୍ତ୍ୱ ରଖୁଛି। କ୍ୟାରିୟରରେ ସବୁ ପ୍ରକାର ସଫଳତା ହାସଲ କରିଥିବା ଟାଇଗରଙ୍କ ପାଇଁ ଏହି ବିଜୟ ବିଶେଷ ଭାବେ ମହତ୍ତ୍ୱ ରଖୁଛି।

ଟାଇଗରଙ୍କ ଏହି ସଫଳତାର ପଛରେ ୩ଟି ମୁଖ୍ୟ କାରଣ ରହିଛି। ଇଞ୍ଜୁରିରୁ ମୁକୁଳି ପୁଣି ଥରେ ସୁସ୍ଥ ହେବା ସହ ଫିଟ୍‌ନେସ ହାସଲ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା। ଅନ୍ୟତମ କାରଣ ହେଉଛି ଟାଇଗର ସହଜରେ ହାର ମାନି ନ ଥାନ୍ତି ଓ ସେ ଏତେଶୀଘ୍ର କିଛି ତ୍ୟାଗ କରି ନ ଥାନ୍ତି। ଅନ୍ୟ କାରଣଟି ହେଉଛି ସେ ଜଣେ ଉଚ୍ଚ ଓ ଦକ୍ଷତାସମ୍ପନ୍ନ ଖେଳାଳି। ୧୯୯୬ରେ ପେସାଦାର ଗଲ୍ଫରେ ପଦାର୍ପଣ କରିଥିବା ଏହି ତାରକା କ୍ୟାରିୟରରେ ୧୦୯ଟି ପେସାଦାର ବିଜୟ ହାସଲ କରିଛନ୍ତି। ବିଶ୍ୱ ଗଲ୍ଫ ର୍ୟାଙ୍କିଙ୍ଗ୍‌ରେ ସେ ୬୮୩ ସପ୍ତାହ ଧରି ଏକ ନମ୍ବର ସ୍ଥାନ ହାସଲ କରି ରେକର୍ଡ କରିଥିଲେ। ସେ ୮୨ଟି ପିଜିଏ ଟୁର ଟାଇଟଲ ହାସଲ କରିଥିବା ବେଳେ ୪୧ଟି ୟୁରୋପିଆନ ଟୁର ବିଜୟ ହାସଲ କରିଛନ୍ତି। ସେହିପରି ସେ ୩ଟି ଜାପାନ ଗଲ୍ଫ ଟୁର ବିଜୟ, ଗୋଟିଏ ଏସିଆନ ଟୁର ବିଜୟ, ଗୋଟିଏ ପିଜିଏ ଟୁର ଅଫ୍ ଅଷ୍ଟ୍ରେଲେସିଆ ବିଜୟ ହାସଲ କରିଛନ୍ତି। ୧୬ଟି ଅନ୍ୟ ପେସାଦାର ବିଜୟ ସହ ସେ ୨୧ଟି ଆମେଚର ବିଜୟ ମଧ୍ୟ ହାସଲ କରିଛନ୍ତି। ସେ ୧୫ଟି ମେଜର ଚାମ୍ପିୟନଶିପ୍‌ରେ ମଧ୍ୟ ବିଜୟ ହାସଲ କରିଛନ୍ତି। ଜୁନିୟରଠାରୁ ସିନିୟରସ୍ତର ପର୍ଯ୍ୟନ୍ତ ଗଲ୍ଫରେ ସଫଳତାର ଶୀର୍ଷକୁ ଛୁଇଁ ଥିବା ଟାଇଗର ପ୍ରାୟ ସବୁ ପୁରସ୍କାର ହାସଲ କରିଛନ୍ତି। ୪୬ ବର୍ଷରେ ପଦାର୍ପଣ କରିଥିବାରୁ ତାଙ୍କ କ୍ୟାରିୟର ଆଗକୁ ବଢ଼ିବା ନେଇ ଆଶଙ୍କା ପ୍ରକାଶ ପାଇଛି। ତେବେ ଯେପର୍ଯ୍ୟନ୍ତ ଫିଟ୍ ଥିଲେ ଖେଳ ଜାରି ରଖିବେ ବୋଲି ଟାଇଗର କହିଛନ୍ତି।

ଟାଇଗରଙ୍କ ଅସାଧାରଣ ପ୍ରତିଭା ଓ ସଫଳତାରେ ବେଶ୍ ପ୍ରଭାବିତ ହୋଇଛନ୍ତି ଉତ୍ତର ଆୟର୍ଲାଣ୍ଡର ଅଭିଜ୍ଞ ଗଲ୍ଫର ରୋରି ମ୍ୟାକଲୋରି। ଟାଇଗର ହେଉଛନ୍ତି ଗଲ୍ଫ ଇତିହାସର ଶ୍ରେଷ୍ଠ ଖେଳାଳି ଓ ତାଙ୍କ ସଫଳତା ଦୃଷ୍ଟାନ୍ତମୂଳକ ବୋଲି ୪ଥର ମେଜର ଟାଇଟଲ ଜିତିଥିବା ମ୍ୟାକଲୋରି କହିଛନ୍ତି।

## ସଂକ୍ଷେପରେ

### କ୍ରୋଏସିଆ ଦଳରୁ ଓହରିଲେ ସିଲିକ୍

ଜାଗ୍ରେବ୍, ୭।୧୧(ଏଏଫ୍‌ପି)- ପୂର୍ବତନ ୟୁଏସ୍ ଓପନ୍ ବିଜେତା ମାରିନ୍ ସିଲିକ୍ କ୍ରୋଏସିଆ ଡେଭିସ୍ କପ୍ ଦଳରୁ ଓହରି ଯାଇଛନ୍ତି। ଆଣ୍ଠୁରେ ଇଞ୍ଜୁରି ପାଇଁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ଗତବର୍ଷ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଫାଇନାଲରେ ଫ୍ରାନ୍ସକୁ ପରାସ୍ତ କରି କ୍ରୋଏସିଆ ଚାମ୍ପିୟନ ହୋଇଥିଲା। ଏଥର ଦଳ ନଭେମ୍ବର ୧୮ରେ ମାଡ୍ରିଡ୍‌ଠାରେ ଏହାର ପ୍ରଥମ ମ୍ୟାଚ୍ ରୁଷିଆ ବିପକ୍ଷରେ ଖେଳିବ। ବିଶ୍ୱର ୩୯ତମ ର୍ୟାଙ୍କିଙ୍ଗପ୍ରାପ୍ତ ସିଲିକ୍ ଫେସ୍‌ବୁକ୍‌ରେ ଉଲ୍ଲେଖ କରିଛନ୍ତି ଯେ, ଆଣ୍ଠୁରେ ଇଞ୍ଜୁରି ମୋ ପାଇଁ ବାରମ୍ବାର ସମସ୍ୟା ସୃଷ୍ଟିକ କରିବାରୁ ଅସ୍ତ୍ରୋପଚାର ଆବଶ୍ୟକ ପଡ଼ିଥିଲା। ମାତ୍ର ରିହାବିଲିଟେଶନ କାର୍ଯ୍ୟ ସଫଳ ହେବାରୁ ବର୍ତ୍ତମାନ ପରିସ୍ଥିତିରେ ଅସ୍ତ୍ରୋପଚାର ଦରକାର ପଡ଼ି ନ ଥିଲା। ମୁଁ ମଧ ଖେଳ ଜାରି ରଖିଥିଲି। ଟେନିସ୍ କୋର୍ଟରେ ଅଧିକ ଦିନ ତିଷ୍ଠିବା ଉଦ୍ଦେଶ୍ୟ ରଖି ମୋତେ ବେଳେବେଳେ କିଛି ପଦକ୍ଷେପ ନେବାକୁ ହେଉଛି। ଦୁର୍ଭାଗ୍ୟର ବିଷୟ, ଚଳିତ ମାସରେ ମୁଁ ଡେଭିସ୍ କପ୍‌ରେ ଅଂଶଗ୍ରହଣ ଲାଗି ଅସମର୍ଥ।

### ଆଇଟିଏଫ୍ ନିଷ୍ପତ୍ତିରେ ଆଇଟା ବିସ୍ମିତ

ନୂଆଦିଲ୍ଲୀ, ୭।୧୧ (ପି.ଟି.)-ପାକିସ୍ତାନ ବିପକ୍ଷ ଡେଭିସ୍ କପ୍ ମ୍ୟାଚକୁ ଶେଷ ମୁହୂର୍ତ୍ତରେ ନିରପେକ୍ଷ ଭେନ୍ୟୁକୁ ସ୍ଥାନାନ୍ତର କରିବା ଲାଗି ଅନ୍ତର୍ଜାତୀୟ ଟେନିସ୍ ମହାସଂଘ (ଆଇଟିଏଫ୍)ର ନିଷ୍ପତ୍ତିରେ 'ଆମେ ବିସ୍ମିତ ବୋଲି ସର୍ବଭାରତୀୟ ଟେନିସ ଆସୋସିଏଶନ (ଆଇଟା) ପ୍ରକାଶ କରିଛି। ମ୍ୟାଚ ଇସ୍‌ଲାମାବାଦରେ ହେବ ବୋଲି ମନେ କରି ମହେଶ ଭୂପତିଙ୍କୁ ଅଧିନାୟକ ପଦବୀରୁ ହଟାଇ ତାଙ୍କ ସ୍ଥାନରେ ରୋହିତ ରାଜପାଲଙ୍କୁ ମନୋନୀତ କରାଯାଇଥିଲା। କାରଣ ପାକିସ୍ତାନରେ ଏହି ମୁକାବିଲା ହେଲେ ଭୂପତିଙ୍କ ସମେତ କେତେଜଣ ଆଗଧାଡ଼ିର ଖେଳାଳି ଉପଲବ୍ଧ ହେବେ ନାହିଁ ବୋଲି କହିଥିଲେ। କିନ୍ତୁ ନିରପେକ୍ଷ ଭେନ୍ୟୁରେ ଖେଳାଗଲେ ସେମାନେ ଉପଲବ୍ଧ ହେବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଭାରତ- ପାକିସ୍ତାନ ଡେଭିସ୍ କପ୍ ମ୍ୟାଚ ନଭେମ୍ବର ୨୯ ଓ ୩୦ ଦୁଇ ଦିନ ଧରି ଅନୁଷ୍ଠିତ ହେବ। ଏଆଇଟିଏ ସୁଇଓ ଆଖୁରି ବିଶ୍ୱଦୀପ କହିଛନ୍ତି ଗଣମାଧମକୁ କହିଛନ୍ତ ଆଇଟିଏଫ୍‌ର ଶେଷ ମୁହୂର୍ତ୍ତରେ ନିଷ୍ପତ୍ତି ଆମକୁ ଅଡୁଆ ପରିସ୍ଥିତିରେ ପକାଇ ଦେଇଛି। ଆମେ ଏକତରଫାର ଭାବେ ଅଧିନାୟକ ବଦଳ କରିବା ନିଷ୍ପତ୍ତି ନେଇଛୁ ବୋଲି ଯାହା କୁହାଯାଉଛି ତାହା ଠିକ୍ ନୁହେଁ।

### ଚାମ୍ପିୟନ୍ସ ଲିଗ୍ ପ୍ରିକ୍ୱାର୍ଟରରେ ବେୟର୍ନ ମ୍ୟୁନିକ

ମ୍ୟୁନିକ,୭।୧୧(ଏଏଫ୍‌ପି)-କୋଚ୍‌ଙ୍କ ବିନା ଖେଳୁଥିବା ବେୟର୍ନ ମ୍ୟୁନିକ ଅନ୍ତିମ ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍ ପୂର୍ବରୁ ଚଳିତ ଚାମ୍ପିୟନ୍ସ ଲିଗ୍‌ର ପ୍ରିକ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ରବର୍ଟ ଲେୱାଣ୍ଡୋଜକିଙ୍କ ସହାୟତାରେ ମ୍ୟୁନିକ ୨-୦ ଗୋଲରେ ଅଲିମ୍ପିଆକସକୁ ହରାଇ ଦେଇଛି। ଚଳିତ ସିଜନରେ ଏହା ଲୱାଣ୍ଡୋଜକିଙ୍କ ୧୭ ମ୍ୟାଚ୍‌ରୁ ୨୧ ତମ ଗୋଲ। ତାଙ୍କ ପରେ ଇଭାନ ପରିସିକ ମ୍ୟାଚ୍‌ର ଅନ୍ତିମ ମିନିଟ୍‌ରେ ଦଳ ପାଇଁ ଦ୍ୱିତୀୟ ଗାଲ ସ୍କୋର କରିଥିଲ। ଏହି ବିଜୟ ଯୋଗୁ ଗ୍ରୁପ୍ ବି' ଶୀର୍ଷରେ ଥିବା ବାୟର୍ନ କ୍ରମାଗତ ୧୨ଥର ପାଇଁ ଚାମ୍ପିୟନ୍ସ ଲିଗ୍‌ର ନକ୍‌ଆଉଟ ସ୍ତରରେ ପହଞ୍ଚିଛି।

> ମୋତେ ଅପ୍ରତ୍ୟାଶିତ ଭାବେ ଟେଷ୍ଟ ଦଳର ଅଧିନାୟକ ପଦ ମିଳିବା ଏବଂ ଭାରତ ବିପକ୍ଷରେ ନେତୃତ୍ୱ ନେବାର ସୁଯୋଗ ଖୁସିର ବିଷୟ ।
> —ମୋମିନୁଲ ହକ୍, ବାଂଲାଦେଶ କ୍ରିକେଟର



> ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା)କୁ ଯେଉଁ ତଥ୍ୟ ପ୍ରଦାନ କରାଯାଇଛି, ସେଥିରେ କୌଣସି ଜାଲିଆତି କରାଯାଇନାହିଁ ।
> —ପାଭେଲ କୋଲୋଭ୍‌କୋଭ୍, ରୁଷିଆ କ୍ରୀଡ଼ାମନ୍ତ୍ରୀ



# ଦ୍ୱିତୀୟ ଟି୨୦ରେ ଭାରତ ବିଜୟୀ

**ରାଜକୋଟ, ୭।୧୧**

ରୋହିତ ଶର୍ମା (୮୫ରନ, ୪୩ବଲ, ୬ ଚୌକା, ୬ ଛକା) ଏବଂ ଶିଖର ଧାୱନ (୩୧ରନ, ୨୭ ବଲ୍, ୪ଚୌକା)ଙ୍କ ଶତକୀୟ ଭାଗୀଦାରି ସହାୟତାରେ ଗୁରୁବାର ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ ମ୍ୟାଚରେ ଭାରତ ୮ ଉଇକେଟରେ ବିଜୟ ସହ ସିରିଜକୁ ପ୍ରତ୍ୟାବର୍ତ୍ତନ କରିଛି। ସ୍ଥାନୀୟ ସୌରାଷ୍ଟ୍ର କ୍ରିକେଟ ଷ୍ଟାଡିୟମରେ ୧୫୪ ରନର ବିଜୟ ଲକ୍ଷ୍ୟକୁ ଘରୋଇ ଦଳ ୧୫.୪ ଓଭରରେ ୨ ଉଇକେଟ ବିନିମୟରେ ହାସଲ କରିନେଇଥିଲା। ଅଧିନାୟକ ଶର୍ମା ଏବଂ ଧାୱନ ପ୍ରଥମ ଉଇକେଟରେ ୧୧୮ ରନ ସଂଗ୍ରହ କରି ବିଜୟ ପଥକୁ ସହଜ କରିଦେଇଥିଲେ। ଲୋକେଶ ରାହୁଲ ଏବଂ ଶ୍ରେୟାସ ଆୟାର ଯଥାକ୍ରମେ ୮ ଓ ୨୪ ରନ କରି ଅପରାଜିତ ରହିଥିଲେ। ଆୟାର୧୩ ବଲ୍‌ର ସାମ୍ନା କରି ୩ ଚୌକା ଓ ୧ ଛକା ଲଗାଇଥିଲେ। ବାଂଲାଦେଶ ତରଫରୁ ଅମିନୁଲ ଇସ୍‌ଲାମ ୨୯ ରନ ବିନିମୟରେ ୨ଟିଯାକ ଉଇକେଟ ଅକ୍ତିଆର କରିଥିଲେ। ଗୁରୁବାର ଭାରତର ଏହି ବିଜୟ ଦ୍ୱାରା ଦୁଇ ଦଳ ମଧ୍ୟ ଚାଲିଥିବା ୩ ମ୍ୟାଚ ବିଶିଷ୍ଟ ସିରିଜ ୧-୧ ସ୍ତରକୁ ଚାଲିଆସିଛି।

ଟସ୍‌ରେ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ବାଂଲାଦେଶ ଭଲ ଆରମ୍ଭ କରିଥିଲେ ମଧ୍ୟ ଏହାର ସଦୁପଯୋଗ କରିପାରି ନ ଥିଲା। ଓପନର ଲିଟନ ଦାସ (୨୧ ବଲ୍‌ରୁ ୨୯ରନ, ୪ ଚୌକା) ଏବଂ ମହମ୍ମଦ ନଇମ (୩୧ ବଲ୍‌ରୁ ୩୬, ୫ ଚୌକା) ପ୍ରଥମ ଉଇକେଟରେ ୬୦ରନ ଯୋଗ କରିଥିଲେ। ନଇମ୍ ଖଲିଲ ଅହମ୍ମଦ(୧/୪୪)ଙ୍କ ବୋଲିଂରେ କ୍ରମାଗତ ୩ଟି ଚୌକା ଲାଗାଇଥିଲେ।



ମ୍ୟାଚ୍ ବିଜୟୀ ଇନିଂସ ଅବସରରେ ରୋହିତ ଶର୍ମା

## ଶତକ କ୍ଲବରେ ରୋହିତ

ଭାରତୀୟ କାମଚଳା ଅଧିନାୟକ ରୋହିତ ଶର୍ମା ପ୍ରଥମ ଭାରତୀୟ ଓ ବିଶ୍ୱର ଦ୍ୱିତୀୟ କ୍ରିକେଟର ଭାବେ ୧୦୦ତମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳିଛନ୍ତି। ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଅଂଶଗ୍ରହଣ କରି ସେ ଏହି ସଫଳତା ପାଇଛନ୍ତି। ପୂର୍ବରୁ ପାକିସ୍ତାନର ସୋଏବ ମଲିକ ବିଶ୍ୱର ଏକମାତ୍ର ଖେଳାଳିଭାବେ ୧୦୦ ଉର୍ଦ୍ଧ୍ୱ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାର ଗୌରବ ଅର୍ଜନ କରିଛନ୍ତି।

ଟି୨୦ରେ ରୋହିତ ୨୪୫୨ ରନ (ଦ୍ୱିତୀୟ ଟି୨୦ ପୂର୍ବରୁ) ସଂଗ୍ରହ କରି ଟପ୍ ସ୍କୋରର ସାବ୍ୟସ୍ତ ହୋଇଛନ୍ତି। ଅଧିନାୟକ ବିରାଟ କୋହଲି ୨୪୫୦ ରନ ସଂଗ୍ରହ କରି ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୧୭ଟି ଅର୍ଦ୍ଧଶତକ ଓ ୪ ଶତକ ସହ ସହ ୧୩୬. ୬୭ ଷ୍ଟ୍ରାଇକରେଟ୍‌ରେ ରନ ସଂଗ୍ରହ କରି ରୋହିତ ଶୀର୍ଷରେ ରହିଛନ୍ତି। ୨୦୦୭ ଟି୨୦ ବିଶ୍ୱକପ୍‌ରେ ରୋହିତ ଟି୨୦ରେ ପଦାର୍ପଣ କରିଥିଲେ। ଗତ ୧୨ ବର୍ଷ ମଧ୍ୟରେ ରୋହିତ ବହୁ ଉତ୍ଥାନ ପତନ ଦେଇ ଗତି କରିଛନ୍ତି। ଯୁବ ଖେଳାଳି ହିସାବରେ ପ୍ରଥମେ ବହୁତ କିଛି ଶିଖିବାକୁ ହୋଇଥାଏ। ସମୟକ୍ରମେ ଖେଳକୁ ବୁଝି ଧୀରେଧୀରେ ଦକ୍ଷ ହେବାକୁ ହୋଇଥାଏ ବୋଲି ରୋହିତ କହିଛନ୍ତି। ୨୦୦୭ରେ ଡର୍ବାନରେ ରୋହିତ ଇଂଲଣ୍ଡ ବିପକ୍ଷରେ ଟି୨୦ ପଦାର୍ପଣ କରିଥିଲେ। ଉଲ୍ଲେଖଥାଉ କି, ଭାରତୀୟ ମହିଳା ଟିମ୍ ଅଧିନାୟିକା ହରମନପ୍ରୀତ କୌର ଏକମାତ୍ର ଅନ୍ୟତମ ଭାରତୀୟ ଖେଳାଳିଭାବେ ୧୦୦ଟି ଟି୨୦ ମ୍ୟାଚ୍ ଖେଳି ସାରିଛନ୍ତି।

ମାତ୍ର ଯୁଜବେନ୍ଦ୍ର ଚହଲ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ୧୩ତମ ଓଭରରେ ଡବଲ ବ୍ରେକ୍ ଥ୍ରୁ ଆଣି ଭ୍ରମଣକାରୀ ଦଳକୁ ବ୍ୟାକ୍‌ଫୁଟକୁ ଠେଲି ଦେଇଥିଲେ। ୪ ରନ କରି ଖେଳୁଥିବା ମୁସ୍‌ଫିକର ରହିମ ଚହଲଙ୍କ ବୋଲିଂରେ କ୍ରୁନାଲ ପାଣ୍ଡ୍ୟାଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଥିଲେ। ସୌମ୍ୟ ସରକାର(୨୦ ବଲ୍‌ରୁ ୩୦, ୨ ଚୌକା ଓ ୧ ଛକା) ଚହଲଙ୍କ ଶିକାର ହୋଇଥିଲେ। ଉଇକେଟକିପର ରିଷଭ ପନ୍ତ ତାଙ୍କୁ ଷ୍ଟମ୍ପ କରିଦେଇଥିଲେ। ସେତେବେଳେ ବାଂଲାଦେଶ ୪ ଉଇକେଟ ବିନିମୟରେ ୧୦୩ ରନ ସଂଗ୍ରହ କରି ସଂଘର୍ଷ ଚଳାଇଥିଲା। ମାତ୍ର ଅଧିନାୟକ ମହମୁଦୁଲ୍ଲା ରିୟାଦଙ୍କ ଦ୍ରୁତ ୩୦ରନ (୨୧ବଲ୍) ସହାୟତାରେ ବାଂଲାଦେଶ ୧୫୦ ଅଙ୍କ ଅତିକ୍ରମ କରିଥିଲା। ସିମର ଦୀପକ ଚହର (୧/୨୫) ଏବଂ ଅଫ୍ ସ୍ପିନର ୱାଶିଂଟନ ସୁନ୍ଦର(୧/୨୫) ବାଂଲାଦେଶ ବ୍ୟାଟ୍ସମ୍ୟାନଙ୍କ ଉପରେ ସେତେଟା ପ୍ରଭାବ ପକାଇ ପାରିନ ଥିଲେ। ରବିବାର ଦିଲ୍ଲୀଠାରେ ଅନୁଷ୍ଠିତ ପ୍ରଥମ ଟି୨୦ରେ ବାଂଲାଦେଶ ୭ ଉଇକେଟରେ ଭାରତକୁ ପରାସ୍ତ କରିଥିଲା।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ : ୨୦ ଓଭରରେ ୧୫୩/୬ (ମହମ୍ମଦ ନଇମ୍-୩୬, ସୌମ୍ୟ ସରକାର-୩୦, ମହମୁଦୁଲ୍ଲା-୩୦, ଲିଟନ ଦାସ-୨୯, ଯୁଜବେନ୍ଦ୍ର ଚହଲ-୨/୨୮)। ଭାରତ: ୧୫.୪ ଓଭରରେ- ୧୫୪/୨ (ରୋହିତ ଶର୍ମା-୮୫, ଶିଖର ଧାୱନ- ୩୧, ଅମିନୁଲ ଇସ୍‌ଲାମ-୨/୨୯)

### ୧୯ ବର୍ଷରୁ କମ୍ ଫୁଟ୍‌ବଲ
## ଭାରତ-ସୌଦି ଆରବ ମୁକାବିଲା ଆଜି

**ଅଲ୍ ଖୋବାର (ସୌଦି ଆରବ), ୭।୧୧ (ପି.ଟି.)**

୧୯ ବର୍ଷରୁ କମ୍ ଏଏଫ୍‌ସି ଚାମ୍ପିୟନଶିପ୍ କ୍ୱାଲିଫାୟର୍ସରେ ଭାରତ ଓ ସୌଦି ଆରବ ଶୁକ୍ରବାର ସେମାନଙ୍କ ଦ୍ୱିତୀୟ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ। ଭାରତ ବୁଧବାର ଏହାର ଓପନିଂ ମ୍ୟାଚ୍‌ରେ ଉଜ୍‌ବେକିସ୍ତାନଠାରୁ ହାରିଯାଇଛି। ମୁଖ୍ୟ କୋଚ୍ ଫ୍ଲଏଡ୍ ପିଣ୍ଟୋ କହିଛନ୍ତି, ଏହି ଫଳାଫଳ ଆମ ଆଶା ବାହାରେ ଥିଲା। ବର୍ତ୍ତମାନ ପ୍ରଥମ ପରାଜୟ ସମ୍ପର୍କରେ ଆଲୋଚନା ନ କରିବା ଭଲ। ଆମକୁ ପରବର୍ତ୍ତୀ ମ୍ୟାଚ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ହେବ। ମ୍ୟାଚ୍ ଜିତିବା ଲାଗି ଦଳର ସମସ୍ତ ଖେଳାଳି ମନପ୍ରାଣ ଦେଇ ଖେଳିବା ଲାଗି ସଂକଳ୍ପ ନେଇଛନ୍ତି। ୨୦୧୮ରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଏଏଫ୍‌ସି ଚାମ୍ପିୟନଶିପ୍‌ରେ ଆଫଗାନିସ୍ତାନ ବିପକ୍ଷ ଓପନିଂ କ୍ୱାଲିଫାୟର ଜିତି ସୌଦି ଆରବ ୩ ପଏଣ୍ଟ ଅର୍ଜନ କରିସାରିଛି। ଫ୍ଲଏଡ୍ ଆହୁରି କହିଛନ୍ତି ଯେ, ସୌଦି ଆରବ ଯଦିଓ ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌କୁ ଏକ ପେନାଲ୍ଟି କିକ୍ ଜରିଆରେ ୧-୦ ଗୋଲରେ ବିଜୟ ଲାଭ କରିଛି ଦଳ କିନ୍ତୁ ଖେଳ ଆରମ୍ଭରୁ ଶେଷପର୍ଯ୍ୟନ୍ତ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଦଳ ଅନେକ ଗୋଲ ଦେବାର ସୁଯୋଗ ସୃଷ୍ଟି କରିଥିଲା। ତେଣୁ ଶନିବାର ମ୍ୟାଚ୍ ଆମ ପାଇଁ କଷ୍ଟକର ହେବ ବୋଲି ମୁଖ୍ୟ କୋଚ୍ କହିଛନ୍ତି। ଉଜ୍‌ବେକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଭାରତ ପ୍ରଥମାର୍ଦ୍ଧରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଦ୍ୱିତୀୟାର୍ଦ୍ଧରେ ମନ୍ଥର ଖେଳ ଖେଳିବା ସହ ଏକାଗ୍ରତା ହରାଇଥିବା ଲକ୍ଷ୍ୟ କରାଯାଇଥିଲା। ଏହାର ଫାଇଦା ଉଠାଇ ବିପକ୍ଷ ଦଳ ୨ଟି ଗୋଲ ସ୍କୋର କରିବା ସହ ମ୍ୟାଚ୍ ଜିତି ନେଇଥିଲା।

# ଆଜି ଝାଡ଼ଖଣ୍ଡକୁ ଭେଟିବ ଓଡ଼ିଶା

**କଟକ ଅଫିସ,୭।୧୧**

ଶୁକ୍ରବାରଠାରୁ ଆରମ୍ଭ ହେବ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଘରୋଇ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି। ଏଲିଟ୍ ଗ୍ରୁପ-ଇ'ରେ ସ୍ଥାନ ପାଇଥିବା ଓଡ଼ିଶାର ପ୍ରଥମ ମୁକାବିଲା ଏକାଧିକ ଅନ୍ତର୍ଜାତୀୟ ଖେଳାଳି ରଖିଥିବା ଝାଡ଼ଖଣ୍ଡ ଦଳ ସହ ହେବ। ସୁରଟର ସି.ବି. ପଟେଲ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯିବ। ଗୋବିନ୍ଦ ପୋଦ୍ଦାରଙ୍କ ନେତୃତ୍ୱାଧୀନ ଓଡ଼ିଶା ପ୍ରଥମ ମ୍ୟାଚକୁ ଜିତି ବିଜୟ ଧାରାକୁ ପ୍ରତ୍ୟାବର୍ତ୍ତନ କରିବାର ଲକ୍ଷ୍ୟ ରଖିଛି। ଓଡ଼ିଶା-ଝାଡ଼ଖଣ୍ଡ ମଧ୍ୟରେ ଖେଳାଯାଇଥିବା ଗତ ୫ଟି ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ମ୍ୟାଚ୍‌ରେ ଓଡ଼ିଶା ୪ଟି ବିଜୟୀ ହୋଇଛି। କେବଳ ଗତ ସଂସ୍କରଣରେ ଝାଡ଼ଖଣ୍ଡ ୮ ଉଇକେଟରେ ଓଡ଼ିଶାକୁ ପରାସ୍ତ କରିଥିଲା। ଏହା ପୂର୍ବର ୨୦୧୩, ୨୦୧୪, ୨୦୧୫ ଓ ୨୦୧୭ ସଂସ୍କରଣରେ ଓଡ଼ିଶା ବାଜିମାତ କରିଥିଲା।

ଅଭିଜ୍ଞ ଗୋବିନ୍ଦ ରାଜ୍ୟ ଦଳର ଅଧିନାୟକ ଦାୟିତ୍ୱ ପୁର୍ନବାର ତୁଲାଇବେ। ଗୋବିନ୍ଦଙ୍କ ନେତୃତ୍ୱରେ ଘୋଷିତ ଦଳର ବ୍ୟାଟିଂ ଭାର ଶୁଭ୍ରାଂଶୁ ଶେଖର ସେନାପତି, ବିପ୍ଳବ ସାମନ୍ତରାୟ, ରାଜେଶ ଧୂପର, ଅରବିନ୍ଦ ସିଂ, ସନ୍ଦୀପ ପଟ୍ଟନାୟକଙ୍କ ଉପରେ ରହିଛି। ଅଲରାଉଣ୍ଡ ଭାବେ ଦଳରେ ଅଛନ୍ତି ଅଭିଶେକ

**ଓଡ଼ିଶାର ମ୍ୟାଚ୍‌ସୂଚୀ**

| ତାରିଖ | ବିପକ୍ଷ |
|---|---|
| ନଭେମ୍ବର-୮ | ଝାଡ଼ଖଣ୍ଡ |
| ନଭେମ୍ବର-୯ | ଦିଲ୍ଲୀ |
| ନଭେମ୍ବର-୧୧ | ସିକିମ୍ |
| ନଭେମ୍ବର-୧୨ | ଜମ୍ମୁ-କଶ୍ମୀର |
| ନଭେମ୍ବର-୧୪ | ସୌରାଷ୍ଟ୍ର |
| ନଭେମ୍ବର-୧୫ | ଗୁଜୁରାଟ |

**ସୟଦ ମୁସ୍ତାକ ଅଲ୍ଲୀ ଟି୨୦**

ରାଉତ। ନବାଗତ ଖେଳାଳିଭାବେ ଏହି ଦଳରେ ଉଇକେଟ କିପର ପ୍ରବୀଣ ଲୋହା ସ୍ଥାନ ପାଇଛନ୍ତି। ରାଜେଶ ମହାନ୍ତି ବୟସ ଜାଲିଆତି ଅଭିଯୋଗରେ ଦଳରୁ ବାଦ ପଡ଼ିବା ପରେ ତାଙ୍କ ସ୍ଥାନରେ ପ୍ରୟାସ ସିଂଙ୍କୁ ସାମିଲ କରାଯାଇଛି। ସୂର୍ଯ୍ୟକାନ୍ତ ପ୍ରଧାନ, ଦେବବ୍ରତ ପ୍ରଧାନ, ଆଶୁତୋଷ ଦାସ ପେସ ଆଟାକ ଦାୟିତ୍ୱରେ ଅଛନ୍ତି। ସ୍ପିନ ବୋଲିଂ ସମ୍ଭାଳିବେ ପପୁ ରାୟ, ଶୁଭମ ନାୟକ। ବିପକ୍ଷ ଝାଡ଼ଖଣ୍ଡ ଦଳରେ ଇଶାନ କିଶାନ, ସୌରଭ ତିୱାରୀ, ରାହୁଲ ଶୁକ୍ଳା, ଅନୁକୁଳ ରାୟ, ସେହବାଜ ନଦିମ,ବରୁଣ ଆରୋନ, ବିରାଟ ସିଂଙ୍କ ଭଳି ନାମିଦାମୀ ଖେଳାଳି ରହିଛନ୍ତି।

**ଓଡ଼ିଶା ଦଳ**- ଗୋବିନ୍ଦ ପୋଦ୍ଦାର(ଅଧିନାୟକ), ଶୁଭ୍ରାଂଶୁ ଶେଖର ସେନାପତି(ଉପଅଧିନାୟକ), ବିପ୍ଳବ ସାମନ୍ତରାୟ, ଅରବିନ୍ଦ ସିଂ, ଅଭିଶେକ ରାଉତ, ସନ୍ଦୀପ ପଟ୍ଟନାୟକ, ସୂଯର୍ୟକାନ୍ତ ପ୍ରଧାନ, ପ୍ରୟାସ ସିଂ, ଦେବବ୍ରତ ପ୍ରଧାନ, ଅଙ୍କିତ ଯାଦବ, ପପୁ ରାୟ, ପ୍ରବୀଣ ଲୋହା(ଉଇକେଟ କିପର), ରାଜେଶ ଧୂପର(ଉଇକେଟ କିପର), ଶୁଭମ ନାୟକ, ଆଶୁତୋଷ ଦାସ। ରଶ୍ମୀ ରଞ୍ଜନ ପରିଡ଼ା-କୋଚ୍, ଶୁଭକାନ୍ତ ସାହୁ-ଫିଜିଓ, ମନୋଜ କୁମାର ବିଶ୍ୱାଳ-ଟ୍ରେନର, ସଂଗ୍ରାମ କୁମାର ଗୁମାନ ସିଂ-ମ୍ୟାନେଜର ।

# ଆନନ୍ଦ-କାର୍ଲସେନ ଇଡେନ ଘଣ୍ଟି ବଜାଇବେ

**କୋଲକାତା,୭।୧୧(ପି.ଟି.)**

**ଦିବାରାତ୍ର ଟେଷ୍ଟ**

ଆସନ୍ତା ୨୨ରୁ ୨୬ ତାରିଖ ମଧ୍ୟରେ ଇଡେନ ଗାର୍ଡେନ ଷ୍ଟାଡିୟମରେ ଭାରତ ଓ ବାଂଲାଦେଶ ମଧ୍ୟରେ ଦିବାରରାତ୍ର ଟେଷ୍ଟ ମ୍ୟାଚ୍ ଖେଳାଳିବ। ଭାରତ ପ୍ରଥମଥର ପାଇଁ ଦିବାରାତ୍ର ଟେଷ୍ଟ ଖେଳିବାକୁ ଯାଉଥିବା ବେଳେ ଏହି ଐତିହାସିକ ମୁହୂର୍ତ୍ତରେ ଦୁଇ ଚେସ୍ ସୁପରଷ୍ଟାର ବିଶ୍ୱନାଥନ ଆନନ୍ଦ ଓ ନରୱେର ମାଗ୍ନସ କାର୍ଲସେନ ଇଡେନ ଗାର୍ଡନର ଘଣ୍ଟି ବଜାଇବେ। ପରମ୍ପରା ଦୃଷ୍ଟିକୋଣରୁ ପୂର୍ବତନ ବିଶ୍ୱ ଚାମ୍ପିୟନ ଆନନ୍ଦ ଓ ଏବେକାର ବିଶ୍ୱ ଚାମ୍ପିୟନ କାର୍ଲସେନ ମ୍ୟାଚ୍‌ର ୫ ଦିନ ମଧ୍ୟରେ ଗୋଟିଏ ଦିନରେ ଘଣ୍ଟି ବଜାଇବେ। ନବନିର୍ବାଚିତ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲିଙ୍କ ଇଚ୍ଛା ଅନୁଯାୟୀ ଏହି କାର୍ଯ୍ୟସମ୍ପନ୍ନ ହେବ। ତେବେ କାର୍ଲସେନ ଖୁବଶୀଘ୍ର ଏ ନେଇ ସମ୍ମତି ଜଣାଇବେ ବୋଲି ଆଶା କରାଯାଉଛି। ଗ୍ରାଣ୍ଡ ଚେସ୍ ଟୁରର ଅଂଶସ୍ୱରୂପ ଟାଟା



ଷ୍ଟିଲ୍ ଚେସ ଇଣ୍ଡିଆ- ରାପିଡ ଓ ବ୍ଲିଜ ୨୦୧୯ ପ୍ରତିଯୋଗିତାରେ ଏହି ତାରକା ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି।

ଇଡେନ ଘଣ୍ଟି ବଜାଇବାକୁ ବିସିସିଆଇ କାର୍ଲସେନଙ୍କୁ ନିମନ୍ତ୍ରଣ କରିଛି। ଯଦି ସମୟ ମିଳେ ତା'ହେଲେ ଆନନ୍ଦ ଓ କାର୍ଲସେନ କୌଣସି ଗୋଟିଏ ଦିନରେ ଉପସ୍ଥିତ ରହିବେ ଗୁରୁବାର ଏହି ଗସ୍ତର ବ୍ରାଣ୍ଡିଂ ପାର୍ଟନର ଓ ଅଫିସିଆଲ ସ୍ପୋନସର ଓ ଗେମ୍‌ପ୍ଲାନ ସ୍ପୋର୍ଟ୍ସ ନିର୍ଦ୍ଦେଶକ ଜିତ୍ ବାନାର୍ଜୀ କହିଛନ୍ତି। ଆନନ୍ଦ ନିମନ୍ତ୍ରଣ ସ୍ୱୀକାର କରି ସାରିଛନ୍ତି ବୋଲି କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ତରଫରୁ କୁହାଯାଇଛି। ତେବେ କାର୍ଲସେନଙ୍କ ସମ୍ମତିକୁ ଅପେକ୍ଷା କରାଯାଇଛି। ମ୍ୟାଚ୍ ଅପରାହ୍ନ ୧ଟାରେ ଆରମ୍ଭ ହେବ। ପ୍ରଥମ ଦିବସରେ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଇଡେନ ଘଣ୍ଟି ବଜାଇବା ପରେ ମ୍ୟାଚ ଆରମ୍ଭ ହେବ। ଏହି ଅବସରରେ ଏକାଧିକ ଭାରତୀୟ କ୍ରୀଡ଼ା ତାରକା ଉପସ୍ଥିତ ରହିବେ। ସେମାନଙ୍କ ମଧ୍ୟରେ ସାନିଆ ମିର୍ଜା, ମହିଳା ବ୍ୟାଡମିଣ୍ଟନ ତାରକା ପି.ଭି. ସିନ୍ଧୁ ଓ ବକ୍ସିଂ ସୁପରଷ୍ଟାର ଏମ୍.ସି. ମେରୀକମ ସାମିଲ ରହିଛନ୍ତି।

ଏହି ଅବସରରେ ୨୦୦୦ରେ ଭାରତ ଓ ବାଂଲାଦେଶ ମଧ୍ୟ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ ଖେଳିଥିବା କ୍ରିକେଟରଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ମ୍ୟାଚ୍‌ରେ ଗାଙ୍ଗୁଲି ଅଧିନାୟକ ହିସାବରେ ପଦାର୍ପଣ କରିଥିଲେ। ମ୍ୟାଚ୍‌ର ପ୍ରଥମ ଦିନରେ ଏକ ହେଲିକାପ୍ଟର ଇଡେନ ଗାର୍ଡେନ ପରିକ୍ରମା କରିବ। ଏଥିରୁ ଜଣେ ସ୍କାଏ ଡାଇଭର ଟ୍ରଫି ସହ ଉଡିଆସି ଗ୍ରାଉଣ୍ଡରେ ପହଞ୍ଚିବ।

# ଫାଇନାଲରେ ସ୍ପୋର୍ଟିଂ ୟୁନିୟନ ଝାଡ଼ଖଣ୍ଡ

**ଧର୍ମଶାଳା,୭।୧୧(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଜାରକାସ୍ଥିତ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଧର୍ମଶାଳା ମହୋତ୍ସବ ପଡ଼ିଆରେ ଆୟୋଜିତ ସର୍ବଭାରତୀୟ ୧୦ମ ବାର୍ଷିକ ସିକୁ କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ଗୁରୁବାର ପ୍ରଥମ ସେମି ଫାଇନାଲ ମ୍ୟାଚ୍ ଶେଷ ହୋଇଛି। ଏଥିରେ ରାଇଜିଂ ଷ୍ଟୁଡେଣ୍ଟ କଟକକୁ ୮ ଉଇକେଟ୍‌ରେ ହରାଇ ସ୍ପୋର୍ଟିଂ ୟୁନିୟନ ଝାଡଖଣ୍ଡ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ରାଇଜିଂ ଷ୍ଟୁଡେଣ୍ଟ ଦଳ ନିର୍ଦ୍ଧାରିତ ୩୦ ଓଭର୍‌ରୁ ୨୯ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୬୨ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଜ୍ଞାନଜ୍ୟୋତି ରାୟ ୮୩ ଏବଂ ସୁଜିତ ଲେଙ୍କା ୫୭ ରନ୍ କରିଥିଲେ। ବିପକ୍ଷ ଝାଡ଼ଖଣ୍ଡ ଦଳର କାର୍ତ୍ତିକ ଯାଦବ ୫ ଓ ସୋନୁ ସିଂ ୨ ଉଇକେଟ ପାଇଥିଲେ। ଜବାବ୍‌ରେ ୟୁନିୟନ ସ୍ପୋର୍ଟିଂ ଦଳ ୧୮.୪ ଓଭର୍‌ରେ ୨ ଉଇକେଟ୍ ହରାଇ ୨୬୫ ରନ୍ କରି ବିଜୟୀ ହୋଇଛି। ଦଳ ପକ୍ଷରୁ ରାଜୁ ଯାଦବ ୧୧୯ ରନ୍ ଓ ଅବିନାଶ ଯାଦବ ୮୯ ରନ୍ କରିଥିଲେ। ପ୍ରାଣନାଥ ଜେନା ଓ ଖଗେଶ୍ୱର ମଲିକ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବରିଷ୍ଠ ଖବରଦାତା ପୂର୍ଣ୍ଣଚନ୍ଦ୍ର ଶତପଥୀ ଓ ଏମ୍‌ପି ପ୍ରତିନିଧି ପ୍ରକାଶ ସାମଲ ଅତିଥିଭାବେ ଯୋଗଦେଇ ବିଜୟୀ ଦଳ ରାଜୁ ଯାଦବଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଶୁକ୍ରବାର ଓଡ଼ିଶା ଏକାଦଶ ମହିଳା ଦଳ ସହିତ ରାଇପୁର ଏକାଦଶ ଓ ସୋଲାପୁର ମହିଳା ଦଳ ସହିତ ମହାରାଷ୍ଟ୍ର ମହିଳା ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହେବା ନେଇ ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି।



ଅତିଥିଙ୍କଠାରୁ ରାଜୁ ଯାଦବ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

**୧୦ମ ସିକୁ କପ୍ କ୍ରିକେଟ ଟୁର୍ନାମେଣ୍ଟ**

# କଟକ-ଏ, ଖୋର୍ଦ୍ଧା ଫାଇନାଲରେ

**କଟକ ଅଫିସ,୭।୧୧**

ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୨୫ତମ ଆନ୍ତଃ ଜିଲା ଓ ରାଜ୍ୟ ଟେବୁଲ ଟେନିସ (ଟିଟି)ଚାମ୍ପିୟନଶିପରେ ଗୁରୁବାର ବିଭିନ୍ନ ବୟସ ବର୍ଗର କ୍ୱାର୍ଟର ଫାଇନାଲ, ସେମିଫାଇନାଲ ମ୍ୟାଚ ଖେଳାଯାଇଥିଲା। ଏହି ପ୍ରତିଯୋଗିତା ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଛି। ଜୁନିୟର ବାଳକ ଦଳଗତ ଇଭେଣ୍ଟରେ କଟକ-ଏ ଓ ଖୋର୍ଦ୍ଧା ଫାଇନାଲରେ ପ୍ରବେଶ କରିଛନ୍ତି। କଟକ-ଏ ୩-୦ ସେଟରେ କିଟ୍‌କୁ ଓ ଖୋର୍ଦ୍ଧା ୩-୨ ସେଟରେ ଭୁବନେଶ୍ୱରକୁ ହରାଇଥିଲା। କ୍ୟାଡେଟ ବାଳିକା ଇଭେଣ୍ଟରେ ସାଧିକା ସଦାଭରମ, ଉର୍ଜା ବର୍ମା, ସାକ୍ଷୀ ଭଗତ, ଭୂମିକା ବଳ ସେମିଫାଇନାଲରେ ପ୍ରବେଶ କରିଛନ୍ତି। କ୍ୟାଡେଟ ବାଳକ ଇଭେଣ୍ଟରେ ଆନିନ୍ଦ୍ୟ ଦାସ, ଜିଜ୍ଞାସୁ ସାହୁ, ଶ୍ରେୟାନ ଦାସ, ଅର୍ଚ୍ଚିତ କୁମାର ବେହେରା ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ସେମି ଫାଇନାଲରେ ଆନିନ୍ଦ୍ୟ-ଜିଜ୍ଞାସୁ ଓ ଅର୍ଚ୍ଚିତ-ଶେୟାନଙ୍କ ମଧ୍ୟରେ ମୁକାବିଲା ହେବ। ସବ୍‌ଜୁନିୟର ବାଳିକା ସିଙ୍ଗଲ୍ସରେ ଶ୍ୱେତପଦ୍ମା ଦଳାଇ, ସୋହାଲିକା ସଦାଭରମ, ବୈଶାଖୀ ବଳ, ସୁଶ୍ରୀ ପଟ୍ଟନାୟକ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସବ୍‌ଜୁନିୟର ବାଳକ ସିଙ୍ଗଲ୍ସର କ୍ୱାର୍ଟରଫାଇନାଲ ତାଲିକା ଚୂଡ଼ାନ୍ତ ହୋଇଛି। ଏଥିରେ ଆନିନ୍ଦ୍ୟ ଦାସ, ଶ୍ରେୟାସ ସାହୁ, ନକୁଲ ଜାମୁଲା, ଆୟୁଷ ମହାନ୍ତି, ଦ୍ୱାରିକାନାଥ ସ୍ୱାଇଁ, ଅଙ୍କୁର ବିଶ୍ୱାଳ, ସନ୍ତୋଷ ପ୍ରୀତମ କ୍ୱାର୍ଟରରେ ପ୍ରବେଶ କରିଛନ୍ତି ।



ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ବାଳିକା ବିଭାଗରେ ଅନୁଷ୍ଠିତ ମ୍ୟାଚ୍।

**ଆନ୍ତଃ ଜିଲା ଓ ରାଜ୍ୟ ଟିଟି ଚାମ୍ପିୟନଶିପ**



❝ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଦ୍ୱିତୀୟ ସଂସ୍କରଣରେ ଭାରତ ପ୍ରଥମ ପଦାର୍ପଣ କରିବ। ଟୋକିଓ ଅଲିମ୍ପିକ୍ସ ପ୍ରସ୍ତୁତି କ୍ଷେତ୍ରରେ ଏହା କାର୍ଯ୍ୟ କରିବ।
–ରୂପିନ୍ଦର ପାଲ ସିଂ, ଭାରତୀୟ ଡ୍ରାଗ୍‌ଫ୍ଲିକର



❝ ଆସନ୍ତା ବର୍ଷ ଅଷ୍ଟ୍ରେଲିଆନ୍ ଓପନ୍ ପାଇଁ ରଡ୍ ଲାଭରଙ୍କୁ ଯେପରି ଆନୁଷ୍ଠାନିକ ନିମନ୍ତ୍ରଣ କରାଯାଇଛି, ମୁଁ ଟେନିସ୍ ଅଷ୍ଟ୍ରେଲିଆଠାରୁ ତାହା ଆଶା କରୁଥିଲି।
–ମାର୍ଗାରେଟ୍ କୋର୍ଟ, ଅଷ୍ଟ୍ରେଲୀୟ ଟେନିସ୍ କିମ୍ବଦନ୍ତୀ

## ସଂକ୍ଷେପରେ

### ଗୌତମଙ୍କ ଚୁକ୍ତି ବାତିଲ କଲା ଜିସିଏ

ବେଙ୍ଗାଲୁରୁ,୭।୧୧(ପି.ଟି.)- କେପିଏଲ ମ୍ୟାଚ୍ ଫିକ୍ସିଂରେ ଜଡ଼ିତ ହୋଇ ଗିରଫ ହୋଇଥିବା ସି.ଏମ୍. ଗୌତମଙ୍କ ଚୁକ୍ତିକୁ ଗୁରୁବାର ଗୋଆ କ୍ରିକେଟ ଆସୋସିଏଶନ (ଜିସିଏ) ବାତିଲ କରି ଦେଇଛି। ଏଥିସହିତ ଆସୋସିଏଶନ ପକ୍ଷରୁ ନୂଆ ଅଧିନାୟକ ଘୋଷଣା କରାଯାଇଛି। ଦର୍ଶାନ ମିସାଲଙ୍କୁ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଥିବା ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟ ଲାଗି ଗୋଆ ଦଳର ନେତୃତ୍ୱ ଦିଆଯାଇଛି। ପୂର୍ବତନ ଉଇକେଟକିପର ବ୍ୟାଟ୍ସମ୍ୟାନଙ୍କ ଗିରଫ ଖବର ପାଇବା ପରେ ଆମେ ତାଙ୍କ ଚୁକ୍ତି ବାତିଲ କରିଦେଇଛୁ। ଏ ସମ୍ପର୍କରେ ଆମେ ବିସିସିଆଇକୁ ପତ୍ର ଲେଖିଛୁ। ଦଳରେ ନୂଆ ଖେଳାଳି ଭାବେ ପ୍ରଥମେଶଙ୍କୁ ସାମିଲ କରାଯାଇଛି ବୋଲି ଜିସିଏ ସମ୍ପାଦକ ବିପୁଲ ଫାଡ୍‌କେ କହିଛନ୍ତି। ସୟଦ ମୁସ୍ତାକ ଅଲିର ପ୍ରଥମ ମ୍ୟାଚ୍‌ରେ ଗାଆ ବିଶାଖାପାଟଣାରେ ବରୋଦାକୁ ଭେଟିବ।

### କେପିଏଲ ଫ୍ରାଞ୍ଚାଇଜ ବେଲଗାଭି ପାନ୍ଥର୍ସ ବାସନ୍ଦ

ବେଙ୍ଗାଲୁରୁ,୭।୧୧(ପି.ଟି.)- ମ୍ୟାଚ୍ ଫିକ୍ସିଂର କଳା ବାଦଲରେ ଘେରି ହୋଇଯାଇଥିବା କର୍ଣ୍ଣାଟକ ପ୍ରିମିୟର ଲିଗ୍ (କେପିଏଲ)ରୁ ବେଲଗା ପାନ୍ଥର୍ସ ଫ୍ରାଞ୍ଚାଇଜକୁ ବାସନ୍ଦ କରାଯାଇଛି। ଏ ନେଇ ଗୁରୁବାର ଘୋଷଣା କରିଛି କର୍ଣ୍ଣାଟକ କ୍ରିକେଟ ଆସୋସିଏଶନ। ମ୍ୟାଚ୍ ଫିକ୍ସିଂରେ ଏପର୍ଯ୍ୟନ୍ତ ଗିରଫ ହୋଇଥିବା ୬ ଜଣଙ୍କ ମଧ୍ୟରେ ପାନ୍ଥର୍ସ ଫ୍ରାଞ୍ଚାଇଜ ମାଲିକ ଅଲି ଅସଫାକ ଥାରା ରହିଛନ୍ତି। ପ୍ରାଥମିକ ତଦନ୍ତ ରିପୋର୍ଟକୁ ଭିତ୍ତି କରି କେଏସ୍‌ସିଏ ପନ୍ଥର୍ସ ଫ୍ରାଞ୍ଚାଇଜ ମାଲିକଙ୍କୁ ସସପେଣ୍ଡ କରିଛି। ଏହି ସ୍କାଣ୍ଡାଲରେ ସେମାନଙ୍କ ହାତ ଥିବା ଜଣାପଡ଼ିଲେ, ଫ୍ରାଞ୍ଚାଇଜକୁ ସମାପ୍ତ କରାଯିବ ବୋଲି ଆସୋସିଏଶନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ମ୍ୟାଚ୍ ଫିକ୍ସିଂରେ ଜଡ଼ିତ ଥିବା ଅନ୍ୟ ଫ୍ରାଞ୍ଚାଇଜ, ଖେଳାଳି, ସପୋର୍ଟ ଷ୍ଟାଫ ଓ ମ୍ୟାଚ୍ ଅଫିସିଆଲଙ୍କ ସମ୍ପୃକ୍ତି ଥିଲେ ସେମାନଙ୍କୁ ତୁରନ୍ତ ବାସନ୍ଦ କରାଯିବ।

### ସାତ୍ୱିକ ସାଇରାଜ-ଚିରାଗ କ୍ୱାର୍ଟରରେ

ଫୁଝୋଉ,୭।୧୧(ପି.ଟି.)- ଭାରତୀୟ ପୁରୁଷ ଡବଲ୍ସ ଖେଳାଳି ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟିଙ୍କ ଯୋଡ଼ି ଏଠାରେ ଚାଲିଥିବା ଚାଇନା ଓପନ କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ସାତ୍ୱିକ ଓ ଚିରାଗଙ୍କ ଯୋଡ଼ି ୬ଷ୍ଠ ସିଡ୍ ଜାପାନର ହିରୋୟୁକି ଇଣ୍ଡୋ ଓ ୟୁତା ୱାଟାନାବେଙ୍କୁ ୨୧-୧୮, ୨୧-୨୩, ୨୧-୧୧ ଗେମ୍‌ରେ ହରାଇ ଦେଇଛନ୍ତି। ଏହି ବିଜୟ ଲାଗି ଭାରତୀୟ ଯୋଡ଼ିକୁ ଏକ ଘଣ୍ଟା ୪ ମିନିଟ୍ ଧରି ସଂଘର୍ଷ କରିବାକୁ ପଡ଼ିଥିଲା। ଅନ୍ୟପକ୍ଷରେ ସିଙ୍ଗଲ୍ସ ବର୍ଗରେ ଭାରତର ଅଭିଯାନ ଶେଷ ହୋଇଛି। ପାରୁପଲ୍ଲୀ କାଶ୍ୟପ ଓ ବି. ସାଇ ପ୍ରଣୀଥ ଦ୍ୱିତୀୟ ରାଉଣ୍ଡ ବାଧା ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ଏକ ଘଣ୍ଟା ୨୪ ମିନିଟ୍ ଧରି ଚାଲିଥିବା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ବିଶ୍ୱର ୧୧ ନମ୍ବର ଖେଳାଳି ପ୍ରଣୀଥ ୨୨-୨୦, ୨୦-୨୨, ୨୬-୨୧ ଗେମ୍‌ରେ ଡେନମାର୍କର ଆଣ୍ଡର୍ସ ଆଣ୍ଟୋସେନଙ୍କଠାରୁ ପରାସ୍ତ ହୋଇଛନ୍ତି। ସେହିଭଳି କାଶ୍ୟପ ୧୩-୨୧, ୧୯-୨୧ ଗେମ୍‌ରେ ଭିକ୍ଟର ଆଲସେନଙ୍କଠାରୁ ପରାଜୟ ବରଣ କରିଛନ୍ତି। ମିକ୍ସଡ୍ ଡବଲ୍ସ ବର୍ଗରେ ରାଙ୍କିରେଡ୍ଡୀ ଓ ଅଶ୍ୱିନୀ ପୋନାପ୍ପାଙ୍କୁ ମଧ ସମାନ ଦଶା ଭୋଗିବାକୁ ପଡ଼ିଛି।

# ସିରିଜ୍ ଜିତିଲା ଭାରତୀୟ ମହିଳା ଦଳ




ଟ୍ରଫି ସହ ଭାରତୀୟ ମହିଳା କ୍ରିକେଟ ଦଳର ଖେଳାଳିମାନେ।

**ଆଣ୍ଟିଗୁଆ,୭।୧୧**

ସ୍ମୃତି ମନ୍ଧାନା ଓ ଜେମିମା ରୋଡ୍ରିଗୁଏଜଙ୍କ ଅର୍ଦ୍ଧଶତକ ବଳରେ ଭାରତୀୟ ଦଳ ଏଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳାଯାଇଥିବା ୩ୟ ଦିନିକିଆରେ ୬ ଉଇକେଟରେ ବିଜୟ ହାସଲ କରିଛି। ଏଥିସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଭାରତୀୟ ଦଳ ୨–୧ରେ ଜିତି ନେଇଛି। ମ୍ୟାଚ୍‌ରେ ଅର୍ଦ୍ଧଶତକୀୟ ଇନିଂସ ଅବସରରେ କ୍ୟାରିୟରର ଦୁଇ ହଜାର ରନ୍ ପୂରଣ କରିଥିବା ମନ୍ଧାନାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ସାର୍ ଭିଭିଆନ ରିଚାର୍ଡ୍ସ ଷ୍ଟାଡିୟମରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦଳ ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ଯୋଗୁ ବଡ଼ ସ୍କୋର ଛିଡ଼ା କରିପାରି ନ ଥିଲା। ଦଳ ୫୦ ଓଭରରେ ୧୯୪ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଅଧିନାୟିକା ଷ୍ଟେଫିନି ଟେଲର ସର୍ବାଧିକ ୭୯ ରନ୍ କରିଥିବାବେଳେ ଷ୍ଟାକି ଆନ କିଙ୍ଗ୍ ୩୮ ଓ ଓପନର ହେଲି ମାଥ୍ୟୁସ ୨୬ ରନ୍ କରିଥିଲେ। ଭାରତ ପକ୍ଷରୁ ବୋଲିଂରେ ଝୁଲଣ ଗୋସ୍ୱାମୀ ଓ ପୁନମ ଯାଦବ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଶିଖା ପାଣ୍ଡେ, ରାଜେଶ୍ୱରୀ ଗାଏକ୍ୱାଡ ଓ ଦୀପ୍ତି ଶର୍ମା ପ୍ରତ୍ୟେକ ଗୋଟିଏ କରି ଉଇକେଟ ହାସଲ କରିଥିଲେ। ଜବାବରେ ରୋଡ୍ରିଗୁଏଜ ଓ ମନ୍ଧାନାଙ୍କ ଓପନିଂ ଯୋଡ଼ି ୨୫ ଓଭରରେ ୧୪୧ ରନ୍ କରି ଭାରତୀୟ ଦଳର ବିଜୟ ସୁନିଶ୍ଚିତ କରିଦେଇଥିଲେ। ରୋଡ୍ରିଗୁଏଜ ୬୯ ଓ ମନ୍ଧାନା ୭୪ ରନ୍ କରିବା ପରେ ମାଥ୍ୟୁସଙ୍କ ବଲରେ ଆଉଟ ହୋଇ ପ୍ୟାଭେଲିଅନ ଫେରିଥିଲେ। ଏହାପରେ ଅଧିନାୟିକା ମିଥାଲି ରାଜ (୨୦) ଓ ପୁନମ (୨୪) ୩ୟ ଉଇକେଟ ପାଇଁ ୪୦ ରନ୍ ଯୋଡ଼ିଥିଲେ। ଦୁହେଁ ଆଉଟ୍ ହେବା ପରେ ଦୀପ୍ତି ଏକ ଚୌକା ଲଗାଇ ଦଳକୁ ବିଜୟ ଭେଟି ଦେଇଥିଲେ। ଘରୋଇ ଦଳ ପକ୍ଷରୁ ମାଥ୍ୟୁସ ୩ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ– ୫୦ ଓଭରରେ ୧୯୪/୧୦ (ଷ୍ଟେଫିନି ଟେଲର ୭୯, ଷ୍ଟାକି ଆନ କିଙ୍ଗ୍ ୩୮, ହେଲି ମାଥ୍ୟୁସ ୨୬, ଝୁଲଣ ଗୋସ୍ୱାମୀ ୨/୩୦, ପୁନମ ଯାଦବ ୨/୩୫)।
ଭାରତ– ୪୨.୧ ଓଭରରେ ୧୯୫/୪ (ସ୍ମୃତି ମନ୍ଧାନା ୭୪, ଜେମିମା ରୋଡ୍ରିଗୁଏଜ ୬୯, ପୁନମ ରାଉତ ୨୪, ହେଲି ମାଥ୍ୟୁସ ୩/୨୭)।

## କୋହଲିଙ୍କୁ ପଛରେ ପକାଇଲେ ମନ୍ଧାନା




ଭାରତୀୟ ମହିଳା ଦଳର ବାମହାତୀ ଓପନର ସ୍ମୃତି ମନ୍ଧାନା ନିଜ କ୍ୟାରିୟରରେ ଆଉ ଏକ ସଫଳତାର ଫର୍ଦ୍ଦ ଯୋଡ଼ିଛନ୍ତି। ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ଖୁବ କମ୍ ଇନିଂସ ଖେଳି ଦୁଇ ହଜାର ରନ୍ ପୂରଣ କରିଥିବା ଭାରତୀୟ କ୍ରିକେଟର(ଉଭୟ ବ୍ୟାଟ୍ସମ୍ୟାନ ଓ ବ୍ୟାଟ୍ସଓମ୍ୟାନ)ଙ୍କ ତାଲିକାରେ ମନ୍ଧାନା ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏପରି କି ଦେଶର ବହୁ ମାଇଲଷ୍ଟୋନ ଅଧିକାରୀ ବିରାଟ କୋହଲିଙ୍କୁ ମଧ ପଛରେ ପକାଇ ଦେଇଛନ୍ତି। ୨୩ ବର୍ଷୀୟା ବ୍ୟାଟ୍ସଓମ୍ୟାନ କ୍ୟାରିୟରର ମାତ୍ର ୫୧ ତମ ଇନିଂସରେ ୨୦୦୦ ରନ୍ ପୂରଣ କରିଛନ୍ତି। ତେବେ ବିଶ୍ୱ କ୍ରିକେଟରେ ଦୁଇ ହଜାର ରନ୍ ପୂରଣ କରିବାରେ ଦ୍ରୁତତମ ବ୍ୟାଟ୍ସଓମ୍ୟାନ ହେଉଛନ୍ତି ବେଲିଣ୍ଡା କ୍ଲାର୍କ (୪୧ ଇନିଂସ)। ତାଙ୍କ ପଛକୁ ୪୫ ଇନିଂସରେ ଦୁଇ ହଜାର ପୂରଣ କରିଥିବା ମେଗ ଲାନିଂ ରହିଛନ୍ତି। ମନ୍ଧାନା ଏହି ତାଲିକାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେ ଏପର୍ଯ୍ୟନ୍ତ ୫୧ ଦିନିକିଆ ଖେଳି ୪୩.୦୮ ହାରରେ ୨୦୨୫ ରନ୍ କରିଛନ୍ତି। ଏଥିରେ ୪ ଶତକ ଓ ୧୭ ଅର୍ଦ୍ଧଶତକ ରହିଛି। ୨୦୦୦ ରନ୍ ପୂରଣ କରିବାରେ ଶିଖର ଧାୱନ ଭାରତୀୟଙ୍କ ମଧ୍ୟରେ ଦ୍ରୁତତମ। ସେ କ୍ୟାରିୟରର ୪୮ତମ ଇନିଂସରେ ଏହି ମାଇଲଷ୍ଟୋନ ସ୍ପର୍ଶ କରିଥିଲେ। ଅନ୍ୟପକ୍ଷରେ ଭାରତୀୟ ପୁରୁଷ ଦଳର ଅଧିନାୟକ କୋହଲିଙ୍କୁ ୨ ହଜାର ରନ୍ କରିବା ପାଇଁ ୫୩ ଇନିଂସ ଲାଗିଥିଲା। ପୁରୁଷ କ୍ରିକେଟରେ ଦକ୍ଷିଣ ଆଫ୍ରିକାର ଅବସରପ୍ରାପ୍ତ ହାସିମ ଆମଲାଙ୍କ ନାମରେ ଏହି ରେକର୍ଡ ରହିଛି। ସେ ମାତ୍ର ୪୦ତମ ଇନିଂସରେ ଦୁଇ ହଜାର ରନ ପୂରଣ କରିଥିଲେ।

## ଆଇପିଏଲ ମ୍ୟାଚ୍ ପୂର୍ବରୁ ହୋଇପାରେ ଜାତୀୟ ସଙ୍ଗୀତ ଗାନ

**ନୂଆଦିଲ୍ଲୀ,୭।୧୧(ପି.ଟି.)**

ପ୍ରତିଟି ଆଇପିଏଲ ମ୍ୟାଚ୍ ପୂର୍ବରୁ ଜାତୀୟ ସଙ୍ଗୀତ ଗାନ କରାଯିବା ଲାଗି କିଙ୍ଗ୍ସ ଏକାଦଶ ପଞ୍ଜାବ ସହ ମାଲିକ ନେସ ୱାଡିଆ ଲିଖିତ ଭାବେ ବିସିସିଆଇକୁ ପ୍ରସ୍ତାବ ଦେଇଛନ୍ତି। ସାଧାରଣତଃ ଜାତୀୟ ସଙ୍ଗୀତ ଅନ୍ତର୍ଜାତୀୟ ମ୍ୟାଚ୍ ପୂର୍ବରୁ ଗାନ କରାଯାଏ। ବିଶ୍ୱର ନମ୍ବର ୱାନ କ୍ରିକେଟ ଲିଗ୍‌ରେ ଏହି ବ୍ୟବସ୍ଥା କରାଯିବା ଦରକାର ବୋଲି ୱାଡିଆ ଯୁକ୍ତି ବାଢ଼ିଛନ୍ତି। ଏଥିସହ ବିସିସିଆଇ ବ୍ୟୟବହୁଳ ଆଇପିଏଲ ଉଦ୍‌ଘାଟନୀ ଉତ୍ସବକୁ ବନ୍ଦ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ଆଇପିଏଲର ଉଦ୍‌ଘାଟନୀ ଉତ୍ସବ ଆୟୋଜନ ନ କରାଯିବା ଏକ ଭଲ ପଦକ୍ଷେପ। ଆବଶ୍ୟକତା ନ ଥାଇ ମଧ ଏଥିରେ ଅତ୍ୟଧିକ ଖର୍ଚ୍ଚ କରାଯାଉଛି। ଏ ସମ୍ପର୍କରେ ମୁଁ ପୂର୍ବରୁ ମଧ ବିସିସିଆଇକୁ ପତ୍ର ଲେଖିଥିଲି। ଏବେ ମୁଁ ବିସିସିଆଇର ନୂଆ ସଭାପତି ସୌରଭ ଗାଙ୍ଗୁଲିଙ୍କୁ ଲେଖିଛି ବୋଲି ୱାଡିଆ କହିଛନ୍ତି। ଜାତୀୟ ସଙ୍ଗୀତ ଇଣ୍ଡିଆନ ସୁପର ଲିଗ୍ ଓ ପ୍ରୋ କବାଡି ଲିଗ୍‌ରେ ମଧ ଗାନ କରାଯାଉଛି। ଚଳିତ ସପ୍ତାହରେ ଆଇପିଏଲ ଗଭର୍ଣ୍ଣିଂ କରିଷଦ ବୈଠକରେ ବହୁ ଫ୍ରାଞ୍ଚାଇଜ ବିଦେଶରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବା ଲାଗି ଇଚ୍ଛା ପ୍ରକଟ କରିଥିଲେ। ତେବେ ଏଥିନେଇ ଆଇସିସିର ଭବିଷ୍ୟତ କାର୍ଯ୍ୟସୂଚୀ (ଏଫ୍‌ଟିପି)କୁ ବିସ୍ତୃତ ଭାବେ ପରଖିବାକୁ ପଡ଼ିବ। ଏ ବିଷୟରେ ୱାଡିଆ କହିଛନ୍ତି, ଆଇପିଏଲ ବିଶ୍ୱର ସବୁଠୁ ଲୋକପ୍ରିୟ ଲିଗ୍। ଏହାର କଳେବର ବୃଦ୍ଧି ଦ୍ୱାରା ଆଇପିଏଲର ସମସ୍ତ ଅଂଶୀଦାରଙ୍କ ଲାଭାଂଶ ପରିମାଣ ବୃଦ୍ଧି ପାଇବ। ଦେଖିବାକୁ ଗଲେ, ବିଶ୍ୱର ବିଭିନ୍ନ ଫୁଟବଲ ଲିଗ୍ ସିଜନ ଆରମ୍ଭ ହେବା ପୂର୍ବରୁ ବିଦେଶରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିଥାନ୍ତି।

# ସାଇ ସୁନାବେଡ଼ା ବିଜୟୀ

**ନୟାଗଡ଼ ଅଫିସ, ୭।୧୧**

**ଶରଣକୁଳ ଫୁଟ୍‌ବଲ**

ନୟାଗଡ଼ ଜିଲା ଶରଣକୁଳ ଲଡୁକେଶ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଚାଲିଥିବା ୬୦ତମ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ସପ୍ତମ ଦିବସ ଖେଳ ସ୍ପୋର୍ଟିଂ କ୍ଲବ ଟାଟା ଓ ସାଇ ହାଲ ସୁନାବେଡ଼ା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିବା ବେଳେ ୮ ମିନିଟରେ ସୁନାବେଡ଼ା ଦଳର ବସନ୍ତ ବିପକ୍ଷ ଦଳକୁ ପ୍ରଥମ ଗୋଲ୍ ସ୍କୋର ଦେଇଥିଲେ। ଏହାପରେ ୧୩ତମ ମିନିଟରେ ଏହି ଦଳର ଦେବ ମାର୍କାନୀ ଆଉ ଏକ ଗୋଲ୍ ସ୍କୋର କରିଥିଲେ। ପରେ ଦେବ ପୁନର୍ବାର ଆଉ ୨ଟି ଗୋଲ୍ ସ୍କୋର କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ସୁନାବେଡ଼ା ୪–୦ ଗୋଲରେ ଅଗ୍ରଣୀ ଲାଭ କରିଥିଲା। ଖେଳର ଦ୍ୱିତୀୟାର୍ଦ୍ଧରେ ସୁନାବେଡ଼ା ଦଳ ଗୋଟିଏ ଗୋଲ ସ୍କୋର କରିବାରେ ସମର୍ଥ ହୋଇଥିଲେ। ପରେ ଟାଟା ଦଳ ୨ଟି ଗୋଲ୍ ପରିଶୋଧ କରି ଦେଇଥିଲେ। ଫଳରେ ସୁନାବେଡ଼ା ଦଳ ୫–୨ ଗୋଲ୍‌ରେ ବିଜୟୀ ହୋଇଥିଲା। ବିଜୟୀ ଦଳର ଖେଳାଳି ମଧୁ ଜେନାଙ୍କୁ ଗୁରୁବାର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଦିଗ୍‌ବିଜୟ ଦାସ ଖେଳ ପରିଚାଳନା କରିଥିବା ବେଳେ ରତ୍ନାକର ବାରିକ, ଲକ୍ଷ୍ମୀପ୍ରସାଦ, ଶିବ ପ୍ରସାଦ ଦାସ ଲାଇନ୍‌ରେ ସହାୟତା କରିଥିଲେ। ବିଷ୍ଣୁ ପ୍ରସାଦ ମିଶ୍ର ଖେଳରେ ଅତିଥିଭାବେ ଯୋଗ ଦେଇଥିଲେ। ଶୁକ୍ରବାର ମ୍ୟାଚ୍ ସ୍ପୋର୍ଟସ ହଷ୍ଟେଲ କଟକ ଓ ସାଇ ହାଲ୍ ସୁନାବେଡ଼ା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆସୋସିଏଶନର ସମ୍ପାଦକ ଯୋଗେନ୍ଦ୍ର ନାଥ ପ୍ରଧାନ ସୂଚନା ଦେଇଛନ୍ତି।

# କେପିଏଲ୍ ଫିକ୍ସିଂ ସ୍କାଣ୍ଡାଲ: ଗୌତମ, କାଜି ଗିରଫ

**ବେଙ୍ଗାଲୁରୁ,୭।୧୧(ପି.ଟି.)**



ସି.ଏମ୍. ଗୌତମ

ଆଇପିଏଲର ୩ ଦଳ ପାଇଁ ଖେଳିଥିବା ପ୍ରଥମ ଶ୍ରେଣୀ କ୍ରିକେଟର ସି.ଏମ୍. ଗୌତମ ଓ ତାଙ୍କର ପୂର୍ବତନ କର୍ଣ୍ଣାଟକ ସାଥୀ ଖେଳାଳି ଆବରାର କାଜିଙ୍କୁ ଗୁରୁବାର ଗିରଫ କରାଯାଇଛି। ଉଭୟେ କର୍ଣ୍ଣାଟକ ପ୍ରିମିୟର ଲିଗ୍ (କେପିଏଲ୍) ମ୍ୟାଚ୍ ଫିକ୍ସିଂ ପାଇଁ ଅର୍ଥ ନେଇଥିବା ଜଣାପଡ଼ିଛି। ବେଲାରି ଟସ୍କର୍ସ ଅଧିନାୟକ ତଥା ପୂର୍ବତନ ଉଇକେଟକିପର ବ୍ୟାଟ୍ସମ୍ୟାନ ଗୌତମ ଓ କାଜିଙ୍କୁ ସହରର ସେଣ୍ଟ୍ରାଲ କ୍ରାଇମ ବ୍ରାଞ୍ଚ (ସିସିବି) ଗିରଫ କରିଛି। କେପିଏଲର ଗତ ଦୁଇ ସିଜନରେ ସ୍ପଟ୍ ଫିକ୍ସିଂ ହୋଇଥିବା ଅଭିଯୋଗର ସିସିବି ତଦନ୍ତ କରୁଛି। କେପିଏଲ ଫିକ୍ସିଂରେ ଜଡ଼ିତ ଥିବା ଦୁଇ ଖେଳାଳିଙ୍କୁ ଗିରଫ କରାଯାଇଛି ବୋଲି ଅତିରିକ୍ତ କମିଶନର ପୋଲିସ ସନ୍ଦୀପ ପାଟିଲ କହିଛନ୍ତି। ତଦନ୍ତ ପ୍ରକ୍ରିୟାରେ ଆହୁରି ଖେଳାଳିଙ୍କ ଗିରଫ କରାଯାଇପାରେ। ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଥିବା ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟ ପାଇଁ ଘୋଷିତ ଗୋଆ ଓ ମିଜୋରାମ ଦଳରେ ଉଭୟ ଖେଳାଳି ସ୍ଥାନ ପାଇଛନ୍ତି। ପୋଲିସ କହିବା ଅନୁଯାୟୀ, ଚଳିତବର୍ଷ ବେଲାରି ଟସ୍କର୍ସ ଓ ହୁବଲି ଟାଇଗର୍ସ ମଧ୍ୟରେ ଖେଳାଯାଇଥିବା କେପିଏଲ ଫାଇନାଲରେ ଦୁହେଁ ଧୀମା ବ୍ୟାଟିଂ କରିବା ଲାଗି ୨୦ ଲକ୍ଷ ଟଙ୍କା ଗ୍ରହଣ କରିଥିଲେ। ହୁବଲି ଟାଇଗର୍ସ ୮ ରନ୍‌ରେ ଜିତି ଚାମ୍ପିୟନ ହୋଇଥିଲା। ଧୀମା ବ୍ୟାଟିଂ ଓ ଅନ୍ୟ କାରଣ ପାଇଁ ୨୦ ଲକ୍ଷ ଟଙ୍କା ନେଇଥିଲେ। ବେଙ୍ଗାଲୁରୁ ଦଳର ଖେଳାଳି ନିଶାନ୍ତ ସିଂ ଶେଖାୱତଙ୍କ ସହ ଚଳିତ ସପ୍ତାହରେ ପଚାରଉଚରା ପରେ ଏହି ସବୁ ଗିରଫ କରାଯାଇଛି। ଗତ ୨୬ ତାରିଖରେ ବେଙ୍ଗାଲୁରୁ ବ୍ଲାଷ୍ଟର୍ସ ବୋଲିଂ କୋଚ୍ ଭିନୁ ପ୍ରସାଦ ଓ ବ୍ୟାଟ୍ସମ୍ୟାନ ବିଶ୍ୱନାଥନ ଗିରଫ ହୋଇଥିଲେ। ୩୩ ବର୍ଷୀୟ ଗୌତମ ଦିଲ୍ଲୀ ଡେୟାରଡେଭିଲ୍ସ, ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗଲୋର (ଆରସିବି) ପାଇଁ ଆଇପିଏଲରେ ଖେଳିଛନ୍ତି। ସେହିଭଳି ୩୦ ବର୍ଷୀୟ କାଜି ୨୦୧୧ରେ ଆରସିବି ପାଇଁ ଖେଳିଥିଲେ। କିନ୍ତୁ ଛାପ ଛାଡ଼ିବାରେ ବିଫଳ ହୋଇଥିଲେ। ସେ ୧୭ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଛନ୍ତି। ସ୍କାଣ୍ଡାଲରେ ଜଡ଼ିତ ହେବାରେ ଗୌତମ ସବୁଠୁ ବଡ଼ ନାମ। ୯୪ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିବା ସହ ସେ କର୍ଣ୍ଣାଟକ ଦଳର ନିୟମିତ ସଦସ୍ୟ ଥିଲେ। ଚଳିତ ସିଜନରେ ସେ ଗୋଆ ପାଇଁ ଖେଳିବା ଆରମ୍ଭ କରିଥିଲେ।

ଶ୍ରବଣ ସମସ୍ୟା?
Free Hearing Check-up Camp (Going on at all Audizone Centres)
■ Exchange Offer ■ EMI Facility ■ Attractive Discount

ଶ୍ରବଣ ଯନ୍ତ୍ର
DIGITAL HEARING AID
signia Life sounds brilliant. SIEMENS
Signia GmbH is a Trademark Licensee of Siemens AG
Audizone Speech & Hearing Clinic
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123

## ଏସ୍‌ଜେଏଫ୍‌ଆଇ ନ୍ୟାଶନାଲ କନ୍‌ଫରେନ୍ସ

# ଟିମ୍ ଓସ୍‌ଜା ଫୁଟ୍‌ବଲ ରନର୍ସଅପ୍

**ଭୁବନେଶ୍ୱର, ୭।୧୧(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଜେଏଫ୍‌ଆଇ) ଆନୁକୂଲ୍ୟରେ ନାଗପୁରଠାରେ ଚାଲିଥିବା ଜାତୀୟ ସମ୍ମେଳନ (ନ୍ୟାଶନାଲ କନ୍‌ଫରେନ୍ସ) ଅନ୍ତର୍ଗତ ଫୁଟ୍‌ବଲ ପେନାଲ୍ଟି ଶୁଟ୍‌ଆଉଟ୍ ପ୍ରତିଯୋଗିତାରେ ଓଡ଼ିଶା କ୍ରୀଡ଼ା ଖବରଦାତା ସଂଘ (ଓସ୍‌ଜା) ରନର୍ସଅପ୍ ହୋଇଛି। ଅଧିନାୟକ ସଞ୍ଜୀବ ବିଶ୍ୱାଳ, ତପନ ସ୍ୱାଇଁ ଓ ସୌଭାଗ୍ୟ ରଥଙ୍କୁ ନେଇ ଗଠିତ ଟିମ୍ ଓସ୍‌ଜା ପ୍ରଥମ ମ୍ୟାଚ୍‌ରେ ଦିଲ୍ଲୀ, କ୍ୱାର୍ଟର ଫାଇନାଲରେ ତାମିଲନାଡୁ–ଏ ଓ ସେମିଫାଇନାଲରେ ବେଙ୍ଗାଲୁରୁ–ବି'କୁ ପରାସ୍ତ କରିଥିଲା। ତେବେ ଫାଇନାଲରେ ଟିମ୍ ଓସ୍‌ଜା ସଡନ୍ ଡେଥ୍‌ରେ ତ୍ରିପୁରା ନିକଟରୁ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲା। ସରଜୁ ଚକ୍ରବର୍ତ୍ତୀ, ପ୍ରଭାତ ଦେବନାଥ ଓ ଓସ୍‌ଜାର ସମ୍ପାଦକ



**ତପନ ଶ୍ରେଷ୍ଠ ଗଲ୍ଫର୍**

ସମ୍ବିତ ମହାପାତ୍ରଙ୍କୁ ନେଇ ତ୍ରିପୁରା ଦଳ ଗଠିତ ହୋଇଥିଲା। ଶୁକ୍ରବାର ହେବାକୁ ଥିବା ଉଦ୍‌ଯାପନୀ ଉତ୍ସବରେ ଦଳକୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଅପରପକ୍ଷରେ ଗୁରୁବାର ଖେଳାଯାଇଥିବା ଗଲ୍ଫ ପ୍ରତିଯୋଗିତାରେ ଓସ୍‌ଜା ୪ର୍ଥ ସ୍ଥାନରେ ରହି ଅଳ୍ପକେ ବ୍ରୋଞ୍ଜ ପଦକ ଜିତିବାରୁ ବଞ୍ଚିତ ହୋଇଥିଲା। କିନ୍ତୁ ଏହି ଦଳର ସଦସ୍ୟ ତପନ ସ୍ୱାଇଁ ପ୍ରତିଯୋଗିତାର ଶ୍ରେଷ୍ଠ ଗଲ୍ଫର ବିବେଚିତ ହୋଇଥିଲେ। ସେହିଭଳି ବାସ୍କେଟବଲରେ ଟିମ୍ ଓସ୍‌ଜା କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇଥିଲା। କ୍ରିକେଟ୍ ଓ ଟେବୁଲ ଟେନିସ ଫାଇନାଲ ଶୁକ୍ରବାର ଅନୁଷ୍ଠିତ ହେବ। ଦେବୀ ପ୍ରସନ୍ନ ମହାନ୍ତି ଟିମ୍ ଓସ୍‌ଜାର ମ୍ୟାନେଜର ରହିଛନ୍ତି।

## ଟାଟା ଷ୍ଟିଲ୍ ଗ୍ରାଣ୍ଡ ଚେସ୍ ଟୁର: ଆନନ୍ଦ, କାର୍ଲସେନ ଫେଭରାଇଟ

**କୋଲକାତା, ୭।୧୧(ପି.ଟି.)**

ଏଠାରେ ଆସନ୍ତା ୨୨ରୁ ୨୬ ତାରିଖ ମଧ୍ୟରେ ତାରକା ଖଚିତ ଟାଟା ଷ୍ଟିଲ ଚେସ୍ ଇଣ୍ଡିଆ ରାପିଡ୍ ଆଣ୍ଡ ବ୍ଲିଜ୍ ଟୁର୍ନାମେଣ୍ଟ ଆୟୋଜନ ହେବାକୁ ଯାଉଛି। ୫ଥର ବିଶ୍ୱ ଚାମ୍ପିୟନଶିପ୍ ହାସଲ କରିଥିବା ଭାରତ ବିଶ୍ୱନାଥନ ଆନନ୍ଦ ଏଥିରେ ଭଲ ପ୍ରଦର୍ଶନ କରି ବିଶ୍ୱ ଫାଇନାଲ୍ସରେ ସ୍ଥାନ ହାସଲ କରିବାକୁ ପ୍ରୟାସ କରିବେ। ଟାଟା ଷ୍ଟିଲ ଇଭେଣ୍ଟର ଏହି ଦ୍ୱିତୀୟ ସଂସ୍କରଣ ଗ୍ରାଣ୍ଡ ଚେସ୍ ଟୁରର ଅଂଶବିଶେଷ ହୋଇଛି। ୫ଦିନ ଧରି ଚାଲିବାକୁ ଥିବା ଏହି ଚେସ୍ ଇଭେଣ୍ଟ ଜଣାଶୁଣା ନ୍ୟାଶନାଲ ଲାଇବ୍ରେରିର ଭାଷା ଭବନ ଅଡିଟୋରିୟମରେ ଆୟୋଜନ ହେବ। ଏହି ଇଭେଣ୍ଟ ଗ୍ରାଣ୍ଡ ଚେସ୍ ଟୁରର ପେନଲ୍ଟିମେଟ୍ ଲେଗ୍ ସାବ୍ୟସ୍ତ ହୋଇଛି। ଅଲିମ୍ପିଆ ଲଣ୍ଡନରେ ଖେଳାଯିବାକୁ ଥିବା ଜିସିଟି ଫାଇନାଲ୍ସ ପାଇଁ ଏହି ଇଭେଣ୍ଟରୁ ଶ୍ରେଷ୍ଠ ୪ ଖେଳାଳି ଚୟନ ହେବେ।

ଆନନ୍ଦ ଏବେ ବୁକାରେଷ୍ଟ ସୁପରବେଟ ରାପିଡ ଆଣ୍ଡ ବ୍ଲିଜ୍ ଜିସିଟି ସରିକିଟ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରୁଛନ୍ତି। ରୁଷିଆର ଭ୍ଲାଡିସ୍ଲାଭ ଆରଟେମିଏଭକୁ ହରାଇ ଆନନ୍ଦ ତାଙ୍କ ଅଭିଯାନ ଜୋର୍‌ଦାର କରିଛନ୍ତି। ଆନନ୍ଦ ଏବେ ୨୪ ଜିସିଟି ପଏଣ୍ଟ ପାଇଁ ଅଷ୍ଟମ ସ୍ଥାନରେ ରହିଛନ୍ତି। ଗତବର୍ଷ ଆନନ୍ଦ ଟାଟା ଷ୍ଟିଲ ବ୍ଲିଜ୍ ଇଭେଣ୍ଟର ପ୍ରଥମ ସଂସ୍କରଣରେ ଚାମ୍ପିୟନ ହୋଇଥିଲେ। ଏଥର ଏହି ପ୍ରଦର୍ଶନ ବଜାୟ ରଖିବାକୁ ସେ ଚେଷ୍ଟା କରିବେ ବୋଲି କହିଛନ୍ତି।

ମନେ ପଡ଼ନ୍ତି

ସ୍ମୃତି ତର୍ପଣ
(୨୪ ତମ ଶ୍ରାଦ୍ଧବାର୍ଷିକୀ)

୰ବନଲତା ଦେବୀ
ଆବିର୍ଭାବ : ୦୮/୧୧/୧୯୨୬
ତିରୋଧାନ : ୦୩/୧୧/୧୯୯୫
ଚାହୁଁ ଚାହୁଁ ଚବିଶ ବର୍ଷ ହେଲା ତୁମେ ଇହଧାମ ତ୍ୟାଗ କରିବାର। ହେଲେ ତୁମର ଉପସ୍ଥିତି ମୁଁ ଆଜି ବି ଅନୁଭବ କରିପାରୁଛି। ଏହି ପବିତ୍ର କାର୍ତ୍ତିକ ମାସ, ଶୁକ୍ଳପକ୍ଷ, ବଡ଼ ଏକାଦଶୀ ତିଥିରେ (୨୪ ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ) ମୁଁ ମା' ଦୁର୍ଗାଙ୍କ ନିକଟରେ ତୁମର ଅମର ଆତ୍ମାର ସଦ୍‌ଗତି କାମନା କରୁଛି।
ଦେବୀ ପ୍ରସାଦ ମହାପାତ୍ର
ଧ–୬୮୦୨୩

ପ୍ରଥମ ଶ୍ରାଦ୍ଧବାର୍ଷିକୀ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ସୁରେନ୍ଦ୍ର ଦାଶ୍
ସ୍ଥାନ: ଚୌଦ୍ୱାରସ୍ଥିତ ଯାଜଭୈରବ ନୂଆଗାଁ, କଟକ
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମମାନଙ୍କର ଅଶ୍ରୁଳ ପ୍ରାର୍ଥନା।
ଶୋକସନ୍ତପ୍ତ:
ସ୍ତ୍ରୀ, ଝିଅ, ଜ୍ୱାଇଁ, ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ, ନାତୁଣୀ ଜ୍ୱାଇଁ, ଅଣନାତି, ଅଣନାତୁଣୀ– ବନ୍ଧୁ ଓ ପରିବାରବର୍ଗ।
ଧ–୧୫୧୨୪

୨୯ତମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ନଟବର ଦେବତା
ମୀନାବଜାର, ଢେଙ୍କାନାଳ
ଆବିର୍ଭାବ: ୩୦।୧୨।୧୯୧୮
ତିରୋଧାନ: ୩୦।୧୦।୧୯୯୦
(ପବିତ୍ର କାର୍ତ୍ତିକ ମାସ ବଡ଼ ଏକାଦଶୀ)
ଚାହୁଁ ଚାହୁଁ ୨୯ବର୍ଷ ବିତିଗଲା। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଆମ ହୃଦୟରେ ଚିରସ୍ମରଣୀୟ ହୋଇରହିବ। ଆପଣଙ୍କ ଅମରାତ୍ମା ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ପରିବାରବର୍ଗ, Sree Natabara Debata
M/s. Balaram Febrics.
ଧ–୬୮୮୩୨

ଧରିତ୍ରୀ DHARITRI

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ରାଜା


ଟିକୁନ୍


କୃପା


ନିର୍ମଳ


ରମେଶ


ପ୍ରସନ


ଶେଷ

ସେଲ୍ଫି ଉଠାନ୍ତୁ ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

### ଜିଲାସ୍ତରୀୟ ଧାନ ସଂଗ୍ରହ ବୈଠକରେ ହଟ୍ଟଗୋଳ

# ପୁଣି ତାତିଲେ ଚାଷୀ

ସମ୍ବଲପୁର,୭।୧୧(ବ୍ୟୁରୋ)

ଚଳିତ ବର୍ଷ ଧାନ ସଂଗ୍ରହ ନୀତିରେ ସରକାର ପରିବର୍ତ୍ତନ କରିଛନ୍ତି। ଅନ୍‌ଲାଇନ ମାଧ୍ୟମରେ ଭୁବନେଶ୍ୱରରୁ ଟୋକନ୍ ଦିଆଯିବା ପରେ ଚାଷୀଙ୍କ ଧାନ ବିକ୍ରି କରିବାର ପରିମାଣ ମଧ୍ୟ ଧାର୍ଯ୍ୟ କରାଯାଉଛି । ବାସ୍ତବରେ ଦେଖିଲେ ଧାନ ସଂଗ୍ରହ ପାଇଁ ସରକାର ଆବଶ୍ୟକ ବଜାର ବ୍ୟବସ୍ଥା କରି ନାହାନ୍ତି । ହେଲେ କଡା ନିୟମ କରିଛନ୍ତି । ଏ ପର୍ଯ୍ୟନ୍ତ ଜଣେ ଚାଷୀ ଏକର ପିଛା କେତେ ପରିମାଣର ଧାନ ବିକ୍ରି କରି ପାରିବେ ସେ ନେଇ ମଧ୍ୟ ସରକାର ଚୂଡାନ୍ତ ନିଷ୍ପତ୍ତି ନେଇ ନାହାନ୍ତି । ତେଣୁ ଚଳିତ ବର୍ଷ ଧାନ ସଂଗ୍ରହ ନୀତି ଗ୍ରହଣଯୋଗ୍ୟ ନୁହେଁ। ଗୁରୁବାର ଜିଲାପାଳ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାସ୍ତରୀୟ ଧାନ ସଂଗ୍ରହ ବୈଠକରେ ଚାଷୀମାନେ ଅସନ୍ତୋଷ ପ୍ରକାଶ କରି ଏହା କହିଛନ୍ତି।

ଜିଲାପାଳ ଶୁଭମ୍ ସକସେନାଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରେ ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା, ସରକାରୀ ଉପ ମୁଖ୍ୟ ସଚେତକ ତଥା ରେଢାଖୋଲ ବିଧାୟକ ରୋହିତ ପୂଜାରୀ, କୁଚିଣ୍ଡା ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ସମ୍ବଲପୁର ବିଧାୟକଙ୍କ ପ୍ରତିନିଧି ସମୀର ରଞ୍ଜନ ବାବୁ ଉପସ୍ଥିତ ଥିଲେ । ଜିଲା ଯୋଗାଣ ଅଧିକାରୀ ରଞ୍ଜନ କୁମାର ସେଠ ଧାନ ସଂଗ୍ରହ ନୀତି ଉପରେ ବକ୍ତବ୍ୟ ଦେଇଥିଲେ । ପରେ ଚାଷୀ ସଙ୍ଗଠନ ଆବାହକ ଅଶୋକ ପ୍ରଧାନ ଚାଷୀମାନଙ୍କ ପକ୍ଷରୁ ମତ ରଖିଥିଲେ । ସେ କହିଥିଲେ, ରାଜ୍ୟର ସବୁ ସ୍ଥାନରେ ସମାନ ଫସଲ ଉତ୍ପାଦିତ ହୋଇ ନ ଥାଏ। ତେଣୁ ରାଜ୍ୟରେ ଧାନ ସଂଗ୍ରହ ପାଇଁ ଏକର ପିଛା ପରିମାଣ ସମାନ କାହିଁକି କରାଯାଉଛି ବୋଲି ପ୍ରଶ୍ନ କରିଥିଲେ। ପ୍ରତ୍ୟେକ ଜିଲାରୁ ଚାଷୀମାନଙ୍କ ମତ ନିଆଯାଉ ନାହିଁ। ଭୁବନେଶ୍ୱରରେ ବସି ଧାନ ବିକ୍ରି ପରିମାଣ ଓ ନିୟମ କରାଯାଉଛି। ଟୋକନ ବ୍ୟବସ୍ଥାକୁ ବିରୋଧ କରି ସେ କହିଛନ୍ତି, ଏଥିରେ ବଡ ଧରଣର ସମସ୍ୟା ହେବ । ଏଣୁ ଆବଶ୍ୟକ ହେଲେ ୨୦୦୯ ମସିହା ଭଳି ରାସ୍ତାରେ ଧାନବସ୍ତା ରଖି ଚାଷୀ ଆନ୍ଦୋଳନ କରିବେ। ତେଣୁ ଜିଲା ପ୍ରଶାସନ ସରକାରଙ୍କୁ ବାସ୍ତବ ସମସ୍ୟା ଉପରେ ଜଣାଇ ଦେଉ। ନିୟମରେ ପରିବର୍ତ୍ତନ କରାଯାଉ। ନ ହେଲେ ପରିସ୍ଥିତି ଅଣାୟତ୍ତ ହେବ। ସେତେବେଳକୁ ସରକାର ଚାଷୀଙ୍କୁ ନିୟନ୍ତ୍ରଣ କରିପାରିବେନି।

ବିଧାୟକ ପୂଜାରୀ, ବିଧାୟକ ନାୟକ ଚାଷୀଙ୍କ ଏହି ଦାବି ଓ ଅଭିଯୋଗକୁ ସମର୍ଥନ ଜଣାଇଛନ୍ତି। ଚାଷୀଙ୍କ ଦାବି ଉପରେ ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଯାଇ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ ସହ ଆଲୋଚନା କରିବେ। ଫଳରେ ଏହି ସମସ୍ୟାର ସମାଧାନ କରାଯିବ ବୋଲି ବିଧାୟକ ପୂଜାରୀ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ରେଙ୍ଗାଲି ବିଧାୟକ ନାଏକ କହିଥିଲେ, ଜିଲା କୃଷି ଅଧିକାରୀ ଦେଇଥିବା ରିପୋର୍ଟରେ ତ୍ରୁଟି ରହିଛି । ସମଗ୍ର ରାଜ୍ୟରେ ଧାନ ବିକ୍ରି ପରିମାଣ ସମାନ ହେଲେ ଚାଷୀଙ୍କୁ ସମସ୍ୟା ହେବ। ଏଣୁ ଆଉ ଥରେ ରିପୋର୍ଟ ପ୍ରସ୍ତୁତ କରାଯାଉ। ଏହି ବୈଠକରେ ଯାହା ଆଲୋଚନା ଓ ନିଷ୍ପତ୍ତି ହେଲା ତାହା ରାଜ୍ୟ ସରକାରଙ୍କୁ ଦିଆଯାଉ । ପରେ ଏକ ପ୍ରତିନିଧି ଦଳ ଯାଇ ଭୁବନେଶ୍ୱରରେ ମନ୍ତ୍ରୀ ଓ ସଚିବଙ୍କ ସହ ଆଲୋଚନା କରନ୍ତୁ ବୋଲି ସେ କହିଛନ୍ତି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ, ସମବାୟ ବିଭାଗ, ଯୋଗାଣ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।



ସମ୍ବଲପୁରରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ଜିଲାସ୍ତରୀୟ ଧାନ ସଂଗ୍ରହ ବୈଠକରେ ଉପସ୍ଥିତ ଜିଲାପାଳ, ବିଧାୟକ ଓ ବିଭାଗୀୟ ଅଧିକାରୀମାନେ।

- ରାସ୍ତାରେ ଧାନ ରଖି ଅବରୋଧ କରାଯିବ
- ଚାଷୀଙ୍କ ପରାମର୍ଶ ନିଆଯାଉନି
- ରେଢାଖୋଲ, ରେଙ୍ଗାଲି ବିଧାୟକଙ୍କ ସମର୍ଥନ

### ସମ୍ବଲପୁରରେ ଇଷ୍ଟକୋଷ୍ଟ ରେଲୱେ ଆଇଜି

# ମୁଖ୍ୟ ଷ୍ଟେଶନରେ ଖୋଲିବ ସାଇବର ସେଲ୍

ସମ୍ବଲପୁର,୭।୧୧(ବ୍ୟୁରୋ)

ରେଳ ସୁରକ୍ଷାବଳ ପକ୍ଷରୁ ଯାତ୍ରୀ ଓ ରେଳ ସମ୍ପତ୍ତିର ସୁରକ୍ଷା ପାଇଁ ସବୁବେଳେ ଚେଷ୍ଟା କରାଯାଇଛି । ତଥାପି ଷ୍ଟେଶନ ଓ ଟ୍ରେନ୍‌ରେ କୌଣସି ଆପରାଧିକ କାର୍ଯ୍ୟ ନଜର ଆସିଲେ ତୁରନ୍ତ ୧୮୨ ଟୋଲ୍ ଫ୍ରି ନମ୍ବରରେ ଜନସାଧାରଣ ଅଭିଯୋଗ କରିବା ଆବଶ୍ୟକ। ଆପରାଧିକ କାର୍ଯ୍ୟ ବିରୋଧରେ ରୋକ୍ ଲଗାଇବାକୁ ହେଲେ ରେଳ ସୁରକ୍ଷା ବଳକୁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଇଷ୍ଟକୋଷ୍ଟ ରେଲୱେ ଆଇଜି ରାଜା ରାମ କହିଛନ୍ତି।

ଗୁରୁବାର ସମ୍ବଲପୁର ଗସ୍ତରେ ଆସିଥିବା ଆଇଜି ରାଜା ରାମ ରେଳମଣ୍ଡଳ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଟ୍ରେନରେ ହେଉଥିବା ଆପରାଧିକ କାର୍ଯ୍ୟକୁ ବନ୍ଦ କରାଯାଇପାରିବ। ଏଥିରେ ଲୋକେ ସହଯୋଗ କରିବା ଉଚିତ। ସେ ଆହୁରି କହିଲେ, ଏବେ ସମସ୍ତ କାର୍ଯ୍ୟ ଡିଜିଟାଲ ମାଧ୍ୟମରେ କରାଯାଉଛି । ଯାତ୍ରୀଙ୍କ ସୁରକ୍ଷା ପାଇଁ ଷ୍ଟେଶନ ଓ ଟ୍ରେନ୍‌ରେ ସିସି ଟିଭି ଲଗାଯିବ। ଆସନ୍ତା ମାର୍ଚ୍ଚ ମାସ ଭିତରେ ମୁଖ୍ୟ ଷ୍ଟେଶନଗୁଡିକରେ ସାଇବର ସେଲ୍ ଖୋଲାଯିବ। ଫଳରେ ଟିକେଟ ଜାଲିଆତି କରୁଥିବା ଅପରାଧୀଙ୍କୁ ଧରିବାରେ ସହଜ ହେବ । ସେହିଭଳି ଟ୍ରେନରେ କିନ୍ନରମାନଙ୍କୁ ସମ୍ପୂର୍ଣ୍ଣ ଭାବେ ରୋକ୍ ଲଗାଯାଇଛି । ଖବର ପାଇଲା ମାତ୍ରେ ଆର୍‌ପିଏଫ୍ ସେମାନଙ୍କୁ ଗିରଫ କରୁଛି। କୌଣସି ସ୍ଥାନରେ ଆପରାଧିକ କାର୍ଯ୍ୟ ହେଉଥିଲେ ମୋବାଇଲରେ ଭିଡିଓ ଉତ୍ତୋଳନ କରି ଲୋକେ ଅଭିଯୋଗ କରନ୍ତୁ । ବିଭାଗୀୟ କର୍ମଚାରୀ କିମ୍ବା ଯେକୌଣସି ବ୍ୟକ୍ତିଙ୍କ ସଂପୃକ୍ତି ରହିଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ କରିଥିଲେ। ଏହି ଅବସରରେ ସେ ସମ୍ବଲପୁର ଷ୍ଟେଶନ ବୁଲି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ । ଆଇଜି ରାଜା ରାମଙ୍କ ସହିତ ଆରପିଏଫ୍ ବରିଷ୍ଠ ମଣ୍ଡଳ ସୁରକ୍ଷା କମିଶନର ଅଜିତ କୁମାର ବଣ୍ଡୱାଲ, ଏସ.କେ. ଟପ୍ପୋଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ସମ୍ବଲପୁର ରେଳମଣ୍ଡଳ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଇଜି ରାଜ ରାମ ଓ ଅନ୍ୟମାନେ।

- ଷ୍ଟେଶନ,ଟ୍ରେନ୍‌ରେ ସିସି ଟିଭି ଲଗାଯିବ
- ଅପରାଧ ରୋକିବା ପାଇଁ ସମସ୍ତଙ୍କ ସହଯୋଗ ଦରକାର

# ହାତୀ ଆକ୍ରମଣ,ମହିଳାଙ୍କ ସମେତ ୨ ମୃତ, ୩ ଆହତ

ଘେଁସ,୭।୧୧(ଡି.ଏନ.ଏ.)

ଶୌଚପାଇଁପୋଖରୀକୁଯାଇଥିବାବେଳେ ହାତୀ ଆକ୍ରମଣରେ ଗୁରୁବାର ବରଗଡ ଜିଲା ଘେଁସ ରେଞ୍ଜ ଅନ୍ତର୍ଗତ ଘନାମାଲ ଗ୍ରାମର ଦେବାନନ୍ଦ ବେହେରା (୬୫) ଓ ସାରଙ୍ଗପୁର ଗ୍ରାମର ଲଳିତା ମେହେର (୫୨)ଙ୍କ ମୃତ୍ୟୁ ଘଟିଛି। ଚତୁର୍ଭୁଜ ସେଠ(୬୫), ସମାରୁ ବରିହା(୬୦) ଓ ରକିଣୀ ମେହେର (୩୫) ଆହତ ହୋଇ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଆହତମାନେ ଗୁରୁବାର ଭୋର ସମୟରେ ଶୌଚ ପାଇଁ ଗାଁ ନିକଟସ୍ଥ ପୋଖରୀ ପାଖକୁ ଯାଇଥିଲେ । ହେଲେ ସେମାନେ ହଠାତ ହାତୀ ହାବୁଡରେ ପଡି ଯାଇଥିଲେ। ହାତୀ ଗୋଡେଇବାରୁ ସେମାନେ ଜୀବନ ବଞ୍ଚାଇବାକୁ ଦୌଡିଥିଲେ ଏବଂ ବିଭିନ୍ନ ସ୍ଥାନରେ ପଡି ଆହତ ହୋଇଥିଲେ। ଖବର ପାଇ ଘେଁସ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ପଦ୍ମପୁର ଡାକ୍ତରଖାନା ପଠାଇଥିଲେ। ଲଳିତା ମେହେର ଏବଂ ଦେବାନନ୍ଦ ବେହେରାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଉଭୟଙ୍କ ମୃତ୍ୟୁ ଘଟିଛି । ଏ ସମ୍ପର୍କରେ ଘେଁସ ରେଞ୍ଜର ଗଜେନ୍ଦ୍ର ଏଣ୍ଡଜାଙ୍କୁ ପଚରାଯିବାରୁ ଘଟଣା ସମ୍ପର୍କରେ ବରଗଡ ଡିଏଫ୍‌ଓଙ୍କୁ ଅବଗତ କରାଯାଇଛି। ମୃତାହତଙ୍କ ପରିବାରକୁ ନିୟମ ଅନୁସାରେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି ।

# ବ୍ରାଉନ ସୁଗାର ଜବତ, ଜଣେ ଗିରଫ

ବରଗଡ଼ ଅଫିସ,୭।୧୧

ବରଗଡ଼ ଟାଉନ ଥାନା ପୋଲିସ ବ୍ରାଉନ ସୁଗାର କାରବାରରେ ବୁଧବାର ରାତ୍ରିରେ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକ ଜଣକ ହେଲେ ସ୍ଥାନୀୟ ମହାନ୍ତିପଡ଼ାର ଶେଖ ନଇମୁଦ୍ଦିନ । ତାଙ୍କ ପାଖରୁ ୫ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଛି । ଗିରଫ ଅଭିଯୁକ୍ତ ସ୍ଥାନୀୟ ଷ୍ଟେଟବ୍ୟାଙ୍କ ପଛପଟ ଗୌରୀଶଙ୍କର ମନ୍ଦିର ନିକଟରେ ବ୍ରାଉନ ସୁଗାର କାରବାର ଚଳାଇଥିବା ସୂଚନା ପାଇ ପୋଲିସ ଟିମ୍ ଚଢ଼ାଉ କରିଥିଲା। ଚଢ଼ାଉରେ ଅଭିଯୁକ୍ତଙ୍କଠାରୁ ବ୍ରାଉନ ସୁଗାର ମିଳିଥିଲା। ଗୁରୁବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବରଗଡ଼ ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି । ଏ ନେଇ ଏକ ମାମଲା(ନଂ.୫୦୩/୧୯) ରୁଜୁ ହୋଇ ତଦନ୍ତ ଚାଲିଛି ବୋଲି ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଝାରୀ କହିଛନ୍ତି । ବରଗଡ଼ରେ ପୂର୍ବରୁ ଥରେ ଏଭଳି ବ୍ରାଉନ ସୁଗାର ଜବତ ହୋଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା ।

### ସାମାନ୍ୟ କଥାକୁ ନେଇ ଗଣ୍ଡଗୋଳ

# ଏନ୍‌ଏସି କର୍ମଚାରୀଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗାଇ ହତ୍ୟା ଉଦ୍ୟମ

ରେଢାଖୋଲ,୭।୧୧(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଢାଖୋଲ ସହରରେ ଗୁରୁବାର ଅପରାହ୍ନ ୫ଟାରେ ଏକ ଅଭାବନୀୟ ଘଟଣା ଘଟିଛି। ଖନ୍ଦାଡିପ ଛକରେ ସେହି ସାହିର ବାସିନ୍ଦା ତଥା ଏନ୍‌ଏସି କର୍ମଚାରୀ ହରିହର ପୁରୋହିତ (୩୫)ଙ୍କୁ ଜଣେ ଯୁବକ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ହତ୍ୟା ଉଦ୍ୟମ କରିଛନ୍ତି । ସ୍ଥାନୀୟ ଲୋକେ ହରିହରଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ରେଢାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ଭିମ୍‌ସାର ସ୍ଥାନାନ୍ତର କରାଯାଇଛି। ଉକ୍ତ ଘଟଣାରେ ପୋଲିସ ଅଭିଯୁକ୍ତ ସଞ୍ଜିତ ଷଣ୍ଢ (୩୦)ଙ୍କୁ କାବୁ କରି ଥାନାରେ ଅଟକ ରଖିଛି। ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ। ମିଳିଥିବା ସୂଚନା ଅନୁଯାୟୀ, ଖନ୍ଦାଡିପ ସାହିର ରାଧେଶ୍ୟାମ ପ୍ରଧାନ (୪୫)ନାମକ ଜଣେ ଯୁବକଙ୍କଠାରୁ ସଞ୍ଜିତ ବାଇକ୍ ମାଗି ପେଟ୍ରୋଲ ଆଣିବାକୁ ଯାଇଥିଲେ। ହେଲେ ଘଣ୍ଟାଏ ପରେ ବି ସେ ଫେରି ନ ଥିଲେ। ଏହାକୁ ନେଇ ରାଧେଶ୍ୟାମ ବିରକ୍ତ ହୋଇଥିଲେ । ସଞ୍ଜିତ୍ ଫେରିବା ପରେ ରାଧେଶ୍ୟାମ ତାଙ୍କୁ ତାଗିଦ କରିଥିଲେ। ହେଲେ ଏହାକୁ ନେଇ ଉଭୟଙ୍କ ଭିତରେ କଥା କଟାକଟି ହୋଇଥିଲା। ଶେଷରେ ତାହା ଉଗ୍ରରୂପ ଧାରଣ କରିଥିଲା । ସଞ୍ଜିତ ରାଧେଶ୍ୟାମଙ୍କୁ ପିଟିଥିଲେ। ଏହି ସମୟରେ ପାନ ଦୋକାନ ନିକଟରେ ଠିଆ ହୋଇଥିବା ହରିହର ଆସି ଉଭୟଙ୍କୁ ବୁଝାଇବାକୁ ଉଦ୍ୟମ କରିଥିଲେ। ହେଲେ ଉତ୍ତ୍ୟକ୍ତ ସଞ୍ଜିତ ଶାନ୍ତ ହେବା ବଦଳରେ ଧରିଥିବା ପେଟ୍ରୋଲ ବୋତଲ ଖୋଲି ହରିହରଙ୍କ ଉପରେ ଢାଳି ଦିଆସିଲି ମାରି ନିଆଁ ଲଗାଇ ଦେଇଥିଲେ। କିଛି ବୁଝିବା ପୂର୍ବରୁ ହରିହର ଜଳିବାକୁ ଲାଗିଥିଲେ। କୌଣସି ଉପାୟ ନ ପାଇ ସେ ନିଜ ଲୁଗାପଟା ଖୋଲି ଫିଙ୍ଗି ଦେଇଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ପାଣି ଆଣି ହରିହରଙ୍କ ଉପରେ ଢାଳି ଦେଇଥିଲେ। ଫଳରେ ନିଆଁ ସେତେଟା ବ୍ୟାପି ପାରି ନ ଥିଲା। ଛକ ଉପରେ ହରିହର ଜଳୁଥିବା ଦେଖି ଲୋକେ କାବା ହୋଇଯାଇଥିଲେ। ଏହି ଘଟଣା ରେଢାଖୋଲରେ ଚର୍ଚ୍ଚାର ବିଷୟ ହୋଇଛି । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସଞ୍ଜିତଙ୍କୁ କାବୁ କରିଥିଲା ।


ଗୁରୁତର ହରିହର ପୁରୋହିତ।

### ଯୁବକଙ୍କୁ ଏସିଡ୍ ମାଡ଼

# ପ୍ରେମଜନିତ ହିଂସା ସନ୍ଦେହ

ନୂଆପଡା ଅଫିସ/କୋମନା, ୭।୧୧(ଡି.ଏନ.ଏ.)

ନୂଆପଡା ଜିଲା ଲଖନା ଥାନା ଅନ୍ତର୍ଗତ ବଙ୍ଗାମୁଣ୍ଡା ଗାଁର ଆଲୋକ ସାହୁ (୨୨)ନାମକ ଜଣେ ଯୁବକଙ୍କୁ ଦୁର୍ବୃତ୍ତମାନେ ଏସିଡ ମାଡ କରି ଆକ୍ରମଣ କରିଛନ୍ତି । ପ୍ରଥମେ ଛୁରି, ଲାଠି ମାଡ ପରେ ଏସିଡ ପକାଇଥିବା ଖବର ମିଳିଛି। ସ୍ଥାନୀୟ ଲୋକେ ଖବର ପାଇ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଅବସ୍ଥା ସଙ୍କଟାପନ୍ନ ହେବାରୁ ବୁର୍ଲାକୁ ସ୍ଥାନାନ୍ତର କରାଯାଇଛି। ମିଳିଥିବା ସୂଚନାନୁଯାୟୀ ଆଲୋକଙ୍କ ସିନାପାଲିର ଜଣେ ଯୁବତୀଙ୍କୁ ବିବାହ କରିବାକୁ ଚୂଡାନ୍ତ ହୋଇଥିଲା। ଏଣୁ ଏହା ପ୍ରେମଜନିତ ହିଂସା କାଣ୍ଡ ବୋଲି ଆଶଙ୍କା କରାଯାଉଛି। ଖବର ଲେଖା ହେବା ସୁଦ୍ଧା ଲଖନାରେ ଚାପା ଉତ୍ତେଜନା ଲାଗି ରହିଥିଲା । ପୋଲିସ ଏହାକୁ ଗୁରୁତ୍ୱର ସହ ବିଚାରକୁ ନେବାକୁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ପ୍ରେମ ହିଁ ଭଗବାନ ଏବଂ
ଭଗବାନ ହିଁ ପ୍ରେମ।
-ସାଇବାବା

## ସଂକ୍ଷେପରେ

### ନିଶା ନିବାରଣ କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍,୭।୧୧

ବରଗଡ଼ ରୋଟାରୀ ପବ୍ଲିକ ସ୍କୁଲରେ ନିଶା ଔଷଧ ବାରଣ ପାଇଁ ଜାଗୃତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପ୍ରୋଜେକ୍ଟ ଚେୟାରମ୍ୟାନ ଗଙ୍ଗାସାଗର ପତି ଏବଂ କୋ-ଚେୟାରମ୍ୟାନ ଦିବ୍ୟରାଜ ମେହେର ଆୟୋଜନ କରିଥିଲେ। ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ମାଉଣ୍ଟଆବୁ ତରଫରୁ ବ୍ରହ୍ମକୁମାର ରାଜୀବ ଓ ବ୍ରହ୍ମକୁମାରୀ ଯଶୋଦା ପ୍ରମୁଖ ଯୋଗଦେଇ ନିଶା ନିବାରଣ ଉପରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ । ରୋଟାରୀ କ୍ଲବର ସଭାପତି ଅମିତ କୁମାର ସାହୁ, ସମ୍ପାଦକ ବିରେନ୍ଦ୍ର ଶତପଥୀ, ସ୍କୁଲ ଚେୟାରମ୍ୟାନ ପ୍ରକାଶ କର, ଅଧ୍ୟକ୍ଷ ଗଜେନ୍ଦ୍ର ନାରାୟଣ ମିଶ୍ର, ସରୋଜ ମହାପାତ୍ର, ବିଷ୍ଣୁ ଧାନୁକା, ଶ୍ରବଣ ଲାଠ, ସତ୍ୟଜିତ କର, ରୋହନ ରଥ, ନିହାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବାର୍ଷିକ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ

ବୌଦ୍ଧ,୭।୧୧(ସ୍ୱ.ପ୍ର)

ବୌଦ୍ଧ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲର ଚତୁର୍ଥ ବାର୍ଷିକ ଉତ୍ସବ ଓ ନୂତନ କୋଠାର ଉଦଘାଟନ ବୁଧବାର ସନ୍ଧ୍ୟାରେ ହୋଇଯାଇଛି । ସ୍କୁଲର ଚେୟାରମ୍ୟାନ ଯୁଗଳ କିଶୋର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ନୂତନ କୋଠାକୁ ଉଦ୍‌ଘାଟନ କରିଥିଲେ । ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ ଓ ବୌଦ୍ଧ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷା ସସ୍ମିତା ସେନାପତି ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଡ. ସାମନ୍ତ ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ଦେଇ କହିଥିଲେ ଯେ, ଶିକ୍ଷାର ଅଗ୍ରଗତି ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ଦରକାର। ପିଲାଙ୍କ ଭବିଷ୍ୟତ ଗଠନ ପାଇଁ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦେବାକୁ ଅଭିଭାବିକା ଅଭିଭାବକମାନଙ୍କୁ ସେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀ ଆକାଂକ୍ଷା ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ବିଦ୍ୟାଳୟର ଛାତ୍ରୀଛାତ୍ର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶେଷରେ ଭାଇସ ପ୍ରିନ୍ସିପାଲ ମାରିୟମ ପୂର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।



ବାର୍ଷିକ ଉତ୍ସବରେ ଶିଶୁମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକା ହୋଇକରି ତପସ୍ୟା କରିବ**
**ଦୁଇଜଣ ମିଶି ପଢ଼ିବ ପାଠ**
**ତିନିଜଣ ମିଶି ସଙ୍ଗାତ ବସିବ**
**ଚାରିଜଣ ମିଶି ଚାଲିବ ବାଟ ।**

ଏକୁଟିଆ ନିରୋଳା ସ୍ଥାନରେ ତପସ୍ୟା କଲେ ତପସ୍ୟା ସଫଳ ହୋଇଥାଏ। ଦୁଇଜଣ ପରସ୍ପର ମଧ୍ୟରେ ଆଲୋଚନା କରି ପାଠ ପଢ଼ିଲେ ପାଠ ଅଧିକ ମନେ ରହିଥାଏ। ତିନିଜଣ ମିଶି ସଙ୍ଗାତ ବସିବା ଲାଭପ୍ରଦ ହେଉଥିବା ସ୍ଥଳେ ଚାରିଜଣ ମିଶି ବାଟ ଚାଲିଲେ ଚାଲିବାର ଶ୍ରମ ଜଣା ପଡୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଏକା ଲୋକ ବୋକା**
**ପିଲାଏ ମାରନ୍ତି ଟେକା ।**

ନିଃସଙ୍ଗ ଜୀବ ବଡ଼ କଷ୍ଟଦାୟକ। ଏକାହେଲେ ସବୁକାମ ନିଜେ କରିପାରିବନି, ଅନ୍ୟର ସାହାଯ୍ୟ ପାଇଲେ କାମଟି କରିବାକୁ ସାହସ ଆସେ, କାମଟି ସହଜରେ କରିହୁଏ। କାମଟି କେମିତି ହେବ ଜଣାଥିଲେ ମଧ୍ୟ ଏକୁଟିଆ ହୋଇ କରିବାକୁ ସାହସ ପାଇ ନ ଥାଏ। ଏକୁଟିଆ ଲୋକ ବେଶି ଦୁଃଖ ଦୁର୍ଦ୍ଦଶା ଭୋଗ କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ନୂତନ ଶ୍ରେଣୀ କୋଠରି ଉଦ୍‌ଘାଟିତ



ଉଦଘାଟନୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ ।

ବରଗଡ଼ ଅଫିସ୍,୭।୧୧

ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ନବନିର୍ମିତ ଅତିରିକ୍ତ ଶ୍ରେଣୀ କୋଠରୀ ଉଦ୍‌ଘାଟିତ ହୋଇଛି । ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ସୀମାନ୍ତ ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦଘାଟନୀ ସମାରୋହରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାଷ ଚୌହାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରେଣୀ କୋଠରୀ ଉଦଘାଟନ କରିଥିଲେ । ଏହା ସହିତ ଉକ୍ତ ବିଦ୍ୟାଳୟ ପାଇଁ ଆବଶ୍ୟକ ଥିବା ଶ୍ରେଣୀ କୋଠରୀ ନିର୍ମାଣ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୨୦ଲକ୍ଷ ଅନୁଦାନ ଯୋଗାଇ ଦେବା ପାଇଁ ସେ ଘୋଷଣା କରିଥିଲେ । ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଫାଇଟ୍ ଅନ୍ ରାଇଟ୍ ଅନୁଷ୍ଠାନର ଅଧ୍ୟକ୍ଷ ଇଂ ଦେବବ୍ରତ ମିଶ୍ର, ରାଜ୍ୟ ସମବାୟ ସଂଘ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ନାଏକ, ଜିଲା ପରିଷଦ ସଭ୍ୟ ଉମେଶ ବେହେରା, ପୂର୍ବତନ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ନିତ୍ୟାନନ୍ଦ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଶିକ୍ଷକ ମନବୋଧ ଲୁହା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପ୍ରଧାନଶିକ୍ଷକ ନବୀନ ସାବତ ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ । ଅଶୋକ ସାହୁ, ଗୁରୁଦେବ ସାହୁ, ରୋହିତ ଭୋଇ, ଶେଷଦେବ ସାହୁ, ଲକ୍ଷ୍ମଣ ପ୍ରଧାନ, ନରୋତ୍ତମ ସରାଫ, ରଞ୍ଜିତ ତାଣ୍ଡି ପ୍ରମୁଖ ସହଯୋଗ କରିଥିଲେ । ଶିକ୍ଷକ ସଶେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଫୁଟବଲ: ମହୁଲେ, କାଦୋବାହାଲ ବିଜୟୀ

ବରଗଡ଼ ଅଫିସ୍,୭।୧୧

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ମହୁଲେ ଓ କାଦୋବାହାଲ ପ୍ରତିପକ୍ଷ ଦଳଗୁଡ଼ିକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ମହୁଲେ ଓ ଲାଉନସରା ମଧ୍ୟରେ ପ୍ରଥମ ମ୍ୟାଚ ହୋଇଥିଲା । ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରି ପାରି ନ ଥିଲେ । ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ମହୁଲେ ୩-୧ ଗୋଲରେ ବିଜୟୀ ହୋଇଥିଲା। ସେହିପରି କାଦୋବାହାଲ ଓ ସିର୍କିଡ଼ି ମଧ୍ୟରେ ଦ୍ୱିତୀୟ ମ୍ୟାଚ ହୋଇଥିଲା । ଏଥିରେ କାଦୋବାହାଲ ୨-୧ ଗୋଲରେ ବିଜୟୀ ହୋଇଥିଲା। କାଦୋବାହାଲର ରୋହିତ ପୁଟେଲ ଓ ସତ୍ୟ ସାଲମା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିବାବେଳେ ପ୍ରତିପକ୍ଷ ଦଳର ସଞ୍ଜୀବ ଭୋଇ ଗୋଟିଏ ଗୋଲ ସ୍କୋର କରିଥିଲେ । ରଞ୍ଜୁ ଛତ୍ରିଆ, ଶ୍ରୀନିବାସ ରାଓ, ଗୁଣବନ୍ତ ସାହୁ, ସୁରେଶ ଦାଶ, ଗୋପାଳ ନାୟକ, ଶୁଭମ ପାତ୍ର, ସୁରେଶ ବେହେରା, ଅନିଳ ବାଗ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ ।

# କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍,୭।୧୧

ବରଗଡ଼ ରାଣାପ୍ରତାପ ହାଇସ୍କୁଲରେ ଗୁରୁବାର ଜାତୀୟ କର୍କଟ ରୋଗ ସଚେତନତା ଦିବସ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। 'ଆସ କର୍କଟ ବିଷୟରେ ଜାଣିବା' ଶୀର୍ଷକ ଉପରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ପ୍ରଧାନଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସୈନିକ ତୁଷାର ରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କର୍କଟ ରୋଗର ଲକ୍ଷଣ ଓ ତାର ପ୍ରତିକାର ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ। ସେହିପରି ସ୍ୱାସ୍ଥ୍ୟକର୍ମୀ ବିନୋଦ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କର୍କଟ ରୋଗ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ । ଶିକ୍ଷକ ସୁଧାଂଶୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷକ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଶିକ୍ଷକ ଡାକ୍ତର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।



ସଚେତନତା କାର୍ଯ୍ୟକ୍ରମରେ ଆଲୋଚକ, ଅତିଥିବୃନ୍ଦ ।

## ୧୫ରୁ ବରଗଡ଼ରେ ଧାନ ସଂଗ୍ରହ ଆରମ୍ଭ

ବରଗଡ଼ ଅଫିସ୍,୭।୧୧

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆସନ୍ତା ୧୦ତାରିଖରେ ଆରମ୍ଭ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲେ ହେଁ ଆସନ୍ତା ୧୫ତାରିଖରୁ ଜିଲାରେ ଧାନ କିଣାବିକା ଆରମ୍ଭ ହେବ ବୋଲି ପୁଣି ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ସମ୍ଭାବ୍ୟ ବାତ୍ୟା ବୁଲ୍‌ବୁଲ୍‌କୁ ଆଖି ଆଗରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ମାତ୍ର ବରଗଡ଼ ଜିଲାରେ ବାତ୍ୟାର ସେଭଳି କିଛି ପ୍ରଭାବ ପଡ଼ିବ ନାହିଁ ବୋଲି ପାଣିପାଗ ବିଭାଗ କହୁଥିବାବେଳେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ତାରିଖ ଆଗକୁ ବଢ଼ାଇବା ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି । ପ୍ରଶାସନିକ ପ୍ରସ୍ତୁତି ଚୂଡ଼ାନ୍ତ ହୋଇପାରି ନ ଥିବା ଯୋଗୁ ଏବେ ବୁଲବୁଲ୍‌କୁ ଆଳ କରି ଧାନ କିଣାବିକା ପ୍ରକ୍ରିୟାକୁ ବିଳମ୍ବ କରାଯାଉଛି ବୋଲି ଚାଷୀ ମହଲରେ ଅଭିଯୋଗ ହୋଇଛି। ଏ ନେଇ ପ୍ରତିକ୍ରିୟା ଜାଣିବା ପାଇଁ ଜିଲା ଯୋଗାଣ ଅଧିକାରୀ ଶ୍ରୀକର ମାଝୀଙ୍କୁ ଯୋଗାଯୋଗ କରାଯାଇଥିଲା । ମାତ୍ର ସେ ଫୋନ ରିସିଭ ନ କରିବାରୁ ତାଙ୍କ ମତାମତ ମିଳିପାରି ନାହିଁ ।

## କାର୍ତ୍ତିକ ପୂଜା ପାଇଁ କଳସ ଯାତ୍ରା

ଗୁଡଭେଲା,୭।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ତୁଷରା ସହର ହାଟପଦାଠାରେ କାର୍ତ୍ତିକ ପୂଜା ପାଇଁ ଗୁରୁବାର ସ୍ଥାନୀୟ ପୋଖରୀରୁ ମହିଳାମାନେ ପୂର୍ଣ୍ଣ କଳସ ଜଳ ଏକ ଶୋଭାଯାତ୍ରାରେ ଆଣି ଅସ୍ଥାୟୀ ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଶୁକ୍ରବାରରୁ କାର୍ତ୍ତିକ ପୁରାଣ ପଠନ କରାଯିବ । ଡୁଲାମଣୀ ଯାନୀ କର୍ତ୍ତା ଦାୟିତ୍ୱ ତୁଲାଇଛନ୍ତି।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

EDUCATION

LAST DATE OF ADMISSION ON 10/11/2019
B.Ed
Acharya Nagarjuna University Equivalent to Govt. of Odisha
FREE Practical, Study Material, Formfillup fees & Weekend Class
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
7978204082, 9438286091

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍
ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦ ଲକ୍ଷ, ଭଡ଼ା ୬୦ ହଜାର + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7838639856
8826558929

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
MICRO FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8278449759
8901395759
B-34/7 A Block Vijay Enclave, Bururi, New Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

FINANCE

FINANCE
All India ଋଣ ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Janavi - 7566-888-563
Sagar - 7773-817-838
Manasi- 8827-505-029
Manisa- 7772-970-949
Sradha - 7583-808-884
Visakha- 8269-150-310
Vasundhara Mall, West Boring Canal Rd, Rajapur, Patna, Bihar 800001

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ ସମସ୍ତ ପ୍ରକାର LOAN
BARSA FINANCE ଯୋଗାଇ ଦେଉଛି । ସୁଧ=1%
M = 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

LOAN DHAMAKA
1) Mudra Loan
2) Term Loan
3) Cash Credit
4) Vehicle Loan
5) Housing Loan
6) Agriculture Loan
7) Used Car Loan
8) Mortgaged Loan
PD ASSOCIATE
91, Kharvela Nagar, BBSR
8895436156

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

ଶୁଭଜନଲକ୍ଷ୍ମୀ ଫାଇନାନ୍ସ
ଗୃହ ଋଣ, ମାର୍କଶିଟ୍ ଋଣ, କୃଷି ଋଣ, ପର୍ସନାଲ ଋଣ, ଗ୍ରୁପ୍ ଋଣ, ମାତ୍ର 5 ବାର୍ଷିକ ସୁଧ ହାରରେ ।
ଯୋଗାଯୋଗ କରନ୍ତୁ
9899289162
9858323204
Dehradun, UK

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ,
ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ ।
- ବିନୋଦ କାନୁନ୍‌ଗୋ



## ସଂକ୍ଷେପରେ

### ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ

ପାଇକମାଲ,୭।୧୧(ଡି.ଏନ.ଏ) ପାଇକମାଲ ବ୍ଲକ ମାଣ୍ଡୋସିଲ ଉଚ୍ଚବିଦ୍ୟାଳୟ ପରିସରରେ ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ-୨୦୧୯ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ସକାଳ ୯ଟାରେ ଏହି କାର୍ଯ୍ୟକ୍ରମକୁ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଏଥିରେ ସରପଞ୍ଚ ହିମାଦ୍ରି ପୁଟା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଉଦଯାପନୀ ଉତ୍ସବରେ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟଅତିଥି ଭାବେ ଯୋଗଦେଇ କୋଶଲୀ ସାହିତ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧକ୍ଷ ଅଲତାପ ମହମ୍ମଦ ଯୋଗ ଦେଇଥିଲେ । ୧୫ଟି କ୍ଲଷ୍ଟରରୁ ପ୍ରାୟ ୩୧୯ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ । ବିଇଓ ଚୁଡାମଣି ବାରିକ ସଭାପତିତ୍ୱ କରିଥିବାବେଳେ ଜନକଲାଲ ମେହେର, ସୁରେନ୍ଦ୍ର ପୁରୋହିତ, କୁବେର ରଣା, ପ୍ରଧାନ ଶିକ୍ଷକ ଗୋକୁଳାନନ୍ଦ ତନସନା ମଚାସୀନ ଥିଲେ।

### ସାପ୍ତାହିକ ଭାଗବତ ପାରାୟଣ

ଜାମଟିକ୍ରା, ୭।୧୧ (ଡି.ଏନ.ଏ) ଅତାବିରା ବ୍ଲକ ଝିଲିମିଣ୍ଡା ପଞ୍ଚାୟତର ରଙ୍ଗାଟିକ୍ରାଠାରେ ସାପ୍ତାହିକ ଭାଗବତ ପାରାୟଣ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଏହା ଗତ ୩୧ରୁ ଆରମ୍ଭ ହୋଇଥିଲା। ପଣ୍ଡିତ ସତ୍ୟନାରାୟଣ ପୁରୋହିତ, ଯୋଗେଶ୍ୱର ପଧାନ ଓ ପଞ୍ଚାନନ କର୍ଣ୍ଣ ୧୨ ସ୍କନ୍ଦ ଭାଗବତ ପଠନ କରିଥିଲେ ।

### ମାଣ୍ଡିଆ ଜାତୀୟ ଚାଷ ସଚେତନତା କାର୍ଯ୍ୟକ୍ରମ

ପାଇକମାଲ,୭।୧୧(ଡି.ଏନ.ଏ) ପାଇକମାଲ ବ୍ଲକ ଭେଙ୍ଗରାଜପୁର ଗାଁରେ ମାଣ୍ଡିଆ ଜାତୀୟ ଚାଷ ପାଇଁ ଏକ ସଚେତନତା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭେଙ୍ଗରାଜପୁର ଆବାସିକ ବିଦ୍ୟାଳୟର ୨୪୫ ଛାତ୍ରୀଛାତ୍ର, ଏସଏଚଜି ମହିଳା ଯୋଗ ଦେଇଥିରେ। ଓଡିଶା ଜୀବିକା ମିଶନର ମୁରଲି ଗଡତିଆ, କୃଷି ବିଭାଗର ଯୋଗେଶ୍ୱର ପଟେଲ, ସୁରେନ୍ଦ୍ର ମଲ୍ଲିକ, ଶିବ ପ୍ରସାଦ ସାହୁ ଓ ଓଡିଶା ମିଲେଟ ମିଶନର ଲୋହିତ କୁମାର ମହନ୍ତ ଓ ଭେଙ୍ଗରାଜପୁର ଆଶ୍ରମ ସ୍କୁଲ ପ୍ରଧାନ ଶିକ୍ଷକ ମୋତିଲାଲ ବିଭାର ପ୍ରମୁଖ ଯୋଗ ଦେଇଥିଲେ। ମାଣ୍ଡିଆ ଗୁରଜି, କୁଦୋ ଭଳି ମିଲେଟ ଶସ୍ୟରେ ଥିବା ପୃଷ୍ଟିକର ଖାଦ୍ୟ ଗୁଣ ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା।

### ବରପାଲି ରୋଗୀ କଲ୍ୟାଣ ସମିତି ବୈଠକ

ବରପାଲି, ୭।୧୧ (ଡି.ଏନ.ଏ) ବରପାଲି ମୁଖ୍ୟ ଡାକ୍ତରଖାନା ପରିସରରେ ଥିବା ସ୍ଥାନୀୟ ରୋଗୀ କଲ୍ୟାଣ ସମିତି ସଭା କକ୍ଷରେ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧକ୍ଷ କିଶୋର ଦଫାଦାରଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ବିଜେପୁର ବିଧାୟିକା ରୀତା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଥମେ ନବ ନିର୍ବାଚିତ ବିଧାୟିକାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଡାକ୍ତରଖାନା ମୁଖ୍ୟଚିକିତ୍ସା ଅଧିକାରୀ ଡା. ନିମାଇଁ ଚରଣ ସାହୁ କାର୍ଯ୍ୟକ୍ରମ ଉପରେ ସୂଚନା ପ୍ରଦାନ କରିଥିଲେ । ସ୍ଥାନୀୟ ବ୍ଲକ ଅଧିକାରୀ ସତ୍ୟନାରାୟଣ ମେହେର ଓ ବରପାଲି ବିଇଓ ରାଜେନ୍ଦ୍ର କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡାକ୍ତରଖାନାରେ ରୋଗୀଙ୍କ ଚିକିତ୍ସାସେବା, ଔଷଧ ବିତରଣ, ଖାଦ୍ୟ ବିତରଣ, ବେଡ ସଂଖ୍ୟା ବୃଦ୍ଧି ସହ ସ୍ୱାସ୍ଥ୍ୟକେନ୍ଦ୍ରର ପରିମଳ ଓ ଅଭାବ ଅସୁବିଧା ଉପରେ ଆଲୋଚନା ହୋଇଥିଲା । ପରେ ଅତିଥିମାନେ ୱାର୍ଡ ପରିକ୍ରମା କରି ତଦାରଖ କରିଥିଲେ ।

### ମହାଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ

ବରପାଲି, ୭।୧୧ (ଡି.ଏନ.ଏ) ବରପାଲି ବ୍ଲକ ଅନ୍ତର୍ଗତ କାଇଁଶିର ଗ୍ରାମର ମହାଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବିବେକାନନ୍ଦ ପଟେଲଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଚଳିତ ବର୍ଷ ପୂଜାକୁ ଅଧିକ ଆକର୍ଷଣୀୟ ଓ ଶାନ୍ତିଶୃଙ୍ଖଳା ସହ କରାଯିବାକୁ ଆଲୋଚନା ହୋଇଥିଲା । ଏଥିପାଇଁ ଏକ ନୂତନ କମିଟି ଗଠନ କରାଯାଇ ସଭାପତି ଭାବେ ମଙ୍ଗ ଗହୀର, ଉପସଭାପତି ସୁବ୍ରତ ଦେହେରୀ, ସମ୍ପାଦକ ଦେବେନ୍ଦ୍ର ପଟେଲ, ଆଶିକ ଦେହେରୀ ଓ କୋଷାଧକ୍ଷ ଭାବେ ସୁମନ୍ତ ଭୋଇଙ୍କୁ ମନୋନିତ କରିବା ସହ ୧୫ ଜଣିଆ କମିଟି ଗଠନ କରାଯାଇଥିବା ଜଣାପଡିଛି ।

# ବିକାଶ ଅପହଞ୍ଚ, ଜୀବନ ଦୁର୍ବିଷହ

ଜାମଟିକ୍ରା, ୭।୧୧ (ଡି.ଏନ.ଏ)



କାଦୁଅ ରାସ୍ତାରେ ଛାତ୍ରୀଛାତ୍ର ସ୍କୁଲ ଯାଉଛନ୍ତି ।

ଅତାବିରା ବସଷ୍ଟାଣ୍ଡ-କୁଲୁଣ୍ଡା ରାସ୍ତା ଅବସ୍ଥା ଶୋଚନୀୟ ଯୋଗୁ ଅଞ୍ଚଳବାସୀ ହନ୍ତସନ୍ତ ହେଉଛନ୍ତି । ପ୍ରଶାସନକୁ ବାରମ୍ବାର ଗୁହାରି କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଏଠାରେ ବିପଦଶଙ୍କୁଳ ରାସ୍ତା ସାଙ୍ଗକୁ ସାମାନ୍ୟ ବର୍ଷାରେ ରାସ୍ତାଘାଟ କାଦୁଅ ପଚପଚ ହୋଇଯାଉଛି। ବୁଗବୁଗା ପଞ୍ଚାୟତର ଗରିଆଟିକ୍ରା ଗ୍ରାମ୍ୟ ରାସ୍ତା କଂକ୍ରିଟକରଣ ନିମ୍ନମାନର ହୋଇଥିବାରୁ ଫାଟି ଗଲାଣି । ଏହି ପଞ୍ଚାୟତର ପତ୍ରାପାଲି ଶ୍ମଶାନଘାଟରେ ୪ ଫୁଟ ଗଭୀରର ଗାତ ସୃଷ୍ଟି ହୋଇଛି। ଏହି ବ୍ଲକ ଲରମ୍ବା ପଞ୍ଚାୟତର ଗଉଡପଡା, ମାଲିପଡା ଏବଂ ବୁଗବୁଗା ପଞ୍ଚାୟତର ଖଲିଆପାଲି ଗୁଡାପଡାରେ ବିଦ୍ୟୁତ ସେବା ଏପର୍ଯ୍ୟନ୍ତ ପହଞ୍ଚିନାହିଁ। ବୁଗବୁଗା ପଞ୍ଚାୟତର ଗରିଆଟିକ୍ରା ପ୍ରାଥମିକ ସ୍କୁଲର ଛାତରୁ ପଲସ୍ତରା ଖସି ବିପଦଶଙ୍କୁଳ ଅବସ୍ଥାରେ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । କୁଲୁଣ୍ଡା ପଞ୍ଚାୟତକୁ ସଂଯୋଗ କରୁଥିବା କୁଲୁଣ୍ଡା, ଜାମଟିକ୍ରା, ପଲସାପାଲି, ବାଞ୍ଜିପାଲି ରାସ୍ତା ଏବଂ ବୁଗବୁଗା ପଞ୍ଚାୟତର ବୁଗବୁଗା, ପତ୍ରପାଲି, ଜାମଟିକ୍ରା, ବୁଗବୁଗା ସମେତ ବ୍ଲକର ଆହୁରି ଅନେକ ରାସ୍ତା ଶୋଚନୀୟ ହୋଇପଡିଛି । ସେହିପରି ବିନା ବେଡରେ ଚାଲିଛି ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ଫଳରେ ରୋଗୀ ଡାକ୍ତରଖାନା ବାରଣ୍ଡାରେ ଶୋଇ ଚିକିତ୍ସିତ ହେଉଛନ୍ତି। ଏ ସମ୍ପର୍କରେ ଅତାବିରା ବିଡିଓ ପ୍ରଣବ କୁମାର ଚାନ୍ଦଙ୍କୁ ପଚାରିବାରୁ ସମସ୍ୟା ଗୁଡିକର ସମାଧାନ କରାଯିବ ବୋଲି କହିଥିଲେ ।



ଦୁର୍ଗେଇଖୋଲ ଯାତ୍ରା ପାଇଁ ବୈଠକ ।

## ଦୁର୍ଗେଇଖୋଲ ଯାତ୍ରା ପାଇଁ ନୂଆ ପରିଚାଳନା କମିଟି

ପାଇକମାଲ,୭।୧୧(ଡି.ଏନ.ଏ)

ପାଇକମାଲ ବ୍ଲକ ମିଠାପାଲି ପଞ୍ଚାୟତ ମନଭଙ୍ଗ ଗ୍ରାମ ନିକଟସ୍ଥ ମାତା ଯମୁନା କନ୍ଧୁଣୀ ସ୍ମୃତିପୀଠରେ ଗୁରୁବାର ଡାଇମଣ୍ଡ ଭୋଇଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନଭଙ୍ଗ, କୁଡ଼ାରିଫସା, ଲଉଡମାଲ, ମୋତିପାଲି, ପତ୍ରାପାଲି, ପିପଲଖୁନଟା, ଲୁକୁପାଲି, ନୂଆଗାଁ ଓ ବିଜୟନଗର ଗ୍ରାମର ଲୋକେ ଯୋଗଦାନ କରିଥିଲେ । ଆଗାମୀ ଦୁର୍ଗେଇଖୋଲ ଯାତ୍ରା ଡିସେମ୍ବର ୧୨ ଓ ୧୩ ଦୁଇଦିନ ଧରି ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା । ଏ ନେଇ ଏକ କମିଟି ଗଠନ ହୋଇଥିଲା। ଏଥିରେ ସଭାପତି ମଧୁସୂଦନ ପାଣ୍ଡେ, ଉପସଭାପତି ପୂର୍ଣ୍ଣଚନ୍ଦ୍ର ଭୋଇ, ସମ୍ପାଦକ ବେଣୁଧର ମଲ୍ଲିକ, କୋଷାଧକ୍ଷ ହିରଣ୍ୟ ମଲ୍ଲିକଙ୍କୁ ସର୍ବସମ୍ମତି କ୍ରମେ ମନୋନିତ କରାଯାଇଥିଲା । ପୂଜକ ମାନଙ୍କ ମଧ୍ୟରେ ନବିନ ମଲ୍ଲିକ, ଅନିରୁଦ୍ଧ ମଲ୍ଲିକ, ନନ୍ଦନଲାଲ ମଲ୍ଲିକ, ନକୁଲ ମଲ୍ଲିକ, ତ୍ରିନାଥ ମଲ୍ଲିକଙ୍କୁ ବିଭିନ୍ନ ପୂଜା ଦାୟିତ୍ୱ ଦିଆଯାଇଥିଲା । ବେଣୁଧର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



ଖୁଣ୍ଟୁଲିପାଲି ଶିଶୁ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡା ପ୍ରତିଯୋଗିତାର ମଞ୍ଚାସୀନ ଅତିଥି ବୃନ୍ଦ ।

ଅତାବିରା, ୭।୧୧ (ଡି.ଏନ.ଏ)

ଭେଡେନ ବ୍ଲକ ଖୁଣ୍ଟୁଲିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୩ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୨୭୨ଜଣ ଅଂଶଗ୍ରହଣ କରିଥିଲେ । ବାଳବର୍ଗରେ ଅଞ୍ଜନ ଦନ୍ତା, ଜନନୀ କଠାର, ଶିଶୁ ବର୍ଗରେ ସୌରଭ ବର୍ଗେ ଓ ତନୁପମା ରାଉତ ଚାମ୍ପିୟନ ହୋଇଥିଲେ। ସେହିପରି ଅଭିଜିତ ଖମାରୀ, ଅର୍ପିତା ତ୍ରିପାଠୀ, ଆଦ୍ୟାଶା ଅନୁପମା ଦନ୍ତା ପ୍ରମୁଖ କୃତକାର୍ଯ୍ୟ ହୋଇ ଟ୍ରଫି ସହ ସମ୍ମାନିତ କରିଥିଲେ। ଉଦଯାପନୀ ଦିବସରେ ସତ୍ୟନାରାୟଣ ବିଶ୍ୱାଳ ମୁଖ୍ୟଅତିଥି, ଶିଳ୍ପପତି ମନୀଶ ଶର୍ମା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ପ୍ରଧାନଆଚାର୍ଯ୍ୟ ଶଙ୍କର୍ଷଣ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉପସଭାପତି ଶମ୍ଭୁରାମ ତ୍ରିପାଠୀ, ସମ୍ପାଦକ ସୂର୍ଯ୍ୟନାରାୟଣ ପଣ୍ଡା, ସଭାପତି ସଞ୍ଜୀବ ଦାଶ, ଆଚାର୍ଯ୍ୟ ସ୍ୱାନ୍ତନା ପୁରୋହିତ, ସୁଜିତ ଆଚାର୍ଯ୍ୟ, ଶିଶୁବାଟିକା ପ୍ରମୁଖ ପଦ୍ମିନୀ ଭୋଇ, ଯୋଗେଶ ପାଢ଼ୀ, ମୁନୁ ବଢ଼େଇ, ସୁବ୍ରତ ଶତପଥି, ସୁପ୍ରଭା ସା, ସତ୍ୟଶ୍ରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ଖରିଫ ଧାନ ସଂଗ୍ରହ ପାଇଁ ତାଲିମ

ପଦ୍ମପୁର, ୭।୧୧ (ଡି.ଏନ.ଏ)

ଚଳିତ ବର୍ଷ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ଏକ ତାଲିମ ଶିବିର ଗୁରୁବାର ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି ପରିସରରେ ଅନୁଷ୍ଠିତ ହୋଇଛି। ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆ, ଉପନିବନ୍ଧକ (ସମବାୟ ସମିତି ସମୂହ) ଧର୍ମେନ୍ଦ୍ର ଭୋଇଙ୍କ ସଂଯୋଜନାରେ ହୋଇଥିବା ତାଲିମ ଶିବିରରେ ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ, ସମବାୟ ସମିତି ଓ ଖାଦ୍ୟ ଯୋଗାଣ ବିଭାଗ କର୍ମଚାରୀ ଯୋଗଦାନ କରିଥିଲେ। ସରକାରୀ ସହାୟକ ମୂଲ୍ୟ ଓ ଏଫଏକ୍ୟୁ ମାନର ଧାନ ସଂଗ୍ରହ ସମ୍ପର୍କରେ ତାଲିମ ଦିଆଯାଇଥିଲା। ସମବାୟ ନିରୀକ୍ଷକ ଉମେଶ ନାଏକ, ସହକାରୀ ଉପ ନିବନ୍ଧକ ବିଭୂତି ପୁରୋହିତ, ଉପଖଣ୍ଡ ଯୋଗାଣ ଅଧିକାରୀ ଶମ୍ଭୁ ପ୍ରସାଦ ହରିପାଲ, ଯୋଗାଣ ନିରୀକ୍ଷକ କବିରାଜ ଧରୁଆ ପ୍ରଶିକ୍ଷକ ଭାବେ ଯୋଗଦାନ କରିଥିଲେ। ଆକାଉଣ୍ଟାଣ୍ଟ ପ୍ରକାଶ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାସ୍ତାରେ ଗର୍ତ୍ତ, ବିପଦ ଆଶଙ୍କା

ଗଣ୍ଡତୁରୁମ, ୭।୧୧ (ଡି.ଏନ.ଏ)

ଗୋଡଭଗା-ସୋନପୁର ୫୪ ନମ୍ବର ରାଜ୍ୟ ରାଜପଥ ମହୁଲପାଲି ଛକଠାରୁ ବରଗଡ ଜିଲା ସଦର ମହକୁମାକୁ ସଂଯୋଗ କରୁଥିବା ରାସ୍ତାର ଖଇରଝିଟିଙ୍ଗି ଛକ ନିକଟରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି । ଏହି ରାସ୍ତା ଦେଇ ପ୍ରତ୍ୟେହ ଶହ ଶହ ଯାନବାହନ ଯାତାୟାତ କରୁଥିବା ବେଳେ କୋମଳମତି ଛାତ୍ରୀଛାତ୍ର ସ୍କୁଲକୁ ଯିବା ଆସିବା କରୁଛନ୍ତି । କୌଣସି ସମୟରେ ବି ଆକସ୍ମିକ ଦୁର୍ଘଟଣାକୁ ଏଡାଇ ଦିଆଯାଇ ନ ପାରେ । ଏଣୁ ପୂର୍ତ୍ତ ବିଭାଗ ତୁରନ୍ତ ଏହି ଗର୍ତ୍ତର ମରାମତି ପାଇଁ ଦାବି ହେଉଛି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଟି. ମାଝୀଙ୍କୁ ଯୋଗାଯୋଗ କରିବାରୁ ଏହି ଗର୍ତ୍ତ କୁଡାପାଲି ମାଇନର କେନାଲ ଉପରେ ହୋଇଛି । ଯୁଦ୍ଧକାଳୀନ ଭିତ୍ତିରେ ଏହାର ମରାମତି କରାଯିବ ବୋଲି କହିଥିଲେ ।



ମହୁଲପାଲି-ବରଗଡ ରାସ୍ତାର ଖଇରଝିଟିଙ୍ଗି ଛକରେ ହୋଇଥିବା ୫ ଫୁଟ୍‌ର ଗର୍ତ୍ତ।

# ଶିଶୁଙ୍କ ପ୍ରତିଭା ବିକାଶ ପାଇଁ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ବିଜେପୁର, ୭।୧୧ (ଡି.ଏନ.ଏ)

ବିଜେପୁର ସଙ୍କର୍ଷଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ତହସିଲଦାର ପଦ୍ମନାଭ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ବ୍ଲକ ଅଧକ୍ଷା ମାନିନୀ ଭୋଇ, ଏନଏସିଇଓ ରୁକ୍ମଣ ମେହେର, ଅବସରପ୍ରାପ୍ତ ବିଇଓ ଘନଶ୍ୟାମ ସାହୁ, ସଙ୍କର୍ଷଣ ଉଚ୍ଚ ପ୍ରାଥମିକ ସ୍କୁଲର ପ୍ରଧାନଶିକ୍ଷକ ସ୍ୱାଧୀନ କୁମାର ସାହୁ, ଏବିଇଓ ସୁଶାନ୍ତ କୁମାର ପାଣ୍ଡେ, ଅମୂଲ୍ୟ ପଧାନ ଓ ଦିବାକର ବରିହା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ବିଇଓ ପୂର୍ଣ୍ଣଚନ୍ଦ୍ର ମିଶ୍ର ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ହାଇସ୍କୁଲର ଛାତ୍ରୀବୃନ୍ଦ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ରବିଶଙ୍କର ଗୁରୁ ସଭା ସଂଯୋଜନା କରିଥିଲେ। ନବ କିଶୋର ସାହୁ, ଦଶରଥ ପଣ୍ଡା, ମୋହିନୀ ମେହେର, ରାଜକିଶୋର ବିଶ୍ୱାଳ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ବିଇଓ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ ସମାରୋହରେ ବିଧାୟିକା ରୀତା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏବିଇଓ ଅମୂଲ୍ୟ ପ୍ରଧାନ ଓ ସୁଶାନ୍ତ କୁମାର ପାଣ୍ଡେ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଶିଶୁମାନଙ୍କ ପ୍ରତିଭା ଅନ୍ୱେଷଣରେ ସୁରଭି ସହାୟକ ହେଉଛି। ତେଣୁ ସେମାନଙ୍କ ପ୍ରତିଭାକୁ ଚିହ୍ନି ତାର ବିକାଶ ଦିଗରେ ଧ୍ୟାନ ଦେଲେ ଭବିଷ୍ୟତରେ ଶିକ୍ଷାର୍ଥୀ ସ୍ୱାବଲମ୍ବୀ ହୋଇପାରିବେ। ସୁତରାଂ ଶିଶୁଙ୍କ ପ୍ରତିଭାକୁ ବିକଶିତ କରିବା ପାଇଁ ଶିକ୍ଷକ, ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ ପାଇଥିଲା ।

**ପଦ୍ମପୁର, (ଡି.ଏନ.ଏ)** ରାଜବୋଡାସମ୍ବର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ-ସୁରଭି ରାଜବୋଡାସମ୍ବର ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଇଓ ତ୍ରିବିକ୍ରମ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ କୁମାର ଭୁଏ ଅତିଥି ଭାବେ ଯୋଗ ଦେଇଥିଲେ । ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୨୫୦ଜଣ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ଓ ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଜିଲାସ୍ତରୀୟ ପ୍ରତିଯୋଗୀତାରେ ଭାଗ ନେବାପାଇଁ ମନୋନୀତ କରାଯାଇଥିଲା। ବିଇଓ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ବ୍ଲକ ଅଧକ୍ଷ କୁମରମଣି ନାଏକ ମୁଖ୍ୟଅତିଥି, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇ, ପ୍ରଧାନଶିକ୍ଷକ ସରୋଜ କୁମାର ଭୁଏ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ବରିକେଲ ସିଆରସିସି ରାଜେନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା ଓ ଜଲି ଦାଶ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ମହୁଲପାଲି ସିଆରସିସି ସରୋଜ ପ୍ରସାଦ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

**ଭେଡ଼େନ, (ଡ଼ି.ଏନ.ଏ)** ଭେଡ଼େନ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଗୁରୁବାର ଜାଣ୍ଡୋଲ ସ୍ଥିତ ଗୋଷ୍ଠୀ ସାଧନ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଛି। ବିଇଓ ମଛିନ୍ଦ୍ର ମଲିକଙ୍କ ସଭାପତିତ୍ୱରେ ହୋଇଥିବା ଉଦଘାଟନୀ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧୀନ ୧୪ଟି କ୍ଲଷ୍ଟରର କୃତୀ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସନ୍ଧ୍ୟାରେ ବିଇଓ ମଛିନ୍ଦ୍ର ମଲିକଙ୍କ ସଭାପତିତ୍ୱରେ ହୋଇଥିବା ଉଦଯାପନୀ କାର୍ଯ୍ୟକ୍ରମରେ ବିଡ଼ିଓ ମୁରଲୀଧର ନାୟକ ମୁଖ୍ୟଅତିଥି, ଏବିଇଓ ହେମବତୀ ମେହେର, ଅଭିମନ୍ୟୁ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନିତ ହୋଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ ।

**ଭଟଲି, ୭।୧୧(ଡି.ଏନ.ଏ)** ଭଟଲି ବ୍ଲକ ମୂଳବାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୧୯ ଅନୁଷ୍ଠିତ ହୋଇଛି। ବିଇଓ ଛତ୍ରପତି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଭଟଲି ତହସିଲଦାର ରାମକୃଷ୍ଣ ମିଶ୍ର ମୁଖ୍ୟଅତିଥି, ସରପଞ୍ଚ ମିଥିଳା ବାଗ, ଏବିଇଓ ଅରୁଣ କୁମାର ବେହେରା ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଭୁଏ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମନସୀ ପାତ୍ର ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ଏକ ଶିକ୍ଷଣ ଉପକରଣ ପ୍ରଦର୍ଶନୀ ହୋଇଥିଲା। ଏହାପରେ ବ୍ଲକର ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଶୁକ୍ରବାର ଜିଲାସ୍ତରୀୟ ମହୋତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି। ପରେ ବିଇଓ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି, ସମଗ୍ର ଶିକ୍ଷା ବରଗଡ଼ର ଜିଲା ପ୍ରକଳ୍ପ ସଂଯୋଜକ ସୁଶାନ୍ତ କୁମାର ଚୋପଦାର ମୁଖ୍ୟବକ୍ତା, ଭଟଲି ବିଡିଓ ଧିରେନ୍ଦ୍ର କୁମାର ସେଠୀ ଏବଂ ଗଣେଶ ରାମ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ବୈରାଗୀ ସାହୁ ଏବଂ ପ୍ରକାଶ ଚନ୍ଦ୍ର ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ବ୍ଲକର ୧୧ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଡା. ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଟ୍ରଫି ପ୍ରଦାନ କରି ଆଦର୍ଶ ଶିକ୍ଷକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା ।



ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।



ଭେଡ଼େନ ବ୍ଲକ ସୁରଭି କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ।

## ସ୍କୁଲରେ ପରିସ୍ରା କରିବାରୁ ଛାତ୍ରୀଛାତ୍ରଙ୍କୁ ମାଡ

ବୌଦ୍ଧ,୭।୧୧(ସ୍ୱ.ପ୍ର)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅଧୀନ କାଲେଶ୍ୱରଗାଁରେ ଥିବା ଏକ ବିଦ୍ୟାଳୟରେ ପରିଶ୍ରା କରିବାରୁ ପ୍ରଧାନ ଶିକ୍ଷକଙ୍କ ନାବାଳକ ପୁଅ ପ୍ରାୟ ୨୧ ଜଣ ଛାତ୍ରଛାତ୍ରୀଙ୍କୁ ନିସ୍ତୁକ ମାଡ ମାରିଥିବା ଜଣାପଡିଛି ।

ସୂଚନା ଅନୁସାରେ, ଖୋର୍ଦ୍ଧାର ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ଦ୍ୱାରା କାଲେଶ୍ୱରଠାରେ ଉକ୍ତ ବିଦ୍ୟାଳୟ ପରିଚାଳିତ ହେଉଛି । ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ସପରିବାର ରହୁଛନ୍ତି । ପ୍ରଧାନଶିକ୍ଷକ ବିଦ୍ୟାଳୟ କାର୍ଯ୍ୟରେ ବାହାରକୁ ଯାଇଥିବାବେଳେ ଗୁରୁବାର ସକାଳୁ ତାଙ୍କ ନାବାଳକ ପୁଅ ଅନ୍ୟ ଏକ ବିଦ୍ୟାଳୟକୁ ପଢିଯିବାକୁ ସାଇକେଲ ବାହାର କରୁଥିଲେ । ଏହି ସମୟରେ ସେହି ବିଦ୍ୟାଳୟର ଛାତ୍ରୀଛାତ୍ର ସେଠାରେ ପରିଶ୍ରା କରିଥିବା ସେ ଦେଖିବାକୁ ପାଇଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ପ୍ରଧାନ ଶିକ୍ଷକଙ୍କ ନାବାଳକ ପୁଅ ୨୧ଜଣ ଛାତ୍ରୀଛାତ୍ରଙ୍କୁ ଧାଡିରେ ଠିଆ କରାଇ ଏକ ବାଡିରେ ନିସ୍ତୁକ ପିଟିଥିଲେ। ଛାତ୍ରୀଛାତ୍ରମାନଙ୍କ କାନ୍ଦ ବୋବାଳି ଶୁଣି ଗ୍ରାମବାସୀ ଘଟଣା ସମ୍ପର୍କରେ ଜାଣି ଥାନାକୁ ସୂଚନା ଦେଇଥିଲେ। ଖବର ପାଇ ଥାନା ଅଧିକାରୀ ତପସ୍ୱିନୀ କହଁର, ଶିଶୁ ସୁରକ୍ଷା ଅଧିକାରୀ ରାହୁଲ କୁମାର ପ୍ରଧାନ ଓ ଜିଲା ମଙ୍ଗଳ ଅଧିକାରୀ ବିନୋଦ ନାଏକ ଉକ୍ତ ବିଦ୍ୟାଳୟରେ ପହଞ୍ଚି ଘଟଣାର ତଦନ୍ତ କରିବା ସହିତ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ବୁଝାଶୁଝା କରିଥିଲେ। ଏହି ଘଟଣା ଜଣାପଡିବା ପରେ ଅଭିଭାବକ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଜିଲା ମଙ୍ଗଳ ଅଧିକାରୀ ମାମଲାର ତଦନ୍ତ କରିବେ ବୋଲି ଜଣାପଡିଛି। ତେବେ ଏ ନେଇ ଉକ୍ତ ସ୍କୁଲର ପ୍ରଧାନଶିକ୍ଷକ କିମ୍ବା ବିଭାଗୀୟ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ ।



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ



**ସଂକ୍ଷେପରେ**

## ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ଭେଡ଼େନ, ୭।୧୧(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ରେମଣ୍ଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଡୁଙ୍ଗୁରିପାଲିରେ ଗୋଷ୍ଠାଷ୍ଟମୀ ଅବସରରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରକଳ୍ପ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଡ଼ୋଲାମଣି କ୍ଷେତି, ବିଜେଡ଼ି ବ୍ଲକ ସଭାପତି ହରିଶଙ୍କର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ପ୍ରଫୁଲ୍ଲ ବାଗ, ସମ୍ପାଦକ ଶିବ ସାହୁଙ୍କ ସମେତ ସମସ୍ତ ଗ୍ରାମବାସୀ ତଥା ସାଂସ୍କୃତିକ ସଂଘର ସଦସ୍ୟ ଯୋଗ ଦେଇଥିଲେ । ଏହି ଅବସରରେ ଏକ ବିରାଟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଶୋଭାଯାତ୍ରାରେ କୃଷ୍ଣ, ବଳରାମ ଓ ଗୋପ ବାଳକ ମାନେ ବେଶ ପୋଷାକ ପିନ୍ଧି ଗ୍ରାମ ପରିକ୍ରମା କରି ଯାତ୍ରା ପଡ଼ିଆକୁ ଯାଇଥିଲେ। ଏଥିରେ ନନ୍ଦରାଜା ଭାବେ ଗଣେଷ ବାଗ, ନନ୍ଦରାଣୀ ସୁବାସିନୀ ବାଗ, କୃଷ୍ଣ ରାଜ କିଶୋର ବାଗ ଓ ବଳରାମ ପ୍ରତିତ୍ୟ ବାଗ ପ୍ରମୁଖ ଅବତୀର୍ଣ୍ଣ କରିଥିଲେ ।

■ କନ୍ଧମାଳ-ବଲାଙ୍ଗୀର ତେଲନଦୀ ପୁଲିଆ

# ୭ ବଛର ହେଲା ସପନ୍ ହେଇ ରହିଛେ

କନ୍ଧମାଳ, ୭।୧୧ (ଡି.ଏନ୍.ଏ.)



ଦରଖଁଡ଼ିଆ ହେଇ ପଡ଼ିଥିବାର କନ୍ଧମାଳ-ବଲାଙ୍ଗୀର ତେଲନଦୀ ପୁଲିଆ।

ବୌଦ୍ଧ ଜିଲା କନ୍ଧମାଳ-ବଲାଙ୍ଗୀର ତେଲନଦୀ ପୁଲିଆ ତିଆରି ମୂଲ ହେବାର ୭ ବଛର ଉତାରୁ ବି ଅଂଚଲବାସୀକର ସପନ୍ ପୂରା ନାଇଁ ହେଇପାରି। ୮ଟା ସ୍ଲାବ୍‌ର ଶେଷ ଢଲେଇ, ବାଡ଼ା ଆର ସଂଯୋଗ ରାସ୍ତା ଅଭାବୁ ପୁଲିଆ ଲୁକ୍‌କର ଲାଗି ଖୁଲାଯାଇ ନାଇଁ ପାରବାର। ଇ ପୁଲିଆ ବୌଦ୍ଧ ଜିଲା କନ୍ଧମାଲରୁ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ହେଇ ବଲାଙ୍ଗୀରରେ ଜୁଡ଼ି ହେବା। ପୁଲିଆ ଖୁଲ୍‌ଲେ କନ୍ଧମାଳ ଆର ବଲାଙ୍ଗୀର ଭିତରେ ପାଖାପାଖି ୫୦ କି.ମି. ରାସ୍ତା କମିଯିବା। ସେନ୍ତା ବଲାଙ୍ଗୀର, ଫୁଲବାଣୀ ଆର ବ୍ରହ୍ମପୁର ଭିତରେ ପାଖାପାଖି ୭୦ କି.ମି. ରାସ୍ତା କମିଯିବା। ହେଲେ ରାଏଜ୍ ସରକାର ଆର ଜିଲା ପରଶାସନର ଆଁତରିକତା ଅଭାବୁ ତେଲନଦୀ ପୁଲିଆ କାମ୍ ଶେଷ ନାଇଁ ହେଇପାରବାର ବଲି ଅଂଚଲବାସୀ ଅଭିଯୋଗ କରିଛନ୍।

ସୂଚନା ଅନ୍‌ସାରେ ୨୦୧୨ ସାଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇ ପୁଲିଆ ତିଆରି ଲାଗି ଭୂମି ପୂଜା କରି ପଥର ଗାଡ଼ିଥିଲେ। ହେଲେ କାମ ଲେଠ୍‌ରେଇ ଲେଠ୍‌ରେଇ ଗଲା ବଛର ପିଲର ଆର ଛାତ କାମ ସରିଛେ। ସେନ୍ତା ପୁଲିଆର ସଂଯୋଗ ରାସ୍ତା ଲାଗି ସୁବର୍ଣ୍ଣପୁର ଜିଲା ତରଭା ତହସିଲ ଅଧୀନ ୫ ଝନ୍‌କର ଜମି ଦଖଲର କ୍ଷତିପୁରନ ଦିଆ ସରିଛେ। ହେଲେ ଜଂଗଲ ବିଭାଗର ଖାମ୍‌ଖିଆଲି ମନଭାବ ଲାଗି ଇ ଜମିରେ ଥିବାର ଗଛ କଟାଯାଇ ନାଇଁପାରବାର। ସେନ୍ତା ପରଶାସନର ଖାମଖିଆଲି ମନଭାବ ଲାଗି ଆଏଜ୍ ବି ସଂଯୋଗ ରାସ୍ତା ଲାଗି ତରଭା ତହସିଲର ୨୫୦୦ ମିଟର ଜମି ଦଖଲ ପୂରା ନାଇଁ ହେଇପାରି। ଇଆଡେ ପୁଲିଆ କାମ ସାରବାକେ ଅଂଚଲବାସୀ ଦୁଇମାସ ତଲେ ଜିଲାପାଳଙ୍କୁଁ ନିବେଦନ କରିଥିଲେ। ସେନ୍ତା ବୌଦ୍ଧ ଜିଲା ପରିଦରଶନରେ ଆସିଥିବାର ୫ଟି ସଚିବଙ୍କୁଁ କନ୍ଧମାଲର ଯୁବକମାନେ ଭେଟି ପୁଲିଆ କାମ ଲେଠ୍‌ରାବାର ବାବ୍‌ଦେ ଅଭିଯୋଗ କରିଥିଲେ। ହେଲେ ଏଭ୍‌ତକ ପୁଲିଆର ବାଡ଼ା ଆର ୮ଟା ସ୍ଲାବ୍‌ର ଶେଷ କୋଟ ଢଲେଇ କାମ ବାକି ରହିଛେ। ଇ ବାବ୍‌ଦେ ଭାଜପା ଯୁବନେତା ଡମ୍ବରୁଧର କହଁର କହିଛନ୍ ଯେ, ବାରବାର ଅଭିଯୋଗ କଲେ ବି ପରଶାସନ କନ୍ଧମାଳ ତେଲନଦୀ ପୁଲିଆ ଖୁଲବାର ଦିଗେ ପଦକ୍ଷେପ ନାଇଁ ନେବାର। ଏନ୍‌ତାଥି ଆଏବାର ଦିନେ ଅଂଚଲବାସୀ ଉଲ୍‌ଗୁଲାନକେ ଉତିରବାରଟା ଥଏ ଆଏ ବଲି ସେ କହିଛନ୍। ଇ ଦିଗେ କନ୍ଧମାଳ ନାଗରିକ କମିଟି ବାରବାର ପରଶାସନର ଦୃଷ୍ଟି ଆକରଷନ୍ କରି ନିରାଶ ହେଇଛେ। ଇ ବାବ୍‌ଦେ କନ୍ଧମାଳ ଓକିଲ ସଂଘର ସଭାପତି ଦ୍ୟୁତିଆଚରଣ ସାହୁ କହଛନ୍ ଯେ, ରାଏଜ୍ ସରକାର ଆର ପରଶାସନର ଉଦାସିନତା ଲାଗି ତେଲନଦୀ ପୁଲିଆ କାମ ଶେଷ ନାଇଁ ହେଇପାରବାର। ଅଲପ ଦିନ ଭିତରେ ସମସିଆର ସମାଧାନ ନାଇଁ ହେଲେ ଜୋରଦାର ଉଲ୍‌ଗୁଲାନ ହେବା ବଲି ସେ କହିଛନ୍। ପୁଲିଆ କାମ୍ ପୂରା ନାଇଁ ହେବାର ଲାଗି ଫିଦିନ ଜୀବନକେ ପାଏନ୍‌ଛଡ଼େଇ ହଜାର ହଜାର ଲୋକ ଫେରିଘାଟରେ ଡଂଗାରେ ଯାଆସ କରୁଛନ୍। ଇ ବାବ୍‌ଦେ ମତାମତ ଲାଗି ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସହକାରୀ ଯନ୍ତ୍ରୀ ନିରଞ୍ଜନ ସାହୁଙ୍କୁଁ ଯୋଗାଯୋଗ କରାଯାଇଥିଲେ ବି ମତାମତ ନାଇଁ ମିଳିପାରି।

## ଭତା ଲାଗି ଆବେଦନ କରି ବୁଢ଼ୁଧ୍ ନିରାଶ

ଅତାବିରା, ୭।୧୧ (ଡି.ଏନ୍.ଏ.)



ବିଧବା ବୁଢ଼ୁଧ୍ ହେମ ଦନ୍ତା।

ବରଗଡ ଜିଲା ଭେଡେନ ବ୍ଲକ ଦେଶଭଟିଲି ପଂଚେତ୍ ଉଦେପୁର ଛକ ପାସର ବିଧବା ବୁଢ଼ୁଧ୍ ହେମ ଦନ୍ତା (୮୦)। ପରିବାର କହେଲେ ପୁଓ ଲୋକନାଥ, ଝିଁ ବୈଦେହୀ, ଗୋଦାବରୀ, ବହ ସୁଜାତା ଆର ନାତେନକେ ନେଇ ତାକର ସଁସାର। ହେମକଁର ବଏସ୍ ଅଧିକା ହେବାର ଲାଗି ଫିଦିନିଆଁ କାମ୍‌କେ ଛାଡ଼ି ଅଲଗା କାମ୍‌ବୁତା କରି ନାଇଁପାରବାର। ଏନ୍‌ତାଥି ସେ ବାରବାର ବୁଢ଼ାବୁଢ଼ି ଭତାର ଲାଗି ଆବେଦନ କରି ନିରାଶ ହେଇଥିବାର ଅଭିଯୋଗ କରିଛନ୍। ଇ ବିଧବା ବୁଢ଼ୁଧ୍‌କୁଁ ଯେତେ ଜଲଦି ହେବା ଭତା ଯୁଗେଇ ଦେବାକେ ସାଧାରନରେ ଦାବି ହେଉଛେ। ଇ ବାବ୍‌ଦେ ଭେଡ଼େନ ବିଡିଓ ମୁରଲୀଧର ନାୟକଙ୍କୁଁ ପଚରାଲାରୁ ଦରକାରୀ କାଗଜପତର ଦେଲେ ଯେତେ ଜଲଦି ହେବା ତାହାଙ୍କୁଁ ଭତା ଯୁଗେଇ ଦେବାର ବେବସ୍ତା କରାଯିବା ବଲି ସେ କହିଥିଲେ।

■ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି

# ପ୍ରତିଭା ଅନ୍ୱେଷଣ ପାଇଁ ସୁରଭି ଉପଯୁକ୍ତ ମଞ୍ଚ

ବୌଦ୍ଧ,୭।୧୧(ସ୍ୱ.ପ୍ର)




ସୁରଭି ମଞ୍ଚରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି ।

ବୌଦ୍ଧ ଜିଲା ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଗୁରୁବାର ଟାଉନହଲଠାରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ କନ୍ଧମାଳ ବିଧାୟକ ମହୀଧର ରଣା ମୁଖ୍ୟଅତିଥି, ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ମୁଖ୍ୟବକ୍ତା, ବୌଦ୍ଧ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧ୍ରୁବଚରଣ ଘିବେଲା, ପ୍ରକଳ୍ପ ସଂଯୋଜକ ସମଗ୍ର ଶିକ୍ଷା ଯୋଜନା ଗେନ୍ଦ୍ରା କୁଜୁର, କନ୍ଧମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦଶରଥ ମେହେର ଓ ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ସନାତନ ଗାହାଣ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବୌଦ୍ଧ ଏବିଇଓ କମଳାକାନ୍ତ ଦଳବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ସୁରଭି କାର୍ଯ୍ୟକ୍ରମ ସରକାରଙ୍କ ଏକ ବଡ ପଦକ୍ଷେପ କହିବା। ଏହାଦ୍ୱାରା ଶିଶୁଙ୍କ ସାମଗ୍ରିକ ମୂଲ୍ୟାଙ୍କନ କରାଯାଇଥାଏ ବୋଲି ମୁଖ୍ୟ ଅତିଥି ବିଧାୟକ ରଣା ଆଲୋକପାତ କହିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲାର ୮୦୫ ବିଦ୍ୟାଳୟରୁ ୫୦୦ରୁ ଅଧିକ ଛାତ୍ରୀଛାତ୍ରୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ସମସ୍ତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ରମାନେ ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ସୂଚନା ଦିଆଯାଇଛି। ଶିକ୍ଷକ ବସନ୍ତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ ।

## ଭୈରବୀ ଡିଗ୍ରୀ କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର




ଆତ୍ମରକ୍ଷା ତାଲିମ ଶିବିରରେ ମଞ୍ଚାସୀନ ଅତିଥି ।

ବୌଦ୍ଧ,୭।୧୧(ସ୍ୱ.ପ୍ର)

ବୌଦ୍ଧ ଜିଲା ପୁରୁଣାକଟକ ସ୍ଥିତ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟରେ ମହିଳା ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଲଳିତ କୁମାର ମେହେର ଅଧକ୍ଷତା କରିଥିଲେ। ଏଥିରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଇଂରାଜୀ ପ୍ରଧ୍ୟାପକ ପ୍ରଭାତ ଚନ୍ଦ୍ର ମିଶ୍ର ମୁଖ୍ୟଅତିଥି ଓ ଆତ୍ମରକ୍ଷା ଜିଲା ସଂଯୋଜିକା ଅଧ୍ୟାପିକା ପ୍ରଣତି ମିଶ୍ର ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରର ସଂଯୋଜିକା ଅଧ୍ୟାପିକା ସୁଷମାରାଣୀ ବହିଦାର ସଭା ପରିଚାଳନା କରିଥିଲେ। ଅଧ୍ୟାପକ ସୁରେଶ୍ୱର ଯୋଶୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଶିବିରରେ ୧୮୦ ଜଣ ଛାତ୍ରୀ ଯୋଗ ଦେଇ ତାଲିମ ଗ୍ରହଣ କରିଥିଲେ । ମାଷ୍ଟର ଟ୍ରେନର ଭାବେ ଶିଳ୍ପାରାଣୀ ହେରା, ସଞ୍ଜିନା କୁମାରୀ ଆପଟ ଓ ସ୍ନେହଲତା ମହାକୁଡ ତାଲିମ ପ୍ରଦାନ କରିଥିଲେ । ଅଧ୍ୟାପକ ରଞ୍ଜିତ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ସାମିଲ ହୋଇଥିଲେ ।

## କଲ୍ୟାଣ ମଣ୍ଡପ ଲୋକାର୍ପିତ

ଭଟଲି,୭।୧୧(ଡି.ଏନ.ଏ)

ଭଟଲି ଗଡ଼ପଡ଼ାରେ ପ୍ରାୟ ୨୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା ସାମୂହିକ କଲ୍ୟାଣ ମଣ୍ଡପ ଗୁରୁବାର ଲୋକାର୍ପିତ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ଓ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ଏହି କଲ୍ୟାଣ ମଣ୍ଡପକୁ ଲୋକାର୍ପିତ କରିଥିଲେ । ଏଥିରେ ବ୍ଲକ ଅଧ୍ୟକ୍ଷା ପ୍ରେମାବତୀ ସା, ଭଟଲି ବିଡିଓ ଧିରେନ୍ଦ୍ର କୁମାର ସେଠୀ, ସମିତି ସଭ୍ୟ ଦଧିଗଣ ସେଠ, ସହକାରୀ ନିର୍ବାହୀ ଯନ୍ତ୍ରୀ ରଶ୍ମିତା ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ ।

■ ବିଚନାପାଟି ପ୍ରାଥମିକ ସ୍କୁଲ

## ଜଣେ ଶିକ୍ଷକରେ ଚାଲିଛି ୫ ଶ୍ରେଣୀ

କନ୍ଧମାଳ, ୭।୧୧(ଡି.ଏନ.ଏ)

ବୌଦ୍ଧ ଜିଲା କନ୍ଧମାଳ ବ୍ଲକରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ବ୍ଲକର କେଉଁ ସ୍କୁଲରେ ଶିକ୍ଷକ ଅଭାବ ରହିଛି ତ ଆଉ କେଉଁଠି ପିଲା ସଂଖ୍ୟା ଅନୁପାତରେ ଅଧିକ ଶିକ୍ଷକ କାର୍ଯ୍ୟ କରୁଛନ୍ତି । କନ୍ଧମାଳ ବ୍ଲକର ବିଚନାପାଟି ପ୍ରାଥମିକ ସ୍କୁଲରେ ଜଣେ ଶିକ୍ଷକ ପାଞ୍ଚଟି ଶ୍ରେଣୀର ପିଲାମାନଙ୍କୁ ପାଠ ପଢାଉଥିବା ବେଳେ ଲୋକାପଡା ଉଚ୍ଚ ପ୍ରାଥମିକ ସ୍କୁଲ ଭଳି ଅନେକ ସ୍କୁଲରେ ଆବଶ୍ୟକତାଠାରୁ ଅଧିକ ଶିକ୍ଷକ କାର୍ଯ୍ୟରତ ଅଛନ୍ତି । ବିଚନାପାଟି ପ୍ରାଥମିକ ବିଦ୍ୟାଳୟର ୨ ଜଣ ଶିକ୍ଷକଙ୍କ ମଧ୍ୟରୁ ଜଣେ ଗତ ସେପ୍ଟେମ୍ବର ୩୦ ତାରିଖରେ ଅବସର ନେଇଛନ୍ତି । ୧ ମାସ ବିତି ଯାଇଥିଲେ ମଧ୍ୟ ଏହି ସ୍କୁଲରେ କୌଣସି ଶିକ୍ଷକଙ୍କୁ ଅବସ୍ଥାପିତ କରାଯାଇନାହିଁ । ଫଳରେ ଜଣେ ଶିକ୍ଷକ ୫ଟି ଶ୍ରେଣୀକୁ ଶିକ୍ଷାଦାନ କରୁଥବବା ଦେଖିବାକୁ ମିଳିଛି । ଏ ନେଇ ଗ୍ରାମବାସୀ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ । ପ୍ରାଥମିକ ବିଦ୍ୟାଳୟରେ ଏକକ ଶିକ୍ଷକ ରହିବା ନିୟମ ନ ଥାଇ କିପରି ଜଣେ ଶିକ୍ଷକ ଏଠାରେ ସମଗ୍ର ସ୍କୁଲ ଦାୟିତ୍ୱ ତୁଲାଉଛନ୍ତି ତାହା ଶିକ୍ଷା ବିଭାଗର ଅପାରଗତାକୁ ପଦାରେ ପକାଇ ଦେଇଛି । ତେବେ ସିଲେଟପଡା ଉଚ୍ଚ ପ୍ରାଥମିକ ସ୍କୁଲରେ ମଧ୍ୟ ଛାତ୍ରୀଛାତ୍ରଙ୍କ ସମାନୁପାତରେ ୫ ଜଣ ଶିକ୍ଷକ ରହିବା ସ୍ଥଳେ ଏଠାରେ ମାତ୍ର ୩ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି । ସମୁଦାୟ ୮ଟି ଶ୍ରେଣୀକୁ କିପରି ୩ ଜଣ ଶିକ୍ଷକ ପଢାଉଚନ୍ତି ତାହା ନ ଦେଖିଲେ ବିଶ୍ୱାସ କରିହେବ ନାହିଁ । ସେହିପରି ରେଙ୍ଗାଲି ପ୍ରାଥମିକ ସ୍କୁଲରେ ୫ ଜଣ ଶିକ୍ଷକଙ୍କ ଜାଗାରେ ୪ ଜଣ ୮ଟି ଶ୍ରେଣୀରେ ଶିକ୍ଷାଦାନ କରୁଛନ୍ତି । ଫଗୁଣାମାଳ ଉଚ୍ଚ ପ୍ରାଥମିକ ସ୍କୁଲରେ ମଧ୍ୟ ୪ ଜଣ ଶିକ୍ଷକ ଅଛନ୍ତି । ଅପରପକ୍ଷରେ କନ୍ଧମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଅନୁପାତରେ ୭ ଜଣଙ୍କ ସ୍ଥାନରେ ୯ଜଣ ଶିକ୍ଷକ ଅଛନ୍ତି । ସହରାଞ୍ଚଳ ନିକଟବର୍ତ୍ତୀ ସ୍କୁଲମାନଙ୍କରେ ମୁଖ୍ୟତଃ ଛାତ୍ରୀଛାତ୍ରଙ୍କ ଅନୁପାତରେ ଅଧିକ ଶିକ୍ଷକ ଥିବା ଦେଖାଯାଇଛି । ଶିକ୍ଷା ବିଭାଗର ନିୟମ ଅନୁଯାୟୀ ପ୍ରାଥମିକ ସ୍କୁଲରେ ଅନ୍ତତଃ ୨ ଜଣ ଶିକ୍ଷକ ଓ ଉଚ୍ଚ ପ୍ରାଥମିକ ସ୍କୁଲରେ ୫ ଜଣ ଶିକ୍ଷକ ରହିବେ । ଛାତ୍ରୀଛାତ୍ରଙ୍କ ଅନୁପାତରେ ପ୍ରାଥମିକ ସ୍କୁଲରେ ୩୦ ଛାତ୍ରୀଛାତ୍ର ଓ ଉଚ୍ଚ ପ୍ରାଥମିକ ସ୍କୁଲରେ ୩୫ ଛାତ୍ରୀଛାତ୍ରଙ୍କ ପାଇଁ ଜଣେ ଲେଖାଏ ଶିକ୍ଷକ ଶିକ୍ଷାଦାନ କରିବା ନିୟମ ଥିଲେ ମଧ୍ୟ ଏହାର ଖୋଲାଖୋଲି ଉଲ୍ଲଂଘନ ହେଉଛି । ଏ ନେଇ ବିଇଓ ଦଶରଥ ମେହେରଙ୍କୁ ଯୋଗାଯୋଗ କରିବାରୁ ଆମର ଗୋଟିଏ ସିଙ୍ଗିଲ ଟିଚର ସ୍କୁଲ ରହିଛି । ଖୁବ ଶୀଘ୍ର ଏହି ପଦବୀ ପୂରଣ କରାଯିବ ବୋଲି କହିଥିଲେ ।

■ ବରଗଡ଼ ଧନୁଯାତ୍ରା ମହୋତ୍ସବ

# କଂସ ଚୟନକୁ ନେଇ ବଢୁଛି ବିରୋଧ



ବରଗଡ଼ ଜିଲା ସାମ୍ବାଦିକ ସଂଘର କର୍ମକର୍ତ୍ତା ଜିଲାପାଳଙ୍କୁ ଭେଟୁଛନ୍ତି ।

■ ସ୍ମାରକପତ୍ର ଦେଲା ଜିଲା ସାମ୍ବାଦିକ ସଂଘ
■ ଆବାହକ ପରିବର୍ତ୍ତନ ଦାବି ଜୋର୍ ଧରିଲା
■ ଇ-ପେମେଣ୍ଟ ଉପରେ ଗୁରୁତ୍ୱ ପାଇଁ ଦାବି

ବରଗଡ଼ ଅଫିସ୍,୭।୧୧

ବୃହତ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ପାଇଁ ଏଥର ମୁଖ୍ୟ ଚରିତ୍ର କଂସଙ୍କ ସମେତ ମହାମନ୍ତ୍ରୀ, ସେନାପତି ଭଳି ବିଭିନ୍ନ ଚରିତ୍ର ପାଇଁ କଳାକାର ଚୟନ କରାଯିବ ବୋଲି କଳାକାର ଉପଦେଷ୍ଟା ସମନ୍ୱୟ ସମିତି ନିଷ୍ପତ୍ତି ନେଇଛି। ଦୁଇବର୍ଷ ତଳେ କଂସ ଚୟନ ସରିଥିବାବେଳେ ପରମ୍ପରା ଦୃଷ୍ଟିରୁ ତାକୁ ତିନିବର୍ଷ ନ ପୂରୁଣୁ କିମ୍ବା ସମ୍ପୃକ୍ତ କଂସ ଅଭିନେତାଙ୍କ ତ୍ରୁଟି, ଭୁଲ ତଥା ନିୟମ ଭାଙ୍ଗିବା ଭଳି ଅଭିଯୋଗ ଆସି ନ ଥିବା ସତ୍ତ୍ୱେ ପୁଣି କଂସ ଚୟନକୁ ନେଇ କଳାକାର, ବୁଦ୍ଧିଜୀବୀ, ସଚେତନ ନାଗରିକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ପଶ୍ଚିମ ଓଡ଼ିଶା ଧନୁଯାତ୍ରା କଳାକାର ସଂଘ ପକ୍ଷରୁ ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ ସହିତ ତାର ପୁନର୍ବିଚାର କରିବା ପାଇଁ ନିବେଦନ କରାଯାଇଛି । ଅନୁରୂପ ଭାବେ ଗୁରୁବାର ବରଗଡ଼ ଜିଲା ସାମ୍ବାଦିକ ସଂଘ ଏବଂ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ପୃଥକ ଭାବେ ଜିଲାପାଳ ପ୍ରଧାନଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସ୍ମାରକପତ୍ରରେ ଏଥର କଂସ ଚୟନ ପ୍ରକ୍ରିୟାକୁ ଉଭୟ ସଂଘ ବିରୋଧ କରିବା ସହିତ ଚୟନ ପ୍ରକ୍ରିୟାକୁ ରଦ୍ଦ କରିବାକୁ ଦାବି ହୋଇଛି । କଂସ ସମେତ ଅନ୍ୟ କଳାକାରଙ୍କୁ ଅତିକମ୍‌ରେ ୫ବର୍ଷର ଅଭିନୟ ସୁଯୋଗ ଦେବା ପାଇଁ ନିବେଦନ କରାଯାଇଛି ।

ଅନ୍ୟପଟେ ଧନୁଯାତ୍ରା ମହୋତ୍ସବ ସମିତିରେ ଦୀର୍ଘବର୍ଷ ଧରି ଆବାହକ ପଦବୀରେ ରହିଥିବା କର୍ମକର୍ତ୍ତାଙ୍କୁ ପରିବର୍ତ୍ତନ କରିବାକୁ ଦାବି ହୋଇଛି । ସେମାନଙ୍କୁ ସମିତିର ଉପଦେଷ୍ଟା ଭାବେ ରଖାଯାଇ ଆବାହକ ପଦବୀ ପାଇଁ ନୂତନ ପୀଢ଼ିକୁ ସୁଯୋଗ ଦେବା ସହିତ ଏଥିରେ ଜିଲାର ସମସ୍ତ ବ୍ଲକର ସଂସ୍କୃତିପ୍ରେମୀ, କଳାକାରଙ୍କୁ ସାମିଲ କରିବା ପାଇଁ ଜିଲାପାଳଙ୍କୁ ନିବେଦନ କରାଯାଇଛି। ଧନୁଯାତ୍ରାର ଆୟବ୍ୟୟର ହିସାବ ତଥା ପାସବୁକ୍‌ର ମିନି ଷ୍ଟେଟମେଣ୍ଟ ଲୋକଲୋଚନକୁ ଆଣିବା, ଡିଜିଟାଲ ଇଣ୍ଡିଆ ଆଧାରରେ ଧନୁଯାତ୍ରାର ସମସ୍ତ ଦେଣନେଣ ଇ-ପେମେଣ୍ଟ କରାଯିବା, ପ୍ରଚାର ପ୍ରସାରକୁ ଆହୁରି ଗୁରୁତ୍ୱ ଦିଆଯାଇ କମିଟିରେ ଅଭିଜ୍ଞ ସାମ୍ବାଦିକମାନଙ୍କୁ ସାମିଲ କରିବା ଏବଂ ପାର୍କିଂ ଫି, ମୀନାବଜାର ଆଦି ମନୋରଞ୍ଜନ କାର୍ଯ୍ୟକ୍ରମ ପାଇଁ ନିର୍ଦ୍ଦିଷ୍ଟ ଟିକେଟ୍ ଦର ନିର୍ଦ୍ଧାରଣ କରିବା ପାଇଁ ଉଭୟ ସଂଘ ପକ୍ଷରୁ ଦାବି ହୋଇଛି ।

ବରଗଡ଼ ଜିଲା ସାମ୍ବାଦିକ ସଂଘ ସଭାପତି ନାସିର ଖାଁ, ସମ୍ପାଦକ ବିପିନ ବିହାରୀ ଦାଶ, ସହ ସମ୍ପାଦକ ମହମ୍ମଦ ଅସଲମ, ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ସଭାପତି ଆଶୁତୋଷ ରଥ, ସମ୍ପାଦକ ପରମାନନ୍ଦ ମିଶ୍ରଙ୍କ ନେତୃତ୍ୱରେ ସଂଘର ପ୍ରତିନିଧିମାନେ ଜିଲାପାଳଙ୍କୁ ଭେଟିବା ସହିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ସଂଘର ଦାବି ଗୁଡ଼ିକୁ ବିଚାରକୁ ନିଆଯିବ ବୋଲି ଜିଲାପାଳ ପ୍ରଧାନ କହିଥିଲେ। ସେହିପରି ଶୁକ୍ରବାର ମଧ୍ୟ ବିଭିନ୍ନ ଅନୁଷ୍ଠାନ, ସଙ୍ଗଠନ ପକ୍ଷରୁ ଅନୁରୂପ ଦାବି ନେଇ ଜିଲାପାଳଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି ।



କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
-ଆଇନଷ୍ଟାଇନ



## ସଂକ୍ଷେପରେ

### କ୍ରିକେଟ ଟୁର୍ନାମେଣ୍ଟ ସେମିରେ ଏମ୍‌କେସିସି ପାନସିଆଲି

**ଅମରପାଲି, ୭।୧୧ (ଡି.ଏନ.ଏ.):** ଉଲୁଣ୍ଡା ବ୍ଲକ କାଦୋଦର ପଞ୍ଚାୟତ ଅନ୍ତର୍ଗତ ନୂଆଁଗନିଆରେ ଚାଲିଥିବା ୧୨ତମ ବୀର ବଜରଙ୍ଗବଲି କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଥିଲା ଦ୍ୱିତୀୟ ଦିବସ। ଏହି ଦିବସରେ ୩ଟି ମ୍ୟାଚ ଖେଳା ଯାଇଥିଲା। ପ୍ରଥମ ମ୍ୟାଚ କୋଟସମଲାଇ ଓ କୁଞ୍ଜାପାଲି ମଧ୍ୟରେ ହୋଇଥିଲା। କୁଞ୍ଜାପାଲି ପ୍ରଥମେ ବ୍ୟାଟିଂ କରି ୮.୩ ଓଭରରେ ସମସ୍ତ ଉଇକେଟ ହରାଇ ୭୦ ରନ ସଂଗ୍ରହ କରିଥିଲା। ଜବାବରେ କୋଟସମଲାଇ ଦଳ ଆବଶ୍ୟକ ୭୧ରନକୁ ଗୋଟିଏ ଉଇକେଟ ହରାଇ ୭ ଓଭରରେ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଆୟୋଜକ ନୂଆଁଗନିଆ ଓ ଏମକେସିସି ପାନସିଆଲି ମଧ୍ୟରେ ହୋଇଥିଲା। ନୂଆଁଗନିଆ ପ୍ରଥମେ ବ୍ୟାଟିଂ କରି ୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୬୭ ରନ କରିଥିଲା। ଜବାବରେ ପାନସିଆଲି ଦଳ ଆବଶ୍ୟକ ୬୮ ରନକୁ ୪.୪ ଓଭରରେ କୌଣସି ଉଇକେଟ ନ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା । ତୃତୀୟ ମ୍ୟାଚ କ୍ୱାର୍ଟର ଫାଇନାଲ ହୋଇଥିଲା। ଏଥିରେ ପ୍ରଥମ ମ୍ୟାଚର ବିଜେତା କୋଟସମଲାଇ ଓ ଦ୍ୱିତୀୟ ମ୍ୟାଚର ବିଜେତା ପାନସିଆଲି ମଧ୍ୟରେ ହୋଇଥିଲା। କୋଟସମଲାଇ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୪୯ ରନ କରିଥିଲା। ପାନସିଆଲି ଦଳ ୫.୪ ଓଭରରେ ୪ ଉଇକେଟ ହରାଇ ୫୦ ରନ କରି ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି । ଖେଳଗୁଡିକରେ ଅନନ୍ତ ମହାକୁର ଓ ଶ୍ରୀକାନ୍ତ ପଧାନ ଅମ୍ପେୟାର, ସରୋଜ ମହାକୁର ସ୍କୋରର ଏବଂ ଗୌରଚନ୍ଦ୍ର ମହାକୁର ଧାରା ବିବରଣୀ ପ୍ରଦାନ କରିଥିଲେ ।

### ୧୧୦ ବୋତଲ କଫ ସିରପ ଜବତ: ଜଣେ ଗିରଫ

**ଖପ୍ରାଖୋଲ, ୭।୧୧(ଡି.ଏନ.ଏ.) :** ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପତ୍ରାପାଲି ଗାଁ ନିକଟରୁ ଖପ୍ରାଖୋଲ ପାଟ୍ରୋଲିଂ ପୋଲିସ ୧୧୦ ବୋତଲ କଫ୍‌ସିରପ ସହିତ ଇଏଲପି-୧.୦ ନିଶା ବଟିକା ୩୦ଟି ଜବତ କରିଛି। ଏହି ଘଟଣାରେ ଧଣ୍ଡାମୁଣ୍ଡା ଗାଁର ବଲ୍ଲଭ ପଧାନ(୪୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏ ନେଇ ଖପ୍ରାଖୋଲ ଥାନା୍‌ରେ ଏକ ମାମଲା (ନଂ. ୨୦୫/୧୯) ରୁଜୁ କରାଯାଇଥିବା ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ପ୍ରକାଶ କରିଛନ୍ତି । ଗୁରୁବାର ପତ୍ରାପାଲି ନିକଟରେ କଫ୍ ସିରପ ବିକ୍ରି କରାଯାଉଥିବା ଖବର ପାଇ ପୋଲିସ ଚଢାଉ କରିଥିଲା ।

## ସୁବର୍ଣ୍ଣପୁର ଜିଲାସ୍ତରୀୟ ସୁରଭି

# ପ୍ରତିଭା ବିକାଶର ମାଧ୍ୟମ ଶିଶୁ ମହୋତ୍ସବ

**ସୋନପୁର,୭।୧୧ (ନି.ପ୍ର.)**

ସୁବର୍ଣ୍ଣପୁର ସମଗ୍ର ଶିକ୍ଷା ଅଭିଯାନ ଆନୁକୂଲ୍ୟରେ ସଂସ୍କୃତି ଭବନ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୁରୁବାର ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ସୋନପୁର ବିଡିଓ ରବିନ୍ଦ୍ର କୁମାର ପଟେଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ରମେଶ ଚନ୍ଦ୍ର ପତି ସମ୍ମାନିତ ଅତିଥିଭାବେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ଆୟୋଜନ ଫଳରେ ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆସି ପାରୁଥିବା ମତପ୍ରକାଶ କରିଥିଲେ। ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ, ହିମାଂଶୁ ଭୂଷଣ ପଣ୍ଡା ଓ ହେମାଙ୍ଗିନୀ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉଦ୍‌ଯାପନୀ ସଭାରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଛାତ୍ରୀଛାତ୍ରଙ୍କ ମଧ୍ୟରେ



ଉଦ୍‌ଯାପନୀ ସଭାରେ ଅତିରିକ୍ତ ଜିଲାପାଳ ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

ପାଠପଢା ବ୍ୟତୀତ ଅନ୍ୟ କ୍ଷେତ୍ର ରହିଛି। ଯେଉଁ ଶିଶୁର ଭଲ ପାଠ ହେଉନାହିଁ ସେ ଚିତ୍ରାଙ୍କନ, ନୃତ୍ୟ କିମ୍ବା ଅନ୍ୟାନ୍ୟ କ୍ଷେତ୍ରରେ ପାରଙ୍ଗମ। ତାର ସୃଜନଶୀଳତାକୁ ଚିହ୍ନିବା ପାଇଁ ସରକାରଙ୍କ ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ ସୁରଭି ଭଳି ଶିଶୁ ମହୋତ୍ସବ ଆୟୋଜିତ ହେଉଛି। ଏହା ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକାଶର ମାଧ୍ୟମ ପାଲଟିଛି ବୋଲି ପଣ୍ଡା କହିଥିଲେ । ସମ୍ମାନିତ ଅତିଥିଭାବେ ସୋନପୁର ବିଇଓ ଘନଶ୍ୟାମ ମେହେର, ତରଭା ବିଇଓ କେଶବ ମେହେର, ବୀରମହାରାଜପୁର ବିଇଓ ଶାନ୍ତନୁ କୁମ୍ଭକାର, ଉଲୁଣ୍ଡା ବିଇଓ ଗରୁଡଧ୍ୱଜ ମୁଦୁଲି, ବିନିକା ବିଇଓ ଶଶୀଭୂଷଣ ସେଠୀ ଓ ଡୁଙ୍ଗୁରିପାଲି ବିଇଓ ଡ. ରାଧାକାନ୍ତ ଗଡତିଆ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ଜିଲାର ୬ ଗୋଟି ବ୍ଲକର ୨୪୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ । ଏଥିରେ ଜୁନିୟର, ସିନିଅର ଓ ଦିବ୍ୟାଙ୍ଗ ବର୍ଗରେ ଦଳଗତ ନୃତ୍ୟ, ବକ୍ତୃତା, ତର୍କ, କୁଇଜ୍, ଏକକ ଅଭିନୟ, କୌତୁକ ପୋଷାକ, ଚିତ୍ରାଙ୍କନ, ସୃଜନାତ୍ମକ ଲିଖନ ଓ ସଙ୍ଗୀତ ଆଦି ୧୮ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦଳଗତ ନୃତ୍ୟରେ ବିନିକା ବ୍ଲକ ବାଞ୍ଜିପାଲି ପ୍ରାଥମିକ ବିଦ୍ୟାଳୟ ପ୍ରଥମ, ତର୍କରେ ଜୁନିଅରରେ ମାୟାବାର୍ହା ପ୍ରାଥମିକ ବିଦ୍ୟାଳୟର ଜ୍ୟୋତ୍ସ୍ନାମୟୀ ନାଗ ପ୍ରଥମ, ସିନିୟରର ତମାମୁରା ହାଇସ୍କୁଲର ପୁଷ୍ପାଞ୍ଜଳି ପଟେଲ ପ୍ରଥମ ହୋଇଥିଲେ। କ୍ରିଏଟିଭ୍ ଲିଖନ ସିନିୟରରେ ବେହେରାମାଲ ପ୍ରାଥମିକ ବିଦ୍ୟାଳୟର ବର୍ଷା ପାଣ୍ଡେ ପ୍ରଥମ, ଜୁନିଅରରେ ଜସ୍ମିନ ପଧାନ, ଚିତ୍ରାଙ୍କନ ଜୁନିୟରରେ ଆଦର୍ଶ ବିଦ୍ୟାଳୟର ପ୍ରଶଂସା ପ୍ରିୟଦର୍ଶନୀ ଜେନା, କରଣମୟୀ ସାହୁ ଓ ଅମରପାଲି ୟୁପି ସ୍କୁଲର ଇପସିତା ସାହୁ, ହିନ୍ଦୀ ଲିଖନରେ ମେଣ୍ଡାମାଲ ୟୁପି ସ୍କୁଲର ରାଜେଶ୍ୱରୀ ମହାକୁଡ, ସଙ୍ଗୀତରେ ବୀରମହାରାଜପୁର ବାଳିକା ଉଚ୍ଚ ବିଦ୍ୟାଳୟର ଅଲିଭା ଜଗଦଲା, ସିନିୟରରେ ଓଡିଶା ଆଦର୍ଶ ବିଦ୍ୟାଳୟ ଝାରବାହାଲିର ସୁନିଲ ବଗର୍ତ୍ତୀ ଓ ଜୁନିଅରରେ ଚନ୍ଦନ ହୋତା ଶ୍ରେଷ୍ଠ ହୋଇଛନ୍ତି। ଏମଡିଏମ କ୍ରାଫ୍ଟରେ ମାୟାବାର୍ହା ବିଦ୍ୟାଳୟର ଝରଣାରାଣୀ ଭୁଏ, ଏମଡିଏମ ଆର୍ଟରେ ଅରିଗାଁ ବିଦ୍ୟାଳୟର ଉମାଶଙ୍କର ମହାକୁଡ, କୁଇଜ୍ ସିନିୟରରେ ଅମିୟ ମହାକୁଡ, ଜୁନିଅରରେ ସ୍ମୃତିମୟୀ ସାହୁ, ରଚନା ଲିଖନ ସିନିୟରର ସିଂଘିଯୁବା ୟୁପି ସ୍କୁଲର ସଙ୍କୃତି ପାଣିଗ୍ରାହୀ, ଜୁନିଅରରେ ଦିପ୍ତିମୟୀ ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି କୃତି ଛାତ୍ରୀଛାତ୍ରମାନେ ଆସନ୍ତା ୧୪, ୧୫, ୧୬ ତାରିଖରେ ଭୁବନେଶ୍ୱରର ୟୁନିଟ୍ ୯ ବାଳକ ହାଇସ୍କୁଲରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବରେ ଅଂଶଗ୍ରହଣ କରିବା ପାଇଁ ମନୋନିତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟର ସ୍ମିତା ମିଶ୍ର, ମାନିନୀ ମେହେର, ମାନସ ସେଠ୍, ସଚ୍ଚିଦାନନ୍ଦ ସାହୁ, ମୃତ୍ୟୁଞ୍ଜୟ ପ୍ରଧାନ, ଅକ୍ଷୟ ସାହୁ, ପ୍ରଦୀପ ପାଣିଗ୍ରାହୀ, ରାଜୀବ ପୁରୋହିତଙ୍କ ସମେତ ସମସ୍ତ କର୍ମଚାରୀ, ସମସ୍ତ ବିଆରସିସି ଓ ବିଆରଟି ସହଯୋଗ କରିଥିଲେ ।

### ବଟି ପାଇଁ କ୍ରଶର ମ୍ୟାନେଜରଙ୍କୁ ଗୁଳି

**କୋରାପୁଟ,୭।୧୧(ସ୍ୱ.ପ୍ର.)**

କୋରାପୁଟ ଜିଲା ମାଛକୁଣ୍ଡ ଥାନା ସିଲପଣ୍ଡି ଏସ୍‌ଇପିଏଲ କ୍ରଶର ୟୁନିଟରେ ଟଙ୍କା ଆଦାୟ କରିବାକୁ ଯାଇ ବୁଧବାର ରାତିରେ ସେଠାକାର ମ୍ୟାନେଜରଙ୍କୁ ଗୁଳି କରିଛନ୍ତି ନକଲି ମାଓବାଦୀ। ଏଥିରେ କ୍ରଶର ମ୍ୟାନେଜର ଗୁରୁତର ହୋଇଛନ୍ତି। ପୋଲିସର ପାଲଟା ଗୁଳିରେ ଜଣେ ନକଲି ମାଓବାଦୀ ମଧ୍ୟ ଆହତ ହୋଇଛନ୍ତି। ସେମାନଙ୍କଠାରୁ ମାଉଜର, ଦେଶୀ ବନ୍ଧୁକ, ଗୁଳି, ୨ଟି ମୋବାଇଲ ଜବତ ହୋଇଛି। ଗୁରୁବାର ସନ୍ଧ୍ୟାରେ ଖବରଦାତା ସମ୍ମିଳନୀରେ କୋରାପୁଟ ଏସ୍‌ପି ମୁକେଶ କୁମାର ଭାମୁ ଏହି ସୂଚନା ଦେଇଛନ୍ତି।

ଦୁଇଦିନ ତଳେ ସିଲପଣ୍ଡି କ୍ରଶର ୟୁନିଟ୍ ମ୍ୟାନେଜର ଭି. ପ୍ରସାଦ ରାଓଙ୍କଠାରୁ ୧୦ ଲକ୍ଷ ଟଙ୍କା ଦାବି କରିଥିଲେ କେତେକ ନକଲି ମାଓବାଦୀ। ବୁଧବାର ରାତିରେ ଏହି ଅର୍ଥରାଶି ଦେବା ପାଇଁ ସେମାନେ ତାଙ୍କୁ ତାଗିଦ୍ ମଧ୍ୟ କରିଥିଲେ। କିନ୍ତୁ ମ୍ୟାନେଜର ଟଙ୍କା ଦେବା ପୂର୍ବରୁ ମାଛକୁଣ୍ଡ ପୋଲିସକୁ ସବୁକଥା ଜଣାଇଥିଲେ। ବୁଧବାର ବିଳମ୍ବିତ ରାତିରେ ନକଲି ମାଓବାଦୀଙ୍କ ୭ ଜଣିଆ ଦଳ ମାଉଜର, ଦେଶୀ ବନ୍ଧୁକ ଧରି କ୍ରଶରରେ ପହଞ୍ଚି ଟଙ୍କା ମାଗିଥିଲେ। କିନ୍ତୁ ମ୍ୟାନେଜର ମାତ୍ର ୫୦ ହଜାର ରଖିଛି ବୋଲି କହିଥିଲେ। ନକଲି ମାଓବାଦୀମାନେ ସେହି ଟଙ୍କା ଛଡ଼ାଇନେଇ ତାଙ୍କ ଉପରକୁ ଗୁଳି ଚଳାଇଥିଲେ।

## ଜୟ ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟ : ଭାଲୁଡୁଙ୍ଗୁରୀ ବିଜୟୀ

**ଅମରପାଲି, ୭।୧୧ (ଡି.ଏନ.ଏ)**

ବୀରମହାରାଜପୁର ବ୍ଲକ ଖଣ୍ଡହତା ଗ୍ରାମ ପଞ୍ଚାୟତ ପଡିଆରେ ଜୟ ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ଉଦଘାଟନୀ ମ୍ୟାଚରେ ଜନକପୁର ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ସଞ୍ଜିବଙ୍କ ୨୧ ବଲରୁ ୪୪ ରନ ସହାୟତାରେ ସମସ୍ତ ଉଇକେଟ ହରାଇ ୧୦୭ ରନ କରିଥିଲା । ଜବାବରେ ଭାଲୁଡୁଙ୍ଗୁରି ଦଳ ଭିକୁଙ୍କ ୪୫ ବଲରୁ ୫୬ ରନ ସହାୟତାରେ ୧୪.୧ ଓଭରରେ ୧୦୮ ରନ କରି ବିଜୟୀ ହୋଇଥିଲା । ଖେଳକୁ ବିନୋଦ ବେହେରା ଓ ରାକେଶ କର୍ମୀ ପରିଚାଳନା କରିଥିଲେ। ମାନସ କର୍ମୀ ସ୍କୋରିଂ ଏବଂ ରଞ୍ଜନ ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ ।



ମ୍ୟାଚ ଆରମ୍ଭ ପୂର୍ବରୁ ପଡିଆରେ ଉଭୟ ଦଳର ଖେଳାଳି ।

### ୩୧ଦାଦନ ଶ୍ରମିକ ଉଦ୍ଧାର

**ଲାଠୋର/ମୁରିବାହାଲ, ୭।୧୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲାଠୋର ଓ ମୁରିବାହାଲ ଥାନା ଅଞ୍ଚଳରୁ ଚାଲାଣ କରାଯାଉଥିବା ବେଳେ ୧୧ ଶିଶୁଙ୍କ ସହ ୩୧ଦାଦନ ଶ୍ରମିକଙ୍କୁ ପୋଲିସ ଉଦ୍ଧାର କରିଛି। ୩ଜଣ ଦାଦନ ସର୍ଦ୍ଦାର ଗିରଫ ହୋଇଛନ୍ତି। ବୁଧବାର ବିଳମ୍ବିତ ରାତ୍ରିରେ ବରଗଡ ଜିଲା ବରପାଲି ଥାନା ପଧାନପାଲି ଏବଂ ବଲାଙ୍ଗୀର ସଦର ହାତିସାଲପଡାର ୧୧ଶିଶୁଙ୍କ ସହ ୨୨ ଜଣଙ୍କୁ ତୁରେକେଲା ଥାନା ବରିଆଲି ଗ୍ରାମର ଦାଦନ ସର୍ଦ୍ଦାର ଘନଶ୍ୟାମ ବେମାଲ ଓ ପରେଶ୍ୱର ବେମାଲ ବରିଆଲି ଗ୍ରାମକୁ ନେଉଥିଲେ। ଲାଠୋର ପୋଲିସ ଖବର ପାଇ କେତେକ ଶ୍ରମିକଙ୍କୁ ରାସ୍ତାରୁ ଉଦ୍ଧାର କରିଥିବା ବେଳେ ଅନ୍ୟମାନଙ୍କୁ ବରିଆଲି ଗ୍ରାମରୁ ଉଦ୍ଧାର କରିଥିଲା। ଦାଦନ ସର୍ଦ୍ଦାରମାନଙ୍କ ବିରୋଧରେ ଲାଠୋର ଥାନାରେ ଏକ ମାମଲା (ନଂ.୧୧୩/୧୯) ରୁଜୁ ହୋଇଛି।

ସେହିପରି ମୁରିବାହାଲ ପାଟ୍ରୋଲିଂ ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ ଲେବଡା ଗ୍ରାମର ମଦଭାଟି ଛକ ନିକଟରେ ୯ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଉଦ୍ଧାର ଶ୍ରମିକଙ୍କ ମଧ୍ୟରେ ୪ ମହିଳା ଓ ୫ଜଣ ପୁରୁଷ ଥିବାବେଳେ ସେମାନେ ବଲାଙ୍ଗୀର, ସୁବର୍ଣ୍ଣପୁର ଓ ତରଭା ଅଞ୍ଚଳର। ସେମାନଙ୍କୁ ଚାଲାଣ କରିବାକୁ ନେଉଥିବା ଦାଦନ ସର୍ଦ୍ଦାର ଗିରଫ ହୋଇଛନ୍ତି। ତାଙ୍କ ବିରୋଧରେ ମୁରିବାହାଲ ଥାନାରେ ଏକ ମାମଲା ରୁଜୁ କରାଯାଇ ଗୁରୁବାର କୋର୍ଟଚାଲାଣ କରାଯାଇଥିଲା।

### ଅଙ୍ଗନୱାଡି କର୍ମୀ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

## ପରିବାର ସହ ଅଭିଯୋଗକାରିଣୀଙ୍କ ଧାରଣା



ପରିବାର ସହ ପ୍ରତୀକ ଧାରଣାରେ ଧନିଷ୍ଠା ବାଘ ।

**ଅମରପାଲି, ୭।୧୧ (ଡି.ଏନ.ଏ.)**

ଅଙ୍ଗନୱାଡି କର୍ମୀ ନିଯୁକ୍ତିରେ ଅନିୟମିତତା ଅଭିଯୋଗ କରି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୁଇଦିନ ହେଲା ପରିବାର ସହିତ ପ୍ରତୀକ ଧର୍ମଘଟରେ ବସିଛନ୍ତି ଧନିଷ୍ଠା ବାଘ। ଏ ନେଇ ଅଭିଯୋଗକାରିଣୀ ଧନିଷ୍ଠା ଗତ ୫ ତାରିଖରେ ବୀରମହାରାଜପୁର ଉପଜିଲାପାଳଙ୍କଠାରେ ମଧ୍ୟ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ବାଗବର ପଞ୍ଚାୟତ ଭାଲିଆପଦର କଲୋନୀପଡା ମିନି ଅଙ୍ଗନୱାଡି କେନ୍ଦ୍ର ପାଇଁ ୨୦୧୫-୧୬ ମସିହାରେ ସର୍ଭେ କରାଯାଇଥିଲା। କିଛି ମାସର ବ୍ୟବଧାନ ପରେ ଉକ୍ତ ସର୍ଭେରେ ନାମ ନ ଥିବା ବ୍ୟକ୍ତିଙ୍କୁ ପଡାର ପୁରୁଣା ସେଣ୍ଟରକୁ ଲାଗି କରି ଥିବା ଅଙ୍ଗନୱାଡି କେନ୍ଦ୍ରରୁ ଆଣି କେବଳ ତାଙ୍କୁ ନିଯୁକ୍ତି ଦେବା ପାଇଁ ବିଜ୍ଞାପନରେ ନାମ ପ୍ରକାଶ କରାଗଲା। ଏ ନେଇ ଧନିଷ୍ଠା ବିଭିନ୍ନ ଅଧିକାରୀଙ୍କୁ ଅଭିଯୋଗ ସତ୍ତ୍ୱେ କିଛି ବିଚାର ହେଲାନାହିଁ। ଏଣୁ ସେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ସେହି ମାମଲା ଗତିଶୀଳ ହୋଇ ନୋଟିସ୍ ମଧ୍ୟ ହୋଇଛି। ମାତ୍ର ଏହାକୁ ଗୁରୁତ୍ୱ ନ ଦେଇ କିମ୍ବା ଉକ୍ତ ମସିହାର ସର୍ଭେକୁ ଗୁରୁତ୍ୱ ନ ଦେଇ ଚଞ୍ଚକତା କରି ନିଯୁକ୍ତି ଦେବାରେ ଯୋଜନା କରାଯାଇଥିବା ଅଭିଯୋଗ ହେଉଛି। ଏଣୁ ଉକ୍ତ ମସିହାର ସର୍ଭେରେ ନାମଥିବା ପ୍ରାର୍ଥୀଙ୍କୁ ସୁଯୋଗ ଦେଇ ବିଜ୍ଞାପନରେ ନାମ ପ୍ରକାଶ କରିଥିବା ପ୍ରାର୍ଥୀଙ୍କୁ ବାଦ୍ ଦିଆଯାଉ କିମ୍ବା ନ୍ୟାୟାଳୟର ବିଚାର ବ୍ୟବସ୍ଥା ପର୍ଯ୍ୟନ୍ତ ସ୍ଥଗିତ ରଖାଯାଉ ବୋଲି ଦାବି କରି ଧାରଣାରେ ବସିଛନ୍ତି। ଅଭିଯୋଗକାରିଣୀଙ୍କ ସମେତ ତାଙ୍କ ସ୍ୱାମୀ ବିନୋଦ ମହାନନ୍ଦ, ଦୁଇ ଝିଅ, ପୁଅ ଓ ସ୍ୱେଚ୍ଛାସେବୀ ରାମ ମହାନନ୍ଦ ଧାରଣା ଦେଇଛନ୍ତି । ଏ ନେଇ ସେ ଜିଲାପାଳ, ସ୍ଥାନୀୟ ଶିଶୁ ବିକାଶ ଅଧିକାରୀ, ଥାନା ଅଧିକାରୀ, ବିଡିଓ, ବ୍ଲକ ଅଧ୍ୟକ୍ଷଙ୍କୁ ମଧ୍ୟ ଅଭିଯୋଗ କରିଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ କୌଣସି ଅଧିକାରୀ ଧାରଣାସ୍ଥଳରେ ପହଞ୍ଚି ନ ଥିବା ଜଣାପଡିଛି ।

### ଟେଭାପଦର ୟୁପି ସ୍କୁଲକୁ ବଦନାମ କରାଯାଉଥିବା ଅଭିଯୋଗ

## ଜିଲାପାଳଙ୍କୁ ଅଭିଯୋଗ କଲା ଶିକ୍ଷା କମିଟି

**ଅମରପାଲି, ୭।୧୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଟେଭାପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖାଦେଇଛି ବିବାଦ। ଉକ୍ତ ସ୍କୁଲର ପ୍ରଧାନଶିକ୍ଷକଙ୍କ ବିରୋଧରେ କେତେକ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଗତ ଅକ୍ଟୋବର ୧୫ତାରିଖରେ ଅଭିଯୋଗ କରିଥିଲେ। ଏହାର ପ୍ରତିବାଦରେ ଗୁରୁବାର ଉକ୍ତ ସ୍କୁଲ ଶିକ୍ଷା କମିଟିର କର୍ମକର୍ତ୍ତା ଓ କେତେକ ଅଭିଭାବକ ଜିଲାପାଳ ଅଫିସକୁ ଯାଇ ଅଭିଯୋଗ କରିଛନ୍ତି । ଟେଭାପଦର ସ୍କୁଲକୁ ବଦନାମ କରିବା ପାଇଁ କୁଚକ୍ରୀ ଗୋଷ୍ଠୀ ଷଡଯନ୍ତ୍ର କରୁଥିବା ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି । ଅଭିଯୋଗ ମତେ, ଉକ୍ତ ସ୍କୁଲ ବର୍ତ୍ତମାନର ପ୍ରଧାନଶିକ୍ଷକଙ୍କ ପ୍ରଚେଷ୍ଟାରେ ବିଭିନ୍ନ ସମୟରେ ଶ୍ରେଷ୍ଠ ସ୍କୁଲର ଆଖ୍ୟା ଅର୍ଜନ କରିଛି। ତେଣୁ ପ୍ରଧାନଶିକ୍ଷକ ସନ୍ତୋଷ ସାହୁଙ୍କ ବିରୋଧରେ ଅଣାଯାଇଥିବା ମଧ୍ୟାହ୍ନ ଭୋଜନରେ ଅନିୟମିତତା ଅଭିଯୋଗର କୌଣସି ଭିତ୍ତି ନାହିଁ। ଏପରିକି ସ୍କୁଲ ପରିଚାଳନା କମିଟି ଏ ନେଇ କୌଣସି ଅଭିଯୋଗ କରିନାହିଁ। ମଧ୍ୟାହ୍ନଭୋଜନକୁ ଏସଏମସି କମିଟି ପ୍ରତ୍ୟହ ତଦାରଖ କରୁଛନ୍ତି । ପୁନଶ୍ଚ ପୂର୍ବରୁ ଅଭିଯୋଗ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅଧିକାଂଶ ଅଭିଭାବକ ନୁହନ୍ତି । ସ୍ୱଚ୍ଛତା ଦିବସରେ ସ୍କୁଲରେ କ୍ଲଷ୍ଟରର ୮ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଥିଲେ। ସେଦିନ ସ୍କୁଲରେ ଆଦୌ ଚିକେନ ରୋଷେଇ ହୋଇ ନ ଥିଲା। ଏ ନେଇ ବିଭାଗ ଉଚିତ ପଦକ୍ଷେପ ନେଇ ବିଦ୍ୟାଳୟ ଉନ୍ନତିରେ ସହଯୋଗ କରିବା ପାଇଁ ଜିଲାପାଳଙ୍କୁ ଦାବି କରିଛନ୍ତି । ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।

## ଲାଞ୍ଚ ନେଇ ଜିଲା ଶ୍ରମ ଅଧିକାରୀ ଗିରଫ

**ଫୁଲବାଣୀ ଅଫିସ, ୭।୧୧**

କନ୍ଧମାଳ ଜିଲା ଶ୍ରମ ଅଧିକାରୀ ଗୁରୁବାର ୧୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଗିରଫରୁ ବର୍ତ୍ତିବା ପାଇଁ ଜିଲା ଶ୍ରମ ଅଧିକାରୀ ରଞ୍ଜନ କିଶୋର ବେହେରା ଲାଞ୍ଚ ଟଙ୍କାକୁ ପାଟିରେ ପୂରାଇ ନଷ୍ଟ କରିବାକୁ ଚେଷ୍ଟା କରିବା ବେଳେ ଭିଜିଲାନ୍ସ ଇନ୍ସପେକ୍ଟରଙ୍କୁ କାମୁଡ଼ି ରକ୍ତାକ୍ତ କରିଥିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ମୃତ୍ୟୁକାଳୀନ ସହାୟତା ରାଶି ମିଳିବା ଫାଇଲକୁ ଜିଲାପାଳଙ୍କ ନିକଟକୁ ପଠାଇବା ନିମନ୍ତେ ଲାଞ୍ଚ ନେବାବେଳେ ସଂପୃକ୍ତ ଅଧିକାରୀ ଧରାପଡ଼ି ଗିରଫ ହୋଇଛନ୍ତି। ଏ ନେଇ ଭିଜିଲାନ୍ସରେ ନଂ.୩୦/୧୯ରେ ଏକ ମାମଲା ରୁଜୁ କରାଯାଇ ଶ୍ରମ ଅଧିକାରୀ ବେହେରାଙ୍କୁ କୋର୍ଟଚାଲାଣ କରାଯାଇଛି। ଫୁଲବାଣୀସ୍ଥିତ ତାଙ୍କ ଭଡ଼ା ଘର ଓ କଟକ ସିଡିଏ ୧୦ରେ ଥିବା ବାସଭବନ ଉପରେ ଚଢାଉ କରାଯାଇ ଯାଞ୍ଚ ଚାଲିଥିବା ଭିଜିଲାନ୍ସ ଡିଏସ୍‌ପି ରବିକାନ୍ତ ସୁନା ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ୪ ଶ୍ରମିକ ତଥା ନୀରୋଦା



ରଞ୍ଜନ କିଶୋର ବେହେରା ।

ପ୍ରଧାନ, ଇନ୍ଦିରା କହଁର, କୁନ୍ତିମାଳା ପ୍ରଧାନଙ୍କ ସ୍ୱାମୀ ଏବଂ ଗଜପତି ପ୍ରଧାନଙ୍କ ବାପାଙ୍କ ମୃତ୍ୟୁ ଘଟିଥିଲା। ମୃତକମାନଙ୍କ ନାମ ଶ୍ରମ କାର୍ଯ୍ୟାଳୟରେ ପଞ୍ଜୀକୃତ ରହିଛି। ତେଣୁ ସେମାନଙ୍କ ସମ୍ପର୍କୀୟମାନଙ୍କୁ ସରକାରୀ ନିୟମ ଅନୁସାରେ ଅକାଳ ମୃତ୍ୟୁ ଯୋଗୁ ୧ ଲକ୍ଷ ଟଙ୍କା ଲେଖାଏ ସହାୟତା ଦେବାପାଇଁ ଟିକାବାଲିର ଆଞ୍ଚଳିକ ବିଶ୍ୱକର୍ମା ଶ୍ରମିକ ସଂଘର ସଭାପତି ବାବୁଜା ପ୍ରଧାନ ଆବେଦନ କରିଥିଲେ। ଏ ସମ୍ପର୍କିତ ଫାଇଲ ଯାଞ୍ଚ କରି ଜିଲାପାଳଙ୍କ ନିକଟକୁ ପଠାଇବାକୁ ଶ୍ରମିକ ସଂଘ ସଭାପତି ପ୍ରଧାନଙ୍କୁ ଜିଲା ଶ୍ରମ ଅଧିକାରୀ ବେହେରା ୧୫ ହଜାର ଟଙ୍କା ମାଗିଥିଲେ। ଏ ନେଇ ପ୍ରଧାନ ବୁଧବାର ଫୁଲବାଣୀସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ଗୁରୁବାର ସେ ୧୫ ହଜାର ଟଙ୍କା ନେଇ ଶ୍ରମ ଅଧିକାରୀ ବେହେରାଙ୍କୁ ତାଙ୍କ ଅଫିସ ପ୍ରକୋଷ୍ଠରେ ଦେଇଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଅଧିକାରୀମାନେ ଚଢ଼ାଉ କରି ଉକ୍ତ ଟଙ୍କା ଜବତ କରିବା ବେଳେ ଶ୍ରମ ଅଧିକାରୀ ବେହେରା ତାହାକୁ ପାଟିରେ ପୂରାଇ ଦେଇଥିଲେ। ଇନ୍ସପେକ୍ଟର ଫୁଲସ୍ତି ଛତ୍ରିଆ ତାଙ୍କ ପାଟିରୁ ଟଙ୍କା ବାହାର କରୁଥିବା ବେଳେ ବେହେରା ହାତକୁ କାମୁଡି ରକ୍ତାକ୍ତ କରି ଦେଇଥିଲେ। ପରେ ଉକ୍ତ ଟଙ୍କା ଜବତ କରାଯାଇ ବେହେରାଙ୍କୁ ଗିରଫ କରାଯାଇଥିଲା। ଚଢ଼ାଉରେ ଭିଜିଲାନ୍ସ ଇନ୍ସପେକ୍ଟର ଛତ୍ରିଆଙ୍କ ସମେତ ଇନ୍ସପେକ୍ଟର କ୍ରିଷ୍ଣା କୁମାରୀ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ସଚେତନତା ରୋଗ ନିରାକରଣର ମୂଳମନ୍ତ୍ର

**ସୋନପୁର,୭।୧୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ସମିତି ତରଫରୁ ସ୍ଥାନୀୟ ସରକାରୀ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରଠାରେ ଜାତୀୟ କର୍କଟ ଜନସଚେତନତା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲ୍ଲିପ କୁମାର ପଣ୍ଡା ସଚେତନତା ସଭାରେ ଅଧ୍ୟକ୍ଷତା କରିବା ସହ ସଚେତନତା ହିଁ ରୋଗ ନିରାକରଣର ମୂଳମନ୍ତ୍ର ବୋଲି ମତବ୍ୟକ୍ତ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ପ୍ରଦୀପ କୁମାର ଗୁରୁ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡାକ୍ତର ଦୈତ୍ୟନାରାୟଣ ପାଢୀ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନବକିଶୋର ବେହେରା, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର




ସୁବର୍ଣ୍ଣପୁରରେ ଜାତୀୟ କର୍କଟ ସଚେତନତା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ ।

ରମେଶ ଚନ୍ଦ୍ର ସ୍ୱାଇଁ, ଭେଷଜ ବିଶେଷଜ୍ଞ ଡାକ୍ତର ନରେନ୍ଦ୍ର କୁମାର ମେହେର, ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ର ଅଧ୍ୟକ୍ଷା କନକଲତା ବେହେରା ପ୍ରମୁଖ ଯୋଗଦେଇଥିଲେ।

କର୍କଟ ରୋଗର କାରଣ, ନିରାକରଣ ଓ ଲକ୍ଷଣ ଉପରେ ଅତିଥିମାନେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଏହି ଅବସରରେ ଅନୁଷ୍ଠିତ ପୋଷ୍ଟର ପ୍ରତିଯୋଗିତାରେ ରୂପେଲି ବୁଡେକ୍ ପ୍ରଥମ, ସୀମା ଷାଣ୍ଢ ଦ୍ୱିତୀୟ ଓ ଲୋପାମୁଦ୍ରା ଜେନା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ ସଂଯୋଜନା କରିଥିବା ବେଳେ ଡିପିସି ସମୀର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ ସାହୁ, ତାରିଣୀ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ପରମ ପଦ ଅଟେ।
- ବ୍ୟାସଦେବ



ଜିଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ

# ୧୫ରୁ ଧାନକିଣା ଆରମ୍ଭ

**ବଲାଙ୍ଗୀର ଅଫିସ, ୭।୧୧**

ବଲାଙ୍ଗୀର ଜିଲାରେ ଖରିଫ୍ ୨୦୧୯-୨୦ ବର୍ଷ ପାଇଁ ଜିଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ ସ୍ଥାନୀୟ ଡିଆରଡିଏ ସମ୍ମିଳନୀ କକ୍ଷରେ ଗୁରୁବାର ଅପରାହ୍ଣରେ ବସିଥିଲା। ଜିଲାପାଳ ଅରିନ୍ଦମ ଡାକୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ଲୋଇସିଂହା ବିଧାୟକ ଡ୍. ମୁକେଶ ମହାଲିଙ୍ଗ, ପାଟଣାଗଡ ବିଧାୟକ ସରୋଜ ମେହେର, ଟିଟିଲାଗଡ ବିଧାୟିକା ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ୍ ଓ ବଲାଙ୍ଗୀର ଏମପିଙ୍କ ପ୍ରତିନିଧି ମାଧବ ପୁରୋହିତ, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦିଲୀପ କୁମାର ପଟେଲ, ଜିଲା ଯୋଗାଣ ଅଧିକାରୀ ଅଭିରାମ ପ୍ରଧାନ୍, ଜିଲା କୃଷକ ମହାସଂଘ ସଭାପତି ଡା. ସୁଧୀର କୁମାର ପରିଚ୍ଛା, ସମ୍ପାଦକ ଯତି ପଧାନ, ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ଅନ୍ୟ ଅଧିକାରୀ, ମିଲର୍ସ ଉପସ୍ଥିତ ଥିଲେ। ଆଗାମୀ ୧୫ ତାରିଖଠାରୁ ଜିଲାର ୧୫୮ଟି ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଓ ୧୬ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍ଜି) ଜରିଆରେ ଧାନ କିଣା ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ଚଳିତ ଖରିଫ ବିପଣନ ବର୍ଷ ସକାଶେ ସାଧାରଣ ଏଫ୍ଏକ୍ୟୁ ଧାନର ସର୍ବନିମ୍ନ ମୂଲ୍ୟ କୁଇଣ୍ଟାଲ ପିଛା ୧୮୧୫ ଟଙ୍କା ଓ ଗ୍ରେଡ୍ ଏ ଏଫ୍ଏକ୍ୟୁ ଧାନର ସର୍ବନିମ୍ନ ମୂଲ୍ୟ କୁଇଣ୍ଟାଲ ପିଛା ୧୮୩୫ ଟଙ୍କା ଧାର୍ଯ୍ୟ କରାଯାଇଛି। ଚଳିତବର୍ଷ ଜିଲାର ଚାଷୀମାନେ ଯେପରି ଅଭାବୀ ବିକ୍ରିର ସମ୍ମୁଖୀନ ହେବନାହିଁ ଓ ଧାନର ଉଚିତ୍ ମୂଲ୍ୟ ପାଇବେ ସେନେଇ ଅଧିକ ଧାନ ଦେବାକୁ ଆଲୋଚନା ହୋଇଥିଲା। ଜିଲାରେ ଧାନକିଣା ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାବେଳେ ଧାନ କିଣିବାକୁ ଥିବା ସଂସ୍ଥା ଆରଏମ୍ସି, ପ୍ୟାକ୍ସ ପାଖରେ କୌଣସି ଆନୁସଙ୍ଗିକ ସୁବିଧା ନଥିବାରୁ ବୈଠକରେ ଘୋର ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଏହାସହିତ ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଏଫ୍ସିଆଇ ଜିଲାର ଚାଷୀଙ୍କଠାରୁ ଧାନ କିଣୁ ନ ଥିବାରୁ ବିଧାୟକ ମିଶ୍ର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଧାନକିଣା ବିଳମ୍ବ ହେଲେ ଚାଷୀ ବାଧହୋଇ ଅନ୍ୟତ୍ର ଧାନ ବିକ୍ରି କରିବ ଓ ଏହାର ସୁଯୋଗ ନେଇ ମିଲର୍ସ ଓ ଧାନ ବେପାରୀମାନେ ଚାଷୀଙ୍କୁ ଶୋଷଣ କରିବେ ବୋଲି ବିଧାୟକ ମିଶ୍ର କହିଥିଲେ। ହାଇକୋର୍ଟ ନିର୍ଦ୍ଦେଶ ଥିବାରୁ କୌଣସି ପରିସ୍ଥିତିରେ ଧାନ ଡ୍ୟାଣ୍ଡିଲିଂ ପ୍ରକ୍ରିୟାରେ ମିଲର୍ସମାନେ ସାମିଲ ହୋଇପାରିବେ ନାହିଁ ବୋଲି କହିଥିଲେ। ଏହି ବୈଠକରେ ବିଡିସିସି ବ୍ୟାଙ୍କ ସଭାପତି ମେହେର ଜିଲାର ଧାନକିଣା ପ୍ରକ୍ରିୟାକୁ ଜାଣିଶୁଣି ଓ ଉଦ୍ଦେଶ୍ୟମୂଳକ ଭାବେ ବିଳମ୍ବ କରାଯାଉଛି ବୋଲି କହିଥିଲେ। ଜିଲାର ବଲାଙ୍ଗୀର, ପାଟଣାଗଡ ଓ କଣ୍ଟାବାଞ୍ଜି ଆରଏମ୍ସି ୟାର୍ଡରେ ଧାନକିଣା ଉପକରଣ, ଗ୍ରେଡିଂ ମେଶିନ୍, ଏଫ୍ଏକ୍ୟୁ ମାନ ନିର୍ଦ୍ଧାରଣ ମେଶିନ୍, ଅନ୍ୟାନ୍ୟ ଆନୁସଙ୍ଗିକ ଉପକରଣ ପ୍ରସ୍ତୁତ କରାଯାଇ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଧାନକିଣା କାରବାରରେ ଘୋର ଦୁର୍ନୀତି ହେଉଥିବା ବହୁ ସଦସ୍ୟ ଅଭିଯୋଗ କରିଥିଲେ। କୃଷି ବିଭାଗ ତରଫରୁ ଜିଲାର ଧାନ ଉତ୍ପାଦନକୁ ନେଇ ତଥ୍ୟ ଯୋଗାଇ ଦିଆଯାଇପାରି ନ ଥିଲା। କେଉଁ ଧାନ ସାଧାରଣ ଓ କେଉଁଟା ଗ୍ରେଡ୍ ଏ ଧାନ ତାହା ଅଧିକାରୀମାନେ ସୂଚନା ଦେଇପାରି ନ ଥିଲେ। ପରୀକ୍ଷାମୂଳକ ଭାବେ ଜିଲାରେ ଚଳିତ ଖରିଫ୍ ଧାନକିଣାରେ ୧୬ ଏସ୍ଏଚ୍ଜି ଧାନ କଣିବେ। ଏନେଇ ଅନ୍ୟ ବିଧାୟକ ଓ ପ୍ରତିନିଧିଙ୍କୁ ସୂଚନା ଦିଆଯାଇ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଖୁବ୍ କମ୍ ଦିନ ଭିତରେ ଆଉ ଥରେ ଡିଏଲପିସି ସମୀକ୍ଷା ବୈଠକ କରାଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ। ଜିଲା ଯୋଗାଣ ଅଧିକାରୀ ପ୍ରଧାନ ଧାନକ୍ରୟ ପ୍ରକ୍ରିୟା ଉପରେ କହିଥିଲେ। ମିଲର୍ସ ପ୍ରତିନିଧିମାନେ ସେମାନଙ୍କ ପକ୍ଷ ରଖିଥିଲେ।



ଜିଲାସ୍ତରୀୟ ଧାନକ୍ରୟ କମିଟିରେ ଉପସ୍ଥିତ ଜନପ୍ରତିନିଧି, ଜିଲାସ୍ତରୀୟ ଅଧିକାରୀ ଓ ସଦସ୍ୟ।

ସମନ୍ୱିତ ବିଏଡ୍, ଏମ୍ଏଡ୍ ଛାତ୍ରୀଛାତ୍ରଙ୍କ ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର

# ଚାକିରିରୁ ବଞ୍ଚିତ କରନାହିଁ

**ବଲାଙ୍ଗୀର ଅଫିସ, ୭।୧୧**

ବଲାଙ୍ଗୀର ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ତିନିବର୍ଷିଆ ସମନ୍ୱିତ ବିଏଡ ଓ ଏମ୍ଏଡ ପଢୁଥିବା ୧୫୦ଛାତ୍ରୀଛାତ୍ର ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୫ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ସରକାରଙ୍କ ଭୁଲ ନିଷ୍ପତ୍ତି ଯୋଗୁଁ ଯୋଗ୍ୟତା ହାସଲ ସତ୍ତ୍ୱେ ସମନ୍ୱିତ ବିଏଡ୍ ଓ ଏମଏଡ୍ ଡିଗ୍ରୀ ଧାରୀ ଛାତ୍ରୀଛାତ୍ରମାନେ କିଭଳି ଚାକିରିରୁ ବଞ୍ଚିତ ହେଉଛନ୍ତି ସେ ନେଇ କହିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ସମନ୍ୱିତ ବିଏଡ୍, ଏମଏଡ୍ ପାଠଖସଡା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଏଡ୍ ଓ ଏମଏଡ୍ ପାଠ୍ୟଖସଡା ସହ ସମାନ ଓ ଏହା ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଟିଇ ଓ ଏସ୍ସିଇଆରଟି ଦ୍ୱାରା ପରିକଳ୍ପିତ। ମାତ୍ର ସମନ୍ୱିତ ବିଏଡ, ଏମ୍ଏଡ୍ ଯୋଗ୍ୟତାଧାରୀଙ୍କୁ ଏମ୍ଏଡ୍ ଯୋଗ୍ୟତା ବିଶିଷ୍ଟ ସରକାରୀ ନିଯୁକ୍ତି ଦେବାକୁ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମତି ମିଳିଥିବାବେଳେ ବିଏଡ୍ ଯୋଗ୍ୟତା ବିଶିଷ୍ଟ ସରକାରୀ ନିଯୁକ୍ତ ସମ୍ବନ୍ଧୀୟ ଯୋଗ୍ୟତା ପରୀକ୍ଷା ଓଡିଇଟି, ଓଏସ୍ଏସ୍‌ଟିଇଟି ଏବଂ ସିଟିଇଟି ପରୀକ୍ଷା ତଥା ଟିଜିଟି ଓ ପିଜିଟି ପଦବୀରେ ନିଯୁକ୍ତିରୁ ବଞ୍ଚିତ କରାଯାଉଥିବା ଅଭିଯୋଗ କରିଛନ୍ତି। ଓଡିଶାର ୪ଟି ପ୍ରମୁଖ ଶିକ୍ଷା ଅନୁଷ୍ଠାନ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ, ଫକୀରମୋହନ୍ ବିଶ୍ୱବିଦ୍ୟାଳୟ, ରାଜେନ୍ଦ୍ର ସ୍ୱଂୟଶାସିତ ମହାବିଦ୍ୟାଳୟରେ ସମନ୍ୱିତ ବିଏଡ୍ ଓ ଏମଏଡ୍ ପାଠ୍ୟକ୍ରମ ଚାଲୁଛି। ଅଦ୍ୟାବଧି ଓଡିଶାରେ ଏହି ପାଠ୍ୟକ୍ରମରେ ୧ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହୋଇସାରିଛନ୍ତି ଏବଂ ସମସ୍ତ ଶିକ୍ଷକ ଚୟନ ପରୀକ୍ଷାରୁ ଏହି ପାଠ୍ୟକ୍ରମର ଛାତ୍ରୀଛାତ୍ରମଙ୍କୁ ବଞ୍ଚିତ କରାଯାଇଥିବା ଅଭିଯୋଗ କରିଛନ୍ତି। ଏ ନେଇ ବିଭିନ୍ନ ସମୟରେ ଯୋଗ୍ୟତା ଧରି ଛାତ୍ରୀଛାତ୍ରମାନେ ଏ ଦିଗରେ ଗଣଶିକ୍ଷା ବିଭାଗ ଓ ଉଚ୍ଚଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଚଳିତବର୍ଷ ଓଡିଶାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ୬ ଶହ ଛାତ୍ରୀଛାତ୍ର ଏହି ପାଠ୍ୟକ୍ରମରେ ପାଠ ପଢୁଛନ୍ତି। ଯୋଗ୍ୟତା ହାସଲ କରିବା ପରେ ସେମାନଙ୍କୁ ଯଦି ଚାକିରୀ ସୁଯୋଗ ମିଳିବ ନାହିଁ ତେବେ ସେମାନେ ଏହି ପାଠ୍ୟକ୍ରମ ପଢ଼ି କ'ଣ ଲାଭ ପାଇଲେ ବୋଲି ପ୍ରଶ୍ନ କରିଛନ୍ତି। ଏ ସଂକ୍ରାନ୍ତରେ ଉଚ୍ଚଶିକ୍ଷାମନ୍ତ୍ରୀ ଅରୁଣ କୁମାର ସାହୁ, ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେବେ କୌଣସି ବିଭାଗୀୟ ମନ୍ତ୍ରୀଙ୍କଠାରୁ କୌଣସି ଉତ୍ତର ନପାଇବା ପରେ ରାଜେନ୍ଦ୍ର କଲେଜର ୧୫୦ ଛାତ୍ରୀଛାତ୍ର ଗୁରୁବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ୩ଦିନ ଭିତରେ ଦାବିପୂରଣ ନହେଲେ ବାଧହୋଇ ସେମାନେ ଅହିଂସା ପଦଯାତ୍ରାରେ ବଲାଙ୍ଗୀରରୁ ଭୁବନେଶ୍ୱର ଲୋକସେବା ଭବନକୁ ଯିବେ ବୋଲି ସୂଚନା ଦେଇଛନ୍ତି। ସମସ୍ତ ଜାତୀୟ ଓ ରାଜ୍ୟସ୍ତରୀୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା ଦେବ ପାଇଁ ଅନୁମତି ଦିଆଯିବା, ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକ ପଦବୀମାନଙ୍କୁ ନିଯୁକ୍ତି ପ୍ରଦାନ, ସମସ୍ତ ଶିକ୍ଷକ ପ୍ରଶିକ୍ଷକ ଅନୁଷ୍ଠାନରେ ଶିକ୍ଷକ ପ୍ରଶିକ୍ଷକ ପଦବୀ ନିମନ୍ତେ ଅନୁମତି ପ୍ରଦାନ, ସମସ୍ତ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନମାନଙ୍କରେ ଶିକ୍ଷକ ଅଧ୍ୟାପକ ଓ ପ୍ରାଧ୍ୟାପକ ପଦବୀ ନିଯୁକ୍ତି ନିମନ୍ତେ ଯୋଗ୍ୟତା ପ୍ରଦାନ କରାଯିବା ସହ ଏ ସଂକ୍ରାନ୍ତୀୟ ସମସ୍ତ ସକରାତ୍ମକ ନିଷ୍ପତ୍ତିକୁ ରାଜପତ୍ରରେ ସ୍ଥାନିତ କରିବାକୁ ଦାବି କରାଯାଇଛି।




ରାଜେନ୍ଦ୍ର କଲେଜର ସମନ୍ୱିତ ବିଏଡ୍ ଓ ଏମଏଡ୍ ଛାତ୍ରୀଛାତ୍ରମାନେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

- ରାଲିରେ ଆସିଲେ ୧୫୦ ଛାତ୍ରୀଛାତ୍ର
- ୩ ଦିନ ଭିତରେ ଦାବିପୂରଣ ନହେଲେ ଅହିଂସା ପଦଯାତ୍ରା ଚେତାବନୀ

# ବିଧାୟକଙ୍କୁ ଭେଟିଲେ ଆକ୍ସନ କମିଟି ପ୍ରତିନିଧି

## ଲୋୟର ସୁକ୍‌ତେଲ ପ୍ରକଳ୍ପ ଶୀଘ୍ର କାର୍ଯ୍ୟକାରୀ ଦାବି

**ବଲାଙ୍ଗୀର ଅଫିସ, ୭।୧୧**

ଦୀର୍ଘ ୧୫ ମାସରୁ ଉର୍ଦ୍ଧ୍ୱ ସମୟ ହେଲା ବଲାଙ୍ଗୀରର ଜୀବନରେଖା କୁହାଯାଉଥିବା ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ବନ୍ଦ ପଡିଛି। ଏହାକୁ ଶୀଘ୍ର କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ବିଧାୟକ ନରସିଂହ ମିଶ୍ରଙ୍କୁ ଆକ୍ସନ କମିଟି ପ୍ରତିନିଧିମାନେ ଗୁରୁବାର ଦାବିପତ୍ର ଦେଇ ଅନୁରୋଧ କରିଛନ୍ତି। ସୁକ୍‌ତେଲ ପ୍ରକଳ୍ପ ଶୀଘ୍ର କାର୍ଯ୍ୟକାରୀ କରିବା ଦିଗରେ ରାଜ୍ୟ ସରକାର ବିଧାୟକ ମିଶ୍ରଙ୍କୁ ଦାୟିତ୍ୱ ଦେଇଥିବା ଦର୍ଶାଇ ଏହାର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅନୁରୋଧ କରିଥିଲେ। ଆକ୍ସନ କମିଟି ସଭାପତି ଗୋପାଳଜୀ ପାଣିଗ୍ରାହୀ, ଇଂ ମଗନଲାଲ ଅଗ୍ରୱାଲ, ବିକ୍ରମାନନ୍ଦ ବହିଦାର, ନୀଳମଣି ମିଶ୍ରଳ ମନୋରଞ୍ଜନ ସାହୁ, ମୁନା ପଟ୍ଟନାୟକ, ଗିରିଶ ସିଂଦେଓ, ଗିଲୁ ରଥ, ସନ୍ତୋଷ ସାହୁ, ବିନୋଦ କାଲସାଏ ଓ ରବି ଖମାରୀ ବିଧାୟକ ମିଶ୍ରଙ୍କୁ ଭେଟି ଆଲୋଚନା କରିଥିଲେ। ଏହି ପ୍ରକଳ୍ପ ଶୀଘ୍ର କାର୍ଯ୍ୟକାରୀ କରିବା ଦିଗରେ ରାଜ୍ୟ ସରକାରଙ୍କ ସହ ବିଭିନ୍ନ ସମୟରେ ହୋଇଥିବା ଆଲୋଚନା ସମ୍ପର୍କରେ ବିଧାୟକ ମିଶ୍ର ଅବଗତ କରାଇଥିଲେ। ଏହାକୁ କିଭଳି ଶୀଘ୍ର କାର୍ଯ୍ୟକାରୀ କରାଯିବ ସେଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଯଦି ଆସନ୍ତା ୧୫ ଦିନ ମଧ୍ୟରେ ପ୍ରକଳ୍ପ କାମ ଆରମ୍ଭ ନହୁଏ ତେବେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି କମିଟି ସଦସ୍ୟମାନେ କହିଥିଲେ।



ବିଧାୟକ ନରସିଂହ ମିଶ୍ରଙ୍କୁ ଆକ୍ସନ କମିଟି ସଦସ୍ୟମାନେ ଦାବିପତ୍ର ଦେଉଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକା ହୋଇକରି ତପସ୍ୟା କରିବ
ଦୁଇଜଣ ମିଶି ପଢ଼ିବ ପାଠ
ତିନିଜଣ ମିଶି ସଙ୍ଗାତ ବସିବ
ଚାରିଜଣ ମିଶି ଚାଲିବ ବାଟ।**

ଏକୁଟିଆ ନିରୋଳା ସ୍ଥାନରେ ତପସ୍ୟା କଲେ ତପସ୍ୟା ସଫଳ ହୋଇଥାଏ। ଦୁଇଜଣ ପରସ୍ପର ମଧ୍ୟରେ ଆଲୋଚନା କରି ପାଠ ପଢ଼ିଲେ ପାଠ ଅଧିକ ମନେ ରହିଥାଏ। ତିନିଜଣ ମିଶି ସଙ୍ଗାତ ବସିବା ଲାଭପ୍ରଦ ହେଉଥିବା ସ୍ଥଳେ ଚାରିଜଣ ମିଶି ବାଟ ଚାଲିଲେ ଚାଲିବାର ଶ୍ରମ ଜଣା ପଡୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଏକା ଲୋକ ବୋକା
ପିଲାଏ ମାରନ୍ତି ଟେକା।**

ନିଃସଙ୍ଗ ଜୀବ ବଡ଼ କଷ୍ଟଦାୟକ। ଏକାହେଲେ ସବୁକାମ ନିଜେ କରିପାରିବନି, ଅନ୍ୟର ସାହାଯ୍ୟ ପାଇଲେ କାମଟି କରିବାକୁ ସାହସ ଆସେ, କାମଟି ସହଜରେ କରିହୁଏ। କାମଟି କେମିତି ହେବ ଜଣାଥିଲେ ମଧ୍ୟ ଏକୁଟିଆ ହୋଇ କରିବାକୁ ସାହସ ପାଇ ନ ଥାଏ। ଏକୁଟିଆ ଲୋକ ବେଶି ଦୁଃଖ ଦୁର୍ଦ୍ଦଶା ଭୋଗ କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ହିଆଁଲ ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ କାଟ ଖାଇଲା

**କଣ୍ଟାବାଞ୍ଜି, ୭।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁରେକେଲା ବ୍ଲକର ହିଆଁଲ ପଞ୍ଚାୟତର ସରପଞ୍ଚ ହରିସିଂ ପୋଢଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ କାଟ୍ ଖାଇଛି। ମୋଟ ୧୧ ୱାର୍ଡ ସଭ୍ୟାସଭ୍ୟଙ୍କ ମଧ୍ୟରୁ ନାଏବ ସରପଞ୍ଚ ଲିଲି ବନଛୋର ଓ ୱାର୍ଡସଭ୍ୟା କୁନ୍ତଳା ସମରଥ ଅନାସ୍ଥା ପ୍ରସ୍ତାବ ଦିନ ପଞ୍ଚାୟତ କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ। ଅନ୍ୟ ୯ ସଭ୍ୟାସଭ୍ୟ ଗୁରୁବାର ଅପରାହ୍ଣ ୧ଟା ଯାଏ ଅନାସ୍ଥା ପ୍ରସ୍ତାବ ଭୋଟ ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ନ ଥିଲେ। ନିର୍ବାଚନୀ ଦାୟିତ୍ୱରେ ତହସିଲଦାର ଅଶୋକ କୁମାର ମାଝି ରହିଥିଲେ। ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ତଥା ତହସିଲଦାର ବଙ୍ଗୋମୁଣ୍ଡା ଗୁଣମଣି ସୁନାନିଙ୍କ ସହ କଣ୍ଟାବାଞ୍ଜି ପୋଲିସ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ପ୍ରକାଶଥାଉକି ସରପଞ୍ଚ ହରିସିଂ ପୋଢଙ୍କ ବିରେଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା।

## କାର୍ତ୍ତିକ ପୂଜା ପାଇଁ କଳସ ଯାତ୍ରା

**ଗୁଡଭେଲା, ୭।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁଷରା ସହର ହାଟପଦାଠାରେ କାର୍ତ୍ତିକ ପୂଜା ପାଇଁ ଗୁରୁବାର ସ୍ଥାନୀୟ ପୋଖରୀରୁ ମହିଳାମାନେ ପୂର୍ଣ୍ଣ କଳସ ଜଳ ଏକ ଶୋଭାଯାତ୍ରାରେ ଆଣି ଅସ୍ଥାୟୀ ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଶୁକ୍ରବାରରୁ କାର୍ତ୍ତିକ ପୁରାଣ ପଠନ କରାଯିବ। ତୁଳାମଣୀ ଯାନୀ କର୍ତ୍ତା ଦାୟିତ୍ୱ ତୁଲାଇଛନ୍ତି। ସଭାପତି ଦୀନବନ୍ଧୁ ବେହେରା, ମୁନା ମହାପାତ୍ର, ହରିହର ସାହୁ, ସରୋଜ ପୁଷ୍ଟି, ରବିନ୍ଦ୍ର ମହାପାତ୍ର, ସଞ୍ଜିବ ସାହୁ, ସୁବାସ ସାହୁ, ଦେବାଶିଷ ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

EDUCATION

LAST DATE OF ADMISSION ON 10/11/2019
B.Ed
Acharya Nagarjuna University
Equivalent to Govt. of Odisha
FREE Practical, Study Material, Formfillup fees & Weekend Class
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
7978204082, 9438286091

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍
ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। ଅଗ୍ରିମ ୨୦ ଲକ୍ଷ, ଭଡ଼ା 60 ହଜାର + ବାଇକ୍। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
7838639856
8826558929

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
MICRO FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8278449759
8901395759
B-34/7 A Block Vijay Enclave, Bururi, New Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

FINANCE

FINANCE
All India ଋଣ ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Janavi - 7566-888-563
Sagar - 7773-817-838
Manasi- 8827-505-029
Manisa- 7772-970-949
Sradha - 7583-808-884
Visakha- 8269-150-310
Vasundhara Mall, West Boring Canal Rd, Rajapur, Patna, Bihar 800001

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE ଯୋଗାଇ ଦେଉଛି। ସୁଧ=1%
M = 7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

LOAN DHAMAKA
1) Mudra Loan
2) Term Loan
3) Cash Credit
4) Vehicle Loan
5) Housing Loan
6) Agriculture Loan
7) Used Car Loan
8) Mortgaged Loan
PD ASSOCIATE
91, Kharvela Nagar, BBSR
8895436156

ASTROLOGY

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

ଶୁଭଜନଲକ୍ଷ୍ମୀ ଫାଇନାନ୍ସ
ଗୃହ ଋଣ, ମାର୍କଶିଟ୍ ଋଣ, କୃଷି ଋଣ, ପର୍ସନାଲ ଋଣ, ଗ୍ରୁପ୍ ଋଣ, ମାତ୍ର 5 ବାର୍ଷିକ ସୁଧ ହାରରେ।
ଯୋଗାଯୋଗ କରନ୍ତୁ
9899289162
9858323204
Dehradun, UK

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

ଯୁବକଙ୍କୁ ଲାଠିରେ ଆକ୍ରମଣ ମାମଲା

### ଅଭିଯୁକ୍ତଙ୍କୁ ୩ ମାସ କାରାଦଣ୍ଡାଦେଶ

ନୂଆପଡା ଅଫିସ/ଖଡିଆଳ, ୭।୧୧ (ଡି.ଏନ.ଏ.)- ନୂଆପଡା ଜିଲା ଖଡିଆଳ ଥାନା ଅନ୍ତର୍ଗତ ଗୋଡତଲା ଗାଁର ପପିରା ସଗରିଆ ନାମକ ଜଣେ ଯୁବକ ଗାଁର ଅନ୍ୟ ଜଣେ ଯୁବକଙ୍କୁ ଲାଠିରେ ଆକ୍ରମଣ କରି କ୍ଷତାକ୍ତ କରିଥିବା ଘଟଣାର ରାୟ ପ୍ରକାଶ ପାଇଛି। ଏହି ଘଟଣାର ବିଚାର କରି ଖଡିଆଳ ଜେଏମଏଫସି ଶ୍ରଦ୍ଧା ମଣ୍ଡୋଟିଆ ଅଭିଯୁକ୍ତଙ୍କୁ ୩ ମାସ କାରାଦଣ୍ଡାଦେଶ ସହ ୫ଶହ ଟଙ୍କା ଜରିମାନା ଅଦେଶ ଦେଇଛନ୍ତି । ଆଜକୁ ୧୧ ବର୍ଷ ତଳେ ପପିରା ଦିନେ ଗାଁର ଜଣେ ଯୁବକଙ୍କୁ ଉତ୍ୟକ୍ତ ହୋଇ ଲାଠିରେ ମାଡ ମାରିଥିଲେ। ଏହାକୁ ନେଇ ଦଫା ୩୪୧,୨୯୪, ୩୨୩, ୩୨୪, ୩୪ ଜିଆର (ନଂ. ୩୩୦/୨୦୦୮) ରୁଜୁ ହୋଇ ବିଚାରାଧୀନ ଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଯୁବ କ୍ୟାଡର ଏପିପି ଅଖମଲ ସରିଫ ଏବଂ ଆଦିତ୍ୟ ମହାପାତ୍ର ପରିଚାଳନା କରୁଥିଲେ।

ହିତାଧିକାରୀଙ୍କ ଅନିର୍ଦ୍ଦିଷ୍ଟକାଳ ପାଇଁ ଧାରଣା ଆରମ୍ଭ

# ଟଙ୍କା ନ ମିଳିଲେ ଉଠିବୁ ନାହିଁ

**ନୂଆପଡା ଅଫିସ, ୭।୧୧**

ଷ୍ଟେଟ ବ୍ୟାଙ୍କର ଗ୍ରାହକ ସେବା କେନ୍ଦ୍ରରୁ ଲକ୍ଷାଧିକ ଟଙ୍କା ଉଠାଣ କରି ଆତ୍ମସାତ କରାଯାଇଥିବାବେଳେ ଏହି ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ କରିବାର ଦୁଇ ମାସ ବିତିଯାଇଥିଲେ ମଧ୍ୟ ଲୋକଙ୍କୁ ଟଙ୍କା ଫେରସ୍ତ କରାଯାଇନାହିଁ। ଗ୍ରାହକମାନେ ବାରମ୍ବାର ବ୍ୟାଙ୍କଠାରୁ ଥାନାକୁ ବାରମ୍ବାର ଦୌଡି ନିଷ୍ଫଳ ହେବା ପରେ ଶେଷରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ଏହା ଗୁରୁବାରଠାରୁ ଆରମ୍ଭ ହୋଇଥିବାବେଳେ ଅନିର୍ଦ୍ଦିଷ୍ଟକାଳ ଯାଏଁ ଚାଲିବ ବୋଲି ଅଧିକାରୀମାନେ କହିଛନ୍ତି। ଟଙ୍କା ନ ମିଳିଲେ ଏଠାରୁ ଉଠିବୁ ନାହିଁ ଚେତାବନୀ ଦିଆଯାଇଛି। ସୂଚନାଯୋଗ୍ୟ ଯେ, କୁରୁମପୁରୀ ଗ୍ରାହକ ସେବା କେନ୍ଦ୍ର(ସିଏସ୍‌ପି)ରେ ଅଞ୍ଚଳର ଶତାଧିକ ଗ୍ରାହକ ଟଙ୍କା ଜମା କରିଥିଲେ। କିଛି ମାସ ପରେ ଜାଣିବାକୁ ପାଇଲେ ଯେ ଟଙ୍କା ସବୁ ଆକାଉଣ୍ଟରେ ନାହିଁ । ଏହାକୁ ନେଇ ନୂଆପଡା ମୁଖ୍ୟ ଶାଖାକୁ ଯାଇ ସ୍ପଷ୍ଟ ହେବା ପରେ ଲଖନା ଥାନାର ଦ୍ୱାରସ୍ଥ ହୋଇଥିଲେ। ତତକାଳୀନ ଏସପି ସ୍ମିତ ପରମାରଙ୍କ ହସ୍ତକ୍ଷେପ ପରେ ଅଭିଯୁକ୍ତଙ୍କ ବିରୋଧରେ ଗତ ଜୁଲାଇ ୧୩ ତାରିଖରେ ମାମଲା ରୁଜୁ ହୋଇଥିଲା । ଅଭିଯୁକ୍ତ ଜଣକ ଫେରାର ହୋଇଥିଲେ । ଠିକ ମାସକ ପରେ ଅଗଷ୍ଟ ୧୬ ତାରିଖରେ ନୂଆପଡା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ତାଙ୍କଠାରୁ ୧୦ ଲକ୍ଷ ୪୩୦୦ ଟଙ୍କା ଉଦ୍ଧାର କରିଥିଲା। ସେହି ଦିନଠାରୁ ପୋଲିସ ଲୋକଙ୍କ ଟଙ୍କା ଫେରସ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇ ଚାଲିଛି। ହେଲେ ଏହାକୁ ନେଇ କିଛି ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବାରୁ ଲୋକଙ୍କ ଅସନ୍ତୋଷ ବଢି ଚାଲିଛି । ଶେଷରେ ଗରିବ ହିତାଧିକାରୀମାନେ ଗୁରୁବାର ନୂଆପଡା ଆସି ଜିଲାପାଳଙ୍କୁ ଦାବିପତ୍ର ଦେବା ସହ ଧାରଣାରେ ବସିଛନ୍ତି । କୁରୁମପୁରୀର ସାମାଜିକ କର୍ମୀ ମୁନା ଦେୱାଙ୍ଗନ ନେତୃତ୍ୱ ନେଉଥିବାବେଳେ ଜିଲା କଂଗ୍ରେସ ପକ୍ଷରୁ ସମର୍ଥନ କରାଯାଇଛି । ଏଥିରେ ଜିଲା କଂଗ୍ରେସ ସଭାପତି ଘାସିରାମ ମାଝି, ଜିଲା ଯୁବ କଂଗ୍ରେସ ସଭାପତି ସୌରଭ ଚନ୍ଦ୍ରକାର, ଦେବଦତ ଦୀକ୍ଷିତ ପ୍ରମୁଖ ସାମିଲ ଥିଲେ। ହିତାଧିକାରୀଙ୍କୁ ଟଙ୍କା ଫେରସ୍ତ ନ ହେବା ଯାଏଁ ଏହି ଧାରଣା ଚାଲିବ ବୋଲି କୁହାଯାଉଛି। ଏହାକୁ ନେଇ ବ୍ୟାଙ୍କ ଏବଂ ପୋଲିସ ବିଭାଗ କ'ଣ ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲା ।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହିତାଧିକାରୀଙ୍କ ସହ କଂଗ୍ରେସ କର୍ମକର୍ତ୍ତାମାନେ ଧାରଣାରେ ବସିଛନ୍ତି।

**ସିଏସ୍‌ପିରୁ ଟଙ୍କା ଆତ୍ମସାତ୍ ଘଟଣା**


ଗରିମା ସମ୍ମାନ ପାଇଥିବା ୧୨ ବିଦ୍ୟାଳୟର ପ୍ରଧାନଶିକ୍ଷକ।

# କୋମନା ବ୍ଲକର ୧୨ ବିଦ୍ୟାଳୟକୁ ଗରିମା ସମ୍ମାନ

**କୋମନା,୭।୧୧ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକର ୧୨ଟି ବିଦ୍ୟାଳୟକୁ ଗରିମା ସମ୍ମାନ ମିଳିଛି। ଛାତ୍ରୀଛାତ୍ରମାନଙ୍କୁ ଉଜ୍ଜ୍ୱଳ ଓ ଉତ୍‌ଥାନ ତାଲିମ ପ୍ରଣାଳିରେ ଶିକ୍ଷାଦାନ ଦେଇ ବିଦ୍ୟାର୍ଥୀଙ୍କୁ ବିକଶିତ କରିବାରେ ସକ୍ଷମ ହୋଇଛନ୍ତି। ବୁଧବାର ନୂଆପଡା ନ୍ୟାଶନାଲ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଗରିମା ସମ୍ମାନ ପାଇଁ ଯୋଗ୍ୟ ବିବେଚିତ ବିଦ୍ୟାଳୟକୁ ବ୍ରୋଞ୍ଜ ସମ୍ମାନରେ ସମ୍ମାନିତ କରାଯାଇଛି। ସମ୍ମାନିତ ହୋଇଥିବା ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସମ୍ମାନିତ ବିଦ୍ୟାଳୟଗୁଡିକ ମଧ୍ୟରେ ବଘାମୁଣ୍ଡା ପିଏସ, ଜଳମକଟା ପିଏସ, ଟୁକ୍ଲାପଡା ପିଏସ, ମହୁଲଭଟା ପ୍ରୋଜେକ୍ଟ ପିଏସ, ଠାକୁରପାଲି ପ୍ରୋଜେକ୍ଟ ଇଉ.ପିଏସ, ଚହକପଡା ପ୍ରୋଜେକ୍ଟ ପିଏସ, ମାନିଗୁଡା ଟି.ଓ ଇଉପିଏସ, ବାଗପଡା ପ୍ରୋଜେକ୍ଟ ପିଏସ, ଧଙ୍ଗରାଭଟା ପ୍ରୋଜେକ୍ଟ ଇଉପିଏସ, ଶିଆଳଟି ଇଉଜି. ଇଉପିଏସ, ମେଣ୍ଢାଟାଳ ଇଉଜି, ଏଚଏସ ଓ ଶ୍ରୀ ଜଗନ୍ନାଥ ହାଇସ୍କୁଲ ଟିକ୍ରାପଡା ପ୍ରମୁଖ ରହିଅଛି।

# ବାର୍‌ହା ଉପଦ୍ରବ: ବ୍ୟାପକ ଧାନ ଫସଲ ନଷ୍ଟ

**ଖଡିଆଳ, ୭।୧୧ (ଡି.ଏନ.ଏ.)**

ନୂଆପଡା ଜିଲାର ବିଭିନ୍ନ ଜଙ୍ଗଲ ତଳି ଅଞ୍ଚଳ ଗାଁଗୁଡିକରେ ଏବେ ବାର୍‌ହା ଉପଦ୍ରବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବାର୍‌ହା ପଲ ଆସି ଚାଷୀଙ୍କ ଧାନ ଫସଲକୁ ଦଳିଚକଟି ଖାଇବା ସହ ବ୍ୟାପକ ମାତ୍ରାରେ ଧାନ ଫସଲ ନଷ୍ଟ କରି ଦେଉଛନ୍ତି । ଗତ କିଛି ଦିନ ହେଲା ଖଡିଆଳ ବନ ବିଭାଗ ରେଞ୍ଜ ଅଧୀନ ଚାନ୍ଦେଲ, ଚାନ୍ଦଗିରି, ବହଲପଦର, ଖାସବାହାଲ, ଆର୍ତ୍ତତ୍ରାଣପୁର ଓ ଚରୋଭଟାଗାଁର ଜଙ୍ଗଲ ତଳି ଅଞ୍ଚଳରେ ଥିବା ଚାଷୀଙ୍କ ଧାନ ଫସଲ ସବୁ ବାର୍‌ହା ଫଲ ପଶି ବ୍ୟାପକ ଫସଲ ନଷ୍ଟ କରି ଦେଇଥିବା ଅଭିଯୋଗ ହୋଇଛି । ଅପରପକ୍ଷେ ଚାଷୀମାନେ ବାର୍‌ହା ଦାଉରୁ ଧାନ ଫସଲକୁ ରକ୍ଷା କରିବା ପାଇଁ ନିଜ ଚାଷ ଜମିଗୁଡିକରେ ମଣିଷ କୃତୀ କୁଶ ପୁତ୍ତଳିକା ଲଗାଇଛନ୍ତି । ଏଥିସହ ଟିଣବାଜା ବଜାର ବାର୍‌ହା ପଲକୁ ଘଉଡେଇବାକୁ ଚାଷୀ ଉଦ୍ୟମ ଜାରି ରଖିଥିବା ବେଳେ ଦିନ ରାତି ମଞ୍ଚା ଉପରେ ଶୋଇ ଜଗି ରହିଛନ୍ତି । ଅପରପକ୍ଷେ ବିଭିନ୍ନ ବ୍ୟାଙ୍କ ଓ ମହାଜନୀ ଋଣ କରି ଧାନ ଫସଲ କରିଥିବା ଚାଷୀମାନେ ବାର୍‌ହା ଉପଦ୍ରବ ଯୋଗୁ କ୍ଷତିର ସମ୍ମୁଖିନ ହୋଇଥିବା ବେଳେ ଏବେ କିଭଳି ଋଣ ପରିଶୋଧ କରିବେ ସେ ନେଇ ଚାଷୀଙ୍କ ମୁଣ୍ଡରେ ଚଡକ ପଡିଯାଇଛି। ଏଥିପ୍ରତି ବନ ବିଭାଗ ଦୃଷ୍ଟି ଦେବାକୁ ଚାନ୍ଦେଲ ଗ୍ରାମର କୃତାର୍ତ୍ତ ଦଣ୍ଡସେନା, ରମଣ ଦଣ୍ଡସେନା ଓ ଗ୍ରାମବାସୀ ଦାବି କରିଛନ୍ତି ।


ବାର୍‌ହା ନଷ୍ଟ କରିଥିବା ଧାନ ଫସଲକୁ ଚାଷୀମାନେ ଦେଖାଉଛନ୍ତି ।

# କଳାହାଣ୍ଡି ଏମ୍‌ପିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ବୋଡେନ,୭।୧୧(ଡି.ଏନ.ଏ.)**

ନୂଆପଡା ଜିଲା ବୋଡେନ ବିଜୁପଟ୍ଟନାୟକ ଜୁନିୟର କଲେଜ ଏବଂ ଡିଗ୍ରୀ କଲେଜ ବୋଡେନ ପକ୍ଷରୁ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଏମ୍‌ପି ଯୋଗଦେଇ ମହାବିଦ୍ୟାଳୟ ଅସୁବିଧା ବିଷୟରେ ଛାତ୍ରୀଛାତ୍ର ଏବଂ ଅଧ୍ୟାପକ ଅଧ୍ୟାପିକାମାନଙ୍କଠାରୁ ଆଲୋଚନା କରି ଜଣେ ସେବକ ହିସାବରେ ମୋ ତରଫରୁ ଯାହା ସମ୍ଭବ ହୋଇପାରିବା ମୁଁ କରିବି ବୋଲି ଏମ୍‌ପି ଛାତ୍ରୀଛାତ୍ରମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜୁନିୟର କଲେଜ ଅଧ୍ୟାପକ ହେମନ୍ତ କୁମାର ମୁଣ୍ଡ ଓ ଅନ୍ୟତମ ଅଧ୍ୟାପକ ସାମୁଏଲ ଦାନୀ, ରବି ରନ ପ୍ରଧାନ, ଗଙ୍ଗାଧର ମାହାନ୍ତି ପ୍ରମୁଖ ସହଯୋଗ କରିଥିବା ବେଳେ ସ୍ଥାନୀୟ ଅଞ୍ଚଳର ଭାଜପା କର୍ମକର୍ତ୍ତା ଅତିନ୍ଦ୍ର ଜିତ ସିଂ ମଲ୍ଲିକ, ଅନ୍ତରାମ ଚିନ୍ଦା ଏବଂ ଅନ୍ତରାମ ନାଏକ ଓ ନିଳାମ୍ବର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଭାଜପା ରାଜ୍ୟ ସଭାପତି ତଥା ଲୋକ ସଭା ସଦସ୍ୟ ଭାବେ ବୋଡେନ ବ୍ଲକ ଅନ୍ତର୍ଗତ ଦୁଇଟି ମହାବିଦ୍ୟାଳୟର ସମସ୍ୟାଗୁଡିକୁ ଜଣାଇଦି ଆଯାଇଥିଲା।

ମହିଳା, ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀଙ୍କ ନୂଆପଡ଼ା ଜିଲା ଗସ୍ତ

# ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ କଲେ

**ନୂଆପଡା ଅଫିସ/ଖଡ଼ିଆଳ, ୭।୧୧ (ଡି.ଏନ.ଏ.)**

ମହିଳା, ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ ଗୁରୁବାର ନୂଆପଡା ଜିଲା ଗସ୍ତ କରିଛନ୍ତି । ମନ୍ତ୍ରୀ ଜିଲାର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିବାବେଳେ ସ୍ଥାନୀୟ ଆହାର କେନ୍ଦ୍ରରେ ସାଧାରଣ ଲୋକଙ୍କ ସହ ବସି ଆହାର ଖାଇଥିଲେ। ପରେ ଜିଲାସ୍ତରୀୟ ବୈଠକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରି ଫେରି ଯାଇଛନ୍ତି ।

ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲା ପ୍ରଶାସନ ସହ ବିଭିନ୍ନ ଯୋଜନାର କାର୍ଯ୍ୟକାରୀ ଉପରେ ମନ୍ତ୍ରୀ ସମୀକ୍ଷା କରିଥିଲେ। ବିଶେଷ କରି ଶିଶୁ ବିକାଶ ବିଭାଗ, ମିଶନ ଶକ୍ତି ଉପରେ ଆଲୋଚନା କରିଥିଲେ। ଏଥିରେ ଜିଲାପାଳ ମଧୁସ୍ମିତା ସାହୁ ଅଧ୍ୟକ୍ଷତା କରିଥିବା ବେଳେ ମନ୍ତ୍ରୀ ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ବିଦ୍ୟୁଲତା ପାତ୍ରଙ୍କ ସମେତ ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁପ୍ରତାପ ସିଂ ମାଝି, ବିଜେଡିରୁ ଅବନୀ ଯୋଷୀ, ଟିଟୁ ପଣ୍ଡା, ରମାକାନ୍ତ ଠାକୁର ଏବଂ ବିଭିନ୍ନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ । ପୂର୍ବରୁ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଆହାର କେନ୍ଦ୍ରକୁ ଯାଇ ନିଜେ ଟିକେଟ କାଟି ଆହାର ଖାଇଥିଲେ। କେନ୍ଦ୍ରର ରୋଷେଇ ଘର, ଭୋଜନାଳୟ ପରିସ୍ଥିତି ବୁଲି ଦେଖିବା ସହ ଲୋକଙ୍କ ସହ କଥାବର୍ତ୍ତା କରିଥିଲେ। ଏହି ପରିସରରେ ଥିବା ୱାନ ଷ୍ଟପ ସଲୁସନ କେନ୍ଦ୍ରକୁ ଯାଇ ପରିସ୍ଥିତି ବୁଝିଥିଲେ। ପ୍ରଥମେ ମନ୍ତ୍ରୀ ପୂର୍ବାହ୍ନରେ ମନ୍ତ୍ରୀ ଖଡିଆଳ ବ୍ଲକ ଅରେଡା, ଜୁନାନୀ ଓ ପଦ୍ମପୁରର ଗାଁର ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ତାଙ୍କର ସମସ୍ୟା ବୁଝିଥିଲେ। ପଦ୍ମପୁର ଗାଁସ୍ଥିତ ନବ ପ୍ରଭାତ ଓପନ ସେଲ୍ଟର ହୋମ ଯାଇଥିଲେ। ପରେ ମନ୍ତ୍ରୀ ଖଡିଆଳସ୍ଥିତ କସ୍ତୁରବା ବାଳାଶ୍ରମକୁ ବୁଲି ଦେଖିବା ସହ ଅନ୍ତେବାସୀମାନଙ୍କ ସମସ୍ୟା ବୁଝିଥିଲେ। ମଧ୍ୟାହ୍ନରେ ଖଡିଆଳ ବସଷ୍ଟାଣ୍ଡ ନିକଟସ୍ଥ ଆହାର କେନ୍ଦ୍ରକୁ ଯାଇ ଖାଦ୍ୟର ମାନ ଯାଞ୍ଚ କରିଥିଲେ। ମନ୍ତ୍ରୀ ନିଜେ ଟିକେଟ କେନ୍ଦ୍ରକୁ ଯାଇ ଟଙ୍କା ଦେଇ ଟୋକନ୍ ଆଣି ସାଧାରଣ ଲୋକଙ୍କ ସହ ମିଶି ଆହାର ଭୋଜନ ଖାଇଥିଲେ। ସେ ଆହାର କେନ୍ଦ୍ରର ଖାଦ୍ୟ ଗୁଣବତା ଉପରେ ସନ୍ତୋଷ ପ୍ରକାଶ କରିଥିବା ବେଳେ ପ୍ରତିଦିନ ଖାଦ୍ୟର ମାନକୁ ଠିକ ରଖିବା ପାଇଁ ଆହାର କେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି । ଅନ୍ୟ ଦିନ ଅପେକ୍ଷା ମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଆହାର କେନ୍ଦ୍ରରେ ଖାଦ୍ୟରମାନକୁ ବୃଦ୍ଧି କରାଯାଇଥିବା ଜଣେ କଲେଜ ଛାତ୍ର ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏଥିସହ ସବୁଦିନ ଖାଦ୍ୟର ମାନକୁ ଠିକ ରଖିବା ପାଇଁ ଛାତ୍ର ଜଣକ ମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ । ପରେ ମନ୍ତ୍ରୀ କୋମନା ବ୍ଲକ ସଦର ମହକୁମାରେ ପହଞ୍ଚି ଛତୁଆ କେନ୍ଦ୍ର ପରିଦର୍ଶନ କରିଥିଲେ।

**ସାଧାରଣ ଲୋକଙ୍କ ସହ ଆହାର ଖାଇଲେ**


ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନୀ ସାହୁ ଆହାର କେନ୍ଦ୍ରରେ ଖାଦ୍ୟ ଖାଉଛନ୍ତି ।

## ଦାଦନ ପରିବାର ଦୁଃଖ

# ଅର୍ଥାଭାବରୁ ଶ୍ରମିକଙ୍କ ମୃତଦେହ ଗାଁକୁ ଫେରିଲାନି

**ଭବାନୀପାଟଣା, ୭।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ମଣ୍ଡଳ ଗ୍ରାମର ବନମାଳି ପାଲ (୫୫) ଆନ୍ଧ୍ରପ୍ରଦେଶ ରାମଗୁଣ୍ଡାମକୁ ଦାଦନ ଖଟିବାକୁ ଯାଇଥିବା ବେଳେ ବୁଧବାର ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ୬ ମାସ ହେବ ସେ ଅଜଣା ରୋଗରେ ପୀଡିତ ଥିଲେ। ସେଠାରେ ଚିକିତ୍ସିତ ହୋଇଥିଲେ। ସୁଫଳ ନ ମିଳିବାରୁ ଗତ ଏପ୍ରିଲରେ ଗାଁକୁ ଫେରି ଆସିଥିଲେ। ଏଠାରେ ମଧ୍ୟ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଶେଷରେ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ଏ ସମ୍ପର୍କରେ ଖବର ପ୍ରକାଶିତ ହେବା ପରେ ବିଡିଓ ହେମ ସାଗର ଭୋଇ ନିଜ ପକ୍ଷରୁ ୫ ହଜାର ଟଙ୍କା ଚିକିତ୍ସା ପାଇଁ ଦେଇଥିଲେ। ଜିଲା ରେଡକ୍ରସରୁ ମଧ୍ୟ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଏହା ସତ୍ତ୍ୱେ ଝିଅ ବାହାଘର ପାଇଁ ସଞ୍ଚୟ ଅର୍ଥ ମଧ୍ୟ ବନମାଳୀଙ୍କ ଚିକିତ୍ସାରେ ସରି ଯାଇଥିଲା। କିନ୍ତୁ ରୋଗ ଭଲ ହୋଇ ନ ଥିଲା। ଏପରିକି ଝିଅ ପୁଷ୍ପାର ବାହାଘର ଗତ ମେ ୬ ତାରିଖକୁ ଧାର୍ଯ୍ୟ ହୋଇଥିବା ବେଳେ ତାକୁ ବାତିଲ କରି ଦେଇଥିଲେ।

ବନମାଳୀଙ୍କ ଚିକିତ୍ସାରେ ଯାହାକିଛି ସମ୍ବଳ ଥିଲା ତାହା ସରି ଯିବାରୁ ପରିବାର ଚଳାଇବା କଷ୍ଟକର ହୋଇ ପଡିଥିଲା। ପୁଣି ମା' ଝିଅ ବନମାଳୀଙ୍କୁ ନେଇ ଆନ୍ଧ୍ରପ୍ରଦେଶର ରାମଗୁଣ୍ଡାକୁ ଗତ ସେପ୍ଟେମ୍ବର ମାସରେ ନେଇ ଯାଇଥିଲେ। ସେଠାରେ ମାଁ ଝିଅ କିଛି ରୋଜଗାର କରି ବନମାଳିଙ୍କୁ ଚିକିତ୍ସା କରୁଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏପରି କି ଅର୍ଥାଭାବରୁ ତାଙ୍କ ମୃତଦେହ ଗାଁକୁ ଆଣିବା ସମ୍ଭବ ନ ହେବାରୁ ସେଠାରେ ଦାହ କରି ଦିଆଯାଇଛି। ବର୍ତ୍ତମାନ ସ୍ୱାମୀଙ୍କ ମୃତ୍ୟୁ ପରେ ବିଧବା ଟୁନି, ଦିବ୍ୟାଙ୍ଗ ପୁଅ ଓ ଝିଅ ବାହାଘର କରିବା ନେଇ ଚିନ୍ତାରେ ଭାଙ୍ଗି ପଡିଛନ୍ତି। ଏହି ପରିବାରକୁ ଜିଲା ପ୍ରଶାସନ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।



ସୁରଭିରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଉଦ୍‌ଯାପିତ

# ଶିଶୁ ଭିତରେ ଅମାପ ଐଶ୍ୱରୀୟ ଶକ୍ତି ରହିଛି

- ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ

**ନୂଆପଡା ଅଫିସ, ୭।୧୧**

ଆଜିର ଶିଶୁ କାଲିର ନାଗରିକ । ଏମାନଙ୍କ ଭିତରେ ଭଗବାନ ସବୁ ଶକ୍ତି ଭରି ଦେଇଛନ୍ତି। ତାକୁ ପଦାକୁ ଆଣିବା ଆମରି କର୍ତବ୍ୟ । ଅମାପ ଐଶ୍ୱରୀୟ ଶକ୍ତି ଭରି ରହିଛି ବୋଲି ମତ ପ୍ରକାଶ ପାଇଛି। ସ୍ଥାନୀୟ ମିନିଷ୍ଟାଡିୟମରେ ଜିଲା ସମଗ୍ରଶିକ୍ଷା ଯୋଜନା ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ଏହି ମତ ଦେଇଛନ୍ତି। ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ଲଳିତ ମୋହନ ଖମାରୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋପଲକ୍ଷ୍ମୀ ହୋତା, ଶିଶୁ ମଙ୍ଗଳ କମିଟି ସଦସ୍ୟ ଅଶ୍ୱିନୀ କୁମାର ପାତ୍ର, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଆଦିକନ୍ଦ ଦାସ, ନୂଆପଡା ବ୍ଲକ ଶିକ୍ଷାଧିକାରୀ ଡ.ରେଶମଲାଲ ନାଏକ, ବୋଡେନ ବ୍ଲକ ଶିକ୍ଷାଧିକାରୀ ଇନ୍ଦ୍ରମଣୀ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବକ୍ତାମାନେ ଶିକ୍ଷା ଏବଂ ଶିକ୍ଷାୟତନର ସମ୍ପର୍କ ସହ ଶିକ୍ଷାର ବିକାଶ ଉପରେ ଆଲୋକପାତ କରିଥିଲେ। ଶିଶୁ ସୁରକ୍ଷା ଏବଂ ଶିଶୁଙ୍କ ଅଧିକାର ଉପରେ ଶିଶୁ କଲ୍ୟାଣ ସମିତି ସଦସ୍ୟ ପାତ୍ର ସବିଶେଷ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ ସକାଶେ ମୋଟ ୩୬ଟି ବିଦ୍ୟାଳୟକୁ ଗରିମା ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ସର୍ବାଧିକ କୋମନା ବ୍ଲକର ୧୨ଟି ବିଦ୍ୟାଳୟକୁ ମିଳିଥିଲା। ଏହି ପରିପ୍ରେକ୍ଷୀରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମର ଶେଷରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଳମ୍ବିତ ରାତିଯାଏଁ ଛାତ୍ରୀଛାତ୍ର, ଅଭିଭାବକମାନେ ମଜା ନେଇଥିଲେ। କାର୍ଯ୍ୟକ୍ରମରେ ଶଙ୍କର୍ଷଣ ପୁରୋହିତ ମଞ୍ଚ ପରିଚାଳନା କରିଥିବାବେଳେ ହେମନ୍ତ କୁମାର ଭୋଇ, ଅବିନାଶ ମିଶ୍ର, ପ୍ରତାପ ପାତ୍ର, ଶିବଚରଣ ସ୍ୱାଇଁଙ୍କ ସମେତ ସମସ୍ତ ସିଆରସିସି ସହଯୋଗ କରିଥିଲେ।



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍



## ସଂକ୍ଷେପରେ



### ଭାଲୁ ଆକ୍ରମଣରେ ମହିଳା ଗୁରୁତର

**କେଗାଁ,୭।୧୧(ଡି.ଏନ୍.ଏ.)-** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଡୁଙ୍ଗୁରିଗୁଡା ଗ୍ରାମରେ ଗୁରୁବାର ଭାଲୁ ଆକ୍ରମଣରେ ଜଣେ ଗୁରୁତର ହୋଇଥିବା ଜଣାପଡିଛି । ଗୁରୁତର ବ୍ୟକ୍ତି ହେଉଛନ୍ତି ଶଶି ଅଘ୍ରିଆ(୪୫) । ସେ ସକାଳୁ ନିଜ ବିଲକୁ ଯାଉଥିବା ସମୟରେ ବିଲ ମଧରେ ଭାଲୁ ଆକ୍ରମଣ କରିଥିଲା । କୌଣସି ମତେ ସେଠାରୁ ଜୀବନକୁ ବଞ୍ଚାଇ ଖସି ଆସିଥିଲେ। ଘର ଲୋକେ ତାଙ୍କୁ ପ୍ରଥମେ ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି । ସୂଚନାଯୋଗ୍ୟ ଯେ, ଗତ ଅକ୍ଟୋବର ୨୯ ତାରିଖରେ ଡୁଙ୍ଗୁରିଗୁଡା ପାଖ ଉଦେଶୁରୁଙ୍ଗ ଗ୍ରାମରେ ଜଣେ ମହିଳାଙ୍କୁ ବିଲ ମଧରେ ଭାଲୁ ଆକ୍ରମଣ କରିଥିବା ବେଳେ ବର୍ତ୍ତମାନ ପୁଣି ଭାଲୁ ଆକ୍ରମଣ ହୋଇଥିବାରୁ ଅଞ୍ଚଳରେ ଆତଙ୍କ ଖେଳି ଯାଇଛି।

### ଛାତ୍ରୀ ଅବସର କକ୍ଷ ଉଦ୍‌ଘାଟିତ

**ରିଷିଡା,୭।୧୧(ଡି.ଏନ୍.ଏ.)-** କଳାହାଣ୍ଡି ଜିଲା ରିଷିଡା ଜେଡି କଲେଜଠାରେ ଛାତ୍ରୀ ଅବସର କକ୍ଷକୁ ବିଧାୟକ ଭୁପିନ୍ଦର ସିଂ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଅଧକ୍ଷ ଗଦାଧର ପଧାନ ଅଧକ୍ଷତା କରିଥିବା ବେଳେ ପୂର୍ବତନ ସଭାପତି ଉପେନ୍ଦ୍ର ସାହୁ ଯୋଗଦେଇଥିଲେ। ଅଧାପକ ଘନଶ୍ୟାମ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

### ବୋଇତ ବନ୍ଦାଣ ପାଇଁ ପ୍ରସ୍ତୁତି ବୈଠକ

ରିଷିଡା,୭।୧୧(ଡି.ଏନ୍.ଏ.)- କଳାହାଣ୍ଡି ଜିଲା ରିଷିଡା ଶ୍ରୀ ଶ୍ରୀ ରାମଚନ୍ଦ୍ର ସ୍ୱାମୀ ଗ୍ରାମ୍ୟ ସମିତି ପକ୍ଷରୁ ଗତବର୍ଷ ଭଳି ଚଳିତବର୍ଷ ବୋଇତ ବନ୍ଦାଣ ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତି ଅଧକ୍ଷ ଅନ୍ତର୍ଯ୍ୟାମୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୧୧ ତାରିଖ ସନ୍ଧ୍ୟାରେ ବୋଇତକୁ ନଗର ପରିକ୍ରମା କରି ସ୍ଥାପନ ଏବଂ ରାତ୍ରରେ ଆୟୋଜିତ ସଭା ଅନୁଷ୍ଠିତ ହେବ । ରାତ୍ରିରେ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୨ ତାରିଖରେ ବୋଇତ ଭସାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବୈଠକରେ ସ୍ଥିର କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ ସମ୍ପାଦକ ପଦ୍ମକିଶୋର ସାହୁ, ବେହେରା ତୋଳାମଣୀ ସାହୁ, ଦଳବେହେରା ପ୍ରମୋଦ କୁମାର ସାହୁ ତଥା ଅନ୍ୟାନ୍ୟ ସଦସ୍ୟମାନେ ଯୋଗଦେଇଥିଲେ ।

ଜୁନାଗଡ଼ ସବ୍‌ଡିଭିଜନ ଗ୍ରାମ୍ୟ ଉନ୍ନୟନ ବିଭାଗ

# କାର୍ଯ୍ୟାଳୟ ଅଛି, କର୍ମଚାରୀ ରହୁନାହାନ୍ତି

**ଜୁନାଗଡ, ୭।୧୧ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ହିଞ୍ଜଲିବାହାଲି ନିକଟସ୍ଥ ୨୬ ନମ୍ବର ଜାତୀୟ ରାଜପଥ କଡରେ ଥିବା ଜୁନାଗଡ ସବ୍‌ଡିଭିଜନ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ଅବ୍ୟବସ୍ଥାରେ ଚାଲିଥିବା ଜଣାପଡିଛି। ଏଠାରେ କାର୍ଯ୍ୟାଳୟ ଓ କର୍ମଚାରୀଙ୍କ ପାଇଁ ଆବାସିକ ଗୃହ ରହିଛି। ହେଲେ ଏଠାରେ ଜଣେ ଯନ୍ତ୍ରୀଙ୍କୁ ଛାଡି ଅନ୍ୟ କୌଣସି ଅଧିକାରୀ ରହୁ ନ ଥିବା ଜଣାପଡିଛି। ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। କାର୍ଯ୍ୟାଳୟରେ କର୍ମଚାରୀ ରହୁ ନ ଥିବାରୁ ସଦାସର୍ବଦା କାର୍ଯ୍ୟାଳୟ ଶୁନ୍‌ଶାନ ଦେଖିବାକୁ ମିଳିଥାଏ। ସେହିପରି କର୍ମଚାରୀ ଠିକ୍ ଭାବେ କାର୍ଯ୍ୟାଳୟରେ ରହୁ ନ ଥିବାରୁ ଲୋକମାନେ ରାସ୍ତା ସମ୍ବନ୍ଧୀୟ କୌଣସି ସମସ୍ୟା ତଥା ଅଭିଯୋଗ ମଧ କରିପାରୁନାହାନ୍ତି। ଏହି କାର୍ଯ୍ୟାଳୟରେ ଜଣେ ଏସ୍‌ଡିଓ,୨ଜଣ ଯନ୍ତ୍ରୀ, ଜଣେ କିରାଣୀ ଓ ୪ ଜଣ ପିଅନ ଅଛନ୍ତି। ସେହିପରି କାର୍ଯ୍ୟାଳୟ ଉଦ୍‌ଘାଟନ ହୋଇ ବର୍ଷେ ବିତିଯାଇଥିଲେ ମଧ ବିଭାଗ ପକ୍ଷରୁ ଅଦ୍ୟାବଧି ନାମ ଫଳକ ଲଗାଯାଇନାହିଁ। ଫଳରେ ସ୍ଥାନୀୟ ଲୋକମାନେ ଏହା କେଉଁ କାର୍ଯ୍ୟାଳୟ ତାହା ବିଷୟରେ ଠିକ ଜାଣିପାରନ୍ତି ନାହିଁ। ଅନ୍ୟପକ୍ଷରେ ନିମ୍ନମାନର କାର୍ଯ୍ୟ ଯୋଗୁ କାର୍ଯ୍ୟାଳୟରେ ପକାଯାଇଥିବା ଟାଇଲଗୁଡିକ ଏବେ ଦବିଯାଇଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ସ୍ଥାନୀୟ ଅଧିକାରୀଙ୍କ କାର୍ଯ୍ୟ ପ୍ରତି ସନ୍ଦେହ ସୃଷ୍ଟି ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏଠାରେ କାର୍ଯ୍ୟାଳୟ ସହ ୪ଟି କୋଠା, ପାଚେରୀ, ଫାଟକ ନିର୍ମାଣ କରାଯାଇଥିବାବେଳେ ଏଥିପାଇଁ ପ୍ରାୟ ୫୦ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିବା ଜଣାପଡିଛି। ଏଠାରେ କାମର ଅନୁଧ୍ୟାନ କରିବା ପାଇଁ ଗ୍ରାମ୍ୟ ଉନ୍ନବିଭାଗ ଅଧିକାରୀମାନେ ରହିଥିବାବେଳେ ଜୈନିକ ଠିକାଦାର କାର୍ଯ୍ୟାଳୟରେ କେମିତି ନିମ୍ନମାନର କାମ କଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏ ନେଇ ଭବାନୀପାଟଣା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ କାଳୀପଦ ମହାକୁଡଙ୍କୁ ପଚାରିବାରୁ ନାମ ଫଳକ ଶୀଘ୍ର ଲଗାଯିବ। କର୍ମଚାରୀ ରହୁ ନ ଥିବା ବିଷୟରେ ପଚାରିବାରୁ ଏସଡିଓ ଥୁଆମୂଳ ରାମପୁର ଦାୟିତ୍ୱରେ ରହିଥିବାରୁ ସେ ଠିକ ଭାବେ ଆସିପାରୁ ନ ଥିବା କହିଥିଲେ। ଅନ୍ୟଙ୍କ କଥା କିଛି କହି ନ ଥିଲେ। କଳାହାଣ୍ଡି ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।





ଜୁନାଗଡ ସବଡିଭିଜନ ଗ୍ରାମ୍ୟ ଉନ୍ନୟନ ବିଭାଗର ନାମ ଫଳକ ନାହିଁ, ଏସଡିଓଙ୍କ କାର୍ଯ୍ୟାଳୟ ଖୋଲାପଡିଛି ।

**ଜୁନାଗଡ଼ ବ୍ଲକ**
- ଉଦ୍‌ଘାଟନର ବର୍ଷେ ପରେ ବି ନାମ ଫଳକ ଲଗାଯାଇନାହିଁ
- ନିମ୍ନମାନର କାର୍ଯ୍ୟ ଯୋଗୁ କାର୍ଯ୍ୟାଳୟର ଟାଇଲ ଦବିଲା



ସ୍ୱାସ୍ଥ୍ୟ ଅଧିକାରୀମାନେ ମାତୃପୁରୀରେ ତଦନ୍ତ କରୁଛନ୍ତି ।

ମାତୃପୁରୀ କିଡ୍‌ନୀ ରୋଗୀ ମୃତ୍ୟୁ ଘଟଣା

# ତଦନ୍ତ କଲେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ

**ରିଷିଡା/ଭବାନୀପାଟଣା, ୭।୧୧(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ରିଷିଡା ମାତୃପୁରୀରେ କିଡ୍‌ନୀ ରୋଗରେ ଗୋଟିଏ ପରିବାରର ବାପ, ପୁଅ ୩ ଜଣଙ୍କ ସମେତ ୪ଜଣଙ୍କ ମୃତ୍ୟୁ ଘଟିଛି । ଏଥି ସହିତ ଆହୁରି ୨ ଜଣ ଆକ୍ରାନ୍ତ ହୋଇଛନ୍ତ। ଏ ସମ୍ପର୍କରେ ଖବର ପାଇ କର୍ଲାମୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ ତଦନ୍ତ କରିଥିଲେ। କର୍ଲାମୁଣ୍ଡାର ସିଏଚସିର ଡା. ସୌମ୍ୟରଞ୍ଜନ ପାତ୍ର, ରିଷିଡା ମେଡିକାଲ ଅଫିସର ପ୍ରଶାନ୍ତ କୁମାର ସାମଲ, ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ କିଶୋର ଚନ୍ଦ୍ର ଦାଶ, ବିପିଏମ ଅଜିତ ସିଂ କୁମାର ପ୍ରମୁଖ ତଦନ୍ତ କରିଥିଲେ। ମୃତ୍ୟୁବରଣ କରିଥିବା ପରିବାର ସହିତ ଆଲୋଚନା କରିଥିଲେ । ଏହା ପୂର୍ବରୁ ଏଠିକାର ପାଣି ପରୀକ୍ଷା ପାଇଁ ମଧ୍ୟ ନିଆଯାଇଥିଲା। ସୂଚନାଯୋଗ୍ୟ ଯେ, ଗତ କିଛି ବର୍ଷ ମଧ୍ୟରେ ଏହି ପଡାର ନରସିଂହ ଦାସ ଓ ତାଙ୍କ ଦୁଇ ପୁଅ ସୁଦାମଚରଣ ଦାସ, ଅଲେଖ ଦାସ ଏବଂ ନିକଟରେ ତାଙ୍କ ସମ୍ପର୍କୀୟ ସୁରଥ କୁମାର ଦାସଙ୍କ କିଡ୍‌ନୀ ରୋଗରେ ମୃତ୍ୟୁ ଘଟିଥିଲା।

**ଡେପୁଟି ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର, ଠିକାଦାରଙ୍କୁ ମାଡ଼ ମାରିବା ଘଟଣା**

# ୩ ଜଣଙ୍କୁ କୋର୍ଟ ଚାଲାଣ

**କେସିଙ୍ଗା, ୭।୧୧ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଉକ୍ରେଲା ଉଡାଜାହାଜ ପଡିଆର ଉନ୍ନତିକରଣ ପାଇଁ ଲେଆଉଟ ଦେବା ପାଇଁ ଯାଇଥିବା ବିଭାଗୀୟ ଇଞ୍ଜିନିୟର ଓ ଠିକାଦାରଙ୍କୁ ମାଡ ମାରିବା ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ବିକ୍ରମ ସୁନା (ବିକି) ୨୮, ଶତୃଘନ ଶଗଡିଆ (୩୦), ରମୋୟ କୁମାର ନାଏକ (୨୪) । ଉକ୍ରେଲାସ୍ଥିତ ଉଡାଜାହାଜ ପଡିଆର ଉନ୍ନତିକରଣ ପାଇଁ ଆରଆଣ୍ଡବି ବିଭାଗର ଡେପୁଟି ଏକଜ୍ୟୁକେଟିଭ ଇଂ. ବୈଦ୍ୟନାଥ ଦାଶ ଓ ଠିକାଦାର ଗୁପ୍ତେଶ୍ୱର ବେହେରା ଗତ ବୁଧବାର ସନ୍ଧ୍ୟା ୬ଟା ୪୫ ମିନିଟରେ ଉଡାଜାହାଜ ପଡିଆର କାର୍ଯ୍ୟାଳୟରେ ଲେଆଉଟ ଦେଖୁଥିଲେ। ଏହି ସମୟରେ ଉକ୍ରେଲା ଗ୍ରାମର ୩ଜଣ ଯୁବକ ବିକ୍ରମ, ଶତୃଘନ, ରମୋୟ ଜବରଦସ୍ତି କାର୍ଯ୍ୟାଳୟ ଭିତରକୁ ଧସେଇ ପସି ଚାନ୍ଦା ମାଗିଥିଲେ। ଚାନ୍ଦା ଦେବା ପାଇଁ ଅଧିକାରୀ ଓ ଠିକାଦାର ମନା କରିବାରୁ ଉକ୍ତ ୩ଜଣ ଯୁବକ ମାଡ ମାରି ଫେରାର ହୋଇଯାଇଥିଲେ। ଏ ନେଇ ଡେପୁଟି ଏକଜ୍ୟୁକେଟିଭ ଇଂ. ବୈଦ୍ୟନାଥ ଦାଶ କେସିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି କେସିଙ୍ଗା ଥାନାରେ ଏକ ମାମଲା (ନଂ. ୩୩୮/୧୯) ରୁଜୁ ହୋଇଥିଲା। କେସିଙ୍ଗା ପୋଲିସ ଉକ୍ରେଲାସ୍ଥିତ ନିଜସ୍ୱ ଘରେ ଚଢ଼ାଉ କରି ଏହି ୩ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରଛି । ଏ ସଂକ୍ରାନ୍ତରେ ତଦନ୍ତକାରୀ ମହିଳା ଆଇଆଇସି ଦୀପାଞ୍ଜଳି ପ୍ରଧାନଙ୍କୁ ପଚାରିବାରୁ ଉଡାଜାହାଜ ପଡିଆର କାର୍ଯ୍ୟାଳୟରେ ଜବରଦସ୍ତି ପଶି ଚାନ୍ଦା ମାଗି ମାଡ ମାରିବା ଅଭିଯୋଗରେ କୋର୍ଟ ଚାଲାଣ କରାଯାଇଥିବା ପ୍ରକାଶ କରିଥିଲେ ।

### ଚୁକ୍ତି ଭିତ୍ତିକ କନିଷ୍ଠ ଶିକ୍ଷକ ସଂଘ ଚୟନକୁ ବିରୋଧ

**କୋକସରା,୭।୧୧ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଶିକ୍ଷା ବିଭାଗରେ କାର୍ଯ୍ୟରତ ଚୁକ୍ତି ଭିତ୍ତିକ ଶିକ୍ଷକ ସଂଘ ୨୦୧୮ ବ୍ୟାଚର ଏକ ବୈଠକ କୋକସରା କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଗାମୀ ଦିନରେ ୨୦୧୮ ବ୍ୟାଚର କର୍ମକର୍ତ୍ତା ଚୟନ କରିବା ସମ୍ପର୍କରେ ଆଲୋଚନଚକ୍ର ହୋଇଥିଲା। ଏହି ବ୍ୟାଚରେ ମୋଟ ୧୩୭ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ରହିଥିବା ସ୍ଥଳେ କେବଳ ୩୦ରୁ ୩୫ ଜଣ ଉପସ୍ଥିତ ଥିଲେ। ଏହି ଉପସ୍ଥାନକୁ ଦେଖି କୋରମ ହେଉ ନ ଥିବାରୁ ପରବର୍ତ୍ତୀ ଏକ ତାରିଖରେ କର୍ମକର୍ତ୍ତା ଚୟନ କରିବାକୁ ଅଧିକାଂଶ ଶିକ୍ଷକ ମତ ଦେଇଥିଲେ। କୋରମ ଅଭାବରୁ ବୈଠକ ସ୍ଥଗିତ ରଖାଯିବା ନିଷ୍ପତ୍ତି ନେଇ ଅଧିକ ଶିକ୍ଷକ କକ୍ଷତ୍ୟାଗ କରିଥିଲେ। କେତେଜଣ ଶକ୍ଷକ ନିଜ ଜିଦରେ ଅଟଳ ରହି ଅନ୍ୟମାନଙ୍କୁ ଉପେକ୍ଷା କରି ଏକ କମିଟି ଗଠନ କରି କଳାହାଣ୍ଡି ଚୁକ୍ତି ଭିତ୍ତିକ ଶିକ୍ଷକ ସଂଘର ହ୍ୱାଟସଅପ ଗ୍ରୁପରେ ସେୟାର କରିଥିବା ଦେଖିବାକୁ ମିଳିଛି। ଅନ୍ୟ ଶିକ୍ଷକମାନେ ଏହାକୁ ନିନ୍ଦା କରିବା ସହ କର୍ମକର୍ତ୍ତା ଚୟନକୁ ବିରୋଧ କରିବା ସହ ଗଠନ ହୋଇଥିବା କମିଟି ଭିତ୍ତିହୀନ ବୋଲି ଶିକ୍ଷକ ବିବେକାନନ୍ଦ ସୁନାନୀ, ସୁନିଲ ଦାସ, ନବୀନ ମାଝି, କ୍ଷୀରସିନ୍ଧୁ ବାଣୁଆ, ସୁରେନ୍ଦ୍ର ମାଝି, ଶୁଭେନ୍ଦୁ ପଟ୍ଟନାୟକ ପ୍ରମୁଖ କହିଛନ୍ତି ।




ବୈଜ୍ଞାନିକ ଉପଦେଷ୍ଟାମଣ୍ଡଳି ବୈଠକରେ ଉପସ୍ଥିତ ଅଧିକାରୀମାନେ ।

# କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଉପଦେଷ୍ଟାମଣ୍ଡଳୀ ବୈଠକ

**ଭବାନୀପାଟଣା,୭।୧୧ (ଡି.ଏନ୍.ଏ.)**

କୃଷକର ବୈଷୟିକ ଜ୍ଞାନ କୌଶଳକୁ ଅଧିକ ଶକ୍ତିଶାଳୀ କରିବା ତଥା କୃଷି ସମ୍ପର୍କୀତ ଅତ୍ୟାଧୁନିକ ବିଜ୍ଞାନ ଭିତ୍ତିକ ତଥ୍ୟ କୃଷକମାନଙ୍କୁ ପ୍ରଦାନ କରିବା ଲକ୍ଷ୍ୟ ନେଇ ଓୟୁଏଟି ପକ୍ଷରୁ କଳାହାଣ୍ଡି ଜିଲାରେ ଗଠିତ କୃଷି ବିଜ୍ଞାନ କେନ୍ଦ୍ରଠାରେ ଗତ ବୁଧବାର କେନ୍ଦ୍ରର ୨୦ତମ ବୈଜ୍ଞାନିକ ଉପଦେଷ୍ଟାମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଥିଲା। ଓୟୁଏଟିର ସମ୍ପ୍ରସାରଣ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଡ. ମନୋରଞ୍ଜନ ମହାପାତ୍ର ଯୋଗଦେଇ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଉପଦେଷ୍ଟା କମିଟି ବୈଠକ ସମ୍ପର୍କରେ ସୂଚନା ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ର ସମ୍ପ୍ରସାରଣ ବୈଜ୍ଞାନିକ ମଧୁମିତା ଜେନା ସ୍ୱାଗତ ଭାଷଣ କରିଥିଲେ। କଳାହାଣ୍ଡି କୃଷି ବିଜ୍ଞାନକେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ତଥା କେନ୍ଦ୍ର ମୁଖ୍ୟ ଡ. ଅମିତାଭ ପଣ୍ଡା କେନ୍ଦ୍ରର ୨୦୧୮-୧୯ ବର୍ଷର ସଫଳତା ବର୍ଣ୍ଣନା କରିଥିଲେ । ଆସନ୍ତା ୨୦୧୯-୨୦ ବର୍ଷରେ ହେବାକୁ ଥିବା ବିଭିନ୍ନ ଯୋଜନାଗୁଡିକ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ କୋଲକତା ଆଇସିଏଆର-ଅଟାରିର ପ୍ରିନ୍ସପାଲ ବୈଜ୍ଞାନିକ ଡ. ଏସ୍.କେ. ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ କୃଷି ମହାବିଦ୍ୟାଳୟ କଳାହାଣ୍ଡି ଆସୋସିଏଟ୍ ଡିନ୍ ଡ. ଶାନ୍ତନୁ କୁମାର ମହାନ୍ତି, ଜିଲା ମୁଖ୍ୟ କୃଷି ଅଧିକାରୀ ନରେନ୍ଦ୍ର ବେହେରା, ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଶୈଳେଶ କୁମାର ପଟ୍ଟନାୟକ, ସିଡିଭିଓ ଡ. ଚୈତନ୍ୟ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଆୟୋଜିତ ଆଲୋଚନାରେ କୃଷିବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ତପନ କୁମାର ଦାସ, ବୈଜ୍ଞାନିକ ଡ. ହୃଦାନନ୍ଦ ମଲ୍ଲିକ, ବୈଜ୍ଞାନିକ ତୁଳସୀ ମାଝି, ବୈଜ୍ଞାନିକ ଉତ୍କଳିକା ନାଏକ ଓ ବୈଜ୍ଞାନିକ ମଧୁମିତା ଜେନା ସେମାନଙ୍କ ନିଜ ବିଭାଗ କାର୍ଯ୍ୟବଳୀ ସମ୍ପର୍କରେ ସୂଚନା ଦେଇଥିଲେ। ଦେଶୀ କିସମ ଧାନର ଉତ୍ପାଦନ, ସଂରକ୍ଷଣ ତଥା କ୍ଷୁଦ୍ରଶସ୍ୟ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଧର୍ମଗଡର ସଫଳ ଚାଷୀ ମାନସ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲାର ଉଠାଜଳସେଚନ ବିଭାଗ, ମତ୍ସ୍ୟ ଚାଷ ବିଭାଗ, ଓରମାସ୍ ଓ ନାବାର୍ଡ ତଥା ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ସେମାନଙ୍କ ମତାମତ ରଖିଥିଲେ। କେବିକେର ବୈଜ୍ଞାନିକ ତପନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ଶ୍ରୀକୃଷ୍ଣ ବେହେରା, ଦିଲୀପ ବାରିକ, ଚନ୍ଦ୍ରକାନ୍ତି ମଲ୍ଲିକ ଓ ନିର୍କା ପ୍ରଜେକ୍ଟର ଏସ୍‌ଆରଏଫ୍ ସ୍ନିଗ୍ଧା ପଟ୍ଟନାୟକ ଏବଂ ଅନ୍ୟ ସହକର୍ମୀମାନେ କାର୍ଯ୍ୟକ୍ରମ ପରିଚାଳନା ସହଯୋଗ କରିଥିଲେ।

# ୨୪ତମ ବ୍ଲକସ୍ତରୀୟ ବିଜ୍ଞାନମେଳା

## ପରିବେଶକୁ ଅବଲୋକନ କଲେ ବିଜ୍ଞାନ ପ୍ରତି ଚେତନା ଜାଗ୍ରତ ହୋଇଥାଏ

**କର୍ଲାମୁଣ୍ଡା, ୭।୧୧ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ କର୍ଲାମୁଣ୍ଡା ପଞ୍ଚାୟତ ସମିତି ହାଇସ୍କୁଲ ପରିସରରେ ଗୁରୁବାର ୨୪ତମ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସମାରୋହରେ ବ୍ଲକ ବିଜ୍ଞାନ ସାଧନା କେନ୍ଦ୍ର ସଭାପତି ତଥା ଗଜବାହାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଜୟ କୁମାର ପୁରୋହିତଙ୍କ ଅଧକ୍ଷତାରେ ମୁଖ୍ୟବକ୍ତା ଭାବେ ମ.ରାମପୁର ଯୁକ୍ତ ୨ ବିଜ୍ଞାନ କଲେଜ ପଦାର୍ଥ ବିଜ୍ଞାନ ଅଧାପକ ତ୍ରିନାଥ ବିଶୋଇ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ କୃଷ୍ଣ ଚନ୍ଦ୍ର ବାଗ, କର୍ଲାମୁଣ୍ଡା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧାମୋହନ ପାଢୀ ଓ ଯୋଗେଶ୍ୱର ମହାପାତ୍ର, ଜିଲା ବିଜ୍ଞାନ ନିରୀକ୍ଷକ ହିମାଂଶୁ ଶେଖର ପଟନାଏକ, ମ.ରାମପୁର ହାଇସ୍କୁଲ ବିଜ୍ଞାନ ଶିକ୍ଷକ ଦେବାନନ୍ଦ ବାଗ, ବିଜ୍ଞାନ ମେଳା ଆବାହକ ପ୍ରଶନ୍ନ କୁମାର ପଧାନ ପ୍ରମୁଖ ଯୋଗଦେଇ ପରିବେଶକୁ ଅବଲୋକନ କଲେ ବିଜ୍ଞାନ ପ୍ରତି ଚେତନା ଜାଗ୍ରତ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ବ୍ଲକର ୫୬ଟି ବିଭିନ୍ନ ବିଦ୍ୟାଳୟରୁ ସିନିୟର ଓ ଜୁନିୟର ବର୍ଗ ୬୧ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ଦିବାକର ସାହୁ, ଶମ୍ଭୁପ୍ରସାଦ ସାହୁ, ସମୀର କୁମାର ବେହେରା, ଅଜୟ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ । ପ୍ରକଳ୍ପଗୁଡିକ ମଧ୍ୟରୁ ସିନିୟର ଏବଂ ଜୁନିୟର ବର୍ଗଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପଗୁଡିକ ଜିଲାସ୍ତରୀୟ ବିଜ୍ଞାନ ମେଳାରେ ସ୍ଥାନ ପାଇବା ପାଇଁ ମନୋନୀତ କରାଯାଇଛି। ଏହି ଅବସରରେ ତେରେସିଂହା ସ୍କୁଲ ଶିକ୍ଷକ ସଞ୍ଜୟ ଦାସ, ପୌରକେଲା ହାଇସ୍କୁଲ ଶିକ୍ଷକ ପ୍ରମୋଦ କୁମାର ଗଉଡ, କର୍ଲାମୁଣ୍ଡା ହାଇସ୍କୁଲ ବିଜ୍ଞାନ ଶିକ୍ଷକ ପବିତ୍ର ମୋହନ ପାଶାଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। କର୍ଲାମୁଣ୍ଡା ପଞ୍ଚାୟତ ପକ୍ଷରୁ ପରିବେଶ ସୁରକ୍ଷା ପାଇଁ ଆବର୍ଜନା କୁଣ୍ଡ କର୍ଲାମୁଣ୍ଡା ହାଇସ୍କୁଲ ଓ ନୋଡାଲ ୟୁପି ସ୍କୁଲକୁ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ସୁଶାନ୍ତ ଦୀପ ସଂଯୋଜନା କରିଥିବା ବେଳେ ଶିକ୍ଷକ ମାର୍କଣ୍ଡ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ, ବସନ୍ତ ପଟ୍ଟନାଏକ, ଅମ୍ବିଲାଲ ସାହୁ, ବେଣୁଧର ନାଗ, ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀମାନେ ସହଯୋଗ କରିଥିଲେ। ଆସନ୍ତା ବର୍ଷ ଭଟାପଲା ହାଇସ୍କୁଲଠାରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା କରାଯିବା ନେଇ ଘୋଷଣା କରାଯାଇଥିଲା।




ସୁରୁଜୁଲି ବିଦ୍ୟାଳୟର ଜଣେ ଛାତ୍ର ସୌରଶକ୍ତି ଉତ୍ପାଦନ ଓ ତାହାର ବ୍ୟବହାର ବୁଝାଉଛନ୍ତି।

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ

- ବର୍ତ୍ତମାନ ସୁଦ୍ଧା ପିଲାଙ୍କୁ ପୋଷାକ ବଣ୍ଟନ କରଯାଇ ନ ଥିବାରୁ ବିଧାୟକଙ୍କ ବିରକ୍ତି

**ଭବାନୀପାଟଣା,୭।୧୧(ଡି.ଏନ୍.ଏ.)**

କଳାହାଣ୍ଡି ଜିଲାରେ ବିଭିନ୍ନ ଉନ୍ନୟନ କାମ ଅଧପନ୍ତରିଆ ହୋଇ ପଡିରହିଛି। ଜିଲାର ଗୁରୁତ୍ୱ ବହନ କରୁଥିବା ନର୍ଲା ନିର୍ବାଚନମଣ୍ଡଳୀରେ ମଧ୍ୟ ଅନେକ ସମସ୍ୟା ରହିଛି। ଏହି ସବୁ ସମସ୍ୟାର ସମାଧାନ ପାଇଁ ନର୍ଲା ବିଧାୟକ ଭୁପିନ୍ଦର ସିଂ ଗୁରୁବାର ନର୍ଲା ନିର୍ବାଚନ ମଣ୍ଡଳୀ ସମସ୍ତ ବିଭାଗର ସମୀକ୍ଷା କରିଥିଲେ। ଭବାନୀପାଟଣାସ୍ଥିତ ଜିଲାପାଳ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦ, ଏସ୍‌ପି ବି. ଗଙ୍ଗାଧରଙ୍କ ସମେତ ପିଡିଡିଆର୍‌ଡିଏ ଜ୍ଞାନ ରଞ୍ଜନ ଭଞ୍ଜ, ଅତରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନଙ୍କ ଉପସ୍ଥିତିରେ ସମୀକ୍ଷା ଆରମ୍ଭ ହୋଇଥିଲା । ନର୍ଲା ନିର୍ବାଚନ ମଣ୍ଡଳୀରେ ଥିବା ନର୍ଲା, ମ. ରାମପୁର, କର୍ଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ରେଗେଡା, ରିଷିଡା, ମଦନପୁର, ମୋହନଗିରି, ଉର୍ଲାଦାନୀ, ପଲମ ଓ ରୁପ୍ରା ଏବଂ ରୁପ୍ରା ରୋଡଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ବିଶେଷଜ୍ଞ ଓ ଡାକ୍ତର ପଦବୀ ଖାଲି ପଡିଥିବା ବେଳେ କର୍ମଚାରୀଙ୍କ ପଦବୀ ମଧ୍ୟ ଖାଲି ପଡିଛି। ଏହି ନିର୍ବାଚନ ମଣ୍ଡଳୀର ବିଭିନ୍ନ ଡାକ୍ତରଖାନାର ଡାକ୍ତରଙ୍କୁ ଅନ୍ୟତ୍ର ଡାକ୍ତରଖାନାରେ ନିୟୋଜିତ କରାଯାଇଥିବା ଜାଣିବା ପରେ ବିଧାୟକ ସିଂ ଉଦ୍‌ବେଗ ପ୍ରକାଶ କରିଥିଲେ। ଯଥାଶୀଘ୍ର ଏହି ସବୁ ସମସ୍ୟାର ସମାଧାନ ପାଇଁ ଜିଲା ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ଶିକ୍ଷା ବିଭାଗର ସମୀକ୍ଷା ବେଳେ ସ୍କୁଲଗୁଡିକରେ ଖାଲି ପଡିଥିବା ଶିକ୍ଷକ ପଦବୀ ଏବଂ ବର୍ତ୍ତମାନ ସୁଦ୍ଧା ସ୍କୁଲ ପିଲାମାନଙ୍କୁ ପୋଷାକ ବଣ୍ଟନ କରଯାଇ ନ ଥିବା ଯୋଗୁ ବିଧାୟକ ବିରକ୍ତି ଭାବ ପ୍ରକାଶ କରିଥିଲେ। ଯଥାଶୀଘ୍ର ସ୍କୁଲ ପିଲାମାନଙ୍କୁ ପୋଷାକ ଯୋଗାଇ ଦେବା ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ନିର୍ବାଚନ ମଣ୍ଡଳୀରେ ଥିବା ରାସ୍ତାଘାଟ ମରାମତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଏବଂ ପୂର୍ତ୍ତ ବିଭାଗକୁ କହି ଥିବା ବେଳେ ନିର୍ବଚନ ମଣ୍ଡଳୀରେ ଥିବା ଅନେକ ଗାଁ କୁ ଏପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ କରାଯାଇ ନାହିଁ । ଯଥାଶୀଘ୍ର ବିଜୁ ଜ୍ୟୋତି ଯୋଜନା ଏବଂ ସୌଭାଗ୍ୟ ଯୋଜନାରେ ପ୍ରତ୍ୟେକ ଗାଁକୁ ଏବଂ ପ୍ରତ୍ୟେକ ପରିବାରକୁ ବିଦ୍ୟୁତ ସେବା ଯୋଗାଇ ଦେବା ପାଇଁ ନିର୍ବାହୀ ଯନ୍ତ୍ରୀ ଏବଂ ଜିଲାପାଳଙ୍କୁ କହିଥିଲେ। ମ.ରାମପୁର ବ୍ଲକ ଉର୍ଲାଦାନୀଠାରୁ ଲୁବେନଗଡ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଅଧାରେ ପଡି ରହିଛି । ଏହି ରାସ୍ତା କାମ ଏବଂ ନାଗଜୁରୀ ଉତ୍ତେଇ ନଦୀ ସେତୁ କାମକୁ ଯଥା ଶୀଘ୍ର ଆରମ୍ଭ କରି ସମ୍ପୂର୍ଣ୍ଣ କରିବା ପାଇଁ ନିର୍ବାହୀ ଯନ୍ତ୍ରୀଙ୍କୁ ତାଗିଦ୍ କରିଥିଲେ । ନିର୍ବାଚନ ମଣ୍ଡଳୀରେ ଥିବା ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ସମବାୟ, ବ୍ଲକ, ତହସିଲ, ଉଦ୍ୟାନ କୃଷି ପ୍ରଭୃତି ସମସ୍ତ ବିଭାଗର ସମୀକ୍ଷା କରାଯାଇଥିଲା। ସମୀକ୍ଷା ବୈଠକରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ ।



ବୈଠକରେ ଯୋଗଦେଇଥିବା ଜିଲାପାଳ, ବିଧାୟକ ଏବଂ ସମସ୍ତ ଜିଲାସ୍ତରୀୟ ଅଧିକାରୀମାନେ ।

**ନର୍ଲା ନିର୍ବାଚନମଣ୍ଡଳୀ**



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।

- ଟଲଷ୍ଟୟ



## ସଂକ୍ଷେପରେ

### ୧୧୦ ବୋତଲ କଫ୍ ସିରପ ଜବତ: ଜଣେ ଗିରଫ

**ଖପ୍ରାଖୋଲ, ୭।୧୧(ଡି.ଏନ୍.ଏ.) :** ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପତ୍ରାପାଲି ଗାଁ ନିକଟରୁ ଖପ୍ରାଖୋଲ ପାଟ୍ରୋଲିଂ ପୋଲିସ ୧୧୦ ବୋତଲ କଫ୍‌ସିରପ ସହିତ ଇଏଲପି-୧.୦ ନିଶା ବଟିକା ୩୦ଟି ଜବତ କରିଛି। ଏହି ଘଟଣାରେ ଧଣ୍ଡାମୁଣ୍ଡା ଗାଁର ବଲ୍ଲଭ ପଧାନ(୪୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଖପ୍ରାଖୋଲ ଥାନା‌ରେ ଏକ ମାମଲା (ନଂ. ୨୦୫/୧୯) ରୁଜୁ କରାଯାଇଥିବା ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ପ୍ରକାଶ କରିଛନ୍ତି। ଗୁରୁବାର ପତ୍ରାପାଲି ନିକଟରେ କଫ୍ ସିରପ ବିକ୍ରି କରାଯାଉଥିବା ଖବର ପାଇ ପୋଲିସ ଚଢାଉ କରିଥିଲା।

### ବୌଦ୍ଧିକ, ମାନସିକ ବିକାଶରେ ସହାୟକ ହେଉଛି ସୁରଭି

**ବଲାଙ୍ଗୀର ଅଫିସ, ୭।୧୧:** ଶିଶୁମାନଙ୍କ କଳା ପ୍ରତିଭାକୁ ଲୋକଲୋଚନକୁ ଆଣିବା ସହ ସେମାନଙ୍କ ସର୍ବାଙ୍ଗୀନ ବିକାଶ ଉଦ୍ଦେଶ୍ୟରେ ସମଗ୍ର ଶିକ୍ଷା ଅଭିଯାନ ତରଫରୁ ଅନୁଷ୍ଠିତ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ ସ୍ଥାନୀୟ ଟାଉନ୍ ହଲଠାରେ ଗୁରୁବାର ଆୟୋଜିତ ହୋଇଛି। ଜିଲା ପ୍ରକଳ୍ପ ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଡିଆଇଇଟି ଅଧକ୍ଷ ରଜନୀକାନ୍ତ ଦାସ, ବଲାଙ୍ଗୀର ବିଇଓ ଚିଟପାଲ ସାଗର, ଆଗଲପୁର ବିଇଓ ମଞ୍ଜୁଲତା ଭୋଇ, ଲୋଇସିଂହା ବିଇଓ ରୀନା ବେହେରା ଓ ପୁଇଁତଲା ବିଇଓ ନେପାଳ ଚନ୍ଦ୍ର ବାଗ ଯୋଗଦେଇ ଶିଶୁମାନଙ୍କର ବୌଦ୍ଧିକ ଓ ମାନସିକ ଶକ୍ତିର ବିକାଶ ନିମନ୍ତେ ସୁରଭି କାର୍ଯ୍ୟକ୍ରମ ଜରୁରୀ ବୋଲି କହିଥିଲେ। ଉତ୍ସବ ଅବସରରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ଏହି ପ୍ରତିଯୋଗିତାରେ ବରିଷ୍ଠ ବିଭାଗର କୁଇଜ୍ ପ୍ରତିଯୋଗିତାରେ ପ୍ରେମାନନ୍ଦ ପଧାନ, ଚିତ୍ରାଙ୍କନରେ ଅଙ୍କିତା ଦଣ୍ଡସେନା, ବାଗ୍ମିତାରେ ଚିନ୍ମୟ ବେହେରା, ସୃଜନଶୀଳ ଲିଖନରେ ରିଙ୍କି କୁଶଲ, ବକ୍ତୃତାରେ ହରେକୃଷ୍ଣ ମିଶ୍ର, ପ୍ରବନ୍ଧରେ ସୌରଭ କୁମାର ପାଣିଗ୍ରାହୀ, ସଙ୍ଗୀତରେ ସୁପ୍ରିୟା ମଲ୍ଲିକ ଏବଂ ଦଳଗତ ନୃତ୍ୟରେ ଖପ୍ରାଖୋଲ ବ୍ଲକ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କନିଷ୍ଠ ବିଭାଗର କୁଇଜ୍‌ରେ ମାନସ କୁମାର ଭୋଇ, ଚିତ୍ରାଙ୍କନରେ ଦେବଜାନି ସେଠ, ବାଗ୍ମିତାରେ ପ୍ରତିଚି ପଟ୍ଟନାୟକ, ସୃଜନଶୀଳ ଲିଖନରେ ତମନ୍ନା ପ୍ରଧାନ, ଶ୍ରୁତଲିଖନ ଓ ହସ୍ତାକ୍ଷରରେ ଚିତ୍ରଲେଖା କୁମ୍ଭାର, ସଙ୍ଗୀତରେ ସୌମ୍ୟା ରାଣି ମିଶ୍ର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସଙ୍ଗୀତ ବିଭାଗରେ ସଙ୍ଗମ ସାହୁ ଓ ଚିତ୍ରାଙ୍କନରେ ଦୀପେଶ ଭୋଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଶୈଳେନ୍ଦ୍ରୀ ପରିଡା, ଅଳକା ଦାଶ, ବି. ଜସ୍ମିନ ଜଲି, ନିହାରିକା ମିଶ୍ର, ପଲ୍ଲବୀ ମେହେର ଓ ବୈଜୟନ୍ତୀ ମେହେର ମଞ୍ଚ ପରିଚାଳନା କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ କାର୍ତ୍ତିକେଶ୍ୱର ଲେଙ୍କା, ଶିକ୍ଷାବିତ ସନାତନ ଠାକୁର ଯୋଗଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଜିଲା ପ୍ରକଳ୍ପ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ବିଆରସିସି, ସିଆରସିସି ଓ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଗାଇଡ୍ ଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଜିଲା ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସୂଚନା ଦିଆଯାଇଛି।



### କ୍ରୀଡ଼ାବିତ୍ ରାଜୁ ସିଂଙ୍କ ପରଲୋକ

**ଦେଓଗାଁ,୭।୧୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହାର ବିଶିଷ୍ଟ କ୍ରୀଡାବିତ ତଥା ଶିକ୍ଷାବିତ ରାଜକିଶୋର ସିଂ (୭୨)ଙ୍କ ଗୁରୁବାର ସନ୍ଧ୍ୟାରେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ସିଂ କ୍ରୀଡା କ୍ଷେତ୍ରରେ ଜିଲା ଓ ରାଜ୍ୟ ସ୍ତରରେ କୃତିତ୍ୱ ଅର୍ଜନ କରି ଅଞ୍ଚଳରେ କ୍ରୀଡା ତଥା ଫୁଟବଲ ଖେଳର ବିକାଶ କରିବାରେ ଅବଦାନ ରହିଆସୁଥିଲା। ସେ ସ୍ଥାନୀୟ ବ୍ରଜେନ୍ଦ୍ର ନାରାୟଣ ଆଥେଲେଟିକ ଆସୋସିଏସନର ଉଦ୍ୟୋକ୍ତା ଓ ଜରାସିଂହା ଫୁଟବଲ ଦଳର କୋଚ ରହିଥିଲେ। ଶୁକ୍ରବାର ନିକଟସ୍ଥ ସୋନଗଡ ନଦୀକୂଳରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ସୂତ୍ରରୁ ପ୍ରକାଶ।

ମୁଖ୍ୟ ଶାସନ ସଚିବ, ୫-ଟି ସଚିବ, ମିଶନ୍ ନିର୍ଦ୍ଦେଶିକାଙ୍କ ବଲାଙ୍ଗୀର ଗସ୍ତ

# ମେଡିକାଲ ବୁଲିଲେ, ରୋଗୀଙ୍କୁ ପଚାରିଲେ ସୁଖଦୁଃଖ

**ବଲାଙ୍ଗୀର ଅଫିସ, ୭।୧୧**

- ନେତୃତ୍ୱ ନେବାକୁ ଡାକ୍ତରଙ୍କୁ ଦେଲେ ପରାମର୍ଶ
- ରନ୍ଧାଖାଦ୍ୟ ଯୋଗାଣ, ନିଦାନ ପରୀକ୍ଷା ଉପରେ ଗୁରୁତ୍ୱ



ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସପିଟାଲରେ ମୁଖ୍ୟ ଶାସନ ସଚିବ, ୫-ଟି ସଚିବ, ମିଶନ୍ ନିର୍ଦ୍ଦେଶିକା, ଜିଲାପାଳ ଓ ଅନ୍ୟମାନେ ପରିଦର୍ଶନ କରୁଛନ୍ତି।

ଓଡିଶାର ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ୫-ଟି ସଚିବ ଭି.କାର୍ତ୍ତିକେୟନ୍ ପାଣ୍ଡିଆନ୍, ଜାତୀୟ ସ୍ୱାସ୍ଥ୍ୟ ମିଶନ୍‌ର ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଗୁରୁବାର ପୂର୍ବାହ୍ନରେ ଅଚାନକ ବଲାଙ୍ଗୀର ଜିଲା ଗସ୍ତରେ ଆସିଥିଲେ। ତୁଷରା ଉଡାଜାହାଜ ପଡିଆରୁ ସିଧାସଳଖ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍‌ପିଟାଲକୁ ଆସିଥିଲେ। ପ୍ରଥମେ ହସପିଟାଲର ମାତୃ ଓ ଶିଶୁ ରୋଗ ବିଭାଗକୁ ଯାଇ ରୋଗୀ ଓ ରୋଗୀ ପରିଜନଙ୍କ ସହ ଆଲୋଚନା କରିଥିଲେ। ଏହାପରେ ସର୍ଜରୀ ୱାର୍ଡ ଓ ଡାଇଲିସିସ୍ ୱାର୍ଡ ପରିଦର୍ଶନ କରିଥିଲେ। ହସପିଟାଲରେ ରୋଗୀଙ୍କୁ ଦିଆଯାଉଥିବା ରନ୍ଧାଖାଦ୍ୟର ମାନ କିଭଳି ରହୁଛି ପଚାରି ବୁଝିଥିଲେ। ଏହା ସହିତ ହସ୍‌ପିଟାଲର ନିରାମୟ କାଉଣ୍ଟରରୁ ରୋଗୀଙ୍କୁ ମାଗଣାରେ ଔଷଧ ମିଳୁଛି କି ନାହିଁ ପଚାରିଥିଲେ। ହସପିଟାଲ ପରିସରରେ ଥିବା ନିଦାନ ବିଭାଗରେ ରୋଗୀଙ୍କ ରକ୍ତ, ମଳ, ମୂତ୍ର, ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ନିରୀକ୍ଷା ସମ୍ପର୍କରେ ପଚାରି ଥିଲେ। ରୋଗୀଙ୍କୁ ଚିକିତ୍ସା ବେଳେ ଡାକ୍ତରଙ୍କ ବ୍ୟବହାର କିଭଳି ରହୁଛି ଓ ରୋଗୀଙ୍କୁ ଡାକ୍ତର, ନର୍ସ ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀମାନେ ସହଯୋଗ କରୁଛନ୍ତି କି ନାହିଁ ତାହା ମଧ୍ୟ ପଚାର ବୁଝିଥିଲେ। ପରେ ହସ୍‌ପିଟାଲର ପ୍ରଶାସନିକ ଭବନରେ ସ୍ୱାସ୍ଥ୍ୟ ଅଧିକାରୀ ଓ ଡାକ୍ତରମାନଙ୍କ ସହ ୫-ଟି ସଚିବ ଆଲୋଚନା କରିଥିଲେ। ଏହି ବୈଠକରେ ସ୍ୱାସ୍ଥ୍ୟ ଅଧିକାରୀ ଓ ଡାକ୍ତରମାନଙ୍କୁ ସକରାତ୍ମକ ପରାମର୍ଶ ଦେଇ ସ୍ୱାସ୍ଥ୍ୟସେବାର ଉନ୍ନତି ଓ ଜନସାଧାରଣଙ୍କୁ ସେବା ଯୋଗାଇବା ଦିଗରେ ସେମାନେ ନେତୃତ୍ୱ ନେଇ କାର୍ଯ୍ୟ କରନ୍ତୁ ବୋଲି କହିଥିଲେ। ଏହି ବୈଠକରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସପିଟାଲର ଭିତ୍ତିଭୂମି, ରୋଗୀସେବା, ପରିମଳ ବ୍ୟବସ୍ଥା, ରନ୍ଧାଖାଦ୍ୟ ଯୋଗାଣ ଉପରେ ଆଲୋଚନା କରିଥିଲେ। ରୋଗୀଙ୍କୁ ଉନ୍ନତ ମାନର ରନ୍ଧା ଖାଦ୍ୟ ଯୋଗାଣ ଉପରେ ପରାମର୍ଶ ଦିଆଯାଇଥିଲା। ଏହାସହିତ ହସପିଟାଲର ପରିମଳ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ପରାମର୍ଶ ଦେଇଥିଲେ। ଯେଉଁ ରୋଗୀମାନେ ଶଯ୍ୟା ଅଭାବରୁ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି ସେଭଳି ରୋଗୀଙ୍କୁ ଶଯ୍ୟା ଯୋଗାଇବା ପାଇଁ ବ୍ୟବସ୍ଥା କରାଯିବାକୁ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ କାର୍ଯ୍ୟକାରୀ ହେଉଥିବା ପୁରୁଣା କୋଠାକୁ ଶୀଘ୍ର ଭାଙ୍ଗି ସେଠାରେ ଏକ ନୂତନ କୋଠା ନିର୍ମାଣ କରାଯିବା ଉପରେ ନିର୍ଦ୍ଦେଶ ଦେଇଥିଲେ। ମେଡିକାଲ କଲେଜ ପାଖରେ ନିର୍ମାଣ ହେବାକୁ ଥିବା ୫ଶହ ଶଯ୍ୟା ବିଶିଷ୍ଟ ମେଡିକାଲ କଲେଜ ହସପିଟାଲ ଯେପରି ଶୀଘ୍ର ନିର୍ମାଣ ହେବ ସେ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ହସପିଟାଲ ପରିଦର୍ଶନ, ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ତ୍ରିପାଠୀ, ୫-ଟି ସଚିବ ପାଣ୍ଡିଆନ୍, ମିଶନ ନିର୍ଦ୍ଦେଶିକା ପଣ୍ଡିତଙ୍କ ସହ ଜିଲାପାଳ ଅରିନ୍ଦମ ଡାକୁଆ, ସମ୍ବଲପୁର ଡିଆଇଜି ହିମାଂଶୁ ଲାଲ, ଏସପି ସନ୍ଦୀପ ମାଡକର, ମେଡିକାଲ କଲେଜ ଡିନ୍ ପ୍ରଫେସର ଡା. ଲଳିତ କୁମାର ମେହେର, ସୁପରିନ୍‌ଟେଣ୍ଡେଣ୍ଟ ଡା ମହେନ୍ଦ୍ର କୁମାର ନାୟକ, ସିଡିଏମ୍‌ଓ ଡା ଦୈତାରୀ ସାହୁ, ଏନ୍‌ଏଚ୍‌ଏମ୍ ଡିପିଏମ୍ ମୃତ୍ୟୁଞ୍ଜୟ ମୁଣ୍ଡ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ଏସଡିପିଓ ଶ୍ରୀମନ୍ତ ବାରିକ ଓ ଅନ୍ୟ ସ୍ୱାସ୍ଥ୍ୟ ଅଧିକାରୀ ତଥା ଡାକ୍ତର ଉପସ୍ଥିତ ଥିଲେ। ବଲାଙ୍ଗୀରରୁ ସୋନପୁର ଜିଲା ଅଭିମୁଖେ ଗସ୍ତ କରିଥିଲେ।

### କଳାସୀ ଯାତ୍ରା ପାଇଁ ବୁର୍ଡା ଚଳଚଞ୍ଚଳ

**ଲୋଇସିଂହା, ୭।୧୧(ଡି.ଏନ.ଏ.)**

କାର୍ତ୍ତିକ ଏକାଦଶୀରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ଗ୍ରାମର ପ୍ରସିଦ୍ଧ କଳାସୀ ଯାତ୍ରା ଶୁକ୍ରବାର ଅନୁଷ୍ଠିତ ହେବ। ଏଥିପାଇଁ ବୁର୍ଡା ଚଳଚଞ୍ଚଳ ହୋଇ ଉଠିଛି। ମୁଖ୍ୟଦେହୁରୀଙ୍କ ପରିବାର ଓ ଗ୍ରାମାବସୀ ମିଳିତ ଭାବେ ୪ ପିଢି ହେଲା ବଲାଙ୍ଗୀର-ବରଗଡ ୨୬ନଂ ଜାତୀୟ ରାଜପଥର ବୁର୍ଡା କଳାସୀ ପୋଲ ତଳେ ଏହି ଯାତ୍ରା ଅନୁଷ୍ଠିତ ହୋଇ ଆସୁଛି। ଯାତ୍ରା ଦିନ ଅପରାହ୍ନରେ ମୁଖ୍ୟଦେହୁରୀ ଓ ୧୦ ଜଣ ବରୁଆ ସମବେତ ହୋଇଥାନ୍ତି। ପଞ୍ଚବାଦ୍ୟ ତାଳେତାଳେ ବରୁଆମାନେ ବିଭିନ୍ନ ଭଙ୍ଗିରେ ନୃତ୍ୟ କରିଥାନ୍ତି। ଶ୍ରଦ୍ଧାଳୁମାନେ ବରୁଆଙ୍କଠାରୁ ଆଶୀର୍ବାଦ ନେଇଥାନ୍ତି। ସୁବର୍ଣ୍ଣପୁରରୁ ବୁର୍ଡାକୁ କୈବର୍ତ୍ତ ସମାଜର କେତେକ ଲୋକ ଆସି ବସବାସ କରିଥିଲେ। ଏଠାକୁ ଆସିବା ସମୟରେ ସେମାନେ ଏକ ଛତର ନେଇ ଆସିଥିଲେ। ସେମାନେ ସେହି ଛତରକୁ ପୂଜା କରି ଆସୁଥିଲେ। ପ୍ରଥମେ ତୀର୍ଥ ନାଏକ କଳାସୀ ଯାତ୍ରା ଆରମ୍ଭ କରିଥିଲେ। କାର୍ତ୍ତିକ ମାସ ନବମୀରେ କଳାସୀ କୁଡିରେ ଦେବ ନିମନ୍ତ୍ରଣ,ଦଶମୀ ଦିନ ମହାଦେବ ବରଣ, ଏକାଦଶୀ ଦିନ ବାଲି ଯାତ୍ରା ଓ ଦ୍ୱାଦଶୀରେ ନଗର ପରିକ୍ରମା ଏପରି ଭାବେ ୪ ଦିନ ଧରି ପୂଜାପାଠ ହୋଇଆସୁଛି ବୋଲି ମୁଖ୍ୟ ଦେହୁରୀ ଶୋଭାବନ ନାଏକ କହଛନ୍ତି।

## ବିଜ୍ଞାନମେଳାରେ ୫୮ ପ୍ରକଳ୍ପ ପ୍ରଦର୍ଶିତ

**ଲାଠୋର, ୭।୧୧(ଡି.ଏନ.ଏ.)**



ଛାତ୍ର ସ୍ୱାଗତ ସୁନା ବୈଦ୍ୟୁତିକ ଉତ୍ତୋଳନ ଯନ୍ତ୍ର ପ୍ରଦର୍ଶନ କରୁଛନ୍ତି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଜୟହିନ୍ଦ ପବ୍ଲିକ ସ୍କୁଲରେ ଗୁରୁବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ୫୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ ବରିଷ୍ଠ, କନିଷ୍ଠ, ସର୍ବକନିଷ୍ଠ ଏହିପରି ତିନୋଟି ବର୍ଗର ଛାତ୍ରୀଛାତ୍ର ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ବରିଷ୍ଠ ବର୍ଗରେ କେଶବ ଶର୍ମା, କନିଷ୍ଠରେ ଆକୃତି ଅଗ୍ରୱାଲ ଓ ସୁହାନା ଅଗ୍ରୱାଲ, ସର୍ବ କନିଷ୍ଠ ବର୍ଗରେ ଅଭ୍ୟାନ ଆୟୁଷ ମହାପାତ୍ର ଓ ଲୋପାମୁଦ୍ରା ବେହେରା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବିଚାରକଭାବେ ଜ୍ଞାନଜ୍ୟୋତି ବିଦ୍ୟାଳୟ ନୂଆପଡାର ବିଜ୍ଞାନ ଶିକ୍ଷକ ଅଶୋକ କୁମାର ସରାଫ ଏବଂ ଲାଲବାହାଦୂର ଦାସ ଯୋଗଦେଇଥିଲେ। ଅଧକ୍ଷ ନିର୍ମଳ ଚନ୍ଦ୍ର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଲାଠୋର ବନାଞ୍ଚଳ ଅଧିକାରୀ ପ୍ରଭାତୀ ସେଠ (ଓଏଫଏସ) ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପରିଚାଳନା ସମିତି ଟ୍ରଷ୍ଟି ଶଙ୍କରଲାଲ ଅଗ୍ରୱାଲ, ସମ୍ପାଦକ ଦୀନେଶ ଅଗ୍ରୱାଲ, ଉପସଭାପତି ଉମେଶ ଭଇଁଷାଲ, କୋଷାଧ୍ୟକ୍ଷ ସନ୍ତୋଷ ମେହେର, ଶ୍ରବଣ ଅଗ୍ରୱାଲ, ପଙ୍କଜ ଅଗ୍ରୱାଲ, ବଂଶୀଧର ଅଗ୍ରୱାଲ, ବିବେକ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଲଠୋରରେ ଜଳନ୍ଧର ରାଜ

**ଲାଠୋର, ୭।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲାଠୋର ଅଖଣ୍ଡଲେଶ୍ୱର ପଡା ଆନୁକୂଲ୍ୟରେ କାର୍ତ୍ତିକେଶ୍ୱର ପୂଜା ଉପଲକ୍ଷେ ତୃତୀୟ ବର୍ଷ ଜଳନ୍ଧର ରାଜ ମହୋତ୍ସବ ଆରମ୍ଭ ହୋଇଛି। ୧୨ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଉତ୍ସବର ପ୍ରଥମ ରଜନୀରେ ମୁଖ୍ୟ ଅତିଥିଭାବେ ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ଭଇଁଷାଲ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଧନୁଯାତ୍ରା କମିଟି ସଭାପତି ରମାକାନ୍ତ ମହାନ୍ତି, ସାମାଜିକ କର୍ମୀ ରମେଶ ଚନ୍ଦ୍ର ପୁରୋହିତ ଯୋଗଦେଇଥିଲେ। ପ୍ରଥମ ରଜନୀରେ ବ୍ରହ୍ମାଙ୍କ ଦ୍ୱାରା ଜଳନ୍ଧରଙ୍କ ବରପ୍ରାପ୍ତି ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହୋତ୍ସବକୁ ଆକର୍ଷଣ କରିବା ପାଇଁ ମୀନାବଜାରର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି ଅବସରରେ କମିଟି ସଭାପତି ହରି ବାରିକ, ସମ୍ପାଦକ ନୀଳମଣି ବେହେରା, କୋଷାଧ୍ୟକ୍ଷ ନିମାଇ ଚରଣ ମେହେର, ଜଗା ମେହେର, ସଞ୍ଜୁଳ ଥନାପତି, ଜିତେନ୍‌ସିଂ ବଗ୍‌ା, ସୁଶୀଲ କୁମାର ଅଗ୍ରୱାଲ, ପଙ୍କଜ ଅଗ୍ରୱାଲ, ଅମିତ ଅଗ୍ରୱାଲ, ଭଗବାନ ସେଠ, ହରି ସେଠ, ସମିର ପାଣିଗ୍ରାହୀ, ବବଲୁ ସେଲମା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରୁଛନ୍ତି।

ଖପ୍ରାଖୋଲରେ ବ୍ଲକସ୍ତରୀୟ ନିଯୁକ୍ତି ମେଳା

## ୩୧୦ କଲେ ନାମ ପଞ୍ଜୀକରଣ




ବ୍ଲକସ୍ତରୀୟ ନିଯୁକ୍ତି ମେଳାରେ ମଞ୍ଚାସୀନ ଅତିଥି।

**ଖପ୍ରାଖୋଲ, ୭।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ହାଇସ୍କୁଲ ଖେଳ ପଡିଆରେ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ତଥା ଜିଲା ନିୟୋଜନ ବିଭାଗ ତରଫରୁ ବ୍ଲକସ୍ତରୀୟ ନିଯୁକ୍ତି ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୌମ୍ୟ କିଶୋର ଜଏପୁରିୟା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ନିୟୋଜନ ଅଧିକାରୀ ବିନୋଦ ପ୍ରକାଶ ଲାକ୍ରା, ସମ୍ମାନିତ ଅତିଥି କାର୍ଯ୍ୟନିର୍ବାହୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ଜିପିଇଓ ସୁଶାନ୍ତ କୁମାର ପାଣି, ବ୍ଲକ ଉପାଧ୍ୟକ୍ଷ ପ୍ରକାଶ କୁମାର ମେହେର ପ୍ରମୁଖ ଯୋଗଦେଇଥିଲେ। ୧୮ରୁ ୩୫ ବର୍ଷ ମଧ୍ୟରେ ଯୁବତୀ ଯୁବକଙ୍କ ଆତ୍ମ ନିଯୁକ୍ତି ପାଇଁ ଏହି ନିଯୁକ୍ତି ମେଳା ଆୟୋଜିତ ହୋଇଥିବା ଅଧିକାରୀମାନେ କହିଥିଲେ। ଏହି ମେଳା ମାଧ୍ୟମରେ ଆଗ୍ରହୀ ଯୁବତୀ ଯୁବକମାନେ ବିଭିନ୍ନ ତାଲିମ ଗ୍ରହଣ କରିସାରିବା ପରେ ଆତ୍ମ ନିଯୁକ୍ତି ପାଇବାର ସୁଯୋଗ ଥିବା କହିଥିଲେ। ମେଳାରେ ୩୧୦ ଜଣ ଯୁବତୀ ଯୁବକ ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ। ୨୦ରୁ ଅଧିକ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ କମ୍ପାନୀ ତଥା ନିଯୁକ୍ତିଦାତା ସଂସ୍ଥା ମେଳାରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଦକ୍ଷତା ବିକାଶ ବିଭାଗ, ଓଏଲଏମ୍‌ର ପ୍ରଶାନ୍ତ କୁମାର ନନ୍ଦ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିକଳ୍ପର ସୁରେଶ ବେହେରା, ତପନ କଲାରୀ, ବିମ୍ବାଧର ରାଉତ, ମକୁନ୍ଦ ଭୋଇ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ରାସ୍ତା ମରାମତି ଦାବି କଲେ ଚାଇଲ୍ଡ କ୍ଲବ

**ଟିଟିଲାଗଡ଼, ୭।୧୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ଅନ୍ତର୍ଗତ ଦେସିଲ ଗ୍ରାମ୍ୟ ରାସ୍ତାର ଉନ୍ନତି ପାଇଁ ଦେସିଲ ଚାଇଲ୍ଡ କ୍ଲବ ଦାବି କରିଛି। ଜାତୀୟ ରାଜପଥ ୫୯ରୁ ଦେସିଲ ଗ୍ରାମକୁ ଯାଇଥିବା ରାସ୍ତା ସର୍ବଦା ନର୍ଦ୍ଦମାମୟ ହୋଇ ରହିଛି। ଏନେଇ ଉକ୍ତ ରାସ୍ତାରେ ସାଇକେଲଟିଏ ମଧ୍ୟ ଗଡିଲେ କାଦୁଅ ଛିଟିକି ପଡୁଛି। ଏହି ରାସ୍ତାର ମରାମତି ନେଇ ଦାବି ହେଉଥିବା ବେଳେ ପ୍ରଶାସନ ତଥା ସ୍ଥାନୀୟ ପଞ୍ଚାୟତ ପ୍ରତିନିଧି ଅଣଦେଖା କଲେ। ଏନେଇ ଚାଇଲ୍ଡ ହେଲ୍ପ ଲାଇନ ଦ୍ୱାରା ଗଠିତ ଚାଇଲ୍ଡ କ୍ଲବ ଦାବି ଉପସ୍ଥାପନ କରିଛି। ଟିଟିଲାଗଡ ଚାଇଲ୍ଡ ହେଲ୍ପ ଲାଇନ ସଦସ୍ୟ ଶିବାନନ୍ଦ ବେହେରାଙ୍କ ସହ କ୍ଲବ ଅଧ୍ୟକ୍ଷା ପୂର୍ଣ୍ଣିମା ମାଝୀ, ଉପାଧ୍ୟକ୍ଷା ଚନ୍ଦ୍ରକାନ୍ତି ବଗର୍ତ୍ତୀ, ସମ୍ପାଦକ ଆତ୍ମାରାମ ମାଝୀ, ଯୁଗ୍ମ ସମ୍ପାଦକ ଦୀପକ ରତେଇ, ସନ୍ଧ୍ୟା ରତେଇ, ବିନୋଦିନୀ ବାଗ, ଭାର୍ଗବି ବଗର୍ତ୍ତୀ, ରଘୁ ବିଶି ପ୍ରମୁଖ ସଦସ୍ୟାସଦସ୍ୟ ଏନେଇ ବାନ୍ଧୁପଲା ସରପଞ୍ଚ ରଘନାଥ କୁମ୍ଭାରଙ୍କୁ ଭେଟି ତୁରନ୍ତ ରାସ୍ତା ମରାମତି ପାଇଁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି।



ସରପଞ୍ଚଙ୍କୁ ଚାଇଲ୍ଡ ହେଲ୍ପ ଲାଇନ ସଦସ୍ୟମାନେ ଦାବିପତ୍ର ଦେଇ ଫେରୁଛନ୍ତି।



ଲାଠୋର ପୋଲିସ ଉଦ୍ଧାର କରିଥିବା ଶ୍ରମିକମାନେ।



ମୁରିବାହାଲ ଥାନା ସମ୍ମୁଖରେ ଉଦ୍ଧାର ଶ୍ରମିକମାନେ।

## ୩୧ଦାଦନ ଶ୍ରମିକ ଉଦ୍ଧାର

### ଚାଲାଣକାରୀ ୩ ସର୍ଦ୍ଦାର ଗିରଫ

**ଲାଠୋର/ମୁରିବାହାଲ, ୭।୧୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲାଠୋର ଥାନା ଓ ମୁରିବାହାଲ ଥାନା ଅଞ୍ଚଳରୁ ବେଆଇନଭାବେ ଚାଲାଣ କରାଯାଉଥିବା ବେଳେ ୧୧ ଶିଶୁଙ୍କ ସହ ୩୧ଦାଦନ ଶ୍ରମିକଙ୍କୁ ପୋଲିସ ଉଦ୍ଧାର କରାଯାଇଛି। ଉଭୟ ଘଟଣାରେ ୩ଜଣ ଦାଦନ ସର୍ଦ୍ଦାର ଗିରଫ ହୋଇଛନ୍ତି। ଉଦ୍ଧାର ପରେ ଶ୍ରମିକମାନଙ୍କୁ ସେମାନଙ୍କ ଘରକୁ ପଠାଇ ଦିଆଯାଇଛି।

ବୁଧବାର ବିଳମ୍ବିତ ରାତ୍ରିରେ ବରଗଡ ଜିଲା ବରପାଲି ଥାନା ପଧାନପାଲି ଗ୍ରାମର ଗଣେଶ ଦାସ, ପାନ ଦାଶ, ଅନୀଲ ଦାସ, ତୁଳସା ଦାଶ, ଦୁର୍ଗା ଦାଶ, ଶୈଳେନ୍ଦ୍ରୀ ଦାସ, ଉର୍ବଶୀ ଦାସ, ହାଡୁ ଦାସ, ଶ୍ରାବଣୀ ଦାସ, ଲେହେରୁ ଦାସ ଏବଂ ବଲାଙ୍ଗୀର ସଦର ହାତିସାଲପଡାର ରାଜୁ ଦାସ ଓ ୧୧ଶିଶୁ ଏହିପରି ୨୨ ଜଣଙ୍କୁ ତୁରେକେଲା ଥାନା ବରିଆଲି ଗ୍ରାମର ଦାଦନ ସର୍ଦ୍ଦାର ଘନଶ୍ୟାମ ବେମାଲ ଓ ପରେଶ୍ୱର ବେମାଲ ଲାଠୋରରୁ ବରିଆଲି ଗ୍ରାମକୁ ନେଉଥିଲେ। ଲାଠୋର ପୋଲିସ କୌଣସି ସୂତ୍ରରୁ ଖବର ପାଇ କେତେକ ଶ୍ରମିକଙ୍କୁ ରାସ୍ତାରୁ ଉଦ୍ଧାର କରିଥିବା ବେଳେ ଅନ୍ୟମାନଙ୍କୁ ବରିଆଲି ଗ୍ରାମରୁ ଉଦ୍ଧାର କରିଥିଲା। ଖପ୍ରାଖୋଲ ଶ୍ରମ ନିରୀକ୍ଷକ ସୁଧୀର କୁମାର ସାହୁ ଲାଠୋର ଥାନାକୁ ଆସି ଉଦ୍ଧାର ଶ୍ରମିକମାନଙ୍କୁ ନିଜ ନିଜ ଘରକୁ ପଠାଇ ଦେଇଥିଲେ। ଦାଦନ ସର୍ଦ୍ଦାରମାନଙ୍କ ବିରୋଧରେ ଲାଠୋର ଥାନାରେ ଦଫା ୩୭୪, ୪୨୦, ୩୪ରେ ଏକ ମାମଲା (ନଂ.୧୧୩/୧୯) ରୁଜୁ କରିଥିବା ଥାନା ଆଇଆଇସି ଧର୍ମେନ୍ଦ୍ର ଶାନ୍ତି ସୂଚନା ଦେଇଛନ୍ତି।

ସେହିପରି ମୁରିବାହାଲ ପାଟ୍ରୋଲିଂ ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ ଲେବଡା ଗ୍ରାମର ମଦଭାଟି ଛକ ନିକଟରେ ୯ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଉଦ୍ଧାର ଶ୍ରମିକଙ୍କ ମଧ୍ୟରେ ୪ ମହିଳା ଓ ୫ଜଣ ପୁରୁଷ ଥିବାବେଳେ ସେମାନେ ବଲାଙ୍ଗୀର, ସୁବର୍ଣ୍ଣପୁର ଓ ତରଭା ଅଞ୍ଚଳର। ସେମାନଙ୍କୁ ଚାଲାଣ କରିବାକୁ ନେଉଥିବା ଦାଦନ ସର୍ଦ୍ଦାର ଗିରଫ ହୋଇଛନ୍ତି। ଗିରଫ ସର୍ଦ୍ଦାର ହେଲେ ଲେବଡା ଗ୍ରାମର ଭଗମନ ଭୋଇ(୩୫)। ତାଙ୍କ ବିରୋଧରେ ମୁରିବାହାଲ ଥାନାରେ ଏକ ମାମଲା(ନଂ. ୨୧୭/୧୯) ରୁଜୁ କରାଯାଇ ଗୁରୁବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ କଣ୍ଟାବାଞ୍ଜି ସବ୍‌ଜେଲକୁ ପଠାଯାଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ ରଞ୍ଜନ କୁମାର ବରିହା କହିଛନ୍ତି। ସେ ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାରୁ ବେଆଇନ ଭାବେ ଶ୍ରମିକ ନେଇ ଆନ୍ଧ୍ରପ୍ରଦେଶ ପଠାଉଥିବା ଖବର ପୋଲିସକୁ ଖବର ମିଳିଥିଲା।



ପ୍ରେମ ହିଁ ଭଗବାନ ଏବଂ
ଭଗବାନ ହିଁ ପ୍ରେମ।
-ସାଇବାବା



## ସଂକ୍ଷେପରେ

### ମାଗଣା ଔଷଧ ସିଞ୍ଚନଯନ୍ତ୍ର ପ୍ରଦାନ

ଲହୁଣୀପଡା, ୭।୧୧ (ଡି.ଏନ.ଏ)- ଲହୁଣୀପଡା କୃଷି କାର୍ଯ୍ୟାଳୟଠାରେ ଗୁରୁବାର ଆଦିବାସୀ ଚାଷୀଙ୍କୁ ମାଗଣା ଔଷଧ ସିଞ୍ଚନଯନ୍ତ୍ର ପ୍ରଦାନ କରାଯାଇଛି। ବ୍ଲକର ୧୭ଟି ପଞ୍ଚାୟତର ଚାଷୀମାନଙ୍କୁ ଏହି ମାଗଣା ଔଷଧ ସିଞ୍ଚନଯନ୍ତ୍ର ପ୍ରଦାନ କରିବା ପରିପ୍ରେକ୍ଷୀରେ ଏକ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଲହୁଣୀପଡା (କ) ଜିଲାପରିଷଦ ସଦସ୍ୟା ଲକ୍ଷ୍ମୀ କିଷାନ, କେଦାର ମାହାନ୍ତ, ଖୁଣ୍ଟଗାଁ ସରପଞ୍ଚ ଅଜୟ ନାଏକ, କୁର୍ଡା ସରପଞ୍ଚ ସୌଭାଗ୍ୟ ନାଏକ ଏବଂ ଲହୁଣୀପଡା କୃଷି ଅଧିକାରୀ ଗୟାଧର ସାହୁ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରୋଜେକ୍ଟ ମ୍ୟାନେଜର କାଳିଚରଣ ଦାସ ଏବଂ ଆତ୍ମାର ପୂର୍ବତନ ଅଧକ୍ଷ ପାଣୁ ମାହାନ୍ତ ଯୋଗଦେଇଥିଲେ। ବ୍ୟାଟେରୀ ଚାଳିତ ଔଷଧ ସିଞ୍ଚନ ଯନ୍ତ୍ରକୁ କିଭଳି ବ୍ୟବହାର କରାଯିବ ସେ ସମ୍ପର୍କରେ ଚାଷୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ବଣାଇ ଏବଂ କୃଷି ବିଭାଗର ମିଳିତରେ ଲହୁଣୀପଡା ବ୍ଲକର ୧୭ଟି ପଞ୍ଚାୟତରେ ମୋଟ ୨୦୦ ଜଣ ଆଦିବାସୀ ଚାଷୀମାନଙ୍କୁ ଏହା ମାଗଣାରେ ପ୍ରଦାନ କରାଯାଇଥିଲା । ସେଥି ମଧ୍ୟରୁ ଭୁତୁଡା ପଞ୍ଚାୟତର ୯ଜଣଙ୍କୁ ଏବଂ ଶଶ୍ୟକଳା ପଞ୍ଚାୟତର ୧୧ଜଣଙ୍କୁ ଦିଆଯାଇଥିଲା। ଅନ୍ୟ ୧୫ଟି ପଞ୍ଚାୟତରେ ୧୨ଜଣ ଲେଖାଏଁ ଚାଷୀଙ୍କୁ ଦିଆଯାଇଛି।

# ରେଳଧାରଣା କାର୍ଯ୍ୟ କରୁଥିବା ସଂସ୍ଥାକୁ ଅନୁକମ୍ପା

**ସୁନ୍ଦରଗଡ଼, ୭।୧୧ (ଡି.ଏନ୍.ଏ)**



ଭାଜପାର ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

- କୋଟି କୋଟି ଟଙ୍କାର ରାଜସ୍ୱ ହାନି
- ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ଦାବିକଲା ଭାଜପା

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକଠାରେ ଏନ୍‌ଟିପିସି ଦୁଲିଙ୍ଗା କୋଇଲା ଖଣିରୁ ଲେଫ୍ରିପଡା ବ୍ଲକ ସ୍ଥିତ ଏନଟିପିସିର ଦର୍ଲିପାଲି ମେଗା ତାପଜ କେନ୍ଦ୍ରକୁ କୋଇଲା ପରିବହନ ପାଇଁ ଚୁଆବାହାଲରୁ ମଝାପଡା ପର୍ଯ୍ୟନ୍ତ ରେଳଲାଇନ କାମ ଚାଲିଛି। ଏହି ରେଳଲାଇନ କାର୍ଯ୍ୟ କରୁଥିବା ଠିକାସଂସ୍ଥା ପକ୍ଷରୁ ନିକଟସ୍ଥ କଳାମେଘା ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ବେଆଇନ ଭାବେ ମାଟି ଓ ମୋରମ ଖୋଳି କୋଟି କୋଟି ଟଙ୍କାର ରୟାଲିଟି ଠକେଇ କରିଥିବା ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ରାଜସ୍ୱ ଓ ଜଙ୍ଗଲ ବିଭାଗର କେତେଜଣ ପ୍ରଶାସନିକ ଅଧିକାରୀଙ୍କ ଛତ୍ରଛାୟା ତଳେ ରହି ଏହି ଠିକାସଂସ୍ଥା ଏଭଳି କାର୍ଯ୍ୟ କରିବା ଯୋଗୁ ସରକାରଙ୍କ ବିପୁଳ ରାଜସ୍ୱହାନୀ ହେଉଛି। ଏଣୁ ଏହି ସଂସ୍ଥାର ବେନିୟମ କାର୍ଯ୍ୟ ଓ ତାକୁ ପ୍ରୋତ୍ସାହନ ଯୋଗାଉଥିବା ସମ୍ପୃକ୍ତ ଅଧିକାରୀମାନଙ୍କ ବିରୋଧରେ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ସକାଶେ ଭାଜପା ଦାବି କରିଛି। ଜିଲା ଭାଜପା କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲା ପଦାଧିକାରୀ ତଥା ବିଧାୟିକାଙ୍କ ପ୍ରତିନିଧି ସୁରେନ୍ଦ୍ର ସ୍ୱର୍ଣ୍ଣକାର ଓ ବରିଷ୍ଠ ନେତା ସହଦେବ ଖାଖା କମ୍ପାନୀର ଏଭଳି ବେନିୟମ କାର୍ଯ୍ୟ ସମ୍ପର୍କରେ ସବିଶେଷ ତଥ୍ୟ ଦେଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ଏହି ରେଳ ଲାଇନ କାର୍ଯ୍ୟ କରୁଥିବା ଠିକାସଂସ୍ଥା ଖୋଲାଖୋଲି ସରକାରୀ ନିୟମକୁ ଉଲ୍ଲଘଂନ କରୁଛି। ଯଦି ସଂସ୍ଥା ସଇରାତ ଜମିରୁ ମାଟି ଓ ମୋରମ ବ୍ୟବହାର କରିଛି ସେ ସ୍ଥାନୀୟ ହେମଗିର ତହସିଲଦାରଙ୍କ ଠାରୁ ପାଇଥିବା ଆଦେଶନାମାକୁ ବାଦ୍ ଦେଇ ଏକର ଏକର ଜମିରୁ ମାଟି ଓ ମୋରମ ବ୍ୟବହାର କରିଛି । ଦ୍ୱିତୀୟତଃ ସଂରକ୍ଷିତ ଜଙ୍ଗଲରୁ କିପରି ଶହଶହ ଗଛ କଟିଲା ଓ କାହାଠାରୁ ଏହି ସଂସ୍ଥା ଅନୁମତି ପାଇଥିଲା। ଏହା ସହିତ ସଂରକ୍ଷିତ ଜଙ୍ଗଲକୁ ବ୍ୟବହାର କରିବା ବେଳେ ସାଧାରଣ ଜନତା ଦଣ୍ଡିତ ହେଉଥିବା ବେଳେ କୋଟି କୋଟି ଟଙ୍କା ରାଜସ୍ୱ ଠକିଥିବା ଓ ଜଙ୍ଗଲକାଟି ପଦା କରିଥିବା କମ୍ପାନୀ ବିରୁଦ୍ଧରେ ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଚୂପ୍ ହୋଇ କିଭଳି ବସିଛନ୍ତି ବୋଲି ନେତୃବୃନ୍ଦ ପ୍ରଶ୍ନ କରିଛନ୍ତି। ତହସିଲଦାରଙ୍କ ଅନୁମୋଦିତ ଜମିଠାରୁ ରୟାଲିଟି ଟଙ୍କା ଜମା ଦେବାପରେ ମାଟି ଉଠାଇବାର ନିୟମ ରହିଛି । କିନ୍ତୁ ସମ୍ପୃକ୍ତ ସଂସ୍ଥା ଏହି ସରକାରୀ ନିୟମର ଖୋଲାଖୋଲି ଉଲଘଂନ କରି ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ସମସ୍ତଙ୍କୁ ଭୟଭୀତ କରାଇ ସଂରକ୍ଷିତ ଜଙ୍ଗଲରୁ ମାଟି ଓ ମୋରମ ଶହ ଶହ ଟ୍ରିପ ବ୍ୟବହାର କରିଛି । ଠିକାସଂସ୍ଥାର କିଭଳି ଏହି ରୟାଲିଟି ନେଇ ଦୁର୍ନୀତି କରିଛି ତାର ଏକ ବିସ୍ତୃତ ବିବରଣୀ ଏହି ଖବରଦାତା ସମ୍ମିଳନୀରେ ପ୍ରଦାନ କରିଥିଲେ। ଏହି ଦୁର୍ନୀତିର ତଦନ୍ତ କରା ନ ଗଲେ ଭାଜପା ପକ୍ଷରୁ ଆନ୍ଦୋଳନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛି। ଏହି ଖବରଦାତା ସମ୍ମିଳନୀରେ ଯୁବନେତା ମନୀଷ ପଟେଲ, ସଞ୍ଜୀବ ସିଂ, ମନୋଜ ପୁରୋହିତ, ନାରୀନେତ୍ରୀ ଲତିକା ପଟ୍ଟନାୟକ, ଜିଲା ସମ୍ପାଦକ ବିକାଶ ନାରାୟଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷେ ଏହି ଅଭିଯୋଗ ଉପରେ ଜିଲାପାଳ ନିଖିଲ ପଓ୍ୱନକଲ୍ୟାଣ ଜିଲା ପ୍ରଶାସନ ପକ୍ଷରୁ ରାଜସ୍ୱ, ଜଙ୍ଗଲ ବିଭାଗର ଅଧିକାରୀ ଓ ବୈଷୟିକ ବିଶେଷଜ୍ଞମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଏହାର ତଦନ୍ତ କରି ରିପୋର୍ଟ ଦେଲାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ବଲାଙ୍ଗୀରରେ ୧୫ରୁ ଧାନକିଣା ଆରମ୍ଭ

**ବଲାଙ୍ଗୀର ଅଫିସ, ୭।୧୧**

ବଲାଙ୍ଗୀର ଜିଲାରେ ଖରିଫ୍ ୨୦୧୯-୨୦ ବର୍ଷ ପାଇଁ ଜିଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ ସ୍ଥାନୀୟ ଡିଆରଡିଏ ସମ୍ମିଳନୀ କକ୍ଷରେ ଗୁରୁବାର ଅପରାହ୍ଣରେ ବସିଥିଲା । ଜିଲାପାଳ ଅରିନ୍ଦମ ଡାକୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ଲୋଇସିଂହା ବିଧାୟକ ଡ୍. ମୁକେଶ ମହାଲିଙ୍ଗ, ପାଟଣାଗଡ ବିଧାୟକ ସରୋଜ ମେହେର, ଟିଟିଲାଗଡ ବିଧାୟିକା ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ୍ ଓ ବଲାଙ୍ଗୀର ଏମପିଙ୍କ ପ୍ରତିନିଧି ମାଧବ ପୁରୋହିତ, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦିଲୀପ କୁମାର ପଟେଲ, ଜିଲା ଯୋଗାଣ ଅଧିକାରୀ ଅଭିରାମ ପ୍ରଧାନ୍, ଜିଲା କୃଷକ ମହାସଂଘ ସଭାପତି ଡା. ସୁଧୀର କୁମାର ପରିଚ୍ଛା, ସମ୍ପାଦକ ଯତି ପଧାନ, ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ଅନ୍ୟ ଅଧିକାରୀ, ମିଲର୍ସ ଉପସ୍ଥିତ ଥିଲେ। ଆଗାମୀ ୧୫ ତାରିଖଠାରୁ ଜିଲାର ୧୫୮ଟି ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଓ ୧୬ଟି ମହିଳା ସ୍ୱୟ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ଜରିଆରେ ଧାନ କିଣା ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଥିଲା ।

## ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ସହାୟତା ରାଶି ପ୍ରଦାନ



ଜଣେ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

**ବାଲିଶଙ୍କରା, ୭।୧୧ (ଡି.ଏନ.ଏ)**

ବାଲିଶଙ୍କରା ସରକାରୀ ଉଚ୍ଚ ବିଦ୍ୟାଳୟରେ ୬ରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୧ମ ସ୍ଥାନରୁ ୩ୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ଓ ସହାୟତା ରାଶି ପ୍ରଦାନ କରାଯାଇଛି। ଯେଉଁ ଛାତ୍ରୀଛାତ୍ର ଉପସ୍ଥାନରେ ବେଶି ଦିନ ଉପସ୍ଥିତ ରହୁଛନ୍ତି ସେମାନଙ୍କୁ ମଧ୍ୟ ପୁରସ୍କାର ଦିଆଯାଇଛି। ଉକ୍ତ ଉତ୍ସବ ପୁରାତନ ଛାତ୍ର ଉତ୍ତମ ତନ୍ତିଙ୍କ ନେତୃତ୍ୱରେ ଆୟୋଜନ କରାଯାଇଛି। କାରଣ ସେ ଅଧ୍ୟୟତ ସମୟେ କଷ୍ଟରେ ପାଠ ପଢ଼ିଥିବାରୁ ଯେପରି କୌଣସି ପିଲାଙ୍କ ଅସୁବିଧା ନହୁଏ ଓ ପାଠ ପଢ଼ିବା ପ୍ରତି ଗୁରୁତ୍ୱ ଦେବେ ସେଥିପାଇଁ ତାଙ୍କ ଜନ୍ମଦିନରେ ଏହିଭଳି ପଦକ୍ଷେପ ନେଇଛନ୍ତି। ସଭାପତି ରୂପେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମେରିସାଜଦା ଖାଲଖୋ ସଭା ପରିଚାଳନା କରିଥିଲେ। ଶିକ୍ଷକ ଅମରେନ୍ଦ୍ର ବେହେରା, ମୁଖ୍ୟଅତିଥି ଭାବେ, ଅବସରପ୍ରାପ୍ତ ଜେଲର ଭଦ୍ରମଣୀ ସାଏ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଧନେଶ୍ୱର ନାଏକ, ସୁଗ୍ରୀବ ବାଘ, ଅର୍ଜୁନ ରଣା, ଅର୍ଚ୍ଚନା ସେନାପତି, ପ୍ରଦୀପ ନନ୍ଦ, ସତ୍ୟ ସେଠ, ପ୍ରଜ୍ଞାପରମିତା, ଖ୍ରୀଷ୍ଟପବା, ବିଜୟ କୁମାର ନାଏକ ଉପସ୍ଥିତ ଥିଲେ। ସହଯୋଗ କରିଥିଲେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ କିର୍ତ୍ତିରାମ ରାଇକୁଳିଆ।

## ରାମଜୀ ମନ୍ଦିରରେ ଜଗଦ୍ଧାତ୍ରୀ ପୂଜା

**ସୁନ୍ଦରଗଡ଼, ୭।୧୧ (ଡି.ଏନ୍.ଏ)**

ସ୍ଥାନୀୟ ରାମଜୀ ମନ୍ଦିରରେ ଜଗଦ୍ଧାତ୍ରୀଙ୍କ ପୂଜାର୍ଚ୍ଚନା କରାଯାଇଛି। ଏହି ଅବସରରେ ସେଠାରେ ଥିବା ଅଁଳା ବୃକ୍ଷକୁ କାର୍ତ୍ତିକ ବ୍ରତଧାରୀ ମହିଳାମାନେ ପୂଜାର୍ଚ୍ଚନା କରିଥିଲେ। ଏହି ପୂଜାରେ ବୟୋଜ୍ୟେଷ୍ଠ ଶତ୍ରୁଘନ ତ୍ରିପାଠୀ, ହରିଲାଲ ସାହୁ, ଗୋକୁଳାନନ୍ଦ ପତି, ଶ୍ରୀକାନ୍ତ ସାହୁ, ସୁଷମା ମିଶ୍ର, ସିମଲା ତ୍ରିପାଠୀ, ମିନାକ୍ଷୀ ନାଏକ, ମନୋରମା ତ୍ରିପାଠୀ, ଶ୍ରୀୟା ତ୍ରିପାଠୀ, ବିଜୟଲକ୍ଷ୍ମୀ ତ୍ରିପାଠୀ, ପ୍ରଜ୍ଞା ତ୍ରିପାଠୀ, କୃଷ୍ଣଚନ୍ଦ୍ର ପୂଜାରୀ, ପୁଷ୍ପା ପୂଜାରୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ମନ୍ଦିର ଟ୍ରଷ୍ଟର କର୍ମକର୍ତ୍ତା ବେଣୁମାଧବ ତ୍ରିପାଠୀ ଓ ଦେବବ୍ରତ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ଶେଷରେ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା।

## ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ନଗର ସମ୍ମିଳନୀ




ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର କର୍ମକର୍ତ୍ତା।

**ସୁନ୍ଦରଗଡ, ୭।୧୧ (ଡି.ଏନ୍.ଏ)**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସୁନ୍ଦରଗଡ ଶାଖାର ନଗର ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବିଦ୍ୟାର୍ଥୀ ପରିଷଦ ଜିଲା ଶାଖା ପ୍ରମୁଖ ସୁରତ ବେହେରା ଏବଂ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର କୁମାର ରାଉତ ଉପସ୍ଥିତ ରହିଥିଲେ। ବିଦ୍ୟାର୍ଥୀମାନେ ପାଠପଢିବା ସହ ନିଜକୁ ରାଷ୍ଟ୍ରୀୟ କାର୍ଯ୍ୟରେ ମଧ୍ୟ ନିୟୋଜିତ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଦ୍ୟାର୍ଥୀ ପରିଷଦ ସୁନ୍ଦରଗଡ ଶାଖାର ନୂତନ କାର୍ଯ୍ୟକାରିଣୀ କମିଟି ଘୋଷିତ ହୋଇଥିଲା। ଏହି କମିଟିର ସଭାପରି ଭାବେ ଡ. ସଞ୍ଜୀବ କୁମାର ନାୟକ ଏବଂ ସମ୍ପାଦକ ଭାବେ ଛାତ୍ର ନେତା ବିଶାଳ ପଟେଲଙ୍କୁ ମନୋନୀତ କରାଯାଇଥିଲା। ଏଥିସହ ସମ୍ପାଦକ ଭାବେ ତନ୍ମୟୀ ନାୟକ, ଗୋପାଳ ନାୟକ, ସୋମନାଥ ସାହୁ ଓ ସୌଭାଗ୍ୟ ଜେନାଙ୍କୁ ମନୋନୀତ କରାଯାଇଥିବା ବେଳେ ସାଂସ୍କୃତିକ ସମ୍ପାଦକ ଭାବେ ନୀଳିମା ରୋହିଦାସ, ଏସ୍ଏଫଡି କୋର୍ଡିନେଟର ଭାବେ ସୌମ୍ୟରଞ୍ଜନ ବାରିକ, ଜୟକୃଷ୍ଣ ପୋଢ, ଏନସିସି କୋର୍ଡିନେଟର ଭାବେ ଅଙ୍କିତ ରାୟ ଓ ଏସଏଫ୍ଏସ ରତିକ କୁମାର ନାଏକଙ୍କୁ ମନୋନୀତ କରାଯାଇଛି।

## ଗାଁ ସାଥୀଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗ: ତଦନ୍ତ ଦାବି

**ବଡ଼ଗାଁ, ୭।୧୧ (ଡି.ଏନ.ଏ)**

ବଡ଼ଗାଁ ବ୍ଲକ ଅନ୍ତର୍ଗତ ଏକମା ପଞ୍ଚାୟତର ପଦ୍ମପୁର ଗ୍ରାମର ଗାଁ ସାଥୀ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଦୁର୍ନୀତି କରିଥିବା ଓ ଗାଈ ଗୁହାଳ ନିଜ ଇଚ୍ଛାନୁଯାଇ ଗୋରୁ ନ ଥିବା ବ୍ୟକ୍ତିଙ୍କୁ ହିତାଧିକାରୀ ଚୟନ କରିଥିବା ଗ୍ରାମବାସୀ ଅଭିଯୋଗ କରି ସରପଞ୍ଚଙ୍କୁ ଲିଖିତ ଜଣାଇଛନ୍ତି। ଏହା ସହିତ ବଡଗାଁ ବିଡିଓ, ତଳସରା ବିଧାୟକ ଓ ଜିଲାପାଳଙ୍କୁ ଡାକଯୋଗେ ଅଭିଯୋଗପତ୍ର ପଠାଇଛନ୍ତି। ୱାର୍ଡ ସଭ୍ୟ ସାମିଲ ରାଉତ, ୱାର୍ଡ ସଭ୍ୟ ଗଜିନ ଲାକଡା, ମାୟାଧର ରାଉତ, ପଦ୍ମଲୋଚନ ପ୍ରଧାନ, ସୁଗାଡ ବୁଡ, ନିରଦୋସ ବୁଡ, ବିଲକାନ ବୁଡ, ଲୋଲିନ ବୁଡ, ବୁଧରାମ ମାଝି, ପବିତ୍ର ମହାକୁଡ, ନିରଞ୍ଜନ ନାଏକ ପ୍ରମୁଖ ଶତାଧିକ ବ୍ୟକ୍ତିଙ୍କ ଦସ୍ତଖତ ଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଯେ, ୨୦୧୮-୧୯ ମସିହାରେ ଗୌଡପଡାରୁ ଗୌଡବନ୍ଧ ପର୍ଯ୍ୟନ୍ତ, ନଦୀ ମୁଣ୍ଡା ଚେକଡ୍ୟାମକୁ ରାସ୍ତା ଓ ବାଡାପଡା ବନ୍ଧର ପଙ୍କଉଦ୍ଧାର କାମରେ ଗାଁ ସାଥି ଯେଉଁ ଶ୍ରମିକମାନେ ମାଟି କାମ କରିନାହାନ୍ତି ସେମାନଙ୍କ ନାଁ ଏମ୍‌ଆରରେ ଲେଖି ସଲାସୁତୁରାରେ ଟଙ୍କା ଉଠାଇଥିବା ଅଭିଯୋଗ ହୋଇଥିଲା। ଗ୍ରାମବାସୀଙ୍କଠାରୁ ମିଳିଥିବା ସୂଚନାନୁଯାୟୀ ଅକ୍ଟୋବର ୧୦ ତାରିଖ ପଲ୍ଲୀସଭାରେ ଗ୍ରାମବାସୀମାନେ ଗାଁ ସାଥିଙ୍କ ନାମରେ ଦୁର୍ନୀତି ଅଭିଯୋଗ ଉଠାଇ ବହିଷ୍କାର ଦାବି କରିଥିଲେ । ସରପଞ୍ଚ ଚିତ୍ରସେନ ମାଝିଙ୍କୁ ଜଣାଇବାରେ ସେ ସନ୍ତୋଷଜନକ ଉତ୍ତର ନ ଦେବାରୁ ଲୋକେ ସଭାରୁ ଉଠି ଚାଲି ଯାଇଥିଲେ। ଏହି ପଞ୍ଚାୟତର ପଦ୍ମପୁର ଗ୍ରାମରେ ହୋଇଥିବା ସରକାରୀ ଯୋଜନାର କାର୍ଯ୍ୟ ଓ ହିତାଧିକାରୀ ଚୟନରେ ଜାଣିଶୁଣି ତ୍ରୁଟୀ କରାଯାଇଥିବା ତଦନ୍ତ କଲେ ସ୍ପଷ୍ଟ ଜଣାପଡିବ ବୋଲି ଗ୍ରାମବାସୀଙ୍କ ଠାରୁ ପ୍ରକାଶ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W
(Everyday)
for Booking Contact:
0674-2580385, 7894447148,
7894447131, 9337021532,
7894447167, 7894447165

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍ ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦ ଲକ୍ଷ, ଭଡ଼ା 60 ହଜାର + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7838639856
8826558929

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
MICRO FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8278449759
8901395759
B-34/7 A Block Vijay Enclave, Bururi, New Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1988ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

LAST DATE OF ADMISSION ON 10/11/2019
B.Ed
Acharya Nagarjuna University
Equivalent to Govt. of Odisha
FREE Practical, Study Material, Formfillup fees & Weekend Class
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
7978204082, 9438286091

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

ଶୁଭଜନଲକ୍ଷ୍ମୀ ଫାଇନାନ୍ସ
ଗୃହ ଋଣ, ମାର୍କଶିଟ୍ ଋଣ, କୃଷି ଋଣ, ପର୍ସନାଲ ଋଣ, ଗ୍ରୁପ୍ ଋଣ, ମାତ୍ର 5 ବାର୍ଷିକ ସୁଧ ହାରରେ ।
ଯୋଗାଯୋଗ କରନ୍ତୁ
9899289162
9858323204
Dehradun, UK

FINANCE
All India ଋଣ ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Janavi - 7566-888-563
Sagar - 7773-817-838
Manasi- 8827-505-029
Manisa- 7772-970-949
Sradha - 7583-808-884
Visakha- 8269-150-310
Vasundhara Mall, West Boring Canal Rd, Rajapur, Patna, Bihar 800001

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ ସମସ୍ତ ପ୍ରକାର LOAN
BARSA FINANCE ଯୋଗାଇ ଦେଉଛି । ସୁଧ=1%
M = 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

LOAN DHAMAKA
1) Mudra Loan
2) Term Loan
3) Cash Credit
4) Vehicle Loan
5) Housing Loan
6) Agriculture Loan
7) Used Car Loan
8) Mortgaged Loan
PD ASSOCIATE
91, Kharvela Nagar, BBSR
8895436156

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେଉଁମାନେ କୌଣସି ମତ ପ୍ରକାଶ କରନ୍ତି ନାହିଁ, ସେମାନଙ୍କର ସଦ୍‌ଗୁଣର ମୂଲ୍ୟ ମନୁଷ୍ୟ ସମାଜ ପାଇଁ କିଛି ହେଲେ ନାହିଁ।
- ଆବ୍ରାହମ୍ ଲିଙ୍କନ

## ସଂକ୍ଷେପରେ

### ପନିପରିବା, ପିଆଜ ଦର ଆକାଶ ଛୁଆଁ

କୁଆଁରମୁଣ୍ଡା, ୭।୧୧(ଡି.ଏନ.ଏ)
ସମ୍ପ୍ରତି ପନିପରିବା ଦର ଆକାଶଛୁଆଁ ଭାବେ ବୃଦ୍ଧି ପାଉଛି। ଯାହାର ଜ୍ୱଳନ୍ତ ଉଦାହରଣ କୁଆଁରମୁଣ୍ଡାସ୍ଥିତ ସାପ୍ତାହିକ ବଜାରରେ ଦେଖିବାକୁ ମିଳିଛି। ଏହି ସାପ୍ତାହିକ ବଜାରରେ ସାଧାରଣ ଲୋକେ ଅନ୍ୟାନ୍ୟ ବଜାର ଠାରୁ ତୁଳନାତ୍ମକଭାବେ ଶସ୍ତାରେ ପନପରିବା କିଣାକିଣି କରିଥାଆନ୍ତି। ମାତ୍ର ଏବେ ଏହି ବଜାରରେ ପନିପରିବା ଦରରେ ଅହେତୁକ ବୃଦ୍ଧି ଯୋଗୁଁ ସାଧାରଣ ଗରିବ ଲୋକେ ଚିନ୍ତାରେ ପଡ଼ିଯାଇଛନ୍ତି। ବାଇଗଣଠାରୁ ଆରମ୍ଭ କରି ପୋଟଳ, କଦଳୀ, ଭେଣ୍ଡି, ବିନ୍, ଟମାଟୋ, କ୍ୟାପସିକମ୍ ଇତ୍ୟାଦି ଦର ୪୦ ଟଙ୍କାରୁ ଉର୍ଦ୍ଧ୍ୱରେ। ସବୁଠାରୁ ଦୁଃଖର କଥା ହେଉଛି ଗତ ୪ ଦିନ ତଳେ ପିଆଜ ଦର ଏଠାରେ କିଲୋ ପ୍ରତି ୫୦ଟଙ୍କା ଥିଲା ବେଳେ ଏବେ ୭୦ଟଙ୍କାରେ ପହଞ୍ଚିଛି। ସେହିପରି ରସୁଣ କିଲୋ ପ୍ରତି ଦର ୨୦୦ଟଙ୍କା ଓ ଆଳୁ ୨୦ଟଙ୍କା ରହିଛି। ଏହି ପରିସ୍ଥିତିରେ ସାଧାରଣ ଗରିବ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

# ବିପଦସଙ୍କୁଳ ଅବସ୍ଥାରେ ଅଙ୍ଗନୱାଡି ଗୃହ

■ ଏଣେ ତେଣେ ହେଉଛନ୍ତି କୋମଳମତି ଶିଶୁ
■ ପ୍ରଶାସନର ପଦକ୍ଷେପ ପାଣିର ଗାର

ଲେଫ୍ରିପଡା,୭।୧୧(ଡି.ଏନ.ଏ)
ସରକାର ସମନ୍ୱିତ ଶିଶୁବିକାଶ ଯୋଜନାରେ ମହିଳା ଓ ଶିଶୁ ବିଭାଗ ପକ୍ଷରୁ କୋଟିକୋଟି ଟଙ୍କା ବ୍ୟାପକ ଭାବେ ଖର୍ଚ୍ଚ କରିଚାଲିଛନ୍ତି। ଅଥଚ ଆମ ଅଙ୍ଗନୱାଡି କେନ୍ଦ୍ରର ଭିତ୍ତିଭୂମିର ବିକାଶ ଅବହେଳିତ ଭାବେ ରହିଥିବା ଦେଖାଦେଇଛି। ଏହିଭଳି କେନ୍ଦ୍ର ହେଉଛି ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ଗିରିଙ୍ଗକେଲା ପଞ୍ଚାୟତ ସମ୍ମୁଖରେ ରହିଥିବା ଜୟନ୍ତପଡା ଅଙ୍ଗନୱାଡି କେନ୍ଦ୍ର। ଏହି କେନ୍ଦ୍ର ବହୁ ବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ବେଳେ ବର୍ତ୍ତମାନ ସେହି କେନ୍ଦ୍ରରେ ଗୃହର କାନ୍ଥ ଫାଟି ଆଁ କରିଛି। ଗୃହର ଛାତରୁ ପ୍ଲାଷ୍ଟର ଖସିପଡି ଲୁହାରଡ୍ ସବୁ ଦେଖାଦେଉଛି। ଅଙ୍ଗନୱାଡି କେନ୍ଦ୍ରର ଗୃହ ବର୍ତ୍ତମାନ ଅଚଳ ଅବସ୍ଥାରେ ପଡିରହିଛି। ଯାହାଦ୍ୱାରା କୋମଳମତି ଶିଶୁମାନଙ୍କ ସୁରକ୍ଷା ଦୃଷ୍ଟିରୁ ନିକଟରେ ଥିବା ଏଏନ୍ଏମ୍ ସେଣ୍ଟରରେ ଅସ୍ଥାୟୀ ଭାବେ ବହୁତ ଦିନରୁ ଅଙ୍ଗନୱାଡି କେନ୍ଦ୍ର



ବିପଦସଙ୍କୁଳ ଅବସ୍ଥାରେ ରହିଥିବା ଅଙ୍ଗନୱାଡି କେନ୍ଦ୍ର।

ଚାଲିଛି। କେନ୍ଦ୍ରରେ ୪୨ଜଣ ଶିଶୁ ରହିଛନ୍ତି। ଅଙ୍ଗନୱାଡି କର୍ମୀ ଭାବେ ନେପୁର ମାଝୀ ଏବଂ ସହାୟିକା ଭାବେ ଅହଲ୍ୟା ପଟ୍ଟା କାର୍ଯ୍ୟରତ ଅଛନ୍ତି। ଗ୍ରାମବାସୀ ପକ୍ଷରୁ ନୂଆ ଅଙ୍ଗନୱାଡି ଗୃହ ନିର୍ମାଣ ସକାଶେ ବ୍ଲକ ପ୍ରଶାସନକୁ ବାରମ୍ବାର ଦାବି ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏଏନ୍ଏମ୍ ସେଣ୍ଟରରେ ଏଏନ୍ଏମ୍ ନିଜ କାର୍ଯ୍ୟକ୍ରମ କରିବା ପାଇଁ ବାରମ୍ବାର ସ୍ଥାନାନ୍ତରଣ କରିବାକୁ ତାଗିଦ୍ କରି ଚାଲିଥିବାବେଳେ କେଉଁଠି ଶିଶୁଙ୍କ ପାଇଁ ଅସ୍ଥାୟୀ ଭାବେ କେନ୍ଦ୍ର କରାଯିବ ତାହ ଅନିଶ୍ଚିତତା ମଧ୍ୟରେ ରହିଥିବା ଦେଖାଦେଇଛି। ଏ ସମ୍ପର୍କରେ ଲେଫ୍ରିପଡା ସିଡିପିଓ କିରଣବାଳା ଷଡଙ୍ଗୀଙ୍କୁ ପଚାରିବାରୁ ଆମ୍ଭେ ନୂଆ ଅଙ୍ଗନୱାଡି ନିର୍ମାଣ ସକାଶେ ସରକାରଙ୍କୁ ଜଣାଇଛୁ। ଏ ବାବଦରେ ସରକାରଙ୍କ ତରଫରୁ କୌଣସି ଟଙ୍କା ଆସି ନାହିଁ। ବିପଦସଙ୍କୁଳ ଅବସ୍ଥାରେ ରହିଥିବା ଅଙ୍ଗନୱାଡି କେନ୍ଦ୍ର ଗ୍ରାମର ଯେକୌଣସି ଘରେ ଭଡା ସୂତ୍ରରେ କେନ୍ଦ୍ର କରାଯିବାର ପ୍ରାବଧାନ ରହିଛି। ତେଣୁ ଜୟନ୍ତପଡା କେନ୍ଦ୍ରରେ ଯଦି ଅସୁବିଧା ହେଉଛି ତା ହେଲେ ଭଡା ସୂତ୍ରରେ କୌଣସି ଘରେ ଅସ୍ଥାୟୀ ଭାବେ କରାଯିବ ବୋଲି କହିଛନ୍ତି। ଅପର ପକ୍ଷରେ ନୂଆ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ସକାଶେ ପଦକ୍ଷେପ ନେବା ପାଇଁ ଜିଲା ପ୍ରଶାସନକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।




ପିରାମିଡ ଗୃହ ଉଦ୍‌ଘାଟିନୀ ମୂହୂର୍ତ୍ତ।

## ସୁନ୍ଦରଗଡ଼ରେ ପିରାମିଡ୍‌ଗୃହ ଉଦ୍‌ଘାଟିତ

ସୁନ୍ଦରଗଡ଼, ୭।୧୧ (ଡି.ଏନ୍.ଏ)
ସ୍ଥାନୀୟ ବିଜୟା ଟକିଜ ରୋଡସ୍ଥିତ ବାବା ବଳିଆଙ୍କ ଶିଶୁ ଅନନ୍ତ ଆଶ୍ରମ ଉପରେ ଏକନୂତନ ପିରାମିଡ ଗୃହ (ଧ୍ୟାନ କେନ୍ଦ୍ର) ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ବାଙ୍ଗାଲୋରର ପିରାମିଡ ସ୍ପିରିଚୁଆଲ ସୋସାଇଟିର ସଂସ୍ଥାପକ ବ୍ରହ୍ମର୍ଷି ସୁବାସପତ୍ରୀଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଛି। ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଲୀଳାଧର କାଲୋ ଅଧ୍ୟକ୍ଷତା କରିଥିଲେ। ଉପସ୍ଥିତ ଜିଜ୍ଞାସୁ ଓ ଆଧାତ୍ମିକ ପ୍ରେମୀମାନଙ୍କୁ ଏହାର ଉପକାରିତା ସମ୍ବନ୍ଧରେ ଦିଗଦର୍ଶନ ଦେଇ ବ୍ରହ୍ମର୍ଷି ପତ୍ରୀ କହିଥିଲେ ଯେ ଧ୍ୟାନ ମଣିଷର ଶରୀର ଓ ମନରେ ସନ୍ତୁଳନ ଆଣିଥାଏ। ଏହା ଦ୍ୱାରା ମନରେ ସୁଖଶାନ୍ତି ଆସିବା ସହ ରୋଗ ମଧ୍ୟ ଦୂରୀକରଣ ହୋଇଥାଏ। ମନରେ ସକରାତ୍ମକ ଭାବନା ସୃଷ୍ଟି ହେବା ସହ ବୁଦ୍ଧିର ମଧ୍ୟ ବିକାଶ ହୋଇଥାଏ ବୋଲି କହିଥିଲେ। ସଞ୍ଜୟ ବହିଦାର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ।

### ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିରେ ସତ୍ୟବ୍ରତଙ୍କ ଅଭିନବ ପ୍ରୟାସ

## ୩୧୪ ବ୍ଲକର ବିଡିଓଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଜଣାଇବା ପାଇଁ ପଦଯାତ୍ରା

କୁଆଁରମୁଣ୍ଡା,୭।୧୧(ଡି.ଏନ.ଏ.)
ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ନେଇ ବେକରେ ଏକ ପ୍ଲାକାର୍ଡ ସହ ହାତରେ ଜାତୀୟ ପତାକା ଧରି ଗୁରୁବାର କୁଆଁରମୁଣ୍ଡା ବ୍ଲକ ବିଡିଓଙ୍କ କାର୍ଯ୍ୟାଳୟରେ ଅଧିକାରୀଙ୍କୁ ଭେଟି ଭାରତର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ସତ୍ୟବ୍ରତ ଦାସ। କୁଆଁରମୁଣ୍ଡା ବ୍ଲକକୁ ମିଶାଇ ଅଦ୍ୟାବଧି ୮୫ଟି ବ୍ଲକକୁ ପାଦରେ ଚାଲିଚାଲି ଯାଇ ଉକ୍ତ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ସତ୍ୟବ୍ରତ। ତାଙ୍କର ଘର ଜଗତ୍‌ସିଂହପୁର ଜିଲା ବାଲିକୁଦା ଅଞ୍ଚଳର ଭଗବାନ ସିଣ୍ଡୋଳ ଗ୍ରାମ। ସେ ପ୍ରଥମେ ଯାଜପୁର ଜିଲାର ମାହାଙ୍ଗା ବ୍ଲକରୁ ଏହି ପଦଯାତ୍ରା ଆରମ୍ଭ କରିଥିଲେ। ଅଦ୍ୟାବଧି ୧୨୦ ଦିନରେ ସେ ୨ହଜାର ୩ ଶହ କି.ମି ପଦଯାତ୍ରା କରି ୮୫ଟି ବ୍ଲକ ପରିକ୍ରମା କରିଛନ୍ତି ବୋଲି ସତ୍ୟବ୍ରତ କହିଛନ୍ତି। କୁଆଁରମୁଣ୍ଡା ବ୍ଲକରୁ ରାଜଗାଙ୍ଗପୁର ଅଭିମୁଖେ ଯାଉଥିବା ବେଳେ ୧୪୩ ନମ୍ବର ଜାତୀୟ ରାଜପଥର ବ୍ୟାଙ୍କ ଅଫ ଇଣ୍ଡିଆ ଛକ ନିକଟରେ କୁଆଁରମୁଣ୍ଡା ନାଗରିକ କମିଟିର ସଦସ୍ୟ ଶୈଳେଶ ତିୱାରୀ, ରାଜେଶ କେର୍କେଟା, ମନୋଜ ଦାସଙ୍କ ସହ ସ୍ଥାନୀୟ ଲୋକେ ତାଙ୍କୁ ଭେଟି ପୁଷ୍ପମାଲ୍ୟ ଅର୍ପଣ କରି ସ୍ୱାଗତ କରିଛନ୍ତି। ଏପରିକି ସନ୍ଧ୍ୟା ହୋଇଯିବାରୁ ତାଙ୍କୁ କୁଆଁରମୁଣ୍ଡା ଲୋକନାଥ ମନ୍ଦିରରେ ରାତ୍ରିଯାପନ କରିବାର ବ୍ୟବସ୍ଥା କରିଛନ୍ତି। ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ଦାବିରେ ସତ୍ୟବ୍ରତଙ୍କ ଏହି ପଦଯାତ୍ରା




ପଦଯାତ୍ରାରେ କୁଆଁରମୁଣ୍ଡା ବ୍ଲକରେ ପହଞ୍ଚିଛନ୍ତି ସତ୍ୟବ୍ରତ।

ପଛର ଉଦ୍ଦେଶ୍ୟ ସମ୍ପର୍କରେ କହନ୍ତି, ଓଡିଶାରେ ଦାଦନ ଓ ବେକାରି ସମସ୍ୟାକୁ ରୋକିବା ପାଇଁ ଏକାଧିକ ଶିଳ୍ପ ପ୍ରତିଷ୍ଠାର ଆବଶ୍ୟକତା ରହିଛି। ସ୍ୱତନ୍ତ୍ର ରାଜ୍ୟ ପାହ୍ୟାର ମାନ୍ୟତା ମିଳିଲେ ଓଡିଶାକୁ ଏକାଧିକ ଶିଳ୍ପପତି ଆଗେଇ ଆସିବେ। ମହାନଦୀ ଜଳ ବିବାଦ ଓ ପୋଲାଭରମ୍ ପ୍ରକଳ୍ପର ସ୍ଥାୟୀ ସମାଧାନ ପାଇଁ ମଧ୍ୟ ସେ ଓଡିଶାବାସୀଙ୍କ ଦାବି ଜଣାଇଛନ୍ତି। ଶୁକ୍ରବାର ସେ କୁଆଁରମୁଣ୍ଡାରୁ ରାଜଗାଙ୍ଗପୁର ବ୍ଲକ ଅଭିମୁଖେ ସକାଳୁ ପଦଯାତ୍ରାରେ ବାହାରି ଯିବେ ବୋଲି କହିଛନ୍ତି।

## ନାବାଳକଙ୍କ ଆତ୍ମହତ୍ୟା

ବେଦବ୍ୟାସ, ୭।୧୧ (ଡି.ଏନ.ଏ)
ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଲଡିହି କିଶାନପଡା ଗ୍ରାମର ଜଣେ ନାବାଳକ ଘରୋଇ କଳହକୁ ନେଇ ବୁଧବାର ବିଳମ୍ବିତ ରାତ୍ରରେ ଆତ୍ମହତ୍ୟା କରିଛନ୍ତି। ଏହାକୁ ନେଇ ଗୁରୁବାର ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତ ନାବାଳକଙ୍କ ନାମ ବିଶାଳ ବଡ଼ାଇକ (୧୭)। ପୋଲିସ ସୂଚନାନୁଯାୟୀ ବୁଧବାର ବିଳମ୍ବିତ ରାତ୍ରରେ ବିଶାଳ ଆଜବେଷ୍ଟର ଘରେ ତଉଲିଆ ବେକରେ ବାନ୍ଧି ଆତ୍ମହତ୍ୟା କରିଥିଲେ। ସକାଳେ ଘର ଲୋକେ ବିଶାଳ ତଉଲିଆ ବେକରେ ଲଗାଇ ଝୁଲୁଥିବା ଦେଖି ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକଙ୍କ ସହାୟତାରେ ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କଲାପରେ ବ୍ରାହ୍ମଣୀତରଙ୍ଗ ଥାନାକୁ ଘର ଲୋକେ ଘଟଣା ବିଷୟରେ ଲିଖିତ ଅଭିଯୋଗ କରିଥିଲେ। ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବକୁ ଜବତ କରିବା ସହ ଗୁରୁବାର ବ୍ୟବଚ୍ଛେଦ କଲାପରେ ଘର ଲୋକଙ୍କୁ ହସ୍ତାନ୍ତର କରିଛି । ଏନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଅପମୃତ୍ୟୁ ମାମଲା ନଂ. ୪୬/୧୯ ରୁଜୁ ହୋଇ ଅଧିକ ତଦନ୍ତ ବଳବତ୍ତର ଥିବା ଥାନା ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ ।

## ବ୍ଲକସ୍ତରୀୟ ସୁରଭି, ମଧ୍ୟାହ୍ନଭୋଜନ ସଚେତନତା କାର୍ଯ୍ୟକ୍ରମ



ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବାଲିଶଙ୍କରା, ୭।୧୧ (ଡି.ଏନ.ଏ)
ବାଲିଶଙ୍କରା ବ୍ଲକସ୍ତରୀୟ ସୁରଭି ଓ ମଧ୍ୟାହ୍ନଭୋଜନ ସଚେତନତା କାର୍ଯ୍ୟକ୍ରମ ସଉନାମରା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୧୪ଟି କ୍ଲଷ୍ଟରର ଯୋଗ୍ୟ ବିବେଚିତ ୧୩୮ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଉଦ୍‌ଘାଟନୀ ଅବସରରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଯୁକ୍ତ ୨ ମହାବିଦ୍ୟାଳୟ ଅଧକ୍ଷ କୁଳମଣୀ ସାହୁ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ବାଲିଶଙ୍କରା ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତିମନୀ ସୁରେଖା ହରୋଙ୍କ ନେତୃତ୍ୱରେ ଆୟୋଜନ ହୋଇଥିଲା। ସଭା ପରିଚାଳନା କରିଥିଲେ କୁଳଦୀପ ସେଠ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷାଅଧିକାରୀ ସମ୍ପାରୀ କୁଜୁର, ସରପଞ୍ଚ ସଉନାମରା ସୁନିତା ବାର୍ଲା, ସମିତି ମେମ୍ବର ରତନ ବାରସତିଆ, ସ୍ୱେଚ୍ଛାସେବୀ ସୁଗ୍ରୀବ ବାଘ, ଚୁଲୁ ବାର୍ଲା, ପ୍ରଦୀପ ନନ୍ଦ, ସତ୍ୟ ସେଠ, ଉଜଳ ମିଞ୍ଜ ପ୍ରମୁଖ ଯୋଗଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ତ୍ରିବେଣୀ ମାଝି ଯୋଗଦେଇ ଏପରି କାର୍ଯ୍ୟକ୍ରମ ଲୁକାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିପାରୁଛି। କାର୍ଯ୍ୟକ୍ରମରେ ସହାୟତା କରିଥିଲେ ସିଆରସି ବସନ୍ତ ନାଏକ, କାଳିନ୍ଦ୍ରୀ ଚନ୍ଦ୍ର ଭିତ୍ରିଆ, ମହେନ୍ଦ୍ର ସାହୁ, ରୁଦ୍ର ପ୍ରତାପ ଆଚାର୍ଯ୍ୟ, କ୍ଷୀତିଶ ଷଣ୍ଡ, ପୁଳିନ ଚନ୍ଦ୍ର ନାଏକ, ବୀରେନ୍ଦ୍ର ବେହେରା। ଛାତ୍ରୀଛାତ୍ରଙ୍କ ତରଫରୁ ସ୍ୱଚ୍ଛ ବିଦ୍ୟାଳୟ, ଏକତା ହିଁ ବଳ, ବାଲ୍ୟ ବିବାହ ନିରାକରଣ, ପରିବେଶ ସୁରକ୍ଷା, ଜୀବନ ରକ୍ଷା ପାଇଁ ନାଚଗୀତ ନାଟ୍ୟ ପରିବେଷଣ କରାଯାଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଜିଲାସ୍ତରରେ ଭାଗନେବା ପାଇଁ ସୁଯୋଗ ମିଳିଛି। ଏଥିରେ କୃତକାର୍ଯ୍ୟ ହେଲେ ରାଜ୍ୟସ୍ତରରେ ମଧ ବିବେଚିତ ହୋଇପାରିବେ ବୋଲି ସୂଚନା ମିଳିଛି । ଶେଷରେ କୁଳଦୀପ ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

## ଘରେ ପଶି ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ

ବେଦବ୍ୟାସ, ୭।୧୧ (ଡି.ଏନ.ଏ)
ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା ଫାଣ୍ଡିର କଲୁଙ୍ଗା ବସ୍ତିରେ ବୁଧବାର ସନ୍ଧ୍ୟା ୬ଟାରେ ସ୍ୱାମୀଙ୍କ ଅନୁପସ୍ଥିତିରେ ଘରେ ପଶି ସ୍ତ୍ରୀଙ୍କୁ ଅସଦାଚରଣ ଅଭିଯୋଗ ହୋଇଛି। ଗୁରୁବାର ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ସେହି ଅଞ୍ଚଳର ଅଭିଯୁକ୍ତ ରମେଶ ଠାକୁର (୩୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପ୍ରକାଶ। ସ୍ୱାମୀଙ୍କ ଅନୁପସ୍ଥିତିରେ ତାଙ୍କର ସ୍ତ୍ରୀଙ୍କୁ ସେହି ଅଞ୍ଚଳର ଅଭିଯୁକ୍ତ ରମେଶ ଠାକୁର ଘରେ ପଶି ଅସଦାଚରଣ କରୁଥିବା ବେଳେ ଠିକ ସେହି ସମୟରେ ସ୍ୱାମୀ ଘରକୁ ଫେରି ଦେଖିଥିଲେ। ଏ ନେଇ ସ୍ୱାମୀ ବ୍ରାହ୍ମଣୀତରଙ୍ଗ ଥାନାରେ ଅଭିଯୁକ୍ତଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ମାମଲା ନଂ. ୨୭୩/୧୯ ରୁଜୁ ହୋଇଛି।




ସୁନ୍ଦରଗଡ଼ ଜିଲା ବଡ଼ଗାଁ ଆଇଟିସି ପକ୍ଷରୁ ଗୁରୁବାର ସ୍କାଉଟ ଫାଉଣ୍ଡେସନ ଡ଼େ ପାଳିତ।

### ମୋବାଇଲ ଦୋକାନରେ ମାରପିଟ

## ୬ଜଣଙ୍କ ନାମରେ ମାମଲା ରୁଜୁ

ଲହୁଣୀପଡା, ୭।୧୧ (ଡି.ଏନ.ଏ)
ଲହୁଣୀପଡା ମୁଖ୍ୟବଜାରରେ ଥିବା କୁନ୍ଦନ ମୋବାଇଲ ଦୋକାନକୁ ଯାଇ ଦୋକାନୀକୁ ସଞ୍ଜିବ ଜୟସ୍ୱାଲ ଗୟାରାୟ ଓ ଅନ୍ୟ ଚାରିଜଣ ମାରପିଟ କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ୬ଜଣଙ୍କ ମଧ୍ୟରୁ ଜଣେ କୁନ୍ଦନ ମୋବାଇଲ ଦୋକାନରୁ ମୋବାଇଲ କିଣିଥିଲେ। କିଛି ଦିନ ପରେ ମୋବାଇଲଟି ଭଲ ଭାବେ ଚାଲି ନ ଥିଲା । ଫଳରେ ଟଙ୍କା ଫେରାଇବାକୁ ଏମାନେ ଜିଦ୍ ଧରିଥିଲେ । ଫଳରେ ପାଟିତୁଣ୍ଡ ହୋଇଥିଲା । ଏଥିରେ କୁନ୍ଦନର ଭଉଣୀ ମୀନା ଦେବୀ ସା ହସ୍ତକ୍ଷେପ କରିବାରୁ ଉକ୍ତ ଯୁବକମାନେ ଅସଭ୍ୟ ଭାଷାରେ ଗାଳି କରିଥିଲେ। ଫଳରେ ମୀନାଦେବୀ ଥାନାକୁ ଆସି ଅଭିଯୋଗ କରିଥିଲେ । ଥାନାକୁ ଆସି ମୀନା ଦେବୀ ଅଭିଯୋଗ କରିଥିବା ଖବର ପାଇ ସଞ୍ଜିବ ଜୟସ୍ୱାଲ, ଗୟାନନ୍ଦ ରାୟ ଏବଂ ଅନ୍ୟ ଚାରିଜଣ କୁନ୍ଦନ ଦୋକାନକୁ ଯାଇ ଗାଳିଗୁଲଜ କରିବା ସହିତ କୁନ୍ଦନ ଓ ତାର ଭାଇ କମଳେସକୁ ମାଡ ମାରିବା ସହିତ ଭଉଣୀକୁ କାହିଁକି ଥାନାକୁ ପଠାଇଲୁ ବୋଲି ଧମକ ଦେବା ସହିତ ତୁରନ୍ତ ଭଉଣୀକୁ ଫେରାଇ ଆଣିବାକୁ ଚେତାବନୀ ଦେବାରୁ ମାଡ ଭୟରେ କୁନ୍ଦନ ତାର ଭଉଣୀ ମୀନା ଦେବୀ ଓ ଭିଣୋଇ ରାଜେଶ ସାକୁ ଥାନାରୁ ଫେରି ଆସିବାକୁ କହିଥିଲେ। ସେମାନେ ଫେରିଯାଇ କୁନ୍ଦନକୁ ଘଟଣା ସମ୍ପର୍କରେ ପଚାରିଥିଲେ । ସେହି ସମୟରେ ଉକ୍ତ ଯୁବକମାନେ ମୀନା ଦେବୀ ସା ଓ ତାର ସ୍ୱାମୀ ରାଜେଶ ସମେତ କୁନ୍ଦନ ଓ ତାର ଭାଇ କମଳେଶକୁ ନିଘୁଙ୍କ ମାଡ ମାରିଥିବା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

## ସରକାରୀ କଲେଜରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ସୁନ୍ଦରଗଡ଼, ୭।୧୧ (ଡି.ଏନ୍.ଏ.)
ଜିଲା ପୋଲିସ ପ୍ରଶାସନ ପକ୍ଷରୁ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟଠାରେ ଗୁରୁବାର ଏକ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ପୋଲିସ ବିଭାଗ କର୍ମଚାରୀମାନଙ୍କ ଦ୍ୱାରା ଏକ ସଚେତନତା ଧର୍ମୀ ନାଟିକା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହା ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସଡକ ସୁରକ୍ଷା ସମ୍ବନ୍ଧୀୟ ନିୟମ ଓ ନିୟମ ଉଲ୍ଲଂଘନକାରୀ ପରିଣାମ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ କିଶୋର କୁମାର ଦାଶ ଏହି ଉପଲକ୍ଷେ ଆୟୋଜିତ ସଭାରେ ଅଧ୍ୟକ୍ଷତା କରି ଜିଲା ପୋଲିସ-ପ୍ରଶାସନର ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଛାତ୍ରୀଛାତ୍ର ବାଇକ ଚାଳନା ବେଳେ ହେଲମେଟ ବ୍ୟବହାର କରି ଟ୍ରାଫିକ ନିୟମ ମାନିବାକୁ ସେ ପରାମର୍ଶ ଦେଇଥିଲେ। ଡିଏସ୍‌ପି ଜ୍ୟୋସ୍ନାରାଣୀ ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ର ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କରିବାକୁ ପରାମର୍ଶ ଦେଇଥିଲେ । ଅଧ୍ୟାପିକା ଡ. କୁମୁଦିନୀ ରାଉତରାୟ ,ଅଧ୍ୟାପକ ଡ. ଲଳିତରଞ୍ଜନ ସାହୁ , ପ୍ରଦୀପ ବହିଦାର,ଅଧ୍ୟାପକ ଗୋପାଳ ପୁରୋହିତ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀ ଛାତ୍ର ଓ ପୋଲିସ କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ।




ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।



ଶବକୁ ଯେପରି ଚିତା ଖାଇଯାଏ, ଲୋକଙ୍କୁ ସେହିପରି ଈର୍ଷା ଖାଇଯାଏ।

- ସେଣ୍ଟ୍ ଜନ୍ କ୍ରିଷୋଷ୍ଟୋମ୍



## ସଂକ୍ଷେପରେ

### ଟ୍ରେନ୍ ଲାଇନରୁ ଯୁବକଙ୍କ ମୃତଦେହ ଜବତ

ରାଉରକେଲା ଅଫିସ, ୭।୧୧: ବନ୍ଧମୁଣ୍ଡା କୁକୁଡାଗେଟ୍ ଡାଉନ୍ ଲାଇନ୍‌ରୁ ବୁଧବାର ରାତିରେ ଜଣେ ଯୁବକଙ୍କ ମୃତଦେହ ମିଳିଛି।ହେଲେ ତାଙ୍କ ପରିଚୟ ମିଳିନି। ବୟସ ପାଖାପାଖି ୨୫ରୁ ୨୭ ବର୍ଷ ଭିତରେ ହେବ ବୋଲି ଜିଆରପି ପୋଲିସ ସୂଚନା ଦେଇଛି। ଜିଆରପି ପୋଲିସ ସୂଚନା ଅନୁସାରେ ବିଶ୍ରା ରେଳ ଷ୍ଟେଶନରେ କୁକୁଡାଗେଟ ନିକଟରେ ଏକ ମୃତଦେହ ପଡିଥିବା ନେଇ ଷ୍ଟେଶନ ମାଷ୍ଟରଙ୍କୁ ଜଣେ ଟ୍ରେନ ଡ୍ରାଇଭର ସୂଚନା ଦେଇଥିଲେ। ଏଣୁ ଗୁରୁବାର ସକାଳୁ ଜିଆରପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରିଛି।

### ବ୍ୟାଙ୍କ ଆକାଉଣ୍ଟରେ ପଡ଼ିବ ଭତ୍ତା ଟଙ୍କା

ରାଉରକେଲା ଅଫିସ, ୭।୧୧: ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଚଳିତମାସରୁ ମଧୁବାବୁ ଓ ଜାତୀୟ ସାମାଜିକ ସୁରକ୍ଷାର ସମସ୍ତ ଭତ୍ତାଧାରୀଙ୍କୁ ନଗଦ ଆକାରରେ ପ୍ରଦାନ କରାଯାଉଥିବା ଭତ୍ତା ପରିବର୍ତ୍ତେ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯିବ। ନଭେମ୍ବର ମାସର ଭତ୍ତା ଟଙ୍କା ୩୦ ତାରିଖ ପରେ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ପୈଠ ହେବ। ତଦନୁଯାୟୀ ସମସ୍ତ ଭତ୍ତାଧାରୀ ସ୍ୱ ପ୍ରମାଣିତ ନିଜସ୍ୱ ବ୍ୟାଙ୍କ ଆକାଉଣ୍ଟ ଓ ଆଧାରକାର୍ଡର ଅବିକଳ ନକଲ ପୂର୍ବ ନିର୍ଦ୍ଧାରିତ ଭତ୍ତା ବିତରଣ କେନ୍ଦ୍ରରେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପ୍ରଦାନ କରିବା ପାଇଁ ଆର୍‌ଏମ୍‌ସିର ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଅନୁରୋଧ କରାଯାଇଛି।

### ଫାଇଲେରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ

ବ୍ରଜରାଜନଗର, ୭।୧୧ (ଡି.ଏନ୍.ଏ.): ବ୍ରଜରାଜନଗର ପୌରାଞ୍ଚଳ ୧୪ ନମ୍ବର ୱାର୍ଡର ଇବ୍‌ପିଟ ପଡ଼ାରେ ଫାଇଲେରିଆ ନିରାକରଣ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଶାକର୍ମୀ ମୀରା ସିଂଙ୍କ ନେତୃତ୍ୱରେ ମହିଳାମାନେ ଏକ ରାଲିରେ ବାହାରି ପଡାସାରା ବୁଲି ଲୋକଙ୍କୁ ସଚେତନ କରାଇଥିଲେ। ଆସନ୍ତା ୧୩ ତାରିଖରେ ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ଔଷଧ ଖାଇବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଏସ୍‌ଏଚ୍‌ଜି ଗ୍ରୁପ ମହିଳା, ଆରୋଗ୍ୟ ସମିତିର ସଭ୍ୟାମାନେ ସାମିଲ ଥିଲେ।

■ ଗର୍ଜିଲେ ଆଶା କର୍ମୀ, ଏଡିଏମ୍ ଅଫିସ ଆଗରେ ବିକ୍ଷୋଭ

# ‘ଆମ ସମସ୍ୟା ସମାଧାନ କର’

ରାଉରକେଲା ଅଫିସ,୭।୧୧

ସୁନ୍ଦରଗଡ ଜିଲାରେ କାର୍ଯ୍ୟରତ ଆଶା କର୍ମୀଙ୍କ ବିଭିନ୍ନ ସମସ୍ୟା ନେଇ ଗୁରୁବାର ଓଡିଶା ଆଶା କର୍ମୀ ଆସୋସିଏଶନ(ସିଆଇଟିୟୁ) ପକ୍ଷରୁ ରାଉକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ସଭାପତି ହୃଦୟାନନ୍ଦ ଯାଦବଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦିକା ସକୁନ୍ତଳା ମହାକୁଡ ଏହାର ନେତୃତ୍ୱ ନେଇଥିଲେ। ସ୍ଥାନୀୟ ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଏଡିଏମ୍‌ଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା। ସେଠାରେ ସମବେତ କର୍ମୀଙ୍କୁ ଯାଦବ ଓ ମହାକୁଡ ଆସୋସିଏସନ ପକ୍ଷରୁ ଉଠା ଯାଇଥିବା ୧୨ଦଫା ଦାବି ଉପରେ ଆବଗତ କରାଇଥିଲେ। ଏଥିରେ କୁହାଯାଇଥିଲା ଯେ, ସରକାରଙ୍କ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟ କରୁଥିବା ଆଶାକର୍ମୀଙ୍କୁ ଏ ପର୍ଯ୍ୟନ୍ତ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ କରିବାକୁ କୁଣ୍ଠ କୁଣ୍ଠ ହେଉଛନ୍ତି।




ରାଉକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଶାକର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବାରମ୍ବାର ଦାବି ସତ୍ତ୍ୱେ ଆଶା କର୍ମୀଙ୍କୁ କେନ୍ଦ୍ର କିମ୍ବା ରାଜ୍ୟ ସରକାର ସର୍ବନିମ୍ନ ମଜୁରି ପ୍ରଦାନ କରିବାକୁ ଅନାଗ୍ରହୀ। ଗ୍ରାମାଞ୍ଚଳ ଅଶାକର୍ମୀଙ୍କୁ ଠିକ୍ ସମୟରେ ଅନୁଦାନ ପ୍ରଦାନ କରିବା, ପରିବାର ନିୟୋଜନ ପ୍ରୋତ୍ସାହନ ରାଶି ଆଶା କର୍ମୀଙ୍କୁ ପ୍ରଦାନ କରିବା, ଆଶା ଗୃହରେ ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ କରାଇବା, ଅଲଟ୍ରାସାଉଣ୍ଡ ଓ ପାଥୋଲୋଜି ପାଇଁ ବ୍ୟବସ୍ଥା କରିବା ଓ ଆଶା ପତ୍ରିକା ପ୍ରଦାନ କ୍ଷେତ୍ରରେ ନିୟମିତତା ଅବଲମ୍ବନ କରିବା ଆଦି ସମ୍ପର୍କରେ ଏଥିରେ ଆଲୋଚନା କରାଯାଇ ଥିଲା। ଏ ନେଇ ଅତିରିକ୍ତ ଜିଲାପାଳ ୟେଦୁଲ୍ଲା ବିଜୟ ଅବଗତ ହେବା ପରେ ଆଶାକର୍ମୀଙ୍କ ଦାବି ଯଥାସମ୍ଭବ ପୂରଣ କରିବାକୁ ଚେଷ୍ଟା କରାଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରୀନା ଭୂମିଜ, ରୀତାରାଣୀ ମୀନା, ଜ୍ୟୋତି ଏକ୍କା, ସାବିତ୍ରୀ ମହାନ୍ତି, କିରଣ ମିଂଜ, ମିନତୀ ପ୍ରଧାନ, ରୀତା ତିର୍କୀ, ଗୌରୀ ଭୂମିଜ, କରୁଣା ମିଂଜ, ସିପ୍ରାନ୍ତି ଟପୋ, ସିଲା ସିଂ, ସୁବାଶିନୀ ପାତ୍ର ଓ ବାଲମତି ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଆଶା କର୍ମୀଙ୍କ ଦାବିକୁ ଯଥାର୍ଥ ଦର୍ଶାଇ ସିଆଇଟିୟୁ ନେତା ରାଜକିଶୋର ପ୍ରଧାନ, ବିପି ମହାପାତ୍ର, ଲକ୍ଷ୍ମୀଧର ନାୟକ, ଦିବାକର ମହାରଣା ଓ ଅରୁଣ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକା ହୋଇକରି ତପସ୍ୟା କରିବ**
**ଦୁଇଜଣ ମିଶି ପଢ଼ିବ ପାଠ**
**ତିନିଜଣ ମିଶି ସଙ୍ଗାତ ବସିବ**
**ଚାରିଜଣ ମିଶି ଚାଲିବ ବାଟ ।**

ଏକୁଟିଆ ନିରୋଳା ସ୍ଥାନରେ ତପସ୍ୟା କଲେ ତପସ୍ୟା ସଫଳ ହୋଇଥାଏ। ଦୁଇଜଣ ପରସ୍ପର ମଧ୍ୟରେ ଆଲୋଚନା କରି ପାଠ ପଢ଼ିଲେ ପାଠ ଅଧିକ ମନେ ରହିଥାଏ। ତିନିଜଣ ମିଶି ସଙ୍ଗାତ ବସିବା ଲାଭପ୍ରଦ ହେଉଥିବା ସ୍ଥଳେ ଚାରିଜଣ ମିଶି ବାଟ ଚାଲିଲେ ଚାଲିବାର ଶ୍ରମ ଜଣା ପଡୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଏକା ଲୋକ ବୋକା**
**ପିଲାଏ ମାରନ୍ତି ଟେକା ।**

ନିଃସଙ୍ଗ ଜୀବ ବଡ଼ କଷ୍ଟଦାୟକ। ଏକାହେଲେ ସବୁକାମ ନିଜେ କରିପାରିବନି, ଅନ୍ୟର ସାହାଯ୍ୟ ପାଇଲେ କାମଟି କରିବାକୁ ସାହସ ଆସେ, କାମଟି ସହଜରେ କରିହୁଏ। କାମଟି କେମିତି ହେବ ଜଣାଥିଲେ ମଧ୍ୟ ଏକୁଟିଆ ହୋଇ କରିବାକୁ ସାହସ ପାଇ ନ ଥାଏ। ଏକୁଟିଆ ଲୋକ ବେଶି ଦୁଃଖ ଦୁର୍ଦ୍ଦଶା ଭୋଗ କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଗାଧୋଇବାକୁ ଯାଇ ନଦୀରେ ଭାସିଗଲେ ନାବାଳକ



ଅଗ୍ନିଶମ ବିଭାଗ କର୍ମଚାରୀ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି।

ରାଉରକେଲା ଅଫିସ,୭।୧୧

ଦେଓଗାଁ ନିକଟ ବ୍ରାହ୍ମଣୀ ନଦୀ ତର୍କରା ଡ୍ୟାମ୍‌କୁ ଗାଧୋଇବାକୁ ଯାଇ ଗୁରୁବାର ମଧ୍ୟାହ୍ନରେ ଜଣେ ନାବଳକ ନିଖୋଜ ହୋଇ ଯାଇଛନ୍ତି। ତାଙ୍କ ନାଁ ଆଶିଷ ବଡାଇକ (୧୩)। ସେ ଉଦିତନଗର ହାଇସ୍କୁଲର ୮ମ ଶ୍ରେଣୀ ଛାତ୍ର। ଆଶିଷ ଓ ତାଙ୍କର ଅନ୍ୟ ୩ଜଣ ସାଙ୍ଗ ସ୍କୁଲରେ ଚିତ୍ରାଙ୍କନ ପ୍ରତିଯୋଗିତା ଅଛି କହି ଘରୁ ବାହାରି ଥିଲେ। ଏମାନେ ଅପରାହ୍ନ ସାଢେ ୧୨ଟାରେ ତର୍କରା ଡ୍ୟାମ୍‌କୁ ଗାଧୋଇବାକୁ ଯାଇଥିଲେ। ୪ ସାଙ୍ଗ ପାଣିରେ ଗାଧୋଇଥିବା ବେଳେ ଏମାନଙ୍କ ମଧ୍ୟରୁ ୨ଜଣ ନଦୀରେ ଭାସି ଯାଇଥିଲେ। ସ୍ଥାନୀୟ ଗ୍ରାମବାସୀ ଜଣଙ୍କୁ ଉଦ୍ଧାର କରିଥିବା ବେଳେ ଅଶିଷ ଭାସି ଯାଇଥିଲେ। ଖବର ପାଇ ପାନପୋଷ ଓ ରାଉରକେଲା ଅଗ୍ନିଶମ ବିଭାଗର ବଡ ଟିମ୍ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସହକାରୀ ଅଗ୍ନିଶମ ଅଧିକାରୀ କମଲ ଗୌଡଙ୍କ ନେତୃତ୍ୱରେ ସନ୍ଧ୍ୟା ପର୍ଯ୍ୟନ୍ତ ଚେଷ୍ଟା ଅବ୍ୟାହତ ରଖିଥିଲେ ବି ଆଶିଷଙ୍କୁ ଉଦ୍ଧାର କରାଯାଇ ପାରିନି।

## ଚୁକ୍ତି ଭିତ୍ତିକ କନିଷ୍ଠ ଶିକ୍ଷକ ସଂଘ ଚୟନକୁ ବିରୋଧ

କୋକସରା,୭।୧୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଶିକ୍ଷା ବିଭାଗରେ କାର୍ଯ୍ୟରତ ଚୁକ୍ତି ଭିତ୍ତିକ ଶିକ୍ଷକ ସଂଘ ୨୦୧୮ ବ୍ୟାଚର ଏକ ବୈଠକ କୋକସରା କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଗାମୀ ଦିନରେ ୨୦୧୮ ବ୍ୟାଚର କର୍ମକର୍ତ୍ତା ଚୟନ କରିବା ସମ୍ପର୍କରେ ଆଲୋଚନଚକ୍ର ହୋଇଥିଲା। ଏହି ବ୍ୟାଚରେ ମୋଟ ୧୩୭ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ରହିଥିବା ସ୍ଥଳେ କେବଳ ୩୦ରୁ୩୫ ଜଣ ଉପସ୍ଥିତ ଥିଲେ। ଏହି ଉପସ୍ଥାନକୁ ଦେଖି କୋରମ ହେଉ ନ ଥିବାରୁ ପରବର୍ତ୍ତୀ ଏକ ତାରିଖରେ କର୍ମକର୍ତ୍ତା ଚୟନ କରିବାକୁ ଅଧିକାଂଶ ଶିକ୍ଷକ ମତ ଦେଇଥିଲେ। କୋରମ ଅଭାବରୁ ବୈଠକ ସ୍ଥଗିତ ରଖାଯିବା ନିଷ୍ପତ୍ତି ନେଇ ଅଧିକ ଶିକ୍ଷକ କକ୍ଷତ୍ୟାଗ କରିଥିଲେ। କେତେଜଣ ଶିକ୍ଷକ ନିଜ ଜିଦରେ ଅଟଳ ରହି ଅନ୍ୟମାନଙ୍କୁ ଉପେକ୍ଷା କରି ଏକ କମିଟି ଗଠନ କରି କଳାହାଣ୍ଡି ଚୁକ୍ତି ଭିତ୍ତିକ ଶିକ୍ଷକ ସଂଘର ହ୍ୱାଟସଅପ ଗ୍ରୁପରେ ସେୟାର କରିଥିବା ଦେଖିବାକୁ ମିଳିଛି। ଅନ୍ୟ ଶିକ୍ଷକମାନେ ଏହାକୁ ନିନ୍ଦା କରିବା ସହ କର୍ମକର୍ତ୍ତା ଚୟନକୁ ବିରୋଧ କରିବା ସହ ଗଠନ ହୋଇଥିବା କମିଟି ଭିତ୍ତିହୀନ ବୋଲି ଶିକ୍ଷକ ବିବେକାନନ୍ଦ ସୁନାନୀ, କ୍ଷୀରସିନ୍ଧୁ ବାଣୁଆ, ପ୍ରମୁଖ କହିଛନ୍ତି।

# ମୋଟର ପାର୍ଟସ ଦୋକାନ, ଗ୍ୟାରେଜ ଜାଳିଦେଲେ ଦୁର୍ବୃତ୍ତ



ଜଳିଯାଇଥିବା ଦୋକାନ ।

ରାଉରକେଲା ଅଫିସ, ୭।୧୧

ରଘୁନାଥପାଲି ଥାନା ରୁପଟୋଲାଠାରେ ଥିବା ସଞ୍ଜୀୟ ପ୍ରଜାପତିଙ୍କ ମୋଟର ପାର୍ଟସ ଦୋକାନ ଓ ଗ୍ୟାରେଜକୁ କେହି ଜାଳି ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏହି ଅଗ୍ନିକାଣ୍ଡରେ ପ୍ରାୟ ୧୦ଲକ୍ଷ ଟଙ୍କା ମୂଲ୍ୟର ମୋଟର ପାର୍ଟସ ଓ ମୋବିଲ ପୋଡି ଯାଇଥିବା ଅଭିଯୋଗ ହୋଇଛି। ମାଲଗୋଦାମ ଅଞ୍ଚଳର ସଞ୍ଜୀୟ ବାଲୁଘାଟ ରୁପଟୋଲାରେ ଏକ ମୋଟର ପାର୍ଟସ ଦୋକାନ ସହ ଗ୍ୟାରେଜ ଓ ସର୍ଭିସିଂ ସେଣ୍ଟର ଖୋଲିଥିଲେ। ତେବେ ଗତ ମାସ ସେହି ଅଞ୍ଚଳରେ ରହୁଥିବା ଜଣେ ସ୍କ୍ରାପ ମାଫିଆ ଓ ତାଙ୍କ ପୁଅ ନିଜ ସାଙ୍ଗ ସାଥୀମାନଙ୍କ ସହିତ ଆସି ସଞ୍ଜୀୟଙ୍କୁ ଟଙ୍କା ମାଗିଥିଲେ। ତେବେ ସଞ୍ଜୀୟ ଟଙ୍କା ଦେବାକୁ ମନା କରିବାରୁ ଜୀବନରେ ମାରିଦେବାକୁ ଧମକ ଚମକ ଦେଇଥିଲା। ଏ ନେଇ ସଞ୍ଜୀୟ ପୂର୍ବରୁ ରଘୁନାଥପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ସେ ସମୟରେ କର୍ଣ୍ଣପାତ କରି ନ ଥିଲା। ତେବେ କିଛିଦିନ ପୁର୍ବରୁ ସେ ପୁଣିଥରେ ସଞ୍ଜୀୟକୁ ଧମକ ଚମକ ଦେଇଥିଲେ। ସେମାନେ ହିଁ ଏଭଳି କାଣ୍ଡ ଘଟାଇଥିବା ସଞ୍ଜୀୟ ଅଭିଯୋଗ କରିବା ସହ ରଘୁନାଥପାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ-୨୭୯/୧୯) ରୁଜୁ କରି ତଦନ୍ତ ଜାରି ରଖିଛି।

# ଜଗନ୍ନାଥ ମନ୍ଦିରରେ ଭାଗବତ ପ୍ରବଚନ, ବିଶ୍ୱଶାନ୍ତି ମହାଯଜ୍ଞ



ରାଉରକେଲା ଅଫିସ, ୭।୧୧

ସେକ୍ଟର-୩ ଅହିରାବନ୍ଧ ଜଗନ୍ନାଥ ମନ୍ଦିରରେ ମନ୍ଦିର ଟ୍ରଷ୍ଟ ଓ ଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ମିଳିତ ଭାବେ ବିଶ୍ୱଶାନ୍ତି ବିଷ୍ଣୁ ଯଜ୍ଞ ଓ ଭାଗବତ ପ୍ରବଚନ ଆରମ୍ଭ ହୋଇଛି। ମନ୍ଦିରର ଭଜନ ମଣ୍ଡପଠାରେ ଏହି କାର୍ଯ୍ୟକ୍ରମ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିବ। ୭ଦିନ ବ୍ୟାପି ଅନୁଷ୍ଠିତ ହେଉଥିବା ଏହି ପ୍ରବଚନରେ ପ୍ରବଚକ ରୂପେ କଟକ ଫିରିଙ୍ଗବଜାର ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀ ଶ୍ରୀକୃଷ୍ଣ ପ୍ରେମାନନ୍ଦ ସରସ୍ୱତୀ ମହାରାଜଜୀ ଯୋଗ ଦେଇଛନ୍ତି। ରାସ ପୂର୍ଣ୍ଣିମାରେ ବିଷ୍ଣୁଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ପଡିବ।ଟ୍ରଷ୍ଟର ସଭାପତି ଗିରିଜା ଶଙ୍କର ଦ୍ୱିବେଦୀ, ଟ୍ରଷ୍ଟି ମିତ୍ରଭାନୁ ପଣ୍ଡା, ବିଜୟ ପତ୍ରି, ସୁଶାନ୍ତ ତ୍ରିପାଠୀ, ରଜତ ଚୌଧୁରୀ, ସୁଧିର ସୁନ୍ଦର ରାୟ ପ୍ରମୁଖଙ୍କ ସମେତ ଜଗନ୍ନାଥ ସଂସ୍କୃତି ପରିଷଦର ଆବାହକ କୃଷ୍ଣ ପଟ୍ଟନାୟକ ଓ କାର୍ଯ୍ୟକାରୀ ସଦସ୍ୟ ସଞ୍ଜୀବ ନାୟକ ପ୍ରମୁଖ ବିଭିନ୍ନ କାର୍ଯ୍ୟ ପରିଚାନାରେ ସହଯୋଗ କରୁଛନ୍ତି।

# ଉଦାହରଣ ସୃଷ୍ଟି କଲେ ଓପିଏମ୍ ବାଳିକା ସ୍କୁଲର ଛାତ୍ରୀ

ବ୍ରଜରାଜନଗର, ୭।୧୧ (ଡି.ଏନ୍.ଏ.)

ବ୍ରଜରାଜନଗରସ୍ଥିତ ଜନସ୍ୱାସ୍ଥ୍ୟ ବିଭାଗର ଅସ୍ଥାୟୀ କର୍ମଚାରୀ ସୁଧୀର ବେହେରା ଗତ ୮ ମାସ ହେଲା କ୍ୟାନ୍‌ସରରେ ପୀଡ଼ିତ ଅଛନ୍ତି। ତାଙ୍କ ଝିଅ ଓପିଏମ୍ ବାଳିକା ବିଦ୍ୟାଳୟରେ ଦଶମ ଶ୍ରେଣୀ ଛାତ୍ରୀ। ବାପାଙ୍କ ଅସୁସ୍ଥତା କାରଣରୁ ସେ ଦୀର୍ଘ ଦିନ ହେଲା ସ୍କୁଲରେ ଅନୁପସ୍ଥିତ ରହିଛନ୍ତି। ଏ ଘଟଣା ବିଷୟରେ ବିଦ୍ୟାଳୟର ଛାତ୍ରୀ ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ଅବଗତ ହେଲାପରେ ସୁଧୀରଙ୍କ ଚିକିତ୍ସା ସହାୟତା ପାଇଁ ସମସ୍ତ ମିଶି ୧୦ ହଜାର ଟଙ୍କା ଆଦାୟ କରିଛନ୍ତି। ଉକ୍ତ ଟଙ୍କାକୁ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ପଣ୍ଡା ସୁଧୀରଙ୍କ ଜମାଖାତାରେ ଡିପୋଜିଟ କରିବେ। ଓପିଏମ୍ ବାଳିକା ବିଦ୍ୟାଳୟର ଛାତ୍ରୀମାନଙ୍କ ଏ ମହତ୍ କାର୍ଯ୍ୟକୁ ଅଞ୍ଚଳରେ ସମସ୍ତେ ପ୍ରଶଂସା କରୁଥିବାବେଳେ ଏହା ନିଶ୍ଚୟ ସମାଜରେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।



ଛାତ୍ରୀମାନେ ଆଦାୟ କରିଥିବା ଟଙ୍କା ପ୍ରଧାନ ଶିକ୍ଷକଙ୍କୁ ପ୍ରଦାନ କରୁଛନ୍ତି।

# କିନ୍ନରଙ୍କ ଉପରେ କାର୍ଯ୍ୟାନୁଷ୍ଠାନକୁ ଡିପିଆର୍‌ଏମ୍‌ଏସ୍‌ର ସ୍ୱାଗତ

ରାଉରକେଲା ଅଫିସ, ୭।୧୧

କିଛିଦିନ ତଳେ ଯାତ୍ରୀବାହୀ ଟ୍ରେନରୁ ଜୋର ଜବରଦସ୍ତ ଟଙ୍କା ଅସୁଲ କରୁଥିବା ଅଭିଯୋଗରେ ଜିଆରପି ଓ ଆର୍‌ପିଏଫ୍ ପୋଲିସ ୫ଜଣ କିନ୍ନରଙ୍କୁ ରାଜଗାଙ୍ଗପୁର ଷ୍ଟେସନରୁ ଗିରଫ କରିଥିଲା। ତେବେ ଏହି ଘଟଣାକୁ ଦକ୍ଷିଣପୂର୍ବ ରେଳୱେ ମଜଦୁର ସଂଘ (ଡିପିଆରଏମଏସ) ପକ୍ଷରୁ ସ୍ୱାଗତ କରାଯିବା ସହ ଏଇଭଳି କାର୍ଯ୍ୟାନୁଷ୍ଠାନ ଆଗରୁ ନିଆଯିବାର ଥିଲା ବୋଲି କହିଛି। ସୂଚନା ଅନୁସାରେ ରାଉରକେଲା ଦେଇ ଯାତାୟାତ କରୁଥିବା ଯାତ୍ରୀବାହୀ ଟ୍ରେନଗୁଡ଼ିକରେ କିନ୍ନରମାନେ ଅବୈଧ ଭାବେ ପଶି ଯାତ୍ରୀଙ୍କ ଠାରୁ ଜୋରଜବର ଦସ୍ତ ଟଙ୍କା ଅସୁଲ କରୁଥିଲେ। ଏପରିକି ଯେଉଁମାନେ ଟଙ୍କା ଦେଉନଥିଲେ ସେମାନଙ୍କୁ କିନ୍ନରମାନେ ଅଶ୍ଳିଳ ଇଙ୍ଗିତ କରୁଥିଲେ। ଏହାକୁ ରୋକିବା ନେଇ ଡିପିଆରଏମଏସ ପକ୍ଷରୁ ଦକ୍ଷିଣପୂର୍ବ ରେଳୱେ ଡିଆର୍‌ଏମ୍ ଓ ଜିଏମ୍‌ଙ୍କୁ ବହୁଥର ଅଭିଯୋଗ କରାଯାଇଥିଲା। ତେବେ ଆର୍‌ପିଏଫ୍ ଓ ଜିଆରପି ପୋଲିସର ଅପରାଗତାର ସୁଯୋଗ ନେଇ କିନ୍ନରମାନେ ମନଇଚ୍ଛା ଟ୍ରେନରେ ଚଢ଼ି ଯାତ୍ରୀଙ୍କ ଠାରୁ ଟଙ୍କା ଅସୁଲ କରୁଥିଲେ। ଫଳରେ ଟ୍ରେନରେ ଯାତ୍ରା କରୁଥିବା ଯାତ୍ରୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ତେବେ ଡିପିଆରଏମଏସର କେନ୍ଦ୍ରିୟ ଉପାଧ୍ୟକ୍ଷ ତଥା ବିପିଆରଏମଏସର ରାଷ୍ଟ୍ରୀୟ ମୁଖପାତ୍ର ସୁବାଷ ଚନ୍ଦ୍ର ଲେଙ୍କା ରେଳୱେ ପ୍ରଶାସନ ନିକଟରେ କିନ୍ନରମାନଙ୍କୁ ଚଳନ୍ତା ଟ୍ରେନରେ ପ୍ରବେଶ ନିଷେଧ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ତେବେ ବିଭାଗ ପକ୍ଷରୁ କିନ୍ନରମାନଙ୍କ ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଗ୍ରହଣକୁ ଡିପିଆରଏମଏସ ସ୍ୱାଗତ କରିବା ସହ କିନ୍ନରମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସଂଘ ପକ୍ଷରୁ ରେଳ ବିଭାଗକୁ ଅନୁରୋଧ କରାଯାଇଥିବା ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

# ବିପ୍ଳବ ସ୍ମାରକୀ ଦିବସ

ରାଉରକେଲା ଅଫିସ, ୭।୧୧

ସିପିଆଇ(ଏମ)ସୁନ୍ଦରଗଡ ଜିଲା କମିଟି ପକ୍ଷରୁ ମହାନ ନଭେମ୍ବର ବିପ୍ଳବର ୧୦୩ତମ ସ୍ମାରକୀ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଜାହାଙ୍ଗୀର ଅଲ୍ଲୀ ଏହି କାର୍ଯ୍ୟକ୍ରମରେ ଲାଲ ପତାକା ଉତ୍ତୋଳନ କରିଥିଲେ। ଅନ୍ୟତମ ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ଶ୍ରୀମନ୍ତ ବେହେରା କହିଥିଲେ ଯେ, ୧୯୧୭ରେ ରୁଷିଆରେ ଜାର କୁଶାସନ ବିରୋଧରେ ଲେନିନଙ୍କ ନେତୃତ୍ୱରେ ଏକ ସମାଜବାଦୀ ରାଷ୍ଟ୍ର ଗଠନ କରାଯାଇଥିଲା। ତାହାର ନେତୃତ୍ୱ ଶ୍ରମିକ ଓ କୃଷକମାନେ ନେଇଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ବିମାନ ମାଇତି, ସୁରେନ୍ଦ୍ର ଦାସ, ଜିଲା କମିଟି ସଦସ୍ୟ ବି.ପି. ମହାପାତ୍ର, ବିନୋଦିନୀ ଦାସ, ଭଗବାନ କୁଣ୍ଡୁ, ବିଶ୍ୱଜିତ ମାଝୀ, ଯଯାତି କେଶରୀ ସାହୁ, ତାଜମୁନ ନେହାର, ପ୍ରଭାତ ମହାନ୍ତି, ପ୍ରସନ୍ନ ମହାପାତ୍ର, ପ୍ରମୋଦ ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ।



ସ୍ମାରକୀ ଦିବସ ପାଳନ ଅବସରସରେ ଉପସ୍ଥିତ ସିପିଆଇ(ଏମ୍)ର ସଦସ୍ୟ ଗଣ।



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍



## ସଂକ୍ଷେପରେ

### ଭାରତ ସ୍କାଉଟ୍ ଗାଇଡ୍ ପ୍ରତିଷ୍ଠା ଦିବସ ପାଳିତ

**ବେଲପାହାଡ଼, ୭।୧୧ (ଡି.ଏନ୍.ଏ.)**- ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ବି.ଆର୍. ଉଚ୍ଚ ବିଦ୍ୟାଳୟରେ ଗୁରୁବାର ୭୦ତମ ଭାରତ ସ୍କାଉଟ୍ ଓ ଗାଇଡ୍ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ବିଦ୍ୟାଳୟରେ ପତାକା ଉତ୍ତୋଳନ ସମାରୋହ ଆୟୋଜିତ ହୋଇଥିଲା। ଏଥିରେ ବିଦ୍ୟାଳୟର ଉପଦେଷ୍ଟା ତଥା ଜିଲା ସ୍କାଉଟ କମିଶନର ରଞ୍ଜନ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ସ୍କାଉଟ୍ ମାଷ୍ଟର ସୁରେନ୍ଦ୍ର ରାଉତ ଦିବସର ତାତ୍ପର୍ଯ୍ୟ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମାରୋହ ପୂର୍ବରୁ ସ୍କାଉଟ୍ ଗାଇଡ୍ ଛାତ୍ରୀଛାତ୍ର ବିଦ୍ୟାଳୟ ପରିସରରେ ସଫେଇ କାର୍ଯ୍ୟ କରିଥିଲେ। ମଧ୍ୟାହ୍ନରେ ଛାତ୍ରୀଛାତ୍ର ଛୋଟ ଛୋଟ ଦଳରେ ବିଭକ୍ତ ହୋଇ ବିଦ୍ୟାଳୟ ପଡ଼ିଆରେ ଗାଁ ହାଟ କାର୍ଯ୍ୟକ୍ରମ ପ୍ରଦର୍ଶିତ କରିଥିଲେ। ଏଥିରେ ଛାତ୍ରୀଛାତ୍ର ବିଭିନ୍ନ ଖାଦ୍ୟ ସାମଗ୍ରୀ ଓ ପରିବା କିଣାବିକା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଉପଭୋଗ କରିଥିଲେ।

### ଶତାଧିକ ଚାଷୀ ଇନ୍‌ପୁଟ୍ ସବ୍‌ସିଡି ପାଇବାରୁ ବଞ୍ଚିତ

# ଜିଲାପାଳଙ୍କ ନିର୍ଦ୍ଦେଶ, ତଦନ୍ତ କରୁଛନ୍ତି ତହସିଲଦାର

**ଝାରସୁଗୁଡ଼ା ଅଫିସ୍/ଲଖନପୁର, ୭।୧୧ (ଡି.ଏନ୍.ଏ.)**

୨୦୧୭-୧୮ ମସିହାରେ ସ୍ୱଳ୍ପବୃଷ୍ଟିପାତ ସାଙ୍ଗକୁ ଅନିୟମିତ ବର୍ଷା ଯୋଗୁ ଝାରସୁଗୁଡ଼ା ଜିଲାରେ ଖରିଫ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିଲା। ରାଜସ୍ୱ ଓ କୃଷି ବିଭାଗ ମିଳିତ ଉଦ୍ୟମରେ ଏହି କ୍ଷୟକ୍ଷତିର ଆକଳନ କରାଯାଇଥିଲା। ଏହି ରିପୋର୍ଟ ଆଧାରରେ କ୍ଷତିଗ୍ରସ୍ତ ଚାଷୀଙ୍କ ତାଲିକା ପ୍ରକାଶ ପାଇଥିଲା। ଏହି ତାଲିକା ଆଧାରରେ କ୍ଷତିଗ୍ରସ୍ତ ଚାଷୀ ସରକାରୀ ସହାୟତା ରାଶି ଇନ୍‌ପୁଟ୍ ସବ୍‌ସିଡି ପାଇବା କଥା। ହେଲେ ଏହି ତାଲିକାରେ କେତେଜଣ ଚାଷୀଙ୍କ ନାମ ରହିଥିବାବେଳେ ଆଉ କେତେଜଣ ଚାଷୀଙ୍କ ନାମ ନ ଥିଲା। ଫଳରେ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀ ଇନ୍‌ପୁଟ୍ ସବ୍‌ସିଡି ରାଶି ପାଇବାରୁ ବଞ୍ଚିତ ହୋଇଥିଲେ। ଏଭଳି ଘଟଣା ଝାରସୁଗୁଡ଼ା ଜିଲା ଲଖନପୁର ତହସିଲର ବନ୍ଧବାହାଲ ଆର୍‌ଆଇ ସର୍କଲ ଅଧୀନ ସରଣ୍ଡାମାଲ ମୌଜାରେ ମଧ୍ୟ ଦେଖାଦେଇଛି। ଏହି ମୌଜା ଅଧୀନରେ ସରଣ୍ଡାମାଲ, ତଲିବାହାଲ, ଫଟା, ଖଲିଆମୁଣ୍ଡା, କର୍ପାବାହାଲ ଓ ଲିମତଲିଆପଡ଼ା ଆଦି ଗ୍ରାମ ରହିଛି। ଏହିସବୁ ଗ୍ରାମର ଚାଷୀଙ୍କ ଖରିଫ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିଲା। ରାଜସ୍ୱ ଓ କୃଷି ବିଭାଗ ତରଫରୁ କ୍ଷୟକ୍ଷତିର ସର୍ଭେ ଅନୁଯାୟୀ ୨୬୭ଜଣ କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରାଯାଇଥିଲା। ସେ ମଧ୍ୟରୁ ୧୨୮ଜଣ ଚାଷୀଙ୍କୁ ସରକାରୀ ସହାୟତା ଇନ୍‌ପୁଟ୍ ସବ୍‌ସିଡି ରାଶି ପ୍ରଦାନ କରାଯାଇଥିବାବେଳେ ୧୩୯ଜଣ ଚାଷୀ ବାଦ୍ ପଡିଛନ୍ତି। ଏହା ଜାଣିବା ପରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଚାଷୀମାନେ ଜିଲାପାଳ, ଜିଲା କୃଷି ଅଧିକାରୀ, ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରି ତଦନ୍ତ ଦାବି କରିଛନ୍ତି। ଏ ଦିଗରେ ଯଦି ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନ କରେ ତା'ହେଲେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଚାଷୀଙ୍କ ଦାବିକୁ ନେଇ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଜ୍ୟୋତ୍ସ୍ନାରାଣୀ ସାହୁ ଗୁରୁବାର ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ତହସିଲ କାର୍ଯ୍ୟାଳୟରେ ବନ୍ଧବାହାଲ ପୂର୍ବତନ ଆର୍‌ଆଇ ସସ୍ମିତା ନାୟକ, ବନ୍ଧବାହାଲ ଗ୍ରାମ୍ୟ କୃଷି ଅଧିକାରିଣୀ ନିରଞ୍ଜନୀ ଧୁରୁଆ ଓ ନାମ ତାଲିକାରୁ ବାଦ୍‌ପଡ଼ିଥିବା ସରଣ୍ଡାମାଲ ମୌଜାର ଚାଷୀମାନେ ଉପସ୍ଥିତଥିଲେ। ତଦନ୍ତ ପରେ ତହସିଲଦାର ସାହୁ ଭୁଲବଶତଃ ଚାଷୀଙ୍କ ନାମ ତାଲିକାରୁ ବାଦ୍ ପଡ଼ିଛି। ଏ ନେଇ ବାଦ ପଡ଼ିଥିବା ଚାଷୀଙ୍କ ଏକ ତାଲିକା ପ୍ରସ୍ତୁତ କରି ଜିଲାପାଳଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଯିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ କୃଷି ଅଧିକାରିଣୀ ଧୁରୁଆ କହିଛନ୍ତି ଯେ, ସର୍ଭେ ସମୟରେ ୨୭୬ ଜଣ ଚାଷୀଙ୍କ ତାଲିକା ଆର୍‌ଆଇଙ୍କୁ ସେ ପ୍ରଦାନ କରିଥିଲେ। ବନ୍ଧବାହାଲ ପୂର୍ବତନ ଆର୍‌ଆଇ ନାୟକ କହିଛନ୍ତି, କୃଷି ବିଭାଗ ସେତେବେଳେ ଯେଉଁ ତାଲିକା ଦେଇଥିଲା ସେ ଅନୁଯାୟୀ ଚାଷୀଙ୍କ ତାଲିକା ପ୍ରସ୍ତୁତ ହୋଇଥିଲା ବୋଲି କହିଛନ୍ତି। ଉଭୟ ବିଭାଗୀୟ ଅଧିକାରୀ ଦୋଷ ଲଦାଲଦି ହେଉଥିବାବେଳେ କ୍ଷତିଗ୍ରସ୍ତ ଚାଷୀ ରାଜସ୍ୱ ବିଭାଗର ଖାମଖିଆଲି କାର୍ଯ୍ୟକୁ ଦାୟୀ କରିଛନ୍ତି।



ତାଲିକାରୁ ବାଦ୍ ପଡ଼ିଥିବା ଚାଷୀମାନେ ଅଭିଯୋଗ ପାଇଁ ତହସିଲ କାର୍ଯ୍ୟାଳୟକୁ ଆସିଛନ୍ତି।

### ସ୍କାଉଟ୍ ଗାଇଡ୍ ପ୍ରତିଷ୍ଠା ଦିବସ ପାଳିତ

**ବ୍ରଜରାଜନଗର, ୭।୧୧ (ଡି.ଏନ୍.ଏ.)**

ବ୍ରଜରାଜନଗର ସହରାଞ୍ଚଳସ୍ଥିତ ଓପିଏମ ବାଳିକା ବିଦ୍ୟାଳୟ ପରିସରରେ ପ୍ରଥମ କରି ସ୍କାଉଟ୍ ଗାଇଡ୍ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାବିତ୍ ପ୍ରଶାନ୍ତ ପାଢୀଜୋଷୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେହିଭଳି ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ଭପନ ସାହୁ, ସାମାଜିକ କର୍ମୀ ସୁଶ୍ରୀ ସଂଯୁକ୍ତା ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍କାଉଟ୍ ଗାଇଡ୍‌ର କ'ଣ ଆବଶ୍ୟକତା ରହିଛି। ଏହା ଦ୍ୱାରା ଛାତ୍ରୀମାନେ କିପରି ସ୍ୱାବଲମ୍ବୀ ହୋଇ ପାରିବେ, ନିଜକୁ ସୁରକ୍ଷା ଦେଇପାରିବେ ତା'ଉପରେ ବିସ୍ତୃତ ବିବରଣୀ ରଖିଥିଲେ। ଏହି ଅବସରରେ ବିଶ୍ୱକୁ ପ୍ଲାଷ୍ଟିକ୍ ମୁକ୍ତ କରିବାର ଆହ୍ୱାନ ଦିଆଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧାଂଶୁଶେଖର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲାବେଳେ ଏହାକୁ ଜିଲା ଗାଇଡ କମିଶନର ପ୍ରତିଭା ମହାପାତ୍ର ପରିଚାଳନା କରିଥିଲେ। ଶେଷରେ ଛାତ୍ରୀ ସ୍ୱୟଂ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଭିଯୁକ୍ତଙ୍କୁ ୩ ମାସ କାରାଦଣ୍ଡାଦେଶ

**ନୂଆପଡା ଅଫିସ/ଖଡିଆଳ, ୭।୧୧ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ଥାନା ଗୋଡତଲା ଗାଁର ପପିରା ସଗରିଆ ନାମକ ଜଣେ ଯୁବକ ଗାଁର ଅନ୍ୟ ଜଣେ ଯୁବକଙ୍କୁ ଲାଠିରେ ଆକ୍ରମଣ କରି କ୍ଷତାକ୍ତ କରିଥିବା ଘଟଣାର ରାୟ ପ୍ରକାଶ ପାଇଛି। ଏହି ଘଟଣାର ବିଚାର କରି ଖଡିଆଳ ଜେଏମଏଫସି ଶ୍ରଦ୍ଧା ମଣ୍ଡେଝିଆ ଅଭିଯୁକ୍ତଙ୍କୁ ୩ ମାସ କାରାଦଣ୍ଡାଦେଶ ସହ ୫ଶହ ଟଙ୍କା ଜରିମାନା ଅଦେଶ ଦେଇଛନ୍ତି। ଆଜକୁ ୧୧ ବର୍ଷ ତଳେ ପପିରା ଦିନେ ଗାଁର ଜଣେ ଯୁବକଙ୍କୁ ଉତ୍ତ୍ୟକ୍ତ ହୋଇ ଲାଠିରେ ମାଡ ମାରିଥିଲେ। ଏହାକୁ ନେଇ ଦଫା ୩୪୧,୨୯୪, ୩୨୩, ୩୨୪, ୩୪ ଜିଆର (ନଂ. ୩୩୦/୨୦୦୮) ରୁଜୁ ହୋଇ ବିଚାରାଧୀନ ଥିଲା।

## ସଖୀ ୱାନ୍ ଷ୍ଟପ୍ ସେଣ୍ଟର ଉଦ୍‌ଘାଟିତ

**ଝାରସୁଗୁଡ଼ା ଅଫିସ୍/ଲଖନପୁର, ୭।୧୧ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ସଖୀ ୱାନ୍ ଷ୍ଟପ୍ ସେଣ୍ଟରକୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଲୋକାର୍ପିତ କରିଛନ୍ତି। ଏହି ସେଣ୍ଟର ଜିଲା ମୁଖ୍ୟ ଚିକିତ୍ସାଳୟର ୪ର୍ଥ ମହଲାରେ ଖୋଲାଯାଇଛି। ଏଥିରେ ନିର୍ଯ୍ୟାତିତା ମହିଳା ଓ ନାବାଳିକାମାନଙ୍କୁ ସମନ୍ୱିତ ସେବା, ପୋଲିସ ସହାୟତା, ଡାକ୍ତରୀ ସହାୟତା, ଆଇନଗତ ସହାୟତା, ମନସ୍ତାତ୍ତ୍ୱିକ ସହାୟତା, ସାମାଜିକ ପରାମର୍ଶ ଓ ସାମୟିକ ଆଶ୍ରୟ ଆଦି ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ଏହି ସେଣ୍ଟରକୁ ମହିଳା ଓ ଶିଶୁ ବିକାଶ ବିଭାଗର ସହାୟତାରେ ସ୍ୱେଚ୍ଛାସେବୀ ସେହେଡା ଅନୁଷ୍ଠାନ ପରିଚାଳନା କରିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ସଖୀକୁ ଅଭିଯୋଗ ପାଇଁ ଯେଉଁ ମହିଳାମାନେ ଆସିବେ ସେମାନଙ୍କ ନାମ ଗୋପନ ରଖାଯିବ। ଏଥିରେ ସ୍ୱେଚ୍ଛାସେବୀ ସଂଗଠନ ସେହେଡାର ପ୍ରତିଷ୍ଠାତ୍ରୀ ଆନନ୍ଦିନୀ ପାଢ଼ୀ, ସଭାନେତ୍ରୀ ସୁଭଶ୍ରୀ ରାୟ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ସୁପ୍ରଭା ସେଠ୍, ମହିଳା ସୁରକ୍ଷା ଅଧିକାରୀ ବୃନ୍ଦାବତୀ ପଣ୍ଡା, ଏଡିଏମ୍‌ଓ ସୁପ୍ରଭା ବାରିକ, ବାର୍ ଆସୋସିଏଶନ୍ ସଭାପତି ସନ୍ଦିପ ଅଗସ୍ତୀ, ଆଇନଜୀବୀ ନାଗେଶ୍ୱରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଚାଇଲ୍ଡ ଲାଇନ୍ ସଂଯୋଜକ ଆଶିଷ କୁମାର ପଣ୍ଡା, ଡିଆଇପିଆର୍‌ଓ ଅଜୟ ଜେନା, ଶିଶୁ ମଙ୍ଗଳ କମିଟି ସଭ୍ୟାସଭ୍ୟ ପ୍ରମୁଖ ଉପସ୍ଥିତଥିଲେ।




ସଖୀ ୱାନ୍ ଷ୍ଟପ୍ ସେଣ୍ଟର ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥିମାନେ।



ଶିବିରରେ ହ୍ୱିଲ ଚେୟାର ପାଇଥିବା ଭିନ୍ନକ୍ଷମ ବ୍ୟକ୍ତିମାନେ।

## ଗରାଖଙ୍କୁ କନ୍ଦାଉଛି ୭୦ ଟଙ୍କିଆ ପିଆଜ

**ବେଲପାହାଡ଼, ୭।୧୧ (ଡି.ଏନ୍.ଏ.)**

ପିଆଜର ଅତ୍ୟଧିକ ମୂଲ୍ୟ ବୃଦ୍ଧି ଗରାଖଙ୍କୁ କନ୍ଦେଇ ଦେଉଛି। ଲୋକେ ଏଥିପାଇଁ ଚିନ୍ତାରେ ପଡ଼ିଛନ୍ତି। ମାତ୍ର ଏହାର ପ୍ରତିକାର ପାଇଁ ସରକାରଙ୍କ ପକ୍ଷରୁ ବିକଳ୍ପ ବ୍ୟବସ୍ଥା ହୋଇପାରୁନି। ଏବେ ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳରେ ପିଆଜ କିଲୋ ୭୦ ଟଙ୍କାରେ ବିକ୍ରି ହେଉଛି। ଏହାର ସିଧା ପ୍ରଭାବ ଗରିବ ଓ ମଧ୍ୟବିତ୍ତ ପରିବାର ଉପରେ ପଡ଼ିଛି। ଲୋକେ ପରିବାରର ଆବଶ୍ୟକତା ଅନୁଯାୟୀ ପିଆଜ କିଣି ନ ପାରି କମ ପରିମାଣର କିଣୁଥିବା ଦେଖିବାକୁ ମିଳୁଛି। ଗତ ଶନିବାର ହାଟରେ ବ୍ୟବସାୟୀମାନେ ପିଆଜ କିଲୋ ୬୦ ଟଙ୍କାରେ ବିକ୍ରି କରିଥିଲେ। ମାତ୍ର ବୁଧବାର ହାଟରେ ୧୦ ଟଙ୍କା ବଢ଼ାଇ ୭୦ ଟଙ୍କାରେ ବିକ୍ରି କରିଛନ୍ତି। ବ୍ୟବସାୟୀଙ୍କୁ ପଚାରିଲେ ଦିନକୁଦିନ ପାଇକାରୀ ମୂଲ୍ୟ ବୃଦ୍ଧି ହେତୁ ଖୁଚୁରା ମୂଲ୍ୟରେ ବୃଦ୍ଧି ଘଟୁଛି ବୋଲି ପ୍ରକାଶ କରୁଛନ୍ତି। କେବଳ ପିଆଜ ନୁହେଁ, ଅନ୍ୟାନ୍ୟ ପନିପରିବା ମୂଲ୍ୟ ମଧ୍ୟ ଆକାଶଛୁଆଁ ହେଲାଣି। ବଜାରରେ ବ୍ୟବସାୟୀମାନେ ରସୁଣ କିଲୋ ୨୦୦ ଟଙ୍କା, ଅଦା ୮୦ରୁ ୧୨୦, ଟମୋଟୋ ୫୦, ପୋଟଳ, ଭେଣ୍ଡି, ଗୁଆଁର ଶିମ୍ବ, ବିନ୍ସ, କ୍ୟାପ୍ସିକମ ଓ ଝୁଡ଼ଙ୍ଗ ୬୦, ବାଇଗଣ ୪୦, କଖାରୁ ୨୦ ଓ ଫୁଲକୋବି ୮୦ ଟଙ୍କାରେ ବିକ୍ରି କରୁଛନ୍ତି। ସପ୍ତାହକ ପୂର୍ବରୁ କିଲେ ଆଳୁର ମୂଲ୍ୟ ୨୦ ଟଙ୍କା ଥିଲା। ମାତ୍ର ଏବେ ସେହି ଆଳୁ ମୂଲ୍ୟ ୨୫ ଟଙ୍କା ହୋଇଯାଇଛି। ଗରାଖମାନେ ବଜାରରେ ପରିବା ମୂଲ୍ୟ ପଚାରି ମୁଣ୍ଡରେ ହାତ ଦେଉଛନ୍ତି। ବର୍ଷା ଯୋଗୁ ନିକଟସ୍ଥ ଗାଁ ଗୁଡ଼ିକରେ ପନିପରିବା ଅମଳ ଠିକ୍‌ରେ ହୋଇପାରି ନାହିଁ। ଅଧିକାଂଶ ପରିବା ବାହାର ରାଜ୍ୟରୁ ଆସୁଛି। ଫଳରେ ପନିପରିବା ଦର ଅହେତୁକ ଭାବେ ବୃଦ୍ଧି ପାଉଛି ବୋଲି ବ୍ୟବସାୟୀମାନେ କହିଛନ୍ତି।

## ଲଇକେରାରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଲଇକେରା, ୭।୧୧ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଇକେରା ପଞ୍ଚାୟତ ସମିତି ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଭିନ୍ନକ୍ଷମମାନଙ୍କୁ ପ୍ରମାଣପତ୍ର ଯୋଗାଇବା ସହିତ ସମାଜର ମୁଖ୍ୟସ୍ରୋତରେ ସାମିଲ କରି ସ୍ୱାବଲମ୍ବୀ କରିବା ଶିବିରର ମୁଖ୍ୟ ଲକ୍ଷ୍ୟ। ଅନୁଷ୍ଠିତ ଏହି ଶିବିରରେ ୨୯୬ ଜଣ ପଞ୍ଜୀକୃତ ହୋଇଥିବାବେଳେ ୯ ଜଣଙ୍କୁ ଟ୍ରାଇସାଇକେଲ, ୧୪ ଜଣଙ୍କୁ ହ୍ୱିଲ ଚେୟାର, ୬ ଜଣଙ୍କୁ ଶ୍ରବଣ ଯନ୍ତ୍ର, ୩୦ ଜଣଙ୍କୁ ବସ୍ ପାସ୍ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କୁ ଚିହ୍ନଟ କରାଯାଇଥିବା ଜଣାପଡ଼ିଛି। ଶିବିରରେ ଅସ୍ଥିଶଲ୍ୟ, ଶ୍ରବଣ ବାଧିତ, ଚକ୍ଷୁ ବାଧିତ, ମାନସିକ ଅନଗ୍ରସର ବିଭାଗର ଡାକ୍ତର ଯୋଗ ଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଶୀଳା କିରୋ, ସିଡିପିଓ ସୁନନ୍ଦା ହୋତା, ତହସିଲଦାର ତପନ ଦେବ ଚକ୍ରବର୍ତ୍ତୀ, ଏବିଡିଓ ପ୍ରମୋଦ ଦେହୁରୀ, ବିଇଓ ହିମସାଗର ବାଗ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ରାଜୀନ୍ଦ୍ର କିଷାନ, ବ୍ଲକ ଉପାଧ୍ୟକ୍ଷ ମୋହନ କିଷାନ, ସମିତି ସଭ୍ୟାସଭ୍ୟ ସୁକାନ୍ତି ଜୟପୁରୀଆ, ସୁଶାନ୍ତ ନାଏକ, ଜାମମାଲ ସରପଞ୍ଚ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ଅଙ୍ଗନୱାଡି କର୍ମୀ, ବିଭିନ୍ନ ସ୍କୁଲର ଶିକ୍ଷକ, ସିଆରସିସି, ବ୍ଲକ ଓ ତହସିଲର କର୍ମକର୍ତ୍ତା, ଜନପ୍ରତିନିଧି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜୋନାଲ ମିଟ୍ ଖେଳ ପ୍ରତିଯୋଗିତା ଉଦ୍‌ଯାପିତ

**ବ୍ରଜରାଜନଗର, ୭।୧୧ (ଡି.ଏନ୍.ଏ.)**

ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଚାଲିଥିବା ଡିଏଭି ସ୍କୁଲ ଜୋନାଲ ମିଟ୍ ଖେଳ ପ୍ରତିଯୋଗିତା ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଇବ୍ କ୍ଷେତ୍ର ଖଣି ଜେନେରାଲ ମ୍ୟାନେଜର ଅନୁପ ଶ୍ରୀବାସ୍ତବ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ଜିଲା କ୍ରୀଡ଼ା ସମ୍ପାଦକ ତାପସ ରାଏ ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ଦଳଗତ ଚାମ୍ପିୟନ ଭାବେ କଟକ ଓ ରନର୍ସଅପ୍ ଚନ୍ଦ୍ରଶେଖର ଭୁବନେଶ୍ୱର ବିଜୟୀ ହୋଇଥିଲା। ତାଳଚେର ଡିସିପ୍ଲିନ ଦଳ ଭାବରେ ମନୋନୀତ ହୋଇଥିଲା। କଟକ ସେକ୍ଟରରେ ଛାତ୍ର ଦହନବୀ ତ୍ରିପାଠୀ ସ୍ପୋର୍ଟ୍ସ ଚାମ୍ପିୟନ ହୋଇଥିଲେ। ସେହିପରି ଅଜିତ କୁମାର ନାଗ, କାଂଶବାହାଲ ସ୍କୁଲର ବାଳକ ଚାମ୍ପିୟନ ଓ ଆରାଧନା ଗୁପ୍ତା ବ୍ରଜରାଜନଗର ସ୍କୁଲର ବାଳିକା ଚାମ୍ପିୟନ ହୋଇଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶାର ୪୬ ସ୍କୁଲରୁ ୩୩୫ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ମୋଟ ୨୦ ଗୋଟି ଇଭେଣ୍ଟରେ ହୋଇଥିବା ଖେଳକୁ ୨୪ ଜଣ ସ୍ପୋର୍ଟ୍ସ ଅଫିସିଆଲ ଏବଂ ୭୫ ଜଣ ଖେଳ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ। ସ୍ଥାନୀୟ ଡିଏଭି ସ୍କୁଲର ଅଧ୍ୟକ୍ଷ ପ୍ରତ୍ୟକ୍ଷ ଭାବେ ଦୁଇଦିନ ଧରି ଏଭଳି ଏକ ମେଗା ପ୍ରତିଯୋଗିତାକୁ ତଦାରଖ କରି ସଫଳ କରାଇଥିଲେ। ଏ ଅବସରରେ ବିଭିନ୍ନ ସ୍କୁଲରୁ ଆସିଥିବା ଅଧ୍ୟକ୍ଷମାନଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ପ୍ରଦୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥି ଓ ଶିକ୍ଷକଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

### କଂଗ୍ରେସ ଜିଲା ପର୍ଯ୍ୟବେକ୍ଷକଙ୍କ ଦିନିକିଆ ଝାରସୁଗୁଡ଼ା ଗସ୍ତ

# ଜିଲା ସାଙ୍ଗଠନିକ କମିଟି ଗଠନ ଆରମ୍ଭ

**ଝାରସୁଗୁଡା ଅଫିସ୍/ଲଖନପୁର, ୭।୧୧ (ଡି.ଏନ୍.ଏ.)**

କଂଗ୍ରେସ ଦଳ ତରଫରୁ ଝାରସୁଗୁଡ଼ା ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ କଟକ ବିଧାୟକ ମହମ୍ମଦ ମୌକିମ୍‌ଙ୍କୁ ନିଯୁକ୍ତ କରାଯାଇଛି। ମୌକିମ୍ ଏହି ଦାୟିତ୍ୱ ଗ୍ରହଣ କଲାପରେ ସେ ଗୁରୁବାର ଦିନିକିଆ ଝାରସୁଗୁଡ଼ା ଜିଲା ଗସ୍ତରେ ଆସି ସଙ୍ଗଠନ ସମ୍ପର୍କରେ ନେତା ଓ କର୍ମୀଙ୍କ ସହିତ ଆଲୋଚନା କରି ଫେରିଛନ୍ତି। ଏନେଇ ଜିଲା କଂଗ୍ରେସ ଭବନରେ ନେତା ମହେନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଏକ ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପର୍ଯ୍ୟବେକ୍ଷକ ବିଧାୟକ ମୌକିମ୍ ଓ ବରଗଡ ଏମ୍‌ପି ପ୍ରାର୍ଥୀ ପ୍ରଦୀପ ଦେବତା, ଝାରସୁଗୁଡ଼ା ଟାଉନ ସଭାପତି ଭରତ ଅଗସ୍ତୀ, ଶ୍ରୀୟାରାମ ଦାସ, ପ୍ରଶାନ୍ତ ତ୍ରିପାଠୀ, ଫକୀର ନାୟକ, ସଞ୍ଜୟ ମହାପାତ୍ର, ଦେବଦତ୍ତ ବାରିକ ଓ ନରେଶ ପ୍ରଧାନ ପ୍ରମୁଖ ଦଳୀୟ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ। ପର୍ଯ୍ୟବେକ୍ଷକ କର୍ମୀଙ୍କୁ କହିଥିଲେ ଯେ, ସଂଗଠନ ମଜଭୁତ୍ ନ ହେଲେ କୌଣସି କାର୍ଯ୍ୟ କରିହେବ ନାହିଁ। ସଂଗଠନ ମଜ୍‌ଭୁତ୍ ହେଲେ କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ ବୋଲି ସେ କହିଥିଲେ। ଜିଲାର ନେତୃବୃନ୍ଦଙ୍କୁନେଇ ଜିଲା କମିଟି ଗଠନ କରାଯିବ। ଏହାକୁ ସୁଦୃଢ଼ କରି ଆଗାମୀ ଦିନରେ ଜିଲାରେ ବିଜେଡିକୁ କଂଗ୍ରେସ ଟକ୍କର ଦେବ। ଏଥିପାଇଁ ସାଢ଼େ ୪ବର୍ଷ କଂଗ୍ରେସ ହାତରେ ରହିଛି। ଜିଲାରେ ଦଳକୁ ସୁସଂଗଠିତ କରିବା ପାଇଁ ସେ ନେତା ଓ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଉପରେ ବର୍ଷିଥିଲେ। କଂଗ୍ରେସ ଦଳ ନବବାବୁଙ୍କୁ ରାଜନୀତିରେ ପରିଚୟ ଦେଇଥିଲା। ସେ କଂଗ୍ରେସକୁ ଭୁଲିଯାଇ ନିଜ ସ୍ୱାର୍ଥ ପାଇଁ ବିଜେଡିରେ ଯୋଗଦେଇଛନ୍ତି। ହେଲେ ଆଗାମୀ ଦିନରେ ଝାରସୁଗୁଡ଼ାବାସୀ ଉଚିତ ଜବାବ୍ ଦେବେ ବୋଲି ସେ କହିଥିଲେ। ଏହି ସାଂଗଠନିକ ବୈଠକରେ ଜିଲାର ପୌରାଞ୍ଚଳ, ବ୍ଲକ ଅଞ୍ଚଳରୁ ଶତାଧିକ ନେତା ଓ କର୍ମୀ ଯୋଗଦେଇଥିଲେ।



ସାଙ୍ଗଠନିକ ସଭାରେ ବିଧାୟକ ମହମ୍ମଦ ମୌକିମ୍ ଉଦ୍‌ବୋଧନ ଦେଉଛନ୍ତି।